# ଧରିତ୍ରୀ DHARITRI

ସମ୍ବଲପୁର, ଶନିବାର, ଜାନୁୟାରୀ ୧୮/୨୦୨୦ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Sambalpur, Saturday, January 18 / 2020 ★★

୧୬ଶ ଭାଗ ୩୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**କାର୍ଲୋସ ସେଞ୍ଜ୍‌ଙ୍କୁ ତୃତୀୟ ଟାଇଟଲ**

ଭେଟେରାନ ସ୍ପାନିଶ ଡ୍ରାଇଭର କାର୍ଲୋସ ସେଞ୍ଜ୍ ଶୁକ୍ରବାର ତୃତୀୟ ଥର ଡାକାର ରାଲି ଟାଇଟଲ ଜିତିଛନ୍ତି।

୧୮

୦୭

**'ଲଭ୍ ଆଜ୍ କଲ୍'ରେ ସାରା**

ବଲିଉଡ୍ ଅଭିନେତ୍ରୀ ସାରା ଅଲ୍ଲୀ ଖାନ୍‌ଙ୍କ ଅପ୍ କମିଂ ଫିଲ୍ମ 'ଲଭ୍ ଆଜ୍ କଲ୍'ର ଟ୍ରେଲର ରିଲିଜ୍ ହୋଇସାରିଛି। ଫିଲ୍ମଟି ଫେବୃୟାରୀ ୧୪ରେ ରିଲିଜ୍ ହେବ।



# ୧କୁ ଘୁଞ୍ଚିଲା ଦୋଷୀଙ୍କ ଫାଶୀ

ନୂଆଦିଲ୍ଲୀ,୧୭।୧ (ପି.ଟି./ଆଇଏଏନ୍ଏସ୍)

ବହୁଚର୍ଚ୍ଚିତ ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାର ୪ ଦୋଷୀଙ୍କୁ ଫେବୃୟାରୀ ୧ ତାରିଖ ସକାଳ ୬ଟାରେ ତିହାର ଜେଲରେ ଫାଶୀ ଦିଆଯିବ। ଅନ୍ୟତମ ଦୋଷୀ ମୁକେଶ ସିଂ(୩୨)ଙ୍କ ରାଜକ୍ଷମା ଆବେଦନକୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶୁକ୍ରବାର ଖାରଜ କରିଦେବା ପରେ ଦିଲ୍ଲୀର ପଟିଆଲା ହାଉସ୍ କୋର୍ଟ ମୃତ୍ୟୁ ଦଣ୍ଡାଦେଶ ପାଇଁ ଦ୍ୱିତୀୟ ଡେଥ୍ ୱାରେଣ୍ଟ ଜାରି କରିଛନ୍ତି। ଦୋଷୀମାନଙ୍କୁ ଜାନୁୟାରୀ ୨୨ରେ ଫାଶୀଖୁଣ୍ଟରେ ଝୁଲାଇବା ପାଇଁ ଅତିରିକ୍ତ ସେସନ୍ସ ଜଜ୍ ସତୀଶ କୁମାର ଆରୋରା ଗତ ୭ ତାରିଖରେ ଡେଥ୍ ୱାରେଣ୍ଟ ଜାରି କରିଥିଲେ। ଜୀବନ ବଞ୍ଚାଇବା ପାଇଁ ଶେଷ ଆଶା ନେଇ ମୁକେଶ ରାଷ୍ଟ୍ରପତିଙ୍କ ଦ୍ୱାରସ୍ଥ ହୋଇଥିଲେ। ରାଷ୍ଟ୍ରପତି ମର୍ସି ପିଟିଶନ ଖାରଜ କରିବାର ୧୪ ଦିନ ମଧ୍ୟରେ ଫାଶୀ ଦିଆଯାଇ ପାରିବ ନାହିଁ ବୋଲି ଜେଲ୍ ନିୟମରେ ବ୍ୟବସ୍ଥା ଥିବାରୁ ଦୋଷୀମାନଙ୍କ ମରଣ କାଳ ଆସନ୍ତା ୧ ତାରିଖକୁ ଘୁଞ୍ଚିଯାଇଛି। ମୁକେଶ ସିଂ(୩୨), ବିନୟ ଶର୍ମା(୨୬), ଅକ୍ଷୟ ଠାକୁର (୩୧) ଓ ପବନ ଗୁପ୍ତା(୨୫) ଦୟା ଆବେଦନ କଲେ ଏହି ତାରିଖ ଆଗକୁ ଆହୁରି ଘୁଞ୍ଚିପାରେ ବୋଲି କୁହାଯାଉଛି।

୨୦୧୨ ଡିସେମ୍ବର ୧୬ରେ ଉପରୋକ୍ତ ୪ ଦୋଷୀ ଓ ଅନ୍ୟ ୨ ଜଣ ନିର୍ଭୟାଙ୍କୁ ଦିଲ୍ଲୀରେ ଗଣବଳାତ୍କାର କରି ଅକଥନୀୟ ଅତ୍ୟାଚାର ପରେ ଚଳନ୍ତା ବସରୁ ଫିଙ୍ଗିଦେଇଥିଲେ। ପୀଡ଼ିତା ସିଙ୍ଗାପୁରସ୍ଥିତ ମାଉଣ୍ଟ ଏଲିଜାବେଥ ହସ୍ପିଟାଲରେ ମୃତ୍ୟୁ ସହ ସଂଗ୍ରାମ କରି ହାରିଯାଇଥିଲେ। ଡିସେମ୍ବର ୨୯ରେ ସେ ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଦେଇଥିଲେ। ଏହି ମାମଲାରେ ସୁପ୍ରିମକୋର୍ଟ ଦୋଷୀଙ୍କୁ ଫାଶୀ ଦଣ୍ଡାଦେଶ ଶୁଣାଇଥିବାବେଳେ ଏଥିରୁ ମୁକ୍ତିପିବା ପାଇଁ ସେମାନେ ଯଥାସମ୍ଭବ ଉଦ୍ୟମ ଚଳାଇଛନ୍ତି। ☞ପୃଷ୍ଠା-୪

**ନିର୍ଭୟା ମାମଲା**



- ମୁକେଶଙ୍କ ଦୟା ଆବେଦନକୁ ଖାରଜ କଲେ ରାଷ୍ଟ୍ରପତି
- ନୂଆ ଡେଥ୍ ୱାରେଣ୍ଟ ଜାରି କଲେ ପଟିଆଲା ହାଉସ୍ କୋର୍ଟ
- ଫେବୃୟାରୀ ୧ ସକାଳ ୬ଟାରେ ସମସ୍ତ ୪ ଦୋଷୀଙ୍କୁ ଦିଆଯିବ ଫାଶୀ

## ସୁପ୍ରିମକୋର୍ଟ ଗଲେ ପବନ

ନୂଆଦିଲ୍ଲୀ,୧୭।୧(ପି.ଟି.)

ନିର୍ଭୟା ମାମଲାର ଅନ୍ୟତମ ଦୋଷୀ ପବନ କୁମାର ଗୁପ୍ତା ଦିଲ୍ଲୀ ହାଇକୋର୍ଟଙ୍କ ଡିସେମ୍ବର ୧୯ ରାୟକୁ ଶୁକ୍ରବାର ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପବନ ତାଙ୍କ ଆବେଦନରେ ଦର୍ଶାଇଛନ୍ତି ଯେ, ୨୦୧୨ ଡିସେମ୍ବର ୧୬ରେ ଅପରାଧ ଘଟିଥିବା ସମୟରେ ସେ ନାବାଳକ ଥିଲେ। ତେଣୁ ତାଙ୍କ ମାମଲାର ଶୁଣାଣି ଜୁଭେନାଇଲ ଜଷ୍ଟିସ୍ ବୋର୍ଡରେ ହେବା ଦରକାର ଥିଲା। କିନ୍ତୁ ସେପରି କରା ନ ଯାଇ କୋର୍ଟରେ ବିଚାର ହୋଇଥିଲା। ଏନେଇ ସେ ଦିଲ୍ଲୀ ହାଇକୋର୍ଟରେ ଏକ ପିଟିଶନ ଦାଏର କରିଥିଲେ। ପବନଙ୍କ ଓକିଲ ତାଙ୍କୁ ବଞ୍ଚାଇବା ପାଇଁ ଜାଲ୍ ଦସ୍ତାବିଜ ଦାଖଲ କରିଥିବା ଦର୍ଶାଇ ହାଇକୋର୍ଟ ଗତ ଡିସେମ୍ବର ୧୯ରେ ଏହାକୁ ଖାରଜ କରିଦେଇଥିଲେ।

## ୨୦୨୫ ସୁଦ୍ଧା ଭାରତକୁ ମିଳିବ ଏସ୍-୪୦୦ କ୍ଷେପଣାସ୍ତ୍ର



ନୂଆଦିଲ୍ଲୀ,୧୭।୧(ପି.ଟି.)

ଭାରତ ପାଇଁ ଏସ୍-୪୦୦ କ୍ଷେପଣାସ୍ତ୍ର ସିଷ୍ଟମ୍ ନିର୍ମାଣ ଆରମ୍ଭ କରିଛି ରୁଷିଆ। ୨୦୨୫ ସୁଦ୍ଧା ଏହା ଭାରତକୁ ମିଳିଯିବ ବୋଲି ରୁଷିଆ ମିଶନର ଉପମୁଖ୍ୟ ରୋମାନ ବାବୁସ୍କିନ୍ କହିଛନ୍ତି। ସେହିପରି ଭାରତ ପାଇଁ ବହୁମୁଖୀ ହାଲୁକା ଲଢୁଆ ହେଲିକପ୍ଟର କାମୋଭ ଦୁଇଦେଶ ମିଳିତ ଭାବେ ଉତ୍ପାଦନ କରିବେ। ଏଥିପାଇଁ ଖୁବ୍‌ଶୀଘ୍ର ଚୁକ୍ତିନାମା ଚୂଡ଼ାନ୍ତ ହେବ ବୋଲି ସେ କହିଛନ୍ତି। ରୁଷିଆ ରାଷ୍ଟ୍ରଦୂତ ନିକୋଲାଇ କୁଡାଶେଭ୍‌ଙ୍କ ସହ ମିଳିତ ଖବରଦାତା ସମ୍ମିଳନୀରେ ବାବୁସ୍କିନ୍ କହିଥିଲେ, ଭାରତକୁ ମିଳିବାକୁ ଥିବା ୫୦୦୦ କଲାଶନିକୋଭ ରାଇଫଲର ପ୍ରଥମ ବ୍ୟାଚ୍ ଚଳିତ ବର୍ଷ ପହଞ୍ଚିବ। ରୁଷିଆରୁ ଏସ୍-୪୦୦ କ୍ଷେପଣାସ୍ତ୍ର କିଣିବା ପାଇଁ ଭାରତ ୨୦୧୮ ଅକ୍ଟୋବରରେ ୫ ବିଲିୟନ ଡଲାର ରାଜିନାମା ସ୍ୱାକ୍ଷର କରିଥିଲା।

## ମୋଦି କ୍ୟାବିନେଟରେ ସାମିଲ ହୋଇପାରନ୍ତି କାମାଥ, ଦାସଗୁପ୍ତା



କେ.ଭି. କାମାଥ



ସ୍ୱପନ ଦାସଗୁପ୍ତା

- ମନ୍ତ୍ରିମଣ୍ଡଳକୁ ଫେରିପାରନ୍ତି ସୁରେଶ ପ୍ରଭୁ
- ଅମିତାଭ କାନ୍ତଙ୍କ ନାଁକୁ ନେଇ ବି ଚର୍ଚ୍ଚା

ନୂଆଦିଲ୍ଲୀ,୧୭।୧(ଆଇଏଏନ୍ଏସ୍)

ବ୍ରିକ୍ସ ବ୍ୟାଙ୍କ ଅଧ୍ୟକ୍ଷ କେ.ଭି. କାମାଥ ଏବଂ ଭାଜପାର ରାଜ୍ୟ ସଭା ସଦସ୍ୟ ସ୍ୱପନ ଦାସଗୁପ୍ତାଙ୍କୁ ଖୁବ୍‌ଶୀଘ୍ର କେନ୍ଦ୍ର କ୍ୟାବିନେଟରେ ସାମିଲ କରାଯାଇପାରେ। ଏହି ଦୁଇ ଟେକ୍ନୋକ୍ରାଟଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିବ ବୋଲି ସୂତ୍ରରୁ ପ୍ରକାଶ। ବ୍ୟାଙ୍କିଙ୍ଗ୍ ସେକ୍ଟରରେ ଦୀର୍ଘ ଅଭିଜ୍ଞତାସମ୍ପନ୍ନ ଭେଟେରେନ୍ ବ୍ୟାଙ୍କର କେ.ଭି. କାମାଥଙ୍କୁ ଅର୍ଥ ରାଷ୍ଟ୍ରମନ୍ତ୍ରୀ କରାଯାଇପାରେ। ଦେଶ ଆର୍ଥିକ ମାନ୍ଦାବସ୍ଥା ଦେଇ ଗତି କରୁଥିବାବେଳେ କାମାଥ ଏହାର ସମାଧାନ ଦିଗରେ ସହାୟକ ହୋଇପାରନ୍ତି ବୋଲି ଆଶା କରାଯାଉଛି। ସେହିପରି ପଦ୍ମବିଭୂଷଣ ସ୍ୱପନ ଦାସଗୁପ୍ତାଙ୍କୁ ମାନବ ସମ୍ବଳ ବିକାଶ ରାଷ୍ଟ୍ରମନ୍ତ୍ରୀ ପଦ ମିଳିପାରେ। ଦେଶର ମର୍ଯ୍ୟାଦାଜନକ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଛାତ୍ର ଅଶାନ୍ତି ଲାଗି ରହିଥିବାବେଳେ ଏହି ହିନ୍ଦୁତ୍ୱବାଦୀ ବିଚାରକଙ୍କ ଅଭିଜ୍ଞତା ତାକୁ ପ୍ରଶମିତ କରିବାରେ ସହାୟକ ହେବ ବୋଲି ମୋଦି ସରକାର ଚିନ୍ତା କରୁଛନ୍ତି। ନୀତି ଆୟୋଗ ସିଇଓ ଅମିତାଭ କାନ୍ତ ହେଉଛନ୍ତି ଅନ୍ୟତମ ଟେକ୍ନୋକ୍ରାଟ, ଯାହାଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରାଯିବା ପାଇଁ ବିଚାର ଚାଲିଛି। ଅନୁରୂପ ଭାବେ ପୂର୍ବତନ ମନ୍ତ୍ରୀ ସୁରେଶ ପ୍ରଭୁ ମଧ୍ୟ କ୍ୟାବିନେଟକୁ ଫେରିପାରନ୍ତି ବୋଲି ଚର୍ଚ୍ଚା ହେଉଛି।

# ଲୋକଙ୍କୁ ମର୍ଯ୍ୟାଦା ଦେଇ ସେବା କର




କନ୍‌ଭେନ୍‌ଶନ୍ ହଲରେ ବରିଷ୍ଠ ଅଧିକାରୀ ସମ୍ମିଳନୀକୁ ଉଦ୍‌ବୋଧନ ଦେଉଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ଭୁବନେଶ୍ୱର,୧୭।୧(ବ୍ୟୁରୋ)

ଥାନା, ଡାକ୍ତରଖାନା ହେଉ କିମ୍ବା କୌଣସି ସରକାରୀ କାର୍ଯ୍ୟାଳୟ। ସବୁ ଲୋକଙ୍କୁ ସେଠାରେ ସମ୍ମାନର ସହ ଉତ୍ତମ ସେବା ମିଳିବା ଦରକାର। ସାଢେ ଚାରି କୋଟି ଓଡିଶାବାସୀ ହେଉଛନ୍ତି ମୋର ପରିବାର। ସେମାନଙ୍କ ଜୀବନଧାରଣର ମାନରେ ପରିବର୍ତ୍ତନ ଆଣିବା ଆମର କର୍ତ୍ତବ୍ୟ। ବୃତ୍ତିଗତ ଓ ସେବା ମନୋଭାବ ନେଇ ଲୋକମାନଙ୍କର କାର୍ଯ୍ୟ କରିବାକୁ ପଡିବ। ରାଜ୍ୟର ବରିଷ୍ଠ ଓ କନିଷ୍ଠ ଆଇଏଏସ ଅଫିସରମାନଙ୍କୁ ଏମିତି ଗୁରୁମନ୍ତ୍ର ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ଶୁକ୍ରବାର ଲୋକସେବା କନ୍‌ଭେନ୍‌ଶନ ହଲରେ ଆୟୋଜିତ ବରିଷ୍ଠ ଆଇଏଏସ ଅଧିକାରୀ ସମ୍ମିଳନୀକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପରିବାର ଆମ ସମସ୍ତଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ଆମେ ଚାହୁଁ ଆମ ପିଲାମାନେ ଭଲ ପାଠ ପଢନ୍ତୁ। ଆମର ଭାଇ ଭଉଣୀମାନେ ସବୁଠାରୁ ଭଲ ଚାକିରି ପାଆନ୍ତୁ। ଆମେ ଚାହୁଁ ଯେ ଆମ ମାଆବାପାଙ୍କୁ ଭଲ ସ୍ୱାସ୍ଥ୍ୟ ସୁବିଧା ମିଳୁ। ମୋର ବି ଗୋଟିଏ ପରିବାର ଅଛି। ଓଡିଶାର ସାଢେ ଚାରିକୋଟି ଲୋକ ହେଉଛନ୍ତି ମୋ ପରିବାର। ସେମାନଙ୍କ ଆଶୀର୍ବାଦରେ ମୁଁ ଗତ ୨୦ ବର୍ଷ ଧରି ସେବା କରି ଆସୁଛି। ମୁଁ ଚାହେଁ ଆମର ପିଲାମାନେ ଗୁଣାତ୍ମକ ଶିକ୍ଷା ପାଆନ୍ତୁ। ଆମର ଭାଇ ଭଉଣୀମାନେ ଭଲ ଚାକିରି କରନ୍ତୁ। ଆମ ପରିବାରର ବରିଷ୍ଠମାନେ ଭଲ ସ୍ୱାସ୍ଥ୍ୟସେବା ପାଆନ୍ତୁ। ଆପଣମାନେ ହେଉଛନ୍ତି ଏହି ପରିବର୍ତ୍ତନ ଧାରାର ମୁଖ୍ୟ ବାହକ। 'ମୋ ସରକାର' ମୁଖବନ୍ଧରେ ☞ପୃଷ୍ଠା-୧୫

**ବରିଷ୍ଠ ଅଧିକାରୀ ସମ୍ମିଳନୀ ଉଦ୍‌ଘାଟିତ**

- ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ: ଲୋକଙ୍କ ପଇସାରେ ଦରମା ନେଉଛ, କାମ କର
- ମନ୍ତ୍ରୀ, ଅଧିକାରୀଙ୍କୁ ଶପଥପାଠ କରାଇଲେ ମୁଖ୍ୟମନ୍ତ୍ରୀ
- ୫ ବର୍ଷ ପାଇଁ ପ୍ରସ୍ତୁତ ହେଲା ରୋଡ୍ ମ୍ୟାପ
- ନୂତନ ଜ୍ଞାନକୌଶଳ, ଜୀବିକା, ଭିତ୍ତିଭୂମି, ସ୍ୱାସ୍ଥ୍ୟ, ଶିକ୍ଷା, ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱ







**ମାଟ୍ରିକ ପରୀକ୍ଷା ସାଥୀ ଦେଖନ୍ତୁ**

ପୃଷ୍ଠା - ୧୦ ଓ ୧୧

**ଆଜିର ସମ୍ପାଦକୀୟ**

ୟୁପିରେ କମିଶନରେଟ୍



Vencobb FRESH CHICKEN

17.01.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 73 | 123 | 133 |
| CTC | 75 | 126 | 136 |
| DKL | 75 | 126 | 136 |
| BDK | 72 | 122 | 132 |
| BLS | 72 | 122 | 132 |
| ANG | 77 | 128 | 138 |
| BHM | 75 | 126 | 136 |

*Conditions Apply

Issued in the Interest of Consumers


## ଘନକୁହୁଡ଼ି ବୋଟକୁ କଲା ଦିଗହରା

ଚାନ୍ଦବାଲି/ରାଜନଗର, ୧୭।୧(ଡି.ଏନ.ଏ.)

- ୫ ଘଣ୍ଟା ଧରି ସମୁଦ୍ରରେ ଫଶି ରହିଲା
- ୨୫ ଯାତ୍ରୀ, ୫ କର୍ମଚାରୀ ଉଦ୍ଧାର

ଘନକୁହୁଡ଼ି କାରଣରୁ ଶୁକ୍ରବାର ସକାଳେ କେନ୍ଦ୍ରାପଡ଼ା ଜିଲାର ତାଳଚୁଆରୁ ଭଦ୍ରକ ଜିଲା ଚାନ୍ଦବାଲିକୁ ଆସୁଥିବା ଏକ ସରକାରୀ ବୋଟ୍ ଧାମରା ମୁହାଣ ନିକଟରେ ଦିଗହରା ହୋଇଯାଇଥିଲା। ସକାଳ ପ୍ରାୟ ୭ଟା ବେଳେ ଏହି ଘଟଣା ଘଟିଥିଲା। ଏହାର ପ୍ରାୟ ୫ ଘଣ୍ଟା ପରେ ଧାମରା ମେରାଇନ ଥାନା ଓ ରାଜନଗର ଥାନା ପୋଲିସ ପକ୍ଷରୁ ସମୁଦ୍ରରେ ବୋଟ୍‌କୁ ଠାବ କରାଯିବା ସହ ସମସ୍ତ ୨୫ ଜଣ ଯାତ୍ରୀ ଓ ୫ ବୋଟ୍ କର୍ମଚାରୀଙ୍କୁ ଉଦ୍ଧାର କରାଯାଇଛି।

ସୂଚନା ଅନୁସାରେ, ଅନ୍ତର୍ଦ୍ଦେଶୀୟ ଜଳ ପରିବହନ ସଂସ୍ଥା(ଆଇଡବ୍ଲ୍ୟୁଟି)ର ଏକ ମୋଟର ବୋଟ୍ ଏମ୍‌ଏଲ୍ ମା'ଗଙ୍ଗଳା ସକାଳ ୬ଟା ବେଳେ ୨୫ ଯାତ୍ରୀଙ୍କୁ ନେଇ ତାଳଚୁଆ ଘାଟରୁ ଚାନ୍ଦବାଲିକୁ ଯିବା ପାଇଁ ଧାମରା ଘାଟକୁ ଆସୁଥିଲା। ସେଥିରେ ୫ ଜଣ ବୋଟ୍ କର୍ମଚାରୀ ଥିଲେ। ଘନକୁହୁଡ଼ି ଯୋଗୁ ଧାମରା ମୁହାଣରେ ବୋଟ୍‌ଟି ବାଟହୁଡ଼ି ବିପରୀତ ଦିଗରେ ମୁହାଣରୁ ସମୁଦ୍ର ମଧ୍ୟକୁ ପ୍ରାୟ ୧୦ କି.ମି. ଦୂରକୁ ଚାଲିଯାଇଥିଲା। ଏହା ଜଣାପଡ଼ିବା ପରେ ବୋଟ୍‌ରେ ଥିବା କର୍ମଚାରୀ ଓ ଯାତ୍ରୀ ମୋବାଇଲ ଯୋଗେ ସହାୟତା ପାଇଁ ମେରାଇନ ଥାନାକୁ ଯୋଗାଯୋଗ କରିଥିଲେ। ୫ ଘଣ୍ଟା ଧରି ଯାତ୍ରୀମାନେ ସମୁଦ୍ରରେ ଫଶି ରହିଥିଲେ। ପୂର୍ବାହ୍ନ ୧୧ଟା ବେଳେ ଧାମରା ମେରାଇନ ଥାନାର ୬ କର୍ମଚାରୀ ଏକ ସ୍ପିଡ୍‌ବୋଟ୍ ସହାୟତାରେ ସେମାନଙ୍କୁ ଉଦ୍ଧାର କରିବାକୁ ସମୁଦ୍ରକୁ ଯାଇଥିଲେ। ଦିଗହରା ବୋଟ୍ କାଲାମ ଦ୍ୱୀପ ଓ ଉଡ଼ାବାଲି ଚଡ଼ା ମଝି ଅଞ୍ଚଳରେ ଲଙ୍ଗର ☞ପୃଷ୍ଠା-୪

ଧରିତ୍ରୀ
DHARITRI
ଶନିବାର, ୧୮ ଜାନୁୟାରୀ ,୨୦୨୦



୧୯୯୩ ମୁମ୍ବାଇ ସିରିଜ୍ ବିସ୍ଫୋରଣ ମାମଲାରେ ଦୋଷୀସାବ୍ୟସ୍ତ ଜଲୀସ୍ ଅନ୍‌ସାରୀ ଓରଫ ଡକ୍ଟର ବମ୍(୬୮) ପାରୋଲ୍‌ରେ ଯାଇ ଗୁରୁବାର ସକାଳେ ନିଖୋଜ ହୋଇଯାଇଥିଲେ। ଉତ୍ତରପ୍ରଦେଶ ପୋଲିସ ଶୁକ୍ରବାର ତାଙ୍କୁ କାନପୁରରୁ ଗିରଫ କରିଛି। ମୁମ୍ବାଇ ନିବାସୀ ଅନ୍‌ସାରୀ ଏହି ମାମଲାରେ ରାଜସ୍ଥାନ ଜେଲରେ ଆଜୀବନ କାରାଦଣ୍ଡାଦେଶ ଭୋଗୁଥିଲେ। ୨୧ ଦିନ ପାରୋଲ ପରେ ଗୁରୁବାର ସେ ଜେଲକୁ ଫେରିବାର ଥିଲା।





ହିମାଚଳ ପ୍ରଦେଶର ଲାହୁଲ୍-ସ୍ପିତିରେ ପ୍ରବଳ ତୁଷାରପାତ ହେଉଥିବାବେଳେ ପୋଲିସ କର୍ମଚାରୀ ଓ ସ୍ଥାନୀୟ ଲୋକେ ଜଣେ ରୋଗୀଙ୍କୁ ଷ୍ଟ୍ରେଚରରେ ହସ୍ପିଟାଲକୁ ନେଉଛନ୍ତି।




ସୁଇଜରଲାଣ୍ଡର ଲାଉସାନେରେ ପରିବେଶ ସୁରକ୍ଷା କାର୍ଯ୍ୟକ୍ରମ 'ଫ୍ରାଇଡେ ଫର୍ ଫ୍ୟୁଚର' ଅବସରରେ ୧୭ ବର୍ଷୀୟା ଜଳବାୟୁ ପରିବର୍ତ୍ତନ କର୍ମୀ ଗ୍ରେଟା ଥନ୍‌ବର୍ଗ ଓ ଅନ୍ୟମାନେ।



ବିଏସ୍‌ଏଫ୍‌ର ଓଟ ଆରୋହୀ ଯବାନମାନେ ନୂଆଦିଲ୍ଲୀର ରାଜପଥରେ ସାଧାରଣତନ୍ତ୍ର ଦିବସ ପାଇଁ ପରେଡ୍ ଅଭ୍ୟାସ କରୁଛନ୍ତି।

# ଧରାପଡ଼ିଲା ପାକ୍‌ର ଆଣବିକ ଚୋରା କାରବାର

**ୱାଶିଂଟନ,୧୭।୧**




- ଗିରଫ ୫ ଜଣଙ୍କ ବିରୋଧରେ ମାମଲା
- ଚଳାଇଥିଲେ ଅନ୍ତର୍ଜାତୀୟ ପ୍ରୋକ୍ୟୁରମେଣ୍ଟ ନେଟ୍‌ୱର୍କ
- ପାକ୍ ଅଣୁଅସ୍ତ୍ର କାର୍ଯ୍ୟକ୍ରମ ପାଇଁ ଯୋଗାଡ଼ କରୁଥିଲେ ଉପାଦାନ
- ଭାରତ ଓ ଆମେରିକାର ଜାତୀୟ ସୁରକ୍ଷା ପ୍ରତି ବିପଦ ଆଶଙ୍କା

ପାକିସ୍ତାନ ତା'ର ଆଣବିକ ଚୋରା କାରବାର ଏବଂ ବେଆଇନ ଭାବେ କ୍ଷେପଣାସ୍ତ୍ର ଜ୍ଞାନକୌଶଳ ହାସଲ କରିବା କାର୍ଯ୍ୟ ଜାରି ରଖିଥିବା ପୁଣିଥରେ ପଦାକୁ ଆସିଛି। ନିଜ ଦେଶରେ ବିଜ୍ଞାନ ଓ ପ୍ରଯୁକ୍ତିର କୌଣସି ଭିତ୍ତିଭୂମି ନ ଥିବା ସତ୍ତ୍ୱେ ଇସ୍‌ଲାମାବାଦ ଚୋରାରେ ଅନ୍ୟ ଦେଶରୁ ଏହି ଜ୍ଞାନକୌଶଳ ହାସଲ କରି ଅଣୁଅସ୍ତ୍ର ଓ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର କ୍ଷମତା ହାସଲ କରିପାରିଛି। ପୁଣିଥରେ ଏହି ଚୋରା କାରବାର ବେଳେ ରାୱଲପିଣ୍ଡିର ଏକ କମ୍ପାନୀ ସହ ସମ୍ପୃକ୍ତ ୫ ଜଣ ପାକିସ୍ତାନୀ ଧରାପଡିଛନ୍ତି। ଗିରଫ ୫ ଜଣଙ୍କ ବିରୋଧରେ ବେଆଇନ କାରବାର ନେଇ ମାମଲା ରୁଜୁ ହୋଇଛି। ବିଜ୍‌ନେସ୍ ୱାର୍ଲ୍ଡ ନାମକ କମ୍ପାନୀ ପାକିସ୍ତାନର ଆଣବିକ ଓ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମ ପାଇଁ ଆମେରିକୀୟ ଜ୍ଞାନକୌଶଳ ଚୋରା କାରବାରରେ ସମ୍ପୃକ୍ତ ଥିବା ଜଣାପଡିଛି।

ଆମେରିକା ନ୍ୟାୟିକ ବିଭାଗ ଅନୁଯାୟୀ, ଧରାପଡ଼ିଥିବା ୫ ଜଣ ଅଭିଯୁକ୍ତ କାନାଡ଼ା, ହଂକଂ, ବ୍ରିଟେନରେ ରହି ଆଗୁଆ କମ୍ପାନୀଗୁଡ଼ିକର ଏକ ଅନ୍ତର୍ଜାତୀୟ ପ୍ରୋକ୍ୟୁରମେଣ୍ଟ ନେଟ୍‌ୱର୍କ ଚଳାଇଥିଲେ। ଏହି ସଂସ୍ଥା ଆଡଭାନ୍ସଡ୍ ଇଞ୍ଜିନିୟରିଂ ରିସର୍ଚ୍ଚ ଅର୍ଗାନାଇଜେଶନ (ଏଇଆରଓ) ଏବଂ ପାକିସ୍ତାନୀ ଆଣବିକ ଶକ୍ତି କମିଶନ (ପିଏଇସି) ପାଇଁ ଆମେରିକୀୟ ସାମଗ୍ରୀ ସଂଗ୍ରହ କରୁଥିଲା। ସଂଘୀୟ ଆଇନର ଉଲ୍ଲଂଘନ କରାଯାଇ ବିନା ରପ୍ତାନୀ ଲାଇସେନ୍ସରେ ଉକ୍ତ ସଂସ୍ଥା ବିଭିନ୍ନ କମ୍ପାନୀକୁ ସାମଗ୍ରୀ ପଠାଉଥିଲା। ବର୍ଷ ବର୍ଷ ଧରି ଆମେରିକାର ମୂଳ ସାମଗ୍ରୀ ଅନ୍ୟ ଦେଶରେ ଥିବା କମ୍ପାନୀଗୁଡ଼ିକୁ ଚୋରା ଚାଲାଣ ହୋଇଆସୁଥିଲା। ଉକ୍ତ ସଂସ୍ଥାର ପାକିସ୍ତାନ ଅସ୍ତ୍ର କାର୍ଯ୍ୟକ୍ରମ ସହ ସମ୍ପର୍କ ରହିଥିବା ଜଣାପଡିବା ପରେ ଆମେରିକାର ଜାତୀୟ ସୁରକ୍ଷା ପ୍ରତି ବିପଦ ଦେଖାଦେଇଛି। ଆମେରିକା ବ୍ୟବସାୟରେ ଏଭଳି ତ୍ରୁଟିପୂର୍ଣ୍ଣ କାରବାର ଚାଲିଥିବା ଏହା ଏକ ଉଦାହରଣ ବୋଲି ଏହାର ଜାତୀୟ ସୁରକ୍ଷାର ସହକାରୀ ଆଟର୍ନି ଜେନେରାଲ ଜନ୍ ସି. ଡେମର୍‌ସ କହିଛନ୍ତି। ଦେଶର ରପ୍ତାନୀ ନିୟନ୍ତ୍ରଣ ଓ କଟକଣା କାର୍ଯ୍ୟକ୍ରମରେ ପରିବର୍ତ୍ତନ ଆଣିବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି।

ଆଣବିକ ଚୋରା କାରବାରରେ ସମ୍ପୃକ୍ତ ଥାଇ ଗିରଫ ହୋଇଥିବା ୫ ଜଣ ହେଲେ ପାକିସ୍ତାନର ମହମ୍ମଦ କମରନ୍ ୱାଲି (୪୧),କାନାଡାର ମହମ୍ମଦ ଅହସାନ ୱାଲି(୪୮) ଓ ହାଜି ୱାଲି ମହମ୍ମଦ ଶେଖ (୮୨), ହଂକଂର ଅଶ୍ରଫ ଖାନ ମହମ୍ମଦ ଏବଂ ବ୍ରିଟେନ୍‌ର ଏସେକ୍ସରେ ରହୁଥିବା ଅହମଦ ୱାହିଦ(୫୨)। ସେମାନଙ୍କ ବିରୋଧରେ ଅନ୍ତର୍ଜାତୀୟ ଜରୁରୀ ଅର୍ଥନୀତି କ୍ଷମତା ଆଇନ ଏବଂ ରପ୍ତାନି ନିୟନ୍ତ୍ରଣ ସଂସ୍କାର ଆଇନ ଉଲ୍ଲଂଘନ ଷଡ଼ଯନ୍ତ୍ର ଅଭିଯୋଗରେ ମାମଲା ରୁଜୁ ହୋଇଛି। ପାକିସ୍ତାନର ଆଣବିକ ଚୋରା କାରବାର ଧରାପଡିଥିବାରୁ ଭାରତର ସୁରକ୍ଷା ପ୍ରତି ବିପଦ ରହିଥିବା ସୂଚନା ମିଳିଛି।

ଆମେରିକା ନ୍ୟାୟିକ ବିଭାଗର ସୂଚନା ଅନୁଯାୟୀ, ଉଭୟ ଏଇଆରଓ ଏବଂ ପିଏଇସି ବାଣିଜ୍ୟ ବିଭାଗର ସଂସ୍ଥା ତାଲିକାରେ ଅଛନ୍ତି। ତେବେ ସେମାନଙ୍କ କାର୍ଯ୍ୟକଳାପ ଆମେରିକା ସୁରକ୍ଷା ଓ ବହିର୍ବ୍ୟାପାର ନୀତି ସ୍ୱାର୍ଥର ବିରୋଧରେ ଯାଉଛି। ୧୯୯୮ରେ ପିଏଇସି ଏଣ୍ଟିଟି ଲିଷ୍ଟରେ ସାମିଲ ହୋଇଥିଲାବେଳେ ୨୦୧୪ରେ ଏଇଆରଓକୁ ସାମିଲ କରାଯାଇଥିଲା। ପାକିସ୍ତାନର କ୍ରୁଜ୍ କ୍ଷେପଣାସ୍ତ୍ର ଓ ୟୁଏଭି କାର୍ଯ୍ୟକ୍ରମରେ ବ୍ୟବହାର ପାଇଁ ସାମଗ୍ରୀ ସଂଗ୍ରହ କରିବାରେ ସେମାନେ ମଧ୍ୟସ୍ଥ ଓ ଫ୍ରଣ୍ଟ କମ୍ପାନୀଗୁଡ଼ିକୁ ବ୍ୟବହାର କରୁଥିଲେ ବୋଲି ଆମେରିକା ଜାଣିବାକୁ ପାଇଛି। ଏହି କାରବାରରେ ୨୯ଟି କମ୍ପାନୀ ସମ୍ପୃକ୍ତ ଥିବା ଜଣାପଡିଛି।

ଏହାର ଠିକ୍ ୧୬ ବର୍ଷ ପୂର୍ବେ ପାକିସ୍ତାନ ଆଣବିକ ଚୋରା କାରବାର ଓ ପ୍ରସାର ଦୁର୍ନୀତିରେ ଧରାପଡ଼ିଥିଲା। ପାକିସ୍ତାନୀ ବିଜ୍ଞାନୀ ଏ.କ୍ୟୁ. ଖାନ୍ ଡଚ୍ କମ୍ପାନୀ ୟୁରେନ୍‌କୋଠାରୁ ସେଣ୍ଟ୍ରିଫ୍ୟୁଜ୍ ଡିଜାଇନ ଚୋରିକରି ଆଣିଥିଲେ, ଯାହା ସହାୟତାରେ ପାକିସ୍ତାନ ୮୦ ଦଶକରେ ପରମାଣୁ ବୋମା ନିର୍ମାଣ କରିପାରିଥିଲା। ପରେ ପାକିସ୍ତାନ ଚାଇନା ସହାୟତାରେ ଏହି ଆଣବିକ ଜ୍ଞାନକୌଶଳକୁ ଉତ୍ତର କୋରିଆକୁ ବିକ୍ରି କରି ତାହା ବଦଳରେ ସେଠାରୁ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଜ୍ଞାନକୌଶଳ ପାଇଥିଲା। ଏପରିକି ଖାନ୍ ଆଣବିକ ଜ୍ଞାନକୌଶଳକୁ ଲିବ୍ୟା ଓ ଇରାନକୁ ବିକିଦେଇଥିଲେ।

# ପୁରସ୍କାର ଉର୍ଦ୍ଧ୍ୱରେ ଗାନ୍ଧିଜୀ

**ନୂଆଦିଲ୍ଲୀ,୧୭।୧(ପି.ଟି.)**



## ଭାରତରତ୍ନ ଲାଗି ଉଦ୍ଦିଷ୍ଟ ଜନସ୍ୱାର୍ଥ ମାମଲା ସୁପ୍ରିମକୋର୍ଟରେ ଅଗ୍ରାହ୍ୟ

ଜାତିର ପିତା ମହାତ୍ମା ଗାନ୍ଧୀଙ୍କୁ ଭାରତରତ୍ନ ପ୍ରଦାନକରିବା ଲାଗି ହୋଇଥିବା ଏକ ଜନସ୍ୱାର୍ଥ ମାମଲାକୁ ସୁପ୍ରିମକୋର୍ଟ ଅଗ୍ରାହ୍ୟ କରିଦେଇଛନ୍ତି। ଔପଚାରିକ ମାନ୍ୟତାଠାରୁ ଗାନ୍ଧିଜୀ ବହୁ ଉଚ୍ଚ ସମ୍ମାନର ଅଧିକାରୀ ବୋଲି କୋର୍ଟ କହିଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ ଏସ୍.ଏ. ବୋବ୍‌ଡ଼େ, ଜଷ୍ଟିସ ବି.ଆର୍. ଗଭାଇ ଓ ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ ଆବେଦନକାରୀ ଅନିଲ ଦତ୍ତଙ୍କୁ ଏନେଇ କେନ୍ଦ୍ର ପ୍ରତିନିଧିଙ୍କୁ ଅବଗତ କରାଇବା ଲାଗି କହିଛନ୍ତି। ମହାତ୍ମା ଗାନ୍ଧୀ ହେଉଛନ୍ତି ଜାତିର ପିତା ଓ ତାଙ୍କ ପ୍ରତି ଲୋକଙ୍କ ଉଚ୍ଚ ସମ୍ମାନ ରହିଆସିଛି। କୌଣସି ଔପଚାରିକ ମାନ୍ୟତା ପ୍ରଦାନର ଯଥାର୍ଥତା ନାହିଁ। ଏନେଇ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେବା ନ୍ୟାୟସଙ୍ଗତ ନୁହେଁ ବୋଲି ଖଣ୍ଡପୀଠ ଦର୍ଶାଇଛନ୍ତି।

# ମ୍ୟାନ୍‌ମାର ଗସ୍ତରେ ଜିନ୍‌ପିଙ୍ଗ୍



ମ୍ୟାନ୍‌ମାର୍ ଷ୍ଟେଟ୍ କାଉନ୍‌ସେଲର ସୁ କୀଙ୍କ ସହ ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ୍

**ନାଏପିଡ଼ା,୧୭।୧ (ଏଏଫ୍‌ପି)**

## ଭାରତର ଚିନ୍ତା ବଢ଼ାଇଲା ଚାଇନା

ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ୍ ଦୁଇଦିନିଆ ମ୍ୟାନ୍‌ମାର୍ ଗସ୍ତରେ ଯାଇ ଶୁକ୍ରବାର ଏହାର ରାଜଧାନୀରେ ପହଞ୍ଚିଛନ୍ତି। ସଙ୍କଟରେ ପଡ଼ିଥିବା ଅଙ୍ଗ୍ ସାନ୍ ସୁ କୀଙ୍କ ସରକାରଙ୍କୁ ସମର୍ଥନ ଜଣାଇବା ଏବଂ ମ୍ୟାନ୍‌ମାର୍ ସହ ବହୁକୋଟି ଡଲାରର ଭିତ୍ତିଭୂମି ପ୍ରକଳ୍ପ ଲାଗି ଚୁକ୍ତିନାମା କାର୍ଯ୍ୟକୁ ଆଗେଇ ନେବା ଜିନ୍‌ପିଙ୍ଗଙ୍କ ଗସ୍ତର ଉଦ୍ଦେଶ୍ୟ ବୋଲି କୁହାଯାଉଛି। ୧୯ ବର୍ଷ ମଧ୍ୟରେ ଚାଇନା ନେତାଙ୍କର ଏହା ପ୍ରଥମ ମ୍ୟାନ୍‌ମାର୍ ଗସ୍ତ ହୋଇଥିବାବେଳେ ଏହା ଭାରତର ଚିନ୍ତା ବଢ଼ାଇଦେଇଛି। ଜିନ୍‌ପିଙ୍ଗ୍‌ଙ୍କ ଏହି ଗସ୍ତ ଉପରେ ନୂଆଦିଲ୍ଲୀ ନଜର ରଖିଛି। ମିଆଁମାରର ସୈନ୍ୟବାହିନୀ ୭ ଲକ୍ଷରୁ ଊର୍ଦ୍ଧ୍ୱ ସଂଖ୍ୟାଲଘୁ ରୋହିଙ୍ଗ୍ୟା ମୁସଲମାନଙ୍କୁ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଥିଲା। ସେମାନେ ବାଧ୍ୟ ହୋଇ ବାଂଲାଦେଶ ପଳାଇଥିଲେ। ଏହି ମାମଲା ହେଗ୍‌ସ୍ଥିତ ଅନ୍ତର୍ଜାତୀୟ ନ୍ୟାୟିକ ଅଦାଲତରେ ଚାଲିଥିବାବେଳେ ୨୩ରେ ରାୟ ପ୍ରକାଶ ପାଇପାରେ। ଗତ ମାସରେ ଷ୍ଟେଟ୍ କାଉନ୍‌ସେଲର ସୁ କୀ ମ୍ୟାନ୍‌ମାର୍ କାର୍ଯ୍ୟକୁ ସମର୍ଥନ କରି ଅନ୍ତର୍ଜାତୀୟ ଅଦାଲତରେ ପକ୍ଷ ରଖିଥିଲେ। ମ୍ୟାନ୍‌ମାର୍‌ର ଏଭଳି କାର୍ଯ୍ୟକୁ ଆମେରିକା ଓ ୟୁରୋପୀୟ ସଂଘ ନିନ୍ଦା କରିଥିବାବେଳେ ଜାତିସଂଘ ଏହାକୁ ନରସଂହାର ଭଳି କାର୍ଯ୍ୟ ବୋଲି କହିଛି। ଉଇଘୁରଙ୍କୁ ନେଇ ଚାଇନା ସମାଲୋଚିତ ହୋଇଥିବାବେଳେ ମିଆଁମାର ରୋହିଙ୍ଗ୍ୟାମାନଙ୍କୁ ତଡିଦେଇଛି। ଫଳରେ ଚାଇନା ଓ ମ୍ୟାନ୍‌ମାର୍ ମଧ୍ୟରେ କୂଟନୈତିକ ସମ୍ପର୍କ ବୃଦ୍ଧି ପାଇଛି।

# କଶ୍ମୀର ପ୍ରସଙ୍ଗକୁ ମିଳୁନି ସମର୍ଥନ

**ବନ୍,୧୭।୧**



## ଆମ କଥା ଶୁଣୁନାହାନ୍ତି ପାଶ୍ଚାତ୍ୟ ରାଷ୍ଟ୍ର: ଇମ୍ରାନ

ପାକିସ୍ତାନ ବିଶ୍ୱ ମଞ୍ଚଗୁଡ଼ିକରେ କଶ୍ମୀର ପ୍ରସଙ୍ଗକୁ ଯେତେ ଉଠାଇଲେ ବି ଏହାକୁ ଅନ୍ତର୍ଜାତୀୟ ସମୁଦାୟର ସମର୍ଥନ ମିଳୁନାହିଁ। ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ ଶୁକ୍ରବାର ଏହା ସ୍ୱୀକାର କରିଛନ୍ତି। ଜର୍ମାନୀର ସରକାରୀ ଟିଭି ଚ୍ୟାନେଲ ଡିଡବ୍ଲ୍ୟୁକୁ ଏକ ସାକ୍ଷାତ୍‌କାର ଦେଇ ଇମ୍ରାନ୍ କହିଛନ୍ତି ଯେ, ପାଶ୍ଚାତ୍ୟ ଦେଶଗୁଡ଼ିକ ପାଇଁ ବ୍ୟବସାୟିକ ସ୍ୱାର୍ଥ ବେଶି ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ସେମାନେ କଶ୍ମୀର ପ୍ରସଙ୍ଗରୁ ମୁହଁ ଫେରାଇ ନେଉଛନ୍ତି। ଭାରତ ଏକ ବଡ଼ ବଜାର ହୋଇଥିବାରୁ କଶ୍ମୀରରେ ବସବାସ କରୁଥିବା ୮୦ ଲକ୍ଷ ଲୋକ ଓ ଦେଶର ଅନ୍ୟ ସଂଖ୍ୟାଲଘୁଙ୍କ ପ୍ରତି ଦେଖାଯାଉଥିବା ବ୍ୟବହାର ଉପରେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ବିଚାର କରୁନାହାନ୍ତି। ଏହା ଦୁର୍ଭାଗ୍ୟଜନକ କଥା ବୋଲି ଇମ୍ରାନ୍ କହିଛନ୍ତି।

# ହିନ୍ଦୁ ନାବାଳିକାଙ୍କୁ ଅପହରଣ ମାମଲାରେ ପାକ୍ ଉଚ୍ଚାୟୁକ୍ତଙ୍କୁ ସମନ

**ନୂଆଦିଲ୍ଲୀ,୧୭।୧(ଆଇଏଏନ୍‌ଏସ୍):** ପାକିସ୍ତାନର ଦୁଇ ହିନ୍ଦୁ ଝିଅଙ୍କୁ ଅପହରଣ ମାମଲାରେ ଭାରତ ଚିନ୍ତାବ୍ୟକ୍ତ କରିଛି। ନୂଆଦିଲ୍ଲୀରେ ଅବସ୍ଥାପିତ ପାକିସ୍ତାନ ଉଚ୍ଚାୟୁକ୍ତଙ୍କୁ ଏନେଇ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ସମନ୍ ଜାରି କରାଯାଇଛି। ପାକିସ୍ତାନର ସିନ୍ଧ୍ ପ୍ରଦେଶସ୍ଥିତ ଉମାର ଗ୍ରାମର ବାସିନ୍ଦା ଶାନ୍ତି ମେଘୱାଡ଼ ଓ ସର୍ମୀ ମେଘୱାଡ଼ଙ୍କୁ ଗତ ୧୪ ତାରିଖରେ ଅପହରଣ କରାଯାଇଥିଲା। ଏହାର ଦିନକ ପରେ ଜାକୋବାବାଦ ଜିଲାରୁ ମେହକ ନାମ୍ନୀ ଆଉ ଜଣେ ହିନ୍ଦୁ ନାବାଳିକାଙ୍କୁ ଅପହରଣ କରାଯାଇଥିଲା। ଏହାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଏହି ୩ ନାବାଳିକାଙ୍କୁ ସୁରକ୍ଷିତ ଭାବେ ଫେରାଇ ଆଣିବା ଲାଗି ପାକିସ୍ତାନରେ ଥିବା ସଂଖ୍ୟାଲଘୁ ହିନ୍ଦୁଙ୍କ ସିଭିଲ୍ ସୋସାଇଟି ପକ୍ଷରୁ ଦାବି କରାଯାଇଛି।

## ଇତିହାସର ଆଇନାରେ | ଜାନୁୟାରୀ ୧୮ର ପ୍ରମୁଖ ଘଟଣା

୧୯୭୭ ଜାନୁୟାରୀ ୧୮ରେ ସିଡ୍‌ନୀର ଗ୍ରାନ୍‌ଭିଲେଠାରେ ରେଳ ଦୁର୍ଘଟଣାରେ ପ୍ରାୟ ୮୫ ଯାତ୍ରୀ ପ୍ରାଣ ହରାଇଥିଲେ। ଯାତ୍ରୀବାହୀ ଟ୍ରେନ ଲାଇନଚ୍ୟୁତ ହୋଇ ନିକଟସ୍ଥ ଓଭରବ୍ରିଜ୍‌ରେ ମାଡ଼ ହେବାରୁ ତାହା ଭାଙ୍ଗିଯାଇଥିଲା।

୨୦୧୮ ଜାନୁୟାରୀ ୧୮ରେ କାଜାଖସ୍ତାନର ସମରା-ସିମ୍‌କେଣ୍ଟ ରାସ୍ତାରେ ଏକ ବସ୍‌ରେ ନିଆଁ ଲାଗିଯିବାରୁ ୫୨ ଯାତ୍ରୀଙ୍କ ପ୍ରାଣହାନି ଘଟିଥିଲା। ବସ୍‌ଟି ଉଜ୍‌ବେକ ଶ୍ରମିକମାନଙ୍କୁ ରୁଷିଆର କଜାନ୍ ଅଭିମୁଖେ ନେଇଯାଉଥିଲା।

# ସିଏଏ ବିରୋଧରେ ସୁପ୍ରିମକୋର୍ଟ ଯିବ ପଞ୍ଜାବ

**ଚଣ୍ଡିଗଡ଼,୧୭।୧(ପି.ଟି.):** ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧରେ ପଞ୍ଜାବ ବିଧାନସଭାରେ ଶୁକ୍ରବାର ସଂକଳ୍ପ ଗୃହୀତ ହୋଇଛି। ଏଭଳି ସଂକଳ୍ପ ଗୃହୀତ କରାଇବାରେ

## ବିଧାନସଭାରେ ସଂକଳ୍ପ ଗୃହୀତ

କେରଳ ପରେ ପଞ୍ଜାବ ଦ୍ୱିତୀୟ ରାଜ୍ୟ। ବିଧାନସଭାରେ ୩ ଘଣ୍ଟାର ବିତର୍କ ପରେ ସିଏଏ ବିରୋଧରେ ସଂକଳ୍ପନାମା ଧ୍ୱନିମତରେ ଗୃହୀତ ହୋଇଥିଲା। କେରଳ ଭଳି ତାଙ୍କ ସରକାର ମଧ୍ୟ ସିଏଏ ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବ ବୋଲି ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ କହିଛନ୍ତି।




ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ସମସ୍ତ ଜିଲାରେ ପାଗ ମୁଖ୍ୟତଃ ଶୁଖିଲା ରହିବା ସହ ଶୀତ ଅନୁଭୂତ ହେବ।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ପାଗ ପ୍ରାୟତଃ ଶୁଖିଲା ରହିବ। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ଏବଂ ସର୍ବନିମ୍ନ ୧୭ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୯.୪ | ୧୨.୭ |
| ଚାନ୍ଦବାଲି | ୨୯.୭ | ୧୩.୬ |
| କଟକ | ୨୯.୮ | ୧୫.୨ |
| ପାରାଦ୍ୱୀପ | ୨୭.୮ | ୧୬.୨ |
| ଭୁବନେଶ୍ୱର | ୩୦.୦ | ୧୬.୫ |
| ଗୋପାଳପୁର | ୨୯.୦ | ୧୭.୮ |
| ପୁରୀ | ୨୬.୨ | ୧୫.୦ |
| ଅନୁଗୋଳ | ୩୦.୧ | ୭.୬ |
| ବାରିପଦା | ୨୯.୦ | ୧୩.୬ |
| ଝାରସୁଗୁଡ଼ା | ୨୯.୦ | ୧୨.୪ |
| କେନ୍ଦୁଝର | ୨୮.୦ | ୧୨.୪ |
| ସମ୍ବଲପୁର | ୩୦.୪ | ୧୩.୨ |
| ସୁନ୍ଦରଗଡ଼ | ୨୬.୦ | ୧୧.୫ |
| ହୀରାକୁଦ | ୩୦.୧ | ୧୨.୮ |
| ତାଳଚେର | -- | ୧୨.୩ |
| ଭବାନୀପାଟଣା | ୩୦.୦ | ୧୩.୨ |
| ବଲାଙ୍ଗୀର | ୩୦.୦ | ୧୪.୦ |
| କୋରାପୁଟ | ୨୯.୦ | ୧୦.୦ |
| ଫୁଲବାଣୀ | ୨୯.୦ | ୮.୫ |
| ଟିଟିଲାଗଡ଼ | ୩୧.୦ | ୧୦.୬ |
| ମାଲକାନଗିରି | ୩୧.୦ | ୧୩.୦ |
| ସୋନପୁର | ୩୦.୪ | ୯.୦ |
| ଦାରିଙ୍ଗିବାଡ଼ି | ୨୫.୫ | ୯.୫ |

ଡିଗ୍ରୀ ସେଲ୍‌ସିୟସ୍

# ଲଞ୍ଚ ହେଲା ଜିସାଟ୍-୩୦

**ବେଙ୍ଗାଲୁରୁ,୧୭।୧(ପି.ଟି.):** ଭାରତର ଉଚ୍ଚଶକ୍ତି ସମ୍ପନ୍ନ ଯୋଗାଯୋଗ ଉପଗ୍ରହ ଜିସାଟ୍-୩୦କୁ ଭାରତୀୟ ସମୟ ଗୁରୁବାର ରାତି ୨ଟା ୩୫ରେ ଫ୍ରେଞ୍ଚ୍ ଗୁଏନାରୁ ଏରିଆନ୍-୫ ରକେଟ ସହାୟତାରେ ସଫଳତାର ସହ କକ୍ଷପଥରେ ଅବସ୍ଥାପିତ କରାଯାଇଛି। ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ପାଇଁ ଏହା ବର୍ଷର ପ୍ରଥମ ସଫଳତା। ଦକ୍ଷିଣ ଆମେରିକାର ଉତ୍ତରପୂର୍ବ ଉପକୂଳରେ ଅବସ୍ଥିତ କୋଉରୋଉ ଲଞ୍ଚ୍ କମ୍ପ୍ଲେକ୍ସରୁ ୟୁରୋପୀୟ ସଂସ୍ଥା ଏରିଆନ୍‌ସ୍ପେସ୍ ଜିସାଟ୍-୩୦କୁ ଲଞ୍ଚ୍ କରିଥିଲା। ଏହା କକ୍ଷପଥରେ ଅବସ୍ଥାପିତ ହେବାକୁ ୩୮ ମିନିଟ ୨୫ ସେକେଣ୍ଡ ଲାଗିଥିଲା। ଏଥିପାଇଁ ଏରିଆନ୍‌ସ୍ପେସ୍‌କୁ ଇସ୍ରୋ ଟୁଇଟ୍ କରି ଧନ୍ୟବାଦ ଜଣାଇଛି। ଉତ୍କ୍ଷେପଣ ବେଳେ ଉପସ୍ଥିତ ଥିବା ଇସ୍ରୋର ୟୁ.ଆର୍.



ରାଓ ସାଟେଲାଇଟ୍ ସେଣ୍ଟର ଡାଇରେକ୍ଟର ପି. କୁନ୍‌ହିକ୍ରିଷ୍ଣନ୍ ଭାରତୀୟ ମହାକାଶ ଗବେଷଣା ସଂସ୍ଥା ଏବଂ ଏରିଆନ୍‌ସ୍ପେସ୍ ଟିମ୍‌କୁ ଅଭିନନ୍ଦନ ଜଣାଇଥିଲେ। ଜିସାଟ୍-୩୦ ଯୋଗୁ ଟେଲିଭିଜନ ପ୍ରସାରଣ, ପାଣିପାଗ ସୂଚନା ଆଦି କାର୍ଯ୍ୟ ଅଧିକ ଭଲ ହେବା ସହ ଇଣ୍ଟରନେଟ୍ ସ୍ପିଡ୍ ବଢ଼ିପାରିବ। ଫଳରେ ଯୋଗାଯୋଗ

## ଇସ୍ରୋ ପାଇଁ ବର୍ଷର ପ୍ରଥମ ସଫଳତା

ବ୍ୟବସ୍ଥାରେ ନୂଆ କ୍ରାନ୍ତି ଆସିପାରିବ। ଜିସାଟ୍-୩୦ର ଓଜନ ୩୧ ଶହ କିଲୋଗ୍ରାମ୍। ଏଥିରେ ୨ଟି ସୋଲାର ପ୍ୟାନେଲ୍ ରହିଛି। ଏହାଦ୍ୱାରା ସ୍ୱାଭାବିକ ଭାବେ କାର୍ଯ୍ୟ କରିବା ଲାଗି ଜିସାଟ୍-୩୦କୁ ଆବଶ୍ୟକ ଶକ୍ତି ମିଳିପାରିବ। ଜିସାଟ୍-୩୦ ଇନସାଟ୍ ଉପଗ୍ରହ ସ୍ଥାନରେ ୧୫ ବର୍ଷ ପାଇଁ କାର୍ଯ୍ୟ କରିବ। ଭାରତରେ ଆବଶ୍ୟକ ସଞ୍ଚାର ବ୍ୟବସ୍ଥା ଯୋଗାଇ ଦେବା ପାଇଁ ସମ୍ପ୍ରତି ମହାକାଶରେ ଜିସାଟ୍ ସିରିଜ୍‌ର ୧୪ଟି ଉପଗ୍ରହ କାର୍ଯ୍ୟ କରୁଛି। ୨୦୨୦ରେ ୧୦ଟି ଉପଗ୍ରହ ମହାକାଶକୁ ଉତ୍କ୍ଷେପଣ କରିବା ଲାଗି ଇସ୍ରୋ ଯୋଜନା କରିଛି।



ଶବକୁ ଯେପରି ଚିତା ଖାଇଯାଏ, ଲୋକଙ୍କୁ ସେହିପରି ଈର୍ଷା ଖାଇଯାଏ।
- ସେଣ୍ଟ୍ ଜନ୍ କ୍ରିଷୋଷ୍ଟୋମ୍



ନିର୍ଭୟା ଦୋଷୀଙ୍କ ଫାଶୀ ପୁଣି ଘୁଞ୍ଚିଲା




# ଆହୁରି ୪ ଦିନ ଘୋଟିବ ଘନ କୁହୁଡ଼ି

ଭୁବନେଶ୍ୱର, ୧୭।୧ (ବ୍ୟୁରୋ)

ଅର୍ଦ୍ଧରାତ୍ରିରୁ ମାଡି ଆସୁଛି କୁହୁଡି। ଧୀରେ ଧୀରେ ସମଗ୍ର ଉପକୂଳବର୍ତ୍ତୀ ଜିଲା ଏବଂ ରାଜ୍ୟର ଅଧିକାଂଶ ଭାଗକୁ କବଳିତ କରି ପକାଉଛି। ସକାଳ ୯ଟା ଯାଏ ମଧ୍ୟ ଛାଡୁ ନାହିଁ। ଘନକୁହୁଡି ଯୋଗୁ ଯାତାୟାତ ଗୁରୁତର ଭାବେ ପ୍ରଭାବିତ ହେଉଛି। ଏଥିଯୋଗୁ ବିମାନ, ରେଳ ସେବା ପ୍ରଭାବିତ ହେଉଛି। ଆସନ୍ତା ୪ ଦିନ ଯାଏ ଉପକୂଳ ସମେତ ଦକ୍ଷିଣ ଓଡିଶାର ଅଧିକାଂଶ ଜିଲାକୁ କୁହୁଡି ଘେରି ରହିବ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ, ଅନୁଗୋଳ, ଢେଙ୍କାନାଳ, ଯାଜପୁର, ଭଦ୍ରକ, କେନ୍ଦ୍ରାପଡା, କଟକ, ଜଗତ୍‌ସିଂହପୁର, ଖୋର୍ଦ୍ଧା, ପୁରୀ, ଗଞ୍ଜାମ, ନୟାଗଡ, କନ୍ଧମାଳ, କୋରାପୁଟ, ମାଲକାନଗିରି ଆଦି ୧୫ଟି ଜିଲାର ଅଧିକାଂଶ ଭାଗ ଘନକୁହୁଡିରେ ଆଚ୍ଛାଦିତ ହେବ। ୨୦୦ ମିଟର ପର୍ଯ୍ୟନ୍ତ ଖାଲି ଆଖିରେ ଦେଖାଯିବ ନାହିଁ। ଯାନବାହନ ଚଳାଚଳ ସମୟରେ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି। କୁହୁଡିକୁ ଦୃଷ୍ଟିରେ ରଖି ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି। ତେବେ ୧୯ରୁ ୨୧ ତାରିଖ ମଧ୍ୟରେ କୁହୁଡି ପରିମାଣ ସାମାନ୍ୟ ହ୍ରାସ ପାଇବ। ପୁଣି ୨୨ ତାରିଖରେ ଉପକୂଳ ଓଡିଶା ଓ ଦକ୍ଷିଣ ଓଡିଶାର ଅନେକ ସ୍ଥାନରେ କୁହୁଡି ବହୁ ମାତ୍ରାରେ ବଢିଯିବ ବୋଲି ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି। ଆଣ୍ଟି ସାଇକ୍ଲୋନିକ ପରିବେଶ ଯୋଗୁ ଆରବ ସାଗର ପଟୁ ଉପକୂଳକୁ ଅଧିକ ଜଳୀୟ ବାଷ୍ପ ପ୍ରବେଶ କରୁଛି। ଏଥିଯୋଗୁ କୁହୁଡି ପରିମାଣ ବୃଦ୍ଧି ପାଉଛି। ରାତ୍ରିର ତାପମାତ୍ରା ୧୫ରୁ ୨୦ ଡିଗ୍ରୀ ସେଲସିୟସ ଉପରେ ରହୁଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶକ ଏଚ୍. ଆର. ବିଶ୍ୱାସ କହିଛନ୍ତି।

### ୟେଲୋୱାର୍ନିଂ ଜାରି କଲା ପାଣିପାଗ ବିଭାଗ

କୁହୁଡି ଯୋଗୁ ଗତ ଦୁଇ ତିନିଦିନ ହେବ ରାଜ୍ୟରେ ଥଣ୍ଡା ହଠାତ୍ କମିଯାଇଛି। ଆଭ୍ୟନ୍ତରୀଣ ଓଡିଶାର ଅଳ୍ପ କେତୋଟି ସ୍ଥାନକୁ ଛାଡିଦେଲେ ସବୁଠି ସର୍ବନିମ୍ନ ପାରଦ ଉପରମୁହାଁ ହୋଇଛି। ଶୁକ୍ରବାର ମାତ୍ର ୩ଟି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସୋନପୁରରେ ସର୍ବନିମ୍ନ ତାପମାତ୍ରା ୯ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଫୁଲବାଣୀ ୮.୫ ଏବଂ ଦାରିଙ୍ଗିବାଡିରେ ସର୍ବନିମ୍ନ ତାପମାତ୍ରା ୯.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ୨୩ ତାରିଖରୁ କୁହୁଡି କମିବା ସହ ରାଜ୍ୟରେ ଥଣ୍ଡା ପରିମାଣ ସାମାନ୍ୟ ବଢିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

## ଜିଆର୍‌ଏସ୍ ସଂଯୁକ୍ତା ହତ୍ୟା ମାମଲା: ୨ ମିଲିସିଆ ଗିରଫ

ଫୁଲବାଣୀ ଅଫିସ/ ଫିରିଙ୍ଗିଆ, ୧୭।୧

ସାଧାରଣ ନିର୍ବାଚନ ବେଳେ କନ୍ଧମାଳ ଜିଲା ଗୋଚ୍ଛାପଡା ଥାନା ଅଞ୍ଚଳରେ ଜିଆର୍‌ଏସ୍ ସଂଯୁକ୍ତା ଦିଗାଲଙ୍କୁ ମାଓବାଦୀମାନେ ହତ୍ୟା କରିଥିଲେ। ଏହି ଘଟଣାରେ ଗୋଚ୍ଛାପଡା ଥାନା ପୋଲିସ ୨ ମିଲିସିଆଙ୍କୁ ଗିରଫ କରିଛି। ସେମାନେ ହେଲେ ପାଙ୍ଗା ଉପରସାହିର ସମିତି ସଭ୍ୟ ଗୁନି ଦିଗାଲ ଓ ସିଡ଼ା ଦିଗାଲ । ତଦନ୍ତ ଆଧାରରେ ଏମାନଙ୍କୁ ଗିରଫ କରାଯାଇଛି ।

ପୋଲିସ ସୂଚନା ଅନୁସାରେ, ଗୁନି ଓ ସିଡ଼ା ମାଓବାଦୀଙ୍କ ସମର୍ଥକ ଥିଲେ । ସବୁ ଖବର ମାଓବାଦୀଙ୍କୁ ପଠାଉଥିଲେ । ମାଓବାଦୀଙ୍କ ସହ ମିଶି ବିଭିନ୍ନ ଆଲୋଚନାରେ ଭାଗ ନେଇ ଗ୍ରାମରେ ଉପସ୍ଥିତି ଜାହିର କରୁଥିଲେ । ନିର୍ବାଚନ ଭଣ୍ଡୁର କରିବା ଏବଂ ପୋଲିଂ ପାର୍ଟି ଉଡ଼ାଇ ଦେବାକୁ ସେମାନେ ନିଷ୍ପତ୍ତି ନେଇଥିଲେ । ଏ ନେଇ ଏସ୍‌ପି ପ୍ରତୀକ ଗୀତା ସିଂ କହିଛନ୍ତି, ମାଓବାଦୀଙ୍କ ସହ ମିଶି ବୈଠକ କରିଥିଲେ। ଗାଁ ଗାଁ ବୁଲି ମାଓବାଦୀଙ୍କ ସପକ୍ଷରେ ପ୍ରଚାର କରିଥିଲେ। ସେମାନଙ୍କ ଟାର୍ଗେଟ ଇଲେକ୍ସନ ପାର୍ଟି ଉପରେ ଥିଲା । ସଂଯୁକ୍ତାଙ୍କ ମୁଣ୍ଡରେ ଗୁଳି ବାଜିବାରୁ ତାଙ୍କର ମୃତ୍ୟୁ ଘଟିଥିଲା । ଏହି ଘଟଣାରେ ଅନ୍ୟମାନେ ବି ସାମିଲ ଥିବା ଏସ୍‌ପି କହିଛନ୍ତି।

ସୂଚନାଯୋଗ୍ୟ, ଗତ ଏପ୍ରିଲ ୧୭ ତାରିଖରେ ସାଧାରଣ ନିର୍ବାଚନ ପାଇଁ ପୋଲିଂ ପାର୍ଟି ଚେକିଂ ପାଇଁ ଏକ ଗାଡ଼ିରେ ଯାଉଥିଲେ । ସେଥିରେ ଆସିଷ୍ଟାଣ୍ଟ ସେକ୍ସନ ଅଫିସର(ଏଏସ୍‌ଓ) ପ୍ରକାଶ ଦାସ, ମେସେଞ୍ଜର ତଥା ଲୁଇସିଂ ପଞ୍ଚାୟତ ଜିଆରଏସ୍ ସଂଯୁକ୍ତା ଏବଂ ଅନ୍ୟମାନେ ଥିଲେ । ଫିରିଙ୍ଗିଆ ବ୍ଲକ ବାଲନ୍ଦାପଡାଠାରୁ ୧୦/୧୨ କିମି ଦୂର କୋଏରମାଣ୍ଡୁ ପଞ୍ଚାୟତ ବାରାହାଲାଠାରେ ଲ୍ୟାଣ୍ଡମାଇନ ବିସ୍ଫୋରଣ ହୋଇଥିଲା। ଗାଡି ଡ୍ରାଇଭର ତୁରନ୍ତ ଗାଡି ଅଟକାଇ ପଛକୁ ବୁଲାଇ ଫେରିବାକୁ ଚେଷ୍ଟା କରୁଥିବା ବେଳେ ଗୁଳି ଫୁଟିଥିଲା । ଗୁଳିଟି ସଂଯୁକ୍ତାଙ୍କ ମୁଣ୍ଡରେ ବାଜିଥିଲା । ଡ୍ରାଇଭର ଗାଡି ନ ଅଟକାଇ ବାଲନ୍ଦାପଡା ମେଡିକାଲ ନେଇ ଆସିଥିଲେ । ସେଠାରେ ସଞ୍ଜୁକ୍ତାଙ୍କ ମୃତ୍ୟୁ ଘଟିଥିଲା ।

# ଭାଜପା ରାଜ୍ୟ ସଭାପତି ଦାୟିତ୍ୱ ନେଲେ ସମୀର

ଭୁବନେଶ୍ୱର,୧୭।୧(ବ୍ୟୁରୋ)

- ‘ସାଧାରଣ କର୍ପୋରେଟରରୁ ସଭାପତି ହେବା ଭାଜପାରେ ସମ୍ଭବ’
- ବାଜା, ବାଣରେ ସ୍ୱାଗତ କରାଗଲା

ଭାଜପା ରାଜ୍ୟ ସଭାପତି ଭାବେ ବରିଷ୍ଠ ନେତା ସମୀର ମହାନ୍ତିଙ୍କୁ ଦଳୀୟ ନେତାମାନେ ଗୁରୁବାର ସହମତି ଭିତ୍ତିରେ ଚୟନ କରିବାପରେ ଶୁକ୍ରବାର ତାଙ୍କ ନୂଆ ଦାୟିତ୍ୱକୁ ବିଧିବଦ୍ଧ ଘୋଷଣା କରାଯାଇଛି। ସମୀର ସକାଳେ ଶ୍ରୀଲିଙ୍ଗରାଜଙ୍କ ଦର୍ଶନ ସାରି ଫେରିବା ପରେ ବାଜା, ବାଣରେ ଦଳର ନେତା ଓ କର୍ମୀମାନେ ତାଙ୍କୁ ସ୍ୱାଗତ କରିବା ଦୃଶ୍ୟ ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଦେଖିବାକୁ ମିଳିଥିଲା। ଦଳର ସବୁ ବରିଷ୍ଠ ନେତା, ବିଧାୟକ, ଏମ୍‌ପି ଏବଂ ଦୁଇ କେନ୍ଦ୍ରମନ୍ତ୍ରୀ ଗୋଟିଏ ମଞ୍ଚରେ ଏକାଠି ହୋଇ ନୂଆ ସଭାପତିଙ୍କୁ ସ୍ୱାଗତ ଜଣାଇବା ସହ ତାଙ୍କ ସହ ମିଶି କାମ କରିବାର ଭରସା ଦେଇଥିଲେ। ଦଳ ତାଙ୍କୁ ଏତେବଡ଼ ଦାୟିତ୍ୱ ପ୍ରଦାନ କରିଥିବାରୁ ସମୀର ଖୁସି ବ୍ୟକ୍ତ କରିବା ସହ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ। ଜଣେ ପୂର୍ବତନ କର୍ପୋରେଟରଙ୍କୁ ଦଳ ରାଜ୍ୟ ସଭାପତି କରିଥିବା କହି ସମୀର ସାମାନ୍ୟ ଭାବବିହ୍ୱଳ ହୋଇଯାଇଥିଲେ।

ଭାଜପା ରାଜ୍ୟ ନିର୍ବାଚନ ଅଧିକାରୀ ରଞ୍ଜନ ପଟେଲ ଏବଂ ପ୍ରଭାରୀ ଅରୁଣ ସିଂ ମିଳିତଭାବେ ସମୀରଙ୍କୁ ରାଜ୍ୟ ସଭାପତି ଭାବେ ଘୋଷଣା କରିଥିଲେ। ଏହାପରେ ତାଙ୍କୁ ସଭାପତି ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ପୂର୍ବତନ ସଭାପତି ବସନ୍ତ ପଣ୍ଡାଙ୍କଠାରୁ ଦାୟିତ୍ୱ ଗ୍ରହଣ କରି ସମୀର କହିଥିଲେ ଯେ, ରାଜ୍ୟବାସୀଙ୍କ ସେବା ଏବଂ ୩୭ ହଜାର ବୁଥ ସଙ୍ଗଠନକୁ ମଜଭୁତ କରିବା ପ୍ରାଥମିକତା ହେବ। ଓଡ଼ିଶାକୁ କେନ୍ଦ୍ର ପଠାଉଥିବା ଅନୁଦାନର ଖର୍ଚ୍ଚ କିପରି ବାଟମାରଣ ନ ହୋଇ ହିତାଧିକାରୀଙ୍କ ପାଖରେ ପହଞ୍ଚିବ ତା’ର ତଦାରଖ କରିବେ। ବିଧାନସଭାରେ ରାଜ୍ୟବାସୀଙ୍କ ସ୍ୱରକୁ ଶାଣିତ କରିବା ଲାଗି ଆମ ପାଖରେ ବିରୋଧୀ ଦଳ ନେତା ଏବଂ ଉଚ୍ଚଶିକ୍ଷିତ ବିଧାୟକମାନେ ଅଛନ୍ତି। ୮ଜଣ ଏମ୍‌ପି ଓଡ଼ିଶା ସମସ୍ୟାକୁ ପାର୍ଲାମେଣ୍ଟରେ ଉଠାଇବେ। ଓଡ଼ିଶାରେ ଭାଜପାର ସଂଗଠନ କାର୍ଯ୍ୟ ଆରମ୍ଭଠୁ ଆଜି ପର୍ଯ୍ୟନ୍ତ ଦାୟିତ୍ୱ ନେଇଥିବା ସମସ୍ତ ନେତୃତ୍ୱଙ୍କୁ ସେ ପ୍ରଶଂସା କରିଥିଲେ।



ଭାଜପା ରାଜ୍ୟ କାର୍ଯ୍ୟାଳୟରେ ନୂତନ ସଭାପତି ସମୀର ମହାନ୍ତିଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ କହିଛନ୍ତି, ଏତେ ବଡ଼ ଦଳରେ ସଭାପତି ଚୟନ ଅତି ସୁରୁଖୁରୁରେ ଶେଷ ହୋଇଛି। ବର୍ତ୍ତମାନ ସମୟ ଭାଜପା ପାଇଁ ଚ୍ୟାଲେଞ୍ଜପୂର୍ଣ୍ଣ ରହିଛି। ଓଡ଼ିଶାରେ ଆମ ସମସ୍ତଙ୍କୁ ଏକାଠି ରହିବାକୁ ପଡ଼ିବ। ରାଜ୍ୟରେ ସରକାରକୁ ଆସିବା ପର୍ଯ୍ୟନ୍ତ ପରିଶ୍ରମ କରିବାକୁ ପଡ଼ିବ ବୋଲି ଷଡ଼ଙ୍ଗୀ କହିଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂତନ ସଭାପତି ଏବଂ ବିଦାୟୀ ସଭାପତି ବସନ୍ତ ପଣ୍ଡାଙ୍କୁ ଶୁଭକାମନା ଜଣାଇଛନ୍ତି। ଏହାସହ ଓଡ଼ିଶାକୁ ଦେଶରେ ଏକ ନମ୍ବର ରାଜ୍ୟରେ ପରିଣତ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ କହିଛନ୍ତି, ଏହା ଅତି ସ୍ମରଣୀୟ ଦିନ। ୩ ବର୍ଷରେ ଥରେ ଭାଜପାର ସାଙ୍ଗଠନିକ ନିର୍ବାଚନ ହୋଇଥାଏ। ସମସ୍ତେ ଏକାଠି ହୋଇ ସମୀର ମହାନ୍ତିଙ୍କୁ ସଭାପତିଭାବେ ଚୟନ କରିଛୁ। ଆଗକୁ ପୌର, ୨୦୨୨ରେ ପଞ୍ଚାୟତ ନିର୍ବାଚନ ହେବ। ଏସବୁ ସମୟରେ ତାଙ୍କ ସହିତ ରହି କାମ କରିବୁ ବୋଲି ଅପରାଜିତା କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସଭାପତି ବସନ୍ତ ପଣ୍ଡା, ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ, କନକବର୍ଦ୍ଧନ ସିଂଦେଓ ପ୍ରମୁଖ ସମୀରଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଶେଷରେ ସବୁ ସାଙ୍ଗଠନିକ ଜିଲାର ନୂତନ ସଭାପତି ନିଜ ଟିମ୍ ସହ ନୂଆ ସଭାପତିଙ୍କୁ ଶୁଭେଚ୍ଛା ଜଣାଇଥିଲେ।


TRUE VALUE
MARUTI SUZUKI

YOUR SEARCH FOR A TRUSTED PRE-OWNED CAR ENDS AT TRUE VALUE.

At True Value, our certified cars meet 376 quality checkpoints and come with a warranty, ensuring you drive home a quality pre-owned car.




Download the App here.
App Store
Google play

A wide range of cars to choose from.
ALTO ₹ 1 00 000 Onwards
WAGONR ₹ 2 50 000 Onwards
SWIFT ₹ 3 50 000 Onwards

For enquiry, SMS TRUE to 53636 | Call at 1800 102 1800 | Visit www.marutisuzukitruevalue.com

TRUE VALUE CERTIFIED CARS · HASSLE-FREE DOCUMENTATION · VERIFIED CAR HISTORY · UP TO 1 YEAR WARRANTY & 3 FREE SERVICES

TRUE VALUE CERTIFIED

SAMBALPUR/JHARSUGUDA/BARGARH/BOLANGIR: Odyssey Motors: 7873411550, 6370700832.

**ଆଜିର ମନ୍ତବ୍ୟ**

ଆମେ କଶ୍ମୀର ପ୍ରସଙ୍ଗ ଉଠାଇଲେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ନିଜ ବ୍ୟବସାୟିକ ସ୍ୱାର୍ଥ ଦୃଷ୍ଟିରୁ ତାକୁ ଗୁରୁତ୍ୱ ଦେଉନାହାନ୍ତି।
–ଇମ୍ରାନ୍ ଖାନ, ପାକିସ୍ତାନ ପ୍ରଧାନମନ୍ତ୍ରୀ

**କିଛି ତଥ୍ୟ**

ଦେଶର ବିଦେଶୀ ମୁଦ୍ରା ଭଣ୍ଡାରରେ ୫୮ ନିୟୁତ ଡଲାର ବୃଦ୍ଧି ଘଟି ରେକର୍ଡ ସ୍ତର ୪୬୧.୨୧ ବିଲିୟନ ଡଲାର ଛୁଇଁଛି। – ରିଜର୍ଭ ବ୍ୟାଙ୍କ



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଟିଟୁନ୍
ପରିବାରବର୍ଗ


ପିହୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ବୋଟ୍‌କୁ ଦିଗହରା...

ପକାଇ ଅଟକି ରହିଥିଲା। ମେରାଇନ ବୋଟ୍ ଉକ୍ତ ବୋଟ୍‌କୁ ବାଟ କଢ଼ାଇ ଆଣିବା ସହ ସମସ୍ତ ଯାତ୍ରୀଙ୍କୁ ଧାମରାଇ ଜେଟିକୁ ଅଣାଯାଇଥିଲା। ସମସ୍ତେ ସୁସ୍ଥ ଅଛନ୍ତି ବୋଲି ଧାମରା ମେରାଇନ ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀକାନ୍ତ ପତି ସୂଚନା ଦେଇଛନ୍ତି।


ପୋଲିସ ସହ ଉଦ୍ଧାର ହୋଇଥିବା ଯାତ୍ରୀ।

## ପ୍ରଥମ ପୃଷ୍ଠାରୁ...

### ୧କୁ ଘୁଞ୍ଚିଲା ...

ଏହିକ୍ରମରେ ମୁକେଶ ଓ ବିନୟଙ୍କ ପକ୍ଷରୁ ଦାଏର କ୍ୟୁରେଟିଭ୍ ପିଟିଶନକୁ ସୁପ୍ରିମକୋର୍ଟ ମଙ୍ଗଳବାର ଖାରଜ କରିସାରିଛନ୍ତି। ମୁକେଶ ବୁଧବାର ଦୟା ଆବେଦନ କରିଥିଲେ, ଯାହାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଗୁରୁବାର ରାତିରେ ରାଷ୍ଟ୍ରପତିଙ୍କ ନିକଟକୁ ପଠାଇଥିଲା। ଦିଲ୍ଲୀ ସରକାର ମଧ୍ୟ ଦୟା ଆବେଦନକୁ ଖାରଜ କରିବା ପାଇଁ ଲ୍ୟୁଟ୍‌ନାଣ୍ଟ ଗଭର୍ନରଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ସୁପାରିସ କରିଥିଲେ। ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶୁକ୍ରବାର ଏହାକୁ ଖାରଜ କରିବାର କିଛି ସମୟ ପରେ ମୁକେଶ ଜାନୁୟାରୀ ୨୨ ବଦଳରେ ଅନ୍ୟ ତାରିଖକୁ ଫାଶୀ ଘୁଞ୍ଚାଇବା ପାଇଁ ପୁଣି ଟ୍ରାଏଲ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅତିରିକ୍ତ ସେସନ୍ସ ଜଜ୍ ସତୀଶ କୁମାର ଆରୋରା ତାଙ୍କ ଆବେଦନର ଶୁଣାଣି କରିଥିଲେ। ଶୁଣାଣି ବେଳେ ତିହାର ଜେଲ୍ କର୍ତ୍ତୃପକ୍ଷ ଉପରୋକ୍ତ ଦୋଷୀମାନଙ୍କ ପାଇଁ ନୂଆ ଡେଥ୍ ୱାରେଣ୍ଟ ଜାରି ପାଇଁ ଅଦାଲତଙ୍କୁ ନିବେଦନ କରିଥିଲେ। ବିଚାରପତି ଆରୋରା ସମସ୍ତ ବିଷୟ ବିଚାର କରି ଫେବୃୟାରୀ ୧ ସକାଳ ୬ଟାରେ ୪ ଦୋଷୀଙ୍କୁ ଜେଲ୍ ନମ୍ବର ୩ରେ ଫାଶୀ ଦେବା ପାଇଁ ଧାର୍ଯ୍ୟ କରିଛନ୍ତି।

ଦୋଷୀଙ୍କ ଫାଶୀ ତାରିଖ ଯେପରି ଘୁଞ୍ଚିବାରେ ଲାଗିଛି ତାକୁ ନେଇ ନିର୍ଭୟାଙ୍କ ମା' ଆଶା ଦେବୀ କ୍ଷୋଭ ଓ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଝିଅଙ୍କ ବଳାତ୍କାରୀ ଓ ହତ୍ୟାକାରୀଙ୍କ ମୃତ୍ୟୁ ଦଣ୍ଡାଦେଶକୁ ନେଇ ରାଜନୀତି ହେଉଛି। ତାରିଖ ପରେ ତାରିଖ ଗଡ଼ିଚାଲିଛି। ବର୍ଷ ବର୍ଷ ଧରି କୋର୍ଟ କଚେରି ଧାଇଁବା ପରେ ମୋତେ କ'ଣ ମିଳିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିପରି ନିର୍ଭୟାଙ୍କ ବାପା ମଧ୍ୟ ମର୍ସି ପିଟିଶନ ଖାରଜ କରାଯିବା ନିଷ୍ପତ୍ତିକୁ ସ୍ୱାଗତ କରିଥିଲେ ହେଁ ଫାଶୀ ଦଣ୍ଡାଦେଶର କାର୍ଯ୍ୟକାରିତାରେ ବିଳମ୍ବିତ ହେବା ତାଙ୍କୁ ନିରାଶ କରିଛି ବୋଲି କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି କେନ୍ଦ୍ରାଧିପ ସପ୍ତମସ୍ଥ ହେତୁ ଯାତ୍ରା, ବାଣିଜ୍ୟ, ପରିବହନ ଓ ନୂତନ କର୍ମାରମ୍ଭ ପାଇଁ ଅସୁବିଧା ହେବନାହିଁ। ଗୃହ ସମସ୍ୟା ସମାଧାନ ହୋଇପାରିବା ସାଙ୍ଗକୁ ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ । ସଭାସମିତି, ସଙ୍ଗଠନ, ରାଜନୀତି, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରୁ ପ୍ରତିବନ୍ଧକ ଦୂର ହୋଇଯିବ ।

**ବୃଷ** ଚନ୍ଦ୍ରଙ୍କ ସ୍ଥିତିଜନିତ ଚଳିତ ପରିସ୍ଥିତିରେ ଗୁରୁତ୍ୱ ଉପଲବ୍ଧି କରି ନିକଟସ୍ଥ ବ୍ୟକ୍ତିମାନଙ୍କୁ ମନ ବୁଝିଲା ଭଳି କଥା କହି ଆପଣେଇ ନେବେ। କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବା ସାଙ୍ଗକୁ ଯାହା କରନ୍ତୁ ନା କାହିଁକି ସେଥିରେ ସଫଳତା ପାଇପାରିବେ। ନୂତନ ଯୋଜନାରମ୍ଭ ପାଇଁ ଅର୍ଥ ସକାଶେ ବନ୍ଧୁଙ୍କ ଦ୍ୱାରସ୍ଥ ହୋଇପାରନ୍ତି।

**ମିଥୁନ** ରବିଙ୍କ ପ୍ରଭାବରେ ଅକୁହା କଥାକୁ ଅନ୍ତରଙ୍ଗ ବନ୍ଧୁଙ୍କ ନିକଟରେ ପ୍ରକାଶ କରି ମନକୁ ହାଲୁକା କରିବେ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ବିଭିନ୍ନ ପ୍ରକାର ଯୋଜନା କରିବା ସକାଶେ ମନ ବଳାଇବେ। ନିଷ୍ପତ୍ତିର ଶେଷ ପର୍ଯ୍ୟାୟରେ ସବୁ କିଛି ଶେଷ ସମୟରେ ଓଲଟ ପାଲଟ ହୋଇଯିବାର ଆଶଙ୍କା ରହିଛି । ମାମଲାମକଦ୍ଦମାରେ ସ୍ଥିତି ଅନୁକୂଳ ରହିବ ।

**କର୍କଟ** ମଙ୍ଗଳଙ୍କ ଲକ୍ଷ୍ମୀସ୍ଥାନାବସ୍ଥାନ ଯୋଗୁ ଆତ୍ମୀୟମାନଙ୍କ ଅନୁଗ୍ରହରୁ ଦିନଟି ସାମଗ୍ରିକ ଦୃଷ୍ଟିକୋଣରୁ ବହୁତ ଭଲରେ ଅତିବାହିତ ହେବ। ପରିବାରରେ ପିଲାମାନଙ୍କ କଳହକୁ କେନ୍ଦ୍ରକରି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ଆର୍ଥିକ ସ୍ଥିତି ଉନ୍ନତ ନ ହେଲେ ମଧ୍ୟ ବିଶେଷ ଅସୁବିଧା ରହିବ ନାହିଁ। ବାଣିଜ୍ୟ, ସାହିତ୍ୟ କ୍ଷେତ୍ରରେ ଆଶାନୁରୂପ ଫଳ ପାଇପାରିବେ।

**ସିଂହ** ବୁଧଙ୍କ ସୁପ୍ରଭାବ ରବିଙ୍କ ସଙ୍ଗତ୍ୱରୁ ନଷ୍ଟହେବା ଯୋଗୁ ଆର୍ଥିକ ଦୁରବସ୍ଥା ସୃଷ୍ଟି ହେବ। ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କଲେ ମଧ୍ୟ ଜିତାପଟ ଆପଣଙ୍କର ହେବାର ସୂଚନା ରହିଛି। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ କୌଣସି ନୂତନ ପଦକ୍ଷେପ ନେଇପାରନ୍ତି। ପରିବାରରେ ପିଲାମାନଙ୍କ କାର୍ଯ୍ୟକଳାପ ନାପସନ୍ଦ ହୋଇପାରେ।

**କନ୍ୟା** କେନ୍ଦ୍ରାଧିପ ବୃହସ୍ପତି ସ୍ୱଗୃହସ୍ଥ ହୋଇ ଶନିଙ୍କ ପ୍ରଭାବରେ କାମକୁ ବିଳମ୍ବିତ କରାଇବେ। ମାନସିକ ଓ ଶାରୀରିକ ଦୃଷ୍ଟିକୋଣରୁ ପ୍ରତିକୂଳ ପ୍ରଭାବଜନିତ ଏକ ପ୍ରକାର ଅଶାନ୍ତି ଅନୁଭବ କରିପାରନ୍ତି। ଭାଙ୍ଗି ପଡ଼ିଥିବା ସମ୍ପର୍କ ଆଜି ପୁଣି ଯୋଡି ହୋଇଯିବାର ସମ୍ଭାବନା ରହିଛି। ସାହିତ୍ୟ,ବିଜ୍ଞାନ ପ୍ରଭୃତି କାର୍ଯ୍ୟରେ ସାମାଜିକ ସ୍ତରରେ ସମ୍ମାନିତ ହେବେ ।

**ତୁଳା** ରାଜଯୋଗକାରକ ଶନି ଭାଗ୍ୟସ୍ଥାନକୁ ଦୃଷ୍ଟି ଦେଉଥିବାରୁ ଧୀରେ ଧୀରେ କାର୍ଯ୍ୟସିଦ୍ଧିର ଝଲକ ଦେଖିବାକୁ ପାଇବେ। ସ୍ୱାସ୍ଥ୍ୟରେ ଉନ୍ନତି ଓ ଧର୍ମକାର୍ଯ୍ୟରେ ବ୍ୟୟଜନିତ ସାମୟିକ ମାନସିକ ସ୍ଥିତି ଭଲ ଦିଗକୁ ଗତି କରିବ। ଦୈନିକ ଜୀବନଚର୍ଯ୍ୟା ମଧ୍ୟରେ ଅପରିଣାମଦର୍ଶୀ ଭାବରେ କୌଣସି କ୍ଷେତ୍ରରେ ମୁଣ୍ଡ ପୂରାଇବା ଠିକ୍ ହେବନାହିଁ।

**ବିଛା** ଅଷ୍ଟମସ୍ଥ ରାହୁ ବିଭିନ୍ନ ପ୍ରକାର ଦୁଶ୍ଚିନ୍ତା ସୃଷ୍ଟିକରି ଶାରୀରିକ ଓ ମାନସିକ ସ୍ଥିତିକୁ ଅସ୍ଥିର କରିପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା, ଅବହେଳିତ କାମ,ଭଲ ସମ୍ପର୍କଥିବା ବ୍ୟକ୍ତିଙ୍କ ଭୁଲ୍ ବୁଝାମଣାକୁ ନେଇ ବିଚଳିତ ରହିବେ। ଅବଶ୍ୟ ଲେଖାପଢ଼ା, କଳା, ସାହିତ୍ୟ ଓ ଅଭିନୟ ଜଗତରୁ ପ୍ରଶଂସା ପାଇବାର ଆଶା ରହିଛି। ସମସ୍ତ କାମ ଠିକ୍ ଭାବେ ଚାଲିବ ।

**ଧନୁ** ରାଶିରେ ମୁଣ୍ଡବିହୀନ ଗ୍ରହ କେତୁ ଆପଣଙ୍କ ତରବରିଆ ନିଷ୍ପତ୍ତିକୁ ନେଇ ସମସ୍ୟା ସୃଷ୍ଟି କରିବେ। କୌଣସି ଛୋଟ ଘଟଣାକୁ ନେଇ ପରିବାର ସଦସ୍ୟମାନଙ୍କ ମିଥ୍ୟା ଅଭିଯୋଗ ସକାଶେ ବିରକ୍ତି ପ୍ରକାଶ କରିପାରନ୍ତି। ବନ୍ଧୁମାନଙ୍କ ସହଯୋଗକ୍ରମେ କେତେକ ନୂତନ କାମର ପରିକଳ୍ପନା କରି କୃତକାର୍ଯ୍ୟ ହେବେ।

**ମକର** ମନଭିତର ଦୁଃଖ ଓ ଅସ୍ଥିରତାକୁ ହୃଦୟରେ ଚାପି ରଖି ମୁହଁରେ ହସ ଫୁଟାଇ କାମ କରିବେ। ଶ୍ରବଣା ନକ୍ଷତ୍ର କର୍ମକ୍ଷେତ୍ରରେ ଅନ୍ୟମାନଙ୍କୁ ସୁହାଇଲା ଭଳି କଥା କହି ପରିସ୍ଥିତିକୁ ହାଲୁକା କରିବାରେ ସମର୍ଥ ହୋଇପାରନ୍ତି। ଆର୍ଥିକ ପ୍ରଗତି, ସାଂଗଠନିକ ଅଗ୍ରଗତି, ଆନୁଷ୍ଠାନିକ କାମରେ ପ୍ରଶସ୍ତି ମନକୁ ସାମୟିକ ହାଲୁକା କରିଦେବ।

**କୁମ୍ଭ** ବିବାଦୀୟ ଘଟଣାକୁ ନେଇ ମାନସିକ ଅବସାଦ ବୃଦ୍ଧି ପାଇପାରେ। ପାରିବାରିକ ଶାନ୍ତି ଓ ସୁସ୍ଥତା ସାମାନ୍ୟ ବ୍ୟାହତ ହେଲେ ମଧ୍ୟ ପରକ୍ଷଣରେ ସବୁକିଛି ଠିକ୍ ହୋଇଯିବ। ଜମିଜମା, ଯାନବାହନ, ବାଣିଜ୍ୟ,ବ୍ୟବସାୟ ସମସ୍ୟା କ୍ରମଶଃ ଜଟିଳ ହେବାର ଆଶଙ୍କା ଦେଖାଦେବ। ଅର୍ଥସଂକଟ ଦୂର ହେବା କାରଣରୁ ଶତଭିଷା ନକ୍ଷତ୍ର ସାମୟିକ ଆଶ୍ୱସ୍ତି ଲାଭ କରିବେ।

**ମୀନ** ପରିବାରରେ ଛୋଟ ଛୋଟ କଥାକୁ କେନ୍ଦ୍ରକରି କଳହ ସୃଷ୍ଟି ହୋଇପାରେ। ରାଜନୀତିରେ ହଠାତ୍ ବିରୋଧୀ ପକ୍ଷ ସକ୍ରିୟ ହୋଇଉଠିବେ, କିନ୍ତୁ କିଛି ଅସୁବିଧା ହେବନି। ଆନୁଷ୍ଠାନିକ କାମରେ ଗଠନମୂଳକ ପରାମର୍ଶ ଦେଇ ପ୍ରଶଂସିତ ହେବେ। ତଥାପି ଆପଣ ସହନଶୀଳତା ଓ ଉଦାରତା ଗୁଣରୁ ପ୍ରତ୍ୟେକ କ୍ଷେତ୍ରରେ ପ୍ରଶଂସିତ ହେବେ।

ଆଜି ଜାନୁୟାରୀ ୧୮ତାରିଖ, ମାଘ କୃଷ୍ଣ ନବମୀ ଶନିବାର, ରାଶି ନକ୍ଷତ୍ର–ସ୍ୱାତୀ/ତୁଳା, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୧୦।୦୭ମି. ଗତେ ଘ୧।୦୨ମି. ମଧ୍ୟେ ଅମୃତବେଳା। ଦିବା ଘ୭।୫୨ମି. ଗତେ ଘ୯।୧୫ମି. ମଧ୍ୟେ, ଘ୧୦।୦୨ମି. ଗତେ ଘ୧।୨୫ମି. ମଧ୍ୟେ ମାହେନ୍ଦ୍ର ବେଳା । ଦିବା ଘ୯।୧୨ମି. ଗତେ ଘ୧୦।୩୪ମି. ମଧ୍ୟେ ରାହୁକାଳ।

# classifieds Everyday

**0674-2580101, 2549302**

### real estate

### SALE

ଭୁବନେଶ୍ୱର New Rly Station ପାଖରେ Yellow zone plot ମିଳୁଛି। 6371406921. D-16190

Plot sale near AIIMS Hospital, Bhubaneswar, Contact: 8280037688, 8480745797, 8480612300. D-68467

ସୁନ୍ଦରପଦା– ଜଟଣୀ ରୋଡ ପ୍ରଧାନ ସାହି ଏବଂ ଜାମୁକୋଳିରେ ୩୦ଫୁଟ ରୋଡଥାଇ ଘରବାରି ପୋଜେସନ୍ ପ୍ଲଟ୍ ସୁଲଭ ମୂଲ୍ୟରେ ମିଳୁଛି। ଯୋଗାଯୋଗ– 7205504254, 7978554467. D-67528

Bhubaneswar Patia Rlystationରୁ 1.5km. ବାସୋପଯୋଗୀ plot 1200 ବର୍ଗଫୁଟକୁ 6,60,000/-ରେ ମିଳୁଅଛି। 8249005131, 9583328312. D-68469

A four storied Building plot size 2805Sft. at Gopabandhu Nagar, Semiliguda, Koraput is for immediate sale. Houses fourteen independent families monthly rent Rs. 52,500/- Negotiable price 1.5Crore, owner mobiles 7977316634 and 9870325400. D-68645

Plot sale Sundarpada near Hi-Tech Plaza sqft-880/- 9861964818, 9337766961. D-16253

Immediate sale south open 3BHK 1528sqft. flat with open garage at Balaji Complex (1st floor) Jharpada, Bhubaneswar, 9330617197, 9830137277, 9861177019. D-67277

Construction of residential and commercial within Rs. 450/-, and Rs. 1000/-, per sqft., 7064105860. D-15988

Bhubaneswar Kesura SBI କଲୋନୀକୁ ଲାଗି ଘରବାଡି ପାଚେରି ସହ ଏବଂ Airportରୁ 5k.m ସୁନ୍ଦରପଦାରେ plot ମିଳୁଅଛି– 9078736851. D-68471

୩୦' ରାସ୍ତାଥାଇ boundary ସହିତ ଘରବାରି ପ୍ଲଟ୍ ଗୁଡିଆପୋଖରୀ ନିକଟରେ କିଣନ୍ତୁ। 9937166932. D-68541

ଭୁବନେଶ୍ୱର New Southcityରେ Infocity-II, New Airport, NH-5 ପାଖାପାଖି ସଙ୍ଗେସଙ୍ଗେ ଘରୋଇ ପଯୋଗୀ ଘରବାରି ପ୍ଲଟ୍ ମିଳୁଛି। 9348906056. D-68470

SC house 23,00,000/- finishing Hanspal (bank finance available) : 8093465134, 9668194157 D-68646

Gharabari plots at Balianta, Bhingarpur and Bagalpur. Immediate possession & registration, contact- 9437147826. D-16175

ଛତାବର ଘରବାରି ପାଚେରି ପ୍ଲଟ 6000sqft. 39,00,000/-, IIT Argul Railway station 4000sqft. 6,00,000/-, 9861281504. D-68542

2/3BHK ready to move premium duplex and flats at DHPL Sahoo Residency near Mancheswar Railway Station. Contact: 9937059891, 8908292617. D-16131

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ 1200sqft. 4,50,000. Contact: 8908492594. D-16256

Flats for sale at DHPL Crystal Raghunathpur. Contact: 9937059891, 8908292617. D-16132

2800 Sqft. gharabari corner plot sale at Bomikhal, Bhubaneswar, only buyer directly contact Deepak: 9937329999. D-68049

Bhubaneswar ସୁନ୍ଦରପଦା ନିକଟରେ ଘରବାରି ପ୍ଲଟ୍ 1500 ବର୍ଗଫୁଟକୁ 13,50,000/, ରେ କିଣି ଆଜି ଘର କରନ୍ତୁ। Investment plot 4,00,000/-, Swati, 8249680401. D-68543

Litigation free, boundarywall, electricity provides plots sale @ Pahala, Hanspal, Phulnakhara, Balianta. Finance available: 9040011888, 9439471272. D-16257

ଭୁବନେଶ୍ୱର ପିତାପଲ୍ଲିଛକ ପାଖରେ 30' ରାସ୍ତା Electricity, boundary plot ମିଳୁଅଛି। 6372852525. D-68474

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

ଭୁବନେଶ୍ୱର Adyanta Science College ପାଖରେ 30' ରାସ୍ତାଥାଇ Developed demarcated plot sqft.-350/-, 650/-, ସୁନ୍ଦରପଦା OEC College ପାଖରେ sqft.-200/, 1st possession/ registration, 7735843008. D-68475

Khandagiri to Dhauli bypass ଦୟାନଦୀ ବନ୍ଧରୁ Revenue road ଥାଇ 10 ଟି ସ୍ଥିତିବାନ୍ ପ୍ଲଟ୍ ବିକ୍ରିହେବ। sqft. 550/-, 9777236619. D-16252

ପ୍ଲଟ୍ ବିକ୍ରିହେବ– ଭୁବନେଶ୍ୱର ଉତ୍ତରା KEC କଲେଜ ପାଖରେ ଘରବାରି ପଟ୍ଟାରୁ। 9178660666. D-68967

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରିମ boundarywall, 30ft road ଏବଂ ବାସୋପଯୋଗୀ plot ଦିଆଯାଉଅଛି। sqft. 650/-, 7008045582, 9692003948. D-16254

Demarketed gharabari plot sale near Sundarpada 550 per sqft. close to 100' road. Contact: 8018516246. D-68760

### PURCHASE

Required used 1/2/3 BHK flats, Duplexes, Simplexes for Akankshya group, 7978736177. D-68229

### construction

Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech 9040008777. D-16229

### to-let

3BHK flat near Biju Pattnaik Energy Park, 350 mtrs. from Khandagiri Square. Contact: 9937235603. D-16196

Furnished houses available for office/ godown/ residence near Bomikhal: 9437001960. D-68647

One, Two roomed house 300sqft. in 3rd floor at Cuttack road, Jyoti Petrol Pump, adjacent to Yamaha Show Room and opposite to Falcon house, Bhubaneswar, for immediate occupation, 9438081042, 9438668573. D-16162

One hall for Office 1000sqft. in the first floor suitable for Office, Business units will be vacant on 31st March 2020. Book immediately before others book it. This is on the Cuttack road, Jyoti Petrol Pump compound adjacent to Yamaha Show Room infront of Falcon house, Bhubaneswar, 9438081042, 9438668573. D-16163

3BHK with parking for families only, near AMRI Hospital, Kolathia. Contact No. 9348534277. D-16211

### healthcare

Rejuvenate and ayurvedic full body massage by smart therapist. 9114402304. D-68946

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68756

Ayurvedic full body massage ladies and gents. Contact: 9861064981. D-68759

Refresh your body with smart and expert therapist. Contact: 8457855286. D-68962

Sai herbal spa refresh your body with smart, expert therapist. 7608062524. D-68961

Refresh your mind and soul with best therapy at Orchid Salon/Spa. 9937287222. D-68755

Ayurvedic full body massage ladies/gents smart experts therapist:- 8480939300. D-68753

Newly open full body massage by ladies, gents therapist. 8018656899 D-60863

Ayurvedic full body massage by ladies, gents therapist. 7008773793 D-60864

Full body herbal massage with refreshment expert therapist. 7381239385, 06742540855. D-68963

Experience full body massage with us (expert). Call: 7377048581, 06742597822. D-68964

Herbal full body massage by smart / expert therapist. Contact: 8338067247. D-68965

Experience winter therapeutic Abhyanga massage feeling refreshing energetic: Appointment- 9668374480. D-68966

Male therapist full body massage with relax, BBSR. Contact: 8328868891. D-16258

### AFFIDAVIT

By virtue of an affidavit before the Notary Chandikhole, I Zainab Shaikh, W/o-Sidiquddin Shaikh, at-Oliman Mohalla, PO-Charinangal, PS-Balichandrapur, Dist-Jajpur, Odisha, India, 754292 declare that after marriage Sidiquddin Shaikh I have changed my name Bindika Pradhan to Zainab Shaikh for all purposes. D-16259

### ନିରୁଦ୍ଦିଷ୍ଟ



ମୋର ନାମ ଫୁରକାନ୍ ଖାନ୍, ମୋ ପୁଅ ସାକିବ ଖାନ୍, ୧୪ବର୍ଷ, ବର୍ଣ୍ଣ–କଳା, ପତଳା, ଉଚ୍ଚତା–୫'୬'', ମୋ ଘର ଭୁବନେଶ୍ୱର ସୁନ୍ଦରପଦାରୁ ତା. ୦୫।୦୧।୨୦୨୦, ୯:୩୦ ରାତିରୁ କୁଆଡ଼େ ପଳେଇଯାଇଛି। ସେ ଯିବା ପୂର୍ବରୁ କଳାରଙ୍ଗର ସାର୍ଟ, ଧଳାରଙ୍ଗର ପ୍ୟାଣ୍ଟ, ନୀଳରଙ୍ଗର ଜ୍ୟାକେଟ୍ ପିନ୍ଧିଥିଲା। ଯଦି କେହି ସହୃଦୟ ବ୍ୟକ୍ତି ତା'ର କୌଣସି ଠିକଣା ପାଆନ୍ତି ତେବେ ମୋବାଇଲ ନଂ– 8280173616 ରେ ଜଣାଇବାକୁ ଅନୁରୋଧ। ଆମେ ସେ ବ୍ୟକ୍ତିଙ୍କୁ ୧୦,୦୦୦/– ପୁରସ୍କାର ଦେବୁ। ଧ–୬୮୩୨୯

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

### LEGAL NOTICE

ମାନନୀୟ ଶ୍ରୀଯୁକ୍ତ ଦ୍ୱିତୀୟ ଅତିରିକ୍ତ ସିଭିଲ ଜଜ୍ ସିନିୟର ଡ଼ିଭିଜନ୍, ଭୁବନେଶ୍ୱର
ସିଭିଲ ସୁଟ ନଂ ୪୦୮/ ୨୦୧୦

ରମେଶ ସୋରେଣ ବ୬୧ବର୍ଷ ପିତା– ଦୂର୍ଗା ଚରଣ ସୋରେଣ, ସା–ଭାଲିଆଡ଼ିହି, ପୋ.ଅ– ଅଟାନଟୀ, ଜିଲ୍ଲା– ମୟୂରଭଞ୍ଜ। ............ବାଦୀ

ବନାମ

୩– କ୍ଷିରୋଦିନି ମଲ୍ଲିକ (ମୃତ)
୩(କ) ଦୁଃଶାସନ ମଲ୍ଲିକ ବ୬୮ବର୍ଷ
୩(ଖ) ଶୁଶାନ୍ତ କୁମାର ମଲ୍ଲିକ ବ୩୮ବର୍ଷ, ପିତା– ଦୁଃଶାସନ ମଲ୍ଲିକ
୩(ଗ) ଲକ୍ଷ୍ମୀନାରାୟଣ ମଲ୍ଲିକ ବ୩୬ବର୍ଷ, ପିତା–ଦୁଃଶାସନ ମଲ୍ଲିକ ସା–ଫ୍ଲାଟ୍ ନଂ. ସି–୧୦୧, ଇନ୍ଫୋସିଟୀ ଗାର୍ଡ଼େନ, ଶୈଳଶ୍ରୀ ବିହାର, ପାୱାରଗ୍ରିଡ଼ଏଭିନ୍ୟୁ, ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା
..........ପ୍ରତିବାଦୀମାନେ।

ବିଜ୍ଞାପନ

ଏତଦ୍ୱାରା ତୁମ୍ଭେ ପ୍ରତିବାଦୀମାନଙ୍କ ବିରୁଦ୍ଧେ ବାଦୀସ୍ୱତ୍ୱ ସାବ୍ୟସ୍ତ ଓ ଦଖଲ ଏବଂ ଚିରସ୍ଥାୟୀ ନିଷେଧାଜ୍ଞା ପ୍ରାର୍ଥନା କରି ମୋକଦ୍ଦମା ଆଗତ କରିଅଛନ୍ତି। କିନ୍ତୁ ଅଦାଲତରୁ ବାରମ୍ବାର ନୋଟିସ୍ ଆଦି ଯାଉଥିଲେ ମଧ୍ୟ ନିଜକୁ ଲୁଚାଇ ଛପାଇ ନୋଟିସ୍ ଗ୍ରହଣ କରୁନାହାନ୍ତି। କିମ୍ବା ଅଦାଲତରେ ହାଜର ହେଉନାହାନ୍ତି। ତେଣୁ ତୁମ୍ଭେ ପ୍ରତିବାଦୀମାନେ ଧାର୍ଯ୍ୟ ତା ୧୪।୦୨।୨୦୨୦ ରିଖେ ସ୍ୱୟଂ କିମ୍ବା ଅଭିବକ୍ତାଙ୍କ ଜରିଆରେ ହାଜର ହୋଇ ମୋକଦ୍ଦମାର ବିହିତ କାର୍ଯ୍ୟ କରିବେ, ନଚେତ ଧାର୍ଯ୍ୟ ତାରିଖ ଗତେ ଆଇନତଃ ତୁମ୍ଭ ବିରୁଦ୍ଧରେ ମୋକଦ୍ଦମାର ଶେଷ ଆଦେଶ ଗ୍ରହଣ କରାଯିବ। ଅଦ୍ୟ ଆମ୍ଭର ସ୍ୱାକ୍ଷର ଅଦାଲତରେ ମୋହର ଯୁକ୍ତ କ୍ରମେ ଦିଆଗଲା।

ଭୁବନେଶ୍ୱର
ତା. ୩।୧।୨୦୨୦

Sd/- Sri N. R. Lenka
ଦ୍ୱିତୀୟ ଅତିରିକ୍ତ ସିଭିଲ ଜଜ୍
ସିନିୟର ଡ଼ିଭିଜନ୍
ଭୁବନେଶ୍ୱର
ଧ–୧୬୨୪୨

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**



ଯିଏ ଯାହା ମନରେ ଅଛି, ସେ ତା ଠାରୁ ଦୂରରେ ରହି ମଧ ଦୂରରେ ନ ଥାଏ କିନ୍ତୁ ଯିଏ ଯାହା ମନରେ ନାହିଁ, ସେ ତା ପାଖରେ ଥାଇ ମଧ ଦୂରରେ ଥାଏ।

- ଚାଣକ୍ୟ

# ୨୦ରୁ 'କୃଷି ଓଡ଼ିଶା-୨୦୨୦'

- ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ
- ଯୋଗଦେବେ ୧୧୨ ଜାତୀୟ ଓ ଅନ୍ତର୍ଜାତୀୟ କମ୍ପାନୀ
- ଚାଷୀ ଜାଣିବେ ନୂତନ ଜ୍ଞାନକୌଶଳ ଓ କୃଷି ପ୍ରଣାଳୀ

ଭୁବନେଶ୍ୱର, ୧୭।୧(ବ୍ୟୁରୋ)

ରାଜ୍ୟର କୃଷକମାନଙ୍କୁ କୃଷିକ୍ଷେତ୍ରରେ ପ୍ରୟୋଗ ହେଉଥିବା ନୂତନ ଜ୍ଞାନକୌଶଳ ସହିତ ପରିଚିତ କରାଇବା ଲକ୍ଷ୍ୟ ନେଇ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଆସନ୍ତା ୨୦ରୁ ଆରମ୍ଭ ହେବାକୁ ଯାଉଛି ରାଜ୍ୟସ୍ତରୀୟ କୃଷି ମହୋତ୍ସବ 'କୃଷି ଓଡ଼ିଶା-୨୦୨୦'। ଭୁବନେଶ୍ୱର ଜନତା ମଇଦାନରେ ହେବାକୁ ଥିବା ଏହି ମହୋତ୍ସବ ୫ ଦିନ ଧରି ଚାଲିବ।



କୃଷି ମହୋତ୍ସବ ସମ୍ପର୍କିତ ଖବରଦାତା ସମ୍ମିଳନୀରେ ମନ୍ତ୍ରୀ ଅରୁଣ କୁମାର ସାହୁ ସୂଚନା ଦେଉଛନ୍ତି।

କୃଷିର ଗୁରୁତ୍ୱ ଏବଂ କୃଷକଙ୍କ ଅବଦାନକୁ ସ୍ୱୀକୃତି ପ୍ରଦାନ ସହିତ କୃଷି କ୍ଷେତ୍ରରେ ନୂତନ ଜ୍ଞାନକୌଶଳର ପ୍ରଦର୍ଶନ ଲକ୍ଷ୍ୟରେ ଚଳିତବର୍ଷ ୨୨୮ ଷ୍ଟଲ ନିର୍ମାଣ କରାଯାଇଛି। ଏଥିରେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ପ୍ରାୟ ୧୧୨ କମ୍ପାନୀ ଯୋଗଦେବେ। ଦେଶ, ବିଦେଶରେ କୃଷି କ୍ଷେତ୍ରରେ ଘଟୁଥିବା ନୂତନ ଜ୍ଞାନକୌଶଳ ଓ କୃଷି ପ୍ରଣାଳୀ ସହ ଓଡ଼ିଶାର ଚାଷୀଙ୍କୁ ପରିଚିତ କରାଇବା ନିମନ୍ତେ ପ୍ରତିଦିନ ଆଲୋଚନାଚକ୍ର ଓ ପାଠଶାଳାର ଆୟୋଜନ କରାଯାଇଛି। ପ୍ରତ୍ୟହ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଆଲୋଚନାଚକ୍ରର ଆୟୋଜନ କରାଯିବ। ଏଥିରେ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ଅନୁଷ୍ଠାନର ବିଶିଷ୍ଟ କୃଷି ବିଜ୍ଞାନୀ, କୃଷି ବିଶେଷଜ୍ଞ, କୃଷି ଅଧିକାରୀ ଓ ରାଜ୍ୟ ସରକାରଙ୍କ ବରିଷ୍ଠ ପଦାଧିକାରୀମାନେ ଯୋଗଦେବେ। ମୁଖ୍ୟତଃ ଜଳବାୟୁ ଆଧାରିତ କୃଷି ଜ୍ଞାନକୌଶଳ, ଜଳସମ୍ପଦର ସୁବିନିଯୋଗ, ବିଭିନ୍ନ କୃଷି ସମସ୍ୟାର ସ୍ଥାୟୀ ସମାଧାନ, ମୂଲ୍ୟଯୁକ୍ତ ଉତ୍ପାଦ ପାଇଁ ବଜାର ସଂଯୋଗ, କୃଷି ଉଦ୍ୟୋଗୀମାନଙ୍କ ପାଇଁ ମୂଲ୍ୟ ଶୃଙ୍ଖଳ ପରିଚାଳନା, ଫସଲ ଅମଳ ପରବର୍ତ୍ତୀ ଯତ୍ନ ଓ ପରିଚାଳନା, କୃଷି କ୍ଷେତ୍ରରେ ବୀମାଭିତ୍ତିକ ଆପଦକାଳୀନ ସ୍ଥିତି ପରିଚାଳନା, ଲାଭପ୍ରଦ କୃଷି ପାଇଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଭୂମିକା ଓ ଦାୟିତ୍ୱ ବିଷୟରେ ଆଲୋଚନା କରାଯିବ। 'କୃଷି ଓଡ଼ିଶା-୨୦୨୦'କୁ ଆସନ୍ତା ୨୦ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିବେ ଏବଂ ୨୪ରେ ଉଦ୍‌ଯାପନୀ ସନ୍ଧ୍ୟାରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ମୁଖ୍ୟଅତିଥି ଭାବେ ଯୋଗଦେବେ ବୋଲି କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଅରୁଣ କୁମାର ସାହୁ କହିଛନ୍ତି। ବିଭାଗ ପକ୍ଷରୁ ଶୁକ୍ରବାର ଜନତା ମଇଦାନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମନ୍ତ୍ରୀ ଏହି ସୂଚନା ଦେଇଛନ୍ତି।



ଭାରତର ଲୋକପାଳ ପିନାକୀ ଚନ୍ଦ୍ର ଘୋଷ ସସ୍ତ୍ରୀକ ଶୁକ୍ରବାର ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ ସାରି ଶ୍ରୀମନ୍ଦିରରୁ ଫେରୁଛନ୍ତି।

# ଟ୍ରକ୍ ପଛରେ ପିଟି ହେଲା ବାଇକ୍, ହାଉସ୍ ସର୍ଜନ ମୃତ



ଆଶିଷ ଅଗ୍ରୱାଲଙ୍କ ଫାଇଲ୍ ଫଟୋ।

ସମ୍ବଲପୁର,୧୭।୧(ବ୍ୟୁରୋ)

ଟ୍ରକ ପଛରେ ଏକ ବାଇକ୍ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣେ ହାଉସ୍ ସର୍ଜନଙ୍କ ମୃତ୍ୟୁ ଘଟିଛି । ତାଙ୍କ ନାମ ଆଶିଷ ଅଗ୍ରୱାଲ । ସମ୍ବଲପୁର ବୁର୍ଲାସ୍ଥିତ ଭିମ୍‌ସାରର ହାଉସ ସର୍ଜନ ଆଶିଷ ଶୁକ୍ରବାର ନିଜ ବାଇକ୍‌ରେ ଆସୁଥିଲେ । ଅଇଁଠାପାଲି ଥାନା ପାଞ୍ଚଗୋଛିଆ ଛକରେ ଛିଡା ହୋଇଥିବା ଏକ ଟ୍ରକ୍ ପଛରେ ତାଙ୍କ ବାଇକ୍‌ଟି ଭାରସାମ୍ୟ ହରାଇ ପିଟି ହେବାରୁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା ।। ଜମନକିରା ଥାନା ଭୋଇପୁର ଗ୍ରାମର ଆଶିଷଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଅଇଁଠାପାଲି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି ।

ପୋଲିସ କହିଛି, ଅଇଁଠାପାଲିସ୍ଥିତ ହୋଣ୍ଡା ସୋ ରୁମ୍‌ରୁ ସେ ତାଙ୍କ ବାଇକ୍ ସର୍ଭିସିଂ କରି ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ହେଲମେଟ ପିନ୍ଧିଥିଲେ ମଧ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ସ୍ଥାନୀୟ ଲୋକେ ଉଦ୍ଧାର କରି ପୋଲିସକୁ ଖବର ଦେବା ସହ ମେଡିକାଲ ନେଇଥିଲେ। ଶନିବାର ଭିମ୍‌ସାର ପରିସରରେ ଥିବା ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ନିକଟରେ ଶେଷ ଦର୍ଶନ ପାଇଁ ତାଙ୍କ ମୃତଦେହ ରଖା ଯାଇଥିଲା । ଭିମ୍‌ସାର ନିର୍ଦ୍ଦେଶିକା ଡାକ୍ତର ପ୍ରଭାତି ରଥ, ଅଧକ୍ଷ ବ୍ରଜ ମୋହନ ମିଶ୍ର, ପ୍ରଶାସକ ସୁବ୍ରତ ନାଏକ, ଓମ୍‌ଟା ସଭାପତି ବିମଳ ପଣ୍ଡା, ଜେଡିଏ ସଭାପତି ସଞ୍ଜୀବ ମିଶ୍ରଙ୍କ ସମେତ ହାଉସ ସର୍ଜନ ଛାତ୍ରୀଛାତ୍ର ତାଙ୍କ ଶେଷ ଦର୍ଶନ କରିଥିଲେ।

# ପୂର୍ବତନ ବିଧାୟକ ଅନାମ ନାଏକଙ୍କ ଘରେ ଭିଜିଲାନ୍ସ ଯାଞ୍ଚ

## ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ

କଟକ ଅଫିସ / ଭବାନୀପାଟଣା, ୧୭।୧ (ଡି.ଏନ.ଏ.)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭବାନୀପାଟଣା ବିଧାନସଭା ଆସନର ପୂର୍ବତନ ବିଧାୟକ ଅନାମ ନାଏକଙ୍କ ଘରେ ଶୁକ୍ରବାର ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ପକ୍ଷରୁ ଜାରି କରାଯାଇଥିବା ତଲାସି ୱାରେଣ୍ଟ ବଳରେ କୋରାପୁଟ ଭିଜିଲାନ୍ସ ଡିଭିଜନର ଅଧିକାରୀମାନେ ନାଏକଙ୍କ ଘର ସମେତ ମୋଟ୍ ୪ଟି ସ୍ଥାନରେ ଏକକାଳୀନ ଯାଞ୍ଚ କରିଥିଲେ। ଯାଞ୍ଚ ହୋଇଥିବା ସ୍ଥାନଗୁଡ଼ିକ ହେଉଛି ଭବାନୀପାଟଣା ସହରର ନାକ୍‌ଟିଗୁଡ଼ା ନିକଟରେ ଥିବା ୩ ମହଲା କୋଠା, ମ.ରାମଚନ୍ଦ୍ରପୁର ସହରରେ ଥିବା ଡ୍ୟୁପ୍ଲେକ୍ସ ଲଜ୍, ନାକ୍‌ଟିଗୁଡ଼ାଠାରେ ଥିବା ବ୍ୟବସାୟିକ କୋଠା, ଭବାନୀପାଟଣାର ପୂର୍ଣ୍ଣପଡ଼ାଠାରେ ନିର୍ମାଣାଧୀନ ଲଜ୍ ଓ କୋଠାକୁ ଭିଜିଲାନ୍ସ ଯାଞ୍ଚ କରିଛି। ଉପରୋକ୍ତ ସ୍ଥାନଗୁଡ଼ିକ ଯାଞ୍ଚ କରାଯିବା ପରେ ମୋଟ୍ ୩ କୋଟି ୪୨ ଲକ୍ଷ ୯୯ହଜାର ୪୦୨ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ କରାଯାଇଛି।

ଭିଜିଲାନ୍ସ କରିଥିବା ସମ୍ପତ୍ତିଗୁଡ଼ିକର ମୂଲ୍ୟାୟନ ଅନୁଯାୟୀ, ନାକ୍‌ଟିଗୁଡ଼ାଠାରେ ଥିବା ୩ମହଲା କୋଠାର ମୂଲ୍ୟ ୧୮ ଲକ୍ଷ ୪୭ହଜାର ୪୦୮ ଟଙ୍କା, ମ.ରାମଚନ୍ଦ୍ରପୁରଠାରେ ଥିବା ଡ୍ୟୁପ୍ଲେକ୍ସ ଲଜ୍ ଓ ମାର୍କେଟ କମ୍ପ୍ଲେକ୍ସର ମୂଲ୍ୟ ୫୭ ଲକ୍ଷ ୫୯ହଜାର ଟଙ୍କା, ପୂର୍ଣ୍ଣପଡ଼ାଠାରେ ଥିବା କୋଠାର ମୂଲ୍ୟ ୫୧ ଲକ୍ଷ ୮୬ହଜାର ଟଙ୍କା, ଓ ନିର୍ମାଣାଧୀନ ଲଜ୍‌କୁ ୧୯ ଲକ୍ଷ ୬୪ହଜାର ୨୨୩ ଟଙ୍କାରେ ହିସାବ କରାଯାଇଛି। ଏହାବାଦ ନାକ୍‌ଟିଗୁଡ଼ାଠାରେ ଥିବା ତାଙ୍କର ଦୁଇଟି ଏକ ମହଲା କୋଠାର ମୂଲ୍ୟ ୪ ଲକ୍ଷ ୮୭ହଜାର ୨୬୯ ଟଙ୍କା ହୋଇଥିବାବେଳେ ନାକ୍‌ଟିଗୁଡ଼ାଠାରେ ୧ ଲକ୍ଷ ୫୯ହଜାର ୩୭୩ ଟଙ୍କାର ଗୋଟିଏ ମାର୍କେଟ କମ୍ପ୍ଲେକ୍ସ ରହିଛି। ସେହିପରି ନାକ୍‌ଟିଗୁଡ଼ାଠାରେ ତାଙ୍କର ୫୯ହଜାର ଟଙ୍କାର ଗୋଟିଏ ଗ୍ୟାରେଜ୍ ଘର ଥିବାବେଳେ ୯୪ ଲକ୍ଷ ୭ହଜାର ଟଙ୍କାର କୃଷି ଓ ଅଣକୃଷି ଜମି ଭିଜିଲାନ୍ସ ଠାବ କରିଛି। ନାଏକଙ୍କର ୭ ଲକ୍ଷ ଟଙ୍କାର ଗୋଟିଏ ଟ୍ରାକ୍ଟର, ୨୪ ଲକ୍ଷ ଟଙ୍କାର ଗୋଟିଏ ସ୍କର୍ପିଓ ଓ ଗୋଟିଏ କାର୍ ରହିଛି। ଏଥିସହିତ ୧ ଲକ୍ଷ ୬୧ହଜାର ଟଙ୍କାର ୩ଟି ମୋଟରସାଇକେଲକୁ ମଧ ଭିଜିଲାନ୍ସ ଠାବ କରିଛି। ନାଏକଙ୍କର ୪୯ ଲକ୍ଷ ୩୩ହଜାର ୭୦୨ ଟଙ୍କାର ବ୍ୟାଙ୍କ ଜମା ଓ ୨ ଲକ୍ଷ ଟଙ୍କାର ଜୀବନବୀମା ପଲିସି ରହିଛି। ଏତଦ୍‌ବ୍ୟତୀତ ତାଙ୍କ ଘରୁ ୮୦ହଜାର ଟଙ୍କାର ସୁନାଗହଣା, ନଗଦ ୧୩,୬୮୦ ଟଙ୍କା, ୬ ଲକ୍ଷ ୨୧ହଜାର ୩୭୭ ଟଙ୍କାର ଗୃହ ଉପକରଣ ସାମଗ୍ରୀକୁ ମଧ ଭିଜିଲାନ୍ସ ଠାବ କରିଛି। ମ.ରାମଚନ୍ଦ୍ରପୁର ମାର୍କେଟ କମ୍ପ୍ଲେକ୍ସରେ ବିଦେଶୀ ମଦଦୋକାନ ପାଇଁ କିଣାଯାଇଥିବା ସାମଗ୍ରୀର ମୂଲ୍ୟ ୩ ଲକ୍ଷ ୨୦ହଜାର ୩୫୦ ଟଙ୍କା ହେବ ବୋଲି ଭିଜିଲାନ୍ସ ସୂଚନା ଦେଇଛି।



ପୂର୍ବତନ ବିଧାୟକ ଅନାମ ନାଏକ ଏବଂ ତାଙ୍କ ଘର ।

ନାଏକଙ୍କ ସମ୍ପର୍କରେ ଭିଜିଲାନ୍ସ ଦେଇଥିବା ଅଧିକ ସୂଚନା ଅନୁଯାୟୀ, ୧୯୯୦ ମସିହାରେ ନାଏକ କଳାହାଣ୍ଡି ଜିଲାପାଳଙ୍କ କାର୍ଯ୍ୟାଳୟରେ ଜଣେ କନିଷ୍ଠ କିରାଣି ଭାବେ ସରକାରୀ ଚାକିରିରେ ଯୋଗଦେଇଥିଲେ। ଏହାପରେ ସେ ଭବାନୀପାଟଣା ତହସିଲଦାରଙ୍କ କାର୍ଯ୍ୟାଳୟ, ଭବାନୀପାଟଣା ବ୍ଲକ ଆଦି ସ୍ଥାନରେ କାର୍ଯ୍ୟ କରିଛନ୍ତି। ୧୫ ବର୍ଷ ତଳେ ସେ ସରକାରୀ ଚାକିରିରୁ ଇସ୍ତଫା ଦେଇ ସକ୍ରିୟ ରାଜନୀତିରେ ଯୋଗ ଦେଇଥିଲେ। ୨୦୧୪ ନିର୍ବାଚନରେ ନାଏକ ଭବାନୀପାଟଣା ବିଧାନସଭା ଆସନରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ।

## ଆଜି କ'ଣ କେଉଁଠି

**ବେଲପାହାଡ଼**
- ପୌରାଞ୍ଚଳସ୍ତରୀୟ ବେବି ଶୋ, ଟିଆରଏଲ୍ ଜୁବୁଲି ହଲ୍, ଅପରାହ୍ନ-୩ଟା ।

**ବିଜେପୁର**
- ଜନରାଜ୍ୟ ଦିବସ ପାଇଁ ବିଭିନ୍ନ ପ୍ରତିଯୋଗିତା, ବିଜେପୁର ଶଙ୍କର୍ଷଣ ଟିଓ୍ୟୁପି ସ୍କୁଲ, ପୂର୍ବାହ୍ନ-୧୦ଟା ।

**ଦେବଗଡ଼**
- ନୂପୁର ନୃତ୍ୟ ସଙ୍ଗୀତ ଉତ୍ସବ ଅନ୍ତିମ ସନ୍ଧ୍ୟା, ଇଣ୍ଡୋର ଷ୍ଟାଡ଼ିୟମ, ଦେବଗଡ଼, ସନ୍ଧ୍ୟା ୬ଟା।
- ରାଜ୍ୟସ୍ତରୀୟ ଦିବାରାତି ମହିଳା ପୁରୁଷ କବାଡ଼ି ଟୁର୍ନାମେଣ୍ଟ, ଗୋପାଳଜୀ ମନ୍ଦିର ପରିସର, ଅପରାହ୍ନ ୪ଟା।
- ଜିଲାସ୍ତରୀୟ ନିଯୁକ୍ତି ମେଳା, ସରକାରୀ ପଲିଟେକ୍‌ନିକ କଲେଜ, ଦେବଗଡ଼, ପୂର୍ବାହ୍ନ ୧୦ଟା ୩୦।

**ବୌଦ୍ଧ**
- ସର୍ବଭାରତୀୟ ଡିଏସ କପ୍ ଫୁଟବଲର ଚତୁର୍ଥ ଦିନ ଖେଳ, କଚେରୀ ଖେଳପଡିଆ, ଅପରାହ୍ନ ସାଢେ ୨ଟା ।


THE KOSALA SCHOOL, Estd- 1979
English Medium Residential Public School,
At- Nuakhairpali, Po- Larasara, Via- Attabira, Dist- Bargarh,
Pin- 768027, Email- thekosalaschool1979@gmail.com,
Website-www.thekosalaschool.in,
Mob- 6371537828/ 6371532877/ 7682032632

KOSALA ENTRANCE TEST 2020-21
* Admissions open for classes LKG to Std-IX for BOARDERS ONLY.
* Interested candidates are to appear entrance test in English, Mathematics and General Awareness on the 9th February/ 16th February 2020.
* Candidates qualified in entrance test will get admission strictly on merit basis for limited seats available.
* Enquiry time over phone- 10.00 am to 2.00 pm.
* Entrance test timings- 10.30 am to 12.30 pm.
* Selling of Admission Forms will start from 23rd January 2020.

Sd./- PRINCIPAL


# ପାଳଗଦାରୁ ଦରପୋଡ଼ା ମୃତଦେହ ଉଦ୍ଧାର

## ସୁନାପଲ୍ଲୀରେ ଯୁବକଙ୍କୁ ହତ୍ୟା
- ଜଣେ ଅଟକ, ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ

କବିସୂର୍ଯ୍ୟନଗର,୧୭।୧

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ସୁନାପଲ୍ଲୀ ଗ୍ରାମରେ ଜଣେ ଯୁବକଙ୍କୁ ହତ୍ୟା ପରେ ପାଳଗଦାରେ ପକାଇ ନିଆଁ ଲଗାଇ ଦିଆଯାଇଛି। ଶୁକ୍ରବାର ଅର୍ଦ୍ଧଦଗ୍ଧ ମୃତଦେହକୁ ପୋଲିସ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଛି। ମୃତକ ହେଲେ ଉକ୍ତ ଥାନା ଆଠଗଡ଼ପାଟଣାର ସୁରେଶ ଦାସ ଓରଫ କାଳିଆ (୨୪)। ମୃତକଙ୍କ ଭାଇ ରବୀନ୍ଦ୍ରଙ୍କ ଏତଲାକୁ ଭିତ୍ତି କରି ସ୍ଥାନୀୟ ପୋଲିସ ନଂ. ୧୪/୨୦ରେ ମାମଲା ରୁଜୁ କରି ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି। ଘଟଣାସ୍ଥଳରୁ ବ୍ୟାଗ, ହେଲ୍‌ମେଟ, ବାଇକ୍, ଡିଏଲ୍, ଏଟିଏମ୍ କାର୍ଡ ପୋଲିସ ଜବତ କରି କରିଛି।

କାଳିଆ ପୁରୀର ଏକ ହୋଟେଲ୍‌ରେ କାମ କରନ୍ତି। ଗୁରୁବାର ସନ୍ଧ୍ୟାରେ ସେ ବ୍ରହ୍ମପୁର ଯିବି ବୋଲି ଘରେ କହି ଅଣିନ୍ଦପୁର ସାଙ୍ଗ ଘରକୁ ଯାଇଥିଲେ। ସେଠାରୁ ବାଇକ୍‌ରେ ଭାରତଲୀଳା ନାଟକ ଦେଖିବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ଶୁକ୍ରବାର ସକାଳେ ସୁନାପଲ୍ଲୀ ଗ୍ରାମ ଲାଲୁଘାଇ ନିକଟରେ ଥିବା ଏକ ପାଳଗଦାରେ ନିଆଁ ଲାଗିଥିବା ଲୋକେ ଦେଖିଥିଲେ। ନିଆଁରେ ଏକ ମୃତଦେହ ଜଳୁଥିବା ଦେଖି ସେମାନେ ପୋଲିସକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ବେଳେ ପୋଲିସ ପହଞ୍ଚି ଯୁବକଙ୍କ ଦରପୋଡ଼ା ମୃତହେଦ ଉଦ୍ଧାର କରିଥିଲା। ମୃତକଙ୍କ ଦୁଇଟି ଗୋଡ଼ ଶରୀରରୁ ବିଚ୍ଛିନ୍ନ ହୋଇପଡ଼ିଥିବା ବେଳେ ଧାରୁଆ ଅସ୍ତ୍ରରେ ମୁଣ୍ଡର ୨/୩ ସ୍ଥାନରେ ହଣାଯାଇଥିବା ପୋଲିସ କହିଛି। ପ୍ରାଥମିକ ତଦନ୍ତରୁ ଏହି ଘଟଣା ଗୁରୁବାର ମଧରାତିରେ ଘଟିଥିବା ବେଳେ ପ୍ରଥମେ ହତ୍ୟା ତା' ପରେ ପ୍ରମାଣ ନଷ୍ଟ କରିବାକୁ ଯାଇ ମୃତଦେହ ପାଳଗଦାରେ ପକାଇ ପୋଡ଼ି ଦିଆଯାଇଥିବା ପୋଲିସ କହିଛି। ଘଟଣାସ୍ଥଳରେ କବିସୂର୍ଯ୍ୟନଗର ଏଏସ୍‌ଆଇ ସ୍ନେହା ମଞ୍ଜରୀ ସାହୁ ଓ ପ୍ରସନ୍ନ କୁମାର ପରିଡ଼ା, ବାଲିଛାଇ ଫାଣ୍ଡି ଅଧିକାରୀ ଉମା ଚରଣ ପ୍ରହରାଜ, ପୁରୁଷୋତ୍ତମପୁର ଏସ୍‌ଡିପିଓ ସୀମା ସ୍ୱାଇଁ, ପୋଲସରା ଆଇଆଇସି ଜିତେନ୍ଦ୍ର ମଳିକଙ୍କ ସହ ସାଇଣ୍ଟିଫିକ୍ ଟିମ ପହଞ୍ଚି ତଦନ୍ତ ଚଳାଇଛନ୍ତି। ହତ୍ୟା କାଣ୍ଡରେ ସମ୍ପୃକ୍ତ ଥିବା ସନ୍ଦେହରେ ପୋଲିସ ସୁନାପଲ୍ଲୀ ସ୍କୁଲ ନିକଟରୁ ଜଣଙ୍କୁ ଧରିବା ସହ ଅନ୍ୟ ଜଣେ ଫେରାର ଅଛନ୍ତି। ଶୀଘ୍ର ଅଭିଯୁକ୍ତଙ୍କୁ ଧରାଯିବ, ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଅଧିକ ଘଟଣା ସମ୍ପର୍କରେ ଜଣାପଡ଼ିବ ବୋଲି ତଦନ୍ତକାରୀ ଅଧିକାରୀ ଏଏସ୍‌ଆଇ ସାହୁ କହିଛନ୍ତି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ମୋବାଇଲ ଚୋରି କରି ଜଣେ ଗିରଫ

ରେଙ୍ଗାଲି, ୧୭।୧ (ଡି.ଏନ.ଏ.)

ସମ୍ବଲପୁର ଜିଲା ଠେଲକଲୋଇ ଥାନା ଅନ୍ତର୍ଗତ ଖିଣ୍ଡା ଗ୍ରାମରୁ ମୋବାଇଲ ଚୋରି କରି ଜଣେ ଗିରଫ ହୋଇଛନ୍ତି। ସେ ହେଲେ ଝାରସୁଗୁଡା ଜିଲା ଝଣ୍ଡା ଛକର ଅଙ୍କୁଶ ଭଗତ (୨୭)। ଗୁରୁବାର ଖିଣ୍ଡା ଗ୍ରାମର ରଞ୍ଜିତ କୁମାର ମଝି ଦୋକାନରୁ ଘରକୁ ଫେରି ବାଡି ପଟକୁ ଯାଇଥିଲେ । ଏହି ସମୟରେ ଅଭିଯୁକ୍ତ ତାଙ୍କ ଘରୁ ବାହାରୁଥିବା ଦେଖି ତାଙ୍କୁ ଅଟକାଇଥିଲେ। ହେଲେ ଏକ ନମ୍ବର ବିହୀନ ଗାଡି ଧରି ପଳାଇବାକୁ ଚେଷ୍ଟା କରିଥିଲେ। ରଞ୍ଜିତ ଚିତ୍କାର କରିବାରୁ ପାଖରେ ଥିବା ସୁଶାନ୍ତ ବାସରା, ରାଜେଶ ବାସରା, ଅଜୟ କୁମାର ଭୋଇ ଦୌଡି ଆସି ତାଙ୍କୁ ଅଟକାଇଥିଲେ। ଅଭିଯୁକ୍ତଙ୍କ ପକେଟରୁ ଭଣଜାଙ୍କ ମୋବାଇଲ ମିଳିବାରୁ ତାଙ୍କୁ ଥାନା ଜିମା ଦେଇଥିଲେ।


ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ରୁମୁକୁଝୁମା ଓ ଭକ୍ତବନ୍ଧୁ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ଦେବଗଡ଼ ଜିଲ୍ଲାସ୍ତରୀୟ 'ନୂପୁର ନୃତ୍ୟ ସଙ୍ଗୀତ ଉତ୍ସବ-୨୦୨୦' ଅବସରରେ ଦେବଗଡ଼ବାସୀଙ୍କୁ ଶୁଭେଚ୍ଛା, ଅଭିନନ୍ଦନ ।



ନିବେଦିତା ନାୟକ
ରାଜ୍ୟ ସଭାପତି,
ରୁମୁକୁଝୁମା ସାଂସ୍କୃତିକ ଅନୁଷ୍ଠାନ
ତଥା ଅଧକ୍ଷା,
ନୂପୁର ନୃତ୍ୟ ସଙ୍ଗୀତ ଉତ୍ସବ



ଜାତୀୟ କନ୍ୟା ସନ୍ତାନ ଦିବସ
୨୪ ଜାନୁଆରୀ, ୨୦୨୦

ଝିଅଟିଏ ରତ୍ନଟିଏ
ଝିଅଟିଏ ଖୁସି ଦିଏ

"କନ୍ୟା ଶକ୍ତି : ଅବର୍ଣ୍ଣନୀୟ ଏବଂ ଅଦମ୍ୟ"

- ସାମାଜ ପ୍ରତି କନ୍ୟା ସନ୍ତାନର ଗୁରୁତ୍ୱ ପରିବାର ଲୋକେ ଉପଲବ୍ଧି କରନ୍ତୁ ।
- ଝିଅମାନଙ୍କର ଉପଯୁକ୍ତ ସ୍ୱାସ୍ଥ୍ୟ, ଶିକ୍ଷା ପ୍ରତି ଯତ୍ନବାନ ହୁଅନ୍ତୁ ।
- ସମାଜର ପ୍ରମୁଖ ସ୍ତରରେ ଝିଅମାନଙ୍କର ଅଂଶଗ୍ରହଣ ପାଇଁ ପ୍ରୋତ୍ସାହିତ କରନ୍ତୁ ।
- ଲିଙ୍ଗଗତ କୁସଂସ୍କାରରୁ ଦୂରେଇ ରୁହନ୍ତୁ ।



ଉପଯୁକ୍ତ ଯତ୍ନ ଓ ପ୍ରୋତ୍ସାହନ ଦ୍ୱାରା ଝିଅମାନେ ଅନେକ କ୍ଷେତ୍ରରେ ସଫଳତାର ସହ ଶୀର୍ଷ ସ୍ଥାନରେ ପହଞ୍ଚିପାରିଛନ୍ତି । ଏଣୁ ଆପଣମାନେ ମଧ ଝିଅମାନଙ୍କର ଯତ୍ନ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ ଓ ସୁସ୍ଥ ସମୃଦ୍ଧ ରାଷ୍ଟ୍ର ଗଠନରେ ସାମିଲ୍ ହୁଅନ୍ତୁ ।

ସାମୂହିକ ସଚେତନତା ଓ ପ୍ରଚେଷ୍ଟା ସୁସ୍ଥ ରାଷ୍ଟ୍ର ଗଠନ ପାଇଁ ଅପରିହାର୍ଯ୍ୟ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

DSPL-237
10003/13/0062/1920
facebook.com/HFWOdisha
http://www.health.odisha.gov.in/
@HFWOdisha

ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି କ୍ରମରେ ମଣିଷ ଶେଷ ସୃଷ୍ଟି ନୁହେଁ। କ୍ରମବିକାଶ ଗତି କରି ଚାଲିଛି। ଏବଂ ମନୁଷ୍ୟକୁ ଅତିକ୍ରମ କରି ଏହା ଆଗକୁ ଆଗକୁ ଚାଲିବ। ବର୍ତ୍ତମାନ ପ୍ରତ୍ୟେକ ମଣିଷ ନିଜେ ସିଦ୍ଧାନ୍ତ ନେଉ ଯେ, ସେ ଏହି ନୂତନ ଜାତିର (ଅତିମାନବ) ଅଭ୍ୟୁଦୟ ପାଇଁ ଦୁଃସାହସିକ ଅଭିଯାନରେ ଭାଗ ନେବ କି ନାହିଁ।
-ଶ୍ରୀମା



# ୟୁପିରେ କମିଶନରେଟ୍

ଦିଲ୍ଲୀକା ବାବୁ
ଦିଲୀପ ଚେରିଏନ୍

ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧରେ ସାମ୍ପ୍ରତିକ ବିକ୍ଷୋଭ ପରିପ୍ରେକ୍ଷୀରେ ତଥା ରାଜ୍ୟର ଆଇନଶୃଙ୍ଖଳାରେ ଉନ୍ନତି ଆଣିବା ଲାଗି ଉତ୍ତରପ୍ରଦେଶ ସରକାର ଅନେକଦିନରୁ ଯୋଜନା ହୋଇ ପଡ଼ିରହିଥିବା ପୋଲିସ କମିଶନର ବ୍ୟବସ୍ଥା ଲାଗୁ କରିବାକୁ ନିଷ୍ପତ୍ତି ନେଇ ପ୍ରଥମେ ନୋଏଡା ଓ ଲକ୍ଷ୍ନୌରେ ଏହା କାର୍ଯ୍ୟକାରୀ କରିଛନ୍ତି। ଲକ୍ଷ୍ନୌ ଓ ନୋଏଡ଼ାର ପ୍ରଥମ ପୋଲିସ କମିଶନର ଭାବେ ଯଥାକ୍ରମେ ଅତିରିକ୍ତ ପୋଲିସ ଡିଜି ସୁଜିତ ପାଣ୍ଡେ ଓ ଆଲୋକ କୁମାରଙ୍କ ନାମ ଘୋଷଣା କରାଯାଇଛି। ପ୍ରକାଶ୍ୟ ଯେ, ପୋଲିସ କମିଶନର ବ୍ୟବସ୍ଥାରେ କୌଣସି ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିଲେ ସ୍ଥାନୀୟ ପୋଲିସ ମୁଖ୍ୟମାନେ ତତ୍କାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ। କିନ୍ତୁ ପୁରୁଣା ବ୍ୟବସ୍ଥା ଅନୁସାରେ ଏଭଳି ପରିସ୍ଥିତିରେ ଜିଲା ପୋଲିସ ମୁଖ୍ୟମାନଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲା ମାଜିଷ୍ଟ୍ରେଟ୍‌ଙ୍କଠାରୁ ଅନୁମତି ନେବାକୁ ପଡୁଥିଲା। ତେବେ ସରକାରଙ୍କ ଏହି ପଦକ୍ଷେପକୁ ଆଇଏଏସ୍ ମହଲ ତୀବ୍ର ବିରୋଧ କରିବାରେ କିଛି ଆଶ୍ଚର୍ଯ୍ୟ ହେବାର ନାହିଁ। କିନ୍ତୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କହିଛି ଯେ, ଆଇପିଏସ୍ ସଂଘ 'ଲୋକମାନଙ୍କ ସେବା କରିବା ଲାଗି ଏହା ଏକ ବଡ଼ ସୁଯୋଗ'ବୋଲି କହି ଏହି ପଦକ୍ଷେପକୁ ସ୍ୱାଗତ କରିଛି। ଅତୀତରେ ମଧ୍ୟ କମିଶନରେଟ୍ ବ୍ୟବସ୍ଥା ପାଇଁ ପ୍ରସ୍ତାବ ମୁଖ୍ୟମନ୍ତ୍ରୀଙ୍କ ସଚିବାଳୟରେ ପଡିରହିଥିଲା। କିନ୍ତୁ ଏବେ ଯୋଗୀ ଆଦିତ୍ୟନାଥ ଆଇଏଏସ୍ ଅଧିକାରୀଙ୍କ ସମସ୍ତ ବିରୋଧକୁ ଶେଷ କରିଦେଲେ। ଯାହା ଜଣାପଡୁଛି, ପୋଲିସ କମିଶନରେଟ୍ ବ୍ୟବସ୍ଥା ଲାଗୁ କରାଯାଇଥିବା ମହାରାଷ୍ଟ୍ର, ଗୁଜରାଟ, ଦିଲ୍ଲୀ ଏବଂ କର୍ନାଟକ ଆଦି ରାଜ୍ୟରେ ପୋଲିସ ବ୍ୟବସ୍ଥାକୁ ଦେଖି ମୁଖ୍ୟମନ୍ତ୍ରୀଙ୍କ ହୃଦ୍‌ବୋଧ ହୋଇଛି ଯେ, ଉତ୍ତରପ୍ରଦେଶରେ ମଧ୍ୟ ଏହି ବ୍ୟବସ୍ଥା ଲାଗୁ କରାଯିବା ଅତ୍ୟନ୍ତ ଜରୁରୀ। ଏହି ନୂଆ ବ୍ୟବସ୍ଥାରେ ପୋଲିସ କମିଶନର ଅଧୀନରେ ଲକ୍ଷ୍ନୌରେ ୪୦ଟି ଥାନା ରହିବ। ଏହି ଟିମ୍‌ରେ ଯୁଗ୍ମ କମିଶନର ଭାବେ ଦୁଇଜଣ ଆଇଜି, ୯ ଜଣ ଏସ୍‌ପି ପାହ୍ୟାର ଅଧିକାରୀ, ଜଣେ ଏସ୍‌ପି ପାହ୍ୟାର ମହିଳା ଅଧିକାରୀ ଏବଂ ଜଣେ ଏଏସ୍‌ପି ପାହ୍ୟାର ମହିଳା ଅଧିକାରୀ ରହିବେ।

## ରେଲୱେ ବୋର୍ଡର ପୁନର୍ଗଠନ

ଅନ୍ୟାନ୍ୟ 'ସଂସ୍କାର' କାର୍ଯ୍ୟକ୍ରମ ମଧ୍ୟରେ ସରକାର ଏବେ ରେଲୱେ ବୋର୍ଡର ପୁନର୍ଗଠନ ଆରମ୍ଭ କରିଛନ୍ତି। ଭାରତୀୟ ରେଲୱେର ଶୀର୍ଷ ନୀତିନିର୍ଦ୍ଧାରକ ରେଲୱେ ବୋର୍ଡର ସଦସ୍ୟ ସଂଖ୍ୟା ୮ରୁ ୫କୁ କମାଇ ଦିଆଯାଇଛି। ସରକାର ରେଲୱେର ବିଭିନ୍ନ କ୍ୟାଡରକୁ ଗୋଟିଏ ରେଲୱେ ମ୍ୟାନେଜମେଣ୍ଟ ସିଷ୍ଟମ୍ ସହ ମିଶାଇ ଦେଇଛନ୍ତି। ଏଣୁ ଇଞ୍ଜିନିୟରିଂ, ଟ୍ରାଫିକ୍, ମେକାନିକାଲ ଏବଂ ଇଲେକ୍ଟ୍ରିକାଲ ସମେତ ଏବେ ପ୍ରଚଳିତ ୮ଟି ସେବା ପରିବର୍ତ୍ତେ ଦି ଇଣ୍ଡିଆନ ରେଲୱେ ସର୍ଭିସ୍ ନାମରେ ଗୋଟିଏ କ୍ୟାଡର ରହିବ। ରେଲୱେରେ ବିଭାଗୀକରଣକୁ ଶେଷ କରିବା ଏବଂ ସୁଷ୍ଠୁ ପରିଚାଳନାକୁ ସୁନିଶ୍ଚିତ କରିବା ଏହାର ଲକ୍ଷ୍ୟ। ପ୍ରାପ୍ତ ତଥ୍ୟ ଅନୁସାରେ, କାର୍ମିକ ଓ ପ୍ରଶିକ୍ଷଣ ମନ୍ତ୍ରଣାଳୟ ସହ ପରାମର୍ଶ କରି ରୂପରେଖ ପ୍ରସ୍ତୁତ କରିବା ସହିତ ବର୍ଷକ ମଧ୍ୟରେ ପୂରା ପ୍ରକ୍ରିୟା ଶେଷ କରାଯିବ। କିନ୍ତୁ ଏବେ ରେଲୱେରେ ଥିବା ୮ଟି ସେବାକୁ ଗୋଟିଏରେ ମିଶାଇ ଦିଆଯିବ ବୋଲି ଘୋଷଣା କରାଯିବା ପରେ ରେଳଭବନ ମଧ୍ୟରେ ବାବୁମାନଙ୍କ ଭିତରେ ଆତଙ୍କ ଖେଳିଯାଇଛି। ପ୍ରସ୍ତାବିତ ସଂସ୍କାର ଦ୍ୱାରା ଅନେକ ରେଲୱେ ଅଧିକାରୀ ସେମାନଙ୍କ ବରିଷ୍ଠତା ଓ କ୍ୟାରିୟରରେ ଉନ୍ନତିକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସରକାର ନୀତି ନିର୍ଦ୍ଧାରଣ କରି ତାହାକୁ ଚୂଡ଼ାନ୍ତ ରୂପ ଦେବାପରେ ଏଭଳି ମିଶ୍ରଣ ସମ୍ପର୍କରେ ଘୋଷଣା କରିବା ଉଚିତ ଥିଲା ବୋଲି କୁହାଯାଇଛି। ଇତି ମଧ୍ୟରେ ରେଲୱେ ବୋର୍ଡ ଅଧ୍ୟକ୍ଷ ଭି.କେ. ଯାଦବଙ୍କ କାର୍ଯ୍ୟକାଳ ବୃଦ୍ଧିକରି ଏହି ପଦ ଲାଗି ସରକାର ଜଣେ ଆଇଏଏସ୍ ଅଧିକାରୀ କିମ୍ବା ଘରୋଇ ସେକ୍ଟରରୁ କାହାକୁ ଆଣିବାକୁ ଯାଉଛନ୍ତି ବୋଲି ଯେଉଁ ଗୁଜବ ଉଠିଥିଲା ତାହାର ଅନ୍ତ ଘଟାଇଛନ୍ତି।

## ଜମ୍ମୁ-କଶ୍ମୀର ବାବୁଙ୍କୁ ଝଟକା

ଜମ୍ମୁ-କଶ୍ମୀରରେ ଆଇଏଏସ୍ ଓ ଆଇପିଏସ୍‌ରେ ଥିବା ରାଜ୍ୟସେବା ବାବୁଙ୍କ କୋଟା ହ୍ରାସ କରିବା ଲାଗି କେନ୍ଦ୍ରର ନିଷ୍ପତ୍ତିକୁ ଉକ୍ତ କେନ୍ଦ୍ରଶାସିତ ଅଞ୍ଚଳର ବାବୁମାନେ ଗ୍ରହଣ କରିପାରି ନାହାନ୍ତି। ଅନେକ ବାବୁ କହିଛନ୍ତି ଯେ, ସରକାରଙ୍କ ଏହି ନିଷ୍ପତ୍ତି କଶ୍ମୀର ପ୍ରଶାସନିକ ସେବା (କେଏଏସ୍) ଏବଂ କଶ୍ମୀର ପୋଲିସ ସେବା (କେପିଏସ୍)ର ଅଧିକାରୀମାନଙ୍କ କ୍ଷୀୟମାଣ କ୍ୟାରିୟର ସମ୍ଭାବନା ଉପରେ ବାଧା ପହଞ୍ଚାଇବ। ୩୭୦ ଧାରା ଉଚ୍ଛେଦ ପରେ ଜମ୍ମୁ-କଶ୍ମୀରରେ ଆଞ୍ଚଳିକ ଅଧିକାରୀଙ୍କ ପାଇଁ ପୂର୍ବରୁ ରହିଥିବା ୫୦ ପ୍ରତିଶତ କୋଟାକୁ ସରକାର କମାଇ ୩୩ ପ୍ରତିଶତ କରିଦେଇଛନ୍ତି। ଜମ୍ମୁ-କଶ୍ମୀରକୁ କେନ୍ଦ୍ରଶାସିତ ଅଞ୍ଚଳଭାବେ ପୁନର୍ଗଠିତ କରାଯିବା ପରେ କେନ୍ଦ୍ର ସରକାର ଏହାର ସ୍ୱତନ୍ତ୍ର କୋଟା ବ୍ୟବସ୍ଥାକୁ ଉଠାଇଦେଇଛନ୍ତି। ଏହା ଏଣିକି ଦେଶର ଅନ୍ୟ ରାଜ୍ୟରେ ପ୍ରଚଳିତ ୬୭:୩୩ ନିୟମକୁ ମାନିବା ପାଇଁ ବାଧ୍ୟ। ସୂଚନା ଅନୁସାରେ, ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳ ହେବା ପରଠାରୁ ବିଭିନ୍ନ କେନ୍ଦ୍ର ଆଇନ ଏଠାରେ ସ୍ୱତଃ ଲାଗୁ କରାଯାଇଥିବାବେଳେ ସରକାରଙ୍କ ଏହି ପଦକ୍ଷେପରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ପୁନର୍ଗଠନ ପରେ ଏଣିକି ପ୍ରଶାସନିକ ସେବା ପରୀକ୍ଷା ମାଧ୍ୟମରେ ଚୟନ କରାଯାଉଥିବା ଅଧିକାରୀମାନେ ଜମ୍ମୁ-କଶ୍ମୀର କ୍ୟାଡର ବଦଳରେ ଏଜିଏମ୍‌ୟୁଟି କ୍ୟାଡର ପାଇବେ।

Email: dilipcherian@gmail.com

### su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | | | 9 | | | | 1 | 8 | | 4 | | | 0 | E |
| | | 9 | | | A | | 0 | D | | C | | | | 2 |
| | | 4 | | 0 | 2 | | | | | A | | 8 | D | |
| | | | 6 | | | | | | | D | | | | B |
| | 5 | | 8 | | E | | | | | | 7 | | | |
| | | 8 | | | 7 | | | 5 | | | A | 6 | | |
| | 3 | | | | | | | 2 | | 7 | | | | |
| 0 | 7 | | A | | D | | | | 1 | | | | | 9 |
| | | D | | 5 | | 3 | | | 0 | B | | | | 1 |
| A | C | | | 6 | 1 | | | | | | | | | 5 |
| 5 | | 3 | | | | | | | | | E | | C | 0 |
| | | 2 | 1 | 9 | 4 | | | | | | | | | A |
| | 6 | 0 | C | | | | | B | | 8 | | | | |
| | | B | E | | | | | C | 6 | | | 9 | 5 | |
| 4 | E | A | B | | 5 | 2 | 9 | | | | | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | 8 | 4 | A | 9 | 0 | 7 | 6 | 1 | C | D | 2 | 3 | B | 5 |
| 3 | D | B | 8 | 4 | 6 | 5 | 9 | 2 | E | A | 0 | C | 1 | 7 |
| 9 | 1 | 0 | 5 | C | 7 | 4 | E | B | 3 | 6 | 8 | D | 2 | A |
| 6 | 2 | 7 | D | 1 | B | A | 3 | C | 4 | 5 | 9 | 0 | 8 | E |
| 5 | A | C | 3 | E | 2 | 0 | 8 | D | 1 | B | 7 | 6 | 4 | 9 |
| 1 | B | A | 0 | 8 | E | 9 | 2 | 3 | 6 | 7 | 5 | 4 | C | D |
| 4 | 9 | E | 6 | 2 | D | B | C | 5 | A | 1 | 3 | 8 | 7 | 0 |
| C | 7 | 5 | B | 3 | 1 | 6 | 4 | 8 | D | 0 | E | A | 9 | 2 |
| 2 | 3 | D | 9 | A | C | 1 | 7 | 0 | B | 8 | 4 | E | 5 | 6 |
| 8 | 0 | 6 | 7 | 5 | 4 | E | D | A | 9 | 2 | C | 1 | 3 | B |
| A | 5 | 8 | 2 | 0 | 3 | D | 1 | 4 | 7 | 9 | 6 | B | E | C |
| 7 | 6 | 9 | 4 | D | 5 | 3 | 0 | E | 8 | C | B | 2 | A | 1 |
| B | C | 1 | E | 6 | A | 8 | 5 | 7 | 2 | 4 | D | 9 | 0 | 3 |
| D | E | 2 | 1 | 7 | 8 | C | B | 9 | 0 | 3 | A | 5 | 6 | 4 |
| 0 | 4 | 3 | C | B | 9 | 2 | A | 6 | 5 | E | 1 | 7 | D | 8 |

ଗତକାଲିର ଉତ୍ତର

# କର୍ପୋରେଟଙ୍କ ଝୁଲାରେ ଦେଶ ସମ୍ପତ୍ତି

ଭାଲଚନ୍ଦ୍ର ଷଡ଼ଙ୍ଗୀ

କେନ୍ଦ୍ରର ଏନ୍‌ଡିଏ ସରକାର ନିଜର ଦ୍ୱିତୀୟ ପାଳିରେ ଦେଶର ରାଷ୍ଟ୍ରାୟତ୍ତ କ୍ଷେତ୍ରରେ ଏକ ବଡ଼ ଧରଣର ଘରୋଇକରଣ ଅଭିଯାନ ଆରମ୍ଭ କରିଛନ୍ତି। ଆର୍ଥିକ ମାନ୍ଦାବସ୍ଥା ଯୋଗୁ ବଜେଟୀୟ ନିଅଣ୍ଟକୁ ଭରିବା ନାଁରେ ଗୋଟିଏ ପରେ ଗୋଟିଏ ରାଷ୍ଟ୍ରାୟତ୍ତ କମ୍ପାନୀକୁ ବିକ୍ରି କରିବାର ପ୍ରକ୍ରିୟା ଆରମ୍ଭ ହୋଇଛି। ନିକଟରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଦେଶର ୫ଟି ଲାଭଜନକ ରାଷ୍ଟ୍ରାୟତ୍ତ ସଂସ୍ଥାକୁ ସମ୍ପୂର୍ଣ୍ଣ ବିକ୍ରି କରିବାକୁ ଘୋଷଣା କରିଛନ୍ତି। ଏମାନଙ୍କ ମଧ୍ୟରେ ରହିଛି ଭାରତ ପେଟ୍ରୋଲିୟମ୍ କର୍ପୋରେଶନ ଲିମିଟେଡ୍, ଶିପିଂ କର୍ପୋରେଶନ ଅଫ୍ ଇଣ୍ଡିଆ, କନ୍‌କୋର କର୍ପୋରେଶନ, ଟିଏଚ୍‌ଡିସି ଇଣ୍ଡିଆ ଏବଂ ଉତ୍ତରପୂର୍ବ ବିଦ୍ୟୁତ୍ ସଂସ୍ଥା ବା ନିପ୍‌କୋ। ଏହା ବ୍ୟତୀତ ସରକାର ଦେଶର ବିମାନ ଚଳାଚଳ, ଇଲେକ୍ଟ୍ରୋନିକ୍ସ, ବନ୍ଦର, ରେଳବାଇ, ପ୍ରତିରକ୍ଷା ଉତ୍ପାଦନ ପରି ଅନେକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରର ୨୮ଟି ରାଷ୍ଟ୍ରାୟତ୍ତ ସଂସ୍ଥାର ତାଲିକା ପ୍ରସ୍ତୁତ କରି ସେଥିରେ ଥିବା ନିଜର ଅଂଶଧନକୁ ବିକ୍ରି କରି ୫୧%ରୁ ତଳକୁ ନେଇ ଆସିବାକୁ ଘୋଷଣା କରିଛନ୍ତି। ଅର୍ଥନୀତିର ଭାଷାରେ ଏସବୁ ସଂସ୍ଥା ସମ୍ପୂର୍ଣ୍ଣ ରୂପେ ବିକ୍ରି ହେଉ ନ ଥିଲେ ମଧ୍ୟ ସେସବୁରେ ସରକାରଙ୍କ ଅଂଶଧନ ୫୦%ରୁ କମ୍ ହେବାକୁ ଯାଉଥିବାରୁ ନିୟମ ଅନୁଯାୟୀ ଉପରୋକ୍ତ ସଂସ୍ଥାମାନଙ୍କର ପରିଚାଳନା ଓ ନିଷ୍ପତ୍ତି ନେବାର ଅଧିକାର ଆଉ ସରକାରଙ୍କର ରହିବନି। ଏଣିକି ସେସବୁର ପରିଚାଳନା ଏବଂ ନୀତିଗତ ନିଷ୍ପତ୍ତି ନେବାର କ୍ଷମତା ସଂଖ୍ୟାଗରିଷ୍ଠ ଅଂଶଧନର ମାଲିକ ରୂପେ ପରିଚିତ ଘରୋଇ କମ୍ପାନୀ ହାତକୁ ଚାଲିଯିବ।

ଏଥିରେ କେହି ଦ୍ୱିମତ ହେବେନି ଯେ ସ୍ୱାଧୀନତୋତ୍ତର ଭାରତ ଅର୍ଥନୀତିର ବିକାଶ ପାଇଁ ଭିତ୍ତିଭୂମିର ବିକାଶ କରିବା ଉଦ୍ଦେଶ୍ୟରେ ଜନଗଣଙ୍କ କଷ୍ଟଲବ୍ଧ ଅର୍ଥରେ ଏହି ଶିଳ୍ପ ଓ ସଂସ୍ଥାଗୁଡ଼ିକ ଦିନେ ତିଆରି ହୋଇଥିଲା। ତାହା ଏଯାଏ ନିରବଚ୍ଛିନ୍ନ ଭାବେ ଦେଶବାସୀଙ୍କୁ ସେବା ଯୋଗାଇବା ସହ ଲାଭ ଏବଂ କର ଟିକସ ବାବଦରେ ସରକାରୀ ରାଜକୋଷକୁ ବିପୁଳ ରାଜସ୍ୱ ଯୋଗାଇ ଆସିଛନ୍ତି। ଏପରି କି ଏସବୁ ସଂସ୍ଥାମାନଙ୍କରୁ ସରକାର ବିପୁଳ ପରିମାଣରେ ପୁଞ୍ଜି ନେଇ ଦେଶର ବିକାଶମୂଳକ କାମରେ ବିନିଯୋଗ କରି ଆସିଛନ୍ତି। ଅତଏବ ଦେଶର ଅର୍ଥନୀତିରେ ରାଷ୍ଟ୍ରାୟତ୍ତ ସଂସ୍ଥାର ଯେଉଁ ଗୁରୁତ୍ୱ ରହିଛି ତାହା ବାରମ୍ବାର ପ୍ରମାଣିତ ହୋଇଛି।

ସ୍ୱାଧୀନତାର ପରବର୍ତ୍ତୀ ଅବସ୍ଥାରେ ଗୃହୀତ ହୋଇଥିବା ଆମର ପ୍ରଥମ ଶିଳ୍ପନୀତିରେ ଦେଶରେ ରାଷ୍ଟ୍ରାୟତ୍ତ ଶିଳ୍ପ ଗଢ଼ିବା ଉପରେ ଜୋର ଦିଆଯାଇଥିଲା। ଦେଶର ଭିତ୍ତିଭୂମି ଯୋଗାଉଥିବା ଭାରି ଶିଳ୍ପମାନଙ୍କରେ ବିପୁଳ ପୁଞ୍ଜିନିବେଶ ଦରକାର ପଡୁଥିବାରୁ ତଥା ତତ୍‌କ୍ଷଣାତ୍ ମୁନାଫାର ସମ୍ଭାବନା ନ ଥିବାରୁ ଦେଶୀ ବିଦେଶୀ ବୃହତ୍ ପୁଞ୍ଜିପତିମାନେ ସେତେବେଳେ ଏନେଇ ଆଗ୍ରହ ଦେଖାଇ ନ ଥିଲେ। ତେବେ ଏସବୁ ଶିଳ୍ପ ପାଇଁ ତତ୍କାଳୀନ ସରକାରଙ୍କ ଗୁରୁତ୍ୱ ଯୋଗୁ ଦ୍ୱିତୀୟ ପଞ୍ଚବାର୍ଷିକୀ ଯୋଜନା କାଳରେ ଏହାର ବ୍ୟାପକ ଭାବେ ପ୍ରୟୋଗ ହେବା ସହ ରାଷ୍ଟ୍ରାୟତ୍ତ କ୍ଷେତ୍ରରେ ଇସ୍ପାତ, ବିଦ୍ୟୁତ୍, ତୈଳ ବିଶୋଧନାଗାର, ଯନ୍ତ୍ର ତିଆରି କାରଖାନା, ମେଶିନ୍ ଟୁଲ୍‌ସ ଆଦିର କାରଖାନା ସବୁ ଗଢ଼ି ଉଠିଥିଲା। ପରେ ୧୯୬୯ ମସିହାରେ ବ୍ୟାଙ୍କ୍ ଶିଳ୍ପର ଏବଂ ୧୯୭୩ ମସିହାରେ ସାଧାରଣ ବୀମା ଏବଂ କୋଇଲା ଶିଳ୍ପର ଜାତୀୟକରଣ ମଧ୍ୟ ଦେଇ ଏହି ପ୍ରକ୍ରିୟା ଆହୁରି ଜୋରଦାର ହୋଇଥିଲା। ଏହା ପରଠାରୁ ରାଷ୍ଟ୍ରାୟତ୍ତ କ୍ଷେତ୍ରରେ ଥିବା ବ୍ୟାଙ୍କ୍ ଓ ବୀମା ଶିଳ୍ପ ଦେଶର ଅର୍ଥନୈତିକ ସାର୍ବଭୌମତ୍ୱରେ ଏକ ଶକ୍ତିଶାଳୀ ଭୂମିକା ଗ୍ରହଣ କରି ଆସିଛି। ଆଜି ଆର୍ଥିକ ସଙ୍କଟ ଆଳରେ ଏସବୁକୁ ଦେଶୀ ବିଦେଶୀ ବୃହତ୍ କର୍ପୋରେଟ୍‌ମାନଙ୍କ ହାତକୁ ଟେକି ଦେବାର ପରିଣତି ହେବ ଦେଶର ଅର୍ଥନୈତିକ ସାର୍ବଭୌମତ୍ୱକୁ ଜାଣିଶୁଣି ଦୁର୍ବଳ କରିବା।

ସରକାର ସମ୍ପୂର୍ଣ୍ଣ ଭାବେ ବିକ୍ରି କରିଦେବାକୁ ଘୋଷଣା କରିଥିବା ରାଷ୍ଟ୍ରାୟତ୍ତ କମ୍ପାନୀମାନଙ୍କ ମଧ୍ୟରେ ସବୁଠାରୁ ଆଗରେ ରହିଛି ଭାରତ ପେଟ୍ରୋଲିୟମ୍ କର୍ପୋରେଶନ ଲିମିଟେଡ୍ ବା ବିପିସିଏଲ୍, ଯାହା କି ଦେଶର ଆଠଟି ମହାରତ୍ନ କମ୍ପାନୀ ମଧ୍ୟରୁ ଅନ୍ୟତମ। ଗତ ୧୬ ବର୍ଷ ଧରି ଏହି କମ୍ପାନୀ ଫରଚ୍ୟୁନ୍ ପତ୍ରିକା ଦ୍ୱାରା କରାଯାଇଥିବା ସର୍ଭେରେ ବିଶ୍ୱର ୫୦୦ଟି ବଡ଼ କମ୍ପାନୀ ମଧ୍ୟରେ ପ୍ରତିବର୍ଷ ସ୍ଥାନ ପାଇ ଆସିଛି। ଏହା ଆମ ଦେଶର ଷଷ୍ଠ ବଡ଼ କମ୍ପାନୀ, ଯେଉଁଥିରେ ସରକାରଙ୍କ ୫୩.୨୯% ଅଂଶଧନ ରହିଛି। ଦେଶର ମୋଟ ତୈଳ ବ୍ୟବସାୟର ଏକ ଚତୁର୍ଥାଂଶ ଏହି କମ୍ପାନୀ ସମ୍ଭାଳୁଛି। ବିପିସିଏଲ୍ ବିକ୍ରି ହେଲେ ଦେଶରେ ଜାଳେଣି ବାଣିଜ୍ୟର ଚିତ୍ରଟି ସମ୍ପୂର୍ଣ୍ଣ ରୂପେ ବଦଳିଯିବ। ଅନ୍ୟତମ ବଡ଼ ତୈଳ କମ୍ପାନୀ ରିଲାଏନ୍ସ ଏହାର ଅଂଶଧନ କିଣିବାକୁ ଲକ୍ଷ୍ୟ ରଖିଥିବାରୁ ଘରୋଇକରଣ ପରେ ଦେଶର ପେଟ୍ରୋଲିୟମ୍ କାରବାରରେ ରିଲାଏନ୍ସର ଏକାଧିପତ୍ୟ ସ୍ଥାପନ ହେବ।

ତେବେ କେବଳ ବିପିସିଏଲ୍ ନୁହେଁ, ଆଗାମୀ ଦିନରେ ସରକାରଙ୍କ ଅଧୀନରେ ଥିବା ସବୁ ରାଷ୍ଟ୍ରାୟତ୍ତ ଶିଳ୍ପ ଓ ପରିସେବାକୁ କର୍ପୋରେଟ୍‌ମାନଙ୍କୁ ବିକ୍ରିକରି ଦିଆଯିବ ବୋଲି ସରକାର ସ୍ପଷ୍ଟ କରିଛନ୍ତି। ସରକାର ଘରୋଇକରଣର ଏଭଳି ଏକ ରୋଡମ୍ୟାପ୍ ତିଆରି କରିଛନ୍ତି, ଯାହା ଫଳରେ ଆଗାମୀ ତିନିବର୍ଷ ମଧ୍ୟରେ ଦେଶର ସମସ୍ତ ସରକାରୀ ଉଦ୍ୟୋଗର ଅଂଶଧନ ୪୯ ପ୍ରତିଶତରୁ ତଳକୁ ଆସିଯିବ। ଇତି ମଧ୍ୟରେ ଦେଶର ରାଷ୍ଟ୍ରାୟତ୍ତ ସଂସ୍ଥା ବିଶେଷ କରି ରାଷ୍ଟ୍ରାୟତ୍ତ ଶିଳ୍ପ, ବ୍ୟାଙ୍କ୍, ବୀମା ଏବଂ କେନ୍ଦ୍ରୀୟ ସରକାରୀ ପରିସେବା ବିଶେଷତଃ ରେଳ, ପ୍ରତିରକ୍ଷା ସରଞ୍ଜାମ ଉତ୍ପାଦନ ବ୍ୟବସ୍ଥା, ଡାକ ବ୍ୟବସ୍ଥା, ବିଏସ୍‌ଏନ୍‌ଏଲ୍ ଇତ୍ୟାଦି କ୍ଷେତ୍ରରେ ଘରୋଇକରଣ ପ୍ରକ୍ରିୟା ଜୋରଦାର ଆରମ୍ଭ ହୋଇଛି। କିଛିଦିନ ପୂର୍ବରୁ ସରକାର ଦେଶର ଛଅଟି ବିମାନବନ୍ଦରକୁ ଘରୋଇ କମ୍ପାନୀ ହାତକୁ ଟେକି ଦେଇଥିବା ବେଳେ ଆହୁରି ୨୦-୨୫ଟି ବିମାନବନ୍ଦରକୁ ବିକ୍ରି କରିବାକୁ ଘୋଷଣା କରାଯାଇଛି। ଏହାର ଲାଭ ପ୍ରଧାନମନ୍ତ୍ରୀଙ୍କ ନିକଟତମ ଶିଳ୍ପପତି ଆଦାନୀଙ୍କୁ ମିଳିଛି। ଭାରତୀୟ ରେଳକୁ ପର୍ଯ୍ୟାୟକ୍ରମେ ଘରୋଇକରଣ କରିବାର ପ୍ରକ୍ରିୟା ଜାରି ରହିଛି।

ଦେଶର ରାଷ୍ଟ୍ରାୟତ୍ତ ବ୍ୟାଙ୍କ୍ ବ୍ୟବସ୍ଥାକୁ ଧ୍ୱଂସ କରିବାକୁ କେନ୍ଦ୍ର ସରକାର ଉଦ୍ୟମ ଚଳାଇଛନ୍ତି। ଗତ ତିନିବର୍ଷ ମଧ୍ୟରେ ବ୍ୟାଙ୍କ୍ ସମ୍ମିଶ୍ରଣ ପର୍ବ ଆରମ୍ଭ ହୋଇଛି। ନିକଟରେ ଦଶଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କ୍‌ର ମିଶ୍ରଣ କରି ତାକୁ ଚାରୋଟି ବ୍ୟାଙ୍କ୍‌ରେ ପରିଣତ କରାଯାଇଛି। ଏହି ସମ୍ମିଶ୍ରଣ ଫଳରେ ଦେଶର ହଜାର ହଜାର ବ୍ୟାଙ୍କ୍ ଶାଖା ବନ୍ଦ ହୋଇ ଲୋକେ ପୂର୍ବରୁ ପାଇ ଆସୁଥିବା ସରକାରୀ ବ୍ୟାଙ୍କ୍‌ସେବାରୁ ବଞ୍ଚିତ ହେବା ସହ ଏଥିରେ କାର୍ଯ୍ୟରତ ଲକ୍ଷ ଲକ୍ଷ କର୍ମଚାରୀ ବେକାର ହେବେ। ଗ୍ରାମାଞ୍ଚଳରେ ରହିଥିବା ଏସବୁ ଶାଖାଗୁଡ଼ିକ ବନ୍ଦ ହୋଇଯିବା ଫଳରେ ସୁଦୂର ଗ୍ରାମାଞ୍ଚଳରେ ଗରିବ ଲୋକେ ହିଁ ସର୍ବାଧିକ କ୍ଷତିଗ୍ରସ୍ତ ହେବେ। ସରକାରଙ୍କ ଘରୋଇକରଣ ନୀତିର ସବୁଠାରୁ ବଡ଼ ଶିକାର ହୋଇଛି ରାଷ୍ଟ୍ରାୟତ୍ତ ଟେଲିକମ୍ କମ୍ପାନୀ ବିଏସ୍‌ଏନ୍‌ଏଲ୍। ଏହାର ଦେଶବ୍ୟାପୀ ଯେଉଁ ବିଶାଳ ଟେଲିକମ୍ ଭିତ୍ତିଭୂମି ରହିଛି ତାହା ଜନସାଧାରଣଙ୍କ ଅର୍ଥରେ ନିର୍ମିତ ଏବଂ ଦେଶର ନିରାପତ୍ତା ସ୍ୱାର୍ଥରେ ଏହା ସରକାରଙ୍କ ହାତରେ ରହିବା ଜରୁରୀ। କିନ୍ତୁ ଗତ ପାଞ୍ଚବର୍ଷ ମଧ୍ୟରେ ମୋଦି ସରକାର ଘରୋଇ ଟେଲିକମ୍ କମ୍ପାନୀ ବିଶେଷକରି ରିଲାଏନ୍ସ ଜିଓର ସ୍ୱାର୍ଥରେ ଏହାକୁ ଦୁର୍ବଳ କରିବା ସହିତ ଶେଷରେ ସେମାନଙ୍କ ହାତରେ ଟେକିଦେବାକୁ ଉଦ୍ୟମ କରୁଛନ୍ତି।

ଦେଶର ପ୍ରତିରକ୍ଷା କ୍ଷେତ୍ର ବି ସରକାରଙ୍କ ଉପରୋକ୍ତ ଘରୋଇକରଣ ନୀତିରୁ ବାଦ୍ ପଡ଼ିନି। ଦେଶର ବିଭିନ୍ନ ସ୍ଥାନରେ ରହିଥିବା ପ୍ରତିରକ୍ଷା ଉତ୍ପାଦନ ବିଭାଗର ଗୋଳାବାରୁଦ କାରଖାନାଗୁଡ଼ିକୁ ଘରୋଇକରଣ କରିବାକୁ ସରକାରଙ୍କ ନିଷ୍ପତ୍ତି ପ୍ରତିବାଦରେ ନିକଟରେ ସେସବୁରେ କାର୍ଯ୍ୟରତ ହଜାର ହଜାର ଶ୍ରମିକ ଓ କର୍ମଚାରୀ ଧର୍ମଘଟ କରିଛନ୍ତି। ଏହା ବ୍ୟତୀତ ଦେଶର ବିଭିନ୍ନ ସ୍ଥାନରେ ରହିଥିବା ପ୍ରତିରକ୍ଷା ବିଭାଗର ୧୭.୫ ଲକ୍ଷ ଏକର ଜମିକୁ ବିବେକପୂର୍ଣ୍ଣ ଉପଯୋଗ କରିବା ନାଁରେ ସରକାର ବିକ୍ରି କରିଦେବାକୁ ଚିନ୍ତା କରୁଛନ୍ତି। ଏହି ଅର୍ଥକୁ ପ୍ରତିରକ୍ଷା ବିଭାଗର ବିଭିନ୍ନ ଜରୁରୀ ଆବଶ୍ୟକତା ପୂରଣ ପାଇଁ ବିନିଯୋଗ କରାଯିବ ବୋଲି ସଫେଇ ଦିଆଯାଉଛି।

ଲାଭଜନକ ରାଷ୍ଟ୍ରାୟତ୍ତ ଶିଳ୍ପ ଓ ପରିସେବାର ବିକ୍ରି ପଛରେ ସରକାରଙ୍କ ଯୁକ୍ତି ହେଲା, ବଜେଟ୍‌ରେ ରାଜସ୍ୱ ନିଅଣ୍ଟର ଭରଣା। କେନ୍ଦ୍ର ସରକାର ନିଜର ରାଷ୍ଟ୍ରାୟତ୍ତ ସଂସ୍ଥାମାନଙ୍କ ଏଭଳି ଘରୋଇକରଣ ଜରିଆରେ ଚଳିତବର୍ଷ ମୋଟ ୧.୧ ଲକ୍ଷ କୋଟି ଟଙ୍କା ସଂଗ୍ରହ କରିବାର ଲକ୍ଷ୍ୟ ରଖିଛନ୍ତି। କିନ୍ତୁ ଏଠାରେ ପ୍ରଶ୍ନ ଉଠେ ଯେ ଦେଶକୁ ପାଞ୍ଚ ଟ୍ରିଲିୟନ୍ ଅର୍ଥନୀତିରେ ପରିଣତ କରିବାକୁ ଘୋଷଣା କରୁଥିବା ମୋଦି ସରକାର ଏଭଳି ଲାଭଜନକ ଶିଳ୍ପସଂସ୍ଥାକୁ ବିକ୍ରି କରିବାକୁ ଏତେ ବ୍ୟାକୁଳ କାହିଁକି? ସରକାରଙ୍କ ଭୁଲ୍ ଆର୍ଥିକ ନୀତି ଲାଗି ଦେଶରେ ଆର୍ଥିକ ମାନ୍ଦାବସ୍ଥା ତୀବ୍ର ହେବାରେ ଲାଗିଥିବା ବେଳେ ଟିକସ ସଂଗ୍ରହର ହାର ବି ହ୍ରାସ ପାଇବାରେ ଲାଗିଛି। ଅନ୍ୟପଟେ ମାନ୍ଦାବସ୍ଥାର ମୁକାବିଲା ନାଁରେ ଦେଶୀ ବିଦେଶୀ କମ୍ପାନୀଗୁଡ଼ିକୁ ଯେଉଁ ୧.୪୮ ଲକ୍ଷ କୋଟି ଟଙ୍କାର କର ଓ ଟିକସ ଛାଡ଼ କରିଛନ୍ତି ତାହା ମାନ୍ଦାବସ୍ଥାକୁ ତ ଦୂର କରିପାରିଲାନି ବରଂ ଟିକସ ଲବ୍ଧ ଆୟ ହ୍ରାସ ପାଇବା ଫଳରେ ସରକାରଙ୍କ ରାଜସ୍ୱ ନିଅଣ୍ଟ ବଢ଼ାଇଦେଲା। କିନ୍ତୁ ନିଜକୁ ରାଷ୍ଟ୍ରବାଦୀ ବୋଲି ଦାବି କରୁଥିବା ଭାଜପା ସରକାର ଦେଶୀ ବିଦେଶୀ ଶିଳ୍ପପତିଙ୍କୁ ହିଁ ଦେଶର ରାଷ୍ଟ୍ରାୟତ୍ତ ସମ୍ପତ୍ତିକୁ ବିକ୍ରି କରିବାକୁ ଉଦ୍ୟମ କରୁଛି।

ମୋ. ନଂ. - ୯୪୩୭୧୬୬୩୯୧,
bhalachandra.odisha@gmail.com

# ଦୁଇଟି ଉଦ୍ଭାବନର ଅନ୍ତ

ଇଂ. ମାୟାଧର ସ୍ୱାଇଁ

ସଭ୍ୟତାର ବିକାଶରେ ସହାୟକ ହୋଇଥିବା କେତୋଟି ପ୍ରଭାବଶାଳୀ ଉଦ୍ଭାବନ ମଧ୍ୟରୁ ଦୁଇଟିର ବ୍ୟବହାର ବନ୍ଦ ହେବାକୁ ଯାଉଛି। ଗୋଟିଏ ହେଉଛି ତାପଦୀପ୍ତ ବିଜୁଳିବତି ଓ ଅନ୍ୟଟି ହେଉଛି ଆଭ୍ୟନ୍ତରୀଣ ଦହନ ଇଞ୍ଜିନ। ଆମେରିକାର ବିଶିଷ୍ଟ ଉଦ୍ଭାବକ ଟମାସ୍ ଆଲ୍‌ଭା ଏଡିସନ୍ ୧୮୭୯ ମସିହାରେ ବିଜୁଳିବତି ଉଦ୍ଭାବନ କରିଥିଲେ। ସେ ଏହାର ଫିଲାମେଣ୍ଟ ପାଇଁ ଶହେରୁ ଅଧିକ ପଦାର୍ଥ ପରୀକ୍ଷା କରିବା ପରେ ସଫଳ ହୋଇଥିଲେ। ଆଜିକାଲି ଅନ୍ୟ ବିଜୁଳିବତି ବାହାରିବା ପରେ ତାକୁ ସାଧାରଣ ବିଜୁଳିବତି କୁହାଯାଉଛି। ଏହାର ଦକ୍ଷତା ବହୁତ କମ୍। ଏଥିରେ ବିଦ୍ୟୁତ୍ ଶକ୍ତିର ୯୦ ପ୍ରତିଶତ ତାପଶକ୍ତିରେ ପରିଣତ ହୋଇଥାଏ ଏବଂ ଅବଶିଷ୍ଟ ଆଲୋକରେ ପରିଣତ ହୋଇଥାଏ। ଏହି କାରଣରୁ ଏହା ଅଧିକ ବିଦ୍ୟୁତ୍ ବ୍ୟୟ କରିଥାଏ। ମାତ୍ର ୧୨୦ରୁ ଅଧିକ ବର୍ଷ ପର୍ଯ୍ୟନ୍ତ ଆଲୋକ ପ୍ରଦାନରେ ଏହାର ଆଧିପତ୍ୟ ରହି ଆସିଥିଲା। ଏହାପରେ ଅଧିକ ଦକ୍ଷତାସମ୍ପନ୍ନ ସିଏଫ୍‌ଏଲ୍ ଓ ଏଲ୍‌ଇଡି ବତି ଉଦ୍ଭାବନ ହେବା ପରେ ସାଧାରଣ ବିଜୁଳିବତିର ଚାହିଦା ହ୍ରାସ ପାଇଲା। ୬୦ ୱାଟ୍‌ର ଗୋଟିଏ ସାଧାରଣ ବିଜୁଳିବତି ଯେତିକି ଆଲୋକ ପ୍ରଦାନ କରିଥାଏ, ୧୫ ୱାଟ୍‌ର ଗୋଟିଏ ସିଏଫ୍‌ଏଲ୍ ଓ ୮ ୱାଟ୍‌ର ଗୋଟିଏ ଏଲଇଡି ବତି ସେତିକି ଆଲୋକ ପ୍ରଦାନ କରିଥାଏ। ଏଣୁ ସିଏଫ୍‌ଏଲ୍ ଓ ଏଲ୍‌ଇଡି ବତି ବ୍ୟବହାର କଲେ ବିଦ୍ୟୁତ୍ ବିଲ୍ କମ୍ ଆସିଥାଏ। ଏହି ଦୁଇ ବିଜୁଳିବତିର ମୂଲ୍ୟ ଅଧିକ ଥିବାରୁ ସାଧାରଣ ବିଜୁଳିବତିର ବ୍ୟବହାର କମି ନ ଥିଲା। ବର୍ତ୍ତମାନ ମୂଲ୍ୟ ହ୍ରାସ ହୋଇଥିବାରୁ ସାଧାରଣ ବିଜୁଳିବତିର ବ୍ୟବହାର ଧୀରେ ଧୀରେ କମିଯାଉଛି। ପୁନଶ୍ଚ ସାଧାରଣ ବିଜୁଳିବତି ଯେତିକି ସମୟ କାର୍ଯ୍ୟ କରିପାରେ, ଏଲ୍‌ଇଡି ବତି ତାହାର ୪୧ ଗୁଣ ସମୟ କାର୍ଯ୍ୟ କରିପାରେ। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଯେ, ଆମ ବିଦ୍ୟୁତ୍‌ର ଅଧିକାଂଶ ଭାଗ (ପ୍ରାୟ ୬୫ ପ୍ରତିଶତ) ତାପଜ ବିଦ୍ୟୁତ୍‌ରୁ ଆସୁଛି, ଯାହା ବାୟୁ ପ୍ରଦୂଷଣ କରିବା ସହ ଜାଗତିକ ଉଷ୍ମତା ବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନର କାରଣ ହୋଇଛି। ଫଳରେ ଶକ୍ତି ସଂରକ୍ଷଣ ପାଇଁ ସାଧାରଣ ବିଜୁଳିବତିକୁ ପର୍ଯ୍ୟାୟକ୍ରମେ ବନ୍ଦ କରିଦେବା ପାଇଁ ବିଭିନ୍ନ ଦେଶ ଆଗଭର ହୋଇଛନ୍ତି। ଏପରିକି କେତୋଟି ଦେଶରେ ଏହାର ଉତ୍ପାଦନ ଓ ବ୍ୟବହାର ଉପରେ ନିଷେଧାଜ୍ଞା ଘୋଷଣା କରାଯାଇଛି।

ଯାନବାହନରେ ବ୍ୟବହୃତ ଆଭ୍ୟନ୍ତରୀଣ ଦହନ ଇଞ୍ଜିନ୍‌କୁ ଜର୍ମାନୀର ଉଦ୍ଭାବକ ରୁଡୋଲଫ୍ ଡିଜେଲ ୧୮୯୨ ମସିହାରେ ବିକାଶ କରିଥିଲେ। ଏହାକୁ ବ୍ୟବହାର କରି ଆମେରିକାର ଫୋର୍ଡ କମ୍ପାନୀ ୧୯୦୮ରୁ ୧୯୨୭ ମସିହା ମଧ୍ୟରେ 'ଫୋର୍ଡ ମଡେଲ ଟି' ଗାଡି ଉତ୍ପାଦନ କରି ପରିବହନ କ୍ଷେତ୍ରରେ ବିପ୍ଳବ ଆଣିଥିଲା। ଏହାର ମୂଲ୍ୟ କମ୍ ଥିବାରୁ ଅଧିକ ଲୋକ ଏହାକୁ କିଣିବା ପାଇଁ ସକ୍ଷମ ହେଲେ। ଆଜି ପର୍ଯ୍ୟନ୍ତ ମୋଟରଗାଡ଼ିରେ ଏହି ଇଞ୍ଜିନ୍ କାର୍ଯ୍ୟ କରିଆସୁଛି। କିନ୍ତୁ ଏହା ଆଉ ଅଧିକ ଦିନ ରହିବ ନାହିଁ। ଏହାର ବିକଳ୍ପ ଭାବେ ବିଦ୍ୟୁତ୍ ଇଞ୍ଜିନ ବାହାରିଲାଣି। ଆଭ୍ୟନ୍ତରୀଣ ଦହନ ଇଞ୍ଜିନରେ ଡିଜେଲ ଓ ପେଟ୍ରୋଲ ଦହନ ହୋଇଥାଏ ଏବଂ ଏହା ଫଳରେ ବାୟୁମଣ୍ଡଳକୁ କାର୍ବନ ମନୋକ୍ସାଇଡ୍, ସଲ୍‌ଫର ଡାଇଅକ୍ସାଇଡ, ନାଇଟ୍ରୋଜେନ୍ ଅକ୍ସାଇଡ, ହାଇଡ୍ରୋକାର୍ବନ, କ୍ଷୁଦ୍ରକଣିକା ଆଦି ପଦାର୍ଥ ନିର୍ଗତ ହୋଇ ପ୍ରଦୂଷଣ କରିଥାଏ। ପୁନଶ୍ଚ ପେଟ୍ରୋଲିୟମ୍ ପୃଥିବୀର କେତେକ ନିର୍ଦ୍ଦିଷ୍ଟ ଦେଶରେ ଉପଲବ୍ଧ ଏବଂ ଏହାକୁ ଆମଦାନି କରିବା ପାଇଁ ବୈଦେଶିକ ପୁଞ୍ଜି ବ୍ୟୟ ହୋଇଥାଏ। ଏହାର ମୂଲ୍ୟ ଦିନକୁ ଦିନ ବୃଦ୍ଧି ପାଇବା ସହିତ ଭୂଗର୍ଭରେ ଏହାର ପରିମାଣ ହ୍ରାସ ପାଇବାରେ ଲାଗିଛି ଏବଂ ଆସନ୍ତା ୩୦ ବର୍ଷ ଭିତରେ ଏହା ନିଃଶେଷ ହୋଇଯିବା ଆଶଙ୍କା ଦେଖାଦେଇଛି। ଏହାର ଅନ୍ୟ ଏକ ଅସୁବିଧା ହେଉଛି ଯେ ଏହା ଇରାନ, ଇରାକ, କୁଏଟ, ସୌଦି ଆରବ ଆଦି ଉପସାଗରୀୟ ଦେଶରେ ଅଧିକ ପରିମାଣରେ ଉପଲବ୍ଧ ଏବଂ ସେହି ଅଞ୍ଚଳଗୁଡ଼ିକରେ ବାରମ୍ବାର ଯୁଦ୍ଧ ଓ ଅଶାନ୍ତି ସୃଷ୍ଟି ହେଉଥିବାରୁ ଏହାର ନିରାପଦ ଆମଦାନିରେ ସନ୍ଦେହ ସୃଷ୍ଟି ହୋଇଛି। ଏହି କାରଣରୁ ଆଭ୍ୟନ୍ତରୀଣ ଦହନ ଇଞ୍ଜିନର ବିକଳ୍ପ ଭାବେ ବୈଜ୍ଞାନିକମାନେ ବିଦ୍ୟୁତ୍ ଇଞ୍ଜିନକୁ ବିକାଶ କରିଛନ୍ତି, ଯାହା ବ୍ୟାଟେରି ଦ୍ୱାରା କାର୍ଯ୍ୟ କରିଥାଏ। କିନ୍ତୁ ଏଥିରେ ଅସୁବିଧା ହେଉଛି ଯେ, ଲିଥିୟମ୍-ଆୟନ୍ ବ୍ୟାଟେରିର ଦାମ୍ ହେଉଛି ଅଧିକ। ୩୦ କିଲୋୱାଟ୍‌ଆୱାର କ୍ଷମତାର ଗୋଟିଏ ବ୍ୟାଟେରିର ମୂଲ୍ୟ ବର୍ତ୍ତମାନ ପାଞ୍ଚରୁ ଛଅ ଲକ୍ଷ ଟଙ୍କା ପଡୁଛି, ଯାହା ଗୋଟିଏ କାରର ମୋଟ ମୂଲ୍ୟର ଅଧାରୁ ଅଧିକ ହେବ। ମାତ୍ର ଉନ୍ନତ ପ୍ରଯୁକ୍ତିବିଦ୍ୟା ପ୍ରୟୋଗ କରି ଏହି ମୂଲ୍ୟକୁ ଦୁଇଲକ୍ଷ ଟଙ୍କାକୁ ହ୍ରାସ କରିବା ପାଇଁ ଚେଷ୍ଟା ଚାଲିଛି। ଏହି ବ୍ୟାଟେରିର ଅନ୍ୟ ଏକ ଅସୁବିଧା ହେଉଛି ଯେ, ଏହାକୁ ୧୦୦ କି.ମି. ଯିବା ପରେ ପୁନର୍ବାର ଚାର୍ଜ କରିବାକୁ ପଡିଥାଏ। କିନ୍ତୁ ବର୍ତ୍ତମାନ ନୂତନ ପ୍ରଯୁକ୍ତିବିଦ୍ୟାରେ ୩୦୦ରୁ ୪୦୦ କି.ମି. କିମ୍ବା ତା'ଠାରୁ ଅଧିକ ଦୂର ଯିବା ପରେ ଚାର୍ଜିଙ୍ଗ୍ କରିବା ପାଇଁ ଗବେଷଣା ଚାଲିଛି। ଭାରତରେ କେତେକ ସହରରେ ବିଦ୍ୟୁତ୍ ଗାଡି ଚାଲିଲାଣି। ଭାରତ ସରକାର ୨୦୩୦ ପରେ ଆଭ୍ୟନ୍ତରୀଣ ଦହନ ଇଞ୍ଜିନ ଚାଳିତ ମୋଟରଗାଡିର ବିକ୍ରିକୁ ନିଷେଧ କରିବା ପାଇଁ ନୀତିଗତ ନିଷ୍ପତ୍ତି ନେଇଛନ୍ତି। ଏଥିରୁ ସ୍ପଷ୍ଟ ଯେ ବିଜ୍ଞାନର ଦୁଇ ପ୍ରଭାବଶାଳୀ ଉଦ୍ଭାବନ ମାନବ ସେବାରେ ଶତାଧିକ ବର୍ଷ ଉପଯୋଗ ହେବା ପରେ ଆସନ୍ତା ଦଶବର୍ଷ ମଧ୍ୟରେ ଏହାର ଅନ୍ତ ହେବାକୁ ଯାଉଛି ଏବଂ ଆମେମାନେ ଏହି ଦୁଇଟିକୁ କେବଳ ସଂଗ୍ରହାଳୟରେ ଦେଖିପାରିବା।

ଭୁବନେଶ୍ୱର, ମୋ-୯୪୩୮୬୯୩୭୨୪

## ଏଇ ଭାରତରେ

ବେସାହାରା ଲୋକଙ୍କ ଲାଗି ଯୁବଶକ୍ତିକୁ କାର୍ଯ୍ୟରେ ଲଗାଇ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି ଲକ୍ଷ୍ନୌର ଜଣେ ହୋଟେଲ ମାଲିକ ପରମ ସିଂ। ସେ ତାଙ୍କ ସାଙ୍ଗମାନଙ୍କ ସହ ମିଶି ଦୁରାରୋଗ୍ୟ ବ୍ୟାଧିରେ ପୀଡିତଙ୍କୁ ମାଗଣାରେ ଔଷଧ ଯୋଗାଉଛନ୍ତି। ପ୍ରତିମାସରେ ସେ ଅଢ଼େଇରୁ ତିନି ଲକ୍ଷ ଟଙ୍କାର ଔଷଧ ବାଣ୍ଟୁଛନ୍ତି। ତାଙ୍କ ସେବାକେନ୍ଦ୍ରର ନାମ ଗୁରୁ ନାନକ ମେଡିକାଲ ସେବା। ସେ ଲକ୍ଷ୍ନୌର କେଜିଏମ୍‌ସି ମେଡିକାଲ କଲେଜରେ ମାଗଣାରେ ଲଙ୍ଗର ଲଗାଇ ନିଜେ ସେବା ଦେଉଛନ୍ତି। ଏହି ଲଙ୍ଗରକୁ ସେ ଯିବା ସମୟରେ ସେଠାରେ କିଛି ଲୋକଙ୍କ ପାଖରେ ଔଷଧ କିଣିବା ଲାଗି ଟଙ୍କା ନ ଥିବା ଜାଣିବାକୁ ପାଇଥିଲେ। ତା'ପରେ ୬ ମାସ ନିଜ ପକେଟରୁ ଖର୍ଚ୍ଚ କରି ଲୋକମାନଙ୍କୁ ମାଗଣାରେ ଔଷଧ ଦେବାପରେ ଏହି ସେବାରେ ତାଙ୍କର ସାଙ୍ଗମାନେ ସାମିଲ ହୋଇଥିଲେ ଓ ସେବେଠାରୁ ଏହି ସେବା ଆଗକୁ ବଢ଼ିବାରେ ଲାଗିଛି। ପରମଙ୍କ ସାଙ୍ଗମାନେ ବିଭିନ୍ନ ବ୍ୟବସାୟ କରୁଛନ୍ତି ଓ ଏଥିଲାଗି ସାହାଯ୍ୟ ବି କରୁଛନ୍ତି। ଏମାନେ ସୋସିଆଲ ମିଡ଼ିଆ ଓ ସହରର ବିଭିନ୍ନ ସ୍ଥାନରେ ପୋଷ୍ଟର୍ ମାଧ୍ୟମରେ ମୋବାଇଲ ନମ୍ବର ଜଣାଇ ଦେଇଛନ୍ତି। ଯେଉଁମାନଙ୍କର ଆବଶ୍ୟକ ହେଉଛି ସେମାନେ ପରମଙ୍କୁ ସାକ୍ଷାତ କରୁଛନ୍ତି।

### ଚିରନ୍ତନୀ

ହଜିଗଲା କଥା ଗୋଟି ଗୋଟି ଯେତେ ପଡ଼ଇ ମନେ
ବିମୁଖ ପ୍ରଣୟୀ ପରାଏ ଯାହାକୁ ଛାଡିଲି ମୁହିଁ।
କେତେ ପ୍ରିୟ ସ୍ମୃତି ଅନୁଭୂତିମୟ ଅତୀତ କାଳ
ତୋତେ ଦେଖି ଆଜି ପାସୋରି ଦେଲିରେ ଶିମୁଳିପାଳ!
(ପାସୋରି ଦେଲିରେ ଶିମୁଳିପାଳ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୧୮ ଜାନୁୟାରୀ ୧୯୯୫

- ଜାପାନରେ ଶକ୍ତିଶାଳୀ ଭୂମିକମ୍ପରେ ୨ ହଜାରରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଥିବା ନେଇ ସୂଚନା।
- ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ କାରବାର ୪ ବିଲିୟନ ଡଲାରକୁ ବୃଦ୍ଧି ନେଇ ରାଜିନାମା ସ୍ୱାକ୍ଷରିତ।

## ପାଠକ ଶ୍ରେଷ୍ଠ ବିଚାରକ

### ଅନ୍ଧବିଶ୍ୱାସ ଅନ୍ତରାଳେ

ମହାଶୟ,

ଧରିତ୍ରୀ (୩୧) ପୃଷ୍ଠାରୁ ଅନ୍ନପୂର୍ଣ୍ଣା ପାଣ୍ଡେଙ୍କ 'ଅନ୍ଧବିଶ୍ୱାସ ଅନ୍ତରାଳେ' ଲେଖାଟି ପଢିଲି। ଲେଖିକା କହିଛନ୍ତି, ଡାକ୍ତରଖାନା ପାଖରେ ନ ଥିବା, ଚାଲି ଚାଲି ପାହାଡ ଓହ୍ଲେଇ ଡାକ୍ତରଖାନାକୁ ଯିବା, ଡାକ୍ତରଖାନା ଗଲେ ବି ତାଙ୍କ କଥା କେହି ନ ଶୁଣିବା ଆଦି କାରଣ ଯୋଗୁ ରୋଗୀ ମୃତ୍ୟୁମୁଖରେ ପଡେ। ତେଣୁ ସ୍ଥାନୀୟ ଗୁଣିଆ ପାଖକୁ ଯାଆନ୍ତି ବିଶ୍ୱାସରେ, ବଞ୍ଚିବାର ଥିଲେ ବଞ୍ଚିବ। ରୋଗୀ ଭଲ ହେବା ପାଇଁ ଗୁଣିଆ ଠାକୁରାଣୀଙ୍କୁ ପ୍ରାର୍ଥନା କରେ। ଡାକ୍ତରଙ୍କ ଉପରେ ଆସ୍ଥା ନ ରଖୁଥିବା ଲୋକଙ୍କ କଥା ବୁଝୁଛି କିଏ? ଏହା ଅତ୍ୟନ୍ତ କ୍ଷୋଭର ବିଷୟ। ପାହାଡର ଜଡିବୁଟି ଖାଇ ଭଲ ହେଉଥିବା ଲୋକ ଏବେ ବି ପରମ୍ପରାକୁ ମଥାର ତିଳକ କରିଛନ୍ତି। ହେଲେ ବିଜ୍ଞାନୀ ମଣିଷ ଏସବୁ ପ୍ରଣାଳୀ ପ୍ରତି ନାସିକା କୁଞ୍ଚନ କରୁଛି। ଡାହାଣୀ ସନ୍ଦେହରେ ମାରି ଦିଆଯିବାର କାରଣ ବି ଅଧିକାଂଶ କ୍ଷେତ୍ରରେ ଜମିବାଡ଼ି ବିବାଦ ବା ଅନ୍ୟ କିଛି ବୋଲି ପାଣ୍ଡେ ଲେଖିଛନ୍ତି। ଡାହାଣୀ ସନ୍ଦେହ ଖାଲି ଲୋକଙ୍କୁ ଭୁଆ ବୁଲେଇବା ପାଇଁ। ତେଣୁ ସେହି ଅନୁସାରେ ତଦନ୍ତ ହୋଇ କାର୍ଯ୍ୟାନୁଷ୍ଠାନ ହେବା ଉଚିତ।

କାର୍ତ୍ତିକ ଚନ୍ଦ୍ର ଷଡଙ୍ଗୀ, ବଲରା, ବିଳାସୁଣୀ, ନିଆଳି, କଟକ

### ସିଡିଏମ୍‌ଓଙ୍କ ମାନବିକତା

ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟରେ ଜଣେ ତୀରବିଦ୍ଧ ଯୁବକଙ୍କୁ ସର୍ଜରି ସ୍ପେଶାଲିଷ୍ଟ ତଥା ସିଡିଏମ୍‌ଓ ତତ୍କାଳ ଅପରେଶନ କରି ଜଙ୍ଘରୁ ତୀର ବାହାର କରିବା ଖବର ପ୍ରକାଶ ପାଇଛି। ଯଦିଓ ବହିର୍ଚିକିତ୍ସା ବିଭାଗ ଯୁବକଙ୍କୁ କଟକ ମେଡିକାଲ ଯିବା ଲାଗି ପରାମର୍ଶ ଦେଇଥିଲେ ପୀଡ଼ିତର ପ୍ରଚୁର ରକ୍ତସ୍ରାବ ଦେଖି ସିଡିଏମ୍‌ଓ ସେହି ଡାକ୍ତରଖାନାରେ ତା'ର ତୁରନ୍ତ ଅପରେଶନ କରି ତାକୁ ଯନ୍ତ୍ରଣାମୁକ୍ତ କରିବା ମାନବିକତାର ପରିଚାୟକ। ସିଡିଏମଓଙ୍କ ଏହି ନିଃସ୍ୱାର୍ଥପର ସେବା ଓ ମାନବିକତା ଅନ୍ୟ ଡାକ୍ତରମାନଙ୍କ ପାଇଁ ପ୍ରେରଣାଦାୟକ ହେବ ବୋଲି ଆଶା କରାଯାଏ।

ହରମୋହନ ମହାନ୍ତି, ଦଉତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



"ଦେଶର ଯବାନ ଶହୀଦ ହେଉଥିବାବେଳେ ଉତ୍ସବ ମନାଉଥିବା ଲୋକଙ୍କୁ ମୁଁ ସମର୍ଥନ କରେନାହିଁ।
-କଙ୍ଗଣା ରାଣାୱତ୍
ବଲିଉଡ୍ ଅଭିନେତ୍ରୀ



# କାଠର ବିକଳ୍ପ ବର୍ଜ୍ୟ ପ୍ଲାଷ୍ଟିକ୍

**ଟରଣ୍ଟୋ:** ସବୁଜ ପୃଥିବୀ ଉପରେ ବୋଝ ହୋଇଗଲାଣି ପ୍ଲାଷ୍ଟିକ୍ ପାହାଡ଼। ଏହାକୁ ପୁନଃ ବ୍ୟବହାର କରାଯିବା ପାଇଁ ପାରୁ ପର୍ଯ୍ୟନ୍ତ ଚେଷ୍ଟା କରୁଛନ୍ତି ବହୁ ଦୂରଦର୍ଶୀ କମ୍ପାନୀ। କେଉଁଠି ପ୍ଲାଷ୍ଟିକରୁ ରାସ୍ତା ତ ଆଉ କେଉଁଠି ଘର ସାଜସଜ୍ଜା ଉପକରଣ ପ୍ରସ୍ତୁତ କରାଯିବା କଥା ଆମେ ଢ଼େର ଅଧିକେ ଶୁଣିଥିବା। ହେଲେ ଏବେ କାଠର ବିକଳ୍ପ ହେବାକୁ ଯାଉଛି ପ୍ଲାଷ୍ଟିକ୍ ବର୍ଜ୍ୟ। ଯଦି ଏପରି ଉପକରଣ ଗ୍ରହଣୀୟ ହୁଏ, ତେବେ ଖୁବ୍ କମ୍ ଦିନରେ ସବୁଆଡେ ଝଲସୁଥିବ ବର୍ଜ୍ୟ ପ୍ଲାଷ୍ଟିକରୁ ପ୍ରସ୍ତୁତ କାଠ ତିଆରି ଉପକରଣ।



ଏପରି ଏକ ଅଭିନବ ପ୍ରକଳ୍ପ ଆରମ୍ଭ କରିଛି କାନାଡ଼ାର 'ଗୁଡ ଉଡ୍' କମ୍ପାନୀ। ନୋଭା ସ୍କାଟିଆ ପ୍ରାନ୍ତର ହାଲିଫେକ୍ସ ସହରରେ ପ୍ଲାଷ୍ଟିକ୍ ବର୍ଜ୍ୟକୁ ନେଇ ସ୍ଥାନୀୟ ପ୍ରଶାସନ ଚିନ୍ତାରେ ପଡ଼ିଥିଲା। ହେଲେ ଏହାର ସମାଧାନ କରିବାକୁ ଆଗେଇ ଆସିଛି 'ଗୁଡ୍ ଉଡ'। କମ୍ପାନୀ ପକ୍ଷରୁ ସହରର ୮୦% ଅବ୍ୟବହୃତ ପ୍ଲାଷ୍ଟିକ୍‌ର ପୁନଃଚକ୍ରଣ କରାଯିବ। ଏଥିରୁ କଠିନ ପ୍ଲେଟ୍ ପ୍ରସ୍ତୁତ କରାଯିବ, ଯାହା ବଡ଼ ବଡ଼ କୋଠାରେ କାଠର ବିକଳ୍ପ ହୋଇପାରିବ। ଏଥିରେ କାଠ ଭଳି ଛିଦ୍ର କରାଯାଇପାରିବ। ଏଥିସହ ଆବଶ୍ୟକ ଘରୋଇ ସାମଗ୍ରୀ ପ୍ରସ୍ତୁତ କରାଯାଇପାରିବ। ଅବଶିଷ୍ଟ ୨୦% ଆବର୍ଜନାକୁ ଅନ୍ୟ ଉପାୟରେ ପରିଚାଳନା କରାଯିବ। ଏପରି ଯୋଜନାକୁ ସ୍ଥାନୀୟ ପ୍ରଶାସନ ଏବଂ ଜନ ପ୍ରତିନିଧି ବେଶ୍ ପ୍ରଶଂସା କରିଛନ୍ତି। ଏହାଦ୍ୱାରା ଅବାଧ ଗଛ କଟା ଉପରେ ରୋକ୍ ଲଗାଯାଇପାରିବ ବୋଲି ହାଲିଫେକ୍ସର ସଲିଡ୍ ୱେଷ୍ଟ ଡିଭିଜନ ମ୍ୟାନେଜର ଆଣ୍ଡ୍ରୁ ଫିଲୋପାଲୁସ୍ କହିଛନ୍ତି।

ଗତ ଡିସେମ୍ବରରେ ହିଁ କମ୍ପାନୀ ନିଜର ନାମ 'ଗୁଡ୍ ଉଡ' ରଖିଛି। ଏଥିପୂର୍ବରୁ କମ୍ପାନୀ ଏକ ଗ୍ରୋସରି ଷ୍ଟୋରକୁ ନୂଆ ରୂପ ଦେଇଥିଲା। ଏଥିରେ ବ୍ୟବହୃତ ପ୍ରତ୍ୟେକଟି ସାମଗ୍ରୀ ପ୍ଲାଷ୍ଟିକ୍‌ରେ ନିର୍ମିତ ହୋଇଥିଲା। ସହରର ଅଧିକାଂଶ ବର୍ଜ୍ୟ ପ୍ଲାଷ୍ଟିକ୍ ଥାଳି। ଏଥିସହ ପ୍ଲାଷ୍ଟିକ୍ ବୋତଲର ଅବଶେଷରୁ ମଧ୍ୟ ବହୁ ଉପକରଣ ପ୍ରସ୍ତୁତ କରାଯାଇପାରିବ। କମ୍ପାନୀ ଅଧ୍ୟକ୍ଷ ମାଇକ୍ ଚେସୀ କୁହନ୍ତି, ଆବର୍ଜନାରୁ ପିକନିକ ଟେବୁଲ, ପାର୍କବେଞ୍ଚଠାରୁ ଆରମ୍ଭ କରି ବହୁ ଅତ୍ୟାବଶ୍ୟକ ସାମଗ୍ରୀ ପ୍ରସ୍ତୁତ କରାଯାଉଛି। ଏହି ବ୍ୟବସାୟିକ ମଡେଲ ଅନ୍ୟ କ୍ଷେତ୍ରରେ ଲାଗୁ କରାଯିବାକୁ ଯୋଜନା କରାଯାଉଛି। ବର୍ଜ୍ୟ ପ୍ଲାଷ୍ଟିକ୍‌କୁ ସମ୍ପୂର୍ଣ୍ଣ ନଷ୍ଟ କରାଯିବା କଷ୍ଟକର କାର୍ଯ୍ୟ। ହେଲେ ବିକଳ୍ପ ବ୍ୟବସ୍ଥା ଦ୍ୱାରା ଅନେକ ସମସ୍ୟାର ସମାଧାନ କରାଯାଇପାରିବ ବୋଲି ସେ କହିଛନ୍ତି।



# 'ଲଭ୍ ଆଜ୍ କଲ୍'ରେ ସାରା

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ସାରା ଅଲ୍ଲୀ ଖାନ୍‌ଙ୍କ ଅପ୍ କମିଂ ଫିଲ୍ମ 'ଲଭ୍ ଆଜ୍ କଲ୍'ର ଟ୍ରେଲର ରିଲିଜ୍ ହୋଇସାରିଛି। ଏଥିରେ ସାରା, କାର୍ତ୍ତିକ ଆର୍ୟ୍ୟନ ଏବଂ ଆରୁଷି ଶର୍ମାଙ୍କୁ ଦେଖିବାକୁ ମିଳିଛି। ସାରା ଏବଂ କାର୍ତ୍ତିକଙ୍କ କେମିଷ୍ଟ୍ରି ଅନ୍‌ସ୍କ୍ରିନ୍‌ରେ ଖୁବ୍ ଜମିଛି। ଫିଲ୍ମରେ ପୁରୁଣା କାହାଣୀ ନୂଆ ଚେହେରା ବ୍ୟତୀତ ସାରାଙ୍କ ବୋଲ୍ଡନେସ୍‌ର ଝଲକ ମଧ୍ୟ ଦେଖିବାକୁ ମିଳିଛି। କେଦାରନାଥ ଏବଂ ସିମ୍ବା ପରେ ସାରା ୱେଷ୍ଟର୍ଣ୍ଣ ଲୁକ୍‌ରେ ନଜର ଆସିଛନ୍ତି। ଏଥିରେ ସେ କାରିୟର ଗଢ଼ିବା ପାଇଁ ମର୍ଡନ ଯୁବତୀ ଭୂମିକାରେ ଅଭିନୟ କରିଛନ୍ତି। ଯେଉଁ ଭୂମିକା ବେଶ୍ ହଟ୍ ଆଉ ବୋଲ୍ଡ। ଏଥିରେ କାର୍ତ୍ତିକଙ୍କ ସହ ତାଙ୍କର ଲିପ୍‌ଲକ୍ ସିନ୍ ମଧ୍ୟ ଦେଖିବାକୁ ମିଳିଛି। ଏହା ପୂର୍ବରୁ ସାରା ଦୁଇଟି ଫିଲ୍ମରେ ଅଭିନୟ କରିଥିଲେ ମଧ୍ୟ ବୋଲ୍ଡ ସିନ୍ ଦେଇ ନ ଥିଲେ। ଏହି ଫିଲ୍ମଟି ଫେବୃୟାରୀ ୧୪ରେ ରିଲିଜ୍ ହେବ।

# ଗିନିଜ୍ ବୁକ୍‌ରେ ବିଶ୍ୱର ସବୁଠାରୁ ଲମ୍ବା କେକ୍



**ତ୍ରିଶୂର୍(କେରଳ):** ରେକର୍ଡ ପାଇଁ ଲୋକେ ସବୁବେଳେ କିଛି ନିଆରା ଚିନ୍ତା କରିଥାନ୍ତି। ଭାରତ ନାମରେ ଏପରି ଅନେକ ରେକର୍ଡ ସମ୍ମାନଜନକ ଗିନିଜ୍ ବୁକ୍‌ରେ ସ୍ଥାନ ପାଇଛି। ନିକଟରେ କେରଳର ତ୍ରିଶୂର୍ ରାମନିଳୟମ୍ ରୋଡ୍‌ଠାରେ ବେକର୍ସ ଆସୋସିଏଶନ୍ କେରଳ ପକ୍ଷରୁ ରାଜ୍ୟର ୧୦୦୦ରୁ ଊର୍ଦ୍ଧ୍ୱ ସେଫ୍ ଏବଂ ବେକର୍ ବିଶ୍ୱର ସବୁଠାରୁ ଲମ୍ବା କେକ୍ ପ୍ରସ୍ତୁତ କରି ନୂତନ ରେକର୍ଡ କରିଛନ୍ତି। ନାଇଟ୍ ଶପିଂ ଫେଷ୍ଟିଭାଲ୍ ଅବସରରେ ଏହି କେକ୍ ପ୍ରସ୍ତୁତ ହୋଇଥିଲା। ୨୭ହଜାର କେଜି ଓଜନର ଏହି କେକ୍ ୧୦ ସେଣ୍ଟିମିଟର(୪ଇଞ୍ଚ)ଚଉଡ଼ା ଏବଂ ପ୍ରାୟ ୬.୫ କି.ମି. ଲମ୍ବା ହୋଇଥିବା କେକ୍ ପ୍ରସ୍ତୁତ କରିଥିବା ଆସୋସିଏଶନ୍ ପକ୍ଷରୁ କୁହାଯାଇଛି। ଏହି କେକ୍ ପ୍ରସ୍ତୁତ ପାଇଁ ୧୨ହଜାର କେଜି ଅଟା ଏବଂ ଚିନି ବ୍ୟବହାର ହୋଇଥିବା ଜଣାପଡ଼ିଛି। ଏଥିପୂର୍ବରୁ ଚାଇନାର ବେକର୍‌ମାନେ ୩.୨ କି.ମି. ଲମ୍ବା କେକ୍ ପ୍ରସ୍ତୁତ କରି ଏହି ରେକର୍ଡର ଅଧିକାରୀ ହୋଇଥିବାବେଳେ କେରଳର ଏହି ସେଫ୍ ଓ ବେକରମାନେ ଉକ୍ତ ରେକର୍ଡକୁ ଭଙ୍ଗ କରିଛନ୍ତି।

# ଦ୍ୱିତୀୟ, ତୃତୀୟ ବିବାହ ଲାଗି ଡିସ୍‌କାଉଣ୍ଟ ଅଫର

**ଇସଲାମାବାଦ:** ବିବାହ ସିଜିନ୍‌କୁ ଲକ୍ଷ୍ୟକରି ପାକିସ୍ତାନରେ ଏକ ମଣ୍ଡପ ମାଲିକ ଗ୍ରାହକଙ୍କୁ ଜବରଦସ୍ତ ଡିସ୍‌କାଉଣ୍ଟ ଘୋଷଣା କରିଛନ୍ତି। ସବୁଠୁ ରୋଚକ କଥା ହେଉଛି ଏହି ଡିସ୍‌କାଉଣ୍ଟ ଦ୍ୱିତୀୟ, ତୃତୀୟ ଏବଂ ଚତୁର୍ଥ ବିବାହ କରୁଥିବା ଗ୍ରାହକଙ୍କ ଲାଗି ଉପଲବ୍ଧ ହେବ। ପାକିସ୍ତାନର ବହାବଲପୁରରେ ଖୋଲିଥିବା ଏହି ବିବାହ ମଣ୍ଡପ ଦ୍ୱିତୀୟ ବିବାହ କରୁଥିବା ଗ୍ରାହକଙ୍କୁ ୫୦ ପ୍ରତିଶତ, ତୃତୀୟ ବିବାହ ପାଇଁ ୭୫ ପ୍ରତିଶତ ଏବଂ ଚତୁର୍ଥ ବିବାହ କରିବାକୁ ଥିବା ଯୋଡ଼ିଙ୍କୁ ମାଗଣାରେ ଯୋଗାଇ ଦିଆଯିବ। କିନ୍ତୁ ମଣ୍ଡପ ମାଲିକ ଡିସ୍‌କାଉଣ୍ଟ ଦେବା ପୂର୍ବରୁ କିଛିସର୍ତ୍ତ ରଖିଛନ୍ତି। ଏହା ହେଉଛି, ବିବାହ ପୂର୍ବରୁ ଉକ୍ତ ବ୍ୟକ୍ତିଙ୍କ ପ୍ରଥମ ସ୍ତ୍ରୀ ହିଁ ଏହି ମଣ୍ଡପ ବୁକ୍ କରିପାରିବେ। ତେବେ ଯାଇ ଦ୍ୱିତୀୟ, ତୃତୀୟ କିମ୍ବା ଚତୁର୍ଥ ବ୍ୟକ୍ତି ଏହି ଅଫର୍ ପାଇବାକୁ ଯୋଗ୍ୟ ହେବେ।

# ହେଲ୍‌ମେଟ୍ ନ ପିନ୍ଧିଲେ ଲେଖିବେ ରଚନା

**ଭୋପାଳ:** ନ୍ୟାଶନାଲ ହାଇୱେଜ୍ ଅଥରିଟି ଅଫ୍ ଇଣ୍ଡିଆ(ଏନ୍‌ଏଚ୍‌ଏଆଇ) ଦ୍ୱାରା ପାଳନ କରାଯାଉଛି ସଡ଼କ ସୁରକ୍ଷା ସପ୍ତାହ। ଏହି ଅବସରରେ ମଧ୍ୟପ୍ରଦେଶ ଭୋପାଳ ପୋଲିସ ଦ୍ୱାରା ଏକ ଅଭିନବ ଉପାୟ ପାଳନ କରିବାର ପ୍ରୟାସ କରାଯାଇଛି। ଦୁଇଚକିଆ ଯାନରେ ଯାଉଥିବା ଲୋକେ ଯଦି ହେଲ୍‌ମେଟ୍ ନ ପିନ୍ଧିଥିବେ ଏବେ ସେମାନଙ୍କୁ ୧୦୦ ଶବ୍ଦ ମଧ୍ୟରେ ରଚନା ଲେଖିବାକୁ ପଡିବ ବୋଲି ଭୋପାଳ ପୋଲିସ କହିଛି। ଏହି ରଚନାରେ ସେମାନେ କାହିଁକି ମୋଟର ଯାନ ନିୟମ ଉଲ୍ଲଂଘନ କରିଛନ୍ତି ଆଉ ହେଲ୍‌ମେଟ୍ ନ ପିନ୍ଧି ଗାଡି ଚଳାଇଛନ୍ତି ତାହା ବର୍ଣ୍ଣନା କରିବେ ବୋଲି ପୋଲିସ କହିଛି। ଏଭଳି ପ୍ରୟାସକୁ ନେଇ କୌତୁହଳ ଜାତ ହୋଇଥିବାବେଳେ ଲୋକଙ୍କୁ ସଚେତନ କରାଇବା ଲାଗି ଏହା ଉଦ୍ଦିଷ୍ଟ ବୋଲି ପୋଲିସ କହିଛି।




# ଜାତୀୟ ଏକତା ପୁରସ୍କାର ଲାଗି ନାମାଙ୍କନ ଆରମ୍ଭ



**ନୂଆଦିଲ୍ଲୀ:** ଦେଶର ଏକତା ଏବଂ ଅଖଣ୍ଡତା ବଜାୟ ରଖିବା କ୍ଷେତ୍ରରେ ଅତୁଳନୀୟ ଭୂମିକା ଗ୍ରହଣ କରିଥିବା ନାଗରିକଙ୍କୁ ସମ୍ମାନିତ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ସର୍ଦ୍ଦାର ପଟେଲ ଜାତୀୟ ଏକତା ପୁରସ୍କାର ଘୋଷଣା କରିଥିଲେ। ଶୁକ୍ରବାର କେନ୍ଦ୍ର ସରକାର ଚଳିତ ବର୍ଷ ଲାଗି ଯୋଗ୍ୟ ପ୍ରାର୍ଥୀଙ୍କୁ ନାମାଙ୍କନ ପାଇଁ ଆମନ୍ତ୍ରଣ କରିଛନ୍ତି। ଏପ୍ରିଲ ୩୦କୁ ନାମାଙ୍କନ ପାଇଁ ଶେଷ ତାରିଖ ଧାର୍ଯ୍ୟ କରାଯାଇଛି। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଦ୍ୱାରା ଜାରି କରାଯାଇଥିବା ଏକ ୱେବ୍‌ସାଇଟ୍ ମାଧ୍ୟମରେ ଯୋଗ୍ୟ ପ୍ରାର୍ଥୀ ନାମାଙ୍କନ ଦାଖଲ କରିପାରିବେ। ଅକ୍ଟୋବର ୩୧, ସର୍ଦ୍ଦାର ପଟେଲଙ୍କ ଜୟନ୍ତୀ ତଥା ଜାତୀୟ ଏକତା ଦିବସ ଅବସରରେ ପୁରସ୍କାର ବିଜେତାଙ୍କ ନାଁ ଘୋଷଣା କରାଯିବ ବୋଲି ଜଣାପଡ଼ିଛି। ବିଜେତାଙ୍କ ଚୟନ ପାଇଁ ୨୦୧୯ରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଏକ କମିଟି ଗଠନ କରାଯାଇଥିଲା। ଉକ୍ତ କମିଟିରେ କ୍ୟାବିନେଟ ସଚିବ, ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ, ରାଷ୍ଟ୍ରପତିଙ୍କ ସଚିବ, ସ୍ୱରାଷ୍ଟ୍ର ସଚିବଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଚୟନ ହୋଇଥିବା ତିନି-ଚାରି ଜଣ ଖ୍ୟାତି ସମ୍ପନ୍ନ ବ୍ୟକ୍ତି ସଦସ୍ୟ ଥିଲେ।



# ମା'ଙ୍କ ଜନ୍ମଦିନରେ ଦାମୀ କାର୍ ଉପହାର ଦେଲେ କାର୍ତ୍ତିକ

**ମୁମ୍ବାଇ:** ବଲିଉଡ୍‌ର ମୋଷ୍ଟ ପପୁଲାର୍ ହିରୋ କାର୍ତ୍ତିକ ଆର୍ୟ୍ୟନ୍‌ଙ୍କୁ ନେଇ ଆଜିକାଲି ଖୁବ୍ ଚର୍ଚ୍ଚା। ଅଳ୍ପ ଦିନର ବଲିଉଡ୍ କ୍ୟାରିୟର୍ ଭିତରେ ସେ ବେଶ୍ ଲୋକପ୍ରିୟତା ହାସଲ କରିସାରିଲେଣି। କେବେ ନିଜ ଅଭିନୟକୁ ନେଇ ତ କେବେ ଲଭ୍-ଆଫାୟର୍ସ କାରଣରୁ କାର୍ତ୍ତିକ ସବୁବେଳେ ଚର୍ଚ୍ଚାରେ ରହିଥାନ୍ତି। ନିକଟରେ ନିଜ ମା'ଙ୍କ ଜନ୍ମଦିନରେ ତାଙ୍କୁ ଏକ ଦାମୀ କାର୍ ଉପହାର ଦେଇ କାର୍ତ୍ତିକ ପୁଣି ଖବରକୁ ଆସିଛନ୍ତି।

ନିକଟରେ କାର୍ତ୍ତିକ ନିଜ ମା'ଙ୍କ ଜନ୍ମଦିନ ପାଳନ କରିଛନ୍ତି। ଏହି ଅବସରରେ ସେ ମା'ଙ୍କ ସହ ମୁମ୍ବାଇସ୍ଥିତ ମୁକ୍ତେଶ୍ୱର ମନ୍ଦିର ଯିବା ସହ ଏକ ଦାମୀ କାର୍ ମଧ୍ୟ ଉପହାରରେ ଦେଇଛନ୍ତି। ପ୍ରାୟ ୪୩.୩୯ କୋଟି ମୂଲ୍ୟର ମିନି କୁପର୍ କନ୍‌ଭର୍ଟିବଲ କାର୍ କାର୍ତ୍ତିକ ନିଜ ମା'ଙ୍କୁ ଜନ୍ମଦିନରେ ଉପହାର ଦେଇଛନ୍ତି। ସେ ଖାଲି ଉପହାର ଦେଇ ନାହାନ୍ତି, ମା'ଙ୍କୁ କାର୍ ରାଇଡ୍‌ରେ ମଧ୍ୟ ନେଇକି ଯାଇଛନ୍ତି। ତେବେ ଏହି ସବୁ ଦୃଶ୍ୟ କ୍ୟାମେରାରେ କଏଦ ହୋଇ ସୋସିଆଲ ମିଡିଆରେ ଏବେ ଭାଇରାଲ୍ ହେଉଛି। କାର୍ତ୍ତିକଙ୍କ ଫ୍ୟାନ୍ କ୍ଲବ୍ ପକ୍ଷରୁ ଏହାକୁ ଇନ୍‌ଷ୍ଟାଗ୍ରାମରେ ଶେୟାର କରାଯାଇଛି। ଏହାସହ କାର୍ତ୍ତିକ ମଧ୍ୟ ନିଜ ଅଫିସିଆଲ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡେଲ୍‌ରେ ମା'ଙ୍କ ସହ ନିଜ ପିଲାବେଳର ଫଟୋ ଶେୟାର କରି ତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି। ଯେତେବେଳେ କାର୍ତ୍ତିକ ବଲିଉଡ୍‌ରେ ଷ୍ଟ୍ରଗଲ କରୁଥିଲେ, ସେହି ସମୟରେ ଦିନେ ତାଙ୍କ ମା' ଉକ୍ତ କାର୍ ବିଷୟରେ ତାଙ୍କୁ କହିଥିଲେ। ଆଜି ସଫଳତା ପାଇବା ପରେ କାର୍ତ୍ତିକ ତାଙ୍କ ମା'ଙ୍କୁ ଏହି ଉପହାର ଦେଇ ଖୁସି କରିଦେଇଛନ୍ତି।

ଅନ୍ୟପଟେ କାର୍ତ୍ତିକ-ସାରା ଅଲୀ ଖାନଙ୍କ ଅଭିନୀତ ଫିଲ୍ମ 'ଲଭ୍ ଆଜ୍ କଲ୍'ର ଟ୍ରେଲର୍ ଶୁକ୍ରବାର ରିଲିଜ୍ ହୋଇଯାଇଛି। ଏଥିରେ ଉଭୟଙ୍କ ଦମ୍‌ଦାର କେମିଷ୍ଟ୍ରି ଦେଖିବାକୁ ମିଳିଛି। ଇମ୍‌ତିଆଜ୍ ଅଲୀଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ଫେବୃୟାରୀ ୧୪ରେ ରିଲିଜ୍ ହେବ।

# ୟୁସାକୁଙ୍କ ୨୦ ହଜାର ଗର୍ଲଫ୍ରେଣ୍ଡ

**ଟୋକିଓ:** ଜାପାନର କୋଟିପତି ବ୍ୟବସାୟୀ ୟୁସାକୁ ମାଏଜାବାଙ୍କ ସହ ଚନ୍ଦ୍ରକୁ ଯିବା ପାଇଁ ୨୦ ହଜାରରୁ ଅଧିକ ଯୁବତୀ ଆବେଦନ କରିଛନ୍ତି। ୪୪ ବର୍ଷୀୟ ୟୁସାକୁ ଚନ୍ଦ୍ର ପାଖକୁ ଯିବା ପାଇଁ ଗର୍ଲଫ୍ରେଣ୍ଡ ଖୋଜୁଥିଲେ। ଏଥିପାଇଁ ସେ ଜାନୁୟାରୀ ୧୨ରେ ଏକ ଖୋଲା ଦରଖାସ୍ତ ଆହ୍ୱାନ କରିଥିଲେ। ପ୍ରାୟ ୨୦ ହଜାରରୁ ଊର୍ଦ୍ଧ୍ୱ ଯୁବତୀ ତାଙ୍କ ସହ ଯିବା ପାଇଁ ଆବେଦନ କରିଥିବା ଜଣାପଡିଛି। ମାଏଜାବା ଜାପାନର ୧୮ତମ ଧନୀ ବ୍ୟକ୍ତି ଭାବେ ଜଣାଶୁଣା। ୨୦୦୪ରେ ସେ ଏକ ଫ୍ୟାଶନ ୱେବସାଇଟ୍ ଜୋଜୋଟାଉନ୍ ଲଞ୍ଚ୍ କରିଥିଲେ। ୨୦୧୮ରେ ବିଶ୍ୱର ୭୨ଟି ଦେଶରେ ଏହାର ଶାଖା ରହିଛି। ସଫଳ ବ୍ୟବସାୟୀ ହେବା ସହିତ ନିଜ କଲେକ୍ସନ ପାଇଁ ମଧ୍ୟ ଲୋକପ୍ରିୟ ଅଟନ୍ତି ସେ। ତାଙ୍କ ପାଖରେ ପିକାସୋର ଅସଲି ପେଣ୍ଟିଙ୍ଗ୍ସ ସହିତ ବୁଗାନୀର ଅନେକ ସୁପର କାର ଏବଂ ଚନ୍ଦ୍ର ପାଖକୁ ଯିବା ପାଇଁ ଏଲନ ମସ୍କର ସ୍ପେସ୍ ଏକ୍ସର ଟିକେଟ ମଧ୍ୟ ରହିଛି। ୨୦୧୮ ସେପ୍ଟେମ୍ବରରେ ସେ ଏହି ଟିକେଟ କିଣିଥିଲେ। ତାଙ୍କୁ ୨୦୨୩ରେ ଚନ୍ଦ୍ରକୁ ଯିବା ପାଇଁ ପ୍ରଥମ ପ୍ରାଇଭେଟ୍ ପାସେଞ୍ଜର ଭାବେ ଚୟନ କରାଯାଇଛି।



ଧରିତ୍ରୀ DHARITRI
ସମ୍ବଲପୁର, ଶନିବାର, ୧୮ ଜାନୁୟାରୀ, ୨୦୨୦



ଅତିଟା ସବୁ କ୍ଷେତ୍ରରେ ଖରାପ, ଯେପରି ଅତି ମାତ୍ରାରେ ଆଲୋକ ଆମକୁ ଅନ୍ଧ କରିଦିଏ।
-ଭଲ୍‌ଟାୟାର



## ସଂକ୍ଷେପରେ..

### ଶିକ୍ଷାର ବିକାଶ ଜାରି ରହିବ: ଡିଇଓ

ବରଗଡ଼ ଅଫିସ୍,୧୭।୧: ବରଗଡ଼ ଶିକ୍ଷା ଜିଲାରେ ଶୈକ୍ଷିକ ବାତାବରଣ ଏବଂ ଶିକ୍ଷାର ନିରନ୍ତର ବିକାଶ ପ୍ରକ୍ରିୟା ଜାରି ରହିବ ବୋଲି ନୂତନ ଜିଲା ଶିକ୍ଷା ଅଧିକାରୀ (ଡିଇଓ) କଳ୍ପନା ପଣ୍ଡା କହିଛନ୍ତି । ଜିଲା ବିଜ୍ଞାନ ନିରୀକ୍ଷକ ଡଃ ମନୋଜ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ଯୁଗ୍ମ ନିର୍ଦ୍ଦେଶକ ତଥା ପୂର୍ବତନ ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇ ଥିବାବେଳେ ନୂତନ ଜିଲା ଶିକ୍ଷା ଅଧିକାରୀ ପଣ୍ଡାଙ୍କୁ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସାଧନକର୍ମୀ ମନମୋହନ ତ୍ରିପାଠୀ ସଂଯୋଜନା କରିଥିବାବେଳେ ଜିଲାର ୫୦ରୁ ଊର୍ଦ୍ଧ୍ୱ ସାଧନକର୍ମୀ ଯୋଗଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନିଷ୍ଠା ପରିବାରର ସମ୍ପାଦକ ଅଶ୍ୱିନୀ ତ୍ରିପାଠୀ, ବରଗଡ଼ ଜିଲା ମିଳିତ କଳାକାର ମଞ୍ଚର ସମ୍ପାଦକ ତଥା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ଚୈତନ୍ୟ ପାଇକ, ରାଜେଶ ବାରିକ, ସହ ସମ୍ପାଦକ ତଥା ଗୋପବନ୍ଧୁ ପୁରୋହିତ, ସଦାନନ୍ଦ ଜାଲ, ସାଇନିଂ ଷ୍ଟାର ଅଭିଭାବିକା, ଅଭିଭାବକ ଏବଂ ବିଭିନ୍ନ ଅନୁଷ୍ଠାନର ସଭ୍ୟାସଭ୍ୟ ଉପସ୍ଥିତ ଥିଲେ । ରାଣାପ୍ରତାପ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ନମିତା ବଡ଼ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

### ଓଡ଼ିଶା ସବୁଜ ପତ୍ରିକା ବିକାଶ ପରିଷଦର ସଚେତନତା କାର୍ଯ୍ୟକ୍ରମ

ପାଇକମାଲ, ୧୭।୧ (ଡି.ଏନ.ଏ)
ପାଇକମାଲ ବ୍ଲକ ନୃସିଂହନାଥସ୍ଥିତ ଯାତ୍ରୀ ନିବାସରେ ଜିଲାସ୍ତରୀୟ ସ୍ୱାସ୍ଥ୍ୟ ସଚେତନତା ରାଜକୁମାର ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ମୁଖ୍ୟଅତିଥି ଭାବେ ଓଡିଶା ସବୁଜ ପତ୍ରିକା ବିକାଶ ପରିଷଦର ରାଜ୍ୟ ଚେୟାରମ୍ୟାନ ରାଜୀବ ରାୟ, ସମ୍ମାନିତ ଅତିଥି ଭାବେ ପ୍ରକୃତ ମିତ୍ର ମୀନକେତନ ସାହୁ, ପ୍ରକୃତ ମିତ୍ର ବିଭୂତି ମୁଣ୍ଡ, ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ କପିଳମୁନି ଆଶ୍ରମ କାର୍ଯ୍ୟାଳୟର ସମ୍ପାଦକ ମୋହନ ଜଗତ, ଗୋଲେଖ ରାଉତ, ପ୍ରିୟଙ୍କା ପଶାୟତ, ପରିଧି ଦାଶ, ମଧୁସ୍ମିତା ସ୍ୱାଇଁ ଯୋଗ ଦେଇଥିଲେ। ଏଥିରେ ସାମାଜିକ ଓ ଆର୍ଥିକ ବିକାଶ ଏବଂ ସ୍ୱାସ୍ଥ୍ୟ ସମ୍ପର୍କିତ ସଚେତନତା ତଥା ସ୍ୱଚ୍ଛ ଭାରତ ମିଶନ ଅଭିଯାନକୁ କିପରି ସଫଳ କରାଯିବ ସେ ନେଇ ଆଲୋଚନା ହୋଇଥିଲା। ଶିବ ପ୍ରସାଦ ପଟେଲ, ଶ୍ରୀରାମ କଲାରି, ସୁରେନ୍ଦ୍ର ଛତର, ଗୋବିନ୍ଦ ପାଇକ, କ୍ଷିତିପାଲ ମୁନା, ନୃପଲାଲ ପ୍ରଧାନ, ବିକ୍ରମ ଭୋଇ, ସିକନ୍ଦର ସୁରଜାଲ, ପୁରୁଷୋତ୍ତମ ମେହେର ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ।

### ନୃସିଂହନାଥରେ ଭକ୍ତଙ୍କ ମକର ସ୍ନାନ

ପାଇକମାଲ, ୧୭।୧ (ଡି.ଏନ.ଏ)
ପାଇକମାଲର ନୃସିଂହନାଥ ପୀଠରେ ପବିତ୍ର ମକର ସଂକ୍ରାନ୍ତି ଅବସରରେ ଭକ୍ତମାନଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ଭକ୍ତମାନେ ନୃସିଂହନାଥ ଝରଣାରେ ସ୍ନାନ କରି ଭଗବାନଙ୍କୁ ଦର୍ଶନ କରିବା ସହିତ ମକର ଚାଉଳ ସେବନ କରିଥିଲେ। ଠାକୁରଙ୍କୁ ସ୍ୱତନ୍ତ୍ର ଭାବେ ପୂଜା କରାଯାଇ ମକର ଚାଉଳ ଲାଗି କରାଯାଇଥିଲା। ଭକ୍ତମାନଙ୍କ ଭିଡକୁ ଆଖି ଆଗରେ ରଖି ବିଡିଓ ତଥା ଟ୍ରଷ୍ଟି ସଦାଶିବ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଠାକୁର ଦର୍ଶନ ବ୍ୟବସ୍ଥା କରାଯାଇଥିଲା।

### ହନୁମାନ ଜାଗରଣ ମହାଯଜ୍ଞ ଉଦ୍‌ଯାପିତ

ଅତାବିରା, ୧୭।୧ (ଡି.ଏନ.ଏ)
ଅତାବିରା ବ୍ଲକ କୁଲିତାଟୁକୁରା ପଞ୍ଚାୟତ ରେଙ୍ଗାଲିଟିକ୍ରା ସିନ୍ଦରବାହାଲରେ ଚାଲିଥିବା ହନୁମାନ ଜାଗରଣ ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଏହା ୧୩ତାରିଖରୁ ଆରମ୍ଭ ହୋଇଥିଲା । ଉଦଯାପନୀ ଦିବସରେ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଜାଗରଣ ମହାଯଜ୍ଞର ଟେକାନନ୍ଦ ଦାଶ, ତାଙ୍କ ସ୍ତ୍ରୀ କମଳିନୀ ଦାଶ, ସୁଦର୍ଶନ ମାଝୀ, ନବୀନ ଭୋଏ ଓ ସୁରେନ୍ଦ୍ର ଭୋଏ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ପଣ୍ଡିତ ଜ୍ଞାନପତି ମହାପାତ୍ର, ପଣ୍ଡିତ ଅଶ୍ୱିନୀ ତ୍ରିପାଠୀ ଓ ସାଥି ହୋମଯଜ୍ଞ ମନ୍ତ୍ରପାଠ କରିଥିଲେ । ପରିଚାଳନା କମିଟି ସଭାପତି ମୀନକେତନ ଦାଶଙ୍କ ତତ୍ତ୍ୱାବଧାନରେ ନେତ୍ରାନନ୍ଦ ରଣା, ଶ୍ୟାମ ରାଉତ, ସନ୍ତୋଷ ଭୋଇ, ନିରଞ୍ଜନ ଭୋଇ, ନିରଞ୍ଜନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# କଲେଜରେ ପକାଇଲେ ତାଲା

## କିରାଣିଙ୍କ କାର୍ଯ୍ୟରେ ଅଧାପକ ଅତିଷ୍ଠ

ପୁରୁଣାକଟକ,୧୭।୧(ଡି.ଏନ.ଏ)

ହରଭଙ୍ଗା ବ୍ଲକ ପୁରୁଣାକଟକ ଭୈରବୀ କନିଷ୍ଠ ମହାବିଦ୍ୟାଳୟରେ ଶୁକ୍ରବାର ବ୍ଲକ ଗ୍ରାଣ୍ଟ ଅଧ୍ୟାପକମାନେ କଲେଜରେ ତାଲା ପକାଇଛନ୍ତି। ମାର୍ଚ୍ଚ ମାସରେ ଛାତ୍ରୀଛାତ୍ରଙ୍କ ପରୀକ୍ଷା ଥିବାବେଳେ କଲେଜରେ ତାଲାପକା ଘଟଣାକୁ ନେଇ ଅଭିଭାବକମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଅଧ୍ୟାପକ ପି. କେ. ସେଠୀ, ରଞ୍ଜନ କୁମାର ପାଣିଗ୍ରାହୀ, ଟି. ଭୋଇଙ୍କ କହିବାସାରେ ସେମାନେ ୪ ମାସ ହେଲା ଦରମା ପାଇନାହାନ୍ତି। ୨ ମାସର ଦରମା ମଞ୍ଜୁର ହୋଇ ଆସିଥିଲେ ସୁଦ୍ଧା ସେମାନଙ୍କୁ ଦରମା ଦେବାରେ ଅବହେଳା କରାଯାଇଛି। ମହାବିଦ୍ୟାଳରେ ଥିବା କିରାଣୀ ସେମାନଙ୍କୁ ଜାଣିଶୁଣି ହଇରାଣ କରୁଥିବାରୁ ସେମାନେ ଏଭଳି ନିଷ୍ପତ୍ତି ନେଇଥିବା କହିଛନ୍ତି। ଏଥିସହିତ କିରାଣୀଙ୍କ ଦେହ ଅସୁସ୍ଥ ରହୁଥିବାରୁ ସେ କାର୍ଯ୍ୟ କରିବାକୁ ଅକ୍ଷମତା ପ୍ରକାଶ କରି ଅଧ୍ୟକ୍ଷଙ୍କୁ ଲିଖିତ ଜଣାଇଥିଲେ ମଧ୍ୟ ତାଙ୍କୁ ଇଚ୍ଛାକୃତ ଅବସର ଦେଇ ତାଙ୍କ ସ୍ଥାନରେ କଣ୍ଟ୍ରାକ୍ଟୁଆଲ୍ ଜଣଙ୍କୁ ନିଯୁକ୍ତି କରାଯାଉ ବୋଲି ସେମାନେ ଦାବି କରିଛନ୍ତି । ଏ ନେଇ ଯୁକ୍ତ ୨ ଭୈରବୀ ମହାବିଦ୍ୟାଳୟର ଅଧ୍ୟକ୍ଷ ମନୋଜ ପାଠୀଙ୍କୁ ପଚାରିବାରୁ ସମ୍ପୃକ୍ତ କିରାଣୀ କାର୍ଯ୍ୟରେ ଅବହେଳା କରୁଥିବାରୁ ଏଭଳି ସମସ୍ୟା ଉପୁଜିଥିବା କହିଥିଲେ। ଏ ନେଇ ବୋର୍ଡକୁ ଜଣାଇବା ପରେ ଯାହା କିଛି ନିଷ୍ପତ୍ତି ନିଆଯିବ ବୋଲି ଅଧକ୍ଷ ପାଠୀ କହିଥିଲେ। ନିଜର ଅସୁବିଧା କିମ୍ବା ସମସ୍ୟା ସମାଧାନ ପରିବର୍ତ୍ତେ କଲେଜରେ ତାଲା ପକାଇ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହିତ ଖେଳ ଖେଳିବା କେତେଦୂର ଯୁକ୍ତିଯୁକ୍ତ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ତୁରନ୍ତ ପ୍ରଶାସନ ପକ୍ଷରୁ ଦୃଷ୍ଟି ଦେଇ ଏହାର ସମାଧାନ କରିବାକୁ ଦାବି ହେଉଛି।



ଭୈରବୀ କନିଷ୍ଠ ମହାବିଦ୍ୟାଳୟରେ ତାଲା ପଡ଼ିଛି।

# ୧୬ୟୁନିଟ୍ ରକ୍ତ ସଂଗ୍ରହ

ବରଗଡ଼ ଅଫିସ୍,୧୭।୧
ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ଶୁକ୍ରବାର କ୍ରୀଷ୍ଣା ଅଟୋମୋଟିଭ (ମହିନ୍ଦ୍ରା), ବରଗଡ଼ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଷ୍ଠାର ମିଳିତ ଉଦ୍ୟମରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଶିବିରରେ ୧୬ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଉକ୍ତ ଶିବିରକୁ କ୍ରିଷ୍ଣା ଅଟୋମୋଟିଭର ଶାଖା ପରିଚାଳକ ଅଭିଳାଷ ପଣ୍ଡା ଏବଂ ନିଷ୍ଠା ପରିବାରର ଅଶ୍ୱିନୀ ତ୍ରିପାଠୀ ପ୍ରମୁଖ ଶିବିର ପରିଚାଳନା କରିଥିଲେ। ବରଗଡ଼ ରକ୍ତଭଣ୍ଡାରର କର୍ମଚାରୀମାନେ ସହଯୋଗ କରିଥିଲେ ।



ଶିବିରରେ ରକ୍ତ ସଂଗ୍ରହ କରାଯାଉଛି ।

# କିନ୍ନର ଅଧିକାର ସଚେତନତା ପଦଯାତ୍ରା

ବୌଦ୍ଧ,୧୭।୧(ସ୍ୱ.ପ୍ର)

ବୌଦ୍ଧ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବଘିଆପଡାଠାରେ କିନ୍ନର ମାନଙ୍କର ଅଧିକାର ନେଇ ଏକ ଆଇନ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଛି। ଏହି ପଦଯାତ୍ରାକୁ ଆଇନସେବା ପ୍ରାଧିକରଣର ସଚିବ ପ୍ରଭୁରାମଦାସ ଅଧିକାରୀ ଉଦଘାଟନ କରିବା ସହ କିନ୍ନର ମାନଙ୍କ ଅଧିକାର ଓ ସୁରକ୍ଷା ନେଇ ଆଲୋକପାତ କରିଥିଲେ। ଏହାସହିତ ମୌଳିକ କର୍ତ୍ତବ୍ୟ ଓ ଅଧିକାର ଉପରେ ସଚେତନ କରାଇଥିଲେ ।

# ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ପୋଲିସ ବାହିନୀ

ବୌଦ୍ଧ,୧୭।୧(ସ୍ୱ.ପ୍ର)

ବୌଦ୍ଧ ଜିଲା ପୋଲିସ ପକ୍ଷରୁ ଗୁରୁବାର ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଜିଲା ଆରକ୍ଷୀ ଅଧୀକ୍ଷକ ଭି. ରଘୁନାଥ ରାଓ ସବୁଜ ପତକା ଦେଖାଇ ଶୁଭାରମ୍ଭ କରିଥିଲେ । ବୌଦ୍ଧ ଥାନାଧିକାରୀ ତପସ୍ୱିନୀ କହଁରଙ୍କ ନେତୃତ୍ୱରେ ଏକ ବାଇକ ଶୋଭାଯାତ୍ରା ସହରର ବ୍ରିଜ ଛକରୁ ବାହାରି ସହର ପରିକ୍ରମା କରିଥିଲା। ରାଲିରେ ଲୋକଙ୍କୁ ସଡକ ସୁରକ୍ଷା ଉପରେ ସଚେତନ ପାଇଁ ବିଭିନ୍ନ ସ୍ଲୋଗାନ ଦିଆଯାଇଥିଲା ଏହି କାର୍ଯ୍ୟକ୍ରମରେ ଏସଡିପିଓ ସାଲେଷ୍ଟିନ ଟିଗାଙ୍କ ସମେତ ଆଦର୍ଶ ଥାନାର କର୍ମଚାରୀ, ଏପିଆର, ଡିଭିଏଫ, ପୋଲିସ ସମିତିର ସଭ୍ୟ ଯୋଗଦାନ କରିଥିଲେ ।

# ନବରାତ୍ର ରାମଲୀଳା ମହୋତ୍ସବ ଉଦ୍‌ଘାଟିତ

## ରାବଣ ରାଜୁତି ଆରମ୍ଭ

ଭେଡ଼େନ, ୧୭।୧ (ଡ଼ି.ଏନ.ଏ)

ବରଗଡ଼ ଜିଲା ଭେଡ଼େନର ନବରାତ୍ର ରାମଲୀଳା ମହୋତ୍ସବ ଶୁକ୍ରବାର ସନ୍ଧ୍ୟାରେ ଉଦଘାଟିତ ହୋଇଛି। ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ତଥା ଫିତା କାଟି ରାମଲୀଳାର ନାଟ୍ୟାଭିନୟକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଯାତ୍ରା କମିଟି ସଭାପତି କୃଷ୍ଣଚନ୍ଦ୍ର ବେହେରା, ଦିଲୀପ କୁମାର ରଥ, ଦଶରଥ ମେହେର, ସୁଶୀଲ ଅଗ୍ରୱାଲ, ସମ୍ପାଦକ ଗଜରାଜ ମେହେର, ସୌମ୍ୟ ବେହେରା, ପ୍ରଦୀପ ନାୟକ, କୋଷାଧକ୍ଷ ପ୍ରେମରାଜ ମେହେର, ବିଜୟ ଲହରିଆଙ୍କ ସମେତ ଯାତ୍ରା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ରାବଣ ଦରବାରରେ ନାଟ୍ୟାଭିନୟରେ ରାବଣ, କୁମ୍ଭକର୍ଣ୍ଣ ଓ ବିଭିଷଣଙ୍କ ତପସ୍ୟା, କୁବେରଙ୍କୁ ପରାସ୍ତ କରି ଲଙ୍କା ଅଧିକାର, ରାବଣଙ୍କ ରାଜାଭିଷେକ ସହ ବିଜୟା ମଣ୍ଡପ ସ୍ଥିତ ଅଯୋଧ୍ୟା ଦରବାରରେ ଦଶରଥଙ୍କ ପୁତ୍ରେଷ୍ଟି ଯଜ୍ଞ, ରାମ, ଲକ୍ଷ୍ମଣ ଚାରିଭାଇଙ୍କ ଜନ୍ମ, ରାଜପୁତ୍ରଙ୍କ ନଗର ଭ୍ରମଣ ଆଦି ଦୃଶ୍ୟାଭିନୟ ଅଭିନୀତ ହୋଇଛି। ଅଭିନେତା ଜଗଦାନନ୍ଦ ମିଶ୍ର ରାବଣ ଭୂମିକାରେ ଅଭିନୟ କରୁଛନ୍ତି। ଏହା ପୂର୍ବରୁ ପୂର୍ବାହ୍ନ ୧୦ଟାରେ ସିଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅଖଣ୍ଡ ଶ୍ରୀହରି ନାମଜପ ଆରମ୍ଭ ହୋଇଛି। ଏଥିରେ ଦିଲୀପ ରଥ ଓ ମମତା ରଥ କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ପଣ୍ଡିତ ପ୍ରେମ ପ୍ରକାଶ ପୁରୋହିତ, ପ୍ରଭାସ ରଥ ପୂଜାକାର୍ଯ୍ୟ କରୁଛନ୍ତି ।



ଭେଡ଼େନ ରାମଲୀଳା ଉଦ୍‌ଘାଟନ ଉତ୍ସବ(ବାମ)। ରାବଣ ଦରବାରର ଏକ ଦୃଶ୍ୟ ।

# ଜଗତି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ଜହ୍ନାପଙ୍କ, ୧୭।୧ (ଡି.ଏନ.ଏ)

ବୌଦ୍ଧ ବ୍ଲକ ଜଗତି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ୧୨ତମ ବାର୍ଷିକ କ୍ରୀଡା ସ୍କୁଲ ପଡିଆରେ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ବୌଦ୍ଧ ଜିଲା ଶିକ୍ଷା ଅଧିକାରୀ ଗେନ୍ଦେରା କୁଜୁର ମୁଖ୍ୟଅତିଥି, ଅବସରପ୍ରାପ୍ତ ଏବିଇଓ ବିକାଶ କାନୁନଗୋ ମୁଖ୍ୟବକ୍ତା, ପ୍ରାକ୍ତନ ଏବିଇଓ ଅଚ୍ୟୁତାନନ୍ଦ ସାହୁ, ସିଆରସିସି ସନ୍ତୋଷ ଶତପଥି, ଲକ୍ଷ୍ମୀପ୍ରସାଦ ସରପଞ୍ଚ ରାଜେନ୍ଦ୍ର ମେହେର, ପ୍ରାକ୍ତନ ଶିକ୍ଷକ ପଞ୍ଚାନନ ପ୍ରଦାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳ ମନ, ଶରୀର ଓ ମସ୍ତିଷ୍କକୁ ସୁସ୍ଥ ରଖିବା ସହିତ ଛାତ୍ରୀଛାତ୍ରଙ୍କ ପାଠ ପଢାରେ ସହାୟକ ହୁଏ ବୋଲି ବକ୍ତବ୍ୟ ରଖିଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଦାମୋଦର ବହିଦାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶିକ୍ଷକ ପଦ୍ମଲୋଚନ ସାହୁ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ବିଶ୍ୱେଶ୍ୱର ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଥମେ ଛାତ୍ରମାନେ ଐତିହାସିକ ଚାରିଶମ୍ଭୁ ପୀଠରୁ କ୍ରୀଡା ମଶାଲ ଆଣି ପଡିଆରେ ସ୍ଥାପନ କରିଥିଲେ। ଏହାପରେ ଅତିଥି କ୍ରୀଡା ପତାକା ଉତ୍ତୋଳନ କରିଥିଲେ। ବାଳିକା ବିଭାଗର ଶହେ ମିଟର ଦୌଡ ପ୍ରତିଯୋଗିତାକୁ ମୁଖ୍ୟଅତିଥି ଉଦଘାଟନ କରିଥିଲେ। ଏହାପରେ ବିଭିନ୍ନ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଖେଳ ଶିକ୍ଷକ ସୁରଜିତ କର୍ମୀଙ୍କ ନେତୃତ୍ୱରେ ବନମାଳି ପୃଷ୍ଟି, ସମୀର କୁମାର ଜେନା, ସୁଜିତ ପ୍ରଧାନ, ବେଦବ୍ୟାସ ବେହେରା, ତରୁଣ କୁମାର ସାହୁ, ଶିକ୍ଷୟିତ୍ରୀ ଦୀପ୍ତିମୟୀ ପ୍ରଧାନ, ସସ୍ମିତା ମହାରଣା, ସସ୍ମିତା ନନ୍ଦ, ସ୍କୁଲ ପରିଚାଳନା କମିଟି ସଭ୍ୟ ଓ ପ୍ରିନ୍ସ ଯଯାତି କ୍ଲବର ସଭ୍ୟମାନେ ସହଯୋଗ କରିଥିଲେ । ଶନିବାର ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବ । ଏଥିରେ ମୁଖ୍ୟଅତିଥି ଭାବେ ବୌଦ୍ଧ ବିଧାୟକ ପ୍ରଦୀପ କୁମାର ଅମାତ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ।

## ୧୮ରୁ ଜେପିଏଲ ଟି-୨୦ କ୍ରିକେଟ

ଜହ୍ନାପଙ୍କ, ୧୭।୧ (ଡି.ଏନ.ଏ)

ବୌଦ୍ଧ ବ୍ଲକ ଜହ୍ନାପଙ୍କ ୟୁଥ ସ୍ପୋର୍ଟିଂ ଆନୁକୂଲ୍ୟରେ ଜେପିଏଲ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ ଜହ୍ନାପଙ୍କ ମେଡିକାଲ ପଡିଆରେ ଅନୁଷ୍ଠିତ ହେବ । ଏହି ଟୁର୍ନାମେଣ୍ଟରେ ବୌଦ୍ଧ ଓ ସୋନପୁର ଜିଲାର ସମୁଦାୟ ୧୮ଟି ଦଳ ଅଂଶଗ୍ରହଣ କରିବେ । ଶନିବାର ଉଦଘାଟନୀ ମ୍ୟାଚ ବନ୍ଧାପଥର ଓ ମର୍ଯ୍ୟାଦପୁର ଦଳ ମଧ୍ୟରେ ଅନୁଷ୍ଠିତ ହେବ । ୨୬ ତାରିଖରେ ଫାଇନାଲ ଖେଳ ହେବ । ଚାମ୍ପିୟନ ଦଳକୁ ଟ୍ରଫି ସହ ୧୦ ହଜାର ଓ ଉପବିଜେତା ଦଳକୁ ଟ୍ରଫି ସହିତ ୭ ହଜାର ଟଙ୍କା ପୁରସ୍କାର ରାଶି ଦେବା ପାଇଁ ନିଷ୍ପତ୍ତି ହୋଇଥିବା ଆୟୋଜକଙ୍କ ସୂତ୍ରରୁ ପ୍ରକାଶ ।

# ଆହତ ଶିକ୍ଷକଙ୍କୁ ଛାତ୍ରୀଛାତ୍ରଙ୍କ ସହାୟତା

ବରଗଡ଼ ଅଫିସ୍,୧୭।୧
ସ୍କୁଲରୁ ଫେରିବା ବାଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇ ରାୟପୁରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ସାମୁଏଲ ସୁନାଙ୍କ ଚିକିତ୍ସା ପାଇଁ ବରଗଡ଼ ଜିଲା ଡୁମୁରିପାଣି ବିଦ୍ୟାଳୟର ଛାତ୍ରୀଛାତ୍ର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ସାମୁଏଲଙ୍କ ଚିକିତ୍ସା ପାଇଁ ଛାତ୍ରୀଛାତ୍ର ନିଜ ଉଦ୍ୟମରେ ଏକ ଦାନବାକ୍ସରେ ଅର୍ଥ ସଞ୍ଚୟ କରି ଆସୁଥିଲେ। ଗୁରୁବାର ସାମୁଏଲଙ୍କ ମା' ବାପା ସ୍କୁଲକୁ ଆସିଥିଲେ। ଛାତ୍ରୀଛାତ୍ର ସେହି ଦାନବାକ୍ସରେ ସଂଗୃହୀତ ୮୦୨ ଟଙ୍କା ସେମାନଙ୍କୁ ପ୍ରଦାନ କରିଥିଲେ । ସେହିପରି ଶିକ୍ଷକ ଦିବସ କୁମାର ସାହୁ ୧ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଥିଲେ । ଅନ୍ୟ ଶିକ୍ଷକମାନେ ମଧ୍ୟ ସାମୁଏଲଙ୍କ ଚିକିତ୍ସା ପାଇଁ ସହାୟତା ପ୍ରଦାନ କରିଥିଲେ। ଉଲ୍ଲେଖନୀୟ, ସାମୁଏଲ ଛତିଶଗଡ଼ ରାଜ୍ୟ ମୁଙ୍ଗେଲି ଜିଲା ଲୋର୍ମିର ଏକ ଘରୋଇ ସ୍କୁଲରେ ଶିକ୍ଷକତା କରନ୍ତି। ଗତ ନଭେମ୍ବର ୨୩ତାରିଖରେ ସେ ସ୍କୁଲରୁ ଫେରିବା ବାଟରେ ଏକ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେହିଦିନଠାରୁ ସେ ରାୟପୁରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ମାତ୍ର ତାଙ୍କ ଚିକିତ୍ସାରେ ଅର୍ଥ ବାଧକ ସାଜିଥିବାରୁ ସାମୁଏଲଙ୍କ ମା' ବାପା ସହୃଦୟ ଲୋକଙ୍କ ସହାୟତା ଲୋଡ଼ିଛନ୍ତି।

# ବେଲଡୁଙ୍ଗରିରେ ନବାହ୍ନ ପାରାୟଣ

ଭେଡ଼େନ, ୧୬।୧(ଡ଼ି.ଏନ.ଏ)

ଭେଡ଼େନ ବ୍ଲକ ଅରେଇଗୁଡ଼ି ଗ୍ରାମପଞ୍ଚାୟତର ସାଲେପାଲି ସ୍ଥିତ ବେଲ ଡୁଙ୍ଗରିପୀଠରେ ନବାହ୍ନ ପାରାୟଣ ଚାଲିଛି। ଦଧିବାମନ ମନ୍ଦିର ପୂଜକ କପିଳେଶ୍ୱର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଗତ ୧୧ ତାରିଖରୁ ଚାଲିଥିବା ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ ଅଖଣ୍ଡ ନାମଜପ ସହ ଦଧିବାମନ ମନ୍ଦିର ପ୍ରାଙ୍ଗଣରେ ଗୋପାଳ ସହସ୍ର ନାମ ପାରାୟଣ, ରଘୁନାଥ ମନ୍ଦିରରେ ଶ୍ରୀରାମ ସହସ୍ରନାମ ପାରାୟଣ, ମାଉଳି ମନ୍ଦିର ରେ ଚଣ୍ଡିପାଠ ଏବଂ ବେଲ ଡୁଙ୍ଗରିରେ ରୁଦ୍ରାଭିଷେକ ଚାଲିଛି। ପାତାଳି ଶ୍ରୀକ୍ଷେତ୍ରର ଶ୍ରୀରାମ ପଣ୍ଡା, ସିନ୍ଧୁରପୁରର କୈଳାଶ ପଣ୍ଡା, ତୁଲଣ୍ଡିର ଗୋପାଳ ଦାଶ, ଭବାନୀ ପାଲିର ନନ୍ଦିଘୋଷ ପାଢ଼ୀ ପ୍ରମୁଖ ସହଯୋଗ କରୁଛନ୍ତି। ଆସନ୍ତା ୧୯ ତାରିଖରେ ଏହା ଉଦ୍‌ଯାପିତ ହେବ।


ସର୍ବଭାରତୀୟ ଡିଏସ୍ କପ୍ ଫୁଟବଲ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲରେ ଅତିଥିଙ୍କ ଗହଣରେ ଉପସ୍ଥିତ ଖେଳାଳିମାନେ ।

# ବୌଦ୍ଧରେ ପାଣି ପଞ୍ଚାୟତ ପକ୍ଷ ଆରମ୍ଭ

ବୌଦ୍ଧ,୧୭।୧(ସ୍ୱ.ପ୍ର)

ବୌଦ୍ଧରେ ପାଣି ପଞ୍ଚାୟତ ପକ୍ଷ ଆରମ୍ଭ ହୋଇଛି। ଏହି ଅବସରରେ ପାଣିପଞ୍ଚାୟତ ଶୀର୍ଷ କମିଟି କାର୍ଯ୍ୟାଳୟରେ ଏକ ସଚେତନତା ରଥକୁ ଜିଲାପାଳ ଲଲାଟେନ୍ଦୁ ମିଶ୍ର ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ପାଣି ପଞ୍ଚାୟତ ଶୀର୍ଷ କମିଟି ସଭାପତି ପୟୋଧର ମହାକୁଳ, ବୌଦ୍ଧ ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ଧନଞ୍ଜୟ ପୃଷ୍ଟି, କ୍ଷୁଦ୍ର ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ଗୁରୁପ୍ରସାଦ ପୃଷ୍ଟି ଓ ପାଣି ପଞ୍ଚାୟତର ସଦସ୍ୟମାନେ ଉପସ୍ଥିତ ଥିଲେ । ବିଭାଗୀୟ ସହକାରୀ ଯନ୍ତ୍ରୀ ଲୋକନାଥ ବାରିକ, ନିରଞ୍ଜନ ରଣା, କନିଷ୍ଠ ଯନ୍ତ୍ରୀ ସୁବ୍ରତ କୁମାର ମଲିକ, ବସନ୍ତ ମହାକୁଡ, ରମେଶ ବେହେରା ଓ ବିଜିଲା ଏକ୍କା ପ୍ରମୁଖ ସହଯୋଗ କରିଥିଲେ ।

# ଫାଇନାଲରେ ମଧ୍ୟପ୍ରଦେଶ ରତଲମ ସିଟି ଫୁଟବଲ କ୍ଲବ

## ସର୍ବଭାରତୀୟ ଡିଏସ୍ କପ ଫୁଟବଲ ଟୁର୍ନାମେଣ୍ଟ

ବୌଦ୍ଧ,୧୭।୧(ସ୍ୱ.ପ୍ର)

ବୌଦ୍ଧ ଜିଲା ଫୁଟବଲ ଆସୋସିଏଶନ ଦ୍ୱାରା ଆୟୋଜିତ ପଞ୍ଚଦଶ ସର୍ବଭାରତୀୟ ଡିଏସ୍ କପ୍ ଫୁଟବଲ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ଶୁକ୍ରବାର ମଧ୍ୟପ୍ରଦେଶ ରତଲମ ସିଟି ଫୁଟବଲ କ୍ଲବ ଓ ଜାମସେଦପୁରର ଟାଟା ଫୁଟବଲ ଏକାଡେମୀ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚରେ ଅତିଥି ଭାବେ ମୁଣ୍ଡାପଡା ପଞ୍ଚାୟତର ସରପଞ୍ଚ ବିଦ୍ୟାଧର ସ୍ୱାଇଁ, ପୂର୍ବତନ ଉପନଗରପାଳ ବସନ୍ତ ସ୍ୱାଇଁ ଓ ବିଜେଡି ଜୋନାଲ ସଭାପତି ଅଶୋକ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଜିଲା ଫୁଟ୍‌ବଲ ଆସୋସିଏଶନ ସଭାପତି ଲମ୍ବୋଦର ପୁରୋହିତ, ସମ୍ପାଦକ ଯୁଗଳ କିଶୋର ସାମଲ, ପୂର୍ବତନ ସନ୍ତୋଷ ଟ୍ରଫି ଫୁଟବଲ ଖେଳାଳି ସତ୍ୟପ୍ରକାଶ ଦାଶ ମଞ୍ଚାସୀନ ଥିଲେ । ମ୍ୟାଚରେ ରତଲମ ସିଟି କ୍ଲବ ୩-୧ ଗୋଲରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି । ମୁଖ୍ୟ ରେଫରୀ ଭାବେ ନିପ୍ରେନ ହଲଦାର ମ୍ୟାଚ୍ ପରିଚାଳନା କରିଥିବାବେଳେ ଅନିମେଶ ବିଶ୍ୱାସ ଓ ଦିଲ୍ଲୀପ କୁମାର ରାଉତ ଲାଇନରେ ସହଯୋଗ କରିଥିଲେ । ସେହିପରି ଚତୁର୍ଥ ରେଫରୀ ଭାବେ ସଲିଳ ବେହେରା ଖେଳ ପରିଚାଳନା କରିଥିଲେ । ଶନିବାର ଦ୍ୱିତୀୟ ଗ୍ରୁପ୍‌ର ପ୍ରଥମ ଖେଳ ଓଡିଶା ପୋଲିସ କଟକ ସହ ଏୟାର ଇଣ୍ଡିଆ ବମ୍ବେ ମଧ୍ୟରେ ଅନୁଷ୍ଠିତ ହେବ ।



"ଯେତେବେଳେ ନିଜ ଶକ୍ତିର ବହିର୍ଭିତ ହୁଏ, ପ୍ରତ୍ୟେକ ବ୍ୟକ୍ତି ସେତେବେଳେ ନିଜକୁ ଭଗବାନଙ୍କ ନିକଟରେ ସମ୍ପୂର୍ଣ୍ଣ ସମର୍ପଣ କରିଦେବା ବ୍ୟତୀତ ଅନ୍ୟ ଉପାୟ ନ ଥାଏ।

- ପଣ୍ଡିତ ନୀଳକଣ୍ଠ ଦାସ



## ସଂକ୍ଷେପରେ..

### ୫ ଲିଟର କଫ୍‌ସିରପ ସହ ମହିଳା ଗିରଫ

ରେଙ୍ଗାଲି, ୧୭।୧ (ଡି.ଏନ.ଏ.) ସମ୍ବଲପୁର ଠେଲକଲୋଇ ଥାନା ଅନ୍ତର୍ଗତ ରାଜୁ ଦାସ କଲୋନୀରୁ ଶୁକ୍ରବାର କଫସିରପ ସହ ଜଣେ ମହିଳା ଗିରଫ ହୋଇଛନ୍ତି। ଅଭିଯୁକ୍ତା ମହିଳା ଜଣକ ହେଲେ ରୀନା ସାହୁ (୪୫)। ତାଙ୍କ ପାଖରୁ ୫ ଲିଟର କଫସିରପ, ୪ଟି ସଲ୍ଟ କୋରେକ୍ସ କଫ୍‌ସିରପ, ଗୋଟିଏ ଷ୍ଟ୍ରିପ ଟାବଲେଟ, ୨୧୦୦ ଟଙ୍କା ଜବତ କରି ପୋଲିସ ଏକ ମାମଲା ରୁଜୁ କରିଛି।

### ପୋଲିସ ବିରୋଧରେ ଏସ୍‌ପିଙ୍କୁ ଅଭିଯୋଗ କଲେ ମହିଳା

ସମ୍ବଲପୁର,୧୭।୧(ବ୍ୟୁରୋ)-ସମ୍ବଲପୁର ଶାସନ ଥାନା ଫଳସପାଲି ଗାଁର ସୁରୁବୁଇ ରାଉତ ଶୁକ୍ରବାର ଏସ୍‌ପି କନୱର ବିଶାଳ ସିଂଙ୍କୁ ଭେଟିଛନ୍ତି। ଗାଁର ଜସ୍ମିତା ଭୋଇଙ୍କ ପରିବାର ସହିତ ତାଙ୍କର ଝଗଡା ହୋଇଥିଲା । ଜସ୍ମିତାଙ୍କ ଅଭିଯୋଗ କ୍ରମେ ସେ ଗିରଫ ହୋଇ ଜେଲ୍ ଯାଇଥିଲେ। ହେଲେ ତାଙ୍କ ଅଭିଯୋଗ ଉପରେ ପୋଲିସ କେବଳ ମାମଲା ରୁଜୁ କରିଛି ସିନା ଜସ୍ମିତାଙ୍କୁ ଗିରଫ କରୁନାହିଁ। ଅନ୍ୟପକ୍ଷେ ଏବେ ଗାଁରେ କେତେକ ବ୍ୟକ୍ତିଙ୍କ ସହ ମିଶି ଜସ୍ମିତା ତାଙ୍କୁ ହଇରାଣ କରୁଛନ୍ତି। ନଳକୂଅରୁ ପାଣି ନେବାକୁ ମନା କରୁଛନ୍ତି। ଗାଧୋଇଲା ବେଳେ ଅଶ୍ଳୀଳ ଇଙ୍ଗିତ କରୁଛନ୍ତି । ଅବଶ୍ୟ ସମାଧାନ କରିବା ପାଇଁ ଡାକୁଛନ୍ତି। ହେଲେ ଭୟ ରହୁଛି ବୋଲି ସୁରୁବୁଇ ଏସ୍‌ପିଙ୍କୁ ଅଭିଯୋଗ କରି ନ୍ୟାୟ ମାଗିବା ସହ ଶାସନ ଥାନା ପୋଲିସର ଏକ ପାଖିଆ ନ୍ୟାୟକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ତେବେ ଏହାର ତଦନ୍ତ କରାଯିବ ବୋଲି ଏସ୍‌ପି ସୁରୁବୁଇଙ୍କୁ ଆଶ୍ୱାସନା ଦେଇଛନ୍ତି।

### ଚେମ୍ବ୍ୟାରମ୍ୟାନ୍ସ କପ୍ ବକ୍ତୃତା ପ୍ରତିଯୋଗିତା

ସମ୍ବଲପୁର, ୧୭।୧ (ବ୍ୟୁରୋ)- ରାମକଳୀ ଦେବୀ ଟ୍ରଷ୍ଟ ହାୟର ସେକେଣ୍ଡାରୀ ସ୍କୁଲଠାରେ ଶୁକ୍ରବାର ଚେମ୍ବ୍ୟାରମ୍ୟାନ୍ସ କପ୍ ଇଂରାଜୀ, ଓଡିଆ ଓ ହିନ୍ଦୀ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ପଶ୍ଚିମ ଓଡିଶା ଜୋନ ଡେପୁଟି ସେକ୍ରେଟାରୀ ଡ. ଉତ୍ତମ କୁମାର ପ୍ରଧାନଙ୍କ ପରିଚାଳନାରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଇଂରାଜୀରେ ସମ୍ବଲପୁର ସରକାରୀ ମହିଳା କଲେଜ ଛାତ୍ରୀ ରୋଜାଲିନ ମହାପାତ୍ର ପ୍ରଥମ, ଏମ୍ସ କଲେଜ ଛାତ୍ର ବାଳକିଶନ ପଡ଼ିଆରି ଦ୍ୱିତୀୟ, ନ୍ୟୁଟନ୍ କଲେଜ ଛାତ୍ର ସିଦ୍ଧାନ୍ତ ରାୟ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସେହିପରି ଓଡିଆ ବକ୍ତୃତାରେ ବରଗଡ ବିକାଶ ସ୍କୁଲର ଉପାସନା ପ୍ରଧାନ ପ୍ରଥମ, ନ୍ୟୁଟନ କଲେଜର ସୌଭାଗ୍ୟରଞ୍ଜନ ପୃଷ୍ଟି ଦ୍ୱିତୀୟ ଓ ବିକାଶ ସ୍କୁଲର ଆକାଂକ୍ଷା ପୃଷ୍ଟି ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ହିନ୍ଦୀ ବକ୍ତୃତାରେ ବୈଦିକ ଜୁନିୟର କଲେଜର ସ୍ନେହା ଅଗ୍ରୱାଲ, ଏମ୍ସ କଲେଜର ବାଳକୃଷ୍ଣ ପଡ଼ିଆରି, ନ୍ୟୁଟନ କଲେଜର ବିବେକାନନ୍ଦ ମହାପାତ୍ର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଚଳିତ ମାସ ୨୪ ତାରିଖ ଭୁବନେଶ୍ୱର ରୟାଲ କଲେଜ ଅଫ୍ ସାଇନ୍ସ ଆଣ୍ଡ ଟେକନୋଲୋଜି ପରିସରରେ ଫାଇନାଲ ରାଉଣ୍ଡ ପ୍ରତିଯୋଗିତାରେ ଉପରୋକ୍ତ ଛାତ୍ରୀଛାତ୍ର ଅଂଶଗ୍ରହଣ କରିବେ । ପ୍ରସନ୍ନ କୁମାର ସରକାର, ବିଶ୍ୱପତି ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

### କୁଚିଣ୍ଡାରେ ଜିଲାସ୍ତରୀୟ ନିଯୁକ୍ତି ମେଳା

କୁଚିଣ୍ଡା, ୧୭।୧ (ଡି.ଏନ.ଏ.) କୁଚିଣ୍ଡା ମହାବିଦ୍ୟାଳୟ ଖେଳ ପଡିଆଠାରେ ଜିଲା ପ୍ରଶାସନ ସହାୟତାରେ ଓଡିଶା ସରକାରଙ୍କ ଦକ୍ଷତା ବିକାଶ ପ୍ରାଧିକରଣ ତରଫରୁ ଜିଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ କୁଚିଣ୍ଡା ଉପଜିଲାପାଳ ବିଶ୍ୱରଞ୍ଜନ ନାୟକ, ଆଞ୍ଚଳିକ ସହକାରୀ ନିର୍ଦ୍ଦେଶକ (ନିଯୁକ୍ତି) ନନ୍ଦକିଶୋର ଦାସ, ବିଡିଓ ନିଶିପୁନମ ମିଞ୍ଜ, ପିଏଆଇଟିଡିଏ ପବିତ୍ର ବେହେରା, ଓରମାସର ସହକାରୀ ନିର୍ଦ୍ଦେଶକ ଶ୍ରୀମନ୍ତ ହୋତା, ଜିପିଇଓ ଜିତେନ୍ଦ୍ର ମୁଣ୍ଡା, ଡିପିଏମ (ଓଏଲଏମ) ପୁଷ୍ପଶ୍ରୀ ନାୟକ, ସୁବାଷ ପଣ୍ଡା ବିଏଲସି (ଓଏଲଏମ), ଲିପସା ସାମନ୍ତ (ବିଏଲସି ଓଏଲଏମ), ଗୁରିରେଖା କଟୁରୀ (ବିଏଲସି ଓଏଲଏମ) ପ୍ରମୁଖ ଯୋଗ ଦେଇଥିଲେ । ନିଯୁକ୍ତି ମେଳାରେ ବାମରା ବ୍ଲକର ୬୩୮, କୁଚିଣ୍ଡା ବ୍ଲକର ୮୧୨, ଜମନକିରାର ୪୦୬, ନାକଟିଦେଉଳର ୨, ରେଢ଼ାଖୋଲର ୬, ଯୁଯୁମୁରାର ୧୦, ମାନେଶ୍ୱରର ୨୧, ଧନକଉଡାର ୫୬. ରେଙ୍ଗାଲିର ୧୪, କୁଚିଣ୍ଡା ଏନଏସିରୁ ୧୨୩ ଜଣ ନାମ ପଞ୍ଜୀକରଣ କରିଥିଲେ।

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ଜିଏମ୍‌ୟୁ ବାଣିଜ୍ୟ ବିଭାଗ ପକ୍ଷରୁ କର୍ମଶାଳା, ଅମୃତବିହାର ଅଧାପନା ପ୍ରକୋଷ୍ଠ-୧, ପୂର୍ବାହ୍ନ ୧୦ଟା ।
- ସିଭିଲ ସୋସାଇଟି ଅଫ୍ ଇଣ୍ଡିଆ ଶୀର୍ଷକ ବକ୍ତୃତାମାଳା, ସାର୍ବଜନୀନ ଗ୍ରନ୍ଥାଗାର ସଭାକକ୍ଷ, ଅପରାହ୍ନ ୪ଟା ।
- ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟ, ଜିଏମ୍‌ୟୁ ଖେଳ ପଡିଆ, ସକାଳ ୮ଟା ।





ନାଗରିକତ୍ୱ ସଂଶୋଧିତ ଆଇନ (ସିଏଏ)କୁ ବିରୋଧ କରି ଶୁକ୍ରବାର ସମ୍ବଲପୁରରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି (ବାମ) । ଭିଏସଏସ ମାର୍ଗରେ ପୋଲିସ ଛାଉଣି ।

# ପୋଲିସକୁ ଚ୍ୟାଲେଞ୍ଜ, ଡିଆଇଜି ଖପ୍ପା

## ସିଏଏକୁ ବିରୋଧ କରି ଶୋଭାଯାତ୍ରା

ସମ୍ବଲପୁର,୧୭।୧(ବ୍ୟୁରୋ)

ନାଗରିକତ୍ୱ ସଂଶୋଧିତ ଆଇନ (ସିଏଏ)କୁ ବିରୋଧ କରି ଶୁକ୍ରବାର ସମ୍ବଲପୁରରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ତେବେ ପୋଲିସ ଓ ଜିଲା ପ୍ରଶାସନ ଏହି ରାଲି ପାଇଁ ଅନୁମତି ଦେଇ ନ ଥିଲେ ମଧ ଚ୍ୟାଲେଞ୍ଜ କରି ଏହି ରାଲି ବାହାରିଥିଲା। ଏହି ସମୟରେ ସେହି ବାଟ ଦେଇ ଉତ୍ତରାଞ୍ଚଳ ପୋଲିସ ଡିଆଇଜି ହିମାଂଶୁ ଲାଲ ତାଙ୍କ ବାସଭବନକୁ ଯାଉଥିଲେ। ପୋଲିସ ଓ ପ୍ରଶାସନ ଅନୁମତି ନ ଦେବା ସତ୍ତ୍ୱେ ଏହି ରାଲି ବାହାରି ଥିବା ଜାଣି ସେ ଖପ୍ପା ହେବା ସହ ବିରକ୍ତି ପ୍ରକାଶ କରିଥିଲେ। ସେଠାରେ ଅଟକି ଉପସ୍ଥିତ ଅତିରିକ୍ତ ଏସ୍‌ପି ଅମରେଶ ପଣ୍ଡା ଓ ଏସ୍‌ଡିପିଓ ତପନ କୁମାର ମହାନ୍ତିଙ୍କ ସହ ଆଲୋଚନା କରିଥିଲେ।

କଂଗ୍ରେସ, ଭୀମଆର୍ମି, ହଜରତ ଖାୱାଜା ଗରିବ ନାୱାଜା ୱେଲଫେୟାର କମିଟି ଓ ବିଭିନ୍ନ ସଂଖ୍ୟାଲଘୁ ସଂପ୍ରଦାୟର ଲୋକେ ଏହି ରାଲିରେ ସାମିଲ ହୋଇଥିଲେ। ଜିଲା ସ୍କୁଲ ଛକଠାରେ ଶତାଧିକ ବିକ୍ଷୋଭକାରୀ ଜମା ହେବା ପରେ ଜାତୀୟ ପତାକା ଓ ପ୍ଲାକାର୍ଡ ଧରି ଲକ୍ଷ୍ମୀଟକିଜ ଛକ ପର୍ଯ୍ୟନ୍ତ ରାଲିରେ ଯାଇଥିଲେ। ଗୋଲବଜାର ଦେଇ ଜିଲାପାଳଙ୍କ ଅଫିସ ଅଭିମୁଖେ ଶୋଭାଯାତ୍ରାର ଯିବାର ଯୋଜନା ଥିଲା। ହେଲେ ପୋଲିସ ଲକ୍ଷ୍ମୀଟକିଜ ଛକରେ ବିକ୍ଷୋଭକାରୀଙ୍କୁ ଅଟକାଇ ଆଉ ପାଦେ ବି ଆଗକୁ ଯିବାକୁ ସୁଯୋଗ ଦେଇ ନ ଥିଲା। ଏଣୁ ସେଇଠୁ ହିଁ ବାଧ ହୋଇ ଆନ୍ଦୋଳନକାରୀଙ୍କ ଏକତା ଭାଙ୍ଗିଥିଲା।




ଡିଆଇଜି ହିମାଂଶୁ ଲାଲ ଅଟକି ପୋଲିସ ଅଧିକାରୀଙ୍କ ସହ ଆଲୋଚନା କରୁଛି ।

ଅନ୍ୟପକ୍ଷେ ଗୋଲବଜାର ଛକରେ ଏହିସବୁ ଆଇନର ସପକ୍ଷବାଦୀ ରହିଥିଲେ। ଏଣୁ ସେହିବାଟ ଦେଇ ଶୋଭାଯାତ୍ରା ଯାଇଥିଲେ ସପକ୍ଷବାଦୀ-ବିପକ୍ଷବାଦୀ ମୁହାଁମୁହିଁ ହେବାର ଆଶଙ୍କା ଥିଲା। ଏହାଦ୍ୱାରା ଉତ୍ତେଜନା ନିୟନ୍ତ୍ରଣ ବାହାରକୁ ଯାଇଥାନ୍ତା, ଯାହା ଅଳ୍ପକେ ଟଳିଛି।

ସିଏଏ ଦେଶରେ ସାମାଜିକ ବିଭାଜନ ସୃଷ୍ଟି କରୁଛି। ଗୋଟିଏ ସଂପ୍ରଦାୟ ପ୍ରତି ଅନ୍ୟାୟ ହେଉଛି। ଏହି ଆଇନ ହେବା ଫଳରେ ଗରିବ, କିଷାନ, ଶ୍ରମିକମାନେ ବିଶେଷ କରି ପ୍ରଭାବିତ ହେବେ। କେନ୍ଦ୍ର ସରକାର ଏହି ଆଇନ ଆଣି ଅଶାନ୍ତି ବାତାବରଣ ସୃଷ୍ଟି କରିଛନ୍ତି ବୋଲି ଆନ୍ଦୋଳନର ନେତୃତ୍ୱ ନେଇଥିବା ନେତୃମଣ୍ଡଳି ଯୁକ୍ତି ଦର୍ଶାଇଛନ୍ତି। ତେବେ ସୁରକ୍ଷା ଦୃଷ୍ଟିରୁ ଜିଲାସ୍କୁଲ ଛକରୁ ଲକ୍ଷ୍ମୀ ଟକିଜ ଛକ ପର୍ଯ୍ୟନ୍ତ ପୋଲିସ ଛାଉଣି କରାଯାଇଥିଲା।

କଂଗ୍ରେସର ସୁରେଶ୍ୱର ମିଶ୍ର, ଚନ୍ଦ୍ରକୁମାର ପୁରୋହିତ, ବିଜିତେନ୍ଦ୍ରୀୟ ପ୍ରଧାନ, ଜୁଲଫିକର ଅଲ୍ଲି ଭୁଟୋ, ମହମ୍ମଦ ମୁକ୍ତାର, ମହମ୍ମଦ ସଫି, ୱାହେଉଜ ଜମାନ ମଲ୍ଲିକ, ମହେଶ୍ୱର ଷଣ୍ଢ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଅତିରିକ୍ତ ଏସପି ପି.କେ. ମହାପାତ୍ରଙ୍କ ନେତୃତ୍ୱରେ ଡିଏସପି, ଥାନା ଅଧିକାରୀ ଓ ୧୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ବିନା ଅନୁମତିରେ ରାଲି ପାଇଁ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ କହିଛି।

# ପାଣି ପଞ୍ଚାୟତ ପକ୍ଷ ପାଳନ

## କେନାଲ ମରାମତି, ଜଳ କ୍ଷମତା ବୃଦ୍ଧିକୁ ଗୁରୁତ୍ୱ

ସମ୍ବଲପୁର,୧୭।୧(ବ୍ୟୁରୋ)

ସମ୍ବଲପୁର ଶାସନ କେନାଲ କାର୍ଯ୍ୟାଳୟରେ ଡିଭିଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ କରାଯାଇଛି । ନିର୍ବାହୀଯନ୍ତ୍ରୀ ପ୍ରମୋଦ ପଣ୍ଡାଙ୍କ ଅଧକ୍ଷତା ଏହି ବୈଠକ ବସିଥିଲା। ମୁଖ୍ୟ ଅତିଥି ଭାବେ ଚାଷୀ ରାମଚନ୍ଦ୍ର ସାହୁ, ସମ୍ମାନୀୟ ଅତିଥି ଭାବେ ଡିଆଡିଏ ପିଡି ସୁକାନ୍ତ ତ୍ରିପାଠି, ଲିଡ୍ ବ୍ୟାଙ୍କ ଅଧିକାରୀ ଯୁଗଳ କିଶୋର ଶତପଥୀ, କାଡା ବିଭାଗ ନିର୍ବାହୀ ଯନ୍ତ୍ରୀ ତାପସ ବିଶ୍ୱାଳ, ଉଦ୍ୟାନ ବିଭାଗର ସୁଦାମ ଚରଣ ବିଶ୍ୱାଳ ଉପସ୍ଥିତ ରହି ଉଦ୍‌ବୋଧନ ଦେଇଥିଲେ । ଶାସନ କେନାଲର ମରାମତି କରାଯାଉ । ଜଳ ପ୍ରବାହିତ ହେବାର କ୍ଷମତା ବୃଦ୍ଧି ପାଇବାରେ ଗୁରୁତ୍ୱ ଦିଆଯାଉ । ଚାଷ ସହିତ ଜଡିତ ଥିବା ସମସ୍ତ ବିଭାଗ ସହ ସମନ୍ୱୟ ରଖି କାମ କରାଯାଉ । ୮୪ କି.ମି. ଶାସନ କେନାଲର ବର୍ତ୍ତମାନ ସ୍ଥିତି ଦୟନୀୟ ହୋଇ ପଡିଛି । କ୍ଷମତା ଅନୁସାରେ ଦିଆଯାଉଥିବା ୬୩୦ କ୍ୟୁସେକ ପାଣି ଟେଲ୍ ଅଞ୍ଚଳରେ ପହଞ୍ଚି ପାରୁନାହିଁ। ସେ ନେଇ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରାଯାଇଛି। ବିଭୁ ପଟ୍ଟନାୟକ, ପ୍ରଧାନାପଲି ଡିଷ୍ଟ୍ରିବ୍ୟୁଟାରୀର ଦୋଳଗୋବିନ୍ଦ ନାୟକ, ହୁମା ଟେଲର ଅମ୍ବରିଶ ପୁରୋହିତ, ବ୍ୟୋମକେଶ ଠାକୁର, କାଶି ବିଶ୍ୱନାଥ, ପ୍ରମୋଦ ପଣ୍ଡା, ଅଶ୍ୱିନୀ ହୋତାଙ୍କ ସହ ବହୁ ପାଣିପଞ୍ଚାୟତର ସଦସ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ଏକ ସଚେତନ ରଥ ପରିକ୍ରମା କରିଥିଲା।

### ଡ. ତୁଳସୀ ଦାସ ମାହାଣାଙ୍କ ପ୍ରଥମ ଶ୍ରଦ୍ଧାଞ୍ଜଳି ସଭା

ରେଙ୍ଗାଲି, ୧୭।୧ (ଡି.ଏନ.ଏ.)

ରେଙ୍ଗାଲି ବରିଷ୍ଠ ନାଗରିକ ପରିଷଦ କାର୍ଯ୍ୟାଳୟରେ ଶୁକ୍ରବାର ସୁରଜମଲ କଲେଜର ପୂର୍ବତନ ଅଧକ୍ଷ ଡ. ତୁଳସୀ ଦାସ ମାହାଣାଙ୍କ ପ୍ରଥମ ବାର୍ଷିକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ବସନ୍ତ କୁମାର ନାୟକ ଏଥିରେ ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ଅନ୍ତର୍ଯ୍ୟାମୀ ପାଣି ସଂଯୋଜନା କରିଥିଲେ। ଏଥିରେ ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗରଡିଆ, ଶଶିଭୂଷଣ ସାହୁ, ଡା. ଅର୍ଜୁନ ନାୟକ, ଡା. ଅଶୋକ ନାୟକ, ପୀତବାସ ଦଣ୍ଡକାର, ଉଦୟ ଚନ୍ଦ୍ର ସାହୁ, କିଶୋର ସାହୁ, ଦିବ୍ୟଶଙ୍କର ବେହେରା, ସୁବାସ ସିଂ, ରାଜାରାମ ମାହାଣା, ଲକ୍ଷ୍ମୀନାରାୟଣ ସାହୁ, ସାଲେଗ୍ରାମ ସାହୁ, ବିନୋଦ ବିହାରୀ ନନ୍ଦ, ବାଳକୃଷ୍ଣ ସାହୁ, କବିରାଜ ବଡ୍ଢେଇ, ବେଣୁଧର ମେହେର ପ୍ରମୁଖ ଯୋଗ ଦେଇ ତାଙ୍କ ସ୍ମୃତିଚାରଣ କରିଥିଲେ ।

# ଅତିରିକ୍ତ ଜିଲା ଦୌରାଜଜ୍ କୋର୍ଟ ଉଦ୍‌ଘାଟିତ



ଶୁକ୍ରବାର ସମ୍ବଲପୁର ଅତିରିକ୍ତ ଜିଲା ଦୌରାଜଜ୍ କୋର୍ଟ ଉଦ୍‌ଘାଟନୀ ଉତ୍ସବରେ ବିଚାରପତିମାନେ ।

ସମ୍ବଲପୁର, ୧୭।୧ (ବ୍ୟୁରୋ)

ଶୁକ୍ରବାର ସମ୍ବଲପୁର ସିଭିଲ କୋର୍ଟ ପରିସରରେ ଅତିରିକ୍ତ ଜିଲା ଦୌରାଜଜ୍ କୋର୍ଟ ଉଦ୍‌ଘାଟିତ ହୋଇଯାଇଛି । ହାଇକୋର୍ଟ ବିଚାରପତି ଡ. ବି.ଆର. ଷଡଙ୍ଗୀ ଭିଡିଓ କନଫରେନ୍ସ ଜରିଆରେ ଏହାର ଶୁଭାରମ୍ଭ କରିଥିଲେ । ଅତିରିକ୍ତ ଜିଲାଜଜ ତନ୍ମୟ କୁମାର ମହାନ୍ତି ଯୋଗ ଦେଇଥିଲେ । ସମ୍ବଲପୁର ଜିଲା ଓ ଦୌରାଜଜ୍ ସନ୍ତୋଷ କୁମାର ଜେନା, ପରିବାର ଅଦାଲତ ଜଜ ଅନୁପ କୁମାର ଚନ୍ଦନ, ଦ୍ୱିତୀୟ ଅତିରିକ୍ତ ଜିଲା ଜଜ ନମିତା ଦାଶଙ୍କ ସମେତ ବିଭିନ୍ନ ବିଭାଗୀୟ ବିଚାରପତି, ଆଇନଜୀବୀ ଓ କୋର୍ଟ କର୍ମଚାରୀ ଉପସ୍ଥିତ ଥିଲେ । ସମ୍ବଲପୁର ସିଭିଲ କୋର୍ଟ ରେଜିଷ୍ଟ୍ରାର ବିବସ୍ୱତ ଗୌତମ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କୋର୍ଟ ମ୍ୟାନେଜର ଗୁରୁଜିତ ମିଶ୍ର, ଦେବାଶିଷ ମହାନ୍ତି ଓ ଗୋପିନାଥ ଦାଶ ସହଯୋଗ କରିଥିଲେ ।

# ଜିଏମ୍‌ୟୁରେ ଆଲୋଚନାଚକ୍ର

ସମ୍ବଲପୁର, ୧୭।୧ (ବ୍ୟୁରୋ)

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମୟୁ) ବାଣିଜ୍ୟ ବିଭାଗ ପକ୍ଷରୁ ଆଲୋଚନାଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉପକୁଳସଚିବ ଉମାଚରଣ ପତି ଅତିଥି ସ୍ୱାଗତ କରିଥିଲେ। ଆଲୋଚନାଚକ୍ର ଆବାହକ ଡ. ଏସସି ଆଚାର୍ଯ୍ୟ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗୀୟ ମୁଖ୍ୟ ପ୍ରଫେସର ୟୁସି ପଟ୍ଟନାୟକ, ପ୍ରଫେସର ଆରକେ ବଲ ଅତିଥି ଭାବେ ଯୋଗ ଦେଇଥିଲେ । କୁଳସଚିବ ଗିରିଶ ଚନ୍ଦ୍ର ସିଂ ସୂଚନା ପ୍ରଦାନ କରିଥିଲେ। ଜିଏମୟୁ ପୂର୍ବତନ କୁଳପତି ତଥା ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଭାଗ ପ୍ରଫେସର ସୁଧାଂଶୁଶେଖର ରଥଙ୍କ ଅଧ୍ୟକ୍ଷତରେ କାର୍ଯ୍ୟକ୍ରମ ହୋଇଥିଲା। ଯୁଗ୍ମ ଆବାହକ ପିକେ ହରପାଲ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସ୍ମାରଣିକା, ନ୍ୟୁଜ ଲେଟର ଓ ଜର୍ଣ୍ଣାଲ ଉନ୍ମୋଚିତ ହୋଇଥିଲା ।




ବାଣିଜ୍ୟ ବିଭାଗ ଆଲୋଚନାଚକ୍ରରେ ଅତିଥିମାନେ ସ୍ମାରଣିକା ଉନ୍ମୋଚନ କରୁଛନ୍ତି ।

# ନାଉଲିପଡା ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପିତ

ରିଆମାଳ ୧୭।୧(ଡି.ଏନ.ଏ)

ରିଆମାଳ ବ୍ଲକ ଅନ୍ତର୍ଗତ ନାଉଲିପଡା ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଶୁକ୍ରବାର ଉଦଯାପିତ ହୋଇଯାଇଛି। ଅଧାପକ ଗୋଲବଦନ ବିଶ୍ୱାଳ ସ୍ୱାଗତ ଭାଷଣ ସହିତ ମଞ୍ଚ ପରିଚାଳନା କରିଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଟଙ୍କଧର ଦେହୁରୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଖଣି ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଦ୍ୟାଳୟରେ ସ୍ମାର୍ଟ କ୍ଲାସ କରିବା ପାଇଁ ଶିକ୍ଷକଙ୍କୁ ପରାମର୍ଶ ଦେବା ସହିତ ରାଜ୍ୟ ସରକାରଙ୍କ ପକ୍ଷରୁ ବିଦ୍ୟାଳୟର ଉନ୍ନତି କରଣ କରାଯିବ ବୋଲି ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବେ ଭୁବନେଶ୍ୱର ଶିବାନନ୍ଦ ଯୋଗ ବେଦାନ୍ତ ଏକାଡେମୀର ଅଧକ୍ଷ ପ୍ରଶାନ୍ତ କୁମାର ପ୍ରଧାନ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ସୁଶାନ୍ତ ବେହେରା, ଅବସରପ୍ରାପ୍ତ ପୂର୍ତ୍ତ ସଚିବ ନଳିନୀ କାନ୍ତ ପ୍ରଧାନ, ଦେବଗଡ ପୂର୍ବତନ ବିଧାୟକ ଶିବ କୁମାର ପ୍ରଧାନ, ରିଆମାଳ ବ୍ଲକ ଅଧକ୍ଷା ରୀତାଞ୍ଜଳୀ ହାତୀ, ସମାଜସେବୀ ଇଂ ଚିତ୍ତରଞ୍ଜନ ପ୍ରଧାନ, ବ୍ଲକ ଶିକ୍ଷା ଅଧିକାରୀ କୈଳାସ ପ୍ରସାଦ ପ୍ରଧାନ, ନାଉଲିପଡା ସରପଞ୍ଚ ଅମର ବଲ୍ଲଭ ପ୍ରଧାନ ଯୋଗଦେଇଥିଲେ। ସୁବର୍ଣ୍ଣ ଜୟନ୍ତୀର ସଭାପତି ଦିଲ୍ଲୀପ କୁମାର ସାହୁ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ପ୍ରଶାନ୍ତ କୁମାର ପ୍ରଧାନ ବିଦ୍ୟାଳୟର ଉନ୍ନତି ପାଇଁ ଅତିଥଙ୍କୁ ଅନୁରୋଧ କରିଥିଲେ।

# ନିୟମ ପାଳନକାରୀଙ୍କୁ ଫୁଲ ଦେଲା ପୋଲିସ

ରେଢାଖୋଲ,୧୭।୧(ଡି.ଏନ.ଏ.)

୩୧ତମ ସଡକ ସୁରକ୍ଷା ସପ୍ତାହ ପାଳନ ଅବସରରେ ଚାରମାଲ ପୋଲିସ ଶୁକ୍ରବାର ଜନସାଧାରଣଙ୍କୁ ସଚେତନ କରିବା ସହିତ ଉତ୍ସାହିତ କରିଛି। ସିଟବେଲ୍ଟ ଓ ହେଲମେଟ ପିନ୍ଧିଥିବା ଗାଡି ଚାଳକମାନଙ୍କୁ ଗୋଲାପ ଫୁଲ ଓ ପେନ୍ ଉପହାର ଦେଇଛି। ଚାରମାଲ ହାଇସ୍କୁଲ ଓ ଜୁନିୟର କଲେଜର ଛାତ୍ରୀଛାତ୍ରଙ୍କ ଏକ ଶୋଭାଯାତ୍ରା ବଜାର ପରିକ୍ରମା କରିଥିଲା। ଚାରମାଲ ଥାନା ଅଧିକାରୀ ବସନ୍ତ କୁମାର ଦଲାଇ ସଭାପତିତ୍ୱ କରିଥିଲେ। ଏସ୍‌ଡିପିଓ ହାଡିବନ୍ଧୁ ସ୍ୱାଇଁ ଯୋଗଦେଇ ଗାଡି ଚାଳନାବେଳେ ହେଲମେଟ ଓ ସିଟବେଲ୍ଟ ପିନ୍ଧିବା ସହ ମଦ୍ୟପାନ କରି ଗାଡି ନ ଚଳାଇବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଏଏସଆଇ ଶାନ୍ତନୁ ବେହେରା, ସନାତନ ପ୍ରଧାନ ଓ ପୋଲିସ କର୍ମଚାରୀ ସହଯୋଗ କରିଥିଲେ। ସେହିପରି ଭୀମଭୋଇ କଲେଜ ଯୁବ ରେଡକ୍ରସ ଓ ନେହେରୁ ଯୁବକେନ୍ଦ୍ର ସମ୍ବଲପୁର ଶାଖାର ମିଳିତ ସହଯୋଗରେ ଜାତୀୟ ସଡକ ସୁରକ୍ଷା ସପ୍ତାହ ପାଳିତ ହୋଇଛି। ଛାତ୍ରୀଛାତ୍ରଙ୍କ ଏକ ସଚେତନତା ଶୋଭାଯାତ୍ରା କଲେଜରୁ ବାହାରି ରେଢାଖୋଲ ସହର ପରିକ୍ରମା କରିଥିଲା। କଲେଜ ଅଧକ୍ଷ ଡ. ବାଳାଦିତ୍ୟ ବିକାଶ ଶ୍ରୀଚନ୍ଦନ ସିଂ ଶୋଭାଯାତ୍ରାକୁ ଶୁଭାରମ୍ଭ କରିଥିଲେ। ଅଧାପକ ଅଞ୍ଜନ କୁମାର ମିଶ୍ର, ବିରଞ୍ଚି ଖଡିଆଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




ରେଢ଼ାଖୋଲରେ ସଡକ ସୁରକ୍ଷା ସଚେତନତା ନେଇ ପୋଲିସ୍ ଓ ଛାତ୍ରୀଛାତ୍ର ଶୋଭାଯାତ୍ରାରେ ବାହାରିଛନ୍ତି।

**ରେଙ୍ଗାଲି,(ଡି.ଏନ.ଏ.)**-ରେଙ୍ଗାଲି ବ୍ଲକ ଠେଲକଲୋଇ ହାଇସ୍କୁଲଠାରେ ଭୂଷଣ କାରଖାନା ପକ୍ଷରୁ ୩୧ତମ ଜାତୀୟ ସଡକ ସୁରକ୍ଷା ସପ୍ତାହ ପାଳନ କରାଯାଇଥିଲା । କାରଖାନାର ଅଗ୍ନି ଏବଂ ସୁରକ୍ଷା ବିଭାଗର ମୁଖ୍ୟ ଏସ.ପି. ମହାକୁଡ ସଭାପତିତ୍ୱ କରିଥିଲେ। ଛାତ୍ରୀଛାତ୍ରଙ୍କୁ ସଡକ ସୁରକ୍ଷା ଉପରେ ସଚେତନ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।



ରେଢ଼ାଖୋଲରେ ହେଲମେଟ ପିନ୍ଧିଥିବା ଜଣେ ଯୁବତୀଙ୍କୁ ପୋଲିସ୍ ଫୁଲ ଉପହାର ଦେଉଛି।



## ସାମାଜିକ ବିଜ୍ଞାନ (SOCIAL SCIENCE)

ସମୟ: ୨ଘଣ୍ଟା ୩୦ ମିନିଟ୍ ପୂର୍ଣ୍ଣସଂଖ୍ୟା: ୧୦୦

ନିର୍ଦ୍ଦେଶାନୁଯାୟୀ ଉତ୍ତର ଲେଖ।
ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟାଙ୍କ ଦକ୍ଷିଣ ପାର୍ଶ୍ୱରେ ଦିଆଯାଇଛି।
ସମସ୍ତ ପ୍ରଶ୍ନ ବାଧ୍ୟତାମୂଳକ।

### PART – I (OBJECTIVE)

#### ଇତିହାସ ଓ ରାଜନୀତି ବିଜ୍ଞାନ

୧. ଗୋଟିଏ ଶବ୍ଦରେ ଉତ୍ତର ଲେଖ। [୧×୫
(କ) ପ୍ରଥମ ବିଶ୍ୱଯୁଦ୍ଧ ପରେ ତୁର୍କୀ ଉପରେ କେଉଁ ଚୁକ୍ତି ଲଦି ଦିଆଯାଇଥିଲା ?
(ଖ) ନାଟାଲ ଭାରତୀୟ କଂଗ୍ରେସ କେଉଁ ପ୍ରକାର ଅନୁଷ୍ଠାନ ଥିଲା ?
(ଗ) ସାଇମନ୍ କମିଶନ୍ ବିରୋଧୀ ଶୋଭାଯାତ୍ରାରେ କେଉଁଠାରେ ଜବାହରଲାଲ ନେହେରୁ ପୋଲିସ୍ ଲାଠିମାଡ଼ର ଶିକାର ହୋଇଥିଲେ ?
(ଘ) ଯୋଧପୁରର ରାଜା ହନ୍ୱନ୍ତସିଂହ କେଉଁ ଦେଶ ସହିତ ମିଶିଯିବାର ମସୁଧା କରୁଥିଲେ ?
(ଙ) ଭାରତର କେନ୍ଦ୍ର ସଂସଦର ଉଚ୍ଚସଦନକୁ କ'ଣ କୁହାଯାଏ ?

୨. ଗୋଟିଏ ବାକ୍ୟରେ ଉତ୍ତର ଦିଅ। [୧×୫
(କ) ୧୮୮୮ଅକ୍ଟୋବର ମାସରେ ଗାନ୍ଧିଜୀ କାହିଁକି ଇଂଲଣ୍ଡ ଯାତ୍ରା କଲେ ?
(ଖ) କିଏ ପୁରୀ ଜିଲ୍ଲାରେ ଲବଣ ସତ୍ୟାଗ୍ରହର ନେତୃତ୍ୱ ନେଇଥିଲେ ?
(ଗ) କେଉଁ ସ୍କୁଲରେ ଛାତ୍ର ଥିବା ସମୟରେ ସୁଭାଷଚନ୍ଦ୍ର ବୋଷ ଛାତ୍ରମାନଙ୍କୁ ସଂଗଠିତ କରି ଖୁଦିରାମ ସହିଦ ଦିବସ ପାଳନ କରିଥିଲେ ?
(ଘ) ୧୯୬୫ ଭାରତ-ପାକିସ୍ଥାନ ଯୁଦ୍ଧ ସମୟରେ କିଏ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଥିଲେ ?
(ଙ) ସମ୍ବିଧାନ ପ୍ରଣୟନ ସଭାର ପ୍ରଥମ ବୈଠକ କେବେ ବସିଥିଲା ?

୩. ଶୂନ୍ୟସ୍ଥାନ ପୂରଣ କର। [୧×୫
(କ) ଉତ୍କଳ ଭାଷା ଉନ୍ନତି ବିଧାୟିନୀ ସଭା ________ ଠାରେ ପ୍ରତିଷ୍ଠିତ ହୋଇଥିଲା।
(ଖ) ୧୯୩୧ ମସିହାରେ ଗଠିତ ସୀମା ନିର୍ଦ୍ଧାରଣ କମିଟିରେ ________ ଜଣ ସଦସ୍ୟ ଥିଲେ।
(ଗ) ________ ଙ୍କୁ ଲୌହମାନବ ଆଖ୍ୟା ଦିଆଯାଇଛି।
(ଘ) ଆମ ସମ୍ବିଧାନର ________ ଧାରାରେ ସାର୍ବଜନୀନ ସାବାଳକ ମତଦାନ ପ୍ରଥା ବିଷୟରେ ଉଲ୍ଲେଖ ରହିଛି।
(ଙ) ନିର୍ବାଚନ ପ୍ରଚାର ଅଭିଯାନ ମତଦାନ ପାଇଁ ନିର୍ଦ୍ଧାରିତ ଦିନର ________ ଘଣ୍ଟା ପୂର୍ବରୁ ବନ୍ଦ ହୁଏ।

୪. ଠିକ୍ ଉକ୍ତି ପାଇଁ (✓) ଓ ଭୁଲ୍ ଉକ୍ତି ପାଇଁ (×) ଦିଆଯାଇଥିବା ବକ୍ସରେ ସୂଚାଅ। [୧×୫
(କ) ୧୯୪୮ ମସିହାରେ ଭାଷାଭିତ୍ତିକ ପ୍ରଦେଶ ଆୟୋଗ ଗଠନ କରାଗଲା।
(ଖ) ଓଡ଼ିଶାର ପ୍ରଥମେ ରେଳଗାଡ଼ି ୧୮୫୩ ମସିହାରେ ଚାଲିଥିଲା।
(ଗ) ନାରିକେଳ ଗବେଷଣା କେନ୍ଦ୍ର ସାକ୍ଷୀଗୋପାଳଠାରେ ଅବସ୍ଥିତ।
(ଘ) ପାରଳାଖେମୁଣ୍ଡିର ମହାରାଜା ହରେକୃଷ୍ଣ ମହତାବଙ୍କୁ ପର୍ଶୁରାମ ଆଖ୍ୟା ଦେଇଥିଲେ।
(ଙ) ୧୯୬୨ ମସିହାରେ ଚୀନ୍ ଭାରତ ଉପରେ ଆକ୍ରମଣ କରିଥିଲା।

୫. 'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭ ମିଳନ କର: [୧×୫

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ମିଖାଇଲ ଗୋର୍ବାଚେଭ୍ | ନୀଳଗିରି |
| ଆଦର୍ଶ ଆଚରଣ ବିଧି | ଓ ଡନେଲ୍ କମିଟି |
| ନବମ ପଞ୍ଚବାର୍ଷିକ ଯୋଜନା | ରୁଷିଆ |
| ଗଡ଼ଜାତ ରାଜ୍ୟ | ନିର୍ବାଚନ |
| ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନ | ୧୯୯୭ |

#### ଭୂଗୋଳ ଓ ଅର୍ଥନୀତି

୬. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର। [୧×୫
(କ) ଅପେକ୍ଷାକୃତ ଶୁଷ୍କ ଅଞ୍ଚଳରେ ଦେଖାଯାଉଥିବା ପଟୁମୃତ୍ତିକାକୁ ________ କୁହାଯାଏ।
(ତରାଇ, ଭାଙ୍ଗର, ରେ, କଙ୍କର)
(ଖ) ଭାରତର ରାଜ୍ୟମାନଙ୍କ ମଧ୍ୟରୁ ________ ରାଜ୍ୟରେ ସର୍ବନିମ୍ନ ଅରଣ୍ୟ ରହିଛି।
(ରାଜସ୍ଥାନ, ହରିଆନା, ଗୁଜରାଟ, ପଞ୍ଜାବ)
(ଗ) ________ କୁ ଘାତକ ଶିଳ୍ପ ବୋଲି କୁହାଯାଏ।
(ବସ୍ତ୍ର ବୟନ, ଝୋଟ ଶିଳ୍ପ, ରାସାୟନିକ ଶିଳ୍ପ, ଖଣି ଖନନ)
(ଘ) ________ ରେ ଚମଡ଼ା ଗୁଣ୍ଡ ମିଶାଇ ଅପମିଶ୍ରଣ କରାଯାଏ।
(ଚା, ଚାଉଳ, ଅଟା, ମସଲା)
(ଙ) ପ୍ରତିବର୍ଷ ________ ଦିନଟିକୁ ବିଶ୍ୱ ଖାଉଟି ଅଧିକାର ଦିବସ ରୂପେ ପାଳନ କରାଯାଏ।
(ଅଗଷ୍ଟ ୨୮, ମେ ୧୪, ମାର୍ଚ୍ଚ ୧୫, ଜାନୁୟାରୀ ୩୦)

୭. ଗୋଟିଏ ଲେଖାଏଁ ବାକ୍ୟରେ ପ୍ରକାଶ କର। [୧×୫
(କ) ରୋଗୋଲିଥ୍ (ଖ) ଖାଡ଼ିନ୍ (ଗ) ଭେନ୍
(ଘ) ଜଗତୀକରଣ (ଙ) ଦାରିଦ୍ର୍ୟ

୮. ରେଖାଙ୍କିତ ପଦକୁ ବଦଳାଇ ଭ୍ରମ ସଂଶୋଧନ କର। [୧×୫
(କ) ଯେଉଁ ସମ୍ବଳଗୁଡ଼ିକ ଭୂପୃଷ୍ଠର କେତେକ ନିର୍ଦ୍ଦିଷ୍ଟ ସ୍ଥାନରେ ସୀମିତ ଭାବେ ମିଳିଥାଏ, ସେଗୁଡ଼ିକ ସର୍ବତ୍ର ସୁଲଭ ସମ୍ବଳ କୁହାଯାଏ।
(ଖ) ଲାଟେରାଇଟ୍ ମୃତ୍ତିକାକୁ ଆନ୍ତର୍ଜାତିକ ସ୍ତରରେ କ୍ରାନ୍ତୀୟ ଚେର୍ଣ୍ଣୋଜେମ୍ ମୃତ୍ତିକା କୁହାଯାଏ।
(ଗ) ଜନସଂଖ୍ୟା ବୃଦ୍ଧି ବିକଶିତ ଦେଶମାନଙ୍କର ମୁଖ୍ୟ ସମସ୍ୟା ଅଟେ।
(ଘ) ବର୍ତ୍ତମାନ ଆମ ଦେଶରେ ପାଖାପାଖି ୨୪୦ଟି ଦ୍ରବ୍ୟକୁ ପାଇକାରୀ ଦର ସୂଚକ ପ୍ରସ୍ତୁତ କରିବା ପାଇଁ ବ୍ୟବହାର କରାଯାଇଛି।
(ଙ) ଉଚ୍ଚଦର ଖାଉଟି ଶୋଷଣର ଏକ କାରଣ ଅଟେ।

୯. ଏକ ବା ଦୁଇଟି ଶବ୍ଦରେ ପ୍ରକାଶ କର। [୧×୫
(କ) ୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଦୃଶ୍ୟମାନ ହେଉ ନ ଥିବା ଜାତି।
(ଖ) ହିମାଳୟ ପର୍ବତର ୨୭୦୦ ମିଟରରୁ ୪୦୦୦ ମିଟର ଉଚ୍ଚତା ମଧ୍ୟରେ ଥିବା ଅରଣ୍ୟ-
(ଗ) ଗାଈ ଗୋରୁମାନଙ୍କର ମଳମୂତ୍ର ବ୍ୟବହାର କରି ଗ୍ରାମାଞ୍ଚଳରେ ଉତ୍ପାଦନ କରାଯାଉଥିବା ଜୈବ ବାଷ୍ପ।
(ଘ) ଶିକ୍ଷାଗତ ଯୋଗ୍ୟତା ଥାଇ କର୍ମନିଯୁକ୍ତି ନ ପାଇବା।
(ଙ) କୌଣସି ଦେଶର ବର୍ଷକ ମଧ୍ୟରେ ଉତ୍ପାଦିତ ହୋଇଥିବା ସମସ୍ତ ଦ୍ରବ୍ୟ ଏବଂ ସେବାର ମୁଦ୍ରାଗତ ମୂଲ୍ୟ ଏବଂ ତତ୍ ସହିତ ବହିରାଗତ ଆୟର ସମଷ୍ଟି।

୧୦. (କ) ଭାରତର ରେଖାଙ୍କିତ ମାନଚିତ୍ରରେ ନିମ୍ନଲିଖିତ ଗୁଡ଼ିକ ଦର୍ଶାଅ। [୧×୩
୧. ପାଲାମୁ ବ୍ୟାଘ୍ର ପ୍ରକଳ୍ପ, ୨. ହୀରାକୁଦ, ୩. ନଇଭେଲି
(ଖ) ବାମ ପାର୍ଶ୍ୱରେ ପ୍ରଦତ୍ତ ଯୋଡ଼ା। ଶବ୍ଦ ସମ୍ପର୍କ ଭିତ୍ତିରେ ଡାହାଣ ପାର୍ଶ୍ୱରେ ଖାଲିଥିବା ସ୍ଥାନରେ ଶବ୍ଦ ଲେଖି ଯୋଡ଼ି ସମ୍ପର୍କ ସ୍ଥାପନ କର। [୧×୨
୧. ଅଙ୍କଲେଶ୍ୱର : ଖଣିଜତୈଳ : : ନଇଗା : ________
୨. ରାଜ୍ୟ : ରାଜ୍ୟ ଖାଉଟି କମିଶନ : : ଜିଲ୍ଲା : ________

### PART – II (SUBJECTIVE)

#### ଇତିହାସ ଓ ରାଜନୀତି ବିଜ୍ଞାନ

1. ୬୦ଟି ଶବ୍ଦରେ ଉତ୍ତର ଲେଖ। [4
(କ) ଭାରତଛାଡ଼ ଆନ୍ଦୋଳନ ପ୍ରଶମନର କାରଣ କ'ଣ ଥିଲା ?
କିମ୍ବା, ଗଞ୍ଜାମ ଜାତୀୟ ସମିତି ସମ୍ପର୍କରେ ଉଲ୍ଲେଖ କର।
(ଖ) ଆଇନ ଅମାନ୍ୟ ଆନ୍ଦୋଳନର କେବେ ଘୋଷଣା କରାଯାଇଥିଲା ଓ ଏହାର କାର୍ଯ୍ୟକ୍ରମ କ'ଣ ଥିଲା ?[4
କିମ୍ବା, ଉତ୍କଳ ସଭା ସମ୍ପର୍କରେ ଏକ ବିବରଣୀ ଦିଅ।

2. ତିରିଶିଟି ଶବ୍ଦରେ ଉତ୍ତର ଦିଅ। [3
(କ) କେଉଁ ବ୍ୟକ୍ତି ସୀମାନ୍ତ ଗାନ୍ଧି ଭାବେ ପରିଚିତ ? ସେ କେଉଁଠାରେ କାହା ସାହାଯ୍ୟରେ ଆଇନ ଅମାନ୍ୟ ଆନ୍ଦୋଳନକୁ ସଂଗଠିତ କରିଥିଲେ ?
କିମ୍ବା, ମଧୁବାବୁ କାହିଁକି କଂଗ୍ରେସ ସହିତ ସଂପର୍କ ଛିନ୍ନ କରିଥିଲେ ?
(ଖ) ସାଇମନ୍ କମିଶନ୍ କେବେ ଓ କେଉଁଠାରେ ପଦାର୍ପଣ କରିଥିଲେ ଓ ଭାରତୟମାନଙ୍କର ଏହି କମିଶନ୍ ପ୍ରତି କି ପ୍ରତିକ୍ରିୟା ଥିଲା ?[3
କିମ୍ବା, କେବେ ଓ କାହିଁକି ହଣ୍ଟର କମିଟି ଗଠନ କରାଯାଇଥିଲା ? ଏହି କମିଟିର ରିପୋର୍ଟ କାହିଁକି ଭାରତୀୟମାନଙ୍କୁ ସନ୍ତୁଷ୍ଟ କରିପାରି ନ ଥିଲା ?
(ଗ) କେବେ ଓ କେଉଁ ସମ୍ବିଧାନ ସଂଶୋଧନ ଆଇନରେ କେନ୍ଦ୍ର ଶାସିତ ଅଞ୍ଚଳ ଦିଲ୍ଲୀକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟାର ମାନ୍ୟତା ମିଳିଛି ? ଏହି ସ୍ୱୀକୃତି ସହିତ ଦିଲ୍ଲୀ ପାଇଁ କ'ଣ ବ୍ୟବସ୍ଥା କରାଯାଇଛି ? [3
କିମ୍ବା, କେବେ ଓ କାହା ସୁପାରିସ କ୍ରମେ ଭାଷାଭିତ୍ତିକ ରାଜ୍ୟ ଆୟୋଗ ଗଠନ କରାଗଲା ଓ କେଉଁମାନେ ଏହାର ସଭ୍ୟ ଥିଲେ ?

3. କୋଡ଼ିଏଟି ଶବ୍ଦ ମଧ୍ୟରେ ଉତ୍ତର ଲେଖ। [2
(କ) ଇରମ୍ ଗୁଳିକାଣ୍ଡ କେବେ ଘଟିଥିଲା ଓ ଏହି ଗୁଳିକାଣ୍ଡରେ ପ୍ରାଣ ହରାଇଥିବା ମହିଳାଙ୍କ ନାମ କ'ଣ ?
କିମ୍ବା, କିଏ କାହିଁକି ଗାନ୍ଧିଜୀଙ୍କୁ 'ମହାତ୍ମା' ଆଖ୍ୟା ପ୍ରଦାନ କରିଥିଲେ ?
(ଖ) କିଏ ମହିମା ଧର୍ମର ପ୍ରଧାନ ପ୍ରବର୍ତ୍ତକ ଥିଲେ ଏବଂ କିଏ ଏହାର ମୁଖ୍ୟ ପ୍ରଚାରକ ଥିଲେ ? [2
କିମ୍ବା, ତିଳକ ସ୍ୱରାଜ ପାଣି କାହା ସ୍ମୃତିରେ ଓ କ'ଣ ପାଇଁ ଗଠନ କରାଯାଇଥିଲା ?
(ଗ) କେବେ ସୁଭାଷ ଚନ୍ଦ୍ର ବୋଷ ବର୍ଲିନ୍‌ରେ ପହଞ୍ଚିଥିଲେ ଏବଂ ସେଠାରେ କେଉଁ କେନ୍ଦ୍ର ପ୍ରତିଷ୍ଠା କରିଥିଲେ ? [2
କିମ୍ବା, ଦାଣ୍ଡିଯାତ୍ରାର ଉଦ୍ଦେଶ୍ୟ କ'ଣ ଥିଲା ଓ ଏହା ଜନସାଧାରଣଙ୍କୁ କି ପ୍ରକାର ସଂକେତ ପ୍ରଦାନ କରିଥିଲା ?
(ଘ) କେବେ ଓ କେଉଁମାନଙ୍କୁ ନେଇ ଆନ୍ଧ୍ରପ୍ରଦେଶ ଗଠିତ ହୋଇଥିଲା ? [2
କିମ୍ବା, ମେଘାଳୟ କେବେ ଓ କିପରି ସୃଷ୍ଟି ହେଲା ?

#### ଭୂଗୋଳ ଓ ଅର୍ଥନୀତି

1. ୬୦ଟି ଶବ୍ଦରେ ଉତ୍ତର ଲେଖ। [4
(କ) ସମ୍ବଳ ଯୋଜନାର ବିଭିନ୍ନ ପ୍ରକ୍ରିୟା ଆଲୋଚନା କର।
କିମ୍ବା, ଭାରତର କ୍ଷୁଦ୍ରଶିଳ୍ପ ସମ୍ବନ୍ଧରେ ଲେଖ।
(ଖ) ବାଉଁଶନଳା ଦ୍ୱାରା ବୁନ୍ଦା ଜଳସେଚନ ବ୍ୟବସ୍ଥା ସମ୍ବନ୍ଧରେ ଲେଖ। [4
କିମ୍ବା, ଭାରତରେ ଖରିଫ୍ ଫସଲର ବିଶେଷତ୍ୱ ଓ ବଣ୍ଟନ ସମ୍ବନ୍ଧରେ ଲେଖ।

2. ସଂକ୍ଷେପରେ ଉତ୍ତର ଲେଖ। [3
(କ) ଅରଣ୍ୟ କ୍ଷୟର ମୁଖ୍ୟ କାରଣଗୁଡ଼ିକ ଲେଖ।
କିମ୍ବା, ଗୋବର ଗ୍ୟାସ୍ ପ୍ଲାଣ୍ଟ କ'ଣ ? ଏହାର ଉପାଦେୟତା ବିଷୟରେ ସଂକ୍ଷେପରେ ଲେଖ।
(ଖ) ସଂକ୍ଷିପ୍ତ ଟିପ୍ପଣୀ ଲେଖ। [3
ଫେଡ଼ାଲଫର :
କିମ୍ବା, ଲିଗ୍ନାଇଟ୍ କୋଇଲା :
(ଗ) ପାର୍ଥକ୍ୟ ଲେଖ। [2
ପୂରଣୀୟ ସମ୍ବଳ ଓ ଅପୂରଣୀୟ ସମ୍ବଳ
କିମ୍ବା, କଙ୍କର ଓ ଖାଦର
(ଘ) କାରଣ ଦର୍ଶାଅ। [2
(a) ଲୌହ -ଇସ୍ପାତ ଶିଳ୍ପକୁ ମୌଳିକ ଶିଳ୍ପ କୁହାଯାଏ।
କିମ୍ବା, ଆଲୁମିନିୟମ୍ ଏକ ଗୁରୁତ୍ୱପୂର୍ଣ୍ଣ ଧାତୁ।
(b) ଭାରତର ପଶ୍ଚିମ ଉପକୂଳରେ ଝୁଆରିଆ ଅରଣ୍ୟ ଦେଖାଯାଏ ନାହିଁ। [2
କିମ୍ବା, ବ୍ୟାପକ କୃଷିରେ ଯାନ୍ତ୍ରିକ ଉପକରଣ ବ୍ୟବହାର ଅଧିକ ହୋଇଥାଏ।

3. ସଂକ୍ଷେପରେ ଉତ୍ତର ଦିଅ। [3
(a) ବିଶ୍ୱ ବାଣିଜ୍ୟ ସଙ୍ଗଠନ ଯେଉଁ ସବୁ ପ୍ରସଙ୍ଗ ଉପରେ ଗୁରୁତ୍ୱ ପ୍ରଦାନ କରିଛି, ସେଗୁଡ଼ିକୁ ଉଲ୍ଲେଖ କର।
କିମ୍ବା, ବିକାଶୋନ୍ମୁଖୀ ଦେଶଗୁଡ଼ିକର ଲକ୍ଷଣଗୁଡ଼ିକ କ'ଣ ?

4. ପାର୍ଥକ୍ୟ ଦର୍ଶାଅ। [2
(a) ସରକାରୀ ମାଲିକାନା ଓ ଘରୋଇ ମାଲିକାନା।
କିମ୍ବା, ଜାତୀୟ ଖାଉଟି କମିଶନ ଓ ରାଜ୍ୟ ଖାଉଟି କମିଶନ ।

### ଉତ୍ତରମାଳା : PART – I (OBJECTIVE)

#### ଇତିହାସ ଓ ରାଜନୀତି ବିଜ୍ଞାନ

୧. (କ) ସେଭର୍ସ (ଖ) ରାଜନୈତିକ (ଗ) ଲକ୍ଷ୍ନୌ (ଘ) ପାକିସ୍ଥାନ (ଙ) ରାଜ୍ୟସଭା

୨. (କ) ୧୮୮୮ ଅକ୍ଟୋବର ମାସରେ ଗାନ୍ଧିଜୀ ବାରିଷ୍ଟରୀ ପଢ଼ିବା ପାଇଁ ଇଂଲଣ୍ଡ ଯାତ୍ରାକଲେ। (ଖ) ପୁରୀ ଜିଲ୍ଲାରେ ପଣ୍ଡିତ ନୀଳକଣ୍ଠ ଦାସ ଓ ଜଗନ୍ନାଥ ରଥ ଲବଣ ସତ୍ୟାଗ୍ରହର ନେତୃତ୍ୱ ନେଇଥିଲେ। (ଗ) କଟକର ରେଭେନ୍ସା କଲେଜିଏଟ୍ ସ୍କୁଲରେ ଛାତ୍ର ଥିବା ସମୟରେ ସୁଭାଷଚନ୍ଦ୍ର ବୋଷ ଛାତ୍ରମାନଙ୍କୁ ସଂଗଠିତ କରି ଖୁଦିରାମ ସହିଦ ଦିବସ ପାଳନ କରିଥିଲେ। (ଘ) ୧୯୬୫ ଭାରତ-ପାକିସ୍ଥାନ ଯୁଦ୍ଧ ସମୟରେ ରିଚାର୍ଡ଼ ନିକ୍ସନ୍ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଥିଲେ। (ଙ) ସମ୍ବିଧାନ ପ୍ରଣୟନ ସଭାର ପ୍ରଥମ ବୈଠକ ୧୯୪୬ ମସିହା ଡିସେମ୍ବର ମାସ ୯ ତାରିଖରେ ବସିଥିଲା।

୩. (କ) ବାଲେଶ୍ୱର (ଖ) ତିନି (ଗ) ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ୍ (ଘ) ୩୨୬ (ଙ) ୪୮

୪. (କ) ✓ (ଖ) × (ଗ) ✓ (ଘ) × (ଙ) ✓

୫.

| 'କ'ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ମିଖାଇଲ ଗୋର୍ବାଚେଭ୍ | ରୁଷିଆ |
| ଆଦର୍ଶ ଆଚରଣ ବିଧି | ନିର୍ବାଚନ |
| ନବମ ପଞ୍ଚବାର୍ଷିକ ଯୋଜନା | ୧୯୯୭ |
| ଗଡ଼ଜାତ ରାଜ୍ୟ | ନୀଳଗିରି |
| ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନ | ଓ ଡନେଲ୍ କମିଟି |

#### ଭୂଗୋଳ ଓ ଅର୍ଥନୀତି

୬. (କ) ରେ (ଖ) ହରିଆନା (ଗ) ଖଣି ଖନନ୍ (ଘ) ଚା (ଙ) ମାର୍ଚ୍ଚ ୧୫

୭. (କ) ଆରାବଳୀ ପର୍ବତର ପାର୍ଶ୍ୱରେ ଦେଖାଯାଉଥିବା ମରୁସ୍ଥଳୀ ମୃତ୍ତିକାକୁ ରୋଗୋଲିଥ୍ କୁହାଯାଏ। (ଖ) ବୃଷ୍ଟିଜଳ ସଂଗ୍ରହ ପାଇଁ ଜୈସାଲମାର ଅଞ୍ଚଳରେ ନିର୍ମିତ ସଂରଚନାକୁ ଖାଡ଼ିନ୍ କୁହାଯାଏ। (ଗ) ଆଗ୍ନେୟ ଓ ରୂପାନ୍ତରିତ ଶିଳାର ଫାଟ, ଛିଦ୍ର, ଭୂଭ୍ରଂଶ ଏବଂ ଖଞ୍ଜାମାନଙ୍କରେ ଖଣିଜ କମ୍ ପରିମାଣରେ ଥିଲେ ତାହାକୁ ଭେନ୍ କୁହାଯାଏ। (ଘ) ବଜାରଭିତ୍ତିକ ଅର୍ଥନୀତିକୁ ଜଗତୀକରଣ କୁହାଯାଏ। (ଙ) ଜଣେ ବ୍ୟକ୍ତିଙ୍କୁ ଜୀବନଯାପନ କରିବା ପାଇଁ ସର୍ବନିମ୍ନ ଆବଶ୍ୟକତାର ଅଭାବକୁ ଦାରିଦ୍ର୍ୟ କୁହାଯାଏ।

୮. (କ) ଯେଉଁ ସମ୍ବଳଗୁଡ଼ିକ ଭୂପୃଷ୍ଠର କେତେକ ନିର୍ଦ୍ଦିଷ୍ଟ ସ୍ଥାନରେ ସୀମିତ ଭାବେ ମିଳିଥାଏ ସେଗୁଡ଼ିକର ସ୍ଥାନୀୟ ସମ୍ବଳ କୁହାଯାଏ। (ଖ) କୃଷ୍ଣ କାର୍ପାସ ମୃତ୍ତିକାକୁ ଆନ୍ତର୍ଜାତିକ ସ୍ତରରେ କ୍ରାନ୍ତୀୟ ଚେର୍ଣ୍ଣୋଜେମ୍ ମୃତ୍ତିକା କୁହାଯାଏ। (ଗ) ଜନସଂଖ୍ୟାବୃଦ୍ଧି ବିକାଶୋନ୍ମୁଖୀ ଦେଶଗୁଡ଼ିକର ମୁଖ୍ୟ ସମସ୍ୟା ଅଟେ। (ଘ) ବର୍ତ୍ତମାନ ଆମ ଦେଶରେ ପାଖାପାଖି ୪୬୦ ଟି ଦ୍ରବ୍ୟକୁ ପାଇକାରୀ ଦର ସୂଚକ ପ୍ରସ୍ତୁତ କରିବା ପାଇଁ ବ୍ୟବହାର କରାଯାଉଛି। (ଙ) ଉଚ୍ଚଦର ଖାଉଟି ଶୋଷଣର ଏକ ପ୍ରକାରଭେଦ ଅଟେ।

୯. (କ) ବିଲୁପ୍ତ ଜାତି (ଖ) ଆଲ୍‌ପୀୟ ଅରଣ୍ୟ (ଗ) ଗୋବରଗ୍ୟାସ୍ ପ୍ଲାଣ୍ଟ୍ (ଘ) ପ୍ରାବିଧିକ ବେକାରୀ (ଙ) ମୋଟ ଜାତୀୟ ଆୟ

୧୦. (କ)




(ଖ) ୧. ପରମାଣୁ ଶକ୍ତି ଉତ୍ପାଦନ, ୨. ଜିଲ୍ଲା ବିଚାର ମଞ୍ଚ

### ଉତ୍ତରମାଳା : PART – II (SUBJECTIVE)

#### ଇତିହାସ ଓ ରାଜନୀତି ବିଜ୍ଞାନ

1. (କ)(i) ନେତୃତ୍ୱ ଓ ସଂଗଠନ ଅଭାବ ଯୋଗୁଁ ଆନ୍ଦୋଳନ ଧୀରେ ଧୀରେ ପ୍ରଶମିତ ହୋଇଥିଲା। କାରଣ ନେତୃତ୍ୱ ଅଭାବରେ ଲୋକମାନେ ସ୍ୱତଃପ୍ରବୃତ୍ତ ଭାବରେ ନିଜ ବିଚାର ଅନୁଯାୟୀ ଆନ୍ଦୋଳନ ଚାଲୁରଖିବା ସମ୍ଭବପର ହୋଇ ନ ଥିଲା।
(ii) ଦେଶର ବିଭିନ୍ନ ପ୍ରାନ୍ତରେ ଆନ୍ଦୋଳନ କରୁଥିବା କଂଗ୍ରେସ କର୍ମୀଙ୍କ ମଧ୍ୟରେ ସମନ୍ୱୟ ନ ଥିଲା।
(iii) ଏହି ଆନ୍ଦୋଳନକୁ ଦେଶୀୟ ରାଜା, ଜମିଦାର, ଧନୀ ବ୍ୟବସାୟୀ ଓ କେତେକ ରାଜନୈତିକ ଦଳ ସମର୍ଥନ ଦେଇ ନ ଥିଲେ।
(iv) ସରକାରଙ୍କ ସଶସ୍ତ୍ର ଦମନଲୀଳା ଯୋଗୁଁ ଆନ୍ଦୋଳନ ଦବି ଯାଇଥିଲା।
କିମ୍ବା,
(i) କେତେକ ଉତ୍ସାହୀ ଯୁବକ ୧୯୦୩ ମସିହାରେ ରମ୍ଭାଠାରେ ଏକତ୍ରିତ ହୋଇ ଖଲ୍ଲିକୋଟ ରାଜା ହରିହର ମର୍ଦ୍ଦରାଜଙ୍କ ପ୍ରେରଣାରେ ଗଞ୍ଜାମ ଜାତୀୟ ସମିତି ନାମକ ଏକ ଅନୁଷ୍ଠାନ ଗଠନ କରିଥିଲେ।
(ii) ଗଞ୍ଜାମ ଓ ଅନ୍ୟାନ୍ୟ ଦକ୍ଷିଣାଞ୍ଚଳ ଜିଲ୍ଲା ତଥା ଓଡ଼ିଶାର ଅନ୍ୟାନ୍ୟ ଅଞ୍ଚଳକୁ ଏକ ଶାସନାଧୀନରେ ରଖିବା ପାଇଁ ଉଦ୍ୟମ କରିବା ଏହାର ଉଦ୍ଦେଶ୍ୟ ଥିଲା।
(iii) ୧୯୦୩ ଏପ୍ରିଲରେ ବ୍ରହ୍ମପୁରଠାରେ ଅନୁଷ୍ଠିତ ଏହାର ପ୍ରଥମ ବୈଠକରେ ଓଡ଼ିଶା, ବଙ୍ଗ, କେନ୍ଦ୍ରୀୟ ପ୍ରଦେଶ ଓ ମାନ୍ଦ୍ରାଜ ପ୍ରେସିଡେନ୍ସିର ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳରୁ ପ୍ରତିନିଧିମାନେ ଯୋଗ ଦେଇଥିଲେ ଓ ଏହି ସଭାରେ ଅଧ୍ୟକ୍ଷତା କରିଥିଲେ ଶ୍ୟାମସୁନ୍ଦର ରାଜଗୁରୁ।
(iv) ମଧୁସୂଦନ ଦାସ ନିମନ୍ତ୍ରିତ ହୋଇ ଏହି ସଭାରେ ଯୋଗ ଦେଇଥିଲେ।
(ଖ)(i) ୧୯୩୦ ମସିହା ଏପ୍ରିଲ ୯ ତାରିଖ ଦିନ ଆଇନ ଅମାନ୍ୟ ଆନ୍ଦୋଳନ ଘୋଷଣା କରାଯାଇଥିଲା।
(ii) ଏହାର କାର୍ଯ୍ୟକ୍ରମ ମଧ୍ୟରେ ଲବଣ ଆଇନ ଭଙ୍ଗ କରି ସମୁଦ୍ରରୁ ଲୁଣ ମାରିବା, ବିଦେଶୀ ଦ୍ରବ୍ୟରେ ଅଗ୍ନି ସଂଯୋଗ କରିବା ଓ ଅସ୍ପୃଶ୍ୟତା ବର୍ଜନ କରିବା।
(iii) ମଦ ଦୋକାନ, ଅଫିମ ବିକ୍ରୟ ସ୍ଥାନ ଓ ବିଦେଶୀ ଲୁଗା ଦୋକାନ ଆଗରେ ସତ୍ୟାଗ୍ରହ କରିବା ଓ ଚରଖାରେ ସୂତା କାଟିବା।
(iv) ଛାତ୍ରମାନେ ସ୍କୁଲ, କଲେଜ ପରିତ୍ୟାଗ କରିବା, ସରକାରୀ କର୍ମଚାରୀମାନେ ଚାକିରିରୁ ଇସ୍ତଫା ଦେବା ଓ ଓକିଲମାନେ ଆଇନ ବ୍ୟବସାୟ ତ୍ୟାଗ କରି ଅହିଂସା ଉପାୟରେ ଆନ୍ଦୋଳନ କରିବା ଏହାର କାର୍ଯ୍ୟକ୍ରମ ଥିଲା।
କିମ୍ବା,
(i) ମଧୁସୂଦନ ଦାସଙ୍କ ଉଦ୍ୟମରେ ୧୮୮୨ ଅଗଷ୍ଟ ୧୬ ତାରିଖରେ କଟକଠାରେ 'ଉତ୍କଳସଭା' ନାମକ ଏକ ରାଜନୈତିକ ଅନୁଷ୍ଠାନ ଗଠନ ହୋଇଥିଲା।
(ii) ଏହାର ପ୍ରଥମ ସଭାପତି ଓ ସମ୍ପାଦକ ଯଥାକ୍ରମେ ଥିଲେ ଚୌଧୁରୀ କାଶୀନାଥ ଦାସ ଓ ଗୌରୀଶଙ୍କର ରାୟ।
(iii) ସ୍ଥାନୀୟ ସ୍ୱାୟତ୍ତ ଶାସନ ଅନୁଷ୍ଠାନ ସୃଷ୍ଟି କରିବା ଓ ଲୋକହିତକର କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିବା ଏହି ଅନୁଷ୍ଠାନର ଉଦ୍ଦେଶ୍ୟ ଥିଲା।
(iv) ଏହା ସର୍ବପ୍ରଥମ ସୁସଂଗଠିତ ରାଜନୈତିକ ଅନୁଷ୍ଠାନ ଥିଲେ ମଧ୍ୟ ଏହାର କାର୍ଯ୍ୟପରିସର ଅତି ସଂକୀର୍ଣ୍ଣ ଥିଲା।

2. (କ)((i) ଖାନ୍ ଅବ୍‌ଦୁଲ୍ ଗଫର ଖାନ୍ ସୀମାନ୍ତ ଗାନ୍ଧି ଭାବରେ ପରିଚିତ।
(ii) ସେ ଉତ୍ତର-ପଶ୍ଚିମ ସୀମାନ୍ତ ପ୍ରଦେଶରେ ଆଇନ ଅମାନ୍ୟ ଆନ୍ଦୋଳନକୁ ସଂଗଠିତ କରିଥିଲେ।
(iii) ତାଙ୍କ ଦ୍ୱାରା ଗଠିତ 'ଖୁଦାଇ ଖିଦ୍‌ମତ୍‌ଗାର' ନାମକ ସଂଗଠନ ମାଧ୍ୟମରେ ସେ ଆଇନ ଅମାନ୍ୟ ଆନ୍ଦୋଳନକୁ ସଂଗଠିତ କରିଥିଲେ।
କିମ୍ବା,
(i) ୧୯୦୩ ମସିହାରେ ଭାରତୀୟ ଜାତୀୟ କଂଗ୍ରେସର ମାନ୍ଦାଜ ଅଧିବେଶନରେ ମଧୁସୂଦନ ଦାସ ଓ ଗୌରୀଶଙ୍କର ରାୟ ଯୋଗଦେଇଥିଲେ।
(ii) ଏହି ଅଧିବେଶନରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ନେଇ ଓଡ଼ିଶା ପ୍ରଦେଶ ଗଠନ ଓ ଗଞ୍ଜାମକୁ ଓଡ଼ିଶା ସହିତ ମିଶ୍ରଣ ପାଇଁ ପ୍ରସ୍ତାବ ମଧୁସୂଦନ ଦାସ ଉପସ୍ଥାପନ କରିଥିଲେ।
(iii) ଏହି ପ୍ରସ୍ତାବକୁ ସେଠାରେ ଗୁରୁତ୍ୱ ଦିଆ ନଯିବାରୁ ମଧୁବାବୁ କ୍ଷୁବ୍ଧ ହୋଇ କଂଗ୍ରେସ ସହ ସମ୍ପର୍କ ଛିନ୍ନ କରିଥିଲେ।
(ଖ)(i) ସାଇମନ୍ କମିଶନ୍ ୧୯୨୮ ମସିହା ଫେବୃଆରୀ ୩ ତାରିଖରେ ବମ୍ବେଠାରେ ପଦାର୍ପଣ କରିଥିଲା।
(ii) ଏହି କମିଶନ୍‌ରେ ୭ ଜଣ ସଭ୍ୟ ଥିଲେ ମଧ୍ୟ ଜଣେବି ଭାରତୀୟ ସଭ୍ୟ ନ ଥିବାରୁ ଭାରତୀୟମାନେ ଅପମାନ ବୋଧ କରିଥିଲେ।
(iii) ତେଣୁ ସେମାନେ 'ସାଇମନ୍ ଫେରିଯାଅ' ଧ୍ୱନି ଦେବାସହ କମିଶନ୍‌ର ସଦସ୍ୟମାନଙ୍କୁ କଳାପତାକା ପ୍ରଦର୍ଶନ କଲେ।
କିମ୍ବା,
(i) ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡର ସରକାରୀ ତଦନ୍ତ କରିବା ପାଇଁ ୧୯୧୯ ଅକ୍ଟୋବର ମାସରେ ହଣ୍ଟର କମିଟି ଗଠନ କରାଯାଇଥିଲା।
(ii) ଏହି କମିଟିର ରିପୋର୍ଟରେ ହତ୍ୟାକାଣ୍ଡର ଖଳନାୟକ ଜେନେରାଲ ଡାୟାରଙ୍କ କାର୍ଯ୍ୟକୁ ଅନୁମୋଦନ କରାଯାଇ ତାଙ୍କୁ ନିର୍ଦ୍ଦୋଷ ଘୋଷଣା କରାଯାଇଥିଲା।
(iii) ତେଣୁ କମିଟି ଗଠନ ଏକ ଧୂଆଁବାଣ ଥିବାରୁ ଏହା ଭାରତୀୟମାନଙ୍କୁ ସନ୍ତୁଷ୍ଟ କରିପାରି ନ ଥିଲା।
(ଗ)(i) ୧୯୯୨ ମସିହା ଫେବୃୟାରୀ ମାସ ୧ ତାରିଖ ଦିନ ଦିଲ୍ଲୀକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟାର ମାନ୍ୟତା ମିଳିଛି।
(ii) ୬୯ ତମ ସମ୍ବିଧାନ ସଂଶୋଧନ ଆଇନରେ କେନ୍ଦ୍ର ଶାସିତ ଅଞ୍ଚଳ ଦିଲ୍ଲୀକୁ ଏହି ମାନ୍ୟତା ମିଳିଛି।
(iii) ଏହି ସ୍ୱୀକୃତୀ ସ୍ୱୀକୃତି ସହିତ ୧୯୯୩ ମସିହା ପରଠାରୁ ଦିଲ୍ଲୀ ପାଇଁ ଗୋଟିଏ ବିଧାନ ସଭା ଓ ଗୋଟିଏ ମନ୍ତ୍ରି ପରିଷଦର ବ୍ୟବସ୍ଥା କରାଯାଇଛି।
କିମ୍ବା,
(i) ୧୯୪୮ ମସିହାରେ ସମ୍ବିଧାନ ସଭାର ସୁପାରିସ କ୍ରମେ ଭାଷାଭିତ୍ତିକ ରାଜ୍ୟ ଆୟୋଗ ଗଠିତ ହୋଇଥିଲା।
(ii) ଏହି ଆୟୋଗରେ ତିନିଜଣ ସଭ୍ୟ ଥିଲେ।
(iii) ସେମାନେ ହେଲେ ଜବାହରଲାଲ ନେହେରୁ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଏବଂ ପଟ୍ଟାଭି ସୀତାରାମାୟା।

3.(କ) (i) ଇରମ ଗୁଳିକାଣ୍ଡ ୧୯୪୨ ମସିହା ସେପ୍ଟେମ୍ବର ୨୮ରେ ହୋଇଥିଲା।
(ii) ଏଥିରେ ପ୍ରାଣ ହରାଇଥିବା ମହିଳାଙ୍କ ନାମ ପରୀ ବେୱା।
କିମ୍ବା,
(i) ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର ଗାନ୍ଧିଜୀଙ୍କୁ 'ମହାତ୍ମା' ଆଖ୍ୟା ପ୍ରଦାନ କରିଥିଲେ।
(ii) ଦକ୍ଷିଣ ଆଫ୍ରିକାରେ ଗାନ୍ଧିଜୀଙ୍କ ମହାନ୍ ନୀତି ଯୋଗୁଁ ସେ ଏହି ଆଖ୍ୟା ପ୍ରଦାନ କରିଥିଲେ।
(ଖ)(i) ମହିମା ଧର୍ମର ପ୍ରଧାନ ପ୍ରବର୍ତ୍ତକ ଥିଲେ ମହିମା ଗୋସ୍ୱାମୀ।
(ii) ଏହାର ମୁଖ୍ୟ ପ୍ରଚାରକ ଥିଲେ ଭୀମ ଭୋଇ।
କିମ୍ବା,
(i) ବାଲ ଗଙ୍ଗାଧର ତିଳକଙ୍କ ସ୍ମୃତିରେ ତିଳକ ସ୍ୱରାଜ ପାଣ୍ଠି ଗଠନ କରାଯାଇଥିଲା।
(ii) ଅସହଯୋଗ ଆନ୍ଦୋଳନକୁ ଅର୍ଥ ଯୋଗାଇବା ପାଇଁ ଏହି ପାଣ୍ଠି ଗଠିତ ହୋଇଥିଲା।
(ଗ)(i) ସୁଭାଷ ଚନ୍ଦ୍ର ବୋଷ ୧୯୪୧ ମସିହା ମାର୍ଚ୍ଚ ୨୫ରେ ବର୍ଲିନ୍‌ରେ ପହଞ୍ଚିଥିଲେ।
(ii) ସେ ବର୍ଲିନ୍‌ଠାରେ 'ସ୍ୱାଧୀନ ଭାରତ କେନ୍ଦ୍ର' ପ୍ରତିଷ୍ଠା କରିଥିଲେ।
କିମ୍ବା,
(i) ଇଂରେଜ ସରକାରଙ୍କ ଲବଣ ଆଇନ ଭଙ୍ଗ କରିବା ଦାଣ୍ଡିଯାତ୍ରାର ଉଦ୍ଦେଶ୍ୟ ଥିଲା।
(ii) ଏହା ଜନସାଧାରଣଙ୍କୁ ଆଇନ ଅମାନ୍ୟ ଆନ୍ଦୋଳନର ସଂକେତ ପ୍ରଦାନ କରିଥିଲା।
(ଘ)(i) ଆନ୍ଧ୍ରପ୍ରଦେଶ ୧୯୫୩ ମସିହାରେ ଗଠିତ ହୋଇଥିଲା।
(ii) ମାଡ୍ରାସର ତେଲୁଗୁ ଭାଷାଭାଷୀ ଅଞ୍ଚଳକୁ ନେଇ ଏହା ଗଠିତ ହୋଇଥିଲା।
କିମ୍ବା,
(i) ୧୯୬୯ ମସିହା ଆସାମ ପୁନର୍ଗଠନ ଆଇନ ଅନୁସାରେ ଆସାମ ରାଜ୍ୟ ମଧ୍ୟରେ ମେଘାଳୟ ଉପରାଜ୍ୟ ସୃଷ୍ଟି ହେଲା।
(ii) ୧୯୭୧ ମସିହାରେ ଏହା ରାଜ୍ୟ ପାହ୍ୟାକୁ ଉନ୍ନୀତ ହେଲା।

#### ଭୂଗୋଳ ଓ ଅର୍ଥନୀତି

1.(କ) (i)ବିଭିନ୍ନ କାର୍ଯ୍ୟପାଇଁ ସମ୍ବଳର ଆବଶ୍ୟକତା ନିର୍ଦ୍ଧାରଣ ଓ ସମ୍ବଳପ୍ରାପ୍ତି ସ୍ଥାନର ଚିହ୍ନଟିକରଣ ଏବଂ ସମ୍ବଳ ଚାହିଦାର ପରିମାଣ ଆକଳନ କରିବା।
(ii) ସମ୍ବଳର ଗଚ୍ଛିତ ପରିମାଣ ଓ ବିକାଶସ୍ତର ଆକଳନ, ଏହାର ସର୍ବେକ୍ଷଣ, ମାନଚିତ୍ରକରଣ ଏବଂ ସଂଖ୍ୟାତ୍ମକ ତଥା ଗୁଣାତ୍ମକ ମୂଲ୍ୟାୟନ।
(iii) ସମ୍ବଳ ଉତ୍ତୋଳନ, କ୍ରିୟାତ୍ମକ ମୂଲ୍ୟ ଏବଂ ବ୍ୟବହାର ତଥା ଯୋଜନା ସଂରଚନା ପ୍ରସ୍ତୁତିକରଣ।
(iv) ସମ୍ବଳ ଉତ୍ତୋଳନ ପାଇଁ ଆବଶ୍ୟକୀୟ ଯନ୍ତ୍ରପାତିର ଉପଲବ୍ଧ, ଉପଯୁକ୍ତ କୌଶଳ ଓ ପ୍ରଯୁକ୍ତି ବିଦ୍ୟା, ବଜାର ମୂଲ୍ୟ ନିର୍ଦ୍ଧାରଣ, ଅନୁଷ୍ଠାନ, ଅବସ୍ଥାନ ଇତ୍ୟାଦି ସମ୍ବଳ ବିକାଶ ସମ୍ବନ୍ଧୀୟ ପ୍ରକ୍ରିୟାର ଅବଲମ୍ବନ ଉପରେ ଆଧାରିତ ଯୋଜନା ପ୍ରଣୟନ।
କିମ୍ବା,
(i) କ୍ଷୁଦ୍ର ଶିଳ୍ପରେ ଶ୍ରମ ଶକ୍ତି ବ୍ୟତୀତ ଶକ୍ତିଚାଳିତ ଯନ୍ତ୍ରପାତି ସାହାଯ୍ୟରେ ଦ୍ରବ୍ୟ ଉତ୍ପାଦିତ ହୋଇଥାଏ।
(ii) ଏହି ଶିଳ୍ପରେ ଅଳ୍ପ ପୁଞ୍ଜି ବିନିଯୋଗ ଓ କମ୍ ସଂଖ୍ୟାରେ ମଜୁରିଭୋଗୀ ଶ୍ରମିକ ନିଯୁକ୍ତି ହୋଇଥାନ୍ତି।
(iii) ଆବଶ୍ୟକ କଞ୍ଚାମାଲ ସ୍ଥାନୀୟ ଭାବେ ମିଳୁନ ଥିଲେ ବାହାରୁ ଆଣି ବ୍ୟବହାର କରାଯାଏ। ଉତ୍ପାଦିତ ଦ୍ରବ୍ୟ ଖୋଲାବଜାରରେ ବ୍ୟବସାୟୀମାନଙ୍କ ମାଧ୍ୟମରେ ବିକ୍ରୟ କରାଯାଏ।
(iv) କାଗଜ ତିଆରି ଦ୍ରବ୍ୟ, ଖେଳନା, ଆସବାବପତ୍ର, ଖାଇବା ତେଲ, ଚମଡ଼ା ଦ୍ରବ୍ୟ, ରେଡ଼ିଓ ଓ ଟେଲିଭିଜନ୍ ତଥା ବିଦ୍ୟୁତ୍ ସରଞ୍ଜାମ ଆଦି କ୍ଷୁଦ୍ର ଶିଳ୍ପ ମାଧ୍ୟମରେ ଉତ୍ପାଦନ ହୋଇଥାଏ।
(ଖ)(i) ପାହାଡ଼ ଉପରିସ୍ଥ ଝରଣାରୁ ନିମ୍ନସ୍ଥ ଜାଗାରେ ମାଧ୍ୟାକର୍ଷଣ ଶକ୍ତି ସାହାଯ୍ୟରେ ବାଉଁଶନଳା ସାହାଯ୍ୟରେ ଜଳ ପହଞ୍ଚିଥାଏ। ବାଉଁଶ ନଳାରେ ନିର୍ମିତ ନାଳୀ ଦ୍ୱାରା ଜଳ କୃଷିକ୍ଷେତ୍ରରେ ବିଭିନ୍ନ ଭାଗକୁ ନଳା ବିଛାଯାଇ ପାଣି ମଡ଼ାଯାଏ।
(ii) ଜଳ ସ୍ରୋତର ଗତି ଓ ଦିଗ ବାଉଁଶ ନଳାକୁ ବିଭିନ୍ନ ଜାଗାରେ ଯୋଡ଼ାଯାଇ ନିୟନ୍ତ୍ରଣ କରାଯାଏ।
(iii) ଯଦି ପାଇପ୍‌ଗୁଡ଼ିକ ରାସ୍ତା ପାରି ହେବାର ଥାଏ ତେବେ ସେଗୁଡ଼ିକ ରାସ୍ତାର ବହୁ ଉଚ୍ଚରେ ନିଆଯାଇଥାଏ।
(iv) ପ୍ରାୟ ୧୮ ରୁ ୨୦ ଲିଟର ପାଣି ବାଉଁଶ ନଳା ସାହାଯ୍ୟରେ ଶହ ଶହ ମିଟର ଦୂର ଗତି କଲାପରେ ଗଛ ମୂଳରେ ପ୍ରତି ମିନିଟ୍‌ରେ ୨୦ ରୁ ୮୦ ବୁନ୍ଦା ହିସାବରେ ପଡ଼େ।
କିମ୍ବା,
(i) ଭାରତରେ ଖରିଫ୍ ଫସଲ ମୌସୁମୀ ବାୟୁ ଆଗମନ ସହିତ ଜୁନ୍ ଓ ଜୁଲାଇ ମାସରେ ଆରମ୍ଭ ହୋଇ ଶୀତଋତୁ ପୂର୍ବ ଅକ୍ଟୋବର ଓ ନଭେମ୍ବର ପର୍ଯ୍ୟନ୍ତ ଚାଲିଥାଏ।
(ii) ଅଧିକ ଉତ୍ତାପ ଓ ଅଧିକ ବୃଷ୍ଟିପାତ ଆବଶ୍ୟକ କରୁଥିବା ଶସ୍ୟ ଏହି ଋତୁରେ ଚାଷ କରାଯାଏ।
(iii) ଧାନ, କପା, ଆଖୁ, ଝୋଟ, ମକା, ଜଡ଼ା ଆଦି ଖରିଫ୍ ଫସଲର ଅନ୍ତର୍ଗତ।
(iv) ଦେଶର ଅଧିକାଂଶ କୃଷିଭୂମି, ବନ୍ୟାପ୍ଳାବିତ ଅଞ୍ଚଳ, ସମତଳ ଭୂମି ଓ ଜଳସେଚିତ ଅଞ୍ଚଳରେ ଖରିଫ୍ ଚାଷ କରାଯାଇଥାଏ।

2. (କ)(i) ଜନବସତି ସ୍ଥାପନ ଓ ନଗରୀକରଣ ଯୋଗୁଁ ଭୂମିର ଆବଶ୍ୟକତା ବୃଦ୍ଧି ପାଉଛି।

ଅବଶିଷ୍ଟାଂଶ ପରବର୍ତ୍ତୀ ପୃଷ୍ଠାରେ...



ଯେତେବେଳେ ନିଜ ଶକ୍ତିର ବହିର୍ଭିତ ହୁଏ, ପ୍ରତ୍ୟେକ ବ୍ୟକ୍ତି ସେତେବେଳେ ନିଜକୁ ଭଗବାନଙ୍କ ନିକଟରେ ସମ୍ପୂର୍ଣ୍ଣ ସମର୍ପଣ କରିଦେବା ବ୍ୟତୀତ ଅନ୍ୟ ଉପାୟ ନ ଥାଏ।
- ପଣ୍ଡିତ ନୀଳକଣ୍ଠ ଦାସ

## ସଂକ୍ଷେପରେ..

### ସଡ଼କ ସୁରକ୍ଷା ଉପରେ ସଚେତନତା

ବରଗଡ଼ ଅଫିସ୍,୧୭।୧
ବରଗଡ଼ ବ୍ଲକ ଅନ୍ତର୍ଗତ କଟାପାଲି ଜୁନିୟର କଲେଜରେ ଗୁରୁବାର ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜର ଜାତୀୟ ସେବା ଯୋଜନା ଏବଂ ଯୁବ ରେଡ଼କ୍ରସ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଡ଼କ ସୁରକ୍ଷା ଉପରେ ସଚେତନତା ସୃଷ୍ଟି କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ର ଏକ ଶୋଭାଯାତ୍ରାରେ ବାହାରି ବରଡ଼ୋଲ ଗ୍ରାମ ପରିକ୍ରମା କରିଥିଲେ। କଲେଜ ଅଧ୍ୟକ୍ଷ ଶଶୀଭୂଷଣ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପିକା ଓ ଅଧ୍ୟାପକ ଅଂଶଗ୍ରହଣ କରିଥିଲେ ।

### ସାଇକେଲ ରାଲିରେ ସଡକ ସୁରକ୍ଷା

ବିଜେପୁର, ୧୭।୧ (ଡି.ଏନ.ଏ)
ବିଜେପୁର ମହାବିଦ୍ୟାଳୟର ଏନଏସଏସ ୟୁନିଟ-୩ର ବାଳିକା ବିଭାଗ ପକ୍ଷରୁ ସଡକ ସୁରକ୍ଷା ସପ୍ତାହ ଶୁକ୍ରବାର ପାଳିତ ହୋଇଯାଇଛି । ଏହାକୁ ଅଧାପକ ପ୍ରଦୀପ କୁମାର ମିଶ୍ର ଉଦଘାଟନ କରିଥିଲେ। ଦୁର୍ଘଟଣା ରୋକିବାକୁ ବ୍ୟକ୍ତିଗତ ସଚେତନତା ନିହାତି ଆବଶ୍ୟକ। ତେଣୁ ସଭିଏଁ ସଡକ ନିରାପତ୍ତା ବିଷୟରେ ଅବଗତ ହେବାକୁ ଛାତ୍ରୀଛାତ୍ର ବିଭିନ୍ନ ସ୍ଲୋଗାନ ଦେଇ ସାଇକେଲରେ ସହର ପରିକ୍ରମା କରିଥିଲେ । ସ୍ଥାନୀୟ ବସଷ୍ଟାଣ୍ଡରେ ଏକ ପଥପ୍ରାନ୍ତ ସଭା କରି ଶିକ୍ଷାର୍ଥୀମାନେ ସଡକ ସୁରକ୍ଷାର ବାର୍ତ୍ତା ଦେଇଥିଲେ । ଏନଏସଏସ ପ୍ରୋଗ୍ରାମ ଅଫିସର ଡ. ସୁବ୍ରତାରାଣୀ ରାଉତଙ୍କ ନେତୃତ୍ୱରେ ଅଧାପିକା, ଅଧାପକ ରାଲିକୁ ପରିଚାଳନା କରିଥିଲେ ।

### ରୋଲ ଅବଜରଭରଙ୍କ ପଦ୍ମପୁର ଗସ୍ତ

ପଦ୍ମପୁର, ୧୭।୧ (ଡି.ଏନ.ଏ)
ନିର୍ବାଚନ କମିଶନଙ୍କ ଦ୍ୱାରା ବରଗଡ ଜିଲା ପାଇଁ ନିଯୁକ୍ତି ପ୍ରାପ୍ତ ରୋଲ ଅବଜରଭର ତଥା ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କ ସଚିବ ରାଜେନ୍ଦ୍ର ପ୍ରସାଦ ମୁଣ୍ଡ ଶୁକ୍ରବାର ପଦ୍ମପୁର ଗସ୍ତ କରିଥିଲେ। ସେ ପଦ୍ମପୁର ନିର୍ବାଚନ ମଣ୍ଡଳୀ ପାଇଁ ଚାଲିଥିବା ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହିତ ନିର୍ଦ୍ଦିଷ୍ଟ ସମୟ ସୀମା ମଧରେ ସେଗୁଡିକର ଡିଜିଟାଇଜେସନ କରିବା ପାଇଁ ପରାମର୍ଶ ଦେଇଥିଲେ। ନାମ ପଞ୍ଜୀକରଣ, ସଂଶୋଧନ ଏବଂ ଭୋଟର ତାଲିକାରୁ ବାଦ ଦେବା ପାଇଁ ସଂଗୃହୀତ ବିଭିନ୍ନ ଫର୍ମ ଗୁଡିକର ଡିଜିଟାଇଜେସନ୍ ଉପରେ ଆଲୋଚନା କରିଥିଲେ। ଅବଜରଭର ପଦ୍ମପୁର ସହରାଞ୍ଚଳ ବୁଥ ନଂ. ୨୧୨ ଏବଂ ୨୧୩ ବାଳକ ପ୍ରାଥମିକ ବିଦ୍ୟାଳୟ ବିଏଲଓଙ୍କଠାରୁ ସମ୍ପୃକ୍ତ ବୁଥ୍ ପାଇଁ ସଂଗୃହୀତ ଫର୍ମ ବିଷୟରେ ପଚାରି ବୁଝିବା ସହିତ ଏଥିନିମନ୍ତେ ବ୍ୟବହାର କରାଯାଉଥିବା ରେକର୍ଡ ଯାଞ୍ଚ କରିଥିଲେ। ଏହି ସମୀକ୍ଷା ବୈଠକରେ ଉପଜିଲାପାଳ ତଥା ଇଆରଓ ତନ୍ମୟ କୁମାର ଦରୱାନ, ପଦ୍ମପୁର ତହସିଲଦାର ସରୋଜିନୀ ପ୍ରସନ୍ନ କୁଲୁ, ରାଜବୋଡାସମ୍ବର ବିଡିଓ ତ୍ରିବିକ୍ରମ କୁମରା, ସହକାରୀ ଜିଲାପାଳ ଦୀପ୍ତିମୟୀ ଭୁଏ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ସମେତ ବିଭିନ୍ନ ବ୍ଲକର ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ, ସୁପରଭାଇଜର ଏବଂ ବିଏଲଓମାନେ ଯୋଗଦାନ କରିଥିଲେ ।

# କୃଷକ ଅନ୍ନଦାତା

ଭେଡ଼େନ, ୧୭।୧ (ଡ଼ି.ଏନ.ଏ)



ଦେକୁଲବା କୃଷକ ସମ୍ପର୍କ ମେଳାରେ ମଞ୍ଚାସୀନ ଅତିଥିଗଣ ।

## ଦେକୁଲବାରେ କୃଷକ ସମ୍ପର୍କ ମେଳା

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ପର୍ଯ୍ୟଟନ କେନ୍ଦ୍ର ଦେକୁଲବା ସ୍ଥିତ ଗିରି ଗୋବର୍ଦ୍ଧନ ପୀଠ ଦଳଗଞ୍ଜନ ଲୋକ ମଣ୍ଡପ ଠାରେ ଶୁକ୍ରବାର ଅତାବିରା ନିର୍ବାଚନ ମଣ୍ଡଳୀ ସ୍ତରୀୟ କୃଷକ ସମ୍ପର୍କ ମେଳା ଅନୁଷ୍ଠିତ ହୋଇଛି। ଭେଡ଼େନ ବ୍ଲକ ଆତ୍ମା କମିଟି ସଭାପତି ହରିଶଙ୍କର ବେହେରାଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ରାଜ୍ୟ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟଅତିଥି, ଅନୁସୂଚିତ ଜାତି ଓ ଜନଜାତି ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା, ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହାସହ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପୋ, ମୁଖ୍ୟ ଜିଲା କୃଷି ଅଧିକାରୀ ଦୀନବନ୍ଧୁ ଗାନ୍ଧୀ, ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ପି. କେ ପଟ୍ଟନାୟକ, ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼. ଦିଲୀପ ପଣ୍ଡା, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ବିଭୂତି ଭୂଷଣ ମିଶ୍ର, କୃଷି ଜିଲା ଅଧିକାରୀ ଅଶୋକ କୁମାର ଅମାତ, ସହକାରୀ କୃଷି ଅଧିକାରୀ ଆନନ୍ଦ ଭୋଇ, ବ୍ଲକ ଅଧ୍ୟକ୍ଷ ଡ଼ୋଲାମଣି କ୍ଷେତି, ଉପାଧ୍ୟକ୍ଷା ସୁପ୍ରଭା ପ୍ରଧାନ, ବିଡ଼ିଓ ମୁରଲୀଧର ନାୟକ, ଥାନାଧିକାରୀ ହେମନ୍ତ ରାଓ, ଅତାବିରା ବ୍ଲକ ଅଧ୍ୟକ୍ଷା ରୀତା ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃଷି ଏବଂ କୃଷକ ମାନଙ୍କ ବିକାଶ ପାଇଁ ବିଭିନ୍ନ ସରକାରୀ ବିଭାଗ ତରଫରୁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରକାର କୃଷିରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଚାଷୀ କିଶୋର ମହାନନ୍ଦ, ସର୍ବାନନ୍ଦ ସାହୁ, ରାକେଶ ରଞ୍ଜନ ପାଢ଼ୀ, ଶ୍ରଦ୍ଧାନନ୍ଦ ପଧାନ, ଅକ୍ଷୟ ପାଣିଗ୍ରାହୀ, ସୁନୀଲ ଭୋଇ ଏବଂ ଭେଙ୍କଟ ରାଓଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭେଡ଼େନ ବ୍ଲକ ଆତ୍ମା କମିଟି ପକ୍ଷରୁ ପ୍ରକାଶିତ ଏକ ସ୍ମରଣିକାକୁ ଅତିଥିଗଣ ଉନ୍ମୋଚନ କରିଥିଲେ। ବହଳପାଲି ସ୍କୁଲର ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଶେଷରେ ପ୍ରାଣୀ ଚିକିତ୍ସକ ସନ୍ତୋଷ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ । ମେଳା ପରିସରରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ, ମୃତ୍ତିକା ସଂରକ୍ଷଣ ଏବଂ ଜଳ ବିଭାଜିକା ବିଭାଗ, ଉଦ୍ୟାନ କୃଷି ବିଭାଗ, ମତ୍ସ୍ୟ ବିଭାଗ ତରଫରୁ ପ୍ରଦର୍ଶନୀ ଷ୍ଟଲ ଲଗାଯାଇଥିଲା। ଭେଡ଼େନ ଓ ଅତାବିରା ବ୍ଲକର ବିଭିନ୍ନ ଗ୍ରାମର ହଜାର ହଜାର ମହିଳାପୁରୁଷ ଚାଷୀ ଯୋଗ ଦେଇଥିଲେ।

# ଚା’ ଦେଇଛେ ପରିଚଏ

ବରପାଲି, ୩।୧ (ଡି.ଏନ୍.ଏ.)


ନିରଞ୍ଜନ ଦୁକାନରେ ଚା’ ତିଆରି କରୁଛନ୍।

ଆମର ସମାଜରେ ଲୋକ୍ ଜିଁବାର ଖାଏବାର ଲାଗି ଅନେକ ପରକାର ବେପାରବନିଜ କରୁଛନ୍। ଭିନେ ଭିନେ ଜାଗାରେ ସମାନ ପରକାର ଅନେକ ଦୁକାନ ବି ରହିଛେ। ହେଲେ ସମକର ପରିଚଏ ଅଲଗ୍ ଅଲଗ୍। ଏନ୍ତା ବରପାଲି ବସ୍‌ଷ୍ଟାଣ୍ଡ ପାସେ ନୁର ମହମ୍ମଦ ଧରମଶାଲା ଆଘେ ରହିଛେ ନିରଞ୍ଜନ ସାହୁକଁର ଚା’ ଦୁକାନ। ସେ ତାକର ଖାସ୍ ଚା’ର ଲାଗି ନିଜର ପରିଚଏ ସୁରୁଷ୍‌ଟି କରିଛନ୍। ସଖାଲୁ ଉଠୁନ୍ ଉଠୁନ୍ ଅନେକ ଲୁକ୍‌କର ଟିକେ ଗରମାଗରମ ଚା’ ପିଇବାର ସଉକ ଅଛେ। ନିରଞ୍ଜନ ଲୁକ୍‌କର ସଉକ ମେଟାବାର ସଂଗେ ନିଜର ପେଟ୍‌ପାଟନାର ଲାଗି ଫିଦିନ ସଖାଲୁ ୫ ବଜେ ଚା’ ଦୁକାନ ଖୁଲୁଛନ୍। ବରପାଲିରେ ଅନେକ ଚା’ ଦୁକାନ ରହିଛେ ହେଲେ ନିରଞ୍ଜନକଁର ଚା’ଟା ସମକରନୁ ଅଲଗ୍ ଆର ଖାସ୍ ଆଏ। ଯେ ତାକର ହାତ୍‌ବନା ଚା’ ଥରେ ପିଛେ ସେ କେଭେ ପାସ୍‌ରି ନାଇଁପାରେ। ଅନେକ ସମିଆରେ ଗାଡ଼ିମଟରେ ଯାଉଥିବାର ଲୋକ୍ ନିରଞ୍ଜନକଁର ଦୁକାନେ ଚା’ ପିଇ ତାକର ପରସଁସା କରୁଛନ୍। ଭାଇ ଗଲାଥର ଯେନ୍ ଚା’ଟିକେ ଦେଇଥିଲ ଆଏଜ୍‌ତକ ନାଇଁ ପାସ୍‌ରି ହେବାର। ସେଥିରଲାଗି ଆଏଜ୍ ଫେନ୍‌ଘାଏ ତମର ଦୁକାନ ଠହକେଇ ଚା’ ପିଇବାର ଲାଗି ଅଟ୍‌କିଛୁଁ ବଲି ଗରାଖମାନେ ତାହାକୁ ପରସଁସା କରୁଛନ୍। ନିରଞ୍ଜନକଁର ଚା’ର ସୁଆଦ୍‌ରେ ମତୁଆଲ ଅଂଚଲର ଅନେକ ବଡ଼ବଡ଼ିଆ ନେତା, ବେଉସାଇ ବି ତାକର ଦୁକାନେ ବସାଉଠା କରୁଛନ୍। ଆଏଜ୍‌କେ ୩୦ ବଛର ହେଲା ନିରଞ୍ଜନ ଲୁକ୍‌କୁ ଗରମାଗରମ ଚା’ ପରସି ନିଜର କୁଟୁମ୍ ପୁଷୁଛନ୍। ଇ ଚା’ ଦୁକାନରେ ଫିଦିନ ସେ ପାଖାପାଖି ୨ ହଜାର ଟଁକା ବେପାର କରୁଥିବାର କହିଛନ୍।

# କୋସଲିର ସାମ୍ବିଧାନିକ ସ୍ୱୀକୃତି ଦାବି

## ଫେବୃୟାରୀ ୨୧ରେ ଜନ୍ତରମନ୍ତରରେ ରାଲି

ବରଗଡ଼ ଅଫିସ୍,୧୭।୧

ଚଳିତବର୍ଷ ଆନ୍ତର୍ଜାତୀୟ ମାତୃଭାଷା ଦିବସ ଉପଲକ୍ଷେ କୋସଲି କ୍ରିୟାନୁଷ୍ଠାନ କମିଟି ତରଫରୁ କୋସଲିର ସାମ୍ବିଧାନିକ ସ୍ୱୀକୃତି ପାଇଁ ନୂଆଦିଲ୍ଲୀର ଜନ୍ତରମନ୍ତରରେ ଧାରଣା ଦେବା ପାଇଁ ଯୋଜନା ହୋଇଛି। ଏହି ଅବସରରେ ଆସନ୍ତା ଫେବୃୟାରୀ ୨୧ତାରିଖରେ ସେଠାରେ ଏକ ରାଲିର ଆୟୋଜନ କରାଯାଇଛି ବୋଲି କ୍ରିୟାନୁଷ୍ଠାନ କମିଟି ଆବାହକ ସାକେତ ଶ୍ରୀଭୂଷଣ ସାହୁ ଏକ ବିବୃତିରେ ଜଣାଇଛନ୍ତି। ସେହି ରାଲିରେ ସମ୍ବିଧାନର ଅଷ୍ଟମ ସୂଚୀରେ ସ୍ଥାନିତ ପାଇଁ ଦାବି କରି ଆସୁଥିବା ଅନ୍ୟ ଭାଷା ଅଙ୍ଗିକା, ବାଜ୍ଜିକା, କୋଡ଼ବା, ଭୋଜପୁରୀ, ରାଜସ୍ଥାନୀ, ମଗହି, ଛତିଶଗଡ଼ି, ହୋ ଗୋଣ୍ଡି ଆଦି ଭାଷାଭାଷୀ ଲୋକେ ମଧ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସାହୁ ଜଣାଇଛନ୍ତି। ସେହିପରି ରାଲିକୁ ସମର୍ଥନ ଦେବା ପାଇଁ ପଞ୍ଜାବୀ, ତାମିଲ, ବଙ୍ଗାଳୀ, ମରାଠୀ ଆଦି ସରକାରୀ ଭାଷାଭାଷୀ ଲୋକେ ଯୋଗଦେବେ ବୋଲି ସେ ସୂଚନା ଦେଇଛନ୍ତି ।

# କଂସ ହେଲେ ମଥୁରାଧିପତି

ଭଟଲି,୧୭।୧(ଡି.ଏନ.ଏ)

ନୂଆଗଡ ଧନୁଯାତ୍ରାର ଶୁକ୍ରବାର ଦ୍ୱିତୀୟ ଦିବସରେ ରାଜା ଉଗ୍ରସେନ ଗାଦିଚ୍ୟୁତ ଏବଂ କଂସ ମଥୁରାଧିପତି ଆସନରେ ଅଳଙ୍କୃତ ହେବା ଦୃଶ୍ୟ ଅଭିନୀତ ହୋଇଛି। ଏହି ଅବସରରେ ମହାରାଜ କଂସଙ୍କ ଦରବାରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଆଜି ରାଜ ଅତିଥି ଭାବେ ଭଟଲି ଥାନାଧିକାରୀ ରଞ୍ଜିତ କୁମାର ନାଏକ, ଡା. ବୀରେନ୍ଦ୍ର କୁମାର ହୋତା, ସରୋଜ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଶନିବାର ଦେବତାମାନଙ୍କ କଥୋପକଥନ, କୃଷ୍ଣ ଜନ୍ମ, ପୁତୁନା ଆଗମନ ହେବାକୁ ଥିବା ବେଳେ ଗୋପପୁରରେ ନନ୍ଦୋତ୍ସବ, କୁବୁଜା ବଣିକ, ଅନ୍ଧ ମାଳିର ନଗର ଭ୍ରମଣ ଆଦି ଦୃଶ୍ୟ ପରିବେଷିତ ହେବ ।

# ପଞ୍ଚାୟତ ସମିତି କଲେଜର ବାର୍ଷିକୋତ୍ସବ



ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି ।

ଗାଇସିଲେଟ,୧୭।୧(ଡି.ଏନ.ଏ)

ଗାଇସିଲେଟ ପଞ୍ଚାୟତ ସମିତି ମହାବିଦ୍ୟାଳୟର ବାର୍ଷିକୋତ୍ସବ ମିନି ଷ୍ଟାଡିୟମରେ ଅନୁଷ୍ଠିତ ହୋଇଛି। ଏହି ଉତ୍ସବକୁ ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ସାହୁ ଉଦ୍‌ଘାଟନ କରିଥିଲେ। ଏହି ସଭାରେ ଗାଇସିଲେଟର ଦୁର୍ଗାପ୍ରସାଦ ପଣ୍ଡା ମୁଖ୍ୟଅତିଥି, କଲେଜ ପ୍ରତିଷ୍ଠାତା ତଥା ପୂର୍ବତନ ସମ୍ପାଦକ ଅମ୍ବିକା ପ୍ରସାଦ ତ୍ରିବେଦୀ, ବ୍ଲକ ଉପାଧ୍ୟକ୍ଷ ପ୍ରଣୟ କୁମାର ସାହୁ, ପଶ୍ଚିମ ଓଡିଶା ବିକାଶ ପରିଷଦର ସଦସ୍ୟ ନାରାୟଣ ସାହୁ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅଧ୍ୟାପକ ଡ. ଜୟକେତନ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। କଟାପାଲି କଲେଜ ର ଅଧ୍ୟାପିକା ଡ. ଭଗବତୀ କର ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଆଦର୍ଶ ମଣିଷ ହେବା ପାଇଁ ଆହ୍ୱାନ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ଜଗଦୀଶ କୁମାର ଠାକୁର ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସାଂକୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

# ଶୋଭାଯାତ୍ରାରେ ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା

ବରଗଡ଼ ଅଫିସ୍,୧୭।୧



ବିକାଶ ଡିଗ୍ରୀ କଲେଜ ଯୁବ ରେଡ଼କ୍ରସର ସଡ଼କ ସୁରକ୍ଷା ଶୋଭାଯାତ୍ରା ।

ବରଗଡ଼ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ଶୁକ୍ରବାର ସଡ଼କ ସୁରକ୍ଷା ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ବରଗଡ଼ ଏସପି ପଦ୍ମିନୀ ସାହୁ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୃତିବାସ ରାଉତ, ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାୟକ, ସୁରେଶ୍ୱର ଶତପଥୀ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ସଡ଼କ ସୁରକ୍ଷା ସପ୍ତାହ ପାଳନର ଆଭିମୁଖ୍ୟ ଉପରେ ସେମାନେ ଆଲୋକପାତ କରିବା ସହିତ ଜିଲାରେ ସଡ଼କ ଦୁର୍ଘଟଣାକୁ କିଭଳି ରୋକାଯାଇପାରିବ, ସେ ନେଇ ବିଭିନ୍ନ ପରାମର୍ଶ ଦେବା ସହିତ ନିଜର ମତ ରଖିଥିଲେ । ଏହି ଅବସରରେ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରବନ୍ଧ ପ୍ରତିଯୋଗିତାର ଜୁନିୟର ଗ୍ରୁପରେ ସାହିଲ କୁମାର ଦାଶ, ସ୍ୱାତୀ ଦାଶ, ଶ୍ରେୟା ଶରଣ୍ୟା ରାଉତ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ସେହିପରି ସିନିଅର ଗ୍ରୁପରେ ଅର୍ପିତା ଗଙ୍ଗଦେବ, ଦିବ୍ୟାଂଶୀ ବିଜୟିନୀ ଏବଂ ଏମ. ସାଇକ୍ରୀଷ୍ଟା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ସାଧାରଣ ଗ୍ରୁପରେ ବିକାଶ ଡିଗ୍ରୀ କଲେଜର ପ୍ରୀତି ସିଂ, ଏମ. ସୋନାଲି, ସୁପ୍ରୀତି ସୁନ୍ଦରୀ ନାୟକ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିଲେ ।

ସ୍ଲୋଗାନ ପ୍ରତିଯୋଗିତାରେ ପୂର୍ଣ୍ଣଚନ୍ଦ୍ର ସାହୁପ୍ରଥମ, ସ୍ୱାତୀଦାଶ ଦ୍ୱିତୀୟ ଓ ନିୟମ ପରିଡ଼ା ତୃତୀୟ ହୋଇଥିବାବେଳେ ଚିତ୍ରାଙ୍କନ ପ୍ରତିଯୋଗିତାର ଜୁନିୟର ଗ୍ରୁପରେ ଆଦ୍ୟାଶ୍ରୁତି କର, ସାକ୍ଷୀ ଅଗ୍ରୱାଲ ଓ ଅନ୍ୱେଷା ଭୋଇ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ଚିତ୍ରାଙ୍କନ ସିନିୟର ଗ୍ରୁପରେ ଇସାନ କୁମାର ନନ୍ଦ, ଅନମୋଲ ମିଶ୍ର, ପ୍ରଜ୍ଞା ପରମିତା ପାଣ୍ଡେ, ଜେନେରାଲ ଗ୍ରୁପରେ ବିକାଶ ଡିଗ୍ରୀ କଲେଜର କିରନ ପଟେଲ, ମଧୁଲତା ସାହୁ, ବୈଶାଳୀ ରଞ୍ଜିତା ଭୋଇ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିଲେ । ସେହିପରି ଶ୍ରେଷ୍ଠ ଡ୍ରାଇଭର ଭାବେ ଓଡ଼ିଶା ରାଜ୍ୟ ପରିବହନ ନିଗମ, ବରଗଡ଼ରେ କାର୍ଯ୍ୟରତ ଅନନ୍ତ ବରଡ଼ା ଏବଂ ବିଜୟ ସାହୁଙ୍କୁ ଗୁଡ୍ ସମାରିତନ ଆୱାର୍ଡ଼ରେ ସମ୍ମାନିତ କରାଯାଇଥିଲା ।

ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ବରଗଡ଼ ବିକାଶ ଡିଗ୍ରୀ କଲେଜର ଯୁବ ରେଡ଼କ୍ରସ ସଂସ୍ଥା ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ହୋଇଥିଲା । ଏହି ଅବସରରେ ଛାତ୍ରୀଛାତ୍ରମାନେ ମୁଖ୍ୟ ରାଜରାସ୍ତାକୁ ଯାଇ ଜନସାଧାରଣ ଏବଂ ବାଇକ୍‌ଧାରୀମାନଙ୍କୁ ସଡ଼କ ସୁରକ୍ଷା ଉପରେ ସଚେତନ କରିବା ସହିତ ଲିଫଲେଟ୍ ବଣ୍ଟନ କରିଥିଲେ। ପରେ ଅନୁଷ୍ଠିତ ସଭାରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ସଡ଼କ ସୁରକ୍ଷା ଅଧିକାରୀ ଗୋଲାପ ଚନ୍ଦ୍ର ହାଁସଦା ଏବଂ ଏମଭିଆଇ ବିଶ୍ୱରଞ୍ଜନ ସାହୁ ଯୋଗଦାନ କରି ସଡ଼କ ସୁରକ୍ଷା, ବାଇକ ଚାଳନା ଉପରେ ବକ୍ତବ୍ୟ ରଖିଥିଲେ । ଛାତ୍ରୀ ପାୟଲ ସିଂ ସ୍ୱାଗତ ଭାଷଣ ଦେଇଥିବାବେଳେ ବିକାଶ ଡିଗ୍ରୀ କଲେଜର ଉପାଧ୍ୟକ୍ଷା ପୁଷ୍ପିତା ପଣ୍ଡା, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ମୁରାରୀ ପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଅଧ୍ୟାପକ ସୁରଜ ପଣ୍ଡା, ଅଧ୍ୟାପିକା ଚାନ୍ଦିନୀ ପ୍ରଧାନ ପ୍ରମୁଖ ସହଯୋଗ କରିଥିବାବେଳେ ଛାତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ ।

ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ...

# ସାମାଜିକ ବିଜ୍ଞାନ (SOCIAL SCIENCE)

(ii) କୃଷି ଭୂମିର ଆୟତନ ବୃଦ୍ଧି, ଶିକ୍ଷାନୁଷ୍ଠାନ, ଗମନାଗମନ ପଥର ବିସ୍ତୃତି, ଖଣିଜ ପଦାର୍ଥ ଉତ୍ତୋଳନ ଏବଂ ଜଳଭଣ୍ଡାର ଓ ନଦୀ ଉପତ୍ୟକା ଯୋଜନା ଇତ୍ୟାଦି ପାଇଁ ଅରଣ୍ୟ କ୍ଷୟ ହେଉଛି।
(iii) ପ୍ରାକୃତିକ ବିପର୍ଯ୍ୟୟ ତଥା ମାନବୀୟ କାର୍ଯ୍ୟ ଯୋଗୁଁ ଅରଣ୍ୟ କ୍ଷୟ ହେଉଛି।

**କିମ୍ବା,**
(i) ଗାଈ-ଗୋରୁମାନଙ୍କର ମଳମୂତ୍ର ବ୍ୟବହାର କରି ଯେଉଁ ଜୈବଗ୍ୟାସ୍ ଉତ୍ପାଦନ କରାଯାଏ, ତାହାକୁ ଗ୍ରାମାଞ୍ଚଳରେ ଗୋବର ଗ୍ୟାସ୍ ପ୍ଲାଣ୍ଟ କୁହାଯାଏ।
(ii) ରନ୍ଧନ କାର୍ଯ୍ୟରେ ଜାଳେଣି କାଠ ଓ ଗୋବର ଘସି ବଦଳରେ ଏହି ଗ୍ୟାସ୍‌ର ବ୍ୟବହାର ଦ୍ୱାରା ଗଛ ରକ୍ଷା ପାଇଥାଏ ଏବଂ କୃଷି କ୍ଷେତ୍ର ପାଇଁ ଜୈବିକ ସାର ମଧ୍ୟ ମିଳିଥାଏ।
(iii) ଏହାଦ୍ୱାରା ଜୈବଗ୍ୟାସ୍ ଏବଂ ଉତ୍କୃଷ୍ଟ ମାନର ଜୈବିକ ସାର ପାଇବାଦ୍ୱାରା ଋଷୀ ଦୁଇଆଡ଼ୁ ଲାଭାନ୍ୱିତ ହୋଇଥାଏ।

(ଖ)(i) ଫେଡାଲଫର ମୃତ୍ତିକା ଲବଣାମ୍ଳଯୁକ୍ତ ଓ ସ୍ୱଳ୍ପ ଜୈବାଂଶବିଶିଷ୍ଟ ହୋଇଥାଏ।
(ii) ଏହା ଏକ ଲାଲ ମୃତ୍ତିକା।
(iii) ଦକ୍ଷିଣ ଭାରତର ବିଭିନ୍ନ ଆର୍ଦ୍ର ଅଞ୍ଚଳରେ ଏହି ପେଡ଼ାଲଫର ମୃତ୍ତିକା ଦେଖାଯାଏ।

**କିମ୍ବା,**
(i) ଏହି କୋଇଲାରେ ଅଙ୍ଗାରକର ପରିମାଣ ଶତକଡ଼ା ୬୦ ଭାଗ।
(ii) ଏହା ଏକ ନିମ୍ନମାନର ଏବଂ ଧୂସର ରଙ୍ଗର କୋଇଲା।
(iii) ଏହି କୋଇଲା ତାମିଲନାଡ଼ୁର ନେଭେଲିଠାରେ ମିଳେ ଓ ବିଦ୍ୟୁତ୍ ଶକ୍ତି ଉତ୍ପାଦନରେ ବ୍ୟବହୃତ ହୁଏ।

(ଗ)(i) **ପୂରଣୀୟ ସମ୍ବଳ:** ମନୁଷ୍ୟର ବ୍ୟବହାର ଦ୍ୱାରା ଯେଉଁ ସମ୍ବଳର ପରିମାଣରେ କୌଣସି ହ୍ରାସ ପରିଲକ୍ଷିତ ହୋଇ ନ ଥାଏ, ତାକୁ ପୂରଣୀୟ ବା ଅବିରାମ ସମ୍ବଳ କହନ୍ତି। ଉଦାହରଣ - ସୌରଶକ୍ତି, ପବନଶକ୍ତି ଓ ଜୁଆର ଶକ୍ତି।
(ii) **ଅପୂରଣୀୟ ସମ୍ବଳ:** ଯେଉଁ ସମ୍ବଳ ମନୁଷ୍ୟର ବ୍ୟବହାର ଦ୍ୱାରା ସଂପୂର୍ଣ୍ଣ ଶେଷ ହୋଇଯାଏ; କିନ୍ତୁ ପୁନଃ ସୃଷ୍ଟି କରାଯାଇପାରେ ନାହିଁ ତାହାକୁ ଅପୂରଣୀୟ ସମ୍ବଳ କୁହନ୍ତି। ଉଦାହରଣ-ଖଣିଜ ପଦାର୍ଥ ଓ ଖଣିଜ ତୈଳ।

**କିମ୍ବା,**(i) **କଙ୍କର :** ଭାଙ୍ଗର ମୃତ୍ତିକାର ଚୂନଗୋଡ଼ି ଅଧିକ ପରିମାଣରେ ଥିଲେ ତାହାକୁ କଙ୍କର ମୃତ୍ତିକା ବୋଲି କୁହାଯାଏ। ଏହି ମୃତ୍ତିକା ଗାଙ୍ଗେୟ ସମତଳ ଭୂମିରେ ପ୍ରାୟତଃ ଦେଖାଯାଏ।
**ଖାଦର :** ଗାଙ୍ଗେୟ ସମତଳ ଭୂମିର ନୂତନ ପଟୁ ମୃତ୍ତିକାକୁ ଖାଦର ମୃତ୍ତିକା କୁହାଯାଏ। ଏହା ମୁଖ୍ୟତଃ ନଦୀ ଶଯ୍ୟାର ପ୍ଲାବନଭୂମିରେ ଦେଖାଯାଏ।

(ଘ) (A)(i) ଲୌହ-ଇସ୍ପାତ ଶିଳ୍ପର ଉତ୍ପାଦିତ ଲୌହ ଇସ୍ପାତ ଅନ୍ୟ ମେସିନ ବା କଳକବ୍‌ଜାର କଞ୍ଚାମାଲ ରୂପେ ବ୍ୟବହୃତ ହୁଏ।
(ii) ଲୌହ-ଇସ୍ପାତ ଶିଳ୍ପର ସର୍ବଶେଷ ଉତ୍ପାଦ ଅନ୍ୟ ଏକ ଶିଳ୍ପର କଞ୍ଚାମାଲ ରୂପେ ବ୍ୟବହୃତ ହେଉଥିବାରୁ ଏହି ଶିଳ୍ପକୁ ମୌଳିକ ଶିଳ୍ପ କୁହାଯାଏ।

**କିମ୍ବା,**
(i) ଆଲୁମିନିୟମ୍ ଲୁହା ଭଳି ଶକ୍ତ ଏବଂ ହାଲୁକା।
(ii) ଏହା ତାପ ସୁପରିବାହୀ ଏବଂ ପ୍ରସାରଣଶୀଳ। ତେଣୁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଧାତୁ ଅଟେ।

(B) (i) ଭାରତର ପଶ୍ଚିମ ଉପକୂଳ ଅପ୍ରଶସ୍ତ, ଗଭୀର ଓ କମ୍ ଜୁଆର ଦେଖାଯାଏ।
(ii) ତେଣୁ ଏଠାରେ ଜୁଆରିଆ ଅରଣ୍ୟ ଦେଖାଯାଏ ନାହିଁ।

**କିମ୍ବା,**
(i) ଜନସଂଖ୍ୟାର ସ୍ୱଳ୍ପତା ଓ ଅଧିକ ଋଷଜମି ଥିବା ଅଞ୍ଚଳରେ ବ୍ୟାପକ କୃଷି କରାଯାଏ।
(ii) ବ୍ୟାପକ କୃଷିଭୂମି ଥିବାରୁ ଯାନ୍ତ୍ରିକ ଉପକରଣ ଦ୍ୱାରା କୃଷିକାର୍ଯ୍ୟ କରାଯାଏ।

**3.** (a)(i) ପୃଥିବୀର ବିଭିନ୍ନ ଦେଶମାନଙ୍କ ମଧ୍ୟରେ ମୁକ୍ତ ଅବାଧ ଓ ନିରପେକ୍ଷ ବାଣିଜ୍ୟ କାରବାର ପ୍ରଚଳନ।
(ii) ଦେଶ ଦେଶ ମଧ୍ୟରେ ଥିବା ଦ୍ୱିପାକ୍ଷିକ ବାଣିଜ୍ୟ ରାଜିନାମା ବଦଳରେ ବହୁପାକ୍ଷିକ ରାଜିନାମାର ପ୍ରବର୍ତ୍ତନ।
(iii) ବିଭିନ୍ନ ଦେଶମାନଙ୍କ ମଧ୍ୟରେ ପୂର୍ବ ପ୍ରଚଳିତ ଆମଦାନି, ରପ୍ତାନୀ ନିୟମ ଓ କଟକଣା ଉଚ୍ଛେଦ କରାଯାଇଛି।

**କିମ୍ବା,**
(i) ବିକାଶୋନ୍ମୁଖୀ ଦେଶଗୁଡ଼ିକର ମୁଖ୍ୟ ଲକ୍ଷଣ ହେଉଛି ଜନସଂଖ୍ୟା ବୃଦ୍ଧି।
(ii) ଜନସଂଖ୍ୟା ବୃଦ୍ଧିକୁ ନିୟନ୍ତ୍ରଣ ନ କରି ପାରିବା ଯୋଗୁଁ ସମ୍ବଳ ଉପରେ ଅତ୍ୟଧିକ ଋପ ପଡ଼େ ଓ ଲୋକମାନଙ୍କ ମୁଣ୍ଡପିଛା ଆୟରେ ଆଶାନୁରୂପ ବୃଦ୍ଧି ପରିଲକ୍ଷିତ ହୋଇପାରେ ନାହିଁ।
(iii) ଏହି ଦେଶମାନଙ୍କରେ ବସବାସ କରୁଥିବା ଅଧିକାଂଶ ଲୋକ ଗରିବ ହୋଇଥାନ୍ତି। ସେମାନଙ୍କ ମୁଣ୍ଡପିଛା ଆୟ କମ୍ ଓ ଜୀବନଯାପନ ମାନ ଅତି ନିମ୍ନ ଧରଣର।

**4.** (a)(i) **ସରକାରୀ ମାଲିକାନା:** ସରକାରୀ ଉଦ୍ୟମରେ ପ୍ରତିଷ୍ଠିତ ଓ ପରିଚ୍ଛାଳିତ ବିଭିନ୍ନ ଦ୍ରବ୍ୟ ଓ ସେବା ଉତ୍ପାଦନକାରୀ ସଂସ୍ଥା, ଯଥା- ଭାରତୀୟ ରେଳ ବିଭାଗ ଓ ଡାକ ବିଭାଗ ସରକାରୀ ମାଲିକାନାରେ ଥାଆନ୍ତି। ଏମାନେ ଜନକଲ୍ୟାଣ ପାଇଁ କାମ କରନ୍ତି।
(ii) **ଘରୋଇ ମାଲିକାନା:** ଭାରତର କୃଷି ଓ ଘରୋଇ କଳକାରଖାନା ବ୍ୟକ୍ତି ବିଶେଷଙ୍କ ମାଲିକାନାରେ ଥିବାରୁ ଏହାକୁ ଘରୋଇ ମାଲିକାନା କହନ୍ତି। ଏମାନେ ଲାଭ ଆଶାରଖି କାର୍ଯ୍ୟ କରିଥାନ୍ତି।

**କିମ୍ବା,**
(i) **ଜାତୀୟ ଖାଉଟି କମିଶନ :** ଜାତୀୟ ସ୍ତରରେ ଖାଉଟି ଅଦାଲତକୁ ଜାତୀୟ ଖାଉଟି କମିଶନ ବୋଲି କୁହାଯାଏ। ଆମ ଦେଶରେ ଏହାର କାର୍ଯ୍ୟାଳୟ ଦିଲ୍ଲୀରେ ଅବସ୍ଥିତ।
(ii) **ରାଜ୍ୟ ଖାଉଟି କମିଶନ :** ରାଜ୍ୟ ସ୍ତରରେ ଖାଉଟି ଅଦାଲକୁ ରାଜ୍ୟ ଖାଉଟି କମିଶନ ବୋଲି କୁହାଯାଏ। ଓଡ଼ିଶାରେ ଏହାର କାର୍ଯ୍ୟାଳୟ ଭୁବନେଶ୍ୱରଠାରେ ଅବସ୍ଥିତ।

❒❒❒



ସଂସାର ପ୍ରତି ତିଳେ ହେଲେ ଆସକ୍ତି ଥିଲେ ଭଗବାନଙ୍କୁ ଲାଭ କରିହେବ ନାହିଁ, ଯେପରି ସୂତାରେ ଟିକିଏ ଆଂଶୁ ଥିଲେ ଛୁଞ୍ଚିରେ ଗଳେନାହିଁ।
- ଶ୍ରୀ ରାମକୃଷ୍ଣ ପରମହଂସ

## ସଂକ୍ଷେପରେ

### ୨୪ କୁଣ୍ଡୀୟ ଗାୟତ୍ରୀ ଯଜ୍ଞ ପ୍ରସ୍ତୁତି ବୈଠକ

ଦେବଗଡ଼,୧୭ା୧(ଡ଼ି.ଏନ୍.ଏ.)
ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ଦେବଗଡ଼ ଦ୍ୱାରା ଆୟୋଜିତ ଓ ଶାନ୍ତିକୁଞ୍ଜ ହରିଦ୍ୱାର ଦ୍ୱାରା ସଂଚାଳିତ ହେବାକୁ ଥିବା ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ମାର୍ଚ୍ଚ ୬ରୁ ୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଏଣୁ ଅବସରପ୍ରାପ୍ତ ଜଗଦାନନ୍ଦ ନନ୍ଦଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ସୁବାସ ପାଣିଗ୍ରାହୀ ଯୋଗଥିଲେ। ଉକ୍ତ ଯଜ୍ଞ ପାଇଁ ଏକ ଯଜ୍ଞ କମିଟି ଗଠନ କରାଯାଇ ସଭାପତି ଭାବରେ ପ୍ରଣତୀ ପାଣିଗ୍ରାହୀ, ସଂପାଦକ ଯଜାତି କିଶୋର ବିଶ୍ୱାଳ ମନୋନୀତ ହୋଇଛନ୍ତି। ସେହିପରି ସମ୍ମାନିତ ଅତିଥି କେଶବ ଚନ୍ଦ୍ର ବେରିଆ, ଦୟାନିଧି ସାହୁ, ରଂଜନ କୁମାର ବେହେରା ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ । ଶେଷରେ ଡ଼ା. ବିଳାସିନୀ ଦ୍ୱିବେଦୀ ଧନ୍ୟବାଦ ପ୍ରଧାନ କରିଥିଲେ ।

### ବନ୍ଧୁତ୍ୱପୂର୍ଣ୍ଣ ହକି ପ୍ରତିଯୋଗିତା

ଦେବଗଡ଼,୧୭ା୧(ଡି.ଏନ.ଏ):
ଜିଲାସ୍ତରୀୟ ସଡକ ସୁରକ୍ଷା ସପ୍ତାହ ଉଦଯାପନୀ ସଭା ପୂର୍ବରୁ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମଠାରେ ବରତଇଳା, କୁଝରଣ, ଶାନ୍ତି ନଗର ଓ ବରଡାତଇଳା ହକି ଟିମ୍ ମଧରେ ଏକ ବନ୍ଧୁତ୍ୱପୂର୍ଣ୍ଣ ହକି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହାକୁ ମୁଖ୍ୟ ଅତିଥି ଭାବେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭିନସେଣ୍ଟ ପୁନମକାନ୍ତ ଏକ୍କା ଖେଳାଳିମାନଙ୍କ ସହ କରମର୍ଦ୍ଦନ କରି ଉଦଘାଟନ କରିଥିଲେ। ଏହି ପ୍ରତିଯୋଗିତାରେ ବରତଇଳା ହକି ଟିମକୁ ୩-୦ଗୋଲରେ ପରାସ୍ତ କରି ବରଡାତଇଳା ହକି ଟିମ୍ ଚାମ୍ପିୟନ ହୋଇଥିଲା । ଚାମ୍ପିୟମ ହକି ଟିମ ବରଡାତଇଳା ହକି ଟିମ୍‌କୁ ନଗଦ ୩ହଜାର ଟଙ୍କା ଅର୍ଥ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ରନର୍ସ ଅପ ବରତଇଳା ହକିଟିମକୁ ନଗଦ ୨ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା । ହକି ମ୍ୟାଚଗୁଡିକୁ ଅମ୍ପାୟର ଭାବେ ଜ୍ୟୋତି ଲୁଥାର ଟପ୍ପୋ ଓ ଜୀବନ ଢେଙ୍ଗରା ପରିଚାଳନା କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଏମଭିଆଇ ତୁଷାର ହେମ୍ରମ, ଟ୍ରାଫିକ ସବ ଇନ୍ସପେକ୍ଟର ଜିତେନ୍ଦ୍ର ବେହେରା, ଜିଲା କ୍ରୀଡା ଅଧିକାରୀ ଶଙ୍କର ପ୍ରସାଦ ଅଧିକାରୀ, ଜିଲା କ୍ରୀଡା ସଂସଦର ସମ୍ପାଦକ ଧିରେନ୍ଦ୍ର ନାୟକ ଓ ବିଜୁ ଯୁବ ବାହିନୀର ଜିଲ୍ଲା ସଂଯୋଜକ ଜିତେନ୍ଦ୍ର ସାହୁଙ୍କ ସମେତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସକ୍ରିୟ ସହଯୋଗ କରିଥିଲେ ।

# ଜବରଦଖଲ ଉଚ୍ଛେଦରେ ପାତରଅନ୍ତର

## ରାଞ୍ଚି-ବିଜୟୱାଡା ଜାତୀୟ ରାଜପଥର ସମ୍ପ୍ରସାରଣ

ରେଢାଖୋଲ,୧୭ା୧(ଡି.ଏନ.ଏ.)

ରେଢାଖୋଲ ସହର ଦେଇ ଯାଇଥିବା ରାଞ୍ଚି-ବିଜୟୱାଡା ଜାତୀୟ ରାଜପଥକୁ ସମ୍ପ୍ରସାରଣ କରାଯାଉଛି। ସହରର ଭୀମଭୋଇ ଛକଠାରୁ ଏନ୍ଏସି ଅଫିସ ପର୍ଯ୍ୟନ୍ତ ରାସ୍ତା ଜନଗହଳି ରହିବା ସହିତ ସଂକୁଚିତ ହୋଇ ରହିଛି। ହେଲେ ଜବରଦଖଲ ହୋଇଥିବା ଜାଗାକୁ ଉଚ୍ଛେଦ ପାଇଁ ବିଭାଗ ପକ୍ଷରୁ ଦିଆଯାଇଥିବା ନୋଟିସକୁ ନେଇ ବିବାଦ ଦେଖା ଦେଇଛି। ଦଖଲ ହୋଇଥିବା ଜାଗା ଉଚ୍ଛେଦ କରିବାକୁ ବିଭାଗ ପକ୍ଷରୁ ଦିଆଯାଇଥିବା ନୋଟିସରେ ପାତର ଅନ୍ତର କରାଯାଇଛି। ଖୋଦ୍ ଲୋକେ ହିଁ ଏଭଳି ଅଭିଯୋଗ କରିଛନ୍ତି। ୭ ନମ୍ବର, ୨ ନମ୍ବର ୱାର୍ଡର ସାଲେ ସିଂ, ମୋଚି ସାହି, ଶୁଣ୍ଢିମୁଣ୍ଡା ଓ ୩ ନଂ ୱାର୍ଡର ଶିବଶଙ୍କର ପଡା, ଆମ୍ବେଦକର ନଗର, ୭ନମ୍ବର ୱାର୍ଡ ଓ ୪ନଂ. ୱାର୍ଡର ନୂଆସାହିବାସୀ ଉପଜିଲାପାଳ ଡୋଲାମଣି ପଟେଲଙ୍କଠାରେ ଲିଖିତ ଅଭିଯୋଗ କରିଛନ୍ତି। ଏମାନେ ଅଭିଯୋଗ କରିଛନ୍ତି ଯେ, ସହରର ଭୀମଭୋଇ ଛକଠାରୁ ଶୁଣ୍ଢିମୁଣ୍ଡା ପର୍ଯ୍ୟନ୍ତ ସଂପ୍ରସାରଣ ପାଇଁ ଜବରଦଖଲ ଜାଗା ଉଚ୍ଛେଦ କରିବାକୁ ଜାତୀୟ ରାଜପଥ ବିଭାଗ ପକ୍ଷରୁ ନୋଟିସ ଦିଆଯାଇଛି। ରାସ୍ତା ସଂପ୍ରସାରଣ କରାଯିବାକୁ ୱାର୍ଡବାସୀ ମଧ ଜାଗା ଖାଲି କରିବାକୁ ରାଜି ଅଛନ୍ତି। ହେଲେ ଭୀମଭୋଇ ଛକଠାରୁ ଏନଏସି କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାସ୍ତା ଜନଗହଳି ସହ ସଂକୁଚିତ ହେଇରହିଛି। ବହୁ ପ୍ରଭାବଶାଳି ଲୋକଙ୍କ କବ୍ଜାରେ ଦୋକାନ ବଜାର ରହିଛି। ଏହି ସ୍ଥାନରେ କେଉଁଠି ୧ଫୁଟରୁ ୫ଫୁଟ ପର୍ଯ୍ୟନ୍ତ ଉଚ୍ଛେଦ କରିବାକୁ କୁହାଯାଇଛି। ଅଥଚ ନୂଆସାହି, ଶିବଶଙ୍କରପଡା, ଆମ୍ବେଦକରନଗର, ସାଲେସିଂ, ଶୁଣ୍ଢିମୁଣ୍ଡା ପର୍ଯ୍ୟନ୍ତ ଚଉଡା ରାସ୍ତାରେ ଗାଡିମୋଟର ଯିବା ଆସିବାରେ କୌଣସି ଅସୁବିଧା ହେଉନାହିଁ। ଏହା ପରେ ବି ବିଭାଗ ପକ୍ଷରୁ ଏହି ରାସ୍ତା କଡରେ ଘର କରି ରହିଥିବା ଗରିବ ଲୋକଙ୍କୁ ଜାଣିଶୁଣି ହଇରାଣ କରିବା ଉଦ୍ଦେଶ୍ୟରେ ୧୦ରୁ ୨୦ ଫୁଟ ପର୍ଯ୍ୟନ୍ତ ଜାଗା ଖାଲି କରିବାକୁ ନୋଟିସ ଦିଆଯାଇଛି। ଏ ଦିଗରେ ତଦନ୍ତ କରି ପଦକ୍ଷେପ ନେବାକୁ ନନ୍ଦୁ ମିରି, ଜଗା ସିଂ, ରାଜୁ ମୁଖି, ରମାକାନ୍ତ ସାହୁ, ସୁମନ୍ତ ବେହେରା, ସୁଜିତ କୁମାର ପଣ୍ଡା, ବଶିଷ୍ଠ ରାଉତ, କୁଶ ବାରିକ, ଦେବାର ନାଏକ, ବିନୋଦ ସାହାନି, ଗଜାନନ ଭେସରା, ସୁଧାଂଶୁ ଶେଖର ପୁରୋହିତଙ୍କ ସମେତ ବହୁ ପଡାବାସୀଙ୍କ ସ୍ୱାକ୍ଷର ସମ୍ବଳିତ ଦାବିପତ୍ର ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଛି।

# ବ୍ରାଉନସୁଗାର ବ୍ୟବସାୟୀଙ୍କ ଟାର୍ଗେଟରେ ଶିକ୍ଷାନୁଷ୍ଠାନ

ସମ୍ବଲପୁର,୧୭ା୧(ବ୍ୟୁରୋ)

ସମ୍ବଲପୁର ପୋଲିସ ନିଶା ଦ୍ରବ୍ୟ ବିକ୍ରି ଉପରେ ରୋକ୍ ଲଗାଇ ପାରୁନାହିଁ। ମଦ, ଗଞ୍ଜେଇ, କଫସିରପ ବେପାରୀଙ୍କୁ ଗିରଫ କରୁଛି। ହେଲେ ବୁର୍ଲାରେ ଶିକ୍ଷାନୁଷ୍ଠାନ ନିକଟରେ ବ୍ରାଉନ ସୁଗର ଭଳି ଦାମୀ ନିଶାଦ୍ରବ୍ୟ ବିକ୍ରି ହେଉଛି। ଏଥିରେ ଜିଲା ପୋଲିସର ଗୋଇନ୍ଦା ବିଭାଗ ଫେଲ୍ ମାରିଛି। ବ୍ରାଉନସୁଗାର ବେପାରୀ ମୁଖତଃ ଛାତ୍ର ଓ ଯୁବବର୍ଗଙ୍କୁ ଟାର୍ଗେଟ କରୁଛନ୍ତି। ଫୋନ୍ ଯୋଗେ ଅର୍ଡର ନେଇ ଯୋଗାଇ ଦିଆଯାଉଛି। ସହଜେ ଯେଭଳି କେହି ସନ୍ଦେହ ନ କରିବେ ସେଥିପାଇଁ ଛୋଟ ପୁଡିଆ ଓ ସିଗେରଟରେ ଏହା ଦିଆଯାଉଛି। ପୁଡିଆ ଦାମ୍ ୨ ଶହରୁ ୫ ଶହ ଟଙ୍କା ରହୁଛି। ସିଗାରେଟ ଗୋଟା ୫୦ ଟଙ୍କାରେ ବିକ୍ରି କରାଯାଉଛି । ଶିକ୍ଷାନୁଷ୍ଠାନ ନିକଟରେ ଥିବା ଠେଲା ଦୋକାନ ଗୁଡିକରେ ଆଡ୍ଡା ଜମୁଛି। କେହି ନ ଜାଣିଲା ଭଳି ଠେଲା ନିକଟରେ କିଣାବିକା ହେଉଛି। ବହୁତ ଚାଲାକିରେ ଏହା ବିକ୍ରି କରାଯାଉଛି। ପକେଟରେ ସହଜରେ ନେବା ଆଣିବା ହେଇ ପାରୁଛି । ତେଣୁ ଏଥିରେ ବେପାରୀ ଓ ଗ୍ରାହକ ସମସ୍ତଙ୍କୁ ସହଜ ହେଉଛି । ବାଲେଶ୍ୱର, ଭୁବନେଶ୍ୱରର ବେପାରୀ ବସ୍‌ରେ ଏହାକୁ ବୁର୍ଲାରେ ପହଞ୍ଚାଉଛନ୍ତି। ସମ୍ବଲପୁର ସହରର ଅଇଁଠାପାଲି ଛକ, ରେମେଡଛକ, ଗଙ୍ଗାଧର ମେହେର କଲେଜ ଛକରେ ମଧ ଏହା ମିଳୁଛି। ସ୍ଥାନୀୟ ଯୁବକମାନେ ଏଥିରେ ନିୟୋଜିତ ରହୁଛନ୍ତି। ଚିହ୍ନା ପରିଚିତଙ୍କ ସୁପାରିସରେ ନୂଆ ଗ୍ରାହକଙ୍କୁ ଏହା ମିଳୁଛି। ତେବେ ଏ ସମ୍ପର୍କରେ ସମ୍ବଲପୁର ଏସ୍‌ପି କନୱର ବିଶାଳ ସିଂ କହିଛନ୍ତି ଯେ, ଏହା ଉପରେ ପୋଲିସ ଯାଞ୍ଚ କରିବ।

# ଶହେ ବର୍ଷ ପର୍ଯ୍ୟନ୍ତ ବିଦ୍ୟୁତ୍ ଚାହିଦା ମେଣ୍ଟାଇ ପାରିବ କୋଇଲା

ସମ୍ବଲପୁର, ୧୭ା୧ (ବ୍ୟୁରୋ)



କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀଙ୍କ ସହ କୋଲ ଇଣ୍ଡିଆ ଏବଂ ଏମ୍‌ସିଏଲ ଅଧକ୍ଷ ।

ଭାରତ ସରକାର କୋଲ ଇଣ୍ଡିଆ କମ୍ପାନୀକୁ ଅଧିକରୁ ଅଧିକ ମଜଭୁତ କରିବେ। ସେହିପରି ଏହାର ବିସ୍ତାର କରିବାକୁ ପ୍ରତିଶ୍ରୁତିବଦ୍ଧ। ସରକାରୀ ପ୍ରଚେଷ୍ଟାରେ କୋଲ ଇଣ୍ଡିଆର ଉତ୍ପାଦନ ବୃଦ୍ଧି କରିବାକୁ ୧୬ଟି ନୂତନ କୋଇଲା ବ୍ଲକ ଆବଣ୍ଟନ କରାଯାଇଛି । ଏବେ କୋଲ ଇଣ୍ଡିଆ ପାଖରେ ୪୬୩ଟି କୋଇଲା ବ୍ଲକ ହେବା ସହିତ ମହଜୁଦ ଥିବା କୋଇଲା ପରିମାଣ ବୃଦ୍ଧି ୫୨ ହଜାର ମିଲିୟନ ଟନ୍‌ରେ ପହଞ୍ଚିଛି। ୨୦୧୮-୧୯ ଆର୍ଥିକ ବର୍ଷରେ କୋଲ ଇଣ୍ଡିଆ ୬୦୬ ମିଲିୟନ ଟନ କୋଇଲା ଉତ୍ପାଦନ କରିଥିଲା। ସେଥି ମଧ୍ୟରୁ ୪୮୮ ମିଲିୟନ ଟନ୍ ବିଦ୍ୟୁତ ଶକ୍ତି ଉତ୍ପାଦନ ସକାଶେ ପାୱାର ପ୍ଲାଣ୍ଟଗୁଡିକୁ ପଠା ଯାଇଛି । କମ୍ପାନୀରେ ଗଚ୍ଛିତ ରହିଥିବା କୋଇଲା ଆଗାମୀ ୧ଶହ ବର୍ଷ ଲାଗି ଦେଶର ବିଦ୍ୟୁତ ଚାହିଦା ମେଣ୍ଟାଇ ପାରିବ। ଆବଶ୍ୟକ ହେଲେ କୋଲ ଇଣ୍ଡିଆକୁ ଆହୁରି କୋଇଲା ବ୍ଲକ ଆବଣ୍ଟନ କରାଯିବ ବୋଲି ଉଲ୍ଲେଖ ରହିଛି । ଅପରପକ୍ଷେ କୋଇଲା କ୍ଷେତ୍ରରେ ବ୍ୟବସାୟିକ ମାଇନିଂ ଆରମ୍ଭ ହେଲେ କୋଲ ଇଣ୍ଡିଆ ଉପରେ କୌଣସି ପ୍ରକାର ପ୍ରଭାବ ପଡିବ ନାହିଁ । ୨୦୨୩-୨୪ ଆର୍ଥିକ ବର୍ଷ ସୁଦ୍ଧା ୧ ହଜାର ମିଲିୟନ ଟନ୍ ଉତ୍ପାଦନ ବୃଦ୍ଧି କରିବାକୁ କୋଲ ଇଣ୍ଡିଆ ଲକ୍ଷ୍ୟ ଧାର୍ଯ୍ୟ କରିଛି। କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ ଏହା କହିଥିବା ବୁର୍ଲାସ୍ଥିତ ଏମସିଏଲର ମୁଖ୍ୟାଳୟରୁ ଏକ ପ୍ରେସ୍ ବିବୃତ୍ତିରେ ସୂଚନା ଦିଆଯାଇଛି।

# ଅଦାଲତଙ୍କ ନିଷ୍ପତ୍ତିକୁ ଅପେକ୍ଷା

- ଜମି ଅଧିଗ୍ରହଣ ଟଙ୍କାକୁ ନେଇ ବିବାଦ
- ବସିଲା ତ୍ରିପାକ୍ଷିକ ବୈଠକ

ସମ୍ବଲପୁର,୧୭ା୧(ବ୍ୟୁରୋ)

ସମ୍ବଲପୁର-କଟକ ୫୫ ନଂ. ଜାତୀୟ ରାଜପଥକୁ ୪ ଥାକିଆ କରିବାକୁ ଜମି ଅଧିଗ୍ରହଣ ହୋଇଛି। ଜମି ହରାଉଥିବା ଚାଷୀ ମେଜର ବନ୍ଦୋବସ୍ତରେ କ୍ଷତିପୂରଣ ରାଶି ପ୍ରଦାନ କରିବାକୁ ଦାବି କରିଛନ୍ତି। ହେଲେ ପ୍ରଶାସନ ନିୟମ ଅନୁସାରେ ଚକ ବନ୍ଦୋବସ୍ତରେ କ୍ଷତିପୂରଣ ଟଙ୍କା ଦେବା ପାଇଁ ତାଲିକା ପ୍ରସ୍ତୁତ କରିଛି। ଏହାକୁ ନେଇ ବିବାଦ ଲାଗି ରହିଛି । ଏହାର ସମାଧାନ ପାଇଁ ଗୁରୁବାର ପାନ୍ଥନିବାସରେ ପ୍ରଶାସନିକ ଅଧିକାରୀ, ଜାତୀୟ ରାଜପଥ ପ୍ରକଳ୍ପ ଅଧିକାରୀ ଓ ୩୨ ଜଣ ପ୍ରଭାବିତ ଚାଷୀଙ୍କୁ ନେଇ ଉପଜିଲାପାଳ ଅନିରୁଦ୍ଧ ପ୍ରଧାନ ଶୁଣାଣି କରିଥିଲେ। କ୍ଷତିଗ୍ରସ୍ତ ଚାଷୀ ପୁଣି ମେଜରରେ କ୍ଷତିପୂରଣ ଟଙ୍କା ଦେବାକୁ ଜିଦ କରିଥିଲେ। ହେଲେ ପ୍ରଶାସନ ଚକ ଅନୁସାରେ କ୍ଷତିପୂରଣ ରାଶି ପ୍ରଦାନ କରିବ ବୋଲି କହିଛି। ସରକାରୀ ନିୟମାନୁସାରେ ଚକ ଅନୁସାରେ ଜମି ଅଧିଗ୍ରହଣ ହୋଇଛି। ବିବାଦ ହେତୁ କ୍ଷତିପୂରଣ ଟଙ୍କା ସରକାରଙ୍କ ଜମା ଖତାରେ ରହିବ। କୋର୍ଟ ଯାହା ରାୟ ଦେବେ ସେ ଅନୁସାରେ କ୍ଷତିପୂରଣ ରାଶି ପ୍ରଦାନ କରାଯିବ। ଏବେ ରାସ୍ତାକାମକୁ ବିରୋଧ ନ କରିବାକୁ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଚାଷୀଙ୍କୁ କହିଥିଲେ। ଏଥିରେ ଅନେକ ଚାଷୀ ରାଜି ହୋଇଛନ୍ତି। ହେଲେ 'ପ୍ରଥମେ ଟଙ୍କା ଦିଆ ପରେ କାମ କରିବ' ବୋଲି ହେଲେ କେତେ ଜଣ ଚାଷୀ ପୁଣି କହିଥିଲେ।

## କଣ୍ଢେଲ ଜଗନ୍ନାଥସାହି ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ

**ବାରକୋଟ, ୧୭ା୧ (ଡି.ଏନ.ଏ)-** ଦେବଗଡ ଜିଲା ବାରକୋଟ ବ୍ଲକ କଣ୍ଢେଲ ଗ୍ରାମ ଜଗନ୍ନାଥସାହିଠାରେ ଶୁକ୍ରବାର ଅଷ୍ଟପ୍ରହରୀ ନାମଯଜ୍ଞ ଉଦଯାପିତ ହୋଇଯାଇଛି । ପ୍ରତିବର୍ଷ ଭଳି ଚଳିତବର୍ଷ ବୁଧବାର ଅପରାହ୍ନରେ ଜଗନ୍ନାଥସାହି ବାସିନ୍ଦାଙ୍କ ଦ୍ୱାରା କଳସ ଯାତ୍ରା ସହ ଅଧିବାସ ଅନୁଷ୍ଠିତ ହୋଇଥିଲା। ଗୁରୁବାର ନାମଯଜ୍ଞ ଆରମ୍ଭ ହୋଇ ଶୁକ୍ରବାର ସକାଳେ ପୂର୍ଣ୍ଣାହୁତି ସହିତ ଦଧିଭଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ମହିଳା ଓ ପୁରୁଷ ସଂକୀର୍ତ୍ତନ ମଣ୍ଡଳୀ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ । ପୂଜା କାର୍ଯ୍ୟର ସଭାପତି ଭାବେ ମିଲୁଚରଣ ସାହୁ, ସମ୍ପାଦକ ପ୍ରଦୀପ କୁମାର ସାହୁ ଏବଂ କୋଷାଧକ୍ଷ ଭାବେ ଜୟଦେବ ବିଶ୍ୱାଳ କାର୍ଯ୍ୟ ତୁଲାଇଥିଲେ ।



ରାଜ୍ୟସ୍ତରୀୟ ଦିବାରାତ୍ର କବାଡି ଟୁର୍ନାମେଣ୍ଟ ଉଦ୍‌ଘାଟନୀ ମୁହୂର୍ତ୍ତ।

# ରାଜ୍ୟସ୍ତରୀୟ ଦିବାରାତ୍ର ପୁରୁଷ ଓ ମହିଳା କବାଡି ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଦେବଗଡ଼,୧୭ା୧(ଡି.ଏନ.ଏ)

ଦେବଗଡ କବାଡି କମିଟି ପକ୍ଷରୁ ସ୍ଥାନୀୟ ଗୋପାଳଜୀ ମନ୍ଦିର ପଡିଆଠାରେ ତିନିଦିନ ଧରି ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ ସ୍ତରୀୟ ଦିବାରାତ୍ର ମହିଳା ପୁରୁଷ କବାଡି ଟୁର୍ନାମେଣ୍ଟ ଶୁକ୍ରବାର ଉଦଘାଟିତ ହୋଇଯାଇଛି। ଅପରାହ୍ନରେ ଦେବଗଡ କବାଡି କମିଟିର ସଭାପତି ପ୍ରଫୁଲ୍ଲ କୁମାର ନାୟକଙ୍କ ସଭାପତିତ୍ୱ ଓ ସମ୍ପାଦକ ଉମାଶଙ୍କର ସାହୁଙ୍କ ପରିଚଳନାରେ ଆୟୋଜିତ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା କ୍ରୀଡା ସଂସଦର ସମ୍ପାଦକ ଧିରେନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବେ ରେଫରୀ ବୋର୍ଡର ଅଧ୍ୟକ୍ଷ ପଦ୍ମଚରଣ ପ୍ରଧାନ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ମଞ୍ଜୁଲତା ନାୟକ, ଆଇନଜୀବୀ ତାପସ କୁମାର ମହାପାତ୍ର, ବିକାଶ କୁମାର ପ୍ରଧାନ, ପ୍ରାକ୍ତନ ଖେଳାଳି ପ୍ରଦୀପ ମହାପାତ୍ର ଓ ପ୍ରଦୀପ ଅମାନ୍ତ ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ସହ ଫିତାକାଟି ଏହି ରାଜ୍ୟ ସ୍ତରୀୟ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ ।

ସନ୍ଧ୍ୟାରେ କବାଡି କମିଟିର ସଭାପତି ପ୍ରଫୁଲ୍ଲ କୁମାର ନାୟକଙ୍କ ସଭାପତିତ୍ୱ ଓ ସମ୍ପାଦକ ଉମାଶଙ୍କର ସାହୁଙ୍କ ପରିଚଳନାରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ ଖଣି ଓ ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ ଅଗ୍ରପୂଜ୍ୟ ଗଣେଶଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରିବା ସହ ଖେଳାଳିମାନଙ୍କ ସହ କରମର୍ଦ୍ଦନ କରି ଭଲଖେଳ ପ୍ରଦର୍ଶନ କରିବା ନିମନ୍ତେ ଉତ୍ସାହିତ କରିଥିଲେ । ସମ୍ମାନିତ ଅତିଥି ଭାବେ ବିଜେଡିର ଜିଲା ପର୍ଯ୍ୟବେକ୍ଷକ ଇଂ.ନଳିନୀ କାନ୍ତ ପ୍ରଧାନ ,ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଜିଲା କ୍ରିକେଟ ସଂଘର ସମ୍ପାଦକ ଇଂ. ସୁଜିତ କୁମାର ପ୍ରଧାନ, ବରିଷ୍ଠ ବିଜେଡି ନେତା କାମାକ୍ଷା ଗଙ୍ଗଦେବ, ଶୁକଦେବ ଭଞ୍ଜ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କମିଟିର ଉପସଭାପତି ସୁରେନ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ ।

ଶୁକ୍ରବାର ସନ୍ଧ୍ୟାରେ ପୁରୁଷ ବିଭାଗରେ ଦେବଗଡ ଓ ପିପିଲି ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିବା ବେଳେ ପିପିଲି ଦଳ ବିଜୟୀ ହୋଇଥିଲା । ଦ୍ୱିତୀୟ ମ୍ୟାଚ ଭୁବନେଶ୍ୱର ଓ ଗଞ୍ଜାମ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଗଞ୍ଜାମ ଦଳ ବିଜୟୀ ହୋଇଥିଲା। ସେହିପରି ମହିଳା ବିଭାଗର ପ୍ରଥମ ମ୍ୟାଚ ଦେବଗଡ ଓ ଯାଜପୁର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଯାଜପୁର ଦଳ ବିଜୟୀ ହୋଇଥିଲା। ଏହି ପ୍ରତିଯୋଗିତାର ମ୍ୟାଚଗୁଡିକୁ ରେଫରୀ ବୋର୍ଡ ଅଧ୍ୟକ୍ଷ ପଦ୍ମଚରଣ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଜାତୀୟ ସ୍ତରର ରେଫରୀ ଦୀପକ ଗଡନାୟକ, ଦେବୀ ପ୍ରସାଦ ମହାନ୍ତି, ଲିଙ୍ଗରାଜ ସାହୁ, ପ୍ରତାପ ମହାନ୍ତି, ପପୁନ ମଲ୍ଲିକ, ବିଭୂ ଭୂଷଣ ପାଲ, ପୂର୍ଣ୍ଣଚନ୍ଦ୍ର ସେଠୀ, ଲତାଞ୍ଜଳି ବେହେରା ଓ ହିମାଂଶୁ ଶେଖର ଜେନା ପରିଚାଳନା କରୁଛନ୍ତି। ବାତ୍ସଲ୍ୟ ବିଶ୍ୱାଳ, ଡିଲେଶ୍ୱର ସ୍ୱାଇଁ, କିରଣ ଟପ୍ପୋ, ପଦ୍ମିନୀ ମହାପାତ୍ର, ପଦ୍ମଲୋଚନ ପ୍ରଧାନ, ମନୋଜ କୁମାର ଆଚାର୍ଯ୍ୟ, ଅକ୍ଷୟ ବେହେରା, ସୂର୍ଯ୍ୟକୁମାର ଭୋଇ ପ୍ରମୁଖ ସହଯୋଗ କରୁଥିବା ଜଣାପଡିଛି । ଟୁର୍ନାମେଣ୍ଟ ଆୟୋଜନରେ କବାଡି କମିଟିର ଅନ୍ୟତମ ଉପସଭାପତି ପ୍ରତାପ କିଶୋର ନାୟକ, କୋଷାଧକ୍ଷ ଦୀପକ କୁମାର ଦାସ, ପ୍ରଦୀପ କୁମାର ଛାତ୍ରିଆ ଓ ଆଲୋକ କୁମାର ଅମାନ୍ତଙ୍କ ସମେତ ସମସ୍ତ ସଦସ୍ୟ ସକ୍ରୀୟ ସହଯୋଗ କରୁଥିବା ଜଣାପଡିଛି।

## ଜିଲାସ୍ତରୀୟ ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଯାପିତ

ଦେବଗଡ଼,୧୭ା୧(ଡି.ଏନ.ଏ)

ଦେବଗଡ଼ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଗତ ୧୧ରୁ ପାଳିତ ହେଉଥିବା ଜିଲାସ୍ତରୀୟ ସଡକ ସୁରକ୍ଷା ସପ୍ତାହ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଦେବଗଡ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦେବଗଡ ଏସ୍.ପି. ରାହୁଲ ଜୈନ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଧରମ ହାଁସଦା ଓ ସଡକ ସୁରକ୍ଷା କମିଟିର ସଦସ୍ୟ ଦିଲ୍ଲୀପ କୁମାର ଗୁରୁ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିବାସହ ଏହି ସପ୍ତାହ ପାଳନର ଉଦ୍ଦଶ୍ୟ ସମ୍ପର୍କରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ସଡକ ସୁରକ୍ଷା ସପ୍ତାହ ପାଳନ ଉପଲକ୍ଷେ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । ଉଦଯାପନୀ ସଭାକୁ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଜୟ କୁମାର ମିଶ୍ର ପରିଚାଳନା କରିଥିବା ବେଳେ ଆଞ୍ଚଳିକ ପରିବହନ ଅଧିକାରୀ ପ୍ରମୋଦ କୁମାର ସାହୁ ସଭା ପ୍ରାରମ୍ଭରେ ସ୍ୱାଗତ ଭାଷଣ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

ଫଟୋରେ ଖବର




ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟରେ ଜିଲା ପ୍ରାଣୀଧନ ବିଭାଗ ପକ୍ଷରୁ ଆୟୋଜିତ ଆଞ୍ଚଳିକ କର୍ମଶାଳାରେ ମଞ୍ଚାସୀନ ଅତିଥି, ବକ୍ତା ଓ କର୍ମକର୍ତ୍ତା।

# ଏମ୍‌ସିସି କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଦେବଗଡ଼,୧୭ା୧(ଡି.ଏନ.ଏ)

ତିଳେଇବଣି ବ୍ଲକ ବଣିଆଁକିଲିଣ୍ଡା ପଞ୍ଚାୟତ ଅନ୍ତର୍ଗତ ସୁନାମୁଣ୍ଡା ଗ୍ରାମରେ ଏମ୍‌ସିସି କ୍ଲବ ଆନୁକୂଲ୍ୟରେ ଏମ୍‌ସିସି. କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ଏହି ଟୁର୍ନାମେଣ୍ଟକୁ ମୁଖ୍ୟ ଅତିଥି ଭାବେ ସମ୍ବଲପୁର ଲୋକସଭା ସଦସ୍ୟ ନିତେଶ ଗଙ୍ଗଦେବଙ୍କ ସହଧର୍ମୀଣୀ ରାଣୀ ଅରୁନ୍ଧତୀ ଦେବୀ ଫିତାକାଟି ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ତିଳେଇବଣି ବ୍ଲକ ଅଧକ୍ଷା ସୁବାସିନୀ ଦେହୁରୀ, ସମ୍ବଲପୁର ଲୋକସଭା ସଦସ୍ୟଙ୍କ ନୋମିନି ଯୋଗେଶ ଚନ୍ଦ୍ର ଦଳବେହେରା,ଜିଲା ପରିଷଦ ସଦସ୍ୟା ବୃନ୍ଦାବତୀ ଭୋଇ ଓ ଜିଲା ଭାଜପା ସାଧାରଣ ସମ୍ପାଦକ ଧରଣୀଧର ସାହୁ ଯୋଗଦେଇଥିଲେ । ଏମ୍.ସି.ସି. କ୍ଲବର ସଭାପତି ମାନସ ନାୟକ , ସମ୍ପାଦକ ଚେରୁ ପ୍ରଧାନ, କୋଷାଧକ୍ଷ ସୁଜିତ ପ୍ରଧାନଙ୍କ ତତ୍ତ୍ୱାବଧାନରେ ମୋଟ ୧୬ଟି ଟିମକୁ ନେଇ ଅନୁଷ୍ଠିତ ହେଉଥିବା ଏହି ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚରେ ଦେବଗଡ ଇଲେଭେନକୁ ପରାସ୍ତ କରି ସରତଳାର ମା' ତାରିଣି କ୍ଲବ ବିଜୟୀ ହୋଇଥିଲା । ଟୁର୍ନାମେଣ୍ଟ ଆୟୋଜନରେ କ୍ଲବର ପ୍ରଶାନ୍ତ ସାହୁ, ପିଣ୍ଟୁ ପ୍ରଧାନ ଓ ସୁନୀଲ ପ୍ରଧାନଙ୍କ ସମେତ କ୍ଲବର ବହୁ ସଦସ୍ୟ ସକ୍ରିୟ ସହଯୋଗ କରୁଥିବା ଜଣାପଡିଛି ।



ରାଣୀ ଅରୁନ୍ଧତୀ ଦେବୀ ଫିତାକାଟି ଉଦ୍‌ଘାଟନ କରୁଛନ୍ତି।

# ଜାତୀୟ ଷ୍ଟ୍ରିଟ୍ ଫୁଡ୍ ଫେଷ୍ଟିଭାଲରେ ବାବୁଲା ଦହିବରା ପୁରସ୍କୃତ

କଟକ ଅଫିସ,୧୭ା୧






## ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ପ୍ରଥମ

ନୂଆଦିଲ୍ଲୀର ଜବାହରଲାଲ ନେହେରୁ ଷ୍ଟାଡିୟମରେ ୧୧ତମ ଜାତୀୟ ଷ୍ଟ୍ରିଟ୍ ଫୁଡ୍ ଫେଷ୍ଟିଭାଲ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ଦେଉଳସାହିର ପ୍ରଦୀପ୍ତ କୁମାର ସାହୁ ଓରଫ ବାବୁଲାଙ୍କ ଦହିବରା ଷ୍ଟଲ୍ ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ମଧ୍ୟରେ ପ୍ରଥମ ସ୍ଥାନ ହାସଲ କରିଛି। ଏଥିପାଇଁ ଉକ୍ତ ଷ୍ଟାଡିୟମରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଆୟୋଜକ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ପୁରସ୍କୃତ କରାଯାଇଛି। ଦହିବରା ପାଇଁ ପ୍ରସିଦ୍ଧ କଟକ ସହର ପୁର୍ନବାର ଜାତୀୟ ସ୍ତରରେ ଆଉ ଏକ ନିଆରା ରେକର୍ଡ ସୃଷ୍ଟି କରିଛି।

ଏହି ଫେଷ୍ଟିଭାଲରେ ଦେଶର ସମସ୍ତ ରାଜ୍ୟରୁ ୨୫୦ ଭେରାଇଟିର ଖାଦ୍ୟ ଷ୍ଟଲ ପଡ଼ିଥିଲା, ଯେଉଁଥିରେ ଓଡ଼ିଶାର ରହିଥିଲା ମାତ୍ର ଦୁଇଟି ଷ୍ଟଲ। ବାବୁଲା ଦହିବରା ଷ୍ଟଲ ପକାଇଥିବା ବେଳେ ଆଉ ଏକ ମିଠା ଷ୍ଟଲ ଥିଲା। ବାବୁଲାଙ୍କ ଦହିବରାର ଭିଡ଼ିଓ ୟୁ-ଟ୍ୟୁବରେ ଭାଇରାଲ ହୋଇଥିବାରୁ ଫେଷ୍ଟିଭାଲ ଆୟୋଜକ ଫୋନ୍ ଯୋଗେ ତାଙ୍କ ସହ ଯୋଗାଯୋଗ କରିଥିଲେ। ପରେ ନୂଆଦିଲ୍ଲୀରେ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଭାଗ ନେବାକୁ କହିଥିଲେ। ଦହିବରା, ଘୁଗୁନି ଓ ଆଳୁଦମ୍ ପରଷି ବାବୁଲା ରାଜ୍ୟ ପାଇଁ ଏହି ଗୌରବ ଆଣିଛନ୍ତି। ସେଠାରେ ଖାଦ୍ୟ ତିଆରି କରିବା ଓ ପରଷିବା କ୍ଷେତ୍ରରେ ପରିଷ୍କାର ପ୍ରତି ବିଶେଷ ଧ୍ୟାନ ଦିଆଯାଉଥିଲା। ଏପରିକି ସିସିଟିଭି କ୍ୟାମେରାରେ ସମସ୍ତ କାର୍ଯ୍ୟକୁ ଆୟୋଜକ ନଜର ରଖୁଥିଲେ ବୋଲି ବାବୁଲା କହିଛନ୍ତି। ସୂଚନାଥାଉ କି, ବାବୁଲା ଦୀର୍ଘ ୩୦ବର୍ଷ ହେବ ଦେଉଳସାହିରେ ଦହିବରା ବ୍ୟବସାୟ କରୁଛନ୍ତି। ପ୍ରଥମେ ସାଇକେଲରେ ବୁଲି ବୁଲି ସେ ନିଜର ବ୍ୟବସାୟ ଆରମ୍ଭ କରିଥିଲେ। ହେଲେ ଏବେ ଠେଲାଗାଡ଼ିରେ ଦହିବରା ବିକ୍ରି କରୁଛନ୍ତି। ବ୍ୟବସାୟରେ ସ୍ତ୍ରୀ ମଲ୍ଲିକାରାଣୀ ସାହୁ, ପୁଅ ଚିନ୍ମୟ ସାହୁ ଓ ଝିଅ ବିଜୟଲକ୍ଷ୍ମୀ ସାହୁ ସହଯୋଗ କରନ୍ତି ବୋଲି ବାବୁଲା କହିଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୧୮ ଜାନୁୟାରୀ, ୨୦୨୦



କ୍ରୋଧ ଆସିଗଲେ ବୁଦ୍ଧିମାନ ପୁରୁଷମାନେ ସର୍ବଦା ପରିଣାମ ବିଚାର କରନ୍ତି ଏବଂ ଲାଭର ସମ୍ଭାବନା ଦେଖିଲେ ନିଜର କର୍ତ୍ତବ୍ୟ ଉପରେ ଚିନ୍ତା କରନ୍ତି।
- କନ୍‌ଫୁସିୟସ



**ସଂକ୍ଷେପରେ..**

## ୧୯୭୨ ମାଟ୍ରିକ ବ୍ୟାଚ୍‌ର ବନ୍ଧୁ ମିଳନ

ବୌଦ୍ଧ,୧୭।୧(ସ୍ୱ.ପ୍ର)
ବୌଦ୍ଧ ଯୋଗୀନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟର ୧୯୭୨ ମ୍ୟାଟ୍ରିକ ବ୍ୟାଚର ବନ୍ଧୁ ମିଳନ ଗିରାସିଙ୍ଗା ସ୍ଥିତ ଜଗନ୍ନାଥ ବନ ପ୍ରକଳ୍ପରେ ଅନୁଷ୍ଠିତ ହୋଇଛି । ଲଳିତ ମୋହନଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ରଘୁନାଥ ବେହେରା ପୂର୍ବ ବର୍ଷର ବିବରଣୀ ପାଠ କରିଥିଲେ । ବନ୍ଧୁମାନେ ନିଜ ନିଜର ପୂର୍ବ ଅନୁଭୂତି ବଖାଣିବା ସହ ସମସ୍ତେ ସମାଜ ସେବାରେ ବ୍ରତୀ ହେବାକୁ ଆହ୍ୱାନ କରିଥିଲେ। ସଞ୍ଜୀବ କୁମାର ମହାପାତ୍ର, ପରମେଶ୍ୱର ମହାରଣା ଓ ଅର୍ଜୁନ ବାରିକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା ।

## ବୌଦ୍ଧରେ ଶିକ୍ଷକ ସମ୍ମିଳନୀ

ବୌଦ୍ଧ,୧୭।୧(ସ୍ୱ.ପ୍ର)
ବୌଦ୍ଧ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅଭିଭାବକ ଓ ଶିକ୍ଷକମାନଙ୍କ ଏକ ବୈଠକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଧୃବଚରଣ ଘିବେଲା ସଭାପତିତ୍ୱ କରିଥିଲେ। ଗତ ସମେଟିଭ ୧ର ପରୀକ୍ଷା ଫଳ ସମୀକ୍ଷା, ଶ୍ରେଣୀ ଅନୁସାରେ ବିଷୟଗତ ଶିକ୍ଷକ ବୃଦ୍ଧି, ଉଜ୍ଜ୍ୱଳ ଉତ୍‌ଥାନ ଓ ଉତ୍କର୍ଷ କାର୍ଯ୍ୟକ୍ରମ, ଗାରିମା ପୁରସ୍କାର, ପିଲାମାନଙ୍କର ନିୟମିତ ଉପସ୍ଥାନ, ବିଦ୍ୟାଳୟ ପରିବେଶ ସମ୍ପର୍କରେ ବିଭିନ୍ନ ପ୍ରତିଯୋଗିତା ଉପରେ ଆଲୋଚନା କରାଯାଇଥଲା। ବରିଷ୍ଠ ଶିକ୍ଷୟିତ୍ରୀ ପଦ୍ମଜା ପତି, କନକପ୍ରଭା ପଟ୍ଟନାୟକ ଓ ଅଭିଭାବକ ରଘୁନାଥ ଷଡଙ୍ଗୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶିକ୍ଷୟିତ୍ରୀ ଅନୀତା ସୁବୁଦ୍ଧି ଧନ୍ୟବାଦ ଅର୍ପଣ କରିଥିଲେ ।

# ଶନିଧାମରେ ବିଗ୍ରହ ପ୍ରତିଷ୍ଠା ଉତ୍ସବ ସମ୍ପନ୍ନ

ଭେଡ଼େନ, ୧୭।୧(ଡ଼ି.ଏନ.ଏ)

ଭେଡ଼େନ ବ୍ଲକ ଚିଚିଣ୍ଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ବାଞ୍ଜିପାଲି ବଜରଙ୍ଗ ପଡ଼ା ସ୍ଥିତ ଶନିଧାମରେ ଚାଲିଥିବା ସପ୍ତାହ ବ୍ୟାପୀ ପ୍ରଥମ ବାର୍ଷିକୋତ୍ସବ ତଥା ବିଗ୍ରହ ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ସନ୍ଧ୍ୟାରେ ଉଦଯାପିତ ହୋଇଛି। ଅନ୍ତିମ ଦିବସରେ ବିଶେଷ ହୋମ ଓ ପୂର୍ଣ୍ଣାହୁତି ହୋଇଥିଲା। ଏଥିରେ ପଣ୍ଡିତ ଟଙ୍କଧର ସାବତ, ଶୁକଦେବ ତ୍ରିପାଠୀ, ଛନ୍ଦାଚରଣ ପାଢ଼ୀ, ପ୍ରଶାନ୍ତ ମହାପାତ୍ର, ରଜତ ଦାଶ, ମଣ୍ଟୁ ସାବତ, ରମେଶ ପଣ୍ଡା ପ୍ରମୁଖ ହୋମଯଜ୍ଞ ପୂଜାର୍ଚ୍ଚନା ସହ ବିଭିନ୍ନ ଦିବସରେ ୨୧ ଜଣ କର୍ତ୍ତା



ମନ୍ଦିର ପ୍ରତିଷ୍ଠା ଅବସରରେ କୃଷ୍ଣଗୁରୁ ପରିବେଷଣ କରାଯାଉଛି ।

ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଶନି ମନ୍ଦିର ପୂଜକ ମନୋରଞ୍ଜନ ମହାକୁର, ଅରୁଣ ଅଗ୍ରୱାଲ, ଟିକୁନା କଠାର ପ୍ରମୁଖ ପୂଜାର୍ଚ୍ଚନା କରିଥିଲେ। ବିଭିନ୍ନ ଦିବସରେ ସାଂସ୍କୃତିକ ଆଧାତ୍ମିକ କାର୍ଯ୍ୟକ୍ରମ ହୋଇ ଶୁକ୍ରବାର ବଡ଼ ପିପିଲିପାଲିର କୃଷ୍ଣଗୁରୁ ପରିବେଷିତ ହୋଇଥିଲା। ପୂଜା କମିଟି କର୍ମକର୍ତ୍ତା ଲକ୍ଷପତି ମେହେର, ଖଡ଼ାଢ଼ ମେହେର, ଅରୁଣ ଅଗ୍ରୱାଲ, କୁଶ ମେହେର, ରୂପେଶ ଭୋଇ, ସୁଧାଂଶୁ ଚିରଗୁନ, ଭୋଲା ଯୁଆଡ଼ି, ତ୍ରିଦେବ ସାହୁ, ଅଶୋକ ଧରାଇଙ୍କ ସମେତ ଆଖପାଖ ଗ୍ରାମର ଜନସାଧାରଣ ଯୋଗ ଦେଇଥିଲେ।

# ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ ପାଳିତ

ପାଇକମାଳ, ୧୭।୧ (ଡି.ଏନ.ଏ)

ପାଇକମାଳ ବ୍ଲକ ମହୁଲପାଲି ବୁକୁରାମୁଣ୍ଡା ସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଅଧ୍ୟକ୍ଷ ପଞ୍ଚାନନ ବିଶିଙ୍କ ସଭାପତିତ୍ୱରେ ଶ୍ରୀ ଅରବିନ୍ଦ ପାଠଚକ୍ର ସହ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାକେନ୍ଦ୍ରର ସଭାପତି ଲିଙ୍ଗରାଜ ପ୍ରଧାନ ଦୀପ ପ୍ରଜ୍ୱଳନ କରିବା ପରେ ପତାକା ଉତ୍ତୋଳନ ହୋଇଥିଲା। ଉପାଧ୍ୟକ୍ଷ ଗଙ୍ଗାଧର ବଗାରଙ୍କ ପରିଚାଳିତ ସଭାରେ ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ମୁଖ୍ୟଅତିଥି ଓ ଡ. ନାରାୟଣ ପଶାୟତ, ସୁରଥ କୁମାର ସାହୁ, ବିଦ୍ୟାଳୟ ସଭାପତି ଯୁବରାଜ ପ୍ରଧାନ, ପ୍ରବନ୍ଧକ ଲିଙ୍ଗରାଜ ପ୍ରଧାନ, ନମିତା ସାହୁ, ଦମୟନ୍ତି ମିର୍ଦ୍ଧା, ପ୍ରତିମା ପୁରୋହିତ, ବବିତା ପ୍ରଧାନ, ଅଭିମନ୍ୟୁ ବରିହା ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଶ୍ରୀଅରବିନ୍ଦ ପାଠଚକ୍ର ସଙ୍ଗଠକ ଡ. ଉପେନ୍ଦ୍ର ମହାପାତ୍ର ବେଳେ ମୁଖ୍ୟବକ୍ତା ଭାବେ ଯୋଗଦେଇ ପୂର୍ଣ୍ଣାଙ୍ଗ ଶିକ୍ଷାରେ ନାରୀର ଭୂମିକା ପରେ ମତ ରଖିଥିଲେ । ଶିକ୍ଷାକେନ୍ଦ୍ରର ଛାତ୍ର ସ୍ୱୟଂପ୍ରଭାତ ଦେବତା ଓ ଛାତ୍ରୀ ପାୟଲ ସାହୁଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ ଏବଂ ଟିକେଲାଲ ଭୋଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ପୁରାତନ ଛାତ୍ରୀଛାତ୍ର, ଅଭିଭାବିକା, ଅଭିଭାବକଙ୍କ ସମେତ ଶିକ୍ଷାକେନ୍ଦ୍ରର ଫକୀର ରଣା, ସେବିତ କୁମାର ପାତ୍ର, ଉପେନ୍ଦ୍ର କୁମାର ସାହୁ, ବସନ୍ତ ଦାସ, ଯାଜ୍ଞସେନୀ ପ୍ରଧାନ, ନମି ନାଥ, ଯାଜ୍ଞସେନୀ ପଣ୍ଡା, ଜଗା ନାୟକ, ସୁନୀଲ କୁମାର ବାରିକ, ସୁନୀଲ ରଣା, ମମତା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଉପାଧ୍ୟକ୍ଷ ଗଙ୍ଗାଧର ବଗାର ଧନ୍ୟବାଦ ଅର୍ପଣ କରିଥିଲେ ।

# ସାଧାରଣତନ୍ତ୍ର ଦିବସ ଲାଗି ଯୋଗାସନ ପ୍ରତିଯୋଗିତା

ବୌଦ୍ଧ,୧୭।୧(ସ୍ୱ.ପ୍ର)

ଆସନ୍ତା ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ବୌଦ୍ଧ ଜିଲା ପ୍ରଶାସନ ପକ୍ଷରୁ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଶୁକ୍ରବାର ଯୋଗାସନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ଅନିମା ପଟ୍ଟନାୟକ, ସୁବାସ ଭୋଇ, ସତ୍ୟନାରାୟଣ ପ୍ରଧାନ, ବିକାଶ ମାହାର, ଆସୁତୋଷ ପ୍ରଧାନ, ରୀତା ମିଶ୍ର, ସସ୍ମିତା ପୁରୋହିତ, ସ୍ୱାତୀ କୁମାରୀ, ଆଶାରାଣୀ ମିଶ୍ର, ରେଣୁପ୍ରଭା ବେହେରା, ମିନତୀ ପ୍ରଧାନ, ସସ୍ମିତା ନାୟକ, କମଳିନୀ ପ୍ରଧାନ, ବୃନ୍ଦାବତୀ ମିଶ୍ର, ସାଗରୀକା ଶତପଥି ପ୍ରମୁଖ ବିଚାରକ ଭାବେ ଯୋଗଦାନ କରିଥିଲେ। ସମସ୍ତ ଶିକ୍ଷାନୁଷ୍ଠାନର ଗାଇଡ ଶିକ୍ଷୟତ୍ରୀ ଶିକ୍ଷକଙ୍କ ସମେତ ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଭାରତ ସ୍ୱାଭିମାନ ଟ୍ରଷ୍ଟର ପ୍ରଭାରୀ ମୁଖ୍ୟ ଯୋଗ ଶିକ୍ଷକ ଦେବାଶିଷ ପୁରୋହିତ ପ୍ରତିଯୋଗତା ପରିଚାଳନା କରିଥିଲେ। ଶେଷରେ ବିଭିନ୍ନ ଯୋଗର ପ୍ରଣାଳୀ ଓ ତାହାର ଉପକାରିତା ସମ୍ପର୍କରେ ଯୋଗ ଶିକ୍ଷକମାନେ ଆଲୋଚନା କରିଥିଲେ। ଯୋଗ ଶିକ୍ଷୟିତ୍ରୀ ସୁନୀତାରାଣୀ ଦାଶ ଧ୍ୟାନ ଅଭ୍ୟାସ କରାଇଥିଲେ ।

## ନିତ୍ୟାନନ୍ଦ ଆଶ୍ରମରେ ଗୀତାଯଜ୍ଞ

ବିଜେପୁର, ୧୭।୧ (ଡି.ଏନ.ଏ)

ବିଜେପୁର ସହର ଉପକଣ୍ଠ ଗୋପଟିକ୍ରା ନିତ୍ୟାନନ୍ଦ ଆଶ୍ରମରେ ଚାଲିଥିବା ପଞ୍ଚଦିବସୀୟ ମକର ସଂକ୍ରାନ୍ତି ମହୋତ୍ସବ ବୁଧବାର ଉଦଯାପିତ ହୋଇଯାଇଛି । ଅନ୍ତିମ ଦିବସରେ ଆଶ୍ରମରେ ମହାପ୍ରଭୁ ଶ୍ରୀକୃଷ୍ଣଙ୍କ ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା । ପୂର୍ବାହ୍ନରେ ବଟବୃକ୍ଷ ତଳେ ଲକ୍ଷ୍ମୀନାରାୟଣଙ୍କ ପୂଜାର୍ଚ୍ଚନା କରି ଗୀତାଯଜ୍ଞ କରାଯାଇଥିଲା। ସୈରେନ୍ଦ୍ରୀ ବେହେରା ଓ ଜଗନ୍ନାଥ ବେହେରା ଦମ୍ପତି ମୁଖ୍ୟକର୍ତ୍ତା, ଯୋଗୀନ୍ଦ୍ର ମେହେର, ପଞ୍ଚାନନ ସାହୁ, ହାଡୁ ମେହେର, ଗୋପୀନାଥ ମେହେର ଦମ୍ପତି କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟ ପୁରୋହିତ ସୁରେନ୍ଦ୍ର ମହାପାତ୍ରଙ୍କ ପୂଜାକାର୍ଯ୍ୟରେ ରମାରମଣ ଗୁରୁ ସହଯୋଗ କରିଥିଲେ । ସେହିପରି ବରମୁଣ୍ଡାର ଯୋଗେଶ୍ୱର ମଠରେ ମକର ମେଳା ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଚାଲିଥିବା ଯଜ୍ଞରେ ଡୋଳାମଣି ସାହୁ ଦମ୍ପତି କର୍ତ୍ତା ଓ ସୁଶାନ୍ତ ଦାଶ ପୁରୋହିତ କର୍ମ ସମ୍ପାଦନ କରିଥିଲେ । ସ୍ୱପ୍ନାରାଣୀ ଦାଶ ସୁନ୍ଦରାକାଣ୍ଡ ପାରାୟଣ କରିଥିଲେ। ପ୍ରବଚନ କାର୍ଯ୍ୟକ୍ରମରେ ଉଦ୍ଧବ ତ୍ରିପାଠୀ, ପଦ୍ମଶ୍ରୀ ଡ. ହଳଧର ନାଗ ଯୋଗ ଦେଇଥିଲେ ।

# ସରପଞ୍ଚ ଦାୟିତ୍ୱ ନେଲେ ନାଏବ ସରପଞ୍ଚ

ବରଗଡ଼ ଅଫିସ୍,୧୭।୧

ବରଗଡ଼ ବ୍ଲକ ଅନ୍ତର୍ଗତ କଳାପାଣି ପଞ୍ଚାୟତର ସରପଞ୍ଚ କେ. ଭି ରେଡ୍ଡୀ ଏକ ଦୁର୍ନୀତି ଅଭିଯୋଗକୁ ନେଇ ନିଲମ୍ବିତ ହେବା ପରେ ଶୁକ୍ରବାର ନାଏବ ସରପଞ୍ଚ କଳାବତୀ ବରିହା ସରପଞ୍ଚ ଦାୟିତ୍ୱ ନେଇଛନ୍ତି । ନିଲମ୍ବିତ ସରପଞ୍ଚ ରେଡ୍ଡୀଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିଥିଲେ । ଦାୟିତ୍ୱ ଗ୍ରହଣ ସମୟରେ କାର୍ଯ୍ୟନିର୍ବାହୀ ଅଧିକାରୀ କୃଷ୍ଣଚନ୍ଦ୍ର ଭୋଇ, ସମିତିସଭ୍ୟ ସୁବାସ କୁଦେଇ, ସୁବାସ ପ୍ରଧାନ, ବାସୁଦେବ ଦାଶ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରକାଶଥାଉକି, ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଅନିୟମିତତା ଅଭିଯୋଗ ନେଇ ତଦନ୍ତ ରିପୋର୍ଟ ପାଇବା ପରେ ଗତ ୧୪ତାରିଖରୁ ରାଜ୍ୟ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ସରପଞ୍ଚ ରେଡ୍ଡୀଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି । ନିଲମ୍ବନ ପରେ ସରପଞ୍ଚ ପଦବୀ ଖାଲି ପଡ଼ିଥିଲା ଏବଂ ଶୁକ୍ରବାର ନାଏକ ସରପଞ୍ଚ ଏହି ଦାୟିତ୍ୱ ଗ୍ରହଣ କରିଥିଲେ ।



ସରପଞ୍ଚ ଦାୟିତ୍ୱ ଗ୍ରହଣ କରିବାବେଳେ ଶୁଭେଚ୍ଛୁଙ୍କ ଗହଣରେ ।

# ୩୧ତମ ସଡ଼କ ସୁରକ୍ଷା ସପ୍ତାହ ପାଳିତ

ମନମୁଣ୍ଡା, ୧୭।୧ (ଡି.ଏନ.ଏ)

୩୧ତମ ସଡକ ସୁରକ୍ଷା ସପ୍ତାହ ପାଳନ ଅବସରରେ ମନମୁଣ୍ଡାର ସିଦ୍ଧେଶ୍ୱର ବାବା ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ସଂସ୍ଥା ଏବଂ ୟୁଥ ରେଡକ୍ରସ ୟୁନିଟର ମିଳିତ ଆନୁକୂଲ୍ୟରେ ଏକ ସଚେତନତା ସଭା ଏବଂ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଶୋଭାଯାତ୍ରା ଗାଁ ଡମପଡାରୁ ପାଇକବାହାଲ ଶିବ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା । ସଡକ ସୁରକ୍ଷାର ଉପରେ ଛାତ୍ରୀଛାତ୍ରମାନେ ସ୍ଲୋଗାନ ଦେବା ସହିତ ଲୋକମାନଙ୍କୁ ବୁଝାଇଥିଲେ। ଏନଏସଏସ ୟୁନିଟର ପ୍ରୋଗ୍ରାମ ଅଫିସର ବିଭୂତିଭୂଷଣ ବାରିକ ଓ ୟୁଥ ରେଡକ୍ରସର କାଉନସିଲର ସୁଶୀଲ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏହି ଶୋଭାଯାତ୍ରା ବାହାରିଥିଲା । ପରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷା ସୁମିତ୍ରା ଭଟ୍ଟାଚାର୍ଯ୍ୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମହାବିଦ୍ୟାଳୟର ସମ୍ପାଦକ ସୁରଥ କୁମାର ମିଶ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇ ସଡକ ସୁରକ୍ଷା ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ ।




ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ବାହାରିଛନ୍ତି ।

# ଆବାସ ଯୋଜନାରୁ ବଁଚିତ୍ ଦ୍ରୌପଦୀ

ପର୍ଲା, ୧୭।୧ (ଡି.ଏନ.ଏ.)

ମୁଇଁ ଘର ଖଁଡ଼େ ଲାଗି ବଡ଼ା ଗୁଲ୍‌ଗୁଲା ହେଉଛେଁ। ବରଷା ମାସ୍ ସାରା ନାଇଁ ଶୁଇ, ପାଏନ୍ ଛେଦେଇ ଛେଦେଇ ରାଏତ୍ ସାରା ଉଜାଗର ରହିଛେଁ। କୁଟେ କାଁଥି ମାଡ଼ି ବସିଛେ। ଏନ୍‌ତାଥି ମୁଇଁ ବଡ଼ା ଗୁଲ୍‌ଗୁଲା ହେଇ ରହୁଛେଁ ଆଗିଆଁ। ଇ ମରମ ଭେଦ୍‌ଲା କଥା ପଦ୍‌ଦୁକ କହିଛନ୍ ଝନେ ନିସାହା ବୁରୁଧି ବିଧବା ଦ୍ରୌପଦୀ ସମରଥ(୬୦)। ସୂଚନା ଅନ୍‌ସାରେ କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ଜୟନ୍ତପୁର ପଁଚେତ୍ ରଇନଗୁଡ଼ା ଗାଁର ନିସାହା ବିଧବା ମହିଲା ଦ୍ରୌପଦୀ ସମରଥ। ପରିବାର କହେଲେ ୨ ଝିଁ ଆର ୪ ପୁଓକୁ ନେଇ ସଁସାର। ଆପ୍‌ନେ କାଶୀ ସମରଥ ଅନେକ ବଛର ହେଲା ଆରପାରକେ ଚାଲିଯାଇଛନ୍। ୨ ଝିଁ ଆର ୩ ପୁଓ ବିହାତୁରା ହେଇ ଅଲ୍‌ଗେ ରହୁଥିଲାବେଳେ ସାନ୍ ପୁଓର ସଂଗେ ଦ୍ରୌପଦୀ ରହୁଛନ୍। ପରିବାରଟା ନିହାତି ଗରିବ୍, ଅଭାବ ଅନାଟନ ତାକର ସାଥି ପାଲଟିଛେ। ଏନ୍‌ତାଥି ସାନପୁଓ ବି ମାସ୍‌କେତେ ହେଲା ବାହାର ରାଏଜ୍‌କେ ଦାଦନ ଯାଇଛନ୍। ଦ୍ରୌପଦୀ ପଁଚେତ୍‌ରୁ ଚାଉଲ ଦୁରା ପାଉଛନ୍ ସତ୍। ହେଲେ ସେଟା ନିଅଁଟ୍ ପଡୁଛେ। ସେଥିରଲାଗି ଇ ବୁଢ଼ି ବଏସେ ସେ ପରହର କାମ୍‌ବୁତା କରି ତେଲନୁନ୍, କପଡ଼ାଲତା କରୁଛନ୍। ସେ ରହୁଥିବାର ଘରର ଅବସ୍‌ତା ନାଇଁ କହେବାର ଭଲ। ତାକର ଘରନୁ ଲୁକ୍‌କର ଗାଇ ଗୁହାଲ ଭଲ୍‌ଥିବା। ଛାଉଁନିର ଅବସ୍‌ତା ଏନ୍‌ତା ଯେ, ଦିନ୍‌ବେଲା ସୂର୍ଯ୍ୟ ଆର ରାଏତ୍ ବେଲା ଚନ୍ଦ୍ର ଫଟିକ୍ ଦେଖି ହେଉଛେ। ଗଲା ବଛର ବରଷାରେ ଘରର ଗୁଟେ କାଁଥି ମାଡ଼ିବସିଛେ। ସରକାରୀ ଯୋଜନାରେ ଘରଖଁଡ଼େ ଲାଗି ଦ୍ରୌପଦୀ ୱାର୍ଡ ମେମରନୁ ମୂଳ କରି ସରପଁଚ୍ ଆର ଉନିଆଁ ସରକାରୀ ଅଧିକାରୀମାନକୁ ଗୁହାରି କରିଛନ୍। ହେଲେ ଘରର ତ ଦୂରର କଥା ଆଏଜ୍‌ତକ ତାହାକୁ ପଲିଥିନ୍ ଖଁଡ଼େ ନାଇଁ ମିଲିପାରି। ସାହାଯ୍ ପାଏବାର ଆଶ୍‌ରେ ୪ରୁ ୫ଥର ରାଜସ୍ୱ ନିରୀକ୍ଷକର୍କଁର ଅଫିସ୍‌କେ ଯାଇ ନିରାଶ ହେଇଥିବାର ସେ କହିଛନ୍। ଯେନ୍‌ଥେଇ ସେନ୍‌ଥେଇ ଖାଏବାର ମୁଠାକ ଚଲିଯାଉଛେ। ହେଲେ ଘରଖଁଡ଼େ ନାଇଁ ହେଲେ ଖରା, ବରଷା, ଶୀତ୍ କାକରରେ କେନ୍‌ନେ ମୁଡ୍ ଗୁଁଜ୍‌ମି ବଲି କହିଛନ୍ ଦ୍ରୌପଦୀ। ଇ ବାବ୍‌ଦେ ଥାନୀଅ ସରପଁଚ୍ ରମଣୀ ଦୁରିଆକୁଁ ପଚ୍‌ରାଲାରୁ ଚଲତି ସରର୍ଭେରେ ତାକର ନାଁ ଦିଆଯାଇଛେ। ତାକର ନାଁ ଆଏଲେ ଘର ଦିଆଯିବା ବଲି ସେ କହିଛନ୍। ସେନ୍‌ତା ଇ ବାବ୍‌ଦେ ଧର୍ମଗଡ଼ ବିଡିଓ ଗୋପାଳ କୃଷ୍ଣ ମିଶ୍ରକୁଁ ପଚ୍‌ରାଲାରୁ ନିହାତି ଭାବେ ଏନ୍‌ତା ଗରିବ୍ ଦୁଖିକୁ ଆବାସ ଯୋଜନାରେ ସାମିଲ କରି ଘର ଦିଆଯିବା ବଲି ସେ କହିଛନ୍।



ନିଜର ଦଦ୍‌ରା କୁରିଆ ଆଘେ ଦ୍ରୌପଦୀ।

## ଅଭିଭାବକ ଶିକ୍ଷକ ସଂଘ ବୈଠକ

ଜହ୍ନାପଙ୍କ, ୧୭।୧ (ଡି.ଏନ.ଏ)

ବୌଦ୍ଧ ବ୍ଲକ ଜହ୍ନାପଙ୍କ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ଅଭିଭାବକ ଓ ଶିକ୍ଷକ ସଂଘର ଏକ ବୈଠକ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସିଆରସିସି ସନ୍ତୋଷ ଶତପଥି ଛାତ୍ର, ଶିକ୍ଷକ ଓ ଅଭିଭାବକମାନଙ୍କ ସମନ୍ୱୟରେ ହିଁ ଶିକ୍ଷାର ଉନ୍ନତି ତଥା ଛାତ୍ରୀଛାତ୍ରଙ୍କ ଉନ୍ନତି ହୋଇପାରିବ । ଏଥିରେ ମାତାପିତାଙ୍କ ଗୁରୁ ଦାୟିତ୍ୱ ରହିଛି ବୋଲି କହିଥିଲେ । ଶିକ୍ଷକ ସୁଶାନ୍ତ ବିଶ୍ୱାଳ ସରକାରଙ୍କ ପକ୍ଷରୁ ଶିକ୍ଷାର ବିକାଶ ପାଇଁ ଉତ୍କର୍ଷ, ଉତଥାନ ଓ ଉଜ୍ଜ୍ୱଳା ଆଦି ଯୋଜନା ସମ୍ପର୍କରେ କହିଥିଲେ । ଶିକ୍ଷକ ପ୍ରଦୀପ ସାହୁ ସ୍କୁଲର ବିଭିନ୍ନ କାର୍ଯ୍ୟକ୍ରମରେ ସମ୍ପୃକ୍ତ ରହିବାକୁ ଅଭିଭାବକମାନଙ୍କୁ କହିଥିଲେ। ଅଭିଭାବକ ଜଗଦୀଶ ବାରିକ ଶିକ୍ଷକଙ୍କ ବ୍ୟବହାରରେ ଶାଳୀନତା ରହିବାକୁ ପ୍ରଧାନଶିକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସୁଧାଂଶୁ ଶେଖର ମିଶ୍ର ଶିକ୍ଷକମାନେ ନିୟମିତ ସ୍କୁଲରେ ଠିକ ସମୟରେ ଓ ପ୍ରାର୍ଥନା ବେଳେ ଉପସ୍ଥିତ ରହିବା ସହିତ ପ୍ରତି ମାସରେ ଶିକ୍ଷକ ଓ ଅଭିଭାବକମାନଙ୍କ ବୈଠକ କରିବାକୁ ପ୍ରସ୍ତାବ ଦେଇଥିଲେ। ସଭାରେ ବିଦ୍ୟାଳୟର ଅଧକ୍ଷ କିରଟି ପ୍ରଧାନ ଏବଂ ସମସ୍ତ ଶିକ୍ଷୟତ୍ରୀ, ଶିକ୍ଷକ ଓ ଅଭିଭାବିକା ଅଭିଭାବକ ଉପସ୍ଥିତ ଥିଲେ ।

# ମହିଳାଙ୍କୁ ବଳାତ୍କାର ଅଭିଯୋଗ, ଅଭିଯୁକ୍ତ ଅଟକ

ବୌଦ୍ଧ,୧୭।୧(ସ୍ୱ.ପ୍ର)

ବୌଦ୍ଧ ଜିଲା ହରଭଙ୍ଗା ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି । ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚୁରା କରୁଛି ।

ଅଭିଯୋଗ ଅନୁସାରେ, ଗତ ୯ ତାରିଖ ରାତିରେ ଉକ୍ତ ମହିଳା ଘରେ ଶୋଇଥିବା ବେଳେ ଖଲିସାହି ଗ୍ରାମର ଅଭିଯୁକ୍ତ ଜଣକ ତାଙ୍କ ଘରକୁ ପଶି ତାଙ୍କୁ ଜୋରଜବରଦସ୍ତ ଗାଁ ସ୍କୁଲ ନିକଟକୁ ଟେକି ନେଇଥିଲେ। ଘଟଣାସ୍ଥଳରେ ପୀଡିତା ଜଣକ ପାଟି କରିବାରୁ ସେଠାରେ ପୂର୍ବରୁ ଉପସ୍ଥିତ ଥିବା ଅଭିଯୁକ୍ତଙ୍କ ସ୍ତ୍ରୀ ତାଙ୍କ ପାଟିକୁ ବାନ୍ଧି ଦେଇ ସେଠାରୁ ପଳାଇଥିଲେ। ଏହାପରେ ଅଭିଯୁକ୍ତ ଜଣକ ଉକ୍ତ ମହିଳାଙ୍କୁ ବଳାତ୍କାର କରିବା ସହ କାହାକୁ କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ପୀଡିତା ଅଭିଯୋଗ କରିଛନ୍ତି। ପୀଡିତାଙ୍କ ଭାଇ ଘରେ ନ ଥିବାରୁ ସେ ଭୟଭୀତ ହୋଇ ରହିଥିଲେ। ତାଙ୍କ ଆସିବା ପରେ ଶୁକ୍ରବାର ପୀଡିତା ହରଭଙ୍ଗା ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇବା ପରେ ହରଭଙ୍ଗା ପୋଲିସ ଏକ ମାମଲା (ନଂ.୧୨/୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଶନିବାର ପୀଡିତା ଓ ଅଭିଯୁକ୍ତଙ୍କୁ ଡାକ୍ତରୀ ମାଇନା କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ପୂର୍ଣ୍ଣଚନ୍ଦ୍ର କିଷାନ ପ୍ରକାଶ କରିଛନ୍ତି ।

# ଭାଟେନଡୁଙ୍ଗୁରୀରେ ମକରମେଳା ଉତ୍ସବ

ସୋହେଲା,୧୭।୧(ଡି.ଏନ.ଏ)

ସୋହେଲା ଥାନା ଭାଟେନଡୁଙ୍ଗୁରୀରେ ମକର ମେଳା ସମ୍ପନ୍ନ ହୋଇଛି। ଏହି ଅବସରରେ ମହିଳାମାନେ ମଙ୍ଗଳବାର ନିକଟସ୍ଥ ଘୁମୁନିପାଲି ବନ୍ଧରୁ ଶୋଭାଯାତ୍ରାରେ ଜଳପୂର୍ଣ୍ଣ କଳସ ଆଣି ପୂଜାସ୍ଥଳରେ ସ୍ଥାପନ କରିଥିଲେ। ବୁଧବାର ମକର ମେଳା ହୋଇଥିଲା। ପେଟୁପାଲି ଜମିଦାର ଅଭୟ ସିଂ ବରିହା କର୍ତ୍ତା ଦାୟିତ୍ୱ ସମ୍ପାଦନ କରିଥିଲେ। ବୁଧବାର ପୂର୍ବାହ୍ନରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରବଚକ ଭାବେ ଲହଣ୍ଡା ଗ୍ରାମର ମୁଳଜୀ ମହାରାଜ, କୁଆମନିଆ ଗ୍ରାମର ଅନନ୍ତ ଖୁଟୁଲା, ନୂଆପଡାର ଅଧ୍ୟାପକ ବୈଲୋଚନ ସାହୁ ଏବଂ ସୌକିଲାଲ ବଗର୍ତ୍ତି ଯୋଗଦେଇ ମକରମେଳାର ମାହାତ୍ମ୍ୟ ବର୍ଣ୍ଣନା କରିଥିଲେ। ଯୁବନେତା ସୁବ୍ରତ ସିଂହ, ସରପଞ୍ଚ ଘୋଷମଣି ବାଗ, ସମିତି ସଭ୍ୟ କୁଞ୍ଜ ବିହାରୀ ପ୍ରଧାନ, ବାବୁଲୁ ଦେବତା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ବିଜୟ କୁମାର ବାରିକ ଅଧ୍ୟକ୍ଷତା କରିଥିଲେ। ପୂଜା କମିଟି ସଭାପତି ମୁରଲୀ ପଧାନ,ସମ୍ପାଦକ ଭୀମସେନ ସାବତ, ସଚ୍ଚିଦାନନ୍ଦ ନାଗ, ବିପ୍ଳବୀ ସାହୁ, ଅଭୟ ସିଂ ବରିହା, ରାଧେଶ୍ୟାମ ରଣା, ରାଘବ ପୋଢ଼ ଓ ହୃଷିକେଶ ମେହେର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ପ୍ରସନ୍ନ ମେମୋରିଆଲ କ୍ରିକେଟ : ବଡ଼ଡୁଙ୍ଗୁରୀଗୁଡ଼ା ଚାମ୍ପିୟନ

ରିଷିଡା,୧୭।୧ (ଡି.ଏନ.ଏ.)

କଳାହାଣ୍ଡି ଜିଲା ରିଷିଡା ନିକଟସ୍ଥ ବଡଡୁଙ୍ଗୁରୀଗୁଡା ଖେଳ ପଡିଆରେ ଚାଲିଥିବା ପ୍ରସନ୍ନ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ଖେଳରେ ବଡଡୁଙ୍ଗୁରୀଗୁଡା ଦଳ ଗଜବାହାଲ ଦଳକୁ ୧୫ ରନରେ ପରାସ୍ତ କରି ଚଳିତ ବର୍ଷର ଚାମ୍ପିୟନ ହୋଇଛି। ପ୍ରଥମେ ବ୍ୟାଟିଂ କରି ବଡଡୁଙ୍ଗୁରୀଗୁଡା ନିର୍ଦ୍ଧାରିତ ୧୫ ଓଭରରେ ୧୨୫ ରନ ସଂଗ୍ରହ କରିଥିଲେ। ଏଥିରେ ଦଳର ସୌମ୍ୟରଞ୍ଜନ ଦମଦାର ବ୍ୟାଟିଂ କରି ୫୦ ରନ ସଂଗ୍ରହ କରିଥିଲେ। ଜବାବରେ ଗଜବାହାଲ ଦଳ ମାତ୍ର ୧୧୦ ରନ କରିବାରେ ସମର୍ଥ ହୋଇଥିଲା। ମ୍ୟାଚକୁ ଅରବିନ୍ଦ ଗହୀର ଓ ସୁନିଲ କୁମାର ସାହୁ ପରିଚାଳନା କରିଥିଲେ। ଆୟୋଜିତ ପୁରସ୍କାର ବିତରଣୀ ସଭାରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ପ୍ରଫୁଲ୍ଲ ସାହୁ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଖେଳର ଧାରା ବିବରଣୀ ସଚ୍ଚିକାନ୍ତ ମିଶ୍ର ପ୍ରଦାନ କରିଥିବା ବେଳେ ଶିବ ପୁଟେଲ, ରାଜେଶ କୁମାର ଦେହୁରୀ ଖେଳ ପରିଚାଳନାରେ ସହାୟତା କରିଥିଲେ । ସ୍କୋରର ଥିଲେ ଦେବାଶିଷ ବେହେରା ଓ ବିବେକ ମିଶ୍ର । ଅନ୍ୟମାନଙ୍କ ମଧ୍ୟରେ ଭକ୍ତ ପୁଟେଲ, କାଳିଆ ସା, ମହାଦେବ ଗହୀର, ସୁନୀଲ ମିଶ୍ର, ତପନ ପୁଟେଲ, ଡିଳେଶ୍ୱର ବାଗ ପ୍ରମୁଖ ସହାୟତା କରିଥିଲେ ।



ଚାମ୍ପିୟନ ବଡଡୁଙ୍ଗୁରୀଗୁଡା ଦଳର ଖେଳାଳି ।



ମୋର ରକ୍ତ ପଛକେ ବିଷାକ୍ତ ହୋଇଯାଉ,
ମୋର ନୀତିକୁ ଯେମିତି ବିଷ ସ୍ପର୍ଶ ନ କରୁ।
-କନଫୁସିୟସ

## ସେଲ୍ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ।
ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



ରାହୁଲ



ସାନନ୍ଦ



ପିତାମ୍ବର

ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)

# ଆର୍ଥିକ ସଙ୍କଟ ଉପରୁ ଦୃଷ୍ଟି ହଟାଇବାକୁ ଚେଷ୍ଟା ଚାଲିଛି: ଦିଗ୍‌ବିଜୟ

ଭୁବନେଶ୍ୱର,୧୭।୧(ବ୍ୟୁରୋ)

୨୦୧୪ରୁ ନରେନ୍ଦ୍ର ମୋଦି ଦେଶର ପ୍ରଧାନମନ୍ତ୍ରୀ ଅଛନ୍ତି। ଦେଶବାସୀ ଯେଉଁ ଆଶା ନେଇ ତାଙ୍କୁ ପ୍ରଧାନମନ୍ତ୍ରୀ କେଲେ ତା'ର କିଛି ମୂଲ୍ୟ ରହିଲାନାହିଁ। ମୋଦି ସରକାରରେ ଦେଶର ଆର୍ଥିକ ଅବସ୍ଥା ଖରାପ ସ୍ଥିତି ଦେଇ ଗତିକରୁଛି। ଏଥିରୁ ନଜର ହଟାଇବାକୁ ନାଗରିକତ୍ୱ ସଂଶୋଧନ ଆଇନ, ଜମୁ କଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ଆଦି ନାଟକ କେନ୍ଦ୍ର ସରକାର ଚଳାଇଛନ୍ତି। ନିର୍ବାଚନ ପୂର୍ବରୁ ମୋଦି ଦେଇଥିବା କୌଣସି ଗୋଟିଏ ପ୍ରତିଶ୍ରୁତି ରଖିଲେନାହିଁ। ଦେଶରୁ ଭ୍ରଷ୍ଟାଚାର ଦୂର କରିବେ, ବେକାର ଯୁବତୀ, ଯୁବକଙ୍କୁ ରୋଜଗାର ଦେବେ, ଦେଶର ଆର୍ଥିକ ସ୍ଥିତି ସୁଧାରିବେ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଏହାସହ ବିମୁଦ୍ରୀକରଣ କରି ଆତଙ୍କବାଦୀ ରୋକିବେ, ଜାଲ୍ ନୋଟ୍ କାରବାର ବନ୍ଦ କରିବେ ବୋଲି ଯୁକ୍ତି ରଖିଥିଲେ। ହେଲେ ସବୁଠାରୁ ଅଧିକ ୪୬ପ୍ରତିଶତ ଜାଲ୍ ୨୦୦୦ ଟଙ୍କିଆ ନୋଟ୍ ମାଧ୍ୟମରେ ହେଉଛି। ଦେଶର ଜିଡିପି ନିମ୍ନଗାମୀ ହେଉଛି, ଲୋକଙ୍କ ରୋଜଗାର ଛଡାଇ ନିଆଯାଉଛି, ପିଏସ୍‌ୟୁରେ ଯେଉଁମାନେ ଥିଲେ ସେମାନଙ୍କୁ ଚାକିରିରୁ ହଟାଯାଉଥିବା କଂଗ୍ରେସ ବରିଷ୍ଠ କେନ୍ଦ୍ରୀୟ ନେତା ଦିଗ୍‌ବିଜୟ ସିଂ ଅଭିଯୋଗ କରିଛନ୍ତି।

ଶୁକ୍ରବାର କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦିଗ୍‌ବିଜୟ କହିଛନ୍ତି, ୨୦୦୪–୦୭ ପର୍ଯ୍ୟନ୍ତ ଓଡ଼ିଶାର ଦାୟିତ୍ୱରେ ଥିଲି। ୧୨ବର୍ଷ ପରେ ଏଠାକୁ ଆସିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଣେ ଭଲ ନେତା। ମାତ୍ର ସେ ଭାଜପା ସହ କାହିଁକି ଅଛନ୍ତି ତାହା ଜଣାପଡୁନାହିଁ। ଓଡ଼ିଶାରେ ପ୍ରଶାସନିକ ଅଧିକାରୀ ବହୁତ ଶକ୍ତିଶାଳୀ। ମୁଖ୍ୟମନ୍ତ୍ରୀଙ୍କୁ ବିଧାୟକ, ଏମ୍‌ପିମାନେ ଭେଟି ପାରୁନାହାନ୍ତି ମାତ୍ର ପ୍ରଶାସନିକ ଅଧିକାରୀ ଭେଟୁଛନ୍ତି। ବିଜେଡି ଦିଲ୍ଲୀରେ ସିଏଏକୁ ସମର୍ଥନ ଦେଉଛନ୍ତି ହେଲେ ରାଜ୍ୟରେ ଏନ୍‌ଆରସିକୁ ବିରୋଧ କରୁଛନ୍ତି। ବିଜେଡି ହେଉଛି ଭାଜପାର ବି ଟିମ୍। ଉଜ୍ଜ୍ୱଳା ଦୁର୍ନୀତି କଥା ଏଠି ବିଜେଡି ଉଠାଉନାହିଁ। ସେହିପରି କାଳିଆ ଦୁର୍ନୀତି କଥା ଭାଜପା ଉଠାଉନି ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ସଂଖ୍ୟାଲଘୁଙ୍କୁ ହଇରାଣ କରିବା ଭାଜପାର ମୂଳ ଲକ୍ଷ୍ୟ। ମୋଦି ଏବଂ ଗୃହମନ୍ତ୍ରୀ ଅମିତ ଶାହା ଯେପରି ଗୁଜରାଟରେ ଲୋକଙ୍କୁ ଡରାଇ ଶାସନ କଲେ ସେମିତି ଦେଶରେ କରିବାକୁ ଚାହୁଁଛନ୍ତି। ମାତ୍ର ସେମାନେ ଜାଣିନାହାନ୍ତି ଗୁଜରାଟ ଭାରତ ନୁହେଁ। ଦେଶସାରା ଅଶାନ୍ତିର ବାତାବରଣ ଦେଖିବାକୁ ମିଳିଲାଣି। ଅତ୍ୟାବଶ୍ୟକ ସାମଗ୍ରୀ ଦର ବୃଦ୍ଧି ପାଉଥିବା ଯୋଗୁ ଦେଶବାସୀ ରାଗିଗଲେଣି ବୋଲି ଦିଗ୍‌ବିଜୟ କହିଛନ୍ତି।

ଦିଗ୍‌ବିଜୟଙ୍କ ସମାଲୋଚନାର ପ୍ରତିକ୍ରିୟା ରଖି ବିଜେଡି ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି, କଂଗ୍ରେସର ଏହି ନେତା ତାଙ୍କ ହାଲୁକା ଓ ବିବାଦୀୟ ମନ୍ତବ୍ୟ ପାଇଁ ଜଣାଶୁଣା। ତାଙ୍କ ବୟାନର କୌଣସି ଗୁରୁତ୍ୱ ନାହିଁ ବୋଲି ପାତ୍ର କହିଛନ୍ତି।

## ପୁଞ୍ଜିଲାଲଙ୍କ ଅଡୁଆ ବଢ଼ିଲା

କଟକ ଅଫିସ,୧୭।୧- ବଲାଙ୍ଗୀର ଜିଲା ପାଟଣାଗଡ ବୋମା ବିସ୍ଫୋରଣ ମାମଲାର ମୁଖ୍ୟ ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କ ପାଇଁ ଅଡୁଆ ବଢ଼ିଛି। ପୁଞ୍ଜିଲାଲଙ୍କ ଜାମିନ ପାଇଁ ତାଙ୍କ ଓକିଲ ହାଇକୋର୍ଟ ଆସିଛନ୍ତି। ବିଚାରପତି ଜଷ୍ଟିସ ଅକ୍ଷୟ କୁମାର ମିଶ୍ର ଏହି ଜାମିନ ଆବେଦନର ଶୁଣାଣି ପାଇଁ ଶୁକ୍ରବାର ମନା କରିଦେଇଛନ୍ତି। ଏଥିପୂର୍ବରୁ ପୁଞ୍ଜିଲାଲଙ୍କ ଓକିଲ ନିୟମିତ ଜାମିନ ପାଇଁ ହାଇକୋର୍ଟ ଆସିଥିଲେ। ମାତ୍ର ଜାମିନ ଆବେଦନର ଶୁଣାଣି କରି ବିଚାରପତି ଜଷ୍ଟିସ ସଙ୍ଗମ କୁମାର ସାହୁ ପୁଞ୍ଜିଲାଲଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଥିଲେ। ତେଣୁ ଜାମିନ ଆବେଦନର ଶୁଣାଣି ପ୍ରଥମେ ଯେଉଁ କୋର୍ଟରେ ହୋଇଥିଲା ଉକ୍ତ କୋର୍ଟରେ ଏହାର ପୁନର୍ବାର ଶୁଣାଣି ପାଇଁ ଜଷ୍ଟିସ ମିଶ୍ର ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଥାଉ କି, ଏହି ସମ୍ବେଦନଶୀଳ ଘଟଣା ୨୦୧୮ ଫେବୃୟାରୀ ୨୩ ତାରିଖରେ ଘଟିଥିଲା। ପାଟଣାଗଡ଼ ଅଞ୍ଚଳର ନବବିବାହିତ ସୌମ୍ୟଶେଖର ସାହୁଙ୍କ ପାଖକୁ ଏକ ପାର୍ସଲ ଆସିଥିଲା। ଏହି ପାର୍ସଲ ଖୋଲିବା ମାତ୍ରେ ତାହା ବିସ୍ଫୋରଣ ହୋଇଥିଲା। ଏଥିରେ ସୌମ୍ୟ ଓ ତାଙ୍କ ଜେଜେମା' ଜେମାମଣିଙ୍କର ମୃତ୍ୟୁ ଘଟିଥିବାବେଳେ ସ୍ତ୍ରୀ ରିମା ଗୁରୁତର ହୋଇଥିଲେ। ଉକ୍ତ ଘଟଣାରେ କ୍ରାଇମବ୍ରାଞ୍ଚ ପକ୍ଷରୁ ୨୦୧୮ ଏପ୍ରିଲ ୨୫ରେ ପୁଞ୍ଜିଲାଲଙ୍କୁ ଗିରଫ କରାଯାଇଥିଲା।

## ନିର୍ବାଚନୀ ମାମଲା ଖାରଜ ପାଇଁ ବିଧାୟକଙ୍କ ଆବେଦନ

କଟକ ଅଫିସ,୧୭।୧– ବୌଦ୍ଧ ବିଧାନସଭା ନିର୍ବାଚନୀ ମାମଲାକୁ ଶୁଣାଣି ପୂର୍ବରୁ ଖାରଜ କରିବା ନିମନ୍ତେ ବିଧାୟକ ପ୍ରଦୀପ ଅମାତଙ୍କ ପକ୍ଷରୁ ହାଇକୋର୍ଟରେ ଆବେଦନ କରାଯାଇଛି। ନିର୍ବାଚନ ପରିଚାଳନାରେ ତ୍ରୁଟି ଥିବା ନେଇ ପରାଜିତ ପ୍ରାର୍ଥୀ ହାଇକୋର୍ଟରେ ଆବେଦନ କରିଥିଲେ। ଏ ନେଇ ମାମଲା ରୁଜୁ ହୋଇଥିଲା। ପରେ ହାଇକୋର୍ଟଙ୍କ ପକ୍ଷରୁ ଏ ନେଇ ବିଧାୟକ ଅମାତଙ୍କୁ ଜବାବ ଦାଖଲ ପାଇଁ ନୋଟିସ୍ ଜାରି କରାଯାଇଥିଲା। ମାତ୍ର ଉକ୍ତ ମାମଲାକୁ ଖାରଜ କରିବା ନିମନ୍ତେ ଶୁକ୍ରବାର ବିଧାୟକ ଅମାତଙ୍କ ପକ୍ଷରୁ ଏକ ପିଟିଶନ୍ ଦାଖଲ କରାଯାଇଛି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଫେବୃୟାରୀ ୫ ତାରିଖକୁ ଧାର୍ଯ୍ୟ ହୋଇଛି।

## କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନୀ ମାମଲା: ୩୧ରେ ପରବର୍ତ୍ତୀ ଶୁଣାଣି

କଟକ ଅଫିସ,୧୭।୧

କଣ୍ଟାବାଞ୍ଜି ବିଧାନସଭା ଆସନର ନିର୍ବାଚନୀ ଫଳାଫଳକୁ ନେଇ ହାଇକୋର୍ଟରେ ଦୁଇଟି ମାମଲା ରୁଜୁ ହୋଇଥିଲା। ଏହି ଦୁଇଟି ମାମଲାର ଏକତ୍ର ଶୁଣାଣି ଶୁକ୍ରବାର ଜଷ୍ଟିସ ବିଶ୍ୱଜିତ୍ ମହାନ୍ତିଙ୍କ ଇଜଲାସରେ ହୋଇଥିଲା। ଅଜୟ ଦାସଙ୍କ ପକ୍ଷରୁ ଆଗତ ମାମଲାରେ ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ପକ୍ଷରୁ ତାଙ୍କ ଓକିଲ ଜବାବ ଦାଖଲ କରିଥିଲେ। ଉକ୍ତ ମାମଲାରେ ମଧ୍ୟ ଅନ୍ୟତମ ଆବେଦନକାରୀ ତଥା ପରାଜିତ ପ୍ରାର୍ଥୀ ଲକ୍ଷ୍ମଣ ବାଗଙ୍କ ପକ୍ଷରୁ ଜବାବ ଦାଖଲ କରାଯାଇଛି। ତେବେ ଉକ୍ତ ମାମଲାରୁ ବାଦ ପଡ଼ିବା ପାଇଁ ଭାରତୀୟ ନିର୍ବାଚନ କମିଶନଙ୍କ ପକ୍ଷରୁ ହାଇକୋର୍ଟରେ ହୋଇଥିବା ଆବେଦନ ଉପରେ ଆସନ୍ତା ୩୧ ତାରିଖରେ ଶୁଣାଣି କରାଯିବ। ନିର୍ବାଚନ କମିଶନଙ୍କ ପକ୍ଷରୁ ପିଟିଶନରେ ଦର୍ଶାଯାଇଥିଲା, ଉକ୍ତ ମାମଲାରେ ନିର୍ବାଚନ କମିଶନଙ୍କୁ ପକ୍ଷଭୁକ୍ତ କରା ନ ଯାଉ। ମାତ୍ର ଏହାର ଜବାବରେ ଆବେଦନକାରୀଙ୍କ ପକ୍ଷରୁ କୋର୍ଟରେ ଦର୍ଶାଯାଇଥିଲା, ଇଭିଏମ୍‌ର ମାଲିକ ହେଉଛନ୍ତି ନିର୍ବାଚନ କମିଶନ। ଭୋଟ ପରେ ଗଣତି ହେବା ପର୍ଯ୍ୟନ୍ତ ଇଭିଏମ୍‌ର ରକ୍ଷଣାବେକ୍ଷଣ ଓ ସୁରକ୍ଷା ନିର୍ବାଚନ କମିଶନଙ୍କ ପରିଧି ମଧ୍ୟରେ ଆସୁଛି। ତେଣୁ ଉକ୍ତ ମାମଲାରେ ନିର୍ବାଚନ କମିଶନ ଅତ୍ୟାବଶ୍ୟକ ପକ୍ଷ ବୋଲି ଆବେଦନକାରୀଙ୍କ ଓକିଲ ଅଶ୍ୱିନୀ ଦାସ କୋର୍ଟରେ ଦର୍ଶାଇଥିଲେ। ସୂଚନାଥାଉ କି, ଗତ ସାଧାରଣ ନିର୍ବାଚନରେ କଣ୍ଟାବାଞ୍ଜି ଆସନରେ ମୋଟ୍ ୧ ଲକ୍ଷ ୮୨ହଜାର ୪୧୧ ଜଣ ମତଦାନ କରିଥିଲେ। ମାତ୍ର ଗଣତି ସମୟରେ ଇଭିଏମ୍‌ରୁ ୧ ଲକ୍ଷ ୯୧ ହଜାର ୭୭ ଖଣ୍ଡ ଭୋଟ ବାହାରିଥିଲା। ଏଭଳି ଅସମତାକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ପରାଜିତ ପ୍ରାର୍ଥୀ ଅଜୟ ଦାସ ଓ ଲକ୍ଷ୍ମଣ ବାଗ ପୃଥକ ମାମଲା ରୁଜୁ କରିଥିଲେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତେଲ ତେଲ;**
**ପାଣି ପାଣି ।**

ତେଲ ସହ ତେଲ ସହଜରେ ମିଶିଯାଏ। ସେହିପରି ପାଣି ମଧ୍ୟ ପାଣି ସହ ମିଶିଯାଇଥାଏ। ପରନ୍ତୁ ତେଲ ସହ ପାଣି କସ୍ମିନ କାଳେ ମିଶିପାରି ନ ଥାଏ। ପରୋକ୍ଷରେ ସମ ସ୍ୱଭାବ ବ୍ୟକ୍ତି ପରସ୍ପର ସହ ଅଚିରେ ମେଳ ଖାଇଯାଉଥିବା ବେଳେ ଅସମାନ ଦୁଇ ବ୍ୟକ୍ତିଙ୍କର ମିଳନ ଅସମ୍ଭବ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ତୁ କାର ପଦ ମୁଁ ସହିବି ନାହିଁ,**
**କି ତାଟିକିଲା ମାଡ଼ ଖାଇବି ନାହିଁ**
**କି ଖଣ୍ଡିଆ ପଥୁରି ଧୋଇବି ନାହିଁ ।**

ଯେଉଁ ଘରେ ବ୍ୟକ୍ତିଙ୍କୁ ସ୍ନେହ ଆଦର ମିଳି ନ ଥାଏ ସେ ଘର ପ୍ରତି ବ୍ୟକ୍ତିର ମୋହମାୟା ଫିକା ପଡ଼ିଯାଇଥାଏ। ଏପରିସ୍ଥଳେ ଶାଶୁଘର ସଦସ୍ୟଙ୍କଠାରୁ କଥା କଥାକେ ମାଡ଼ଗାଳି ଶୁଣୁଥିବା ବୋହୂ ସେଠାରେ ଚଳିବାକୁ ଇଚ୍ଛା ପ୍ରକାଶ ନ କରିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
–ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ


**ODISHA STATE CIVIL SUPPLIES CORPORATION LTD., JHARSUGUDA**

OSCSC Ltd. Corporate Office

E-MAIL - cso.jsg2019@gmail.com

**CORRIGENDUM NOTICE**

No.195 Dt.17.01.2020

Due to unavoidable reasons, the calendar of activities for selection & appointment of Level-1 Transport Contractor in Jharsuguda District for the Year 2019-21 through E-tender communicated earlier vide Tender No.3483 dt.17.12.2019 are hereby rescheduled as follows:

| Sl. No. | Activity | Dateline |
|---|---|---|
| 1 | Availability of Tender Documents in the Web Site www.tenderodisha.gov.in & www.foododisha.in | From 17.01.2020 |
| 2 | Date, Time & Venue for pre-bid conference of Tenderers. | On 22.01.2020 at 11:30 AM |
| 3 | Last Date for online submission of completed Tender Documents. | Through e-procurement Portal: www.tenderodisha.gov.in upto 05:30 PM of date: 05.02.2020 |
| 4 | Date of Technical Bid Opening | On 07.02.2020 at 11:00 AM |
| 5 | Date of Submission of original documents in support of scanned copies uploaded in the portal for verification. | On 07.02.2020 at 12:00 PM |
| 6 | Date & Time of Financial Bid Opening | On 11.02.2020 at 11:00 AM |

For details please visit website www.tenderodisha.gov.in
For any query please contact :- 9776971766

Sd/- District Manager,
OSCSC Ltd., Jharsuguda


## ଅର୍ଥ ବାଟମାରଣା ରୋକିବାକୁ ପଡ଼ିବ: ସମୀର

ପୁରୀ ଅଫିସ, ୧୭।୧

ଭାଜପା ରାଜ୍ୟ ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ସମୀର ମହାନ୍ତି ଶୁକ୍ରବାର ସନ୍ଧ୍ୟାରେ ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ସେ ଦଳୀୟ ନେତା ଓ କର୍ମୀଙ୍କ ସହ ଆସି ସିଂହଦ୍ୱାରରେ ପହଞ୍ଚିଥିଲେ। ତାଙ୍କୁ ଜିଲାର ଭାଜପା କର୍ମୀମାନେ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। ଏହାପରେ ସେ ମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ପ୍ରାୟ ଅଧଘଣ୍ଟା ରହି ମନ୍ଦିରରୁ ଫେରିବା ପରେ ଗଣମାଧ୍ୟମକୁ କହିଥିଲେ, ମହାପ୍ରଭୁଙ୍କୁ ଦର୍ଶନ କରି ଆଶୀର୍ବାଦ ନେଇଛି। ବଡ଼ଠାକୁର ହେଉଛନ୍ତି ଆମ ଜଗନ୍ନାଥ। ବଡ଼ଦେଉଳରେ ରୁହନ୍ତି ଓ ବଡ଼ଦାଣ୍ଡରେ ଯାଆନ୍ତି। ଛପନ ଭୋଗ ଲଗାଯାଏ। ତଥାପି ଓଡ଼ିଶା କ'ଣ ଗରିବ ହୋଇ ରହିବ ବୋଲି ସେ ପ୍ରଶ୍ନ କରିଛନ୍ତି। ଓଡ଼ିଶାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅପାର ସହଯୋଗ ରହିଛି। ଦିଲ୍ଲୀ ଦରବାରରେ ଓଡ଼ିଶାର ସ୍ୱରକୁ ବଳ ଦେବା ପାଇଁ ଦୁଇ ଜଣ କେନ୍ଦ୍ରମନ୍ତ୍ରୀ, ୮ଜଣ ଏମ୍‌ପି ଏବଂ ୨ଜଣ ରାଜ୍ୟପାଳଙ୍କୁ ମଧ୍ୟ ନିଯୁକ୍ତି ଦେଇଛନ୍ତି। କିନ୍ତୁ ଦୀର୍ଘବର୍ଷ ଧରି ଯେଉଁ ଦୁଇଦଳ ଓଡ଼ିଶାର ଦାୟିତ୍ୱ ନେଇଛନ୍ତି ସେମାନଙ୍କର ଭୁଲ୍ ରହିଛି। ତାକୁ ସୁଧାରିବା ଦରକାର। ଭାଜପା ୩୭ହଜାର ବୁଥ୍‌ରେ ନିଜ କାର୍ଯ୍ୟକର୍ତ୍ତାଙ୍କୁ ସଙ୍ଗଠିତ କରିବ। ଦଳ ପାଖରେ ଯେଉଁ ଅନୁଭବୀ ନେତୃତ୍ୱ ରହିଛି ସେମାନଙ୍କ ସହଯୋଗ ଓ ପ୍ରେରଣା ମୋତେ ଆଗାମୀ ଦିନରେ ସହାୟ ହେବ। ରାଜନୀତି ପଶାପାଲିରେ ଯେଉଁ ଅର୍ଥ ବାଟମାରଣା ହେଉଛି ତାହାକୁ ନିଶ୍ଚିତ ଭାବେ ରୋକିବାକୁ ପଡ଼ିବ। ଏଥିରେ ଯଦି ବାଧାବିଘ୍ନ ଆସେ ତେବେ ଲୋକେ ରାସ୍ତାକୁ ବାହାରିବେ। ସେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହେଉ ଅବା ଫନୀ ସହାୟତା, ଜନସାଧାରଣଙ୍କ ଅର୍ଥ ସେମାନଙ୍କ ପାଖରେ ପହଞ୍ଚିବା ଦରକାର। ମହାପ୍ରଭୁ ଏ ଦିଗରେ ଭାଜପାର କର୍ମକର୍ତ୍ତାଙ୍କୁ ଶକ୍ତି ଦିଅନ୍ତୁ ବୋଲି ସମୀର କହିଥିଲେ।


**CLASSIFIED DISPLAY**

MORE SPACE • SAME PRICE

TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

ALL EDITION - B/W (Everyday)
for Booking Contact:
0674-2585385, 7894447148, 7894447131, 9337021532, 7894447167, 7894447165

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
୨ ଘଣ୍ଟାରେ 100% ଗ୍ୟାରେଣ୍ଟେଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
A to Z ସମସ୍ୟାର ସମାଧାନ ଘରେ ବସି
ବାବା ଆମିଲ ସୁଫି
9540938429
8800979262

FINANCE

ନବବର୍ଷର ଶୁଭ ଅବସରରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲି.
REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କେଟିଂ, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
9499135756
B-34/7 A Block Vijay Enclave, Bururi, New Delhi

ଭାରତୀୟ ମୁଦ୍ରା ଯୋଜନା ଅଧୀନରେ
1% ସୁଧ
50% ଛାଡ଼
073763-45374
087219-21764

BUSINESS

SHINGHANIA TOWER
Shinghania Tower ଗ୍ରୁପର ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ।
R-25/8, Krishna Apartment, MG Road Bengaluru, Karnataka 560076
Email: shinghaniatowercompany4242@gmail.com
WhatsApp No
9453480851

JOB JOB
7265982706
7064678575

ଶକ୍ତିର ଦେଖନ୍ତୁ ଚମତ୍କାର
2 ଘଣ୍ଟାରେ 100% ସମାଧାନ
7578028866
ବାବା କବିର ଖାନ
8527425449

EDUCATION

ASTROLOGY

JAMUNA FINANCE
ବ୍ୟବସାୟ, ପର୍ସନାଲ, ମାର୍କେଟିଂ, ପଶୁପାଳନ, କୃଷି ପ୍ରପର୍ଟି, ଗୃହ ଋଣ ଓ ସୁପ୍ ଋଣ ।
LOAN ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ସୁଧ–2%
M: 7749011485
7608013153
Salt Lake City, Kolkata-700091, Panditagaon, Khalikote, Ganjam

Nursing: OT.TECH, DM.L.T TECH, PHRAMACY, I.C.U, DIALYSIS, E.C.G, G.N.M
Fire Safety: Fire & Safety Engg. Tech., Fire and Industrial Safety Management
Hospital Practical, Hostel, Transport Facility Available Here
KIMS, KHANDAGIRI, BBSR
8658179869
7752094125

2003ରୁ ଆପଣଙ୍କ ସେବାରେ
TOWER VISION CO.
ଅଗ୍ରୀମ: 65 ଲକ୍ଷ ଭଡ଼ା: 60 ହଜାର
+ କୋର୍ଟ ଏଗ୍ରିମେଣ୍ଟ + ଚାକିରି
073762-57896
094994-92906
ADDRESS: T-51, GAUTAMPURI, DELHI

ଅଲ୍ ଇଣ୍ଡିଆ ଖୋଲା ଚାଲେଞ୍ଜ
2 ଘଣ୍ଟାରେ 100% ସମାଧାନ
ବାବା ଅଲାଉଦ୍ଦିନ ବଙ୍ଗାଲି
8376889657
9971793786

ଗୁରୁ ସାହି ଖାନ
A To Z Problem Solution
9818298397
9953959390



ଲୋକମାନେ ଅନେକ ପ୍ରକାରରେ ଈଶ୍ୱରଙ୍କୁ ସ୍ମରଣ କରୁଥାନ୍ତି। କିନ୍ତୁ ତାଙ୍କୁ ବୁଝିବା ଓ ଅନୁଭବ କରିବା ମାର୍ଗ ସମସ୍ତଙ୍କର ଏକ ଅଟେ।
- ଟଲଷ୍ଟୟ

# ଡିଜିଟାଲ ମାଧ୍ୟମ ଗଣତନ୍ତ୍ରରେ ସହଭାଗିତା ବୃଦ୍ଧି କରିବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୭।୧(ବ୍ୟୁରୋ)

ରାଜ୍ୟ ସରକାରଙ୍କ ୫-ଟି ମନ୍ତ୍ର ମଧ୍ୟରେ ଟେକ୍ନୋଲୋଜି(ବୈଷୟିକ ବିଦ୍ୟା) ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଡିଜିଟାଲ ମାଧ୍ୟମ ଦ୍ୱାରା ଲୋକମାନେ ଗଣତନ୍ତ୍ରରେ ସିଧାସଳଖ ଭାଗ ନେଇପାରିବେ। ତେଣୁ ଗଣତନ୍ତ୍ରରେ ଡିଜିଟାଲ ଗୁରୁତ୍ୱ ଅନୁଭବ କରି ରାଜ୍ୟ

## ମୁଖ୍ୟମନ୍ତ୍ରୀଙ୍କୁ ଇ-ରତ୍ନ ପୁରସ୍କାର

ସରକାର ସମସ୍ତ ପଦକ୍ଷେପ ଗ୍ରହଣ କରୁଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। କମ୍ପ୍ୟୁଟର ସୋସାଇଟି ଅଫ୍ ଇଣ୍ଡିଆ(ସିଏସ୍ଆଇ)ର ୫୩ ତମ ବାର୍ଷିକ କନଭେନ୍ସନରେ ଶୁକ୍ରବାର ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କୁ ଇ-ରତ୍ନ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ନବୀନ କହିଛନ୍ତି ଯେ, 'ଡିଜିଟାଲ ଡେମୋକ୍ରାସି-ଆଇଟି ଫର ଚେଞ୍ଜ' ବର୍ତ୍ତମାନ ଗୁରୁତ୍ୱପୂର୍ଣ୍ଣ ବିଷୟ। ଏହା ବର୍ତ୍ତମାନ ଏବଂ ଭବିଷ୍ୟତର ମଧ୍ୟ ଆବଶ୍ୟକତା। ଏହି ମାଧ୍ୟମରେ ଜନଗଣଙ୍କୁ ବ୍ୟବସ୍ଥା ଏବଂ ପ୍ରଶାସନିକ ପ୍ରକ୍ରିୟାରେ ଭାଗୀଦାର କରାଇଥାଏ। ଏହା ବ୍ୟବସ୍ଥାରେ ଅଧିକ ସ୍ୱଚ୍ଛତା ଆଣିଥାଏ। ଭାରତରେ ଦୈନିକ ବହୁ ପରିମାଣର ଡାଟା ବ୍ୟବହାର କରାଯାଇଥାଏ। ଏପରି କି 'ଡାଟା ରିଚ୍ ଏବଂ ଡାଟା ପୁଅର' ମଧ୍ୟରେ ତାରତମ୍ୟ ହ୍ରାସ ପାଇବାରେ ଲାଗିଛି। ସାମାଜିକ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଡିଜିଟାଲାଇଜେଶନ୍ ଅଧିକ ତଥ୍ୟ ଯୋଗାଇ ପାରୁଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିଭଳି ଡିଜିଟାଲ ଗଣତନ୍ତ୍ର ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ କ୍ଷେତ୍ରରେ ସମସ୍ତଙ୍କୁ ନିଜକୁ ବ୍ୟକ୍ତ କରିବାର ସମାନ ସୁଯୋଗ ଦେଉଛି। ବର୍ତ୍ତମାନ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଡିଜିଟାଲ ଏକ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା। ରାଜ୍ୟ ସରକାରଙ୍କ ୫-ଟି କାର୍ଯ୍ୟକ୍ରମରେ ଏହାକୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଉଛି। ଏହା ସହାୟତାରେ ଶ୍ରମ ପରିଚାଳନା, ସ୍ୱାସ୍ଥ୍ୟ କ୍ଷେତ୍ର, ଦକ୍ଷତା ବିକାଶ, ବିପର୍ଯ୍ୟୟ ପରିଚାଳନା ଇତ୍ୟାଦି କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଆଇଟି ମନ୍ତ୍ରୀ ତୁଷାରକାନ୍ତି ବେହେରା, କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ, ଆଇଟି ସଚିବ ମନୋଜ ମିଶ୍ର ଏବଂ ସିଏସ୍ଆଇର କନଭେନର ମାନସ ରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ।




# ମୋକିମଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ

## ବାରବାଟୀ-କଟକ ନିର୍ବାଚନୀ ମାମଲା

କଟକ ଅଫିସ,୧୭।୧

ବାରବାଟୀ-କଟକ ବିଧାନସଭା ନିର୍ବାଚନୀ ମାମଲାକୁ ନେଇ ହାଇକୋର୍ଟରେ ରୁଜୁ ହୋଇଥିବା ମାମଲାରେ ବିଧାୟକ ମହମ୍ମଦ ମୋକିମଙ୍କ ପକ୍ଷରୁ ବରିଷ୍ଠ ଆଡଭୋକେଟ ବିଦ୍ୟାଧର ମିଶ୍ର ଶୁକ୍ରବାର ଯୁକ୍ତି ଉପସ୍ଥାପନ କରିଥିଲେ। ଶୁକ୍ରବାର ଶୁଣାଣି ଅଧାରେ ରହିଥିଲା। ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଆସନ୍ତା ୨୪ ତାରିଖକୁ ଧାର୍ଯ୍ୟ ହୋଇଛି। ସୂଚନାଥାଉ କି, ନିର୍ବାଚନୀ ସତ୍ୟପାଠରେ ବିଧାୟକ ମହମ୍ମଦ ମୋକିମ ଅନେକ ତଥ୍ୟ ଲୁଚାଇଥିବା ନେଇ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଦେବାଶିଷ ସାମନ୍ତରାୟ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ବିଧାୟକ ମୋକିମ ମିଥ୍ୟା ସତ୍ୟପାଠ ଦାଖଲ କରିଥିବାରୁ ତାଙ୍କ ସଭ୍ୟ ପଦ ରଦ୍ଦ କରିବାକୁ ସାମନ୍ତରାୟ ହାଇକୋର୍ଟରେ ଆବେଦନ କରିଥିଲେ। ମାତ୍ର ସାମନ୍ତରାୟଙ୍କ ପିଟିଶନରେ ସତ୍ୟତା ନ ଥିବା ଦର୍ଶାଇ ମୋକିମ ଉକ୍ତ ମାମଲାକୁ ଖାରଜ କରିବା ପାଇଁ ହାଇକୋର୍ଟରେ ନିବେଦନ କରିଥିଲେ।

## ପ୍ରଥମ ପୃଷ୍ଠାରୁ

### ଲୋକଙ୍କୁ ମର୍ଯ୍ୟାଦା ...

ମନ୍ତ୍ରୀ ଓ ଅଧିକାରୀଙ୍କୁ ଶପଥପାଠ କରାଇଥିଲେ। ଶପଥପାଠରେ ସେ ଦର୍ଶାଇଥିଲେ ଯେ, 'ଜନସାଧାରଣ ହେଉଛନ୍ତି ଗଣତନ୍ତ୍ରର ଆତ୍ମା। ଗଣତନ୍ତ୍ରରେ ପ୍ରତିଟି ଅନୁଷ୍ଠାନ ଲୋକଙ୍କ କଲ୍ୟାଣ ପାଇଁ, ଲୋକ ପଇସାରେ, ଲୋକଙ୍କ ସେବା ଓ ସଶକ୍ତୀକରଣ ପାଇଁ ସୃଷ୍ଟି ହୋଇଛି। ଏହି ଥାନା/ ଡାକ୍ତରଖାନା/ କାର୍ଯ୍ୟାଳୟ ଲୋକଙ୍କ ସେବା ପାଇଁ ଉଦ୍ଦିଷ୍ଟ। ଲୋକମାନେ ଏହାର ପ୍ରକୃତ ମାଲିକ। ଏହି କାର୍ଯ୍ୟାଳୟକୁ ଆସୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଉତ୍ତମ ବ୍ୟବହାର ସହ ବୃତ୍ତିଗତ ଏବଂ ସେବା ମନୋଭାବ ନେଇ ସେମାନଙ୍କ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ଲୋକମାନେ ହେଉଛନ୍ତି ପ୍ରକୃତ ପରିବାର। ଏଠାରେ କାମ କରୁଥିବା ସମସ୍ତ କର୍ମଚାରୀ ଲୋକଙ୍କ ପଇସାରେ ବେତନ ପାଉଛନ୍ତି।' ସମ୍ମିଳନୀର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମକେଶରୀ ଆରୁଖ, ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ପ୍ରମୁଖ ଜନସାଧାରଣଙ୍କୁ ଉତ୍ତମ ସେବା ଯୋଗାଇବା ପାଇଁ ପ୍ରଶାସକମାନେ ସର୍ବାଧିକ ପ୍ରାଥମିକତା ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଉନ୍ନୟନ କମିଶନର ସୁରେଶ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ କୃଷି ଉତ୍ପାଦନ କମିଶନର ପ୍ରଦୀପ୍ତ ମହାପାତ୍ର ଧନ୍ୟବାଦ ଦେଇଥିଲେ। ସମ୍ମିଳନୀରେ ସମସ୍ତ ବିଭାଗର ସଚିବ ଏବଂ ସବୁ ଜିଲାପାଳ ଯୋଗଦେଇଛନ୍ତି। ଆସନ୍ତା ୫ ବର୍ଷ ପାଇଁ ରାଜ୍ୟର ବିକାଶକୁ କିପରି ତ୍ୱରାନ୍ୱିତ କରାଯାଇପାରିବ ସେ ନେଇ ସେମାନେ ରୋଡ୍‌ମ୍ୟାପ ପ୍ରସ୍ତୁତ କରିଛନ୍ତି। ଦିନତମାମ ଚାଲିଥିବା ଏହି ସମ୍ମିଳନୀରେ ରାଜ୍ୟ ସରକାର ନେଇଥିବା ନୂଆ ପଦକ୍ଷେପ ଓ ସମସ୍ୟା ଉପରେ ଆଲୋକପାତ କରାଯାଇଥିଲା। ସମ୍ମିଳନୀର ପ୍ରଥମ ପର୍ଯ୍ୟାୟରେ ସଚିବମାନେ ୫ଟି ଗ୍ରୁପ୍‌ରେ ବିଭକ୍ତ ହୋଇ ନୂତନ ଜ୍ଞାନକୌଶଳ ଓ ପ୍ରୟୋଗାତ୍ମକ ଚିନ୍ତାଧାରା ବିଷୟରେ ସୂଚନା ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଲୋକମାନଙ୍କୁ ସେବା ଯୋଗାଇବା କ୍ଷେତ୍ରରେ ପ୍ରଶାସନ ଦିନକୁ ଦିନ କି ପ୍ରକାର ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି ଓ ଏହାକୁ କିପରି ସମାଧାନ କରାଯାଇ ପାରିବ ସେନେଇ ଆଲୋଚନା ହୋଇଥିଲା। ଜିଲାପାଳମାନେ ଜିଲାରେ ଜୀବିକା, ସ୍ୱାସ୍ଥ୍ୟ, ଶିକ୍ଷା, ମହିଳା ସଶକ୍ତୀକରଣ, ପ୍ରଶାସନିକ ସମସ୍ୟା ନେଇ ଆଲୋଚନା କରିଥିଲେ। ପ୍ରତ୍ୟେକ ଅଧିବେଶନରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା।

# କୃଷକଙ୍କ ଆୟ ଦ୍ୱିଗୁଣିତ କରିବ ପାଣି ପଞ୍ଚାୟତ

ଭୁବନେଶ୍ୱର,୧୭।୧(ବ୍ୟୁରୋ)

ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ ହୋଇଥିବାରୁ ପାଣି ପଞ୍ଚାୟତର ସ୍ୱତନ୍ତ୍ର ଗୁରୁତ୍ୱ ରହିଛି। ୨୦୦୨ ମସିହା ପାଣି ପଞ୍ଚାୟତ ଆଇନ, ୨୦୦୩ ଏବଂ ୨୦୦୮ରେ ପ୍ରଣୀତ ନିୟମାବଳୀ ଅନୁସାରେ ପାଣିପଞ୍ଚାୟତ ଗଠନ କରାଯାଇଛି ଏବଂ ଏହି ପ୍ରକ୍ରିୟା ଚାଲୁ ରହିଛି। ଏହି ସୁବିଧା ଉପଯୋଗ କରି ଚାଷୀମାନଙ୍କ ଆୟକୁ ୨ ଗୁଣ କରିବା ଲକ୍ଷ୍ୟ ନେଇ ସମସ୍ତ ସଦସ୍ୟ କାର୍ଯ୍ୟ କରିବା ଉଚିତ ବୋଲି ଉଠା ଜଳସେଚନ ନିଗମର ଅଧ୍ୟକ୍ଷ ଅମରେଶ ପତ୍ରୀ କହିଛନ୍ତି।
ଓ.ଏଲ.ଆଇ.ସି ଭୁବନେଶ୍ୱର ଡିଭିଜନ ତରଫରୁ ଆୟୋଜିତ ପାଣି ପଞ୍ଚାୟତ ପକ୍ଷ ପାଳନ ସଭାରେ ମୁଖ୍ୟ ଅତିଥିଭାବେ ପତ୍ରୀ ଯୋଗଦେଇ ଆହୁରି କହିଲେ, ସବୁ ଜିଲାରେ ଜଳସମ୍ପଦ ବିଭାଗ ଅଧୀନରେ ବିଭିନ୍ନ ପାଣି ପଞ୍ଚାୟତମାନ ଗଠନ କରାଯାଇଛି। ସେଗୁଡ଼ିକୁ ଅଧିକ କ୍ରିୟାଶୀଳ କରିବାକୁ ସରକାର ସମସ୍ତ ସହାୟତା ଦେବାକୁ ପ୍ରଯତ୍ନ କରୁଛନ୍ତି।
ଭୁବନେଶ୍ୱର ଡିଭିଜନ ଅନ୍ତର୍ଗତ ୨୦୦ରୁ ଅଧିକ ଚାଷୀ, ଯେଉଁମାନେ ଉଭୟ ଖରିଫ ଓ ରବି ଋତୁରେ ଉଠା ଜଳସେଚନ ଜରିଆରେ ଚାଷ ସମୟରେ ନିଜ ଜମିକୁ ପାଣି ପାଇପାରିଛନ୍ତି ସେମାନେ ଏହି ସଭାରେ ଉପସ୍ଥିତ ଥିଲେ। ଆୟୋଜିତ ସଭାରେ ମହିଳା ଚାଷୀମାନଙ୍କୁ ସେମାନଙ୍କର ମତ ଉପସ୍ଥାପନ କରିବାର ସୁଯୋଗ ପ୍ରଦାନ କରାଯାଇଥିବାରୁ ସେମାନେ ଖୁସି ବ୍ୟକ୍ତ କରିଥିଲେ। କେବଳ ଧାନ ନୁହେଁ, ବରଂ କମ୍ ଜଳ ବ୍ୟବହାର କରି କିପରି ବିଭିନ୍ନ ପନିପରିବା, ଫୁଲ, ଫଳ ଆଦି ଲାଭଦାୟକ ଫସଲ କରିହେବ। ଏହି ଅବସରରେ ସ୍କୁଲ ପିଲାମାନଙ୍କ ଜରିଆରେ ପାଣି ପଞ୍ଚାୟତ ସମ୍ପର୍କରେ କୃଷକମାନଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ବିଦ୍ୟାଳୟସ୍ତରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଚଳିତ ମାସ ୧୬ରୁ ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପାଣି ପଞ୍ଚାୟତ ପକ୍ଷ ପାଳିତ ହେଉଛି।


## ODISHA STATE FOOD COMMISSION

**A-1, 9th Floor, Toshali Bhawan, Satyanagar, Bhubaneswar,751007**
**Ph: 0674-2570213 /FAX-0674-2570141**
**email-odishafoodcom@gmail.com**

**Notice No: 132/FC.** **Dt. 16.01.2020**

### TENDER CALL NOTICE

No.: CAD-826: Sealed tenders are invited from interested reputed Travel Agencies / Tour Operators /Service Providers/Private Individuals for providing 02 (two) nos. of **AC Petrol** driven vehicle **(Ciaz/Honda City)** on hire, for use of the Members of the Odisha State Food Commission, Bhubaneswar on monthly basis. The application form of tender containing General Bid Information and terms and conditions for hiring of vehicles etc. will be available with the Odisha State Food Commission on payment of **Rs.500/-** in shape of Account Payee Bank Draft drawn in favour of the **Odisha State Food Commission, Bhubaneswar** payable at **Bhubaneswar** from **18.01.2020 to 11.02.2020** or can be downloaded from Odisha Government website **www.odisha.gov.in** or **www.odishafoodcommission.nic.in** from **18.01.2020 to 11.02.2020**. In case the application form is downloaded from Government Website, the applicant shall furnish an Account Payee Bank Draft drawn in favour of the **Odisha State Food Commission, Bhubaneswar** payable at **Bhubaneswar** for an amount of Rs.500/- (Rupees Five hundred) only towards the cost of application along with the tender application.
The Service Provider must have **GST** Registration Certificate & registered with **GeM** (Government e- Marketplace).The vehicles must not be more than three years old as on the date of the service request from the date of initial registration.
The tender documents should be submitted to the **Member Secretary, Odisha State Food Commission, A-1 Block, 9th Floor, Toshali Bhawan, Satyanagar, Bhubaneswar - 751007** on or before **11.02.2020 by 5.30 P.M.** through **SPEED POST** only & the same tender will be opened at **11.30 A.M. on dt.12.02.2020**. The other modes of submission of tender documents will not be entertained.

**Sd./- (Smt.Sibani Mohanty, OAS(S))**
**Member Secretary**
07019/11/0002/1920



## ଓଡ଼ିଶା ସରକାର
## ସ୍ୱରାଷ୍ଟ୍ର ବିଭାଗ
### ବିଜ୍ଞାପନ

**ସଂଖ୍ୟା: ୨୩୧୧** **ତା. ୧୬।୦୧।୨୦୨୦**

**No.D-264:-** ରାଷ୍ଟ୍ରୀୟ ସାମରିକ ମହାବିଦ୍ୟାଳୟ ଡେରାଡୁନଠାରେ ଜାନୁୟାରୀ, ୨୦୨୧ ଅବଧି ନିମନ୍ତେ ଅଷ୍ଟମ ଶ୍ରେଣୀରେ ପିଲାଙ୍କ ନାମଲେଖାଇବା ପାଇଁ କଟକ ଜିଲାପାଳଙ୍କ ମାଧ୍ୟମରେ ଆଗାମୀ ତା.୦୧।୦୬।୨୦୨୦ରିଖ (ସୋମବାର) ଏବଂ ତା.୦୨।୦୬।୨୦୨୦ ରିଖ (ମଙ୍ଗଳବାର) ଦିବା ୧୦ ଘଟିକା ସମୟରେ ଲିଖିତ ପରୀକ୍ଷା ଅନୁଷ୍ଠିତ ହେବ। ଉକ୍ତ ପରୀକ୍ଷା କେବଳ ବାଳକମାନଙ୍କ ପାଇଁ ଉଦ୍ଦିଷ୍ଟ। ନାମ ଲେଖାଇବା ସମୟରେ ପ୍ରାର୍ଥୀଙ୍କର ବୟସ ଜାନୁୟାରୀ ୧ ତାରିଖ ୨୦୨୧ ସୁଦ୍ଧା ୧୧ ବର୍ଷ ୬ ମାସରୁ କମ୍ କିମ୍ବା ୧୩ ବର୍ଷ ବା ତଦୂର୍ଦ୍ଧ୍ୱ ହୋଇନଥିବ। ଅର୍ଥାତ୍ ପ୍ରାର୍ଥୀଙ୍କର ଜନ୍ମ ତା.୦୨।୦୧।୨୦୦୮ରିଖ ପୂର୍ବରୁ କିମ୍ବା ତା.୦୧।୦୭।୨୦୦୯ରିଖ ପରେ ହୋଇନଥିବା ଆବଶ୍ୟକ। ପ୍ରାର୍ଥୀ ରାଷ୍ଟ୍ରୀୟ ସାମରିକ ବିଦ୍ୟାଳୟରେ ପ୍ରବେଶ ସମୟରେ ସରକାରଙ୍କର କୌଣସି ସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟରେ ସପ୍ତମ ଶ୍ରେଣୀରେ ଅଧ୍ୟୟନ କରୁଥିବେ କିମ୍ବା ସପ୍ତମଶ୍ରେଣୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ।
କଟକ କେନ୍ଦ୍ରରେ ଲିଖିତ ପରୀକ୍ଷା ତିନୋଟି ବିଷୟ ଯଥା- ଇଂରାଜୀ ତା.୦୧।୦୬।୨୦୨୦ରିଖ ଦିନ ୧୦.୦୦ ଘଟିକାରୁ ୧୨.୦୦ ଘଟିକା ପର୍ଯ୍ୟନ୍ତ ଇଂରାଜୀ, ଗଣିତ, ୧୪.୦୦ ଘଟିକାରୁ ୧୫.୩୦ ଘଟିକା ପର୍ଯ୍ୟନ୍ତ ଏବଂ ସାଧାରଣଜ୍ଞାନ ତା.୦୨।୦୬।୨୦୨୦ ରିଖ ଦିନ ୧୦.୦୦ ଘଟିକାରୁ ୧୧.୦୦ ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପ୍ରାର୍ଥୀ ଉକ୍ତ ପରୀକ୍ଷାରେ ହିନ୍ଦୀ କିମ୍ବା ଇଂରାଜୀ ଭାଷାରେ ଉତ୍ତର ଲେଖି ପାରିବେ। ଯେଉଁ ପ୍ରାର୍ଥୀମାନେ ଲିଖିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବେ କେବଳ ସେହି ପ୍ରାର୍ଥୀମାନଙ୍କୁ ବ୍ୟକ୍ତିଗତ ସାକ୍ଷାତକାର ପରୀକ୍ଷା ତା.୦୬।୧୦।୨୦୨୦ ରିଖ (ମଙ୍ଗଳବାର) ଦିନ ଦେବା ପାଇଁ ସୁଯୋଗ ଦିଆଯିବ। ମୌଖିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରାର୍ଥୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ସୈନିକ ଡାକ୍ତରଖାନାରେ କରାଯିବ। ସମ୍ପୃକ୍ତ ସୁସ୍ଥ ବିବେଚିତ ପ୍ରାର୍ଥୀମାନଙ୍କୁ ମହାବିଦ୍ୟାଳୟରେ ନାମ ଲେଖାଇବା ପାଇଁ ବିଚାର କରାଯିବ। ପ୍ରାର୍ଥୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ଏହି ଚୟନ ପ୍ରଣାଳୀର ଏକ ଅଂଶ ଅଟେ। ଆବଶ୍ୟକ ଦରଖାସ୍ତ ଫର୍ମ ତଥା ସୂଚନାପତ୍ରର ପ୍ରତ୍ୟେକ ସେଟ୍ ଏବଂ ବିଗତ ପରୀକ୍ଷାର ପ୍ରଶ୍ନାବଳୀ ପାଇବା ନିମନ୍ତେ ସିଧାସଳଖ COMMANDANT, RASHTRIYA INDIAN MILITARY COLLEGE, DEHRADUN, DRAWEE BRANCH, STATE BANK OF INDIA, TEL BHAVAN, DEHRADUN (BANK CODE-01576), UTARAKHANDଙ୍କ ସପକ୍ଷରେ Rs. 600/- ସାଧରଣ ବର୍ଗର ପରୀକ୍ଷା ପ୍ରାର୍ଥୀଙ୍କ ପାଇଁ ଏବଂ Rs.555/- ଅଣସୂଚିତ ଜାତି ଓ ଅଣସୂଚିତ ଜନଜାତି ବର୍ଗର ପରୀକ୍ଷାର୍ଥୀଙ୍କ ପାଇଁ ବ୍ୟାଙ୍କ ଡ୍ରାଫ୍ଟ ଏବଂ ନିଜ ଠିକଣା ଯୁକ୍ତ ଚିଠା ଜମାଦେଇ ସ୍ପିଡ୍ ପୋଷ୍ଟ ମାଧ୍ୟମରେ ରାଷ୍ଟ୍ରୀୟ ସାମରିକ ମହାବିଦ୍ୟାଳୟ ଡେରାଡୁନ୍, ଉତ୍ତରାଖଣ୍ଡ ପିନ୍-୨୪୮୦୦୩ରୁ ମଗାଇ ପାରିବେ। ଉକ୍ତ websiteରେ ଉପଲବ୍ଧ ଥିବା ଚାଲାଣ କେବଳ ଗ୍ରହଣଯୋଗ୍ୟ। ଏହି ଫର୍ମ ବ୍ୟତୀତ କୌଣସି ଛପା ଦରଖାସ୍ତ ଗ୍ରହଣ କରାଯିବ ନାହିଁ। ପ୍ରାର୍ଥୀ ଆବେଦନ ସମୟରେ ଦୁଇକିତା ଦରଖାସ୍ତ ଫର୍ମ ସହିତ ୨ଟି ପାସପୋର୍ଟ ସାଇଜ୍ ଫଟୋ, ଡୋମିସାଇଲ୍ ସାର୍ଟିଫିକେଟ୍, ମ୍ୟୁନିସିପାଲିଟି/ଗ୍ରାମପଞ୍ଚାୟତର ଜନ୍ମ ରେଜିଷ୍ଟରର ବୟସ ପ୍ରମାଣପତ୍ର, ହରିଜନ ଓ ଆଦିବାସୀଙ୍କ କ୍ଷେତ୍ରରେ ଜାତିଗତ ପ୍ରମାଣପତ୍ର ଏବଂ ଆଟେଷ୍ଟେଡ୍ ଫଟୋଗ୍ରାଫ ସହ ଜନ୍ମ ତାରିଖ ଓ ଛାତ୍ର ପଢୁଥିବା ଶ୍ରେଣୀ ସମ୍ବନ୍ଧରେ ବିଦ୍ୟାଳୟର ପ୍ରିନ୍ସିପାଲଙ୍କଠାରୁ ମୂଳ ପ୍ରମାଣପତ୍ର ଇତ୍ୟାଦି କଟକ ଜିଲାପାଳଙ୍କ ନିକଟରେ ତା.୩୧।୦୩।୨୦୨୦ ରିଖ ସୁଦ୍ଧା ପହଞ୍ଚିବା ଆବଶ୍ୟକ। ଏ ସମ୍ବନ୍ଧୀୟ ସମସ୍ତ ତଥ୍ୟ ସ୍ୱରାଷ୍ଟ୍ର ବିଭାଗ ୱେବ୍‌ସାଇଟ୍ **(http://homeodisha.gov.in)** ରେ ମିଳିପାରିବ।

**(ଡଃ. ସନ୍ତୋଷ ବାଲା)**
**ସ୍ୱତନ୍ତ୍ର ଶାସନ ସଚିବ**
**12001/11/0026/1920**



## କେନ୍ଦୁଝରଗଡ଼ ପୌରପରିଷଦ କାର୍ଯ୍ୟାଳୟ
### କେନ୍ଦୁଝରଗଡ଼

**ନୋଟିସ**

ସଂଖ୍ୟା: ୭୬୧, ତାରିଖ: ୧୭।୦୧।୨୦୨୦

### ଆପଣଙ୍କ ଅଳିଆ ଆବର୍ଜନା ଆପଣଙ୍କ ଦାୟିତ୍ୱ

ଏତଦ୍ୱାରା କେନ୍ଦୁଝରଗଡ଼ ପୌରାଞ୍ଚଳ ମଧ୍ୟରେ ବସବାସ କରୁଥିବା ସମସ୍ତ ଅଧିବାସୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି, ନେସ୍‌ନାଲ ଗ୍ରୀନ୍ ଟ୍ରିବ୍ୟୁନାଲ୍‌ଙ୍କ ଆଦେଶ ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ କୌଣସି ବ୍ୟକ୍ତି ନିଜସ୍ୱ ଅଳିଆ ଆବର୍ଜନା ଜମା କରିପାରିବେ ନାହିଁ କିମ୍ବା ପୌର ପରିଷଦ ତରଫରୁ କୌଣସି ଅଳିଆ ଆବର୍ଜନା ଉଠାଯାଇ ଡମ୍ପିଂ କରି ପରିବେଶ ଦୂଷିତ କରିପାରିବେ ନାହିଁ। ଏଥିରେ ବ୍ୟତିକ୍ରମ ହେଲେ ନିୟମ ଅନୁଯାୟୀ ଫୌଜଦାରୀ ମକଦ୍ଦମା କରାଯିବ। ତେଣୁ ପୌରପାଳିକା ତରଫରୁ ବିଭିନ୍ନ ୱାର୍ଡରେ ଖାଲିଥିବା ସରକାରୀ ଜାଗାରେ M.C.C. ତିଆରି କରି ସେଥିରେ ଉକ୍ତ ଅଳିଆ ଆବର୍ଜନାକୁ ବୈଜ୍ଞାନିକ ଉପାୟରେ ପ୍ରକ୍ରିୟାକରଣ ପୂର୍ବକ କମ୍ପୋଷ୍ଟ ଭାବେ ବ୍ୟବହାର କରାଯିବ। ତେଣୁ ସମସ୍ତ ୱାର୍ଡରେ M.C.C. ସକାଶେ ଆବଶ୍ୟକ ଜାଗା ଯୋଗାଇ ଦେବା ପାଇଁ ଜଣାଇ ଦିଆଯାଉଛି। ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ ସମ୍ପୃକ୍ତ ୱାର୍ଡରୁ ପୌରପାଳିକା ତରଫରୁ ଅଳିଆ ଉଠାଯିବ ନାହିଁ। ସହରର ଉନ୍ନତି ଓ ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ଆପଣମାନଙ୍କର ସହଯୋଗ ଏକାନ୍ତ କାମ୍ୟ।

ସ୍ୱା./- ନିର୍ବାହୀ ଅଧିକାରୀ
କେନ୍ଦୁଝରଗଡ଼ ପୌରପାଳିକା



## BHUBANESWAR MUNICIPAL CORPORATION

**No.1628** **Date.17.01.2020**

### NATIONAL COMPETITIVE BIDDING THROUGH e-Procurement
### Bid Reference No - BMC-DIV-I-10/2019-20

On behalf of the Commissioner, Bhubaneswar Municipal Corporation (BMC), **City Engineer**, Bhubaneswar Municipal Corporation invites **Percentage Rate Bids for the work mentioned below** through **e-Procurement** in conformity with the terms and conditions of this Advertisement and the Detailed Tender Call Notice (DTCN) in Two Bid system (Part-I: General & Technical Bid and Part-II: Financial Bid / Price Bid / BOQ) from intending bidders fulfilling the eligibility criteria mentioned in this Notice and other qualifying requirements mentioned in this DTCN. **Bidders are also required to be registered with Odisha State Government in the class specified in the DTCN or else the successful bidder shall get themselves registered with Govt. of Odisha (If not registered) in appropriate class in line with the requirement of DTCN before signing of agreement.** Agreement is to be drawn up by BMC with the successful/selected bidder in the prescribed contract form of BMC (attached to the DTCN). Each bid should be submitted on-line through the website ***www.tendersodisha.gov.in*** by eligible bidders. The bidders should have necessary Portal Enrolment (Digital Signature Certificate) under e-procurement Process of Govt. of Odisha in required class/category. For queries, if any on this DTCN, intending bidders may contact Executive Engineer - 1/City Engineer, Bhubaneswar Municipal Corporation. Bhubaneswar.

| Sl. No. | Name of the work | Approx. Estimated. Cost In Rs. | E.M.D in Rs. * | Cost of Bid Documents Including GST in Rs. | Period of Completion | Class of Contractor |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Road & drain from Sishu Vihar Culvert to Sishu Vihar Main Road via Plot No. 414/2 of Bajaranga Vihar in Ward No.6 | 1,57,33,044/- | 1,57,400/- | 11,200/- | 6 (Six) Months | 'B' and "A" Class |

**1. Time Schedule for Bidding:**

| Sl.No. | Description | Critical Dates |
|---|---|---|
| i | Period of availability of tenders on-line for bidding | **From Dt. 21.01.2020 (11.00 AM) to Dt.05.02.2020 (5.00 PM)** |
| ii | Last date & time of seeking clarifications (if any) | **Dt.04.02.2020 (5.00 PM)** |
| iii | Last date & time of bidding on-line | **Dt.05.02.2020 (5.00 PM)** |
| iv | Date & time of opening of the Technical Bids received on-line | **Dt.06.02.2020 (11.00 AM onwards)** |
| v | Date & time of opening of Price Bid/Financial Bid/ DTCN Part-II | To be intimated later to the bidder(s) found qualified after checking and evaluation of Technical Bids received on-line |

2. Other details can be seen in the bidding document/DTCN available in website ***www.tendersodisha.gov.in (for view, download and bidding) and in BMC website www.bmc.gov.in (for view and download only).***
3. Subsequent corrigendum, if required, shall appear in these websites.
4. Authority reserves the right to reject any or all the tenders without assigning any reasons thereof subject to the limitations prescribed by Central Vigilance Commission.

**By Order of Commissioner, BMC**
**City Engineer**
**Bhubaneswar Municipal Corporation**

**Progress Through Partnership for a Better Bhubaneswar**



## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

**ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧**
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: **www.oshb.org**

**ବିଜ୍ଞାପନ**

ପତ୍ରସଂଖ୍ୟା: ୦୯ ତା: ୧୦।୦୧।୨୦

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଘର ନଂ. ଏଲ୍ଆଇଜି-୧୬୮୧ (L.I.G.-1681), ଡୁମୁଡୁମା, ୨ୟ ପର୍ଯ୍ୟାୟ, ଭୁବନେଶ୍ୱର ଗୃହନିର୍ମାଣ ପ୍ରକଳ୍ପରେ (୧) ଅନିତା ଘୋଡ଼ା, ସ୍ୱାମୀ: ୰ମହେନ୍ଦ୍ର କୁମାର ପାଲ୍, (୨) ଭୂମିକା ପାଲ୍, (୩) ରୟାଂଶୁ ପାଲ୍, ନାବାଳକ, ପିତା: ୰ମହେନ୍ଦ୍ର କୁମାର ପାଲ୍‌ଙ୍କ ତରଫରୁ ପ୍ରତିନିଧି: ମାତା ଅନିତା ଘୋଡ଼ା, ସା: ସୁଆଁପଡ଼ା, ପୋ: କାଦବାରଙ୍ଗ, ଥାନା: ଅଗରପଡ଼ା, ଜିଲ୍ଲା: ଭଦ୍ରକଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରହୀତା (୧) ଅନିତା ଘୋଡ଼ା, (୨) ଭୂମିକା ପାଲ୍, (୩) ରୟାଂଶୁ ପାଲ୍ ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ କେଦାରନାଥ ବେହେରା, ପିତା: ନାରାୟଣ ବେହେରା, ସା: ମହ୍ଲାସାହି, ପୋ: ତାଳଦଣ୍ଡା, ଥାନା: କୁଜଙ୍ଗ, ଜିଲ୍ଲା: ଜଗତ୍‌ସିଂହପୁରଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।
ଉକ୍ତ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦରଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଇପାରେ।

ସ୍ୱା./- ସହ ପ୍ରଶାସନିକ ଅଧିକାରୀ, ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା



## ODISHA SPACE APPLICATIONS CENTRE (ORSAC)

**Dept. of Science & Technology, Govt. of Odisha, Plot No.45/48 (P), Jayadev Vihar, Unit-16, Bhubaneswar-751023, Odisha, India**
**E-mail-orsac2012@gmail.com**
**Website : www.orsac.gov.in**

### RECRUITMENT NOTICE No.01/2020

No.CAD-832 :- Odisha Space Applications Centre (ORSAC), an Autonomous Scientific Organisation wants to recruit dynamic professional for the following post.

| Name of the Post | Pay Scale | No. of Vacancies & Category |
|---|---|---|
| Accounts Officer | Rs.15600-29100, Grade Pay-Rs.5400/-, Level-12 as per ORP Rule-2017 with Usual DA and other allowance revised from time to time. | 1 Post (Open) |

The detailed advertisement containing qualification / experience / Pay Scale / Age Limit & prescribed format of application etc. is available on Notice board at Odisha Space Applications Centre and ORSAC website **www.orsac.gov.in** and Government of Odisha Portal. The last date for receipt of application is 17.02.2020.

**ORSAC** **Chief Executive**
**17.01.2020** 28007/11/0016/1920



## GOVERNMENT OF ODISHA
## OFFICE OF THE EXECUTIVE ENGINEER
## KALAHANDI (R&B) DIVISION, BHAWANIPATNA

**E-mail : eekalahandi@gmail.com**
**Fax No.06670-230512, Cell No.9437050413**
**E-Procurement Notice**
**Bid Identification No.BC KLD-15/2019-20**
No.B-584

**No.342** **Dated: 13.01.2020**

| | | | |
|---|---|---|---|
| 1 | Name of the work | : | 05 (Five) Nos. of Road works. |
| 2 | estimated Cost | : | Rs.39.00 lakhs to Rs.88.00 lakhs |
| 3 | Period of completion | : | 02 (Two) Calendar Months. |
| 4 | date and time of availability of bid document in the portal | : | 11.00 hours of 20.01.2020 to 17.00 hours of 28.01.2020 |
| 5 | Last date / Time for receipt of bid in the portal | : | 17.00 hour of 28.01.2020 |
| 6 | Name and address of the officer inviting bid | : | Executive Engineer, Kalahandi (R&B) Division, Bhawanipatna |
| 7 | Date & Venue of Opening of the Single & Double Cover Bid and Technical Bid (Cover 1) of Double Cover Bid. | : | On 29.01.2020 at 11.00 A.M. in the office of the Executive Engineer, Kalahandi (R&B) Division, Bhawanipatna |

Further details can be seen from the e-procurement portal **https://tendersorissa.gov.in**

**Sd./- (Er. A.K. Babu)**
**34017/11/0007/1920** **Executive Engineer, Kalahandi (R&B) Division**



କାମ, କ୍ରୋଧ, ଲୋଭ ଏହି ତିନୋଟି ନରକର ଦ୍ୱାର ସ୍ୱରୂପ ଅଟେ। ଅତଏବ ଏହି ତିନୋଟିକୁ ତ୍ୟାଗ କରିବା ଉଚିତ।
- ଭଗବାନ ଶ୍ରୀକୃଷ୍ଣ



## ସଂକ୍ଷେପରେ

### ୭ ଦିନର ଶିଶୁ କନ୍ୟା ଉଦ୍ଧାର

ଜଗତ୍‌ସିଂହପୁର ଅଫିସ୍, ୧୭।୧: ଗୋରଖନାଥ ପୀଠରୁ ଶିଶୁ କନ୍ୟା ଉଦ୍ଧାର ହେବାର ୨ ଦିନ ପରେ ଶୁକ୍ରବାର ଜଗତ୍‌ସିଂହପୁର ଜିଲା ପକାଶୋଳରୁ ଆଉ ଏକ ୭ ଦିନର ଶିଶୁ କନ୍ୟା ଉଦ୍ଧାର ହୋଇଛି। ପକାଶୋଳ ଗ୍ରାମର କବିତା ସାହୁ ଓ ତାଙ୍କ ସ୍ୱାମୀ ନିତ୍ୟାନନ୍ଦ ସାହୁ ଶିଶୁଟିକୁ ରଖିଥିଲେ। ଖବରପାଇ ଜଗତ୍‌ସିଂହପୁର ଚାଇଲ୍ଡ ଲାଇନ୍ ଓ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଚଢ଼ାଉ କରାଯାଇ ଶିଶୁକନ୍ୟାକୁ ଉଦ୍ଧାର କରାଯାଇଥିଲା। ଜିଲା ଶିଶୁ ମଙ୍ଗଳ ସମିତି (ସିଡବ୍ଲ୍ୟୁସି)ରେ ହାଜର କରାଯିବା ପରେ ଶିଶୁଟିକୁ ସ୍ଥାନୀୟ ଶିଶୁ ଆଶ୍ରମରେ ରଖାଯାଇଥିବା ସିଡବ୍ଲ୍ୟୁସି ଅଧକ୍ଷା ବିଶେଶ୍ୱରୀ ମହାନ୍ତି କହିଛନ୍ତି।

### ୨୬ରେ ସବିତା, ପୂର୍ଣ୍ଣିମାଙ୍କୁ ସାହସିକତା ପୁରସ୍କାର



ଶୁକ୍ରବାର ଦିଲ୍ଲୀ ଗଲେ

କେନ୍ଦ୍ରାପଡା ଅଫିସ, ୧୭।୧: କେନ୍ଦ୍ରାପଡା ଜିଲା ମହାକାଳପଡା ବ୍ଲକ ନିପାଣିଆ ଗ୍ରାମ ନିକଟ ଖୋଳା ନଦୀରେ ଗତବର୍ଷ ଜାନୁୟାରୀ ୨ରେ ଏକ ଯାତ୍ରୀବାହୀ ଡଙ୍ଗା ବୁଡିଯାଇ ୧୦ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ଦୁର୍ଘଟଣାରୁ ୩୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଅକ୍ଷତରେ ବର୍ତ୍ତି ଯାଇଥିଲେ। କିନ୍ତୁ ନିପାଣିଆ ଗ୍ରାମର ସବିତା ଗିରି (୧୫) ଓ ପୂର୍ଣ୍ଣିମା ଗିରି(୧୫) କୁମାର ପ୍ରଭାବ ଏହି ନଦୀରୁ ୧୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କ ମରଣ ମୁହଁରୁ ରକ୍ଷା କରିବାରେ ଚହଳ ସୃଷ୍ଟି କରିଥିଲେ। ପରବର୍ତ୍ତୀ ସମୟରେ ଜିଲା ପ୍ରଶାସନର ଉଦ୍ୟମ ଓ ରାଜ୍ୟ ସରକାରଙ୍କ ଅନୁମୋଦନ କ୍ରମେ ଏହି ଦୁଇ ସର୍ମୁର୍ଣ୍ଣାୟ ଭଉଣୀଙ୍କୁ ଜାତୀୟ ସାହସିକତା ପୁରସ୍କାର ଆଗାମୀ ୨୬ ତାରିଖରେ ଦିଆଯିବ ବୋଲି ଶିଶୁ କିଶାଣ ଜାତୀୟ ପରିଷଦ ପକ୍ଷରୁ ଜଣାଇ ଦିଆଯାଇଥିଲା। ଏ ନେଇ ଚିଠି ପାଇବା ପରେ ଦୁଇ ଭଉଣୀ ଗତ ଗୁରୁବାର ଅଭିଭାବକଙ୍କ ସହ ଭୁବନେଶ୍ୱରରେ ପହଞ୍ଚ ଥିଲେ। ସେମାନେ ଶୁକ୍ରବାର ରାଜଧାନୀ ଏକ୍ସପ୍ରେସରେ ଦିଲ୍ଲୀ ଯାତ୍ରା କରିଛନ୍ତି। ଗମନାଗମନ ସୁବିଧା ନ ଥିବା ନିଜ ଗ୍ରାମ ନିକଟ ମହାନଦୀ ଶାଖା ବୁଚି ଘାଟୀରେ ଏକ ସେତୁ ନିର୍ମାଣ ପାଇଁ ସେମାନେ ଦିଲ୍ଲୀ ଦରବାରରେ ଜଣାଇବେ ବୋଲି କହିଛନ୍ତି। ଦୁହେଁ ମହାକାଳପଡା ବ୍ଲକ ବଟାଗଡ ପଞ୍ଚାୟତର ସ୍ୱାମୀମୟୀ ହାଇସ୍କୁଲରେ ଦଶମ ଶ୍ରେଣୀରେ ପାଠ ପଢୁଛନ୍ତି।





ରୁପୁକୁଝୁମା ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ନୂପୁର ନୃତ୍ୟ ସଙ୍ଗୀତ ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଉପସ୍ଥିତ ଅତିଥି, କର୍ମକର୍ତ୍ତା(ବାମ)। କଳାକାରମାନଙ୍କ ଲୋକନୃତ୍ୟ ପରିବେଷଣ।

# କୁଚିପୁଡ଼ି, ଢାପ, ଗୋଟିପୁଅ ନୃତ୍ୟ ଆକର୍ଷଣ ସାଜିଲା

ଦେବଗଡ଼, ୧୭।୧(ଡି.ଏନ୍.ଏ.)

ଦେବଗଡ଼ ଜିଲାର ଅଗ୍ରଣୀ ରୁପୁକୁଝୁମା ସାଂସ୍କୃତିକ ଅନୁଷ୍ଠାନ ଓ ଭକ୍ତବନ୍ଧୁ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ଗୁରୁବାର ଠାରୁ ଆରମ୍ଭ ହୋଇଥିବା ଜିଲାସ୍ତରୀୟ ନୂପୁର ନୃତ୍ୟ ସଙ୍ଗୀତ ଉତ୍ସବ ଶୁକ୍ରବାର ଦ୍ୱିତୀୟ ଦିନରେ ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା।

**ରୁପୁକୁଝୁମା ସାଂସ୍କୃତିକ ଅନୁଷ୍ଠାନ**

- ନୂପୁର ନୃତ୍ୟ ସଙ୍ଗୀତ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା
- ଲୁକ୍କାୟିତ କଳାକାର, ପ୍ରତିଭା, ସଂସ୍କୃତିକୁ ଲୋକଲୋଚନକୁ ଆଣିବାକୁ ପ୍ରୟାସ

ଅନୁଷ୍ଠାନର ରାଜ୍ୟ ସଭାନେତ୍ରୀ ତଥା ନୂପୁର ନୃତ୍ୟ ସଙ୍ଗୀତ ଉତ୍ସବର ଅଧକ୍ଷା ନିବେଦିତା ନାୟକଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପୋଲିସ ହାଉସିଂ ୱେଲଫେୟାର କର୍ପୋରେସନ ଭୁବନେଶ୍ୱରର ଏଡିସିପି ସିଡିଏମ ଲଳିତ ଦାଶ, ଦେବଗଡ଼ ଏସ୍‌ପି ରାହୁଲ ଜୈନ, ଚନ୍ଦ୍ର ଶେଖର ନାଗ, ଗୌରହରି ମିଶ୍ର, ରାଜ୍ୟ ସମ୍ପାଦକ ସରୋଜ ଭୂୟା, ଶିଶୁ ମଙ୍ଗଳ ସମିତିର ଅଧକ୍ଷ ତଥା ଅନୁଷ୍ଠାନର ଉପଦେଷ୍ଟା ଅତୁଲ୍ୟ କୁମାର ପୁଝାରୀ, ଜିଲା ସଭାପତି ମୀନାକ୍ଷୀ ମିଶ୍ର, ନୂପୁର ନୃତ୍ୟ ସଙ୍ଗୀତ ଉତ୍ସବର ସମ୍ପାଦକ ଶଶାଙ୍କ ଶେଖର ଖାଙ୍କର ପ୍ରମୁଖ ଉପସ୍ଥିତ ରହି ନିଆରା ଢଙ୍ଗରେ ପୁରୀ ଜଗନ୍ନାଥ ଧାମରୁ ଆସିଥିବା ପ୍ରସାଦକୁ ଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ପରେ ପ୍ରସାଦ ଉପସ୍ଥିତ ଦର୍ଶକଙ୍କୁ ବଣ୍ଟନ କରାଯାଇଥିଲା। ଦ୍ୱିତୀୟ ସନ୍ଧ୍ୟାରେ କୁଚିପୁଡ଼ି ନୃତ୍ୟ, ଢାପ ନୃତ୍ୟ, ଗୋଟିପୁଅ ନୃତ୍ୟ ଏବଂ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ନିଜର କଳା ପ୍ରଦର୍ଶନ କରିଥିଲେ। ଜିଲାର ବିଭିନ୍ନ କଳା, ସଂସ୍କୃତି ଓ ଲୋକନୃତ୍ୟକୁ ଲୋକଲୋଚନକୁ ଆଣିବାକୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରୟାସ କରାଯାଉଛି। ପୌରାଞ୍ଚଳରୁ ଆରମ୍ଭ କରି ତିନି ବ୍ଲକରୁ କଳାକାରମାନେ ସେମାନଙ୍କର କଳାନୈପୁଣ୍ୟ ପ୍ରଦର୍ଶନ କରୁଛନ୍ତି। ଗ୍ରାମାଞ୍ଚଳ ପ୍ରତିଭା, ବୃଷ୍ଟି ଆଢୁଆଳରେ ରହିଯାଉଥିବା କଳାକାର, କଳାସଂସ୍କୃତିକୁ ଲୋକଲୋଚନକୁ ଆଣିବା ଅନୁଷ୍ଠାନର ପ୍ରୟାସ ଓ ଲକ୍ଷ୍ୟ ବୋଲି କୁହାଯାଇଛି। ଉପସ୍ଥାପିକା ଅଭିନେତ୍ରୀ ଗୁନ୍‌ଗୁନ୍ ଅତିଥି ପରିଚୟ କରିବା ସହ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଅନ୍ତର୍ଜାତୀୟ ପର୍ବତାରୋହି ଲିପିକା ସେଠ୍, ସଙ୍ଗୀତ ନିର୍ଦ୍ଦେଶକ କୁମାର ଲକ୍ଷ୍ମଙ୍କୁ ଅନୁଷ୍ଠାନ ପକ୍ଷରୁ ଅତିଥିଙ୍କ ଦ୍ୱାରା ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।



କଳାକାରଙ୍କ ଲୋକନୃତ୍ୟ ପରିବେଷଣ।

### ନୂପୁର ନୃତ୍ୟ ସଙ୍ଗୀତ ଉତ୍ସବର ଅଧକ୍ଷା କହନ୍ତି...



ଦେବଗଡ଼ କଳା, ସଂସ୍କୃତି ସମ୍ପନ୍ନ ଜିଲା। ଏଠାରେ ଅନେକ ପ୍ରତିଭାବାନ କଳାକାର ଥିଲେ ମଧ୍ୟ ଆବଶ୍ୟକ ପ୍ରୋତ୍ସାହନ ଅଭାବରୁ ଲୋକଲୋଚନକୁ ଆସିପାରୁ ନାହାନ୍ତି। ବିଭିନ୍ନ ପ୍ରକାର ଲୋକନୃତ୍ୟ, ଲୋକ ସଙ୍ଗୀତର ଆବଶ୍ୟକ ପ୍ରଚାର ପ୍ରସାର ହୋଇପାରୁନାହିଁ। ତେଣୁ ସେ ସବୁର ପ୍ରଚାର କରିବା, କଳାକାର, ଲୋକକଳାକୁ ବିଶ୍ୱ ଦରବାରରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଏହି ନୂପୁର ନୃତ୍ୟ ସଙ୍ଗୀତ ଉତ୍ସବ ଆୟୋଜନ କରାଯାଇଛି। ଏଥିରେ ଜିଲାର ପ୍ରତି ଗ୍ରାମାଞ୍ଚଳଠାରୁ ଆରମ୍ଭ କରି ବ୍ଲକ ସହରାଞ୍ଚଳରୁ କଳାକାର ସାମିଲହୋଇଛନ୍ତି। ରାଜ୍ୟବାହାରୁକୁଚିପୁଡ଼ି, କଥକକଳାକାରମଧ୍ୟସାମିଲହୋଇଛନ୍ତି ବୋଲି ନୂପୁର ନୃତ୍ୟ ସଙ୍ଗୀତ ଉତ୍ସବର ଅଧକ୍ଷା ନିବେଦିତା ନାୟକ କହିଛନ୍ତି।

### ଅବକାରୀ ଚଢ଼ାଉ: ୪ ଗିରଫ

ଚମ୍ପୁଆ, ୧୭।୧(ଡି.ଏନ୍.ଏ.)

ଚମ୍ପୁଆ ଅବକାରୀ ବିଭାଗ ଓ ମୋବାଇଲ ୟୁନିଟ୍ ମିଳିତ ଚଢାଉ କରି ୫ ହଜାର କେ.ଜି ମହୁଲି ପୋଚ ନଷ୍ଟ କରିଥିବା ବେଳେ ୩୦୦ ଲିଟର ମଦ ଜବତ କରିଛି। ଏହି ଘଟଣାରେ ୪ ଜଣଙ୍କୁ ଗିରଫ କରିବାରେ ଅବକାରୀ ବିଭାଗ ସଫଳ ହୋଇଛି। ଅଭିଯୁକ୍ତମାନେ ହେଲେ ତ୍ରିଲୋଚନ ସେଠୀ, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ପୂର୍ଣ୍ଣଚନ୍ଦ୍ର ମାଝୀ ଓ ସୁମିତ୍ରା ମହାନ୍ତ। ମୋବାଇଲ ୟୁନିଟ୍ ସବ୍‌ଇନ୍‌ସପେକ୍ଟର ରୋହିତ କୁମାର ନାଏକଙ୍କ ତତ୍ତ୍ୱାବଧାନ ଓ ଚମ୍ପୁଆ ଅବକାରୀ ବିଭାଗର ମିଳିତ ସହଯୋଗରେ ଟଙ୍ଗୁଆଡାହାଳ, ଏସେଇକୁଟ, ରିମୁଳି ଓ ବାଇଡଶି ଅଞ୍ଚଳରେ ଚଢାଉ କରାଯାଇଥିଲା।

## ଜିଲା ଚିଠି
## ବୌଦ୍ଧ



# ମହୋତ୍ସବ ଋତୁ

ବୌଦ୍ଧ ଜିଲା ସଂସ୍କୃତିସମ୍ପନ୍ନ ଐତିହାସିକ, ଶାନ୍ତି, ପ୍ରୀତି ଓ ମୈତ୍ରୀର ପବିତ୍ର ମାଟି। ସେହି ଜିଲାରେ ବର୍ଷସାରା ମହୋତ୍ସବର ଋତୁ ଚାଲିଛି। ହରଭଙ୍ଗା ବ୍ଲକ ପୁରୁଣାକଟକରେ ମା' ଭୈରବୀ ମହୋତ୍ସବ, ବୀରନରସିଂହପୁରରେ ଗରଜାତ ଲୋକ ମହୋତ୍ସବ, ବୌଦ୍ଧରେ ଜିଲା ମହୋତ୍ସବ ପାଳନ ହୋଇଥିବାବେଳେ ମାତ୍ର ଅଳ୍ପଦିନ ପୂର୍ବରୁ ପୁସ୍ତକମେଳା ମଧ୍ୟ ସମ୍ପନ୍ନ ହୋଇଛି। ସେହିପରି କଣ୍ଟାମାଳ ବ୍ଲକର ଖଟଖଟିଆରେ ଉତ୍ତର ମହୋତ୍ସବ, ବ୍ରାହ୍ମଣୀରେ ବଉଳ ମହୋତ୍ସବ, ସିମିଳିପଦରରେ ମହକ ଉତ୍ସବ, କଣ୍ଟାମାଳରେ ଗୁଜ ଭୁଇଁଟି ମହୋତ୍ସବ, ଖୁଣ୍ଟିଗୋରାର ଖଡଙ୍ଗ ମହୋତ୍ସବ, ବିଳାସପୁରର ଲୋକ ମହୋତ୍ସବ ଓ ବାଉଁଶୁଣୀରେ ଲୋକ ମହୋତ୍ସବ ସାଙ୍ଗକୁ ରହିଛି ପଲଶାଗୋରାର ପୁରାତନ ଦରବାର, କଲାରକୋଠାର ମହିଷାସୁର ଦରବାର, ମଲ୍ଲିକପଦର ଓ ଦପଲାର ଧନୁଯାତ୍ରା। ବୌଦ୍ଧ ସହରରେ ମଧ୍ୟ ଧନୁଯାତ୍ରା ଓ ରାମଲୀଳା ପର୍ବପାଳନ ହେଉଛି। ଏହାବ୍ୟତୀତ ବ୍ଲକର ପ୍ରସିଦ୍ଧ ଗନ୍ଧରାଡୀ ଶୈବପୀଠରେ ଗନ୍ଧରାଡୀ ମହୋତ୍ସବ ପାଇଁ ମଧ୍ୟ ପ୍ରସ୍ତୁତି ଆରମ୍ଭ ହୋଇଛି। ମହୋତ୍ସବ ଦ୍ୱାରା ସାରା ଜିଲାରେ ସଂସ୍କୃତି, ପରମ୍ପରା ଉଜ୍ଜୀବିତ ହେଉଛି। ମହୋତ୍ସବ ଫଳରେ ବ୍ୟବସାୟୀମାନେ ଭଲ ବେପାର କରିବା ସହ ଅଧିକ ଲାଭ ଉଠାଉଛନ୍ତି। ଏହାସହ ସାରା ଜିଲାରେ କଳାସୀ ଯାତ୍ରା, ଖମ୍ବଯାତ୍ରା, ଝୁଲଣାଇ ଯାତ୍ରା, ଦଣ୍ଡଯାତ୍ରା ଅନୁଷ୍ଠିତ ହୋଇ ଆସୁଛି। ପଲଶାଗୋରା ଓ ପାତାଳୀ ଶ୍ରୀକ୍ଷେତ୍ର ନାୟକପଡାର ମକରମେଳା ଓ ଆମ୍ବଗହଣର ରାହାସ ଯାତ୍ରା ମଧ୍ୟ ସମ୍ପନ୍ନ ହୋଇଛି। ଚଳିତ ବର୍ଷ ଜିଲା ମହୋତ୍ସବ ଖୁବ୍ ଧୁମଧାମରେ ପାଳନ ହୋଇଥିବା ବେଳେ ମହୋତ୍ସବ ସହ କୃଷି, ପର୍ଯ୍ୟଟନ ପର୍ବ, କ୍ରୀଡା ମହୋତ୍ସବ ପାଳନ ହୋଇଥିଲା। ଏହି ଗୌରବମୟ ମାଟିର ମହାନ୍ ପରମ୍ପରାକୁ ଜାବୁଡି ଧରିଥିବା କଳାକାରମାନଙ୍କ କଳାନୈପୁଣ୍ୟ ପ୍ରଦର୍ଶନ ପାଇଁ ସୁଯୋଗ ସୃଷ୍ଟିହୋଇଥିଲା। ବୌଦ୍ଧ ଗଡଜାତର ରାଜାମାନେ କଳାପ୍ରିୟ ଓ ପ୍ରଜାବତ୍ସଳ। ସେହି ସମୟରୁ ବିକାଶ ପ୍ରଦର୍ଶନୀ ସହ ବିଭିନ୍ନ ଗ୍ରାମରେ ଯାନିଯାତ୍ରାର ପରିବେଶ ସୃଷ୍ଟି ହୋଇଥିଲା, ଯାହାକି ବର୍ତ୍ତମାନ ପର୍ଯ୍ୟନ୍ତ ପାରମ୍ପରିକ ଭାବେ ଲୋକମାନଙ୍କ ଦ୍ୱାରା ପାଳନ ହୋଇଆସିଛି। ଖାଲି ଏତିକି ନୁହେଁ, ଏହି ଜିଲାରେ ରଥଯାତ୍ରା ଓ ବାହୁଡାଯାତ୍ରା ପାଳନ ମଧ୍ୟ ସମ୍ପୂର୍ଣ୍ଣ ନିଆରା। ବୌଦ୍ଧ ସହରରେ ପ୍ରଥମ ରଥଯାତ୍ରା ପାଳିତ ହେଉଥିବାବେଳେ ରାଜାଙ୍କ ଆଦେଶକ୍ରମେ ଆବହମାନ କାଳରୁ ଗ୍ରାମାଞ୍ଚଳବାସୀ ରଥଯାତ୍ରା ଓ ବାହୁଡାଯାତ୍ରା ଗୋଟିଏ ଦିନ ପରେ ପାଳନ କରିଥାନ୍ତି। ତେଣୁ ବୌଦ୍ଧର ଗରିମାମୟ ଐତିହ୍ୟର ମୂକସାକ୍ଷୀ ଭାବେ ଏହି ଯାନିଯାତ୍ରାର ପରମ୍ପରା ଚିରକାଳ ବଞ୍ଚ ରହୁ ଓ ଜିଲାର କଳାକାରମାନେ ଦେଶ ବିଦେଶରେ ସୁନାମ ଅର୍ଜନ କରି ମାଟିର ପରିଚୟ ସୃଷ୍ଟି କରନ୍ତୁ ଏହାହିଁ ସମସ୍ତଙ୍କ କାମନା।

– ଅଜିତ କୁମାର ବାରିକ


ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

OFFICIALLY JOB
ଯୋଗ୍ୟତା : ଦଶମ ପାସ୍/ଫେଲ୍,
ବୟସ : (18-40)yrs.
Monthly Salary upto Rs. 25,000/-
Contact : Immediately
Mob : 8763257042

ମାଗଣାରେ ନିଯୁକ୍ତି
ସରକାରୀ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନରେ Old Patient and Child Care ନେବା ପାଇଁ ମହିଳା ପ୍ରାର୍ଥୀ ଆବଶ୍ୟକ। ଯୋଗ୍ୟତା: 8th above, 7,000 to 15,000 ମାସିକ।
Number - 7751841577, 7894397909

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା : 10th/above. Monthly Salary upto Rs. 27000/-
Contact : 9938676412

Officially Staff
For BBSR, CTC, Puri, Berhampur.
Qualification 10th above.
Salary upto Rs.25,000/-
M-9938699963

WANTED
ବଗିଚା କାମ କରିବା ପାଇଁ ମାଳୀ ଆବଶ୍ୟକ। ରହିବା ଘର ଓ ଖାଇବା ସହ 7500/– ଫୁଲନଖରା, କଟକ
7809525452

REQUIRED - Marketing boy with minimum 1 yr. exp. in Sanitaryware for BBSR. Reqd. Boys for Showroom / Godown & general work.
H.R. Trading Co., 57, Budha Nagar, Bhubaneswar - 751 006.
Ph (0674) 2310921, Email : hrtrading.co.in@gmail.com

HAIRDRESSER REQUIRED
ଭୁବନେଶ୍ୱରର କେଶସ୍ ପାର୍ଲର ପାଇଁ ଅଭିଜ୍ଞ ଓ କୁଶଳୀ କାରିଗର ଆବଶ୍ୟକ।
ଦରମା 10,000 ରୁ 30,000
ରହିବା ଓ ଖାଇବା ମାଗଣା।
ଯୋଗାଯୋଗ :
+91 9853410081
+91 8658511010

TEACHERS REQUIREMENT
MALE OR FEMALE
MONTESORY- 1 TO STD- 7 FOR
ST. XAVIER HIGH SCHOOL
Pandav Nagar, Plot No.4916, Tankapani Road, Bhubaneswar-18
Contact : 7978084379, 8249088768

WANTED
CAR DRIVER FOR OFFICE AT CUTTACK.
CONTACT : 9437021279, 9437496020

Required 4 Nos of
Hardware Engineer
Free Accomodation
B-25, Saheed Nagar, Bhubaneswar
Mob : 9438091660

WANTED
ଓଡ଼ିଆ, ହିନ୍ଦୀ, ଇଂରାଜୀରେ DTP କରିପାରୁଥିବା ସହିତ Computer ସମ୍ପର୍କରେ ସାଧାରଣ ଜ୍ଞାନ ରଖିଥିବା ପାର୍ଥୀ part time worker ହିସାବରେ ଆବଶ୍ୟକ।
0674-2421358

Aurea Aviation
Recruitment for
BPI Airport
Fresher or Experience
Con :- 9582775827

ସେଲ୍ସମ୍ୟାନ୍ ଆବଶ୍ୟକ
ସୋନୁ ଇଲେକ୍ଟ୍ରିକାଲ୍ସ ୧୫୯, ବାପୁଜୀନଗର, ଗଳି ନଂ.–୧୨
ଆଲ୍ଲାହାବାଦ ବ୍ୟାଙ୍କ ପାଖ, ଭୁବନେଶ୍ୱର

WANTED
ଧରିତ୍ରୀ Oriya daily
is looking for
ASSISTANT NEWS EDITORS
- Candidate should have at least 7 years experience in Desk work.
- Must have Masters Degree in Journalism.
- Candidate should be proficient in understanding, translating and editing news stories as well as coming up with attractive headlines.
SENIOR SUB-EDITORS
- Candidate must have at least 3 years experience in desk work.
- Should have a degree in Journalism.
- Should have expertise in translation.
Apply immediately to :
recruitment@dharitri.com
Attractive salary commensurate with experience

ଆବଶ୍ୟକ
ସିକ୍ୟୁରିଟି ଗାର୍ଡ
(ରହିବା ମାଗଣା)
ମାସିକ ଦରମା - 9000/- ରୁ 16000/- ଏବଂ EPF+ESI ଅଛି।
ନିଯୁକ୍ତି ସ୍ଥାନ - ଭୁବନେଶ୍ୱର, କଟକ, ଯାଜପୁର, ପାରାଦ୍ୱୀପ, ଝାରସୁଗୁଡା
M : 9777086435, 9556496258

FELLOWSHIP ON IOL & ANTERIOR SEGMENT
MNC-LEPRA Society is looking for candidates having certificate on MS (Optha), DNB or Diploma in Ophthalmology for fellowship programme of one & half year duration. Selected candidates will get attractive stipend with other facilities as per Lepra HR rule. Interested candidates are invited to send updated resume & testimonials to the below mentioned address on or before 31st January 2020.
To
Medical Superintendent, MNC-Lepra Society Pandapali, Birmaharajpur, Subarnapur, Odisha-767018
Mail- debendra@leprahealthinaction.in, Mob-9437198482

REQUIRED
VIGEN INDIA REQUIRED
Smart Boys and Girls Candidates for Office Job. Age- 20-30
EDU - +2 to Graduate
Job Location - Rabi Talkies Squire and Sastri Nagar
Contact : 9348916882

JOB OPPORTUNITY !
HIGHLANDs AGRIVENTURE LTD. (An ISO 9001: 2015 Certified Public Company) requires candidates for the position of
AGRICULTURAL PROJECT IN-CHARGE
at- KEONJHAR, MAYURBHANJ, BALASORE & SAMBALPUR.
- Minimum Graduate (preferably experienced)
- Knowledge of Computer is essential.
- Willing to work with farmer base of semi-urban.
- Having own 2 Wheeler and willing to travel.
Joining Date : Immediately.
Gross Salary per month: 15, 000/- (apart from other benefits).
Send us your latest CV, within 10 days from the date of advertisement by email-: highlands.co.hr@gmail.com, Cont. No. – 6371 811 350.
(Deserving candidate will be called for a personal interview)

URGENTLY REQUIRED
Principal -7 to 8 Yrs Exp.
Teacher (Eng.) 2 to 3 Yrs
Teacher (Math & Sc.) 2 to 3 Yrs
Qualification B.Ed
Female Candidates only
SALARY NEGOTIABLE
LUCKY PUBLIC SCHOOL
Charichhak, Nimapara, Puri
Mob.: 7894447001, 7894447111
luckypublicschool2015@gmail.com

See Career Appointment on every Wednesday & Saturday

ସୂଚନା
ନିଯୁକ୍ତି ଓ କାରିଗର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟତାକୁ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପଇସା ଜମା କରୁଛନ୍ତି, ସେ ସମ୍ପର୍କରେ ଯଥାସମ୍ଭବ ଅନୁସନ୍ଧାନ କରନ୍ତୁ। 'ଧରିତ୍ରୀ' କୌଣସି ଦାୟିତ୍ୱ ନେବ ନାହିଁ।

COLOR CLASSIFIED DISPLAY
on Every Tuesday and Friday

Dollar 71.08 (15) | Sensex 41,945.37 (12.81) | Nifty 12,352.35 (3.15) | Gold 40,590.00 (`32) | Silver 47,756.00 (`116)

ଦ୍ୱ୦୨୫ ସୁଦ୍ଧା ଭାରତରେ ୧୦ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି।
– ଜେଫ୍ ବେଜୋସ, ଆମାଜନ ସିଇଓ



ଭାରତକୁ ଆସୁଥିବା ପ୍ରତି ନିବେଶକୁ ସ୍ୱାଗତ କରୁଛୁ। ହେଲେ ଏହା ଆଇନ ଅନୁସାରେ ହେବା ଆବଶ୍ୟକ।
– ପୀୟୂଷ ଗୋୟଲ, କେନ୍ଦ୍ର ମନ୍ତ୍ରୀ



## ସଂକ୍ଷେପରେ

### ଭୂଷଣ ପାୱାର ଆଣ୍ଡ ଷ୍ଟିଲ୍ ବିରୋଧରେ ଇଡି ଚାର୍ଜସିଟ୍

**ନୂଆଦିଲ୍ଲୀ,୧୭-୧:** ଭୂଷଣ ପାୱାର ଆଣ୍ଡ ଷ୍ଟିଲ୍ ଲିମିଟେଡ(ବିପିଏସ୍ଏଲ୍) ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଚାର୍ଜସିଟ୍ ଫାଇଲ କରିଛି। ବ୍ୟାଙ୍କ ଠକେଇ ଏବଂ ବେଆଇନ ଅର୍ଥ କାରବାର ମାମଲାରେ ଇଡି ଏବେ ଭୂଷଣ ବିରୋଧରେ ତଦନ୍ତ କରୁଥିବା ଜଣାପଡିଛି। ଏହି ପ୍ରକ୍ରିୟା ଅନ୍ତର୍ଗତ ଇଡି ଗତ ବର୍ଷ ଅକ୍ଟୋବରରେ ଭୂଷଣର ୪୦୨୫.୨୩ କୋଟି ଟଙ୍କାର ସ୍ଥାବର ସମ୍ପତ୍ତି ଜବତ କରିଥିଲା। ବିଭିନ୍ନ ବ୍ୟାଙ୍କ ଏବଂ ବିତ୍ତ ପ୍ରତିଷ୍ଠାନଗୁଡିକରୁ ଏହି କମ୍ପାନୀ ଋଣ ନେଇ ଏହାକୁ ବିଭିନ୍ନ ଉପାୟରେ ଅନ୍ୟତ୍ର ପଠାଇ ଦେଇଥିବା ଇଡି ପକ୍ଷରୁ କୁହାଯାଇଛି।

### ୩୦ ବର୍ଷର ସର୍ବନିମ୍ନ ସ୍ତରରେ ଚାଇନା ଜିଡିପି

**ନୂଆଦିଲ୍ଲୀ,୧୭-୧:** ଆମେରିକା ଏବଂ ଚାଇନା ମଧ୍ୟରେ ଲାଗି ରହିଥିବା ବାଣିଜ୍ୟ ଯୁଦ୍ଧ ଚାଇନା ଉପରେ ନକାରାତ୍ମକ ପ୍ରଭାବ ପକାଇଛି। ଏଭଳି କାରଣ ଯୋଗୁ ଚାଇନାର ଜିଡିପି ବିକାଶ ହାର ୩୦ ବର୍ଷର ସର୍ବନିମ୍ନ ସ୍ତର ୬.୦%କୁ ଖସିଛି। ନ୍ୟାଶନାଲ ବ୍ୟୁରୋ ଅଫ ଷ୍ଟାଟିଷ୍ଟିକ୍ସ ପକ୍ଷରୁ ଶୁକ୍ରବାର ଜାରି କରାଯାଇଥିବା ଡାଟା ମୁତାବକ ଆର୍ଥିକ ବର୍ଷ ଲାଗି ଏହି ବିକାଶ ହାର ୬.୧% ରହିବ ବୋଲି ଅନୁମାନ କରାଯାଇଛି। ଏହା ୧୯୯୦ ପରଠାରୁ ସବୁଠାରୁ ନିମ୍ନ ସ୍ତର ବୋଲି କୁହାଯାଇଛି।

### ମିସ୍ଡ କଲ୍‌ରେ ଜାଣି ହେବ ଫାଷ୍ଟାଗ୍ ବାଲାନ୍ସ




**ନୂଆଦିଲ୍ଲୀ,୧୭-୧:** ଫାଷ୍ଟାଗ୍ ପ୍ରିପେଡ ୱାଲେଟରେ କେତେ ଟଙ୍କା ବାଲାନ୍ସ ରହିଛି ତାହା କେବଳ ଗୋଟିଏ ମିସ୍ଡ କଲ୍ ଦ୍ୱାରା ଜାଣି ହେବ। ଫାଷ୍ଟାଗ ବ୍ୟବହାରକାରୀଙ୍କୁ ବାଧାମୁକ୍ତ ଓ ସୁବିଧା ଜନକ ସେବା ଯୋଗାଣ ଲକ୍ଷ୍ୟରେ ଏନ୍ଏଚ୍ଏଆଇର ସହଯୋଗୀ କମ୍ପାନୀ ଇଣ୍ଡିଆନ ହାଇୱେଜ ମ୍ୟାନେଜମେଣ୍ଟ କମ୍ପାନୀ ଲିମିଟେଡ୍ ପକ୍ଷରୁ ଏଭଳି ସୁବିଧା କରାଯାଇଥିବା ଜଣାପଡିଛି। ନିଜର ପଞ୍ଜୀକୃତ ମୋବାଇଲ ନମ୍ବରରୁ ଫାଷ୍ଟାଗ ବ୍ୟବହାରକାରୀମାନେ ନିର୍ଦ୍ଧାରିତ ନମ୍ବରକୁ ଡାଏଲ କରିବେ। ଏହା ପରେ ଏସ୍ଏମ୍ଏସ୍ ମାଧ୍ୟମରେ ଏ ସମ୍ପର୍କିତ ସୂଚନା ବ୍ୟକ୍ତିବିଶେଷଙ୍କୁ ଜଣାଇ ଦିଆଯିବ।

### ନାରେଡ୍‌କୋ ଆଣିଲା ନୂଆ ହାଉସିଂ ଇ-କମର୍ସ ପୋର୍ଟାଲ

**ନୂଆଦିଲ୍ଲୀ,୧୭-୧:** ନ୍ୟାଶନାଲ ରିୟଲ ଇଷ୍ଟେଟ ଡେଭଲପମେଣ୍ଟ କାଉନସିଲ (ନାରେଡକୋ) ପକ୍ଷରୁ ଦେଶର ପ୍ରଥମ ଇ-କମର୍ସ ହାଉସିଂ ପୋର୍ଟାଲ ଶୁଭାରମ୍ଭ କରାଯାଇଛି। ହାଉସିଂ ଫର୍ ଅଲ୍ ଡଟ୍ କମ୍ ନାମରେ ଏହି ପୋର୍ଟାଲ କେନ୍ଦ୍ର ସରକାରଙ୍କ ହାଉସିଂ ଫର୍ ଅଲ୍ ଏବଂ ଡିଜିଟାଲ ଇଣ୍ଡିଆ ଭଳି କାର୍ଯ୍ୟକ୍ରମକୁ ଧ୍ୟାନରେ ରଖି ଶୁଭାରମ୍ଭ କରାଯାଇଛି। ଏହାକୁ ବାସଗୃହ ଏବଂ ସହରୀ ବ୍ୟାପାର ମନ୍ତ୍ରଣାଳୟ ସଚିବ ଦୁର୍ଗାଶଙ୍କର ମିଶ୍ର ଶୁଭାରମ୍ଭ କରିଛନ୍ତି। ଏହାସହ ନାରେଡ୍‌କୋ ଆନୁକୂଲ୍ୟରେ ୪୫ ଦିନିଆ ଅଲ୍ ଇଣ୍ଡିଆ ଅନ୍‌ଲାଇନ ହୋମ ବାଇଙ୍ଗ ଫେଷ୍ଟିଭାଲ ଆରମ୍ଭ କରାଯାଇଛି। ଏଥିରେ ରେଡି ଟୁ ମୁଭ୍ ବାସଗୃହ ଲାଗି ପ୍ରାୟ ୧୦୦୦ ପ୍ରକଳ୍ପକୁ ସ୍ଥାନିତ କରାଯାଇଥିବା ଜଣାପଡିଛି।

# ଅଭିବୃଦ୍ଧି ପୂର୍ବାନୁମାନ କମାଇଲା ଜାତିସଂଘ

**ନୂଆଦିଲ୍ଲୀ,୧୭-୧**




- ୫.୭% ରହିବ ବିକାଶ ହାର
- ସଂସ୍କାର ପ୍ରକ୍ରିୟା ଜାରି ରଖିବାକୁ ପରାମର୍ଶ

ଆର୍ଥିକ ବର୍ଷ ୨୦୧୯-୨୦ରେ ଭାରତର ବିକାଶ ହାର ୫.୭% ରହିବା ନେଇ ଶୁକ୍ରବାର ମିଳିତ ଜାତିସଂଘ ପୂର୍ବାନୁମାନ କରିଛି। ପୂର୍ବରୁ କରାଯାଇଥିବା ପୂର୍ବାନୁମାନଠାରୁ ଏହା କମ୍ ବୋଲି ଜଣାପଡିଛି। ମିଳିତ ଜାତିସଂଘ ପକ୍ଷରୁ କରାଯାଇଥିବା ଅଧ୍ୟୟନ ମୁତାବକ ଭାରତର ବିକାଶ ହାରରେ ସକାରାତ୍ମକ ପରିବର୍ତ୍ତନ ଆସିବା ସମ୍ଭାବନା ରହିଛି। ଭାରତୀୟ ଅର୍ଥ ବ୍ୟବସ୍ଥା ଏବେ ମାନ୍ଦାବସ୍ଥା ଦେଇ ଗତି କରୁଥିବାରୁ ସରକାର ଏ ଦିଗରେ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଅଭିବୃଦ୍ଧି ଧାରାକୁ ପ୍ରୋତ୍ସାହିତ କରିବା ଲାଗି ସରକାର ସଂସ୍କାର ପ୍ରକ୍ରିୟାକୁ ନିରନ୍ତର କରିବାର ଆବଶ୍ୟକତା ରହିଛି। ଆର୍ଥିକ କ୍ଷେତ୍ର ସଂସ୍କାର ଏବଂ ଅର୍ଥନୈତିକ ସଂସ୍କାରଧାରା ଦ୍ୱାରା ଭାରତର ଚାହିଦାକୁ ବୃଦ୍ଧି କରାଯାଇପାରିବ ବୋଲି ମିଳିତ ଜାତିସଂଘ ଏହାର ୱାର୍ଲ୍ଡ ଇକୋନୋମିକ ସିଚୁଏଶନ ଆଣ୍ଡ ପ୍ରସପେକ୍ଟ ୨୦୨୦ ରିପୋର୍ଟରେ ପ୍ରକାଶ କରିଛି।

ଚାହିଦା ଉନ୍ନତ ହେଲେ ଭାରତର ବିକାଶ ହାର ୬.୬% ଛୁଇଁପାରେ ବୋଲି ଏହା ରିପୋର୍ଟରେ ଉଲ୍ଲେଖ କରିଛି। ଘରୋଇ ବଜାରର ବିକାଶ ହାର ୫% ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଏହା ଆସନ୍ତା ଆର୍ଥିକ ବର୍ଷରେ ୫.୯% ପର୍ଯ୍ୟନ୍ତ ବଢ଼ିପାରେ ବୋଲି ଏସିଆ ଏବଂ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ସାମାଜିକ ଏବଂ ଅର୍ଥନୈତିକ କମିଶନ ନାଗେସ କୁମାର କହିଛନ୍ତି। ଭାରତର ମୌଳିକ ଢାଞ୍ଚା ଦୃଢ ଥିବା ସେ ମତ ରଖିଛନ୍ତି। ସୂଚନାଯୋଗ୍ୟ, ଦେଶରେ ଚାହିଦା ଏବଂ ନିବେଶ କମିବା ଯୋଗୁ ଦେଶର ଜିଡିପି ବିକାଶ ହାର ୫%କୁ ଖସିବ ବୋଲି କୁହାଯାଇଛି। ଏହା ଚଳିତ ଆର୍ଥିକ ବର୍ଷ ଦ୍ୱିତୀୟ ତ୍ରୈମାସରେ ୬ ବର୍ଷର ସର୍ବନିମ୍ନ ସ୍ତର ୪.୫%କୁ ଖସିଛି। ପ୍ରାୟ ଅଧିକାଂଶ ଅନ୍ତର୍ଜାତୀୟ ଏଜେନ୍ସି ଭାରତର ବିକାଶ ହାର କମିବ ବୋଲି ପୂର୍ବାନୁମାନରେ କହିଛନ୍ତି। ଦେଶରେ ନିଯୁକ୍ତି ମଧ୍ୟ ଏବେ ପ୍ରଭାବିତ ସ୍ଥିତିରେ ରହିଛି। ଦରଦାମ ବଢି ଚାଲିଥିବା ବେଳେ ମାନ୍ଦାବସ୍ଥା ଯୋଗୁ ସରକାରଙ୍କ ରାଜସ୍ୱ ମଧ୍ୟ କମିଛି। ବିଶେଷକରି ଚାହିଦା କମିବା ଯୋଗୁ ଏହାର ପ୍ରଭାବ ବଜାର ଉପରେ ପଡିଛି। ଆର୍ଥିକ କାର୍ଯ୍ୟକଳାପ ଖସିବା ଯୋଗୁ ଜିଡିପି ବିକାଶ ହାର ନିମ୍ନଗାମୀ ହୋଇଥିବା କୁହାଯାଉଛି।

# ଆଦାନୀ ବିରୋଧରେ ଆପରାଧିକ ମାମଲା

**ନୂଆଦିଲ୍ଲୀ,୧୭-୧**

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ପକ୍ଷରୁ ଆଦାନୀ ଏଣ୍ଟରପ୍ରାଇଜେସ ବିରୋଧରେ ଆପରାଧିକ ମାମଲା ରୁଜୁ ହୋଇଛି। ନ୍ୟାଶନାଲ କୋଅପରେଟିଭ କଞ୍ଜ୍ୟୁମର ଫେଡେରେଶନ (ଏନ୍‌ସିସିଏଫ୍) ଅଧିକାରୀଙ୍କ ସହ ମିଳିତ ହୋଇ ବେଆଇନ ଭାବେ ଏକ କୋଇଲା ଯୋଗାଣ କଣ୍ଟ୍ରାକ୍ଟ ଆଦାନୀ ଲାଭ କରିଥିବା ଅଭିଯୋଗ ଆସିଛି। ଆନ୍ଧ୍ରପ୍ରଦେଶ ସରକାରଙ୍କ ଏକ କମ୍ପାନୀକୁ ଆଦାନୀ କୋଇଲା ଯୋଗାଣ ନେଇ ଏହି ଚୁକ୍ତି ଲାଭ କରିଥିଲା। ସିବିଆଇ ପୂର୍ବତନ ଏନ୍‌ସିସିଏଫ୍ ଅଧ୍ୟକ୍ଷ ବିରେନ୍ଦର ସିଂ, ପରିଚାଳନା ନିର୍ଦ୍ଦେଶକ ଜି.ପି.ଗୁପ୍ତା, ପୂର୍ବତନ ବରିଷ୍ଠ ପରାମର୍ଶଦାତା ଏସ୍.ସି. ସିଂଘଲଙ୍କ ନାମ ଏଫ୍ଆଇଆର୍‌ରେ ଉଲ୍ଲେଖ କରିଛି। ଦୁର୍ନୀତି ନିରୋଧ ଆଇନରେ ଏମାନଙ୍କ ବିରୋଧରେ ମାମଲା ଦାୟର ହୋଇଥିବା ଜଣାପଡ଼ିଛି। ଆନ୍ଧ୍ରପ୍ରଦେଶ ପାୱାର ଜେନେରେଶନ କର୍ପୋରେଶନ ଲିମିଟେଡକୁ ୨୦୧୦ରେ ୬ ଲକ୍ଷ ଟନ୍




କୋଇଲା ଯୋଗାଣ ନେଇ ଟେଣ୍ଡର ଆସିଥିଲା। ସିଂ ଏବଂ ଗୁପ୍ତା ଅହମ୍ମଦାବାଦ ଭିତ୍ତିକ ଆଦାନୀ ଏଣ୍ଟରପ୍ରାଇଜେସକୁ ଉକ୍ତ ଟେଣ୍ଡର ପାଇବାରେ ଅନୁକମ୍ପା କରିଥିବା ଅଭିଯୋଗ ଆସିଛି। ମାମଲାରେ ଜଡ଼ିତ ଥିବା ବ୍ୟକ୍ତିବିଶେଷଙ୍କୁ ଶୀଘ୍ର ସମନ ଜାରି କରାଯିବ ବୋଲି ସିବିଆଇ କହିଛି। କୋଇଲା ଯୋଗାଣ କଣ୍ଟ୍ରାକ୍ଟ ଲାଭ କରିବା ଲାଗି ସମସ୍ତ ନିୟମ ଦେଇ ଯାଇଥିବା ଆଦାନୀ ଏଣ୍ଟରପ୍ରାଇଜେସ ମୁଖପାତ୍ର କହିଛନ୍ତି। ଏ ଦିଗରେ କମ୍ପାନୀ କୌଣସି ବେଆଇନ କାର୍ଯ୍ୟ କରିନାହିଁ। ଏହା ଏକ ପ୍ରାଥମିକ ତଦନ୍ତ ରିପୋର୍ଟ ହୋଇଥିବାବେଳେ କର୍ତ୍ତୃପକ୍ଷଙ୍କୁ ତଦନ୍ତର ସବୁ ରିପୋର୍ଟ ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି।



# ହୋଣ୍ଡାର ନୂଆ ଦକ୍ଷତା ବିକାଶ କେନ୍ଦ୍ର

**କଟକ,୧୭-୧**

ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ୍ ପକ୍ଷରୁ କଟକସ୍ଥିତ ସରକାରୀ ଆଇଟିଆଇଠାରେ ଦକ୍ଷତା ବିକାଶ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଭାରତ ସରକାରଙ୍କ ଦକ୍ଷତା ମିଶନ କାର୍ଯ୍ୟକ୍ରମ ପ୍ରତି ନିଜର ଯୋଗଦାନ ଆଧାରରେ କମ୍ପାନୀ ପକ୍ଷରୁ ଏଭଳି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ସ୍ଥାନୀୟ ଯୁବବର୍ଗଙ୍କୁ ନିଯୁକ୍ତି କୈନ୍ଦ୍ରିକ ବୈଷୟିକ ଦକ୍ଷତା ତାଲିମ ପ୍ରଦାନ କରିବା ଦିଗରେ ଏହା ସହାୟକ ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମ ଅବସରରେ ରାଜ୍ୟ ବୈଷୟିକ ଶିକ୍ଷା ତାଲିମ ଉପନିର୍ଦ୍ଦେଶକ ଏ.କେ. ପଣ୍ଡା, ପ୍ରତିଷ୍ଠାନର ଅଧ୍ୟକ୍ଷ ଡ.ହୃଷୀକେଶ ମହାନ୍ତି, ହୋଣ୍ଡାର ଅତିରିକ୍ତ ସାଧାରଣ ପରିଚାଳକ ସଞ୍ଜୁଲ ସକ୍ସେନା ପ୍ରମୁଖ ଉପସ୍ଥିତ ଥିଲେ। ଦୁଇଚକିଆ ଯାନ ମରାମତି, ରକ୍ଷଣାବେକ୍ଷଣ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ତାଲିମ ପ୍ରଦାନ ଲାଗି ସ୍ୱୟଂସମ୍ପୂର୍ଣ୍ଣ କର୍ମଶାଳା ଏଠାରେ ରହିଛି। ଯାନର ପ୍ରଯୁକ୍ତିବିଦ୍ୟା ସମ୍ପର୍କରେ ଆବଶ୍ୟକ ପ୍ରୟୋଗାତ୍ମକ ତାଲିମ ନେଇପାରିବେ। ୧ ବର୍ଷର ତାଲିମ ପରେ ବିଦ୍ୟାର୍ଥୀମାନଙ୍କୁ ହୋଣ୍ଡାର ବିଭିନ୍ନ ଡିଲରଶିପରେ ନିଯୁକ୍ତି ପ୍ରଦାନ କ୍ଷେତ୍ରରେ କମ୍ପାନୀ ପକ୍ଷରୁ ଆବଶ୍ୟକ ସହାୟତା ପ୍ରଦାନ କରାଯିବ। ଦକ୍ଷ ଶ୍ରମ ଶକ୍ତିର ଆବଶ୍ୟକତାକୁ ଉପଲବ୍ଧି କରି କମ୍ପାନୀ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଉଥିବା କମ୍ପାନୀର ଗ୍ରାହକ ସେବା ବିଭାଗ ବରିଷ୍ଠ ଉପସଭାପତି ପ୍ରଦୀପ ପାଣ୍ଡେ କହିଛନ୍ତି।

# ଆଇସିଏସ୍ଆଇ ପକ୍ଷରୁ ବିଜ୍‌ନେସ ଲ କର୍ମଶାଳା

**ଭୁବନେଶ୍ୱର,୧୭-୧**

ଇନଷ୍ଟିଚ୍ୟୁଟ ଅଫ୍ କମ୍ପାନୀ ସେକ୍ରେଟାରିଜ ଅଫ୍ ଇଣ୍ଡିଆ (ଆଇସିଏସ୍ଆଇ) ଭୁବନେଶ୍ୱର ଚାପ୍ଟର ପକ୍ଷରୁ କର୍ପୋରେଟ ଏବଂ ବାଣିଜ୍ୟ ଆଇନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟ ପ୍ରମୁଖ ସଚିବ ମଧୁସୂଦନ ପାଢ଼ୀ କହିଛନ୍ତି ଯେ, କମ୍ପାନୀ ସେକ୍ରେଟାରିମାନେ କେବଳ ଅନୁପାଳନ ଅଧିକାରୀ ହୋଇ ନ ଥାନ୍ତି, ସେମାନେ ପରିଚାଳନା ଦିଗରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି। ରାଜ୍ୟ ସରକାର ନିୟମ ଏବଂ ଟେକ୍ନୋଲୋଜିରେ ସରଳୀକରଣ ଦ୍ୱାରା ଇଜ୍ ଅଫ୍ ଡୁଇଂ ବିଜନେସକୁ ପ୍ରୋତ୍ସାହିତ କରୁଛନ୍ତି। ସ୍ୱାଧୀନ ନିର୍ଦ୍ଦେଶକଙ୍କ ଭୂମିକା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ନାଲ୍‌କୋ ଅଧ୍ୟକ୍ଷ ଶ୍ରୀଧର ପାତ୍ର କହିଛନ୍ତି ଯେ, କମ୍ପାନୀଗୁଡିକ କ୍ଷେତ୍ରରେ ଲାଗୁ ହେଉଥିବା ବିଭିନ୍ନ ଆଇନ କ୍ଷେତ୍ରରେ କମ୍ପାନୀ ସେକ୍ରେଟାରୀମାନେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି। ୨ ଦିନିଆ କର୍ମଶାଳାରେ କମ୍ପାନୀ ଆଇନ, ନିଧି କମ୍ପାନୀ, ସ୍ୱାଧୀନ ନିର୍ଦ୍ଦେଶକଙ୍କ ଭୂମିକା, ରିୟଲ ଇଷ୍ଟେଟ ନିୟାମକ କର୍ତ୍ତୃପକ୍ଷ, ମଧ୍ୟସ୍ଥତା ଏବଂ ବୌଦ୍ଧିକ ସମ୍ପତ୍ତି ଅଧିକାର ଭଳି ବିଭିନ୍ନ ଦିଗରେ ଆଲୋଚନା କରାଯାଇଥିଲା।

# ଏନ୍ଏଚ୍ଏଆଇର ସଡ଼କ ସୁରକ୍ଷା ସପ୍ତାହ ପାଳନ



**ଭୁବନେଶ୍ୱର,୧୭-୧**

ଭାରତୀୟ ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍ଏଚ୍ଏଆଇ) ପକ୍ଷରୁ ସଡକ ସୁରକ୍ଷା ସପ୍ତାହ ପାଳନ କରାଯାଇଛି। ଏଥିରେ ସଡକ ସୁରକ୍ଷା ବିଶେଷଜ୍ଞ, ଏନ୍ଏଚ୍ଏଆଇର ଓଡ଼ିଶା ଆଞ୍ଚଳିକ କାର୍ଯ୍ୟାଳୟ ଅଧୀନରେ ବିଭିନ୍ନ ପ୍ରକଳ୍ପର ସୁରକ୍ଷା ପରାମର୍ଶଦାତା ଏହି କର୍ମଶାଳାରେ ଯୋଗ ଦେଇଥିଲେ। ବିଭିନ୍ନ ଦୁର୍ଘଟଣା ପ୍ରବଣ ବ୍ଲାକ୍ ସ୍ପଟ୍, ସମ୍ବେଦନଶୀଳ ସ୍ଥାନଗୁଡିକର ସମୀକ୍ଷା କରାଯାଇଥିଲେ। ଏଥିରେ ଆଞ୍ଚଳିକ ମୁଖ୍ୟ ମହାପ୍ରବନ୍ଧକ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ସଡ଼କ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଜୟଦେବ ବିହାରଠାରୁ ବରମୁଣ୍ଡା ମଧ୍ୟରେ ଏକ ସଡ଼କ ସୁରକ୍ଷା ୱାକାଥନ ମଧ୍ୟ ଅନୁଷ୍ଠିତ ହୋଇଥିବା ଏନ୍ଏଚ୍ଏଆଇ ପକ୍ଷରୁ ସୂଚନା ରହିଛି।

# ଏଲ୍‌ପିୟୁର ପ୍ଲେସ୍‌ମେଣ୍ଟ ଡେ

**ଜଲନ୍ଧର,୧୭-୧:** ଲଭଲି ପ୍ରଫେସନାଲ ୟୁନିଭର୍ସିଟି(ଏଲ୍‌ପିୟୁ) ପକ୍ଷରୁ ପ୍ଲେସମେଣ୍ଟ ଡେ ପାଳନ କରାଯାଇଛି। ଉତ୍ତର ଭାରତରେ ଛାତ୍ରୀଛାତ୍ରୀଙ୍କୁ ନିଯୁକ୍ତି ପ୍ରଦାନ କ୍ଷେତ୍ରରେ ବିଶ୍ୱବିଦ୍ୟାଳୟ ରେକର୍ଡ କରିଥିବା କହିଛି। କେବଳ ଫର୍ଚ୍ୟୁନ ୫୦୦ କମ୍ପାନିଙ୍କ ଦ୍ୱାରା ୫୦୦ ଜବ୍ ଅଫର ପ୍ରଦାନ କରାଯାଇଛି। ଅନୁଷ୍ଠାନର ଜଣେ ଛାତ୍ର ମାଇକ୍ରୋସଫ୍ଟରେ, ଅନ୍ୟ ଜଣେ ଇଞ୍ଜିନିୟରିଂ ଛାତ୍ର ବାର୍ଷିକ ୪୨ ଲକ୍ଷ ଟଙ୍କାର ପ୍ୟାକେଜରେ ନିଯୁକ୍ତି ପାଇଛନ୍ତି। ମ୍ୟାନେଜମେଣ୍ଟ ବର୍ଗରେ ୧୯.୭୫ ଲକ୍ଷ ପ୍ୟାକେଜରେ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ଲାଭ କରିଛନ୍ତି। କ୍ୟାମ୍ପସକୁ ଆସିଥିବା ପ୍ରମୁଖ କମ୍ପାନୀଙ୍କ ମଧ୍ୟରେ ଆମାଜନ, ବୋସ୍, କ୍ୟାପଜେମିନି, କଗନିଜାଣ୍ଟ, ଭିର୍ଟୁଶା ଏବଂ ଟିସିଏସ୍ ଭଳି କମ୍ପାନୀ ରହିଛନ୍ତି। ଛାତ୍ରୀଛାତ୍ରଙ୍କ କ୍ୟାରିୟର ଗଠନ ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଥିବା ଏଲ୍‌ପିୟୁର ପ୍ରୋ ଭାଇସ ଚାନସେଲର ରଶ୍ମି ମିତ୍ତଲ କହିଛନ୍ତି।



ODISHA STATE MEDICAL CORPORATION LTD.
(A Govt. of Odisha Undertaking)
(Assuring Quality, Saving lives)
No. CAD-827
Phone No. : (0674) 2380660,2380950
Website: www.osmcl.nic.in
Email: admn.osmcl@nic.in

NOTICE
Date: 16.01.2020

INFORMATION FOR TENDER FOR PROCUREMENT OF MOTHER AND BABY KIT (SAMMPurNA KIT)

Odisha State Medical Corporation Ltd (OSMCL) is shortly going to float the tender in GeM portal for the **Mother and Baby kit (SAMMPurNA kit)**. The Bunched bids will be floated for the following products **(1) "Baby Care Kit-ICDS" under the category of Bath and Body (2) "Baby Wrapping Sheet" under the category of Overalls and Coveralls (3) "Baby cap for Newborn" under the category of Overalls and Coveralls (4) "Mother Care kit" under the category of Bath and Body (5) "Outer Carry Bag for Mother and Baby Care kit" under the category of Bags**. So, Prospective bidders are here by requested to register all the above products in GeM portal. For detailed specifications of the products, the Prospective bidders are requested to refer to Odisha State Medical Corporation Ltd (OSMCL) website (**http:// www.osmcl.nic.in**)

Sd/- Managing Director

10112/11/0023/1920

Regd. Office: Odisha State Medical Corporation Ltd., Convent Square, Bhubaneswar – 751007, Odisha

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LIMITED
OPTCL Lifeline of Odisha
(A Government of Odisha Undertaking)
Regd.Office: Janpath, Bhubaneswar-751022, CIN:U4102OR2004SGC007553

TENDER NOTICE NO. SRGM (S&S)-32/2019-20

No. EMC-185/19/23 Dt. 17.01.2020

For and on behalf of **ODISHA POWER TRANSMISSION CORPORATION LTD., Sr. G.M. (S&S)** invites Tenders from reputed firms for internal rewiring of office of Bharatnet, Technical building, OPTCL, Bhubaneswar duly superscribed on the cover as: **"Tender for Internal rewiring of office of Bharatnet, Technical building, OPTCL, Bhubaneswar"**. Tender papers can be downloaded from the OPTCL website from **dt. 18.01.2020** to **dt. 05.02.2020** upto **1.00PM**. The last date for receipt of tender is **dt. 05.02.2020** upto **1.00PM.** The tender will be opened on **dt. 05.02.2020** at **4.00PM.** Interested firms may visit OPTCL's official website **www.optcl.co.in** for detail specifications.

Sd/-
SR. GENERAL MANAGER (S&S)

Please connect us: optcl.odisha optcl_odisha energyodisha

ODISHA COOPERATIVE TASAR & SILK FEDERATION (SERIFED) LTD.
Sahid Nagar, Janpath, Bhubaneswar-751007
Tel. No. 0674-2545586/2545852, E-mail : serifedodisha@gmail.com, website- www.serifedodisha.in

INVITATION FOR BIDS (e-Procurement)

**Bid identification no :- VI-30 (05)/SERIFED/2019-20/73/ Dt. 16.01.2020**
The MANAGING DIRECTOR, SERIFED invites Item rate Tenders in single cover system in ONLINE MODE only, for the work **"Renovation of Art & Craft Show House for SIDAC"** at Gandamunda, Bhubaneswar as follows. **(1) Nature of the work :** Renovation of Art & Craft Show House Building etc. **(2) Value of Tender : Rs.20,63,977/-** (Excluding GST), **(3) Cost of Bid Document :** Rs.6,000/- + 1080 (GST @ 18%), **(4)** EMD : **Rs.20,640/-, (5) Class of Contractor :** "C" & "B" Class, **(6) Availability of Bid Documents in the website - www.tendersodisha.gov.in :** Dt.25.01.2020 to 10.02.2020 up to 5.00 PM, **(7) Pre bid meeting for clarification of bidders :** Dt.31.01.2020 at 3.00 P.M. in the office of SERIFED, **(8) Last date / time of receipt of Bids in the Portal :** Dt.10.02.2020 up to 5.00 PM, **(9) Date of Opening of Technical Bid (Online) :** 11.30 A.M. on Dt.11.02.2020. The Bidders have to participate in ONLINE bidding only. Further details can be seen from the website **www.tendersodisha.gov.in**. Any addendum/corrigendum / cancellation of tender can also be seen in the said website.

Sd/- Managing Director

Odisha State Medical Corporation Limited (OSMCL)
(Assuring Quality, Saving Lives)
In front of Ram Mandir, Convent Square, Unit – III,
Bhubaneswar -751 001
Tel. : (0674) 2380660/2380608
Website : www.osmcl.nic.in Email : logistics.osmcl.od@nic.in
No. CAD-829

**Tel.** : (0674) 2380950, **Website** : www.osmcl.nic.in , **Email** : logistics.osmcl.od@nic.in
Bid Ref. No.: **OSMCL/2019-20/DRUGS-DHS-RE-TENDER/08** Date: **16 /01 /2020**
**Online Bids** through **e-Tender portal** (https://tendersodisha.gov.in) are invited from eligible bidders for **supply of Drugs, Medical Consumables, Surgical & Suture Items as per the particulars mentioned below:**

| Sl. No. | Particulars | Date and time | |
|---|---|---|---|
| 1. | Date & time of release of bid | 20 / 01 / 2020, 3 PM | |
| 2. | Date & time of Pre-bid meeting | 27 / 01 / 2020, 11:00 AM Venue : Tender Evaluation Room, Odisha State Medical Corporation Ltd., In front of Ram Mandir, Convent Square, Unit – III, Bhubaneswar | |
| 3. | Date & time of Online bid submission | Start Date & Time<br>01 /02 / 2020, 3.00 PM | End Date & Time<br>15/ 02/2020, 6.00 PM |
| 4. | Date & time for submission of Tender Documents, Tender Document Fee and EMD amount as per section-IV of tender document | Start Date & Time<br>17 /02 /2020, 10.00 AM | End Date & Time<br>25/02 /2020, 11.00 AM |
| 5. | Date & time for submission of Samples as per section-IV of tender document | 17 /02 /2020, 10.00 AM | 25/ 02 /2020, 5.00 PM |
| 6. | Date & time of online Technical bid opening | 25 /02 /2020, 11:30 AM | |
| 7. | Date of opening of Price Bid | To be informed to the qualified bidders | |

The bid document with all information relating to the bidding process including cost of bid document, EMDs, Prequalification criteria and terms & conditions are available in the websites: www.osmcl.nic.in and https://tendersodisha.gov.in The Authority reserves the right to accept / reject any part thereof or all the bids without assigning any reason thereof.

10112/11/0024/1920 Sd/- Managing Director OSMCL

GOVERNMENT OF ODISHA
Office of the Executive Engineer
N.H. Division, Bhubaneswar Email-eenh_bbsr@yahoo.co.in Ph No-0674-2972908
No. b-75

INVITATION FOR BIDS
BID IDENTIFICATION NO. 09 EE NH, BBSR of 2019-20

The Executive Engineer, National Highways Division, Bhubaneswar on behalf of Governor of Orissa invites **percentage rate bids in single cover system** on **online mode** for construction of works as detailed in the table below **from eligible contractors as mentioned in Col. 7** registered with the State Govt. and Contractors of equivalent Grade or Class registered with Central Government/Other State Government/MES/Railways for execution of Civil Works, on production of definite proof from the appropriate authority.

| Sl No | Name of work | Approximate Estimated cost put to Tender | Concerned Sub-Division | Bid security EMD (online) | Cost of Bid documents (Rs online) | Class of Bidder | Period of completion. |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Costruction of 1 Row 1200mm dia. HP Culvert at chainage 299/900Km on NH-57 for the year 2019-20. (Under Urban Link) | Rs. 1056804/- | NH Sub Division Khordha | Rs. 10568/- | Rs.6,000/- | "D"&"C" | 01(One) calendar month |

The bidders have to participate in ONLINE bidding only. The web-site for "ONLINE BIDDING" is http://tendersodisha.gov.in.

2. Bid documents will be available in above website from **Dt. 21.01.2020 to Dt.05.02.2020 up to 17.00 Hours**. The cost of Bid document and EMD as stated in the DTCN shall be deposited in online as per instruction in the portal. Bids of the above work shall be opened **at 11.30 hours on Dt.06.02.2020.** The bidder must possess matching class compatible Digital Signature Certificate (DSC). Further details and other terms and conditions can be seen from the website www.tendersodisha.gov.in
3. Subsequent corrigendum / addendum if required shall be available in the website as indicated above.
4. The authority reserves the right to cancel any/all bids without assigning any reason.

Sd/- Ajit Prasad Mohapatra Executive Engineer
N.H. Division, Bhubaneswar

34044/11/0002/1920

OFFICE OF THE COACH IN CHARGE, SPORTS HOSTEL, BRAHMAPUR
Email address - shbrahmapur@gmail.com
Phone No.- 0680-2228522

Letter No.12 /SHB. Dated: 16.01.2020

TENDER CALL NOTICE

Sealed Quotations are invited from the Manufacturers/ Dealers/Agency/ Suppliers for supply of Game equipments, Dress, shoes materials, Cot, Bed sheet, Mosquito net, Mattress & Blanket for use of the inmates of Sports Hostel, Brahmapur, The last date of receipt of quotation is 30.01.2020 at 3.00 PM and will be opened on 30.01.2020 at 4.00 PM. At Sports Hostel, Brahmapur. The details in this regard can be downloaded from the website of Ganjam Collectorate i.e. ganjam.nic.in or obtain from the Office of Sports Hostel Brahmapur.
The authority reserves the right to reject any or all quotations or cancel the entire process without assigning any reason thereof.

By Order of ADM,Ganjam
Sd./-
Coach In Charge
Sports Hostel, Brahmapur

“ ଇଞ୍ଜୁରୀରୁ ଫେରିବା ଲାଗି ତରବର ନୁହେଁ, ବିଳମ୍ବ ଘଟିପାରେ। ମୁଁ କେବେ ଫିଟ୍ ହେବି କହିବା ମୁସ୍କିଲ।

–ଆଣ୍ଡି ମୁରେ, ବ୍ରିଟିଶ ଟେନିସ ଖେଳାଳି



“ ଚଳିତ ବର୍ଷ ଟି୨୦ ବିଶ୍ୱକପ୍ ଖେଳିସାରିବା ପରେ ମୁଁ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବି।

–ମହମ୍ମଦ ହାଫିଜ୍, ପାକିସ୍ତାନ ଅଲରାଉଣ୍ଡର



## ସଂକ୍ଷେପରେ

### ଭାରତୀୟ ଦଳରେ କେ.ଏସ୍. ଭରତ

ରାଜକୋଟ,୧୭।୧(ପି.ଟି.)- ଆହତ ସମସ୍ୟା ଯୋଗୁ ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଦିନିକିଆରୁ ବାଦ୍ ପଡ଼ିଥିବା ରିଷଭ ପନ୍ତଙ୍କ ବ୍ୟାକଅପ୍ ଖେଳାଳି ଭାବେ ଆନ୍ଧ୍ର ପ୍ରଦେଶ ଉଇକେଟକିପର କେ.ଏସ୍. ଭରତଙ୍କୁ ଭାରତୀୟ ଦଳରେ ସାମିଲ କରାଯାଇଛି। କିନ୍ତୁ ତାଙ୍କୁ ପଦାର୍ପଣ ସୁଯୋଗ ମିଳିନାହିଁ। ମ୍ୟାଚ୍‌ରେ ଲୋକେଶ ରାହୁଲ ଉଇକେଟକିପର ଦାୟିତ୍ୱରେ ରହିଥିଲେ। ୨୬ ବର୍ଷୀୟ ଭରତ ୭୪ ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳି ୪୧୪୩ ରନ୍ କରିସାରିଛନ୍ତି। ଟି୨୦ କ୍ରିକେଟରେ ତାଙ୍କ ଷ୍ଟ୍ରାଇକରେଟ୍ ୧୦୦ରୁ ଅଧିକ ରହିଛି। ସର୍ବଭାରତୀୟ ସିନିୟର ଚୟନ କମିଟି ବ୍ୟାକଅପ ଉଇକେଟକିପର ଭାବେ ଭରତଙ୍କ ନାମ ଘୋଷଣା କରିଛି ବୋଲି ବିସିସିଆଇ ସମ୍ପାଦକ ଜୟ ଶାହା କହିଛନ୍ତି। ସଞ୍ଜୁ ସାମସନ ଓ ଇଶାନ କିଷନ ଭାରତୀୟ ଏ’ ଦଳର ସଦସ୍ୟ ଭାବେ ନ୍ୟୁଜିଲାଣ୍ଡ ଗସ୍ତ କରିଛନ୍ତି। ଏଣୁ ଚୟନ କମିଟି ଭରତଙ୍କ ନାମ ଘୋଷଣା କରିଛି। ଉଲ୍ଲେଖଥାଉ କି, ମୁମ୍ବାଇଠାରେ ଅଷ୍ଟ୍ରେଲିଆ ବିପକ୍ଷରେ ଅନୁଷ୍ଠିତ ପ୍ରଥମ ଦିନିକିଆରେ ପନ୍ତଙ୍କ ମୁଣ୍ଡରେ ବଲ ବାଜିଥିଲା।

### ଟେଷ୍ଟରୁ ବାସନ୍ଦ ରାବାଡା

ପୋର୍ଟ ଏଲିଜାବେଥ,୧୭।୧- ଦକ୍ଷିଣ ଆଫ୍ରିକାର ଅଗ୍ରଣୀ ପେସର କାଗିସୋ ରାବାଡା ଇଂଲଣ୍ଡ ବିପକ୍ଷ ଚତୁର୍ଥ ତଥା ଅନ୍ତିମ ଟେଷ୍ଟରୁ ବାଦ୍ ପଡ଼ିଛନ୍ତି। ସେଣ୍ଟ ଜର୍ଜସ ପାର୍କଠାରେ ଇଂଲଣ୍ଡ ବିପକ୍ଷରେ ଚାଲିଥିବା ତୃତୀୟ ଟେଷ୍ଟର ପ୍ରଥମ ଦିନରେ ରାବାଡା ପ୍ରତିପକ୍ଷ ଦଳର ଅଧିନାୟକ ଜୋ ରୁଟଙ୍କୁ କ୍ଲିନ ବୋଲ୍ଡ କରିବା ପରେ ଉତ୍ତେଜନାମୂଳକ ପ୍ରତିକ୍ରିୟା ଦେଇଥିଲେ। ସେଥିନେଇ ତାଙ୍କ ମ୍ୟାଚ୍ ଫିʼର ୧୫ ପ୍ରତିଶତ କାଟ କରାଯିବା ସହ ଏକ ଡିମେରିଟ ପଏଣ୍ଟ ଦିଆଯାଇଛି। ଗତ ୨୪ ମାସ ମଧ୍ୟରେ ଏହା ତାଙ୍କର ୪ର୍ଥ ଡିମେରିଟ ପଏଣ୍ଟ। ଏଥିଯୋଗୁ ଗୋଟିଏ ଟେଷ୍ଟରୁ ରାବାଡା ବାସନ୍ଦ ହେବା ସ୍ପଷ୍ଟ ହୋଇଛି। ସିରିଜ୍‌ର ଅନ୍ତିମ ଟେଷ୍ଟ ଜୋହାନ୍ସବର୍ଗର ୱାଣ୍ଡରସ ଗ୍ରାଉଣ୍ଡରେ ଖେଳାଯିବ। ସୂଚନାଯୋଗ୍ୟ, ଉଇକେଟ ନେବା ପରେ ରାବାଡା ରୁଟଙ୍କ ସାମ୍ନାରେ ଚିତ୍କାର କରିଥିଲେ।

### ଫାଇନାଲରେ ମଙ୍ଗଳା କ୍ଲବ

ଭୁବନେଶ୍ୱର,୧୭।୧(ସ୍ପୋର୍ଟ୍ସ ବ୍ୟୁରୋ)- ଶିବଶକ୍ତି କ୍ଲବ ଆନୁକୂଲ୍ୟରେ ତମାଣ୍ଡୋ ମିନିଷ୍ଟାଡିୟମରେ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛି ମଙ୍ଗଳା କ୍ଲବ। ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ପୂର୍ବତଟ ରେଲୱେକୁ କଟକର ମଙ୍ଗଳା କ୍ଲବ ୧-୦ ଗୋଲରେ ହରାଇ ଦେଇଛି। ଖେଳର ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲା। ଦ୍ୱିତୀୟାର୍ଦ୍ଧ ତଥା ୫୪ତମ ମିନିଟ୍‌ରେ ରାକେଶ ସାହୁଙ୍କ ଗୋଲ ମଙ୍ଗଳା କ୍ଲବ ପାଇଁ ବିଜୟ ସୂଚକ ସାବ୍ୟସ୍ତ ହୋଇଥିଲା। ଟି. ମୋହନ ରାଓ, ପ୍ରିୟବ୍ରତ ବାହିନିପତି, ଅବିନାଶ ପଟ୍ଟନାୟକ, ବେଣୁଧର ଦାସ ରେଫରି ଭାବେ ମ୍ୟାଚ୍ ପରିଚାଳନା କରିଥିଲେ। ବିଜୟୀ ଦଳର ଆର୍ତ୍ତ ସାମଲଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ପୁରସ୍କାର ବିତରଣ ଉତ୍ସବରେ ଶକ୍ତିଶଙ୍କର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଆସନ୍ତା ରବିବାର ଫାଇନାଲ ମ୍ୟାଚ୍‌ରେ ମଙ୍ଗଳା କ୍ଲବ ଓ ସଂଘର୍ଷ କ୍ଲବ ପରସ୍ପରକୁ ଭେଟିବେ।

## ଦ୍ୱିତୀୟ ଦିନିକିଆ: ଭାରତର ଦୃଢ଼ ପ୍ରତ୍ୟାବର୍ତ୍ତନ

# ଅଷ୍ଟ୍ରେଲିଆ ୩୬ ରନରେ ପରାସ୍ତ

ରାଜକୋଟ,୧୭।୧(ପି.ଟି.)

ୱାଙ୍ଖେଡେରେ ଲଜ୍ଜାଜନକ ପରାଜୟ କରିବା ପରେ ଭାରତ ଦୃଢ଼ ପ୍ରତ୍ୟାବର୍ତ୍ତନ କରିଛି। ଶୁକ୍ରବାର ଦ୍ୱିତୀୟ ଦିନିକିଆରେ ଭାରତ ୩୬ ରନରେ ଭ୍ରମଣକାରୀ ଅଷ୍ଟ୍ରେଲିଆକୁ ହରାଇବା ସହ ୩ ମ୍ୟାଚ୍ ବିଶିଷ୍ଟ ସିରିଜକୁ ୧-୧ ସ୍ତରକୁ ଆଣିଛି। ଟସ୍ ଜିତି ଅଷ୍ଟ୍ରେଲିଆ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଭାରତ ପ୍ରଥମେ ବ୍ୟାଟିଂ କରି ୬ ଉଇକେଟ ହରାଇ ୩୪୦ ରନ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ନିୟମିତ ବ୍ୟବଧାନରେ ଉଇକେଟ ହରାଇ ୪୯.୧ ଓଭରରେ ୩୦୪ ରନକରି ଅଲଆଉଟ ହୋଇଥିଲା। ଲୋକେଶ ରାହୁଲ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ରବିବାର ବେଙ୍ଗାଲୁରୁରେ ତୃତୀୟ ତଥା ନିର୍ଣ୍ଣାୟକ ଦିନିକିଆ ମ୍ୟାଚ୍ ଖେଳାଯିବ।

୩୪୧ ରନ କଷ୍ଟସାଧ୍ୟ ବିଜୟ ଲକ୍ଷ୍ୟର ପିଛା କରି ସ୍ୱଳ୍ପ ରନ୍‌ରେ ଅଷ୍ଟ୍ରେଲିଆ ଦୁଇ ଇନ୍‌ଫର୍ମ ଓପନର ଡେଭିଡ ୱାର୍ନର ଓ ଅଧିନାୟକ ଆରୋନ ଫିଞ୍ଚ୍‌ଙ୍କୁ ହରାଇଥିଲା। ୧୫ ରନ କରିଥିବା ବେଳେ ୱାର୍ନର ଓ ୩୩ ରନ କରି ଫିଞ୍ଚ୍ ଆଉଟ ହୋଇଥିଲେ। ୪୭ ବଲରୁ ୪ ଚୌକା ସହ ମାର୍ନସ ଲାବୁସେନ ୪୬ ରନକରି ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଆଲେକ୍ସ କାରେ ଓ ଷ୍ଟିଭ୍ ସ୍ମିଥ୍ ଲଢୁଆ ବ୍ୟାଟିଂ କରି ସ୍କୋରକୁ ଆଗେଇ ନେଉଥିବା ବେଳେ ରିଷ୍ଟ ସ୍ପିନର କୁଲଦୀପ ଗୋଟିଏ ଓଭରରେ ଏ ଦୁଇ ଜଣଙ୍କୁ ଆଉଟ କରି ମ୍ୟାଚର ମୋଡ଼ ବଦଳାଇ ଦେଇଥିଲେ। କାରେ ୧୮ ଓ ସ୍ମିଥ୍ ୯୮ ରନ କରି କୁଲଦୀପଙ୍କ ଶିକାର ହୋଇଥିଲେ। ଏହାପରେ ସାମି କ୍ରମାଗତ ଦୁଇଟି ବଲ୍‌ରେ ଅଷ୍ଟନ ଟର୍ନର ଓ ପ୍ୟାଟ୍ କୁମିନ୍ସଙ୍କୁ ଆଉଟ କରି ହ୍ୟାଟ୍ରିକ ସମ୍ଭାବନା ସୃଷ୍ଟି କରିଥିଲେ। ସେହିପରି ଆଷ୍ଟନ ଅଗର ୨୫ ଓ ମିଚେଲ ଷ୍ଟାର୍କ ୬ ରନକରି ଗୋଟିଏ ଓଭରରେ ନବଦୀପ ସଇନିଙ୍କ ଦ୍ୱାରା ଆଉଟ ହୋଇଥିଲେ। କେନ୍ ରିଚାର୍ଡସନ ୧୧ ବଲରୁ ୪ ଚୌକା ଓ ୧ ଛକା ସହ ୨୪ ରନକରି ଅପରାଜିତ ରହିଥିଲେ। ଭାରତ ପକ୍ଷରୁ ସାମି ୩, ଜାଡେଜା, ସଇନି ଓ କୁଲଦୀପ ୨ଟି ଲେଖାଏ, ବୁମ୍‌ରା ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ଏହି ମ୍ୟାଚରେ ଭାରତୀୟ ଟପ୍ ଅର୍ଡର ଭଲ ଖେଳିଥିଲା। ଅଭିଜ୍ଞ ଓପନର ଶିଖର ଧାୱନ, ଅଧିନାୟକ ବିରାଟ କୋହଲି ଓ ଲୋକେଶ ରାହୁଲଙ୍କ ଦମ୍‌ଦାର ବ୍ୟାଟିଂ ବଳରେ ଭାରତ ବିଶାଳ ସ୍କୋର କରିଥିଲା। ପ୍ରଥମ ଉଇକେଟରେ ରୋହିତ ଶର୍ମା ଓ ଧାୱନ ୮୧ ବଲରୁ ୮୧ ରନ ସଂଗ୍ରହ କରିଥିଲେ। ୪୪ଟି ବଲ ଖେଳି ୬ ଚୌକା ସହ ରୋହିତ ୪୨ ରନକରି କ୍ରିଜ୍‌ରେ ଜମିଆସୁଥିବା ବେଳେ ସୁଇପ୍ କରିବାକୁ ଯାଇ ଲେଗ୍ ସ୍ପିନର ଆଡାମ ଜାମ୍ପାଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଏହାପରେ ଧାୱନ ୯୦ ବଲରୁ ୧୩ ଚୌକା ଓ ୧ ଛକା ସହ ୯୬ ରନକରି ଆଉଟ ହେବା ସହ ଶତକ ହାସଲରୁ ବଞ୍ଚିତ ହୋଇଥିଲେ। ସେ କେନ୍ ରିଚାର୍ଡସନଙ୍କ ବଲ୍‌ରେ ସୁନ୍ଦର ଶଟ୍ ଖେଳିଥିଲେ ମଧ୍ୟ ଫାଇନ ଲେଗ୍‌ରେ ମିଚେଲ ଷ୍ଟାର୍କଙ୍କ ହାତରେ ଧରା ପଡିଥିଲେ। ଦ୍ୱିତୀୟ ଉଇକେଟରେ ଅଧିନାୟକ କୋହଲି ଓ ଧାୱନ ୯୧ ବଲରୁ ୧୦୩ ରନ ସଂଗ୍ରହ କରିଥିଲେ। ଶ୍ରେୟାସ ଆୟାର ମାତ୍ର ୭ ରନ କରିଥିବା ବେଳେ ଜାମ୍ପାଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ଏହାପରେ କୋହଲି ୭୬ଟି ବଲର ସମ୍ମୁଖୀନ ହୋଇ ୬ ଚୌକା ସହ ୭୮ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଦଳର ସ୍କୋରକୁ ଆଗକୁ ନେଉଥିବା ବେଳେ ଜାମ୍ପାଙ୍କ ଦ୍ୱାରା ପୁଣି ଆଉଟ ହୋଇଥିଲେ। ଚତୁର୍ଥ ଉଇକେଟରେ କୋହଲି ଓ ରାହୁଲ ୬୩ ବଲରୁ ୭୮ ରନ ସଂଗ୍ରହ କରିଥିଲେ। ମନୀଷ ପାଣ୍ଡେ ଫେଲ୍ ମାରିଥିବାବେଳେ ଲୋକେଶ ରାହୁଲ ଚମତ୍କାର ପ୍ରଦର୍ଶନ କରିଥିଲେ। ମାତ୍ର ୫୨ଟି ବଲର ସମ୍ମୁଖୀନ ହୋଇ ୬ ଚୌକା ଓ ୩ ଛକା ସହ ସେ ଦ୍ରୁତ ୮୦ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଶତକ ଆଡ଼କୁ ମୁହାଁଉଥିବା ରାହୁଲ ଉଇକେଟକିପର ଆଲେକ୍ସ କାରେଙ୍କ ଡାଇରେକ୍ଟ ଥ୍ରୋʼରେ ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ ହୋଇଥିଲେ। ଅଷ୍ଟ୍ରେଲିଆ ତରଫରୁ ଜାମ୍ପା ୩ ଓ ରିଚାର୍ଡସନ ୨ଟି ଉଇକେଟ ଅକ୍ତିଆର କରିଥିଲେ। ମିଚେଲ ଷ୍ଟାର୍କ ବ୍ୟୟବହୁଳ ରହିଥିଲେ। ସେ ୧୦ ଓଭର ବୋଲିଂ କରି ସର୍ବାଧିକ ୭୮ ରନ ବ୍ୟୟ କରିଥିଲେ ମଧ୍ୟ କୌଣସି ଉଇକେଟ ପାଇ ନ ଥିଲେ।



ଷ୍ଟିଭ ସ୍ମିଥଙ୍କ ଉଇକେଟ ନେବା ପରେ କୁଲଦୀପ ଯାଦବଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

**କମ୍ ଇନିଂସରେ ୧୦୦୦ ରନ ପୂରଣ (ଭାରତ)**

| | |
|---|---|
| ୨୫ | ବିରାଟ୍ କୋହଲି/ ଶିଖର ଧାୱନ |
| ୨୫ | ନଭଜୋତ ସିଂ ସିଦ୍ଧୁ |
| ୨୭ | ଲୋକେଶ ରାହୁଲ |
| ୨୯ | ମହେନ୍ଦ୍ର ସିଂ ଧୋନୀ/ ଅମ୍ବାତି ରାୟୁଡୁ |

**କମ୍ ମ୍ୟାଚ୍‌ରେ ୧୦୦ ଉଇକେଟ (ସ୍ପିନର)**

| | |
|---|---|
| ୪୪ | ରସିଦ ଖାଁ |
| ୫୩ | ସାକଲିନ ମୁସ୍ତାକ |
| ୫୮ | ଇମ୍ରାନ ତାହିର/ କୁଲଦୀପ ଯାଦବ |
| ୬୦ | ଶେନ ୱାର୍ନ |
| ୬୩ | ଅଜନ୍ଥା ମେଣ୍ଡିସ୍ |

### ସ୍କୋର ବୋର୍ଡ

**ଭାରତ ଇନିଂସ**
ରୋହିତ–ଏଲ୍‌ବିଡବ୍ଲ୍ୟୁ–ଜାମ୍ପା–୪୨
ଧାୱନ–କ–ଷ୍ଟାର୍କ–ବୋ–ରିଚାର୍ଡସନ–୯୬
କୋହଲି–କ–ଷ୍ଟାର୍କ–ବୋ–ଜାମ୍ପା–୭୮
ଆୟାର–ବୋ–ଜାମ୍ପା–୭
ରାହୁଲ–ରନଆଉଟ(କାରେ)–୮୦
ମନୀଷ–କ–ଅଗର–ବୋ–ରିଚାର୍ଡସନ–୨
ଜାଡେଜା–ନଟଆଉଟ–୨୦
ଶାମି–ନଟଆଉଟ–୧
ଅତିରିକ୍ତ–୧୪
**ମୋଟ** : (୫୦ ଓଭର, ୬ ଉଇକେଟ) ୩୪୦।
**ଉଇକେଟ ପତନ:** ୧/୮୧, ୨/୧୮୪, ୩/୧୯୮, ୪/୨୭୬, ୫/୨୮୦, ୬/୩୩୮।
**ବୋଲିଂ (ଅଷ୍ଟ୍ରେଲିଆ)**
ପ୍ୟାଟ କୁମିନ୍ସ ୧୦–୧–୫୩–୦
ମିଚେଲ ଷ୍ଟାର୍କ ୧୦–୦–୭୮–୦
କେନ୍ ରିଚାର୍ଡସନ ୧୦–୦–୭୩–୨
ଆଡାମ ଜାମ୍ପା ୧୦–୦–୫୦–୩
ଅଷ୍ଟନ ଅଗର ୮–୦–୬୩–୦
ମାର୍ନସ ଲାବୁସେନ୍ ୨–୦–୧୪–୦।
**ଅଷ୍ଟ୍ରେଲିଆ ଇନିଂସ**
ୱାର୍ନର–କ–ମନୀଷ–ବୋ–ଶାମି–୧୫
ଫିଞ୍ଚ୍–ଷ୍ଟମ୍ପ– ରାହୁଲ–ବୋ–ଜାଡେଜା–୩୩
ସ୍ମିଥ୍–ବୋ–କୁଲଦୀପ–୯୮
ଲାବୁସେନ–କ–ଶାମି–ବୋ–ଜାଡେଜା–୪୬
କାରେ–କ–କୋହଲି–ବୋ– କୁଲଦୀପ–୧୮
ଟର୍ନର–ବୋ–ଶାମି–୧୩
ଅଗର–ଏଲବିଡବ୍ଲ୍ୟୁ–ସଇନି–୨୫
କୁମିନ୍ସ–ବୋ–ଶାମି–୦
ଷ୍ଟାର୍କ–କ–ରାହୁଲ–ବୋ–ସଇନି–୬
ରିଚାର୍ଡସନ–ନଟଆଉଟ–୨୪
ଜାମ୍ପା–ରାହୁଲ–ବୋ–ବୁମ୍‌ରା–୬
ଅତିରିକ୍ତ:–୨୦
**ମୋଟ:** (୪୯.୧ ଓଭର, ଅଲ୍‌ଆଉଟ) ୩୦୪।
**ଉଇକେଟ ପତନ:** ୧/୨୦, ୨/୮୨, ୩/୧୭୮, ୪/୨୨୦, ୫/୨୨୧, ୬/୨୫୯, ୭/୨୫୯, ୮/୨୭୪, ୯/୨୭୫, ୧୦/୩୦୪।
**ବୋଲିଂ (ଭାରତ)**
ଯଶପ୍ରୀତ୍ ବୁମ୍‌ରା ୯.୧–୨–୩୨–୧
ମହମ୍ମଦ ଶାମି ୧୦–୦–୭୭–୩
ନବଦୀପ ସଇନି ୧୦–୦–୬୨–୨
ରବୀନ୍ଦ୍ର ଜାଡେଜା ୧୦–୦–୫୮–୨
କୁଲଦୀପ ଯାଦବ ୧୦–୦–୫୬–୨
**ଲୋକେଶ ରାହୁଲ ମ୍ୟାନ୍ ଅଫ୍ ଦି ମ୍ୟାଚ୍**

## ଆନନ୍ଦଙ୍କ ପ୍ରଥମ ବିଜୟ

ଇଣ୍ଡୋଭେନ୍ (ନେଦରଲାଣ୍ଡ୍ସ), ୧୭।୧ (ପି.ଟି.)

୫ଥର ବିଶ୍ୱ ଚାମ୍ପିୟନ ବିଶ୍ୱନାଥନ ଆନନ୍ଦ ଟାଟା ଷ୍ଟିଲ୍ ମାଷ୍ଟର୍ସ ଚେସ୍ ଟୁର୍ନାମେଣ୍ଟରେ ପ୍ରଥମ ବିଜୟ ହାସଲ କରିଛନ୍ତି। ଶୁକ୍ରବାର ସେ ଯୁକ୍ତରାଷ୍ଟ୍ର ଆମେରିକାର ଜେଫ୍ରି ଜିଅଙ୍ଗଙ୍କୁ ହରାଇ ଦେଇଛନ୍ତି। ଏହା ପୂର୍ବରୁ ଆନନ୍ଦ ଖେଳିସାରିଥିବା ୪ଟି ଗେମ୍ ମଧ୍ୟରୁ ୩ଟି ଡ୍ର ରଖିଥିବାବେଳେ ଗୋଟିଏରେ ପରାଜିତ ହୋଇଛନ୍ତି। ଶୁକ୍ରବାର ବିଜୟ ଦ୍ୱାରା ଆନନ୍ଦ ୨.୫ ପଏଣ୍ଟ ସହ ମିଳିତ ୬ଷ୍ଠ ସ୍ଥାନରେ ଅଛନ୍ତି। ଫିରୋଜା ଆଲିରେଜା ନେଦରଲାଣ୍ଡର ଆନିଶ ଗିରିଙ୍କ ବିପକ୍ଷରେ ଚମକପ୍ରଦ ବିଜୟ ହାସଲ କରିଛି। ଇରାନର ଏହି ଖେଳାଳି ଅଳ୍ପ କେତେଦିନ ହେଲା ଫିଡେ ଅଧୀନରେ ଖେଳୁଛନ୍ତି। ବର୍ତ୍ତମାନ ସେ ୩.୫ ପଏଣ୍ଟ ଅର୍ଜନ କରି ଯୁକ୍ତରାଷ୍ଟ୍ର ଆମେରିକାର ୱେସ୍‌ଲେ ସୋʼଙ୍କ ସହିତ ମିଳିତ ଅଗ୍ରଣୀ ଲାଭ କରିଛନ୍ତି। ଉଭୟେ ସେମାନଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ରୁଷିଆର ଭ୍ଲାଡିସ୍ଲାଭ ଆର୍ଟେମିଭ୍, ଯୁକ୍ତରାଷ୍ଟ୍ର ଆମେରିକାର ଫାବିଆନୋ କାରୁଆନା ଏବଂ ନେଦରଲାଣ୍ଡର ଜୋର୍ଡେନ ଭାନ୍ ଫୋରିଷ୍ଟଙ୍କଠାରୁ ମାତ୍ର ଅଧା ପଏଣ୍ଟ ଆଗରେ ରହିଛନ୍ତି। ଏହା ପଛକୁ ପ୍ରତ୍ୟେକ ୨.୫ ପଏଣ୍ଟ ସହ ଆନନ୍ଦ, ବିଶ୍ୱ ଚାମ୍ପିୟନ ନରୱେର ମାଗ୍ନେସ କାର୍ଲସେନ୍, ପୋଲାଣ୍ଡର ଜାନ୍–କ୍ରିଜଫ୍ ଡୁଡା, ରୁଷିଆର ଡୁବୋଭ ଡାନିଲ ଏବଂ ଜିଅଙ୍ଗ ରହିଛନ୍ତି।

## ପାକିସ୍ତାନ ଗସ୍ତରୁ ଓହରିଲେ ମୁଶଫିକର

ଢାକା,୧୭।୧

ବାଂଲାଦେଶ ଉଇକେଟକିପର ମୁଶଫିକର ରହିମ ପାକିସ୍ତାନ ଯିବାକୁ ମନା କରି ଦେଇଛନ୍ତି। ଏ ନେଇ ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି)କୁ ଜଣାଇ ଦେଇଛନ୍ତି। ମୁଶଫିକରଙ୍କ ପତ୍ର ଆମର ହସ୍ତଗତ ହୋଇଛି। ସେ ବ୍ୟକ୍ତିଗତ କାରଣରୁ ପାକିସ୍ତାନ ଗସ୍ତରୁ ଓହରି ଯାଇଛନ୍ତି ବୋଲି ବିସିବିର କ୍ରିକେଟ ଅପରେଶନ ଚେୟାରମ୍ୟାନ ଆକ୍ରମ ଖାଁ କହିଛନ୍ତି। ତେବେ ଗସ୍ତର କେବଳ ପ୍ରଥମ ଚରଣରୁ ଓହରିଛନ୍ତି କି ଦ୍ୱିତୀୟ ଓ ତୃତୀୟ ଚରଣ ଗସ୍ତରୁ ଓହରିଛନ୍ତି, ତାହା ସ୍ପଷ୍ଟ ହୋଇନାହିଁ।

## କାର୍ଲୋସ ସେଞ୍ଜ୍‌ଙ୍କୁ ତୃତୀୟ ଟାଇଟଲ

**ଡାକାର ରାଲି**

କ୍ୱିଦିୟା (ସୌଦି ଆରବ), ୧୭।୧ (ଏଏଫ୍‌ପି)

ଭେଟେରାନ ସ୍ପାନିଶ ଡ୍ରାଇଭର କାର୍ଲୋସ ସେଞ୍ଜ୍ ଶୁକ୍ରବାର ତୃତୀୟ ଥରପାଇଁ ଡାକାର ରାଲି ଜିତିଛନ୍ତି। ୫୭ ବର୍ଷୀୟ ଏହି ଡ୍ରାଇଭର ଅନ୍ତିମ ତଥା ଦ୍ୱାଦଶ ଷ୍ଟେଜ୍‌ରେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଗତଥରର ଚାମ୍ପିୟନ କାତାରର ନାସେର ଅଲ୍ ଆଟିୟାଙ୍କୁ ୬ ମିନିଟ୍ ୨୧ ସେକେଣ୍ଡ ପଛରେ ପକାଇ ଦେଇଥିଲେ। ନାସେର ମଙ୍ଗଳବାର ସେଞ୍ଜଙ୍କୁ ୨୪ସେକେଣ୍ଡ ପଛରେ ପକାଇ ଅଗ୍ରଣୀ ଲାଭ କରିଥିଲେ। ମାତ୍ର ଏହାପରେ ସେ ଗତିପଥ ନିର୍ଦ୍ଧାରଣ ପଦ୍ଧତିରେ ତ୍ରୁଟି କରି ବସିଥିଲେ। ରେସ୍ ପରେ ସେଞ୍ଜ ଆନନ୍ଦ ପ୍ରକାଶ କରିବା ସହ ସୌଦି ଆରବରେ ପ୍ରଥମ ଅଭିଜ୍ଞତା ବେଶ୍ ରୋମାଞ୍ଚକ ଥିଲା ବୋଲି କହିଛନ୍ତି। ଆସନ୍ତା ବର୍ଷ ରେସ୍‌ରେ ସେ ଅଂଶଗ୍ରହଣ କରିବେ କି ପଚରାଯିବାରେ ଏବେଠୁ କହିବା ଠିକ୍ ହେବ ନାହିଁ ବର୍ତ୍ତମାନ ମୁଁ ବିଜୟ ଖୁସିକୁ ଉପଭୋଗ କରିବାକୁ ଚାହେଁ ବୋଲି କହିଥିଲେ। ସେଞ୍ଜ ହେଉଛନ୍ତି ଫର୍ମୁଲା ୱାନ ଡ୍ରାଇଭର କାର୍ଲୋସ ସେଞ୍ଜ ଜୁନିୟରଙ୍କ ପିତା। ସେ ତାଙ୍କ ଏକ୍ସ–ରେଡ୍ ମିନିରେ ତୃତୀୟ ଷ୍ଟେଜ୍‌ରୁ ରେସ୍‌କୁ ନିଜ ନିୟନ୍ତ୍ରଣରେ ରଖିଥିଲେ। ସେଞ୍ଜ ବର୍ତ୍ତମାନ ପୃଥକ୍ ପୃଥକ କମ୍ପାନୀର ପ୍ରତିନିଧିତ୍ୱ କରି ଏହି ପ୍ରତିଯୋଗିତାରେ ତୃତୀୟ ଥର ଟାଇଟଲ ଜିତିବାରେ ସମର୍ଥ ହୋଇଛନ୍ତି। ପୂର୍ବରୁ ସେ ୨୦୧୦ରେ ଭୋଗ୍ସୱାଗନ ଏବଂ ୨୦୧୮ରେ ପିଜଟ ତରଫରୁ ପ୍ରତିନିଧିତ୍ୱ କରି ଟାଇଟଲ ଜିତିସାରିଥିଲେ। ଷ୍ଟିଫାନେ ପିଟରହାନ୍‌ସେଲ ତାଙ୍କ ମିନିରେ ୯ ମିନିଟ୍ ୫୮ ସେକେଣ୍ଡ ପଛରେ ରହି ତୃତୀୟ ହୋଇଥିଲେ। କଷ୍ଟସାଧ୍ୟ ଡାକାର ରାଲି ୧୨ଦିନ ଧରି ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗୀମାନଙ୍କୁ ୭,୮୦୦ କିଲୋମିଟର ଅତିକ୍ରମ କରିବାକୁ ହୋଇଥିଲା। ମୋଟରବାଇକ୍ ବିଭାଗରେ ରିକି ବ୍ରାବେକ୍ ଯୁକ୍ତରାଷ୍ଟ୍ର ଆମେରିକାର ପ୍ରଥମ ରାଇଡର ଭାବେ ରେସ୍ ଜିତିଥିଲେ। ଦୁଇଥର ଫର୍ମୁଲା ୱାନ ଚାମ୍ପିୟନ ଫର୍ନାଣ୍ଡୋ ଆଲୋଁସୋ ତାଙ୍କ ଡାକାର ପଦାର୍ପଣରେ ୧୩ତମ ସ୍ଥାନ ଅଧିକାର କରିଥିଲେ। ରବିବାର ପର୍ତ୍ତୁଗୀଜ୍ ରାଇଡର ପଲୋ ଗୋନକ୍ଲେଭ୍ସଙ୍କ ମୃତ୍ୟୁ ଶୋକ ପରିବେଶ ସୃଷ୍ଟି କରିଥିଲା।



ଡାକାର ରାଲି ଜିତିବା ପରେ କାର୍ଲୋସ ସେଞ୍ଜ୍।

■ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ବାଳିକା ଫୁଟବଲ

## ଓଡ଼ିଶା ୧୬–୦ରେ ପଞ୍ଜାବକୁ ହରାଇଲା

ଭୁବନେଶ୍ୱର, ୧୭।୧(କ୍ରୀଡ଼ା ପ୍ରତିନିଧି)

ଆସାମର ଗୁଆହାଟୀଠାରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ଶୁକ୍ରବାର ଅନୁଷ୍ଠିତ ୨୧ ବର୍ଷରୁ କମ୍ ବାଳିକା ଫୁଟବଲ ମ୍ୟାଚରେ ଓଡ଼ିଶା ୧୬–୦ ଗୋଲରେ ପଞ୍ଜାବକୁ ପରାସ୍ତ କରିଛି। ଓଡ଼ିଶା ପକ୍ଷରୁ ଦୀପା ନାୟକ ୨୭, ୫୮, ୭୮, ୮୬ ମିନିଟରେ ହ୍ୟାଟ୍ରିକ ସହ ୪ଟି ଗୋଲ ଦେଇଥିବାବେଳେ ବନ୍ୟା କବିରାଜ ୧୭,୬୩, ସୁସ୍ମିତା ତନ୍ତି ୪୮, ୬୮, ଯଶୋଦା ମୁଣ୍ଡା ୫୧, ୬୦ତମ ମିନିଟରେ ୨ଟି ଲେଖାଏ ଏବଂ ସୁମନ ମହାପାତ୍ର, ସୁସ୍ମିତା ଦଳେଇ, ସୋନୀ ବେହେରା, ରୁନି ନାୟକ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପଞ୍ଜାବ ପକ୍ଷରୁ ମହିଳା ବିଷ୍ଣୋଇ ୭ମ ଓ କାଜଲ ୬୫ତମ ମିନିଟରେ ଗୋଟିଏ ଲେଖାଏ ଆତ୍ମଘାତୀ ଗୋଲ ସ୍କୋର କରିଥିଲେ।

## ଆଜିଠୁ ରାଜ୍ୟ କୁଡୋ ତାଲିମ ଶିବିର

କଟକ ଅଫିସ,୧୭।୧

କୁଡୋ ଆସୋସିଏଶନ ଅଫ ଓଡ଼ିଶା ଆନୁକୂଲ୍ୟରେ ଶନିବାରଠାରୁ ଆରମ୍ଭ ହେବ ରାଜ୍ୟ କୁଡୋ ତାଲିମ ଶିବିର। ରାଜ୍ୟର ବିଭିନ୍ନ ଜିଲାରୁ ୧୦୦ରୁ ଊର୍ଦ୍ଧ୍ୱ କୁଡ଼ୋ ପ୍ରଶିକ୍ଷାର୍ଥି ଏଥିରେ ଅଂଶଗ୍ରହଣ କରିବେ। ଦୋଳମୁଣ୍ଡାଇସ୍ଥିତ ବିଜୟ ଗୋବିନ୍ଦ ଭବନରେ ଏହି ଶିବିର ୨ଦିନ ଧରି ଚାଲିବ। କୁଡୋ ଆସୋସିଏଶନ ଅଫ ଇଣ୍ଡିଆର ସଭାପତି ତଥା ମୁଖ୍ୟ ପ୍ରଶିକ୍ଷକ ସୋସିହାନ ମେହୁଲ ବୋରା ପ୍ରଶିକ୍ଷଣ ପ୍ରଦାନ କରିବେ। ଏ ନେଇ ଶୁକ୍ରବାର ସନ୍ଧ୍ୟାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସଂଘ ସମ୍ପାଦକ ସିହାନ ନିତାଇ ଶଙ୍କର ଗୁଇଁ ଉପସ୍ଥିତ ରହି ଶିବିର ସମ୍ପର୍କରେ ଆଲୋକପାତ କରିଥିଲେ। କଟକ, ଖୋର୍ଦ୍ଧା, ଭଦ୍ରକ, ଯାଜପୁର, ବାଲେଶ୍ୱର, ପୁରୀ ଜିଲାରୁ ଅଧିକାଂଶ ଖେଳାଳି ଶିବିରରେ ଯୋଗ ଦେବେ। ରାଜ୍ୟରେ କୁଡୋ ମାର୍ଶଲ ଆର୍ଟକୁ ନୂତନ ଭାବେ ପଦାର୍ପଣପାଇଁ ଚେଷ୍ଟା କରାଯାଉଛି ବୋଲି ସମ୍ପାଦକ ଗୁଇଁ କହିଥିଲେ। ଏହି ଅବସରରେ ରାଜ୍ୟ ସଂଘର କୋଷାଧ୍ୟକ୍ଷ ନର୍ମଦା ଗୁଇଁ, ଉପସଭାପତି ମନୀଷ ନାଥାନି, ପ୍ରଶିକ୍ଷକ ସେନସାଇ ମେହୁଲ ଦେଧିଆ ଓ ସେନସାଇ ବିପୁଲ ସୁରୁ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା।

## ଫାଇନାଲରେ ଆର୍‌ୱାଇସିସି ରାଉରକେଲା

**ସର୍ବଭାରତୀୟ ବୋରାସମ୍ବର କପ୍**

ପଦ୍ମପୁର, ୧୭।୧ (ଡି.ଏନ.ଏ)

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଆର୍‌ବି ହାଇସ୍କୁଲ ପଡିଆରେ ଚାଲିଥିବା ୨୬ତମ ସର୍ବଭାରତୀୟ ବୋରାସମ୍ବର କପ୍ କ୍ରିକେଟର ଶୁକ୍ରବାର ମ୍ୟାଚରେ ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧାକୁ ପରାସ୍ତ କରି ଆର୍‌ୱାଇସିସି ରାଉରକେଲା ଫାଇନାଲରେ ପ୍ରବେଶ କରିଛି। ପ୍ରଥମ ଟି୨୦ ମ୍ୟାଚରେ ଇଷ୍ଟକୋଷ୍ଟ ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୧୨୭ ରନର ଲକ୍ଷ୍ୟ ରଖିଥିଲେ। ଦଳର ଦେବାଂଶ ସିଂହ ୩୧ ବଲରେ ୩୨ ଓ ସମୀର ମହାନ୍ତି ୨୦ ବଲରେ ୨୪ ରନ କରିଥିଲେ। ରାଉରକେଲା ଦଳର ସନ୍ତୋଷ ମହାରଣା ୪ ଓଭରରେ ୧୭ ରନ ଦେଇ ୩ ଉଇକେଟ ନେଇଥିଲେ। ଜବାବରେ ରାଉରକେଲା ଦଳ ୧୮.୪ ଓଭରରେ ୪ ଉଇକେଟ ବିନିମୟରେ ବିଜୟ ହାସଲ କରିଥିଲା। ଦଳର ହେମନ୍ତ ୩୧ ବଲରେ ୪୦, ବାସୁଦେବ ବେହେରା ୩୧ ବଲରେ ୪୨ ରନ କରିଥିଲେ। ସେହିପରି ଟି୧୦ ମ୍ୟାଚରେ ରାଉରକେଲା ଦଳ ପ୍ରଥମେ ବ୍ୟାଟିଂ କରି ୫୮ ରନ କରି ବିଜୟୀ ହୋଇଥିଲା। ରାଉରକେଲା ଦଳ ଉଭୟ ଟି୨୦ ଏବଂ ଟି୧୦ ମ୍ୟାଚ ଜିଣି ଫାଇନାଲକୁ ପ୍ରବେଶ କରିଥିଲା। ପୁରସ୍କାର ବିତରଣୀ ଉତ୍ସବରେ ପଦ୍ମପୁର ଟ୍ରକ ମାଲିକ ସଂଘ ସମ୍ପାଦକ ହେମନ୍ତ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଉରକେଲା ଦଳର ସନ୍ତୋଷ ମହାରଣାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ। ଅମ୍ପାୟର ଚୂଡାମଣି ପାଢ଼ୀ ଓ ଅମୀୟ ସାହୁ ମ୍ୟାଚ୍ ପରିଚାଳନା କରିଥିଲେ। ଅମରେଶ ବେହେରା ସ୍କୋରର, ଦିବ୍ୟକିଶୋର ପଣ୍ଡା ଏବଂ ଦେବାଶିଷ ଚକ୍ରବର୍ତ୍ତି ଧାରା ବିବରଣୀ ପ୍ରଦାନ କରିଥିଲେ। ଶନିବାର ପ୍ରଦର୍ଶନୀ ମ୍ୟାଚରେ ବୋରାସମ୍ବର ସ୍ପୋର୍ଟିଂ ଭେଟେରାନ ସହିତ ଟିଚର ଇଲେଭେନ ଏବଂ ରବିବାର ଫାଇନାଲ ଅନୁଷ୍ଠିତ ହେବ।





ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

## କଳିଙ୍ଗ ଷ୍ଟାଡିୟମରେ ଭାରତ-ନେଦରଲାଣ୍ଡ୍ସ ହକି ମ୍ୟାଚ୍ ଆଜି

# ପ୍ରୋ ଲିଗ୍‌ରୁ ଅଲିମ୍ପିକ୍ସ ପ୍ରସ୍ତୁତି

**ଭୁବନେଶ୍ୱର, ୧୭।୧(କ୍ରୀଡ଼ା ପ୍ରତିନିଧି)**

ଆଉ ଏକ ହାଇ ପ୍ରୋଫାଇଲ ହକି ମୁକାବିଲା ପାଇଁ କଳିଙ୍ଗ ଷ୍ଟାଡିୟମ ପ୍ରସ୍ତୁତ। ହକି ବିଶ୍ୱକପ ସମେତ ଅନେକ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ସଫଳ ଆୟୋଜନର ମୂକ ସାକ୍ଷୀ ରହିଥିବା ଏହି ଷ୍ଟାଡିୟମରେ ଏଥର ହେବ ଏଫଆଇଏଚ୍ ହକି ପ୍ରୋ ଲିଗ୍। ପରସ୍ପରର ସମ୍ମୁଖୀନ ହେବେ ବିଶ୍ୱର ଦୁଇ ହକି ମହାଶକ୍ତି ଭାରତ ଓ ନେଦରଲାଣ୍ଡ୍ସ। ବିଶ୍ୱ ର୍‍ୟାଙ୍କିଂରେ ଭାରତ ୫ ଓ ନେଦରଲାଣ୍ଡ୍ସ ୩ ନମ୍ବରରେ ଥିବାରୁ କଡ଼ା ମୁକାବିଲା ଅବଶ୍ୟମ୍ଭାବୀ। ତେବେ ଫଳାଫଳ ଯାହା ହେଉନା କାହିଁକି ପ୍ରୋ ଲିଗ୍‌ରୁ ହିଁ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତି ହେବ ବୋଲି ଉଭୟ ଦଳର କୋଚ୍ ପ୍ରକାଶ କରିଛନ୍ତି। ୨୦୨୦ ଅଲିମ୍ପିକ୍ସ ଜାପାନର ଟୋକିଓରେ ଜୁଲାଇ ୨୪ରୁ ଅଗଷ୍ଟ ୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

### ଭାରତ ପାଇଁ ପ୍ରଥମ

ହକି ପ୍ରୋ ଲିଗ୍‌ର ଏହା ଦ୍ୱିତୀୟ ସଂସ୍କରଣ ହୋଇଥିଲେ ହେଁ ଭାରତ ପ୍ରଥମଥର ପାଇଁ ଅଂଶଗ୍ରହଣ କରିବ। ପ୍ରଥମ ସଂସ୍କରଣରେ ଭାରତ ଭାଗ ନେଇ ନ ଥିଲା। ଏଥର ପ୍ରୋ ଲିଗ୍‌ରେ ମୋଟ ୯ଟି ଦଳ ଭାଗ ନେଉଛନ୍ତି। କଳିଙ୍ଗ ଷ୍ଟାଡିୟମରୁ ହିଁ ପ୍ରତିଯୋଗିତାର ଶୁଭାରମ୍ଭ ହେବ। ଘରୋଇ ପରିବେଶରେ ଭାରତ ୪ଟି ଦଳକୁ ବିଭିନ୍ନ ସମୟରେ ଭେଟିବ। ପ୍ରଥମ ଦଳ ନେଦରଲାଣ୍ଡ୍ସ ବିପକ୍ଷରେ ଶନିବାର ଓ ରବିବାର ୨ଟି ମ୍ୟାଚ ଖେଳିବ। ଏହାପରେ ବିଶ୍ୱ ଚାମ୍ପିୟନ ବେଲଜିୟମ ବିପକ୍ଷରେ ଫେବୃୟାରୀ ୮,୯ ଏବଂ ଅଷ୍ଟ୍ରେଲିଆ ବିପକ୍ଷରେ ଫେବୃୟାରୀ ୨୨, ୨୩ ତାରିଖରେ ଖେଳିବ। ଏହାପରେ ମନପ୍ରୀତ ସିଂଙ୍କ ନେତୃତ୍ୱାଧୀନ ଦଳକୁ ବାହାର ପରିବେଶରେ ଏପ୍ରିଲ ୨୫,୨୬ରେ ଜର୍ମାନୀ ଏବଂ ମେ ୨,୩ରେ ଗ୍ରେଟ୍ ବ୍ରିଟେନ ବିପକ୍ଷରେ ଖେଳିବାକୁ ପଡ଼ିବ। ପରବର୍ତ୍ତୀ ମ୍ୟାଚ ଘରୋଇ ପରିବେଶରେ ମେ ୨୩,୨୪ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳିବାପରେ ଆର୍ଜେଣ୍ଟିନା ଯାଇ ଜୁନ ୫,୬ରେ ଏହି ଦଳ ସହିତ ମୁକାବିଲା କରିବ। ଭାରତୀୟ ଦଳ ଏହାର ଶେଷ ରାଉଣ୍ଡ ରବିନ ମ୍ୟାଚ ସ୍ପେନରେ ଜୁନ ୧୩,୧୪ ତାରିଖରେ ଖେଳିବ।

### ମଧୁର ପ୍ରତିଶୋଧ ପାଇଁ ସୁଯୋଗ

ଭାରତୀୟ ଦଳର ମୁଖ୍ୟ କୋଚ୍ ଗ୍ରାହାମ ରିଡ୍ ପୂର୍ବରୁ ନେଦରଲାଣ୍ଡ୍ସ ଦଳର ସହକାରୀ କୋଚ୍ ଥିଲେ। ତେଣୁ ଏହି ଦଳର ଶକ୍ତି ଓ ଦୁର୍ବଳତା ତାଙ୍କୁ ଭଲଭାବେ ଜଣା। ସେହି ଅନୁସାରେ ସେ ନିଜ ଦଳକୁ ପ୍ରସ୍ତୁତ କରିଛନ୍ତି। ୨୦୧୮ ହକି ବିଶ୍ୱକପର କ୍ୱାର୍ଟର ଫାଇନାଲରେ ଭାରତ ୧-୨ ଗୋଲରେ ନେଦରଲାଣ୍ଡ୍ସଠାରୁ ହାରିଥିଲା।



ଭାରତୀୟ ଦଳ ଅଧିନାୟକ ମନପ୍ରୀତ ସିଂ ଓ କୋଚ୍ ଗ୍ରାହାମ୍ ରିଡ୍।

ତେଣୁ ଏବେ ମଧୁର ପ୍ରତିଶୋଧ ନେବାର ସମୟ ଆସିଛି। ଉଭୟ ଦଳ ମଧ୍ୟରେ ହୋଇଥିବା ଗତ ୧୦ଟି ମ୍ୟାଚ ମଧ୍ୟରୁ ନେଦରଲାଣ୍ଡ୍ସ ୫ଟି ଜିତିଥିବାବେଳେ ଭାରତ ୪ଟିରେ ବିଜୟୀ ହୋଇଛି। ଅବଶିଷ୍ଟ ଗୋଟିଏ ମ୍ୟାଚ ଡ୍ର ରହିଛି।

### ଭଲ ଆରମ୍ଭ ଗୁରୁତ୍ୱପୂର୍ଣ୍ଣ

ପ୍ରୋ ଲିଗ୍‌କୁ ଅଲିମ୍ପିକ୍ସ ପ୍ରସ୍ତୁତିର ପ୍ଲାଟଫର୍ମ ବୋଲି ବର୍ଣ୍ଣନା କରିଛନ୍ତି ରିଡ୍। ଆମେ ପ୍ରଥମ ତିନୋଟି ମୁକାବିଲାରେ ଶୀର୍ଷସ୍ଥାନୀୟ ଦଳ ଗୁଡ଼ିକୁ ଭେଟିବୁ। ତେଣୁ ଭଲ ଆରମ୍ଭ କରିବା ହିଁ ଗୁରୁତ୍ୱପୂର୍ଣ୍ଣ। ଆମର ଅଲିମ୍ପିକ୍ସ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ପ୍ରୋ ଲିଗ୍‌ରେ ବଡ଼ ଦଳଗୁଡ଼ିକ ବିପକ୍ଷରେ ଖେଳିବା ଦ୍ୱାରା ଦୋଷ ଦୁର୍ବଳତା ଜାଣିହେବ। ତେଣୁ ଏହି ପ୍ରତିଯୋଗିତା ଏକ ଭଲ ପ୍ଲାଟ୍‌ଫର୍ମ ବୋଲି ରିଡ୍ କହିଛନ୍ତି। ଭାରତୀୟ ଦଳ କଳିଙ୍ଗ ଷ୍ଟାଡିୟମରେ ଦୀର୍ଘଦିନ ଅଭ୍ୟାସ କରିଛି। ଏଠାରେ ଅନେକ ମ୍ୟାଚ ମଧ୍ୟ ଖେଳି ସାରିଛି। ତେଣୁ ଟର୍ଫ ସହ ଦଳର ଖେଳାଳିମାନେ ଭଲଭାବେ ଅଭ୍ୟସ୍ତ।

**ମ୍ୟାଚ ଆରମ୍ଭ: ରାତି ୭ଟା**

ଗତବର୍ଷ ନଭେମ୍ବରରେ ଏହି ଭେନ୍ୟୁରେ ରୁଷିଆକୁ ୧୧-୩ ଏଗ୍ରିଗେଟ୍‌ରେ ହରାଇ ଭାରତ ଟୋକିଓ ଟିକେଟ ପାଇଥିଲା। ଏଥିରୁ ଦଳକୁ ଫାଇଦା ମିଳିବ ବୋଲି ଆଶା କରାଯାଉଛି। ଚିଙ୍ଗଲେନସାନା ସିଂ ଓ ସୁମିତ ପ୍ରତ୍ୟାବର୍ତ୍ତନ କରିଥିବାରୁ ଭାରତୀୟ ଦଳର ଶକ୍ତି ବୃଦ୍ଧି ପାଇଛି।

### ଭୁବନେଶ୍ୱରରେ ଖେଳିବାକୁ ଭଲ ପାଉ

ଭାରତ ବିପକ୍ଷରେ ଏହାର ଘରୋଇ ଗ୍ରାଉଣ୍ଡରେ ଖେଳିବା ସବୁବେଳେ ଚ୍ୟାଲେଞ୍ଜିଂ ହୋଇଥାଏ। ଭାରତ ବିପକ୍ଷ ପ୍ରଥମ ମ୍ୟାଚ ଗୁରୁତ୍ୱପୂର୍ଣ୍ଣ। ତେବେ ଆମେ ଭୁବନେଶ୍ୱରରେ ଖେଳିବାକୁ ଭଲ ପାଉ। ତେଣୁ ମୁକାବିଲା ସଂଘର୍ଷପୂର୍ଣ୍ଣ ହେବ ବୋଲି ନେଦରଲାଣ୍ଡ୍ସ କୋଚ୍ ମ୍ୟାକ୍ସ କାଲଡାସ ପ୍ରକାଶ କରିଛନ୍ତି। ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତିର ଏହା ଏକ ଭଲ ମାଧ୍ୟମ ବୋଲି ସେ ସ୍ୱୀକାର କରିଛନ୍ତି। ପ୍ରୋ ଲିଗ୍‌ର ଗତ ସଂସ୍କରଣରେ ଆମେ କମ୍ବିନେଶନକୁ ନେଇ ବହୁ ପରୀକ୍ଷା ନିରୀକ୍ଷା କରିଥିଲୁ। ଏହି ସଂସ୍କରଣକୁ ଆମେ ଶକ୍ତିଶାଳୀ ଦଳ ନେଇ ଆସିଛୁ। ଟୋକିଓ ଅଲିମ୍ପିକ୍ସ ପାଇଁ ଭଲଭାବେ ପ୍ରସ୍ତୁତ ହେବା ଆମର ମୁଖ୍ୟ ଲକ୍ଷ୍ୟ ବୋଲି କାଲଡାସ କହିଛନ୍ତି।





ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍ ପାଇଁ ଶୁକ୍ରବାର କଳିଙ୍ଗ ଷ୍ଟାଡିୟମରେ ଭାରତ ଓ ନେଦରଲାଣ୍ଡ୍ସ ଦଳର ଅଭ୍ୟାସ। (ଫଟୋ: ବିକାଶ ନାୟକ)

**୧୫ତମ ଜନ୍ମଦିନ ଶୁଭେଚ୍ଛା**



**ଅଭିଜିତ୍ ସାହୁ (ଟିଟୁନ୍)**
ଆଜି ତୋର ୧୫ତମ ଜନ୍ମବାର୍ଷିକୀ ଅବସରରେ ପ୍ରଭୁ ଶ୍ରୀସର୍ପେଶ୍ୱରଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ ଯେ, ତୋର ଚଲାପଥ କୁସୁମିତ ହେଉ। ଜନ୍ମଦିନ ଅବସରରେ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି: ବଡବାବା, ବଡମାମା, ବାବା, ମାମା, ଅପା, ପିଉସା, ଦାଦା, ଖୁଡୀ, ଅଜା, ଆଈ, ମାମୁ, ମାଇଁ, ମଉସା, ମାଉସୀ, ଦିଦି, ନନା, ସାନଭାଇ, ଭଉଣୀ ଓ ପରିବାରବର୍ଗ ।
ଧ-୧୬୧୯୨

**ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା**



**ଇପ୍ସିତା ସାହୁ (ପିହୁ)**
ଶାସ୍ତ୍ରୀ ନଗର, ଭୁବନେଶ୍ୱର
ମହାପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ ଓ ତୋତେ ଦୀର୍ଘାୟୁ କରନ୍ତୁ।
-:ଶୁଭେଚ୍ଛା ସହ:-
ଜେଜେମା’, ଜେଜେବାପା, ଅଜା, ଆଈ, ବାବା, ମାମା, ମାମୁ, ମାଇଁ, ବନ୍ଧୁ ଓ ପରିବାରବର୍ଗ ।
ଧ-୧୬୨୬୧

## ଓଡ଼ିଶା ଏଫ୍‌ସି ସହ ଭିନିତଙ୍କ ଚୁକ୍ତି ମିଆଦ ବୃଦ୍ଧି

**ଭୁବନେଶ୍ୱର, ୧୭।୧ (କ୍ରୀଡ଼ା ପ୍ରତିନିଧି)**

ଇଣ୍ଡିଆନ ସୁପରଲିଗ୍ ଫ୍ରାଞ୍ଚାଇଜ୍ ଓଡ଼ିଶା ଏଫସି ଅନ୍ତର୍ଜାତୀୟ ଖେଳାଳି ଭିନିତ ରାୟଙ୍କ ଚୁକ୍ତି ମିଆଦ ବୃଦ୍ଧି କରିଛି। ସେ ୨୦୨୩ ପର୍ଯ୍ୟନ୍ତ ଦଳସହ ରହିବେ ବୋଲି ଶୁକ୍ରବାର ଭୁବନେଶ୍ୱର ଭିତ୍ତିକ ଆଇଏସଏଲ କ୍ଲବ ପକ୍ଷରୁ ପ୍ରକାଶ କରାଯାଇଛି। ‘‘ଭିନିତ ଜଣେ ଦକ୍ଷ ଖେଳାଳି। ସେ ଓଡ଼ିଶା ଏଫସିର ସଫଳତାରେ ବଡ଼ ଅଂଶୀଦାର। ଗତ ୩ ବର୍ଷ ମଧ୍ୟରେ ସେ ନିଜ ଖେଳରେ ବହୁ ଉନ୍ନତି ଆଣିଛନ୍ତି। ତେଣୁ ଆମେ ଆଗାମୀ ୩ ବର୍ଷ ପାଇଁ ତାଙ୍କ ଚୁକ୍ତି ମିଆଦ ବଢ଼ାଇବାକୁ ନିଷ୍ପତ୍ତି ନେଇଛୁ’’ ବୋଲି ଓଡ଼ିଶା ଏଫସି ମାଲିକ ରୋହନ ଶର୍ମା ପ୍ରକାଶ କରିଛନ୍ତି। ନିଜ ଚୁକ୍ତିର ନବୀକରଣରେ ଖୁସି ଜାହିର କରିଛନ୍ତି ଭିନିତ। ଏହି କ୍ଲବ ପକ୍ଷରୁ ମୁଁ କ୍ରମାଗତ ଆଇଏସଏଲ ମ୍ୟାଚ ଖେଳିବାକୁ ସୁଯୋଗ ଦେଇଛି। ଜଣେ ଖେଳାଳିଭାବେ ମଧ୍ୟ ମୁଁ ଅନେକ କିଛି ଶିଖିବାକୁ ପାଇଛି। ଚଳିତ ସିଜନରେ ଆମେ ପ୍ଲେ-ଅଫ୍‌କୁ ଉନ୍ନୀତ ହେବାର ଯଥେଷ୍ଟ ସମ୍ଭାବନା ରହିଛି’’ ବୋଲି ୨୨ ବର୍ଷୀୟ ଭିନିତ କହିଛନ୍ତି।



## ୱାର୍ମଅପ୍ ମ୍ୟାଚ୍ ଜିତିଲା ଭାରତ ଏ’

**ଲିନକନ(ନ୍ୟୁଜିଲାଣ୍ଡ),୧୭।୧**

ନ୍ୟୁଜିଲାଣ୍ଡ ଏକାଦଶ ବିପକ୍ଷ ପ୍ରଥମ ୱାର୍ମଅପ୍ ମ୍ୟାଚ୍‌କୁ ଭାରତ ଏ’ ୯୨ ରନ୍‌ରେ ଜିତିଛି। ଶୁକ୍ରବାର ପ୍ରଥମ ଦିନିକିଆରେ ରୁତୁରାଜ ଗାଏକ୍ୱାଡ, ଅଧିନାୟକ ଶୁବମନ ଗିଲ ଓ ସୂର୍ଯ୍ୟକୁମାର ଯାଦବଙ୍କ ଅର୍ଦ୍ଧଶତକୀୟ ଇନିଂସ ବଳରେ ଭାରତ ଏ’ ୫୦ ଓଭରରେ ୮ ଉଇକେଟ ହରାଇ ୨୭୯ ରନ୍ କରିଥିଲା। ରୁତୁରାଜ ସର୍ବାଧିକ ୯୩, ଗିଲ ୫୦ ଓ ସୂର୍ଯ୍ୟକୁମାର ୫୦ ରନ୍ କରିଥିଲେ। ଅଲରାଉଣ୍ଡର କ୍ରୁନାଲ ପାଣ୍ଡ୍ୟା ୩୧ ବଲରେ ୪୧ ରନ୍‌ର ଇନିଂସ ଖେଳିଥିଲେ। ଅନ୍ୟପକ୍ଷରେ ମୟଙ୍କ ଅଗ୍ରୱାଲ (୮), ସଞ୍ଜୁ ସାମସନ (୪) ଓ ବିଜୟ ଶଙ୍କର (୧୩) ବିଫଳ ହୋଇଥିଲେ। ଜବାବରେ ଘରୋଇ ନ୍ୟୁଜିଲାଣ୍ଡ ଏକାଦଶ ମାତ୍ର ୪୧.୧ ଓଭରରେ ୧୮୭ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ବିଜୟୀ ଦଳ ପାଇଁ ଖଲିଲ ଅହମ୍ମଦ ୪ ଓ ମହମ୍ମଦ ସିରାଜ ୨ ଉଇକେଟ ନେଇଥିଲେ।

## ପ୍ରଥମ ମ୍ୟାଚ୍ ଜିତିଲା ଆଫଗାନିସ୍ତାନ

**୧୯ ବର୍ଷରୁ କମ୍ ବିଶ୍ୱକପ୍**

**କିମ୍ବରଲେ(ଦକ୍ଷିଣ ଆଫ୍ରିକା),୧୭।୧**

୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ୍ ଶୁକ୍ରବାରଠାରୁ ଆରମ୍ଭ ହୋଇଯାଇଛି। ପ୍ରଥମ ମ୍ୟାଚ୍‌ରେ ଶାଫିକୁଲା ଗଫାରିଙ୍କ ୬ ଉଇକେଟ ସଫଳତା ଯୋଗୁ ଆୟୋଜକ ଦକ୍ଷିଣ ଆଫ୍ରିକାକୁ ୭ ଉଇକେଟରେ ହରାଇ ଦେଇଛି ଆଫଗାନିସ୍ତାନ। ୧୫ ରନ୍ ବ୍ୟୟରେ ୬ ଉଇକେଟ ଅକ୍ତିଆର କରି ଗଫାରି ୧୯ ବର୍ଷରୁ କମ୍ ଆଫଗାନିସ୍ତାନ ବୋଲରଙ୍କ ମଧ୍ୟରେ ଶ୍ରେଷ୍ଠ ସ୍ପେଲ ପକାଇଛନ୍ତି।

ଟସ୍ ଜିତି ପ୍ରଥମେ ବାଟିଂ କରିଥିବା ଘରୋଇ ଦକ୍ଷିଣ ଆଫ୍ରିକା ଦୁଇ ଓପନରଙ୍କୁ ଆଫଗାନିସ୍ତାନ ପେସର ଫାଜଲ ହକ ପ୍ୟାଭେଲିୟନ ପଠାଇଥିଲେ। ପରେ ଗଫାରିଙ୍କ ଯାଦୁଗରି ବୋଲିଂ ଯୋଗୁ ଦଳ ୨୯.୧ ଓଭରରେ ୧୨୯ ରନ୍ କରି ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ ଅଧିନାୟକ ବ୍ରାଇସ ପାର୍ସନ୍ସ ୪୦ ଓ ଗେରାଲ୍ଡ କୋଟଜି ୩୮ ରନ୍ କରିଥିଲେ। ଆଫଗାନିସ୍ତାନ ପକ୍ଷରୁ ଗଫାରିଙ୍କ ଛଡ଼ା ନୁର ଅହମ୍ମଦ ଓ ଫାଜଲ ହକ୍ ଦୁଇ ଲେଖାଏ ଉଇକେଟ ହାତେଇଥିଲେ। ଜବାବରେ ଆଫଗାନିସ୍ତାନ ୩ ଉଇକେଟ ହରାଇ ବିଜୟଲକ୍ଷ୍ୟ ୧୩୦ ରନ୍ ହାସଲ କରିନେଇଥିଲା। ଜାତୀୟ ଦଳ ପାଇଁ ଦୁଇ ଟେଷ୍ଟ ଖେଳିସାରିଥିବା ଇବ୍ରାହିମ ଜର୍ଡାନ ୫୨ ଓ ଇମରାନ ମିର ୫୭ ରନ୍ କରିଥିଲେ। ଆଚିଲେ କ୍ଲୋଟ ୨ ଉଇକେଟ ହାସଲ କରିଥିଲେ।

## ସ୍କୋପମ୍ୟାନ ଭାରତ ମହିଳା ହକି ଦଳର ଆନାଲିଟିକାଲ କୋଚ୍

**ନୂଆଦିଲ୍ଲୀ,୧୭।୧(ପି.ଟି.)**

ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକ ବିଜୟିନୀ ତଥା ପୂର୍ବତନ ଡଚ୍ ମହିଳା ହକି ତାରକା ଜାନେକ୍ ସ୍କୋପ୍‌ମ୍ୟାନ ଭାରତୀୟ ମହିଳା ହକି ଦଳର ଆନାଲିଟିକାଲ କୋଚ୍ ନିଯୁକ୍ତ ହୋଇଛନ୍ତି। ଶୁକ୍ରବାର ହକି ଇଣ୍ଡିଆ ଏ ନେଇ ଘୋଷଣା କରିଛି। ଚଳିତ ବର୍ଷ ଆୟୋଜନ ହେବାକୁ ଥିବା ଟୋକିଓ ଅଲିମ୍ପିକ୍ସର ପ୍ରସ୍ତୁତି ପାଇଁ ତାଙ୍କ ନିଯୁକ୍ତ କରାଯାଇଛି। ଏହା ଦ୍ୱାରା ଭାରତୀୟ ଦଳର ସପୋର୍ଟ ଷ୍ଟାଫ୍ ୟୁନିଟ୍ ଆହୁରି ଦୃଢ଼ ହେବ। ଅଲିମ୍ପିକ୍ସ ପର୍ଯ୍ୟନ୍ତ ସେ ଦାୟିତ୍ୱରେ ରହିବେ।

୨୦୦୮ ବେଜିଂ ଅଲିମ୍ପିକ୍ସରେ ସ୍କୋପମ୍ୟାନ ନେଦରଲାଣ୍ଡ୍ସ ମହିଳା ଦଳ ତରଫରୁ ପ୍ରତିନିଧିତ୍ୱ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହାପୂର୍ବରୁ ସେ ୨୦୦୪ ଏଥେନ୍ସ ଅଲିମ୍ପିକ୍ସରେ ମଧ୍ୟ ରୌପ୍ୟ ପଦକ ଜିତିଥିଲେ। ନିଜ ସମୟରେ ସେ ଜଣେ ଉଚ୍ଚକୋଟୀର ହକି ଖେଳାଳି ଥିଲେ। ଶନିବାର ସେ ବେଙ୍ଗାଲୁରୁସ୍ଥିତି ସାଇ ସେଣ୍ଟରରେ ଚାଲିଥିବା ଜାତୀୟ ହକି କ୍ୟାମ୍ପ ଅବସରରେ ଦଳରେ ଯୋଗଦେବେ। ଭାରତ ସିଜିନ ଆରମ୍ଭରେ ନ୍ୟୁଜିଲାଣ୍ଡକୁ ଭେଟିବ। ଆୟୋଜକ ଗ୍ରେଟ ବ୍ରିଟେନ ସହିତ ମଧ୍ୟ ଭାରତ ମ୍ୟାଚ୍‌ରେ ଅବତୀର୍ଣ୍ଣ ହେବ। ସ୍କୋପ୍‌ମ୍ୟାନ ଭାରତୀୟ ଦଳ ସହ ଯାତ୍ରା କରିବେ। ଭାରତୀୟ ମହିଳ ଦଳ ସହ କାର୍ଯ୍ୟକରିବାକୁ ବେଶ୍ ଆଗ୍ରହୀ ବୋଲି ସ୍କୋପମ୍ୟାନ କହିଛନ୍ତି। ଭାରତୀୟ ଦଳରେ ପ୍ରତିଭାସମ୍ପନ୍ନ ଖେଳାଳି ରହିଛନ୍ତି। ସଫଳତା ପାଇଁ ଖେଳାଳିମାନେ ବେଶ୍ ବ୍ୟଗ୍ର ଅଛନ୍ତି। ଦଳ ସହିତ କାର୍ଯ୍ୟ କରି ଭାରତକୁ ସଫଳ କରାଇବା ଲକ୍ଷ୍ୟରେ ରହିଛି ବୋଲି ସେ କହିଛନ୍ତି।



କୋଚ୍ ଜୋର୍ଡ ମାରିଜନେଙ୍କ ସହ ଜାନେକ୍ ସ୍କୋପମ୍ୟାନ।

ଦୁଇବର୍ଷ ସଫଳତାର ସହ ନେଦରଲାଣ୍ଡ୍ସର ନେତୃତ୍ୱ ନେବା ପରେ ସେ ଅବସର ଗ୍ରହଣ କରିଥିଲେ। ୨୦୦୬ରେ ନେଦରଲାଣ୍ଡ୍ସ ବିଶ୍ୱକପ୍ ଜିତିଥିଲା ଓ ସେ ଦଳ ତରଫରୁ ପ୍ରତିନିଧିତ୍ୱ କରିଥିଲେ। ସେହିପରି ୨୦୦୨ ଓ ୨୦୧୦ ବିଶ୍ୱକପ୍‌ରେ ମଧ୍ୟ ସେ ରୌପ୍ୟ ପଦକ ହାସଲ କରିଥିଲେ। ୪୨ ବର୍ଷୀୟା ସ୍କୋପମ୍ୟାନ ୨୦୧୬ରୁ ୨୦୧୯ ପର୍ଯ୍ୟନ୍ତ ଆମେରିକା ମହିଳା ହକି ଦଳର କୋଚ୍ ରହିଥିଲେ। ଏହା ବ୍ୟତୀତ ସେ ଆମେରିକା ୨୧ ବର୍ଷରୁ କମ୍ ମହିଳା ଦଳ ସହିତ ଜଡିତ ରହିଆସିଥିଲେ। ୨୦୧୪ରୁ ୨୦୧୬ ପର୍ଯ୍ୟନ୍ତ ସେ ଆମେରିକା ମହିଳା ଦଳର ଆସିଷ୍ଟାଣ୍ଟ କୋଚ୍ ଭାବେ ସଫଳତାର ସହ ଦାୟିତ୍ୱ ନିର୍ବାହ କରିଥିଲେ। ଫଳରେ ଏହାପରେ ତାଙ୍କୁ ହେଡ୍ କୋଚ୍ ଦାୟିତ୍ୱ ଦିଆଯାଇଥିଲା।

ଭାରତୀୟ ମୁଖ୍ୟ କୋଚ୍ ଜୋର୍ଡ ମାରିଜନେ ସ୍କୋପମ୍ୟାନଙ୍କ ନିଯୁକ୍ତିକୁ ସ୍ୱାଗତ କରିଛନ୍ତି। ତାଙ୍କୁ ପୂର୍ବରୁ ଜାଣିଛି। ଭାରତୀୟ ଦଳର ପ୍ରଦର୍ଶନରେ ଉନ୍ନତି ଆଣିବାରେ ସେ ସହାୟ ହେବେ ବୋଲି ମାରିଜନେ କହିଛନ୍ତି।

## ଜେକେଏସ୍ କରାଟେରେ ୭୦୦ ପ୍ରତିଯୋଗୀ

**ଭୁବନେଶ୍ୱର, ୧୭।୧(କ୍ରୀଡ଼ା ପ୍ରତିନିଧି)**

ଓକିନୱା କରାଟେ ସ୍କୁଲ ଆନୁକୂଲ୍ୟରେ ଜାପାନ କରାଟେ ସୋତୋକାଇ(ଜେକେଏସ)ର ରାଜ୍ୟ ଚାମ୍ପିୟନଶିପ୍ ଚଳିତମାସ ୧୯ ତାରିଖରେ ଅନୁଷ୍ଠିତ ହେବ। ମଞ୍ଚେଶ୍ୱରସ୍ଥିତ ରେଲୱେ ଇନ୍‌ଡୋର ଷ୍ଟାଡିୟମରେ ହେବାକୁଥିବା ଏହି ପ୍ରତିଯୋଗିତାରେ ବିଭିନ୍ନ ସ୍କୁଲ ଓ କଲେଜରୁ ୭୦୦ ପ୍ରତିଯୋଗୀ ଭାଗନେବେ। ୧୫୦ ଅଫିସିଆଲ ମ୍ୟାଚ ପରିଚାଳନା କରିବେ। ପ୍ରତିଯୋଗୀ, ଅଫିସିଆଲ, କର୍ମକର୍ତ୍ତା ଓ ଅଭିଭାବକଙ୍କୁ ମିଶାଇ ୧୫୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଟୁର୍ନାମେଣ୍ଟ ଭେନ୍ୟୁରେ ଏକତ୍ରିତ ହେବେ ବୋଲି ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଜାପାନ କରାଟେ ଓଡ଼ିଶାର ସଭାପତି ତଥା ସୋତୋକାଇ ଇଣ୍ଡିଆର ଉପସଭାପତି ସୌମ୍ୟରଞ୍ଜନ ଦାସ ପ୍ରକାଶ କରିଛନ୍ତି। ପ୍ରତିଯୋଗିତାରେ ୬, ୮, ୯, ୧୦, ୧୧, ୧୨, ୧୩, ୧୪, ୧୫, ୧୬, ୧୭, ୨୧ ବର୍ଷରୁ କମ୍ ଏବଂ ସିନିୟର ବର୍ଗରେ ଓଜନ ଓ ବେଲ୍ଟ ଭିତ୍ତିରେ ମୋଟ ୧୫୦ କାଟେଗୋରିରେ ପ୍ରତିଦ୍ୱନ୍ଦ୍ୱିତା ହେବ। ପ୍ରତିଯୋଗିତା ସକାଳ ୯ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୬ ପର୍ଯ୍ୟନ୍ତ ଚାଲିବ। ବିଧାୟକ ଅତନୁ ସାବ୍ୟସାଚୀ ନାୟକ, ଅନନ୍ତ ନାରାୟଣ ଜେନା, ସୁଶାନ୍ତ କୁମାର ରାଉତ ଏବଂ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଅତିଥିଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସୌମ୍ୟ ପ୍ରକାଶ କରିଛନ୍ତି। ଜାପାନ କରାଟେ ସୋତୋକାଇ ପ୍ରତିଯୋଗୀମାନେ ଜାତୀୟ ସ୍ତରରେ ମଧ୍ୟ ଭଲ ପ୍ରଦର୍ଶନ କରି ଆସୁଛନ୍ତି। ଗତବର୍ଷ ଆସାମର ଗୁଆହାଟୀରେ ଅନୁଷ୍ଠିତ ଜାତୀୟ ପ୍ରତିଯୋଗିତାର ୨୧ ବର୍ଷରୁ କମ୍ ବିଭାଗରେ ଚିରସ୍ମିତା ଭଞ୍ଜ ରୌପ୍ୟ ପଦକ ହାସଲ କରିଥିବା ସେ ସୂଚନା ଦେଇଛନ୍ତି। ରାଜ୍ୟ ପ୍ରତିଯୋଗିତାରେ ପ୍ରଦର୍ଶନ ଭିତ୍ତିରେ ଆଗାମୀ ଜାତୀୟ ପ୍ରତିଯୋଗିତା ପାଇଁ ପ୍ରତିଯୋଗୀ ଚୟନ ହେବେ ବୋଲି ସୌମ୍ୟ କହିଛନ୍ତି। ଉକ୍ତ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଇନ୍‌ଷ୍ଟ୍ରକ୍ଟର ଜ୍ଞାନରଞ୍ଜନ ନନ୍ଦ, ଦୀପକ କୁମାର ପଟ୍ଟୱାରସିଂ, ସନ୍ଦୀପ ପଟ୍ଟନାୟକ, ଦେବାଶିଷ ରାଉତ ଏବଂ କରାଟେକା ତଥା ଯାଆଁଳା ଭଉଣୀ ମଧୁସ୍ମିତା ଭଞ୍ଜଦେଓ ଓ ଚିରସ୍ମିତା ଭଞ୍ଜଦେଓ ଉପସ୍ଥିତ ଥିଲେ।



ଜାପାନ କରାଟେ ସୋତୋକାଇ ରାଜ୍ୟ ଚାମ୍ପିୟନଶିପ ସମ୍ପର୍କରେ କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି।

**ମନେ ପଡ଼ନ୍ତି**

**ଚତୁର୍ଦ୍ଦଶାହ ଉପଲକ୍ଷେ**



**ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ନାୟକ**
ସହପ୍ରତିଋତ୍ୱିକ, ସତ୍‌ସଙ୍ଗ
ଆବିର୍ଭାବ: ୨୨।୦୪।୧୯୨୯
ତିରୋଧାନ: ୦୬।୦୧।୨୦୨୦
ଆପଣଙ୍କ ତିରୋଧାନର ଚତୁର୍ଦ୍ଦଶ ଦିବସରେ ପରମପିତାଙ୍କ ଶ୍ରୀଚରଣରେ ‘ସତ୍‌ସଙ୍ଗ’ ନିବେଦନ କରି ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଏକାନ୍ତ ପ୍ରାର୍ଥନା ଜଣାଉଛୁ।
ଶ୍ରଦ୍ଧାଞ୍ଜଳି ସହ:
ପୁତ୍ର: ପ୍ରଦ୍ୟୁମ୍ନ କୁମାର, ରାଜପ୍ରସାଦ, ହରପ୍ରସାଦ, ଦେବୀପ୍ରସାଦ ତଥା ସମସ୍ତ ଆତ୍ମୀୟସ୍ୱଜନ ଏବଂ ପରିବାରବର୍ଗ ।
ବି:ଦ୍ର: ଆଗାମୀ ୧୯।୦୧।୨୦୨୦ ସନ୍ଧ୍ୟାରେ ଭୁବନେଶ୍ୱର ସତ୍‌ସଙ୍ଗ ବିହାର ଠାରେ ସତ୍‌ସଙ୍ଗ ଅନୁଷ୍ଠାନରେ ଯୋଗଦେବା ପାଇଁ ସମସ୍ତ ସତ୍‌ସଙ୍ଗୀ ଭାଇ ଏବଂ ମା’ ମାନଙ୍କୁ ବିନମ୍ର ଅନୁରୋଧ ଜଣାଉଛୁ।
ଧ-୧୬୧୭୯

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ଲୋଚନ ସାମଲ**
ଆବିର୍ଭାବ: ୧୦।୦୩।୧୯୩୪
ତିରୋଧାନ: ୨୩।୦୧।୨୦୧୯
**ସ୍ୱର୍ଗତ ଗଣେଶ୍ୱର ସାମଲ**
ଆବିର୍ଭାବ: ୦୧।୦୧।୧୯୩୦
ତିରୋଧାନ: ୨୮।୦୧।୨୦୧୯
ଆପଣମାନଙ୍କ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପରିବାର ଓ ବନ୍ଧୁବର୍ଗ ।
ଧ-୧୬୨୬୦

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତା ରତ୍ନମଣୀ ଚୌଧୁରୀ**
ମଧୁସୂଦନ ନଗର, ଭୁବନେଶ୍ୱର
ଆବିର୍ଭାବ: ୨୮।୦୭।୧୯୪୨
ତିରୋଧାନ: ୦୮।୦୧।୨୦୨୦
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ବିନମ୍ର ପ୍ରାର୍ଥନା। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା, ନିଷ୍ଠା, ଧର୍ମପରାୟଣତା ଓ ପରୋପକାରିତା ଆମ ଜୀବନର ପାଥେୟ ହେଉ।
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ:
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୫୩୬୪୭

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତ ଆର୍ତ୍ତତ୍ରାଣ ମହାଖୁଡ**
ଅବସରପ୍ରାପ୍ତ ବରିଷ୍ଠ ପରିସଂଖ୍ୟାନ ନିରୀକ୍ଷକ
କଣ୍ଟାପାଳ, ଢେଙ୍କାନାଳ
ଆବିର୍ଭାବ: ୦୭।୦୧।୧୯୩୯
ତିରୋଧାନ: ୦୮।୦୧।୨୦୨୦
ତୁମ ଶୂନ୍ୟସ୍ଥାନ ଝୁରେ ସଦା ମନ, କିଏ ହେବ ତୁମ ଭଳି। ଅମର ଆତ୍ମାର ସଦ୍‌ଗତି ହେଉ, ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ।
ଇତି:
ତୁମର ପତ୍ନୀ: ଶୁକାନ୍ତୀ, ପୁତ୍ର: ପ୍ରବୀଣ, ପ୍ରଦ୍ୟୁତ, ପ୍ରତାପ, ପ୍ରବୀର, ଝିଅ: ପ୍ରବାସିନୀ, ରଶ୍ମିତା, ଜ୍ୱାଇଁ: ନରେଶ, ଶ୍ରୀକାନ୍ତ, ପୁତ୍ରବଧୂ: ମମତା, ରାଜଶ୍ରୀ, ସସ୍ମିତା, ମୀନାକ୍ଷୀ ଏବଂ ନାତିନାତୁଣୀମାନେ, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ ।
ଧ-୬୮୪୪୪

DHARITRI

www.orissakhabar.com/ www.dharitri.com ପୃଷ୍ଠା:୨୦ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶନିବାର, ଜାନୁୟାରୀ ୧୮/୨୦୨୦ Sambalpur, Saturday, January 18 / 2020


# ଭିନ୍ନକ୍ଷମ ଯୁବତୀଙ୍କୁ ବଳାତ୍କାର, ଯୁବକ ଅଟକ

**ଭବାନୀପାଟଣା,୧୭।୧(ଡି.ଏନ.ଏ.):** କଳାହାଣ୍ଡି ଜିଲା ମ.ରାମପୁର ଥାନା ଅଞ୍ଚଳର ଜଣେ ଭିନ୍ନକ୍ଷମ ଯୁବତୀଙ୍କୁ ବଳାତ୍କାର କରାଯାଇଛି । ମ.ରାମପୁରର ଜଣେ ଯୁବକ ତାଙ୍କୁ ବଳାତ୍କାର କରିଥିବା ନେଇ ଥାନାରେ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଅଟକ ରଖି ପଚରାଉଚରା ଜାରିରଖିଥିବା ଥାନା ଅଧିକାରୀ ଗୋବିନ୍ଦ ମାଝି କହିଛନ୍ତି । ଏ ନେଇ ଥାନାରେ ଏକ ମାମଲା ରୁଜୁକରି ତାଙ୍କୁ ଶନିବାର କୋର୍ଟ ଚାଲାଣ କରାଯିବ ବୋଲି କେସିଙ୍ଗା ଏସ୍‌ଡିପିଓ ଗୁପ୍ତେଶ୍ୱର ଭୋଇ ପ୍ରକାଶ କରିଛନ୍ତି। ଅଭିଯୋଗ ମୁତାବକ ସଂପୃକ୍ତା ଭିନ୍ନକ୍ଷମ ଯୁବତୀ ବଡ଼ଭାଇଙ୍କ ଦୋକାନରୁ ଘରକୁ ଫେରୁଥିଲେ। ମ.ରାମପୁରର ରାକେଶ ନାୟକ ସେହି ଯୁବତୀଙ୍କୁ ତାଙ୍କ ଘରେ ଛାଡ଼ି ଦେବାକୁ କହି ବଳପୂର୍ବକ ବାଇକ୍‌ରେ ବସାଇ ତୁଜୁଙ୍ଗ ଗ୍ରାମ ପଟକୁ ନେଇ ନିଛାଟିଆ ସ୍ଥାନରେ ବଳାତ୍କାର କରିଥିଲେ। ଏଥିସହିତ ରାକେଶ ତାଙ୍କ ଶରୀରର ବିଭିନ୍ନ ସ୍ଥାନକୁ କାମୁଡ଼ି କ୍ଷତବିକ୍ଷତ କରି ଦେଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ ହୋଇଛି। ବଳାତ୍କାର ପରେ ସଂପୃକ୍ତା ଯୁବତୀଙ୍କୁ ଅଭିଯୁକ୍ତ ଗାଡ଼ିରେ ବସାଇ କୁଆଡ଼େ ନେଇଯାଉଥିଲେ । ସେହି ଗାଡ଼ିରୁ ତାଙ୍କୁ ଉଦ୍ଧାର କରାଯାଇଥିବା ଯୁବତୀଙ୍କ ଭାଉଜ କହିଛନ୍ତି। ଯଦି କାହାକୁ ଏହି ବିଷୟରେ କୁହ ତାହା ହେଲେ ତୁମମାନଙ୍କୁ ଜୀବନରୁ ମାରିଦେବି ବୋଲି ଧମକ ଦେଇ ରାକେଶ ଦ୍ରୁତଗତିରେ ବାଇକ୍ ନେଇ ପଳାଇଯାଇଥିବା ସେ ଅଭିଯୋଗ କରିଛନ୍ତି ।






# କଫ୍ ସିରପ୍ ଚାଲାଣ ର୍ୟାକେଟ୍‌ର ୫ ଗିରଫ

**ବଲାଙ୍ଗୀର ଅଫିସ,୧୭।୧**

ବଲାଙ୍ଗୀର ଜିଲା ତଥା ପଶ୍ଚିମ ଓଡ଼ିଶାରେ କଫ୍ ସିରପ ଏବଂ ନିଶା କାରବାର ନେଟୱର୍କର ମୂଳୋତ୍ପାଟନ ନେଇ ବଲାଙ୍ଗୀର ପୋଲିସ ପକ୍ଷରୁ ଆରମ୍ଭ କରାଯାଇଥିବା ମିଶନ୍ କ୍ଲିନ୍ ଅଭିଯାନକୁ ଗୁରୁବାର ରାତିରେ ଏକ ବଡଧରଣର ସଫଳତା ମିଳିଛି। ପୋଲିସ ଆନ୍ତଃ ରାଜ୍ୟ କଫ୍ ସିରପ୍ ର୍ୟାକେଟ୍‌ର ୫ଜଣଙ୍କୁ ଗିରଫ କରିଛି। ବଲାଙ୍ଗୀର ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଗୁରୁବାର ରାତିରେ ସହର ଉପକଣ୍ଠ ବଲାଙ୍ଗୀର-ପାଟଣାଗଡ଼ ୪୨ ନମ୍ବର ରାଜ୍ୟ ରାଜପଥର ପଥରଚେପାଠାରେ ୨ଟି ଗାଡିରେ ଭର୍ତ୍ତି ୫ ହଜାର ୯ ଶହ ୨୦ ବୋତଲ ଥିବା ୩୭ ପେଟି ଏସ୍‌କଫ୍ ସିରପ ଜବତ୍ କରିଛି । ଏପରି କି ବେଆଇନ କଫ ସିରପ କାରବାରରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି । ପୋଲିସ ତାଙ୍କ ଠାରୁ ୭୦ ହଜାର ୮୫୦ ଟଙ୍କା, ୭ଟି ମୋବାଇଲ, ଗୋଟିଏ ମହିନ୍ଦ୍ରା ଟିୟୁଭି ଗାଡି (ନଂ.ଓଡି୨୬ ସି ୯୬୯୩) ଓ ଗୋଟିଏ ଅଶୋକ ଲେଲାଣ୍ଡ ପିକ୍‌ଅପ୍ ଗାଡି (ନଂ.ଓଡି୦୩ପି୨୬୫୧)କୁ ଜବତ କରିଛି।

ଏହି ଘଟଣାରେ ପଶ୍ଚିମ ଓଡ଼ିଶାର ଅନ୍ୟତମ କଫ୍ ସିରପ କାରବାରର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଲରମ୍ବା ଥାନା ଲୁହାସିଂହା ଗ୍ରାମର ଗୋଲୁ ଓରଫ୍ ଲକ୍ଷ୍ମୀନାରାୟଣ ଅଗ୍ରୱାଲ(୪୧), ବରଗଡ଼ ଜିଲା ଗାଇସିଲେଟ୍ ଥାନା ତାଲପାଲି ଗ୍ରାମର ଲଳିତ କୁମାର ବାଜପେୟୀ(୩୨), ନୂଆପଡା ଜିଲା କୋମନାର ବିକାଶ ଦୁରିଆ(୩୬), ଅର୍ଜେନ୍ ଗ୍ରାମର ମକୁନ୍ଦ ଚରଣ ନାଗ (୩୫) ଓ ପାଟଣାଗଡ ଥାନା ରାମପାଲି ଗ୍ରାମର ପିକ୍‌ଅପ୍ ଡ୍ରାଇଭର କୀର୍ତ୍ତିଚନ୍ଦ୍ର ଷାଣ୍ଢଙ୍କୁ ଗିରଫ କରିଛି । ବଲାଙ୍ଗୀର ଏସ୍‌ପି ସନ୍ଦୀପ ମାଡକର ଶୁକ୍ରବାର ବଲାଙ୍ଗୀର ସଦର ଥାନାରେ ଏକ ଖବରଦାତା ସମ୍ମିଳନୀରେ କଫ୍ ସିରପ୍ ଚୋରା ର୍ୟାକେଟ୍ ସମ୍ପର୍କରେ ସବିଶେଷ ସୂଚନା ଦେଇଥିଲେ। ଗିରଫ ଗୋଲୁ ଓରଫ୍ ଲକ୍ଷ୍ମୀ ନାରାୟଣ ଚୋରା କଫ୍ ସିରପ କାରବାରର ମାଷ୍ଟରମାଇଣ୍ଡ ବୋଲି ପୋଲିସ କହିଛି । ଗତ ଡିସେମ୍ବର ୨ ତାରିଖରେ ଲରମ୍ବା ଥାନାର ଲୁହାସିଂହା ଗ୍ରାମରେ ବିପୁଳ ପରିମାଣର କଫ୍ ସିରପ ରହିଥିବା ସୂଚନା ପାଇଁ ଏସ୍‌ପିଙ୍କ ନିର୍ଦ୍ଦେଶରେ ଚଢ଼ାଉ କରାଯାଇଥିଲା। ସେତେବେଳେ ଲୁହାସିଂହାରେ ଏକ ଗୋଦାମରୁ ୧୬ ହଜାର ବୋତଲ କଫ୍ ସିରପ୍ ଜବତ୍ କରାଯାଇଥିଲେ ମଧ ମାଷ୍ଟରମାଇଣ୍ଡ ଲକ୍ଷ୍ମୀ ନାରାୟଣ ଫେରାର ହୋଇଯାଇଥିଲେ । ଗୁରୁବାର ରାତିରେ ଫେରାର ଅଭିଯୁକ୍ତ ଗୋଲୁ ତାଙ୍କ ସହଯୋଗୀଙ୍କ ସହ ଦୁଇଟି ଗାଡିରେ କଫ୍ ସିରପ୍ ଚୋରା ଚାଲାଣ କରୁଥିବା ଖବର ପାଇ ସଦର ଏସ୍‌ଡିପିଓ ଶ୍ରୀମନ୍ତ ବାରିକଙ୍କ ନେତୃତ୍ୱରେ ସଦର ଥାନା ଆଇଆଇସି ତୋଫାନ୍ ବାଗ, ସବ୍‌ଇନ୍ସପେକ୍ଟର ଜେ. ଭୋଇ, ଜି.ଜାଗ୍‌ସା, ଏଏସ୍‌ଆଇ ଆର୍. କୁମାର ପଥରଚେପା ନିକଟରେ ଘେରାବନ୍ଦୀ କରିଥିଲେ। ଦୁଇ କଫ୍ ସିରପ ବୋଝେଇ ଗାଡି ପୋଲିସ ହାତରେ ଧରା ପଡିବା ପରେ ୫ ସଦସ୍ୟ ଗିରଫ ହୋଇଥିଲେ । ଗିରଫ ଯୁବକମାନେ କଟକ ଏବଂ କୋଲକାତାରୁ ବେଆଇନ ଭାବେ କଫ୍ ସିରପ ଆଣି ପଶ୍ଚିମ ଓଡ଼ିଶାର ବଲାଙ୍ଗୀର, ବରଗଡ ଓ ନୂଆପଡ଼ା ଜିଲା ସହ ଛତିଶଗଡ଼ ଓ ଝାଡ଼ଖଣ୍ଡରେ ବିକ୍ରି କରୁଥିଲେ ବୋଲି ଏସ୍‌ପି ମାଡକର ସୂଚନା ଦେଇଛନ୍ତି। ଜବତ୍ କଫ୍ ସିରପର ଆନୁମାନିକ ମୂଲ୍ୟ ୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ଗିରଫ ୫ ଯୁବକଙ୍କୁ ଶନିବାର କୋର୍ଟ ଚାଲାଣ କରାଯିବ। ଅଧିକ ତଦନ୍ତ ନେଇ ଗିରଫ ଯୁବକମାନଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। କିଛିଦିନ ତଳେ କଫ୍ ସିରପ କାରବାରରେ ଅନ୍ୟଜଣେ ମାଷ୍ଟରମାଇଣ୍ଡ ସାନ ନେଗୀ ଓ ତାଙ୍କ ଦୁଇ ସହଯୋଗୀ ଗିରଫ ହୋଇଥିଲେ। ପୋଲିସ ସେମାନଙ୍କୁ ରିମାଣ୍ଡରେ ଆଣି ପଚରାଉଚୁରା କରୁଛି । ତେବେ ସାନ ନେଗୀ ଓ ଗୋଲୁ ଅଗ୍ରୱାଲ ଦୁଇଟି କଫ୍ ସିରପ୍ ଗ୍ୟାଙ୍ଗର ଦୁଇ ଭିନ୍ନ ମାଷ୍ଟରମାଇଣ୍ଡ ବୋଲି ପୋଲିସ ସୂଚନା ଦେଇଛି। ଆଗକୁ ମଧ ମିଶନ୍ କ୍ଲିନ୍ ଅଭିଯାନ ଜାରି ରହିବ ଓ ନିଶାମୁକ୍ତ ବଲାଙ୍ଗୀର ଗଠନ ପାଇଁ ବ୍ୟାପକ ସଚେତନତା କରାଯିବ ବୋଲି ଏସ୍‌ପି ମାଡକର ସୂଚନା ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଏସ୍‌ପି ମାଡକରଙ୍କ ସହ ଏସ୍‌ଡିପିଓ ବାରିକ ଓ ସଦର ଥାନା ଆଇଆଇସି ବାଗ ଉପସ୍ଥିତ ଥିଲେ।





ଏସ୍‌ପି ସନ୍ଦୀପ ମାଡକର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଗିରଫ ଯୁବକଙ୍କ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଉଛନ୍ତି(ବାମ)। ଜବତ୍ ଦୁଇ ଗାଡ଼ି ଓ କଫ୍ ସିରପ୍।

### ବଲାଙ୍ଗୀରରେ ମିଶନ୍ କ୍ଲିନ୍ ଅଭିଯାନକୁ ସଫଳତା

- ୨ ଗାଡ଼ି ସହ ୫ ହଜାର ୯ ଶହ ବୋତଲ କଫ୍ ସିରପ ଜବତ୍
- ୭୦ ହଜାର ଟଙ୍କା, ୭ ମୋବାଇଲ ଜବତ
- ଫେରାର ମାଷ୍ଟରମାଇଣ୍ଡ ଗୋଲୁ ଓରଫ୍ ଲକ୍ଷ୍ମୀ ଅଗ୍ରୱାଲ ଧରାପଡ଼ିଲେ
- ଓଡ଼ିଶା, ଛତିଶଗଡ଼, ଝାଡ଼ଖଣ୍ଡରେ ର୍ୟାକେଟ୍ ଥିଲା ସକ୍ରିୟ
- ଅଧିକ ପଚରାଉଚରା ଲାଗି ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯିବ






# ୨୦ଫୁଟ ରାସ୍ତା ତଳକୁ ଖସିଲା ବାଇକ, ୨ ମୃତ

**ବଣାଇ, ୧୭।୧(ସ୍ୱ.ପ୍ର.)**

ସୁନ୍ଦରଗଡ଼ ଜିଲା ବଣାଇ ଥାନା ଅନ୍ତର୍ଗତ ନରେନ୍ଦ୍ର-ଗୁରୁଣ୍ଡିଆ ପୂର୍ତ୍ତ ବିଭାଗ ରାସ୍ତାର ରାଜାବସା ଗ୍ରାମ ନିକଟରେ ଶୁକ୍ରବାର ଅପରାହ୍ନରେ ଏକ ଦୁର୍ଘଟଣା ଘଟିଛି। ଏକ ବାଇକ୍ ୨୦ଫୁଟ ରାସ୍ତାକଡକୁ ଖସି ପଡ଼ିବା ଫଳରେ ଘଟଣାସ୍ଥଳରେ ୨ ଯୁବକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ଆହତଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମୃତ ଯୁବକଦ୍ୱୟ ହେଲେ ବଣାଇ ଥାନା ଶିଶୁଡିହି ଗ୍ରାମର ସନ୍ତୋଷ କିଷାନ(୨୩), ସାନରଜାବସା ଗ୍ରାମର ଅଭିମନ୍ୟୁ ମୁଣ୍ଡା(୨୫) ଓ ଆହତ ଯୁବକ ହେଲେ ଶିଶୁଡିହି ଗ୍ରାମର କୈବଲ୍ୟ କିଷାନ(୧୯)।

ସନ୍ତୋଷ, ଅଭିମନ୍ୟୁ, କୈବଲ୍ୟ ଏକ ନୂଆ ନମ୍ବର ବିହୀନ ବାଇକରେ ଗୁରୁଣ୍ଡିଆ ସାପ୍ତାହିକ ବଜାରରୁ ଘରକୁ ଫେରୁଥିଲେ। ସେମାନେ ଗୁରୁଣ୍ଡିଆ ଘାଟି ଅତିକ୍ରମ କରିବା ପରେ ହଠାତ୍ ବାଇକ୍‌ରୁ ଭାରସାମ୍ୟ ହରାଇବାରୁ ରଜାବସା ନିକଟରେ ୨୦ଫୁଟ ରାସ୍ତା ତଳକୁ ଖସି ପଡିଥିଲେ। ଘଟଣାସ୍ଥଳରେ ସନ୍ତୋଷ ଏବଂ ଅଭିମନ୍ୟୁଙ୍କ ମୃତ୍ୟୁ ହୋଇଥିଲା। କୈବଲ୍ୟଙ୍କୁ ଅଚେତ ଅବସ୍ଥାରେ ପ୍ରଥମେ ବଣାଇ ଉପଖଣ୍ଡ ଚିକିତ୍ସାଳୟ ଓ ପରେ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବଣାଇ ଥାନା ପୋଲିସ ୨ ମୃତଦେହ ଜବତ କରି ବଣାଇ ଉପଖଣ୍ଡ ଡାକ୍ତରଖାନାରେ ରଖିଛି। ଶନିବାର ଉଭୟଙ୍କ ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ପୋଲିସ କହିଛି। ଖସିପଡିଥିବା ବାଇକକୁ ପୋଲିସ ଜବତ କରି ତଦନ୍ତ ଆରମ୍ଭ କରିଛି ।

# ଅଶ୍ଳୀଳ ଭିଡ଼ିଓ ଦେଖାଇ ନାବାଳିକାଙ୍କୁ ବଳାତ୍କାର

**ସୁନ୍ଦରଗଡ଼, ୧୭।୧ (ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ଭଷ୍ମା ଥାନା ଅନ୍ତର୍ଗତ ବିଲେଇଗଡ ଗ୍ରାମରେ ଅଶ୍ଳୀଳ ଭିଡିଓ ଦେଖାଇ ଜଣେ ୭ବର୍ଷର ନାବାଳିକାଙ୍କୁ ବଳାତ୍କାର କରାଯାଇଛି। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଅଭିଯୁକ୍ତ ସମ୍ପର୍କୀୟ କାକା ତେଲେଶ୍ୱର ଟପ୍ପୋଙ୍କୁ ଗିରଫ କରିଛି। ନାବାଳିକାଙ୍କ ମା'ବାପାଙ୍କ ମୃତ୍ୟୁ ହୋଇଯାଇଥିବାରୁ ସେ ତାଙ୍କ ଆଈଘରେ ରହି ପାଠ ପଢନ୍ତି। ଗତ ଜାନୁୟାରୀ ୧୫ରେ ନାବାଳିକା ଘରେ ଏକୁଟିଆ ଥିବା ବେଳେ ଅଭିଯୁକ୍ତ ସମ୍ପର୍କୀୟ କାକା ଅଶ୍ଳୀଳ ଭିଡିଓ ଦେଖାଇ ପରେ ତାଙ୍କୁ ବଳାତ୍କାର କରିଥିଲେ। ଏହା ପରେ ନାବାଳିକାଙ୍କ ଆଈ ଘରକୁ ପହଞ୍ଚିବା ପରେ ଅଭିଯୁକ୍ତ ସେଠାରୁ ଫେରାର୍ ହୋଇଯାଇଥିଲେ। ଘଟଣା ସମ୍ପର୍କରେ ନାବାଳିକାଙ୍କ ଆଈ ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମରେ ଏହାର କୌଣସି ସମାଧାନ ନ ହେବାରୁ ଶୁକ୍ରବାର ଭଷ୍ମା ଥାନାରେ ରିପୋର୍ଟ କରିଥିଲେ। ନାବାଳିକାଙ୍କ ଡାକ୍ତରୀ ମାଇନା କରାଯାଇଛି ।









Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ଯେଉଁମାନଙ୍କ ମନଟି ଛୋଟ, ସେମାନଙ୍କୁ ଛୋଟ କଥାଟିଏ ବି ବଡ଼ ଭଳି ଜଣାପଡ଼େ।
- ଗୋଲ୍ଡସ୍ମିଥ



## ସଂକ୍ଷେପରେ

### ଗାଁ କଲ୍ୟାଣ ସମିତିର ସମୀକ୍ଷା ବୈଠକ

**ଅମରପାଲି,୧୭।୧(ଡି.ଏନ୍.ଏ.):** ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କେଞ୍ଜିରିଆପାଲି ପଞ୍ଚାୟତ କାର୍ଯ୍ୟାଳୟରେ ଗାଁ କଲ୍ୟାଣ ସମିତି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସନ୍ତୋଷ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁର୍ଷୁଣ୍ଡୀ ସ୍ୱାସ୍ଥ୍ୟ କେନ୍ଦ୍ରର ଆୟୁଷ ଡାକ୍ତର ଡା. ନିରୁପମା ମହାପାତ୍ର, ବ୍ଲକ କାର୍ଯ୍ୟକ୍ରମ ପରିଚାଳକ ମହେନ୍ଦ୍ର ମିଶ୍ର, ସ୍ୱାସ୍ଥ୍ୟ ପରିଦର୍ଶକ ଗିରିଧାରୀ ସାହୁ, ବିଶିକେଶନ ରଥ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ଗାଁ ସ୍ୱାସ୍ଥ୍ୟ ସମୀକ୍ଷା ସଂଯୋଜକ ରାଜକୁମାର ସାହୁ, ଅକ୍ରୁର ନାଏକ, ଚନ୍ଦ୍ରଶେଖର ପତିଙ୍କ ସହିତ ବିଭିନ୍ନ ଗ୍ରାମର ଆଶାକର୍ମୀ ଉପସ୍ଥିତ ରହିଥିଲେ।



### ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ଅମରପାଲି,୧୭।୧(ଡି.ଏନ.ଏ.):** ବୀରମହାରାଜପୁର ବ୍ଲକର ବିଭିନ୍ନ ସ୍କୁଲରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ବୀରମହାରାଜପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ଜିଲା ପରିବହନ ଅଧିକାରୀ ରବୀନ ପଟ୍ଟନାୟକ, ଏସ୍‌ଡିପିଓ ଧିରାଜ ଚୌପଦାର, ଫାଷ୍ଟଏଡ୍ ପ୍ରଶିକ୍ଷକ ସଞ୍ଜୀବ କର, ପୁଷ୍ପାଞ୍ଜଳି ପୁରୋହିତ, ପ୍ରଧାନ ଆଚାର୍ଯ୍ୟ ବଳରାମ ପୂଜାରୀ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ସଚେତନ କରିଥିଲେ । କାର୍ଯ୍ୟକ୍ରମକୁ ଶିକ୍ଷକ ଲକ୍ଷ୍ମୀନାରାୟଣ ସାହୁ ସଂଯୋଜନା କରିଥିଲେ । ସେହିପରି ପଣ୍ଡାପାଲି ପ୍ରାଥମିକ ବିଦ୍ୟାଳୟରେ ୩୧ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଇଛି। ପ୍ରଧାନ ଶିକ୍ଷକ ସୁବାଷ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷକ ମେଘନାଦ ଭୋଇ ସଡ଼କ ସୁରକ୍ଷା ସପ୍ତାହର ଉଦେଶ୍ୟ ଉପରେ କରିବା ସହ ଦୁର୍ଘଟଣା ହ୍ରାସ ପାଇଁ ଟ୍ରାଫିକ ନିୟମ ମାନିବା ଜରୁରୀ ବୋଲି ମତ ପ୍ରକାଶ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କୁ ବସ୍ତି ପରିକ୍ରମା କରି ଲୋକଙ୍କୁ ସଚେତନ କରାଯାଇଥିଲା।

# ପୁସ୍ତକ, ସାରସ୍ୱତ ମେଳା ଇଙ୍କ୍‌ଫେଷ୍ଟ ଉଦ୍‌ଘାଟିତ

**ସୋନପୁର,୧୭।୧(ନି.ପ୍ର.)**

ଚତୁର୍ଥ ସୁବର୍ଣ୍ଣପୁର ଜିଲା ବାର୍ଷିକ ପୁସ୍ତକ ଓ ସାରସ୍ୱତ ମେଳା ଇଙ୍କ୍‌ଫେଷ୍ଟ ୨୦୨୦ ସ୍ଥାନୀୟ ରୟାଲ ପଡ଼ିଆସ୍ଥିତ ଶୂନ୍ୟମଞ୍ଚରେ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି । ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ସାରସ୍ୱତ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲାପାଳ ପଣ୍ଡା ବକ୍ତବ୍ୟରେ ପୁସ୍ତକ ହିଁ ଦୁଃଖ ସୁଖର ସାଥୀ। ମଣିଷର ଶ୍ରେଷ୍ଠ ବନ୍ଧୁ ବୋଲି କହିଥିଲେ । ପୁସ୍ତକ ପଢିଲେ ବୌଦ୍ଧିକ ଶକ୍ତିର ବିକାଶ ହୋଇଥାଏ। ପ୍ରାଚୀନ ସଭ୍ୟତା ସହ ଆଧୁନିକ ସମାଜ ସମ୍ପର୍କରେ ଜାଣି ହୁଏ। ଦେଶ ବିଜ୍ଞାନ ଓ ସୂଚନା ପ୍ରଯୁକ୍ତି କ୍ଷେତ୍ରରେ ଯଥେଷ୍ଟ ଉନ୍ନତି କରିଛି। ମାତ୍ର ଆମେ ପୁସ୍ତକ ପଢିବା ଭୁଲି ଯାଇଛୁ ବୋଲି ମୁଖ୍ୟଅତିଥି କ୍ଷୋଭ ପ୍ରକାଶ କରିଥିଲେ। ଶିକ୍ଷାବିତ୍ ସନାତନ ଠାକୁର ମୁଖ୍ୟବକ୍ତା ଭାବେ ଯୋଗଦେଇ ନିଃସଙ୍ଗର ସାଥି ପୁସ୍ତକ । ପୁସ୍ତକ ପଠନ ଦ୍ୱାରା ଜ୍ଞାନର ପରିସୀମା ବୃଦ୍ଧି ହୋଇଥାଏ । ପୁସ୍ତକ ଓ ସାହିତ୍ୟ ମେଳା ସାଂସ୍କୃତିକ ବାୟୁ ମଣ୍ଡଳ ତିଆରି ପାଇଁ ଉଦ୍ଦିଷ୍ଟ । କାରଣ ସାମାଜିକ ଜୀବନ ଚର୍ଯ୍ୟାରେ ଆଦର୍ଶ ପ୍ରତିଫଳନ ନ ହେଲେ ତାହା ସଂସ୍କୃତି ନୁହେଁ । ତେବେ ସ୍ଥାନୀୟ କଳା, ସାହିତ୍ୟ ଓ ସଂସ୍କୃତି ବେଶ ସମୃଦ୍ଧ ବୋଲି ଠାକୁର ମତପ୍ରକାଶ କରିଥିଲେ। ଇଙ୍କ୍‌ଫେଷ୍ଟ ସାଧାରଣ ସମ୍ପାଦକ ଅମ୍ବୁଜ ବିହାରୀ ଶତପଥୀ ଉତ୍ସବ ସମ୍ପର୍କରେ ସୂଚନା ଦେବାକୁ ଯାଇ ଏହା କେବଳ ପୁସ୍ତକ ମେଳା ନୁହେଁ ଭାଷା, ସାହିତ୍ୟ, ସଂସ୍କୃତି ଆଦାନ ପ୍ରଦାନର ଏକ ମାଧ୍ୟମ ବୋଲି କହିଥିଲେ । କମିଟିର ସଭାପତି ସ୍ୱାଧୀନ ମେହେର ସଭାରେ ଅଧ୍ୟକ୍ଷତା କରିଥିବା ବେଳେ ଘାସିରାମ ପଣ୍ଡା ସଭାକୁ ସଂଯୋଜନା କରିଥିଲେ। ଏହି ଅବସରରେ କବି ଆର୍ତ୍ତତ୍ରାଣ ବାବୁଙ୍କ ଲିଖିତ ପୁସ୍ତକ ତୀର୍ଥ ତ୍ରିବେଣୀକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଉଦିତ କୁମାର ବାବୁ ଧନ୍ୟବାଦ ଅର୍ପଣ କରିଥିଲେ । ଆକାଶବାଣୀ କଳାକାର କୃଷ୍ଣଚନ୍ଦ୍ର ସିନ୍ଦରିଆ ଓ ଭକ୍ତରାମ ମହାକୁର ଶୂନ୍ୟ ମଣ୍ଡଳୁ ଶୁଭୁଛି ଶବଦ, ସ୍ୱର୍ଣ୍ଣ ଅକ୍ଷରେ ଅଛି ବ୍ରହ୍ମବେଦ... ଭଜନ ପରିବେଷଣ କରିଥିଲେ । ପ୍ରାରମ୍ଭରେ ଶିକ୍ଷାବିତ୍ ସ୍ୱର୍ଗତ ହରପ୍ରସାଦ ରଥଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଉତ୍ସବର ପ୍ରଥମ ସନ୍ଧ୍ୟାରେ ପାଠିକା, ପାଠକ ଓ ସାହିତ୍ୟିକଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ପ୍ରକାଶକ ସଂସ୍ଥାମାନେ ସେମାନଙ୍କ ଷ୍ଟଲ ଖୋଲିଛନ୍ତି । ଏହା ୭ ଦିନ ଧରି ଚାଲିବ। ବିଭିନ୍ନ ଦିବସରେ ଆଲୋଚନାଚକ୍ର, ଗପ ଆସର ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଚଳିତ ବର୍ଷ ମଞ୍ଚକୁ ସନ୍ଥକବି ଭୀମଭୋଇଙ୍କୁ ସମର୍ପିତ କରାଯାଇଛି । ଇଙ୍କ୍‌ଫେଷ୍ଟର ବରିଷ୍ଠ ସଭ୍ୟ ନାଟ୍ୟଶ୍ରୀ ଗଦାଧର ବାରିକ, ଗତିକୃଷ୍ଣ ମିଶ୍ର, ବେଣୁଧର ପ୍ରଧାନ, ଡ. ଦେବାଶିଷ ପାଣ୍ଡିଆ, ଡ. ପୁରୁଷୋତ୍ତମ ମିଶ୍ର, ବ୍ରଜମୋହନ ଦାନୀ, ଡ. ଜ୍ୟୋତିରଞ୍ଜନ ବହିଦାର, ଶ୍ୟାମା ଓଁ ପ୍ରସାଦ ମିଶ୍ର, ଶ୍ରୀଧର ବାଗ, ପ୍ରଦ୍ୟୁମ୍ନ ସାହୁ ଓ ସନ୍ତୋଷ ପାଢୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଛନ୍ତି ।



ଅତିଥିମାନେ ପୁସ୍ତକ ତୀର୍ଥ ତ୍ରିବେଣୀକୁ ଉନ୍ମୋଚନ କରୁଛନ୍ତି।

## ସାମାଜିକ ସୁରକ୍ଷା ଯୋଜନାରେ ୭୬ ହିତାଧିକାରୀ ଚିହ୍ନଟ

**ଅମରପାଲି,୧୭।୧(ଡି.ଏନ.ଏ.)**

ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବହଳପଦର ପଞ୍ଚାୟତ କାର୍ଯ୍ୟାଳୟରେ ସାମାଜିକ ସୁରକ୍ଷା ଯୋଜନାରେ ପଞ୍ଚାୟତସ୍ତରୀୟ ହିତାଧିକାରୀ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲା ପ୍ରଶାସନ ଓ ବୀରମହାରାଜପୁର ପଞ୍ଚାୟତ ସମିତିର ମିଳିତ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ହୋଇଥିଲା। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କ୍ଷୀରୋଦଭୂଷଣ ରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ସ୍ଥାନୀୟ ସମିତି ସଭ୍ୟ ପୀତାମ୍ବର ସାହୁ, କେଞ୍ଜିରିଆପାଲି ଆରଆଇ ପ୍ରମୋଦ ମିଶ୍ର, ସ୍ଥାନୀୟ ନିର୍ବାହୀ ଅଧିକାରୀ ଅକ୍ଷୟ ଭୋଇ, ବିଜୁ ଯୁବ ବାହିନୀ ବ୍ଲକ ସଂଯୋଜକ ଦେବରାଜ ମିଶ୍ର ପ୍ରମୁଖ ଯୋଗଦେଇ ବିଭିନ୍ନ ଯୋଜନାରୁ ୭୬ଜଣ ହିତାଧିକାରୀଙ୍କୁ ଚିହ୍ନଟ କରିଥିଲେ ।

# ସଡ଼କ ସୁରକ୍ଷା ସପ୍ତାହରେ ଦୁର୍ଘଟଣା ହ୍ରାସ ଉପରେ ଗୁରୁତ୍ୱ

**ସୋନପୁର,୧୭।୧(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାରେ ୩୧ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଭୀମଭୋଇ କଳା ମଣ୍ଡପରେ ଆୟୋଜିତ ସଭାରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଜନସାଧାରଣ ଟ୍ରାଫିକ ନିୟମ ସମ୍ପର୍କରେ ସଚେତନ ହେଲେ ଦୁର୍ଘଟଣା ହ୍ରାସ ପାଇବ ବୋଲି କହିଥିଲେ । ସେହିପରି ଯାନ ଆରୋହଣ ସମୟରେ ମାନସିକ ଭାରସାମ୍ୟ ପ୍ରତି ସଜାଗ ରହିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଆଞ୍ଚଳିକ ପରିବହନ ଅଧିକାରୀ ରବିନ ପଟ୍ଟନାୟକ ଉପସ୍ଥିତ ଜନସାଧାରଣଙ୍କୁ ଗାଡି ଚାଳନା ନିୟମ ସମ୍ପର୍କରେ ସଚେତନ କରାଇଥିଲେ । ସପ୍ତାହ ବ୍ୟାପି ଜିଲାରେ ଆୟୋଜିତ ହୋଇଥିବା ସଚେତନତା କାର୍ଯ୍ୟକ୍ରମ ସମ୍ପର୍କରେ ଆଞ୍ଚଳିକ ପରିବହନ ଅଧିକାରୀ ପଟ୍ଟନାୟକ ସୂଚନା ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଏସ୍‌ପି ରମେଶ ଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇ ଟ୍ରାଫିକ ନିୟମ ନ ମାନିବା, ମୋବାଇଲ ଫୋନ ବ୍ୟବହାର କରି ଗାଡି ଚଳାଇବା, ଦ୍ରୁତ ଗତିରେ ଗାଡ଼ି ଚାଳନା ଓ ନିଶା ସେବନ କରି ଡ୍ରାଇଭିଂ ପାଇଁ ଦୁର୍ଘଟଣା ବୃଦ୍ଧି ପାଉଛି । ଏନେଇ ସଚେତନତା ହିଁ ଏକମାତ୍ର ପ୍ରତିଷେଧକ ବୋଲି କହିଥିଲେ । ପରିବହନ ବିଭାଗ ଉପସଚିବ ସମ୍ବଲପୁର ଜୋନ ଧନଞ୍ଜୟ ସେନାପତି ଅତିଥି ଭାବେ ଯୋଗଦେଇ ଦୁର୍ଘଟଣାମୁକ୍ତ ସମାଜ ପାଇଁ ସମସ୍ତଙ୍କୁ ସଙ୍କଳ୍ପ ବଦ୍ଧ ହେବା ନମନ୍ତେ ଅହ୍ୱାନ ଦେଇଥିଲେ । ଦୁର୍ଘଟଣା ଓ ଏହାର ଭୟାବହତା ରୋକିବା ପାଇଁ ଶିକ୍ଷା, ସଚେତନତା, ଉପଯୁକ୍ତ ଡିଜାଇନ୍‌ର ସଡ଼କ ନିର୍ମାଣ, ନିୟମର କଡାକଡି ଅନୁପାଳନ ଓ ଜରୁରୀକାଳୀନ ଚିକିତ୍ସା ସମ୍ପର୍କରେ ବୁଝାଇଥିଲେ । ଅଧ୍ୟାପକ ମଦନ ସୁନ୍ଦର ଖେତି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ସଭା ପୂର୍ବରୁ ଛାତ୍ରୀଛାତ୍ରମାନେ ଏକ ସଚେତନତା ରାଲିରେ ସହର ପରିକ୍ରମା କରିଥିଲେ। ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଶିବାଶିଷ ସାହୁ, ଜୁନିୟର ଏମ୍‌ଭିଆଇ ଜନ ପ୍ରତାପ କୁଲୁ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ଏହି ଅବସରରେ ବିଦ୍ୟାଳୟସ୍ତରରେ ଆୟୋଜିତ ସଡ଼କ ସୁରକ୍ଷା ସମ୍ପର୍କିତ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା ।



ଉଦ୍‌ଯାପନୀ ସଭାରେ ମଞ୍ଚାସୀନ ଅତିଥିବୃନ୍ଦ ।

## ଅମିତାଭ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ: କ୍ୱାର୍ଟର ଫାଇନାଲରେ ବୌଦ୍ଧ

**ଅମରପାଲି, ୧୭।୧ (ଡି.ଏନ.ଏ.)**

ବୀରମହାରାଜପୁର ବ୍ଲକ କମିରାଠାରେ ଚାଲିଥିବା ଚତୁର୍ଥ ଅମିତାଭ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ମ୍ୟାଚରେ କମିରାକୁ ହରାଇ ବୌଦ୍ଧ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ମ୍ୟାଚଟି ତିନୋଟି ଫର୍ମାଟରେ ଖେଳା ଯାଇଥିଲା । ପ୍ରଥମେ ଖେଳାଯାଇଥିବା ଟି-୧୦ ମ୍ୟାଚରେ କମିରା ବ୍ୟାଟିଂ କରି ୮୮ ରନ୍ କରିଥିଲା । ଜବାବରେ ବୌଦ୍ଧ ଦଳ ୯ ଓଭରରେ ୮୯ ରନ୍ କରି ବିଜୟୀ ହୋଇଥିଲା । ଦ୍ୱିତୀୟ ଫର୍ମାଟରେ ୬-୬ ଓଭର ଖେଳ ହୋଇଥିଲା । କମିରା ପ୍ରଥମେ ୬ ଓଭରରେ ୮୦ ରନ୍ କରିଥିବା ବେଳେ ବୌଦ୍ଧ ନିର୍ଦ୍ଧାରିତ ୬ ଓଭରରେ ୫ ଉଇକେଟ ହରାଇ ୩୨ ରନ୍ କରି ପରାସ୍ତ ହୋଇଥିଲା । ଉଭୟ ଦଳ ଗୋଟିଏ ଲେଖାଏଁ ମ୍ୟାଚ ଜିଣିବାରୁ ନିର୍ଣ୍ଣାୟକ ୩-୩ ଓଭର ବିଶିଷ୍ଟ ଖେଳ କରାଯାଇଥିଲା । ଏଥିରେ କମିରା ୩ ଓଭରରେ ୩୧ ରନ୍ କରିଥିବା ବେଳେ ବୌଦ୍ଧ ୨.୪ ଓଭରରେ ୩୨ ରନ୍ କରିଥିଲା । ଫଳରେ ବୌଦ୍ଧ ଦଳ ୨-୧ରେ ବିଜୟୀ ହୋଇ କ୍ୱାଟର ଫାଇନାଲରେ ପ୍ରବେଶ କରିଛି । ଖେଳଟିକୁ ନିର୍ମଳ ମୁଦୁଲି ଓ ତପନ ପଧାନ ପରିଚାଳନା କରିଥିବା ବେଳେ ଶ୍ରୀଦାଶ ବାରିକ ସ୍କୋରର ଏବଂ ସଚିନ ପଧାନ ଧାରାବିବରଣୀ ପ୍ରଦାନ କରିଥିଲେ । ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ କ୍ରୀଡ଼ାବିତ ଶତୃଘ୍ନ ମେହେର ଅତିଥି ଭାବେ ଯୋଗଦେଇ ବୌଦ୍ଧ ଦଳର ରାକେଶଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ । ଶନିବାର ମ୍ୟାଚ ବାଗଡିଆ(ଅନୁଗୋଳ) ଏବଂ ଫୁଲବାଣୀ ମଧ୍ୟରେ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ପ୍ରକାଶ ।



ଅତିଥି ବୌଦ୍ଧର ରାକେଶଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କୃତ କରୁଛନ୍ତି।

# ରେଡକ୍ରସର ଶତବାର୍ଷିକ ଉତ୍ସବରେ ପ୍ରାଥମିକ ଚିକିତ୍ସା ପ୍ରତିଯୋଗିତା

**ସୋନପୁର,୧୭।୧(ନି.ପ୍ର.)**

ସୋନପୁର କଲେଜରେ ସୁବର୍ଣ୍ଣପୁର ଜିଲା ରେଡକ୍ରସ ଶାଖା ପକ୍ଷରୁ ଭାରତୀୟ ରେଡକ୍ରସର ଶତବାର୍ଷିକ ଉତ୍ସବ ଉପଲକ୍ଷେ ଏକ ଦିବସୀୟ ଆନ୍ତଃ କଲେଜସ୍ତରୀୟ ପ୍ରାଥମିକ ଚିକିତ୍ସା ପ୍ରଦର୍ଶନ ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧ୍ୟକ୍ଷ ତରୁଣ କୁମାର ମିଶ୍ର ଉତ୍ସବରେ ଅଧ୍ୟକ୍ଷତା କରିଥିଲେ । ଜିଲା ଜରୁରୀକାଳିନ ଅଧିକାରୀ ମୁକ୍ତେଶ୍ୱର ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରାଥମିକ ଚିକିତ୍ସା ସେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା ଯୁବ ରେଡକ୍ରସ ସଂଯୋଜକ ଅଧ୍ୟାପକ ଉମାକାନ୍ତ ନାଗ ସ୍ୱାଗତ ଅଭିଭାଷଣ ଦେବା ସହିତ ପ୍ରତିଯୋଗିତାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ରାଜ୍ୟସ୍ତରୀୟ ପରୀକ୍ଷକ ଭାବେ ଡ. ସତ୍ୟନାରାୟଣ ହୋତା ଛାତ୍ରୀଛାତ୍ରଙ୍କୁ ପ୍ରତିଯୋଗିତାର ଗୁରୁତ୍ୱ ତଥା ଭାରତୀୟ ରେଡକ୍ରସର କାର୍ଯ୍ୟକ୍ରମ ବିଷୟରେ ମତବ୍ୟକ୍ତ କରିଥିଲେ । ଜିଲା ଜୁନିୟର ରେଡକ୍ରସ ଅଫିସର ରବୀଚନ୍ଦ୍ର ପଶାୟତ ତାଲିମ ଦାତା ଭାବେ ଜିଲାର ବିଭିନ୍ନ କଲେଜରୁ ଯୋଗଦେଇ ଥିବା ଛାତ୍ରୀଛାତ୍ର ତଥା ସ୍ୱେଚ୍ଛାସେବୀମାନଙ୍କୁ ଦୁର୍ଘଟଣା ସମୟରେ ଆଶୁ ଉପଚାର କରିବା ସମ୍ପର୍କରେ ତାଲିମ ଦେଇଥିଲେ । ପ୍ରତିଯୋଗୀମାନଙ୍କ ମଧ୍ୟରେ ସୋନପୁର କଲେଜର ସ୍ୱେଚ୍ଛାସେବୀ କରୁଣାକର ପ୍ରଧାନ ଓ ସଜିନ ବିଭାର ଏବଂ ମା' ଉମାଦେବୀ ଡିଗ୍ରୀ କଲେଜର ପ୍ରିୟଙ୍କା ମିଶ୍ର ଓ ଗଙ୍ଗା ବଡେଇ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନିତ ହୋଇଛନ୍ତି। କାର୍ଯ୍ୟକ୍ରମରେ ଦୀନେଶ ରଞ୍ଜନ ମିଶ୍ର, ଆଲୋକ କୁମାର ଦାଶ, ବିଶ୍ୱନାଥ ନାୟକ, ଜୟଦେବ ପାଢଶାଣୀ ସହାୟତା କରିଥିଲେ ।




ଛାତ୍ରୀଛାତ୍ର ପ୍ରାଥମିକ ଚିକିତ୍ସା ପ୍ରଦର୍ଶନ କରୁଛନ୍ତି ।

# ଲକ୍ଷ୍ୟ ହାସଲ ପାଇଁ ସ୍ୱପ୍ନ ଦେଖିବା ଜରୁରୀ

**ଅମରପାଲି,୧୭।୧ (ଡି.ଏନ.ଏ.)**

**ଜିଲାସ୍ତରୀୟ ସ୍କାଉଟ ଗାଇଡ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ**

ସୁବର୍ଣ୍ଣପୁର ଜିଲାସ୍ତରୀୟ ସ୍କାଉଟ ଓ ଗାଇଡ ପ୍ରଶିକ୍ଷଣ ଶିବିର ବୀରମହାରାଜପୁରସ୍ଥିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମଠାରେ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରିଣୀ ତଥା ଜିଲା ସ୍କାଉଟ ଓ ଗାଇଡ ମୁଖ୍ୟ କମିଶନର ପୁଷ୍ପା ମିଞ୍ଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇ ମୁଖ୍ୟଅତିଥି, ବିଇଓ ଶାନ୍ତନୁ କୁମ୍ଭକାର, ଜିଲା ସ୍କାଉଟ କମିଶନର ତଥା ସ୍ଥାନୀୟ ବାଳକ ହାଇସ୍କୁଲର ପ୍ରଧାନଶିକ୍ଷକ ବୈଦ୍ୟନାଥ କର୍ଣ୍ଣ, ଜିଲା ସ୍କାଉଟ ସମ୍ପାଦକ ତଥା ଆଇପିଇ ଦୁର୍ଯ୍ୟୋଧନ ରାଉତ, ଜିଲା ଗାଇଡ କମିଶନର ମୀନାକ୍ଷୀ ହୋତା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଅତିଥିମାନେ ଲକ୍ଷ୍ୟ ହାସଲ ପାଇଁ ସ୍ୱପ୍ନ ଦେଖି ଏହାକୁ ସାକାର କରିବାକୁ ମତ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମକୁ ନିଳାଞ୍ଚଳ ମେହେର ସଂଯୋଜନା କରିଥିବା ବେଳେ ଦୁର୍ଯ୍ୟୋଧନ ରାଉତ ସ୍ୱାଗତ ଭାଷଣ ଦେଇଥିଲେ। ସଞ୍ଜୀବ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପ୍ରାରମ୍ଭରେ ଗଣପତି ଆଦର୍ଶ ଶିକ୍ଷା ନିକେତନର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା । ମୁଖ୍ୟଅତିଥି ସ୍କାଉଟ ଗାଇଡ ପତାକା ଉତ୍ତୋଳନ ପରେ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଶିବିର ପାଞ୍ଚ ଦିନ ଧରି ହେବାକୁ ଥିବା ବେଳେ ଜିଲାର ୬ଟି ବ୍ଲକରୁ ୭୦ଟି ସ୍କୁଲର ୪୨୨ଜଣ ସ୍କାଉଟ ଓ ଗାଇଡ ଅଂଶ ଗ୍ରହଣ କରିଛନ୍ତି। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ହୋଇଥିଲା।



ଅତିଥିମାନେ ସ୍ମରଣୀକା ଉନ୍ମୋଚନ କରୁଛନ୍ତି।

# ଜାତି, ଭେଲିକେ ନେଇ ଗୁପାରେ ପରଶାସନ

**ବିପ୍ଳବ ରଞ୍ଜନ ଦାଶ**
**ବିନିକା, ୧୭।୧ (ଡି.ଏନ୍.ଏ.)**

**ସରକାରୀ ସୁବିଧାରୁ ବଞ୍ଚିତ୍ ସିଦ୍ରିଆ ସମାଜ**

- ସମାଜର ବଡ଼ଭାଗି ଲୋକ୍ ଅଶିକ୍ଷିତ
- କଲେଜର ମାଏଟ୍ ମାଡ଼ିଛନ୍ ୩ ଛାତ୍ର
- ଜିଲାପାଳ ଯାହା କରିପାରବେ: ତହସିଲଦାର



ପାଠ୍‌ପଢ଼ା ଛାଡ଼ି ଗାଁଖୁଲିରେ ସିଦ୍ରିଆ ସମାଜର ଛୁଆମାନେ ଖେଲୁଛନ୍।

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିଂହିଯୁବା ପଁଚେତ୍ ଅଧୀନ ଜାମପାଲି ଗାଁର କେନାଲ ପଡ଼ା, ଟାଙ୍ଗର ପଡ଼ା ଆର ଜଙ୍ଗଲ ପଡ଼ାରେ ଅନେକ ବଛର ହେଲା ରହିଆସୁଛନ୍ ସିଦ୍ରିଆ ସମାଜର ୫୦ ପରିବାରର ପାଖାପାଖି ୩ଶହ ଲୋକ୍। ସମାଜର ବଡ଼ଭାଗି ଲୁକ୍‌ର ଜମିବାଡ଼ି ନାଁଇଁନ, ସରକାରନୁ ପାଇଥିବାର ୫ ଡେସିମିଲ ଜାଗାରେ ଘରର କରି ବଛର ବଛର ହେଲା ରହିଆସୁଛନ୍। ନିଜର କଉଲିକ୍ ବୃତ୍ତି ହିସାବେ ପିତଲର ମାନ, ତାମ୍ଭି, ଭିନେ ଭିନେ ଦେବାଦେବୀ ମୁରତି ତିଆରି ବିକାଭଂଗା କରି ଚଲୁଛନ୍। ଆରକେତେ କୁଲିମଜୁରି କରି କୁରୁମ ପୁଷୁଛନ୍। ଇ ସମାଜର ଲୋକ୍ କହୁଥିବାର ଭାଷା ବି ଭିନେ, ଯେନ୍‌ତା ଝନେ ସାଧାରନ୍ ଲୋକ୍ ବୁଝି ନିପାରେ। ଗାଁରେ ବଡ଼ଭାଗି ଲୋକ୍ ଅଶିକ୍ଷିତ। ସମାଜର ୩୦ରୁ ଅଧିକା ଛୁଆ ୫ମରୁ ୭ମ ଭିତ୍‌ରେ ପାଠ୍‌ପଢ଼ା ଛାଡ଼ିଛନ୍। ସେନ୍‌ତା ଆଏଜ୍‌ତକ ଗାଁର ୩ ଝନ୍ ପିଲା ହେମନ୍ତ ଝରା, ସୁଶାନ୍ତ ଝରା, ପ୍ରଶାନ୍ତ ଝରା କଲେଜର ମାଏଟ୍ ମାଡ଼ି ପାରିଛନ୍। ଇତାର ମୂଳ କାରନ୍ ସିଦ୍ରିଆ ଭାଷା ଅଲଗ ହେଇଥିଲାବେଲେ ସ୍କୁଲରେ ଛୁଆମାନକୁ ଓଡ଼ିଆ ଭାଷାଥି ପଢ଼ାଯାଉଛେ। ଯେନ୍‌ତା ଛୁଆକର ମଗଜରେ ନାଇଁ ପଶବାର ବଲି କେତେ ଅଭିଭାବକ ଆର କଲେଜର ମାଏଟ୍ ମାଡ଼ିଥିବାର ଯୁବକମାନେ କହିଛନ୍। ଯେନ୍‌ଥିରଲାଗି ଇ ସମାଜର ଅନେକ ପିଲା ଶିକ୍ଷା ଲେଖେଁ ଗୁଟେ ଗୁରୁତ୍ ବିଷେରୁ ଦିନୁଦିନ୍‌କେ ଦୂରେଇ ଯାଉଛନ୍। ଶିକ୍ଷାଦିକ୍ଷା ଅଭାବୁ ସମାଜରେ ଆଏଜ୍ ବି ଅନେକ୍ କୁସଂସ୍କାର ରହିଛେ। ସରକାର ନାବାଲିକ ବିହାକେ ବେଆଇନ୍ ଘୋଷନା କରିଛନ୍। ଇ ଦିଗେ ସଚେତନତା ଲାଗି ଅନେକ ସ୍ୱେଚ୍ଛାସେବୀ ସଂଗଠନ ବି କାମ୍ କରୁଛନ୍। ହେଲେ ଶିକ୍ଷାର ଅଭାବ୍‌ରୁ ଇ ସମାଜରେ ଆଏଜ୍ ବି ନାବାଲିକ, ନାବାଲକ ବିହାର ପରଚଲନ ଥିବାର ଖବର ଠୁଲାଲାବେଲେ ଜନାପଡ଼ିଛେ। ଇତାର ବାହାରେ ଇ ସମାଜର ଲୋକ୍ ଏସ୍.ସି, ଏସ୍.ଟି, ଓ.ବି.ସି. କି ସାଧାରନ ଭେଲିରେ ଯିବେ ସେଟା ଆଏଜ୍‌ତକ ଜାନି ନାଇଁପାରବାର। ଥାନୀଅ ପରଶାସନ ପାସେ ବି ଇତାର ଉତର ନାଁଇଁନ। ଯେନ୍‌ଥିରଲାଗି ଇ ସମାଜର ଲୋକ୍, ଛାତ୍ରୀଛାତ୍ର ସରକାରକଁର ଅନେକ ଜନହିତକର ଯୋଜନାର ଲାଭ୍ ପାଏବାରୁ ବଁଚିତ୍ ହେଉଛନ୍। ୨୦୧୪ ସାଲେ ଇ ଗାଁର ସୁଶାନ୍ତ ଝରା ବିନିକା ତହସିଲରୁ କେଶ୍ (ନଂ. ଇ-ସିଏଏସ୍/୧୫୧୧/୨୦୧୪)ରେ ଏସ୍.ସି. ଭେଲିର ବଲି ଜାତିଗତ ପରମାନପତର ପାଇଥିଲେ। ହେଲେ ୫ ବଛର ଉତାରୁ ସେ ଉଚ ଶିକ୍ଷା ଲାଗି ଯେତେବେଲେ ଆରଘାଏ ଆବେଦନ କଲେ ତାହାକୁ ମନା କରିଦିଆଗଲା ବଲି ସେ କହିଛନ୍। ଇ ବାବ୍‌ଦେ ସିଂଘିଯୁବା ରାଜସ୍ୱ ନିରୀକ୍ଷକ ସରୋଜ ବାଘଙ୍କୁ ପଚ୍‌ରାଲାରୁ ସିଦ୍ରିଆମାନେ କେନ୍ ଭେଲିଥି ସାମିଲ ହେବେ ତାର କିଛି ସୂଚନା ଆମ୍‌କୁ ବିଭାଗୀୟ ଉଚ କତ୍ତୃପକ୍ଷ ନାଇଁଦେଇ। ଆଗ୍‌ରୁ ଝନେ ସିଦ୍ରିଆ ଯୁବକ ଏସ୍.ସି. ଜାତିଗତ ପରମାନପତର ପାଇଥିଲେ। ହେଲେ ସେ କେନ୍‌ଥେଇ ଆର କାହାର ଜରିଆରେ ପାଇଥିଲେ ସେଟା ମୁଇଁ ନାଇଁ ଜାନି ବଲି ସେ କହିଥିଲେ। ସେନ୍‌ତା ଇ ବାବ୍‌ଦେ ବିନିକା ତହସିଲଦାର ତ୍ରିପୁର ମହାନନ୍ଦଙ୍କୁ ପଚ୍‌ରାଲାରୁ ୨ ମାସ୍ ହେଲା ମୁଇଁ ଇଠାନକେ ଆସିଛେଁ। ଇ ବିଷେରେ ମୋର ପାସେ କିଛି ସୂଚନା ନାଁଇଁନ। ଇ ଦିଗେ ଜିଲାପାଳ ଯାହା କରବାର କଥା କରିପାରବେ ବଲି ସେ କହିଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୧୮ ଜାନୁୟାରୀ, ୨୦୨୦



ଯେତେବେଳେ ନିଜ ଶକ୍ତିର ବହିର୍ଭିତ ହୁଏ, ପ୍ରତ୍ୟେକ ବ୍ୟକ୍ତି ସେତେବେଳେ ନିଜକୁ ଭଗବାନଙ୍କ ନିକଟରେ ସମ୍ପୂର୍ଣ୍ଣ ସମର୍ପଣ କରିଦେବା ବ୍ୟତୀତ ଅନ୍ୟ ଉପାୟ ନ ଥାଏ।
- ପଣ୍ଡିତ ନୀଳକଣ୍ଠ ଦାସ



## ସଂକ୍ଷେପରେ

### ବଲାଙ୍ଗୀରରେ ବଳି ପ୍ରସଙ୍ଗ: ପୋଲିସକୁ ରିପୋର୍ଟ ମାଗିଲା ଆୟୋଗ

**ବଲାଙ୍ଗୀର ଅଫିସ,୧୭।୧:** ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ଅଧକ୍ଷା ଓ ଅନ୍ୟ ୩ଜଣ ସଦସ୍ୟା ଶୁକ୍ରବାର ବଲାଙ୍ଗୀରଗସ୍ତରେ ଆସି ପରୀକ୍ଷା ପର୍ବ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଉପଲକ୍ଷେ ସ୍ଥାନୀୟ ସର୍କିଟ ହାଉସଠାରେ ପରୀକ୍ଷା ପର୍ବକୁ ନେଇ ପ୍ରେସ୍‌ମିଟ୍ ଆୟୋଜନ କରିଥିଲେ। ଏଥିରେ ଗଣମାଧ୍ୟମ ପ୍ରତିନିଧିମାନେ ଜିଲାରେ ବୃଦ୍ଧି ପାଇ ଚାଲିଥିବା ବଳି, ଗୁଣିଗାରେଡି ଓ ଅନ୍ଧବିଶ୍ୱାସ କାରଣରୁ ବିଶେଷ କରି ଛୋଟ ଶିଶୁ, ଛାତ୍ରୀଛାତ୍ରମାନେ ନିର୍ଯାତନା ଭୋଗୁଥିବା ଓ ବଳି ଯୋଗୁ ସେମାନଙ୍କ ଜୀବନ ମଧ ଚାଲିଯାଉଥିବା ସୂଚନା ଦେଇଥିଲେ। ଗତ ପ୍ରାୟ ଦୁଇବର୍ଷ ମଧରେ ଜିଲାର ସିନ୍ଧେକେଲା ଥାନା ଅଞ୍ଚଳରେ ଜଣେ ଛାତ୍ର ଓ ଜଣେ ଛାତ୍ରୀ ବଳିର ଶିକାର ହୋଇଥିବା ସତ୍ତ୍ୱେ ଆୟୋଗ କ'ଣ କରିଛି ବୋଲି ଗଣମାଧମ ପ୍ରତିନିଧିମାନେ ପ୍ରଶ୍ନ କରିଥିଲେ । ଜଣେ ଶିଶୁକୁ ବଳି ଦେବା ଅଭିଯୋଗରେ ଜଣେ ଅଭିଯୁକ୍ତ ଜେଲ ଯାଇ ଜାମିନ୍‌ରେ ବାହାରି ଆଉ ଜଣେ ଛାତ୍ରୀଙ୍କୁ ବଳି ଦେବା ଅଭିଯୋଗରେ ଗିରଫ ହେବା ଘଟଣାକୁ ଆୟୋଗ ଅତି ହାଲୁକା ଭାବେ ନେଇଥିବା ସମ୍ପର୍କରେ ପ୍ରଶ୍ନ କରିଥିଲେ । ଏହି ସମ୍ପର୍କରେ ଆୟୋଗ କ'ଣ କରିଛି କହନ୍ତୁ ବୋଲି ପ୍ରଶ୍ନ କରିଥିଲେ । ତେବେ ଆୟୋଗ ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ ଆୟୋଗ ପୋଲିସକୁ ଚିଠି କରିଛି ବୋଲି କହିଥିଲେ । ଆୟୋଗ ଅଧକ୍ଷା ଗଣମାଧମ ପ୍ରତିନିଧିଙ୍କ ପ୍ରଶ୍ନର ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ ।

### ରୋଗ୍‌ରେ ପଡ଼ି ଅକରମା ହେଲେ ଗଜିନ୍ଦ୍ର

**ଲୋଇସିଂହା,୧୭।୧(ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଗୁର୍ଜିଭଟା ଗାଁର ଗଜିନ୍ଦ୍ର କୁମ୍ବାର(୪୭)। ଆଏଜ୍‌କେ ୫ ବଛର ହେଲା ପେଟ୍ ବେମାରୀରେ ପୀଡ଼ିତ ଅଛନ୍। ଅପରେଶନ ଉତାରୁ ବି ସେ ଠିକ୍ ନାଇଁହେବାର। ସେ ଅକରମା ହେଇ ଘରେ ପଡ଼ିରହିଛନ୍। ଇଆଡ଼େ ଘରେ ଅଭାବ ଅନାଟନ ଲାଗି ରହିଛେ। ଏନ୍‌ତାଥି ତାକର ଚିକିଛା ଆର ୨ ଝି'ପୁଓର ପାଠ୍‌ପଢ଼ା ଖେଲଢ଼େପ ହେଉଛେ। ସୂଚନା ଅନ୍‌ସାରେ ଯୋଗୀସର୍ଡ଼ା ପଁଚେତ୍ ଅଧୀନ ଗୁର୍ଜିଭଟା ହରିଜନ ପଡ଼ାର ଗଜିନ୍ଦ୍ରକଁର ପରିବାର କହେଲେ ମାଏକିନା ଚନ୍ଦ୍ରା, ପୁଓ ତରଣୀ ଆର ମାଟ୍ରିକ ପଢୁଥିବାର ଝି' କ୍ଷୀରକେ ନେଇ ସଁସାର। ଗଜିନ୍ଦ୍ର କୁଲିମଜୁରି କରି କୁଟୁମ ପୁଷୁଥିଲେ। ହେଲେ ବଛର କେତେଟା ତଲେ ତାକର ପେଟ୍ ବଥା ଆରମ୍ ହେଲା। ପେଟ୍ ବଥା ଦିନୁଦିନ୍‌କେ ବଢ଼ଲାରୁ ସେ ଲାଗ୍‌ବରମସ, ଧାରଉଧାର କରି ବୁର୍ଲା ବଡ଼ ଡାକ୍‌ତରଖାନାରେ ଅପରେଶନ କରାଲେ। ଅପରେଶନ ହେବାର ବି ଆଏଜ୍‌କେ ୩ ବଛର ବିତିଗଲାନ। ହେଲେ ସେ ନିରୋଗ୍ ହେଇ ନାଇଁପାରବାର। ଏନ୍‌ତାଥି ମାଏକିନା ଚନ୍ଦ୍ରା ବି ଆପ୍‌ନେକେ ଛାଡ଼ି କାମ୍‌ବୁତା କରି ଯାଇ ନାଇଁପାରବାର। ପଁଚେତ୍‌ରୁ ମିଲୁଥିବାର ଚାଉଲକେ ଆଶ୍‌ରେ କରି କୁଟୁମ୍‌ଟା ବଡ଼ା ଦୁଖେ ଚଲୁଛନ୍। ଏହେଦେ ରୁଜ୍‌ଗାର ଅଭାବୁ ପରିବାରର ଥିତି ଦୁହୁଲି ଯାଇଛେ। ଦିହିପା ସମସିଆର ଲାଗି ଗଜିନ୍ଦ୍ର ଏହେଦେ ଅକରମା ପାଲଟିଯାଇଛନ୍। ଏନ୍‌ତାଥି ତାକର ମାଏକିନା ଚନ୍ଦ୍ରା ଗଣମାଧମ ଜରିଆରେ ଆପ୍‌ନେ ଲାଗି ଭତା ଆର ପରିବାରକେ ଟଁକା ପଏସା ସାହାଯ୍ ଯୁଗେଇ ଦେବାକେ ପରଶାସନକେ ଗୁହାରି କରିଛନ୍।






କୁମୁଡ଼ା ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ (ବାମ)। ଅନୁଷ୍ଠିତ ସାଂସ୍କୃତିକ ଶୋଭାଯାତ୍ରାରେ ସାମିଲ ହୋଇଥିବା ଘୁମୁରା ନୃତ୍ୟ ।

# ଟିଟିଲାଗଡ଼ରେ କୁମୁଡ଼ା ମହୋତ୍ସବ ଉଦ୍‌ଘାଟିତ

**ଟିଟିଲାଗଡ଼,୧୭।୧ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ରେ କୁମୁଡ଼ା ମହୋତ୍ସବ-୨୦୨୦ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ସନ୍ଧ୍ୟାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ପଦ୍ମନାଭ ବେହେରା, ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ, ଭଦ୍ରକ ଜିଲା ସାଂସ୍କୃତିକ ସମ୍ମିଳନୀ ସଭାପତି ଅଜୟ ନାୟକ, ଚଳଚ୍ଚିତ୍ର ନିର୍ଦ୍ଦେଶକ ଜିତେନ୍ଦ୍ର ମିଶ୍ର, ବଲାଙ୍ଗୀର ଏସ୍‌ପି ସନ୍ଦିପ ସମ୍ପଦ, ମନ୍ତ୍ରୀ ଟୁକୁନୀ ସାହୁ ଉପସ୍ଥିତ ରହି ମହୋତ୍ସବକୁ ଶୁଭାରମ୍ଭ କରିଥିଲେ।

ମହୋତ୍ସବର ପ୍ରଥମ ପର୍ଯ୍ୟାୟ ସକାଳ ୭ଟାରେ ମହୋତ୍ସବ କମିଟି ସଭାପତି ତଥା ମନ୍ତ୍ରୀ ସାହୁ, କୁମଡ଼ା ପାହାଡ଼ ସୁରକ୍ଷା ସମିତି ସମ୍ପାଦକ ଉପେନ୍ଦ୍ର ବାଗଙ୍କ ନେତୃତ୍ୱରେ ସହରବାସୀ, ଛାତ୍ରଛାତ୍ରୀ, ଏନ୍‌ସିସି କ୍ୟାଡେଟ କୁମୁଡ଼ା ପାହାଡ଼ ଚଢି ପୂଜାର୍ଚ୍ଚନା ପରେ ଶୁଭଖମ୍ଭ ସ୍ଥାପନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ ସମ୍ପାଦକ ବାଗ ଟିଟିଲାଗଡ଼ର ବିକାଶ ତଥା ମହୋତ୍ସବ ଆୟୋଜନ ନେଇ ସହରବାସୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ସମିତି ସଭାପତି ବୃନ୍ଦାବନ ପାଢୀ, ମନ୍ତ୍ରୀଙ୍କ ପ୍ରତିନିଧି ଅରୁଣ ମିଶ୍ର, ପୂର୍ବତନ ପୌରାଧକ୍ଷ ଗୋବର୍ଦ୍ଧନ ନାଗ, ପୂର୍ବତନ ଉପାଧ୍ୟକ୍ଷା ଅଞ୍ଜନା ବର୍ମା, ବ୍ଲକ ଅଧ୍ୟକ୍ଷ ରମାକାନ୍ତି ପୁଟେଲ, ବରିଷ୍ଠ ବିଜେଡି ନେତା ପ୍ରେମ ଜୈନ, ଶମ୍ଭୁ ପ୍ରସାଦ ସାହୁ, ପୁଷ୍ପ ଜୈନ, କାଳିଚରଣ ପନୁଆ, ଡିଏଭି କଲେଜ ଏନ୍‌ସିସି ମେଜର ଡ. ମଧୁସୂଦନ ମିଶ୍ର, ଡ. ରମାକାନ୍ତ ବେହେରା, ଡ. ନନ୍ଦକିଶୋର ହୋତା, ଅରୁଣ ବାଗ, ସନ୍ତୋଷିନୀ ସୁନାନୀ, ଶିବା ରାଓ, ଅଶୋକ ପାଢୀ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଅପରାହ୍ନରେ ବିଜୁ ପଟ୍ଟନାୟକ ଛକରୁ ଏକ ସାଂସ୍କୃତିକ ଶୋଭାଯାତ୍ରା ବାହାରି ଘଣ୍ଟାସୁନୀ ମନ୍ଦିରରେ ପହଞ୍ଚିଥିଲା। ଏହି ଅବସରରେ ମନ୍ତ୍ରୀ ସାହୁ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ରାଜ୍ୟ ବିଜେଡି ପରିଷଦ ସଦସ୍ୟ ପ୍ରମୋଦ ପ୍ରଧାନ, ମନ୍ତ୍ରୀଙ୍କ ପ୍ରତିନିଧି ଚନ୍ଦ୍ରବଦନ ପୁରୋହିତ, ବରିଷ୍ଠ ନେତା ଦେବେନ୍ଦ୍ର ସାହୁ, ଅମରଜିତ ବାଗ, ଅଖିଲେଶ୍ୱର ରଣା, ଲାଲା ବର୍ମା, ଯୁଧିଷ୍ଠିର ବାଗ, ଗିଲୁ ଜାଲ ପ୍ରମୁଖ ଉପସ୍ଥିତ ରହିଥିଲେ। କୃଷ୍ଣସିଂ ପାତ୍ର, ଅଲେଖ ଦଲବେହେରା ପ୍ରମୁଖ ମଶାଲ ଆଣି ମଞ୍ଚରେ ସ୍ଥାପନ କରିଥିଲେ। ଶେଷରେ ବିଭିନ୍ନ ଅନୁଷ୍ଠାନର କାଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଲୋକେ ଏହାର ଭରପୁର ମଜା ନେଇଥିଲେ।



କୁମୁଡ଼ା ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ସିଂଘମଗ୍ରୁପ କଟକର କଳାକାରମାନେ ଗଣେଶ ବନ୍ଦନା ପରିବେଷଣ କରୁଛନ୍ତି।

- ଶୁଭଖମ୍ଭ ସ୍ଥାପନ ସହ ସାଂସ୍କୃତିକ ଶୋଭାଯାତ୍ରା
- ମନମୋହିଲା ସାଂସ୍କୃତିକ କାର୍ଯ୍ୟକ୍ରମ

# ଜାତୀୟ ଷ୍ଟ୍ରିଟ୍ ଫୁଡ୍ ଫେଷ୍ଟିଭାଲରେ ବାବୁଲା ଦହିବରା ପୁରସ୍କୃତ






**କଟକ ଅଫିସ,୧୭।୧**

**ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ପ୍ରଥମ**

ନୂଆଦିଲ୍ଲୀର ଜବାହରଲାଲ ନେହେରୁ ଷ୍ଟାଡିୟମରେ ୧୧ତମ ଜାତୀୟ ଷ୍ଟ୍ରିଟ୍ ଫୁଡ୍ ଫେଷ୍ଟିଭାଲ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ଦେଉଳସାହିର ପ୍ରଦୀପ୍ତ କୁମାର ସାହୁ ଓରଫ ବାବୁଲାଙ୍କ ଦହିବରା ଷ୍ଟଲ୍ ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ମଧ୍ୟରେ ପ୍ରଥମ ସ୍ଥାନ ହାସଲ କରିଛି। ଏଥିପାଇଁ ଉକ୍ତ ଷ୍ଟାଡିୟମରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଆୟୋଜକ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ପୁରସ୍କୃତ କରାଯାଇଛି। ଦହିବରା ପାଇଁ ପ୍ରସିଦ୍ଧ କଟକ ସହର ପୁର୍ନବାର ଜାତୀୟ ସ୍ତରରେ ଆଉ ଏକ ନିଆରା ରେକର୍ଡ ସୃଷ୍ଟି କରିଛି।

ଏହି ଫେଷ୍ଟିଭାଲରେ ଦେଶର ସମସ୍ତ ରାଜ୍ୟରୁ ୨୫୦ ଭେରାଇଟିର ଖାଦ୍ୟ ଷ୍ଟଲ ପଡ଼ିଥିଲା, ଯେଉଁଥିରେ ଓଡ଼ିଶାର ରହିଥିଲା ମାତ୍ର ଦୁଇଟି ଷ୍ଟଲ। ବାବୁଲା ଦହିବରା ଷ୍ଟଲ ପକାଇଥିବା ବେଳେ ଆଉ ଏକ ମିଠା ଷ୍ଟଲ ଥିଲା। ବାବୁଲାଙ୍କ ଦହିବରାର ଭିଡ଼ିଓ ୟୁ-ଟ୍ୟୁବରେ ଭାଇରାଲ ହୋଇଥିବାରୁ ଫେଷ୍ଟିଭାଲ ଆୟୋଜକ ଫୋନ୍ ଯୋଗେ ତାଙ୍କ ସହ ଯୋଗାଯୋଗ କରିଥିଲେ। ପରେ ନୂଆଦିଲ୍ଲୀରେ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଭାଗ ନେବାକୁ କହିଥିଲେ। ଦହିବରା, ଘୁଗୁନି ଓ ଆଳୁଦମ୍ ପରଷି ବାବୁଲା ରାଜ୍ୟ ପାଇଁ ଏହି ଗୌରବ ଆଣିଛନ୍ତି। ସେଠାରେ ଖାଦ୍ୟ ତିଆରି କରିବା ଓ ପରଷିବା କ୍ଷେତ୍ରରେ ପରିଷ୍କାର ପ୍ରତି ବିଶେଷ ଧ୍ୟାନ ଦିଆଯାଉଥିଲା। ଏପରିକି ସିସିଟିଭି କ୍ୟାମେରାରେ ସମସ୍ତ କାର୍ଯ୍ୟକୁ ଆୟୋଜକ ନଜର ରଖୁଥିଲେ ବୋଲି ବାବୁଲା କହିଛନ୍ତି। ସୂଚନାଥାଉ କି, ବାବୁଲା ଦୀର୍ଘ ୩୦ବର୍ଷ ହେବ ଦେଉଳସାହିରେ ଦହିବରା ବ୍ୟବସାୟ କରୁଛନ୍ତି। ପ୍ରଥମେ ସାଇକେଲରେ ବୁଲି ବୁଲି ସେ ନିଜର ବ୍ୟବସାୟ ଆରମ୍ଭ କରିଥିଲେ। ହେଲେ ଏବେ ଠେଲାଗାଡ଼ିରେ ଦହିବରା ବିକ୍ରି କରୁଛନ୍ତି। ବ୍ୟବସାୟରେ ସ୍ତ୍ରୀ ମଲ୍ଲିକାରାଣୀ ସାହୁ, ପୁଅ ଚିନ୍ମୟ ସାହୁ ଓ ଝିଅ ବିଜୟଲକ୍ଷ୍ମୀ ସାହୁ ସହଯୋଗ କରନ୍ତି ବୋଲି ବାବୁଲା କହିଛନ୍ତି।

### ଇନ୍ଦ୍ରାବତୀ ଜଳଭଣ୍ଡାରରେ ମଟର ଲଞ୍ଚ ଅଚଳ

**ଭବାନୀପାଟଣା,୧୭।୧ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଇନ୍ଦ୍ରାବତୀ ଜଳଭଣ୍ଡାରରେ ଦେଶୀ ମଟର ଲଞ୍ଚ ଅଚଳ ହୋଇଯିବାରୁ ଜଳଭଣ୍ଡାରର ଉଭୟ ପାର୍ଶ୍ୱରେ ୨ ଶହରୁ ଅଧିକ ଲୋକ ନିଜ ଘରକୁ ଫେରିବା ପାଇଁ ଅପେକ୍ଷା କରିଛନ୍ତି । ଗୁରୁବାର ନବରଙ୍ଗପୁର ଜିଲା ଲମତାପୁରଠାରେ ସାପ୍ତାହିକ ହାଟ ଥିବାରୁ ଥୁଆମୂଳ ରାମପୁର ବ୍ଲକ୍ ଓଡ୍ରି, ମାଲିଗାଁ, ଗୋପୀନାଥପୁର, ପୋଡାପଦର ଗ୍ରାମର ଶତାଧିକ ଲୋକ ବଜାରକୁ ଯିବା ପାଇଁ ଅପେକ୍ଷା କରିଥିଲେ। ମଟର ଲଞ୍ଚ ଅଚଳ ହେବାରୁ ସାପ୍ତାହିକ ବଜାରକୁ ଯାଇଥିବା ଶତାଧିକ ଲୋକେ ନାଗି ଘାଟଠାରେ ଅଟକି ରହିଥିଲେ। ସେହିପରି ବିପରୀତ ଦିଗରେ ଅପେକ୍ଷାରେ ଥିବା ୫୦ରୁ ଅଧିକ ଲୋକ ଘାଟଠାରେ ଅପେକ୍ଷା କରି ରହିଛନ୍ତି। ସୂଚନାଯୋଗ୍ୟ ଯେ, ବାରମ୍ବାର ମଟର ଲଞ୍ଚ ଅଚଳ ହେଉଥିବା ଘଟଣାକୁ ଦୃଷ୍ଟିରେ ରଖି ଆଦିବାସୀ ସମନ୍ୱିତ ବିକାଶ ସଂସ୍ଥା ପକ୍ଷରୁ ୨ଟି ମଟର ଲଞ୍ଚ ପ୍ରଦାନ କରାଯାଇଥିଲା। ଏହି ମଟର ଲଞ୍ଚକୁ ଉଭୟ ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିଶାରୀ ଓ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା ଉଦ୍‌ଘାଟନ କରିଥିଲେ। ଏହାପରେ ବିବାଦ ଯୋଗୁ ଉଭୟ ଲଞ୍ଚକୁ ଜବତ କରାଯାଇଥିଲା। ପୁରୁଣା ଲଞ୍ଚକୁ ଅଞ୍ଚଳବାସୀ ନିଜେ ମରାମତି କରି ଜୀବନକୁ ପାଣି ଛଡାଇ ଯିବାଆସିବା କରୁଛନ୍ତି । ଗତ ବର୍ଷା ଋତୁରେ ମଧ୍ୟ ଏଭଳି ତ୍ରୁଟି ହେତୁ ଏହାର ସାମାଧାନ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ଫଣ୍ଡି ଘର ଉଚ୍ଛେଦ ଚିନ୍ତାରେ ତୋଳାଳି

### କେନ୍ଦୁପତ୍ର ଫଣ୍ଡି ଘରେ ନଳକୂପ ଖନନରେ ଅନିୟମିତତା ଅଭିଯୋଗ

**ଲୋଇସିଂହା,୧୭।୧(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ଓ ଆଗଲପୁର ବ୍ଲକ କେନ୍ଦୁପତ୍ର ରେଞ୍ଜର କେତେକ ଫଣ୍ଡିରେ ନଳକୂପ ଖନନରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏପରି କି ଆଗଲପୁର ବ୍ଲକର କେତେକ ଫଣ୍ଡି ଘର ଉଠାଇ ନେବାନେଇ ବିଭାଗ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ଆଗକୁ କେନ୍ଦୁପତ୍ର ସଂଗ୍ରହ କରାଯିବ। ଏନେଇ ତୋଳାଳି ଓ କର୍ମଚାରୀଙ୍କୁ ପିଇବା ପାଣି ଯୋଗାଇ ଦେବାନେଇ ପ୍ରତି ଫଣ୍ଡି ଘର ନିକଟରେ ନଳକୂପ ଖନନ ପାଇଁ ସରକାରୀ ଭାବେ ବ୍ୟବସ୍ଥା ହୋଇଛି। ନଳକୂପ ଖନନ ବାବଦକୁ ୧ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଏହିକ୍ରମରେ ବଲାଙ୍ଗୀର ଜିଲା ଲୋଇସିଂହା ରେଞ୍ଜ ଅନ୍ତର୍ଗତ ପଣ୍ଡକିଟାଲ, ଶକୁଆ, ଲରମ୍ବାମୁଣ୍ଡା ଓ ଚୁଙ୍ଗିଦାଦର ଫଣ୍ଡି ଘର ନିକଟରେ ନଳକୂପ ଖନନ ହୋଇଛି। ସେହିପରି ଆଗଲପୁର ରେଞ୍ଜର କେତେକ ଫଣ୍ଡିରେ ମଧ୍ୟ ନଳକୂପ ଖୋଳା ଯାଇଛି। ହେଲେ କମ୍ ଫୁଟ ଗଭୀର ନଳକୂପ ଖନନ କରି ଟଙ୍କା ଆତ୍ମସାତ୍ କରାଯାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଅପରପକ୍ଷେ ଚଳିତ କେନ୍ଦୁପତ୍ର ସଂଗ୍ରହ ପୂର୍ବରୁ ଆଗଲପୁର ସେକ୍ସନକୁ ଝଟକା ଲାଗିଛି। ଆଗଲପୁର ସେକ୍ସନକୁ ବାଦ ଦେଇ ନୂନିଆପାଲିରେ ମିଶ୍ରଣ କରାଯାଉଥିବା ସ୍ଥାନୀୟ ଲୋକେ ଜାଣିବାକୁ ପାଇଛନ୍ତି। ଏପରି କି ସେକ୍ସନ ଅଧୀନ ୨ଟି ଫଣ୍ଡିକୁ ବିଭାଗ ପକ୍ଷରୁ ସମ୍ପୂର୍ଣ୍ଣ ଉଚ୍ଛେଦ ନେଇ ଯୋଜନା ହେଉଥିବା ଜାଣି ସ୍ଥାନୀୟ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେକ୍ସନ ମିଶ୍ରଣ ଓ ଫଣ୍ଡି ଘର ଉଚ୍ଛେଦ ହେଲେ ତୋଳାଳି ଓ କର୍ମଚାରୀ ଅସୁବିଧାର ସମ୍ମୁଖୀନ ହେବା ଆଶଙ୍କା ପ୍ରକାଶ ପାଇଛି। ଏନେଇ ଲୋଇସିଂହା ରେଞ୍ଜର ଦିଲୀପ ସାହୁଙ୍କୁ ପଚାରିବାରୁ ପ୍ରତ୍ୟେକ ଆର୍ଥିକ ବର୍ଷରେ ପ୍ରତି ଫଣ୍ଡିରୁ ୩୫ରୁ ୪୦ ବସ୍ତା କେନ୍ଦୁପତ୍ର ସଂଗ୍ରହ ହେବା କଥା। ହେଲେ ୨ଟି ଫଣ୍ଡିରେ ୯ରୁ ୧୦ ବସ୍ତା କେନ୍ଦୁପତ୍ର ସଂଗ୍ରହ ହେଉଛି। ୩ ବର୍ଷ ହେଲା ବିଭାଗ କ୍ଷତି ସହୁଛି। ଏନେଇ ଫଣ୍ଡିକୁ ଉଚ୍ଛେଦ ପାଇଁ ପ୍ରକ୍ରିୟା ଚାଲିଥିବା କହିଥିଲେ। ନଳକୂପ ଖନନ ସମ୍ପର୍କରେ ପଚାରିବାରୁ ନଳକୂଅ ଗୁଡିକର ବିଲ୍ ହୋଇନାହିଁ। ଯେଉଁଠି ଯେତେ ଫୁଟ ନଳକୂପ ଖନନ ହୋଇଛି ସେହି ଅନୁସାରେ ବିଲ୍ କରାଯିବ ବୋଲି କହିଥିଲେ।

# ଡିଏଭି କଲେଜର ବାର୍ଷିକ ଉତ୍ସବ

**ଟିଟିଲାଗଡ଼,୧୭।୧(ଡି.ଏନ.ଏ.)**

ଟିଟିଲାଗଡ଼ ଡିଏଭି ସ୍ୱୟଂ ଶାସିତ କଲେଜର ୫୨ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଟୁକୁନୀ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କଲେଜର ଉନ୍ନତି କାମନା କରିଥିଲେ। ପ୍ରାଧାପକ କେଶବ ରଞ୍ଜନ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଦିଗ୍‌ଦର୍ଶନ ଦେଇଥିଲେ। କଲେଜ ଅଧ୍ୟକ୍ଷ ସୁଶିଲ ପାଢୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାଂସ୍କୃତିକ ସଂସଦ ଉପଦେଷ୍ଟା ସୁଶାନ୍ତ ପଟ୍ଟନାୟକ, ଛାତ୍ର ମଙ୍ଗଳ ପରିଷଦ ଉପଦେଷ୍ଟା ପ୍ରାଧାପକ ବସନ୍ତ ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ତଥା କ୍ରୀଡ଼ା ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ।

# ଡୁମାଳ ଯୁବ ପରିଷଦର ସଫେଇ କାର୍ଯ୍ୟକ୍ରମ

**ଅମରପାଲି,୧୭।(ଡି.ଏନ.ଏ.)**

ଡୁମାଳ ଯୁବ ପରିଷଦ ପକ୍ଷରୁ ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅଧୀନ କଳାପଥର ଗ୍ରାମର ଶବଦାହ ଗୃହ ଏବଂ ଏହାର ଚାରିପାଖରେ ପଡି ରହିଥିବା ଅଳିଆ ଆବର୍ଜକୁ ସଫା କରାଯାଇଛି। ପରିଷଦର ସମିତି ମହାକୁରଙ୍କ ନେତୃତ୍ୱରେ ଅନୁଷ୍ଠିତ ସଫେଇ କାର୍ଯ୍ୟକ୍ରମରେ ଧନଞ୍ଜୟ ମହାକୁର, ଶ୍ରୀଧାଂଶୁ ମେଣ୍ଡିଲି, ସୁଧାକର ଗଡୁଆ, ବାବୁଲାଲ ମହାକୁର, ଗିରିଧାରୀ ମହାକୁର ପ୍ରମୁଖ ଯୋଗ ଦେଇଥିଲେ। ଯୁବ ପରିଷଦ ସଦସ୍ୟଙ୍କ ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି ।

# ପାଣି ପଞ୍ଚାୟତ ପକ୍ଷ ପାଳନ

**ବଲାଙ୍ଗୀର ଅଫିସ, ୧୭।୧**

ବଲାଙ୍ଗୀର ଉଠାଜଳ ସେଚନ ବିଭାଜନ ପକ୍ଷରୁ ଶୁକ୍ରବାର ସ୍ଥାନୀୟ ଟାଉନ୍ ହଲଠାରେ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। ନିର୍ବାହୀ ଯନ୍ତ୍ରୀ ସ୍ନେହାଙ୍ଗୁ କୁମାର ପାଲଙ୍କ ସଭାପତିତ୍ୱରେ ଜିଲା ମୁଖ୍ୟ କୃଷି ଅଧିକାରୀ ବାଳକୃଷ୍ଣ ଗୌଡ ମୁଖ୍ୟଅତିଥି, ଅତିରିକ୍ତ ଜିଲା ଉଦ୍ୟାନ ଅଧିକାରୀ କେଶବ ଚନ୍ଦ୍ର ମିଶ୍ର ସମ୍ମାନିତ ଅତିଥି, ସିନିୟର ଜିଓଲଜିଷ୍ଟ ଅନନ୍ତ କୁମାର ଆଚାର୍ଯ୍ୟ ମୁଖ୍ୟବକ୍ତା ଓ କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ସାର୍ଥକ ପଟ୍ଟନାୟକ ଅତିଥି ଭାବେ ମଞ୍ଚାସୀନ ଥିଲେ । ସହକାରୀ ଯନ୍ତ୍ରୀ ଉମେଶ ଚନ୍ଦ୍ର ପଣ୍ଡା ସଭା ପରିଚାଳନା କରିଥିଲେ। ସଭାରେ କୃଷି ଓ କୃଷକର ଉନ୍ନତି, ଉନ୍ନତ ଜ୍ଞାନକୌଶଳରେ ଚାଷ, ଜଳର ମିତବ୍ୟୟତା ଏବଂ ସଦୁପଯୋଗ ଉପରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଜିଲାର ୧୪ଟି ବ୍ଲକର ଉଠା ଜଳସେଚନ ବିଭାଗ କର୍ମଚାରୀ, ଚାଷୀ, ପାଣି ପଞ୍ଚାୟତ ସଦସ୍ୟ ଯୋଗ ଦେଇଥିଲେ।

# ମୁକ୍ତିଲାଭ କଲା କୋଶଲୀ ଚଳଚ୍ଚିତ୍ର ଶଳାବୁଢ଼ାର ବଦ୍‌ଲା

**ବଲାଙ୍ଗୀର ଅଫିସ,୧୭।୧**

ଓଡ଼ିଶାର ପ୍ରଥମ ଟ୍ରାଇଲଜି ତଥା ବହୁପ୍ରତୀକ୍ଷିତ କୋଶଲୀ ଚଳଚ୍ଚିତ୍ର ଶଳାବୁଢ଼ାର ବଦ୍‌ଲା ଶୁକ୍ରବାର ବଲାଙ୍ଗୀର ରୟାଲ ସିନେମା ହଲରେ ମୁକ୍ତିଲାଭ କରିଛି । ବରିଷ୍ଠ ରାଜନେତା ତଥା ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଚଳଚ୍ଚିତ୍ରକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଚଳଚ୍ଚିତ୍ର ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର, ଅନ୍ୟତମ ଅତିଥି ପଦ୍ମଶ୍ରୀ ବିଦ୍ୟାବାଚସ୍ପତି ଡ. ଶ୍ରୀନିବାସ ଉଦ୍‌ଗାତା, ବିଶିଷ୍ଟ ଅଭିନେତା ଅଟଳ ବିହାରୀ ପଣ୍ଡା, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ନାଟ୍ୟଶ୍ରୀ ଗଦାଧର ବାରିକ, ଅଭିନେତ୍ରୀ ଚନ୍ଦନା ସିଂ, ସୁଶୀଳା ନାୟାର, ଅଭିନେତା ପ୍ରଦ୍ୟୁମ୍ନ ସାହୁ, ଜିତେନ୍ଦ୍ରୀୟ ହୋତା, ବିଷ୍ଣୁ ମହାପାତ୍ର, ଗୋରେଖନାଥ ସାହୁ, ମିନା ମହାରଣା, ରବୀନ୍ଦ୍ର କୁମାର ସାହୁ, ମନୋରଞ୍ଜନ ଦାଶ, ବିଜୟ କୁମାର ତ୍ରିପାଠୀ, ପୁରୁଷୋତ୍ତମ ମିଶ୍ର, ପ୍ରଦୀପ ଦେବ୍‌ତା, ସତ୍ୟ ଦାଶ, ହିମାଂଶୁ ଖମାରୀ, ସାମାଜିକ କର୍ମୀ ଲଳିତ କୁମାର ନାୟକ, ପ୍ରୟୋଜକ କୁମାର ସି ଦେବ, ସହପ୍ରୟୋଜକ ସୁଶାନ୍ତ ମହାପାତ୍ର, ସଙ୍ଗୀତ ନିର୍ଦ୍ଦେଶକ ପଙ୍କଜ ଜାଲ, କଣ୍ଠଶିଳ୍ପୀ ପ୍ରତିତୀ ମିଶ୍ର, ସହକାରୀ କ୍ୟାମେରାମ୍ୟାନ୍ ଗୋପାଳ ପ୍ରଧାନ, ଡ. ଘାସିରାମ ମିଶ୍ର, ରତନ ମେହେରଙ୍କ ସହ ବହୁ କଳାକାର ଉପସ୍ଥିତ ଥିଲେ। ନିଛକ ପ୍ରେମ କାହାଣୀ ଭିତରେ ବିବାହକୁ ନେଇ ଉଭୟ ବର ଓ କନ୍ୟାପକ୍ଷ ମଧ୍ୟରେ ଗଣ୍ଡଗୋଳରୁ ଆରମ୍ଭ ହୋଇଥିବା ହିଂସା ଓ ଘୃଣା ଭିତରେ ଶଳାବୁଢ଼ାର ମାନବବାଦୀ ପ୍ରେମପୂର୍ଣ୍ଣ ପ୍ରତିଶୋଧ ଚଳଚ୍ଚିତ୍ରକୁ ବୁଦ୍ଧିମନ୍ତ କରିଛି। ଚଳଚ୍ଚିତ୍ର ଦେଖିବା ପରେ ମୁଖ୍ୟଅତିଥି ବିଧାୟକ ନରସିଂହ ମିଶ୍ର ଚଳଚ୍ଚିତ୍ର ନିର୍ଦ୍ଦେଶକ ସବ୍ୟସାଚୀଙ୍କୁ ପ୍ରଶଂସା କରିଥିଲେ। ଅଞ୍ଚଳର କଳା, ସଂସ୍କୃତି ଓ ପରମ୍ପରା କେତେ ଉଚ୍ଚ ଏହା ସିନେମା ପର୍ଦ୍ଦାରେ ପ୍ରଦର୍ଶିତ କରି ସମଗ୍ର ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ବୋଲି କହିଥିଲେ। ଶଳାବୁଢାର ବଦ୍‌ଲା ସିନେମା ଦେଖିବା ପରେ ଗାନ୍ଧିଜୀ ଓ ଗାନ୍ଧୀବାଦ୍ କଥା ମନେ ପଡିଲା ବୋଲି ବିଧାୟକ ମିଶ୍ର କହିଥିଲେ। ହିଂସା ଓ ଘୃଣାକୁ ଜୟ କରିବାକୁ ହେଲେ ପ୍ରେମ ଓ ଭାଇଚାର ହିଁ ସର୍ବୋତ୍କୃଷ୍ଟ ମାଧ୍ୟମ ଏହା ଏହି ଚଳଚ୍ଚିତ୍ରର ମର୍ମ ଓ ବାର୍ତ୍ତା ବୋଲି ସେ କହିଥିଲେ। ଚଳଚ୍ଚିତ୍ର ପ୍ରାରମ୍ଭରେ ନିର୍ଦ୍ଦେଶକ ମହାପାତ୍ରଙ୍କ ଶଳାବୁଢ଼ା, ଆଦିମ ବିଚାର ଓ ଶଳାବୁଢାର ବଦ୍‌ଲା ହେଉଛି ଓଡିଶାର ପ୍ରଥମ ଟ୍ରାଇଲଜି ଏବଂ ସମ୍ଭବତଃ ଏହା ଭାରତୀୟ ସିନେମା ଇତିହାସରେ ଦ୍ୱିତୀୟ ଟ୍ରାଇଲଜି ବୋଲି ସୂଚନା ଦେଇଥିଲେ। ଏହି ଅବସରରେ ସମସ୍ତ ଅଭିନେତା, କଳାକାର, ସହଯୋଗୀ, ଟେକ୍‌ନିସିଆନ୍‌ଙ୍କୁ ସେ କୃତଜ୍ଞତା ଜଣାଇଥିଲେ। କୋଶଲାଞ୍ଚଳର ସୁମଧୁର ଗୀତ, ସଙ୍ଗୀତ ଓ ନୃତ୍ୟରେ ସଜ୍ଜିତ ଚଳଚ୍ଚିତ୍ର ଦର୍ଶକଙ୍କ ମନ ଜିଣିଛି।



ଶଳାବୁଢ଼ାର ବଦ୍‌ଲା ଚଳଚ୍ଚିତ୍ର ମୁକ୍ତିଲାଭ ଅବସରରେ ମୁଖ୍ୟଅତିଥି ବିଧାୟକ ନରସିଂହ ମିଶ୍ର, ପଦ୍ମଶ୍ରୀ ଶ୍ରୀନିବସ ଉଦ୍‌ଗାତା, ଅଭିନେତା ଅଟଳ ବିହାରୀ ପଣ୍ଡା ଓ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ରଙ୍କ ସହ ଅନ୍ୟ କଳାକାର ଓ ସହଯୋଗୀମାନେ ।

- ହିଂସା, ଘୃଣା ବିରୋଧରେ ମାନବବାଦ୍‌ର ବାର୍ତ୍ତା ଦେଲା
- ସିନେମା ଦେଖିଲେ ଗାନ୍ଧିଜୀ ଓ ଗାନ୍ଧୀବାଦ କଥା ମନେପଡିବ: ନରସିଂହ



ସବୁଠାରୁ ଅଳ୍ପରେ ଯିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ। କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦ।
-ସକ୍ରେଟିସ୍



## ସଂକ୍ଷେପରେ



### ସଡ଼କ ସୁରକ୍ଷା ସପ୍ତାହରେ ଯାନବାହନ ଧରପଗଡ

ଜୁନାଗଡ,୧୭।୧(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବନମାଲୀପୁର ଛକ ୨୬ ନଂ. ଜାତୀୟ ରାଜପଥରେ ଶୁକ୍ରବାର ସଡକ ସୁରକ୍ଷା ସପ୍ତାହ ଉପଲକ୍ଷେ ଯାନବାହନ ଧରପଗଡ କରାଯାଇଛି। ଜୁନାଗଡ ପୋଲିସ, ଅବକାରୀ ଓ ଜିଲା ଆଞ୍ଚଳିକ ପରିବହନ ବିଭାଗ ମିଳିତ ଉଦ୍ୟମରେ ଯାନବାହନଗୁଡିକୁ ଧରପଗଡ କରାଯାଇଥିଲା। ଏହି ସମୟରେ ଆବଶ୍ୟକ କାଗଜପତ୍ର ଦେଖାଇପାରି ନ ଥିବା ୧୫ଟି ଯାନବାହନରୁ ୩୩ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା।

### ୧୯୭୭ ବ୍ୟାଚ୍ ସ୍ନାତକ ଛାତ୍ରୀଛାତ୍ରଙ୍କ ବନ୍ଧୁ ମିଳନ

ଭବାନୀପାଟଣା,୧୭।୧(ଡି.ଏନ.ଏ.): ସ୍ଥାନୀୟ ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ ୧୯୭୭ ସ୍ନାତକ ବ୍ୟାଚ୍‌ର ଏକ ବନ୍ଧୁମିଳନ ଚକ୍ରଧର ନଗରଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଓ ରାଜ୍ୟ ବାହାରେ ଥିବା ଉଚ୍ଚ ପଦ ପଦବୀ ଧାରି ବନ୍ଧୁମାନେ ଆସିଥିବାରୁ ଅନେକ ଖୁସି ହୋଇଥିଲେ। ଦୀର୍ଘ ୩୦ ବର୍ଷ ହେବ ଯେପରି ଏହି ବନ୍ଧୁମିଳନ ଚାଲିଛି । ଆଗାମୀ ଦିନରେ ସପରି ଚାଲୁରହୁ ବୋଲି ଅନେକ ଆଶା ପ୍ରକଟ କରିଥିଲେ। ଆୟୋଜକ ତଥା ସଙ୍ଗଠକ କିଶୋର ସାହୁ ଦୀର୍ଘ ବର୍ଷ ହେବ ବନ୍ଧୁମିଳନ କାର୍ଯ୍ୟ କରି ଚାଲିଥିବାରୁ ଉପସ୍ଥିତ ସମସ୍ତେ ସାହୁଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସାହୁ ମଧ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# କଳାହାଣ୍ଡି ଉତ୍ସବ ଘୁମୁରା ଉଦ୍‌ଯାପିତ

ଭବାନୀପାଟଣା,୧୭।୧ (ଡି.ଏନ.ଏ.)



କଳାହାଣ୍ଡି ଉତ୍ସବ ଘୁମୁରା ଉଦ୍‌ଯାପନୀ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି ବୃନ୍ଦ।



ପରିବେଷଣ ସାଂସ୍କୃତିକ କାର୍ଯ୍ୟକ୍ରମ ।

ଭବାନୀପାଟଣା ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ଚାଲିଥିବା ୨୪ତମ କଳାହାଣ୍ଡି ଉତ୍ସବ ଘୁମୁରା–୨୦୨୦ ଶୁକ୍ରବାର ସନ୍ଧ୍ୟାରେ ଘଣ୍ଟ, ଘୁମୁରା, ନିଷାନ, ମାଦଳ, ଢୋଲ ବାଦ୍ୟ ଓ ନୃତ୍ୟ ଏବଂ ରଙ୍ଗବେରଙ୍ଗ ଆତସବାଜିରେ ସହିତ ଉଦ୍‌ଯାପନୀ ହୋଇଯାଇଛି । ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଶକ୍ତି, ଶିଳ୍ପ, ଏମ୍.ଏସ୍.ଏମ୍.ଇ ଓ ଗୃହ ବିଭାଗ ମନ୍ତ୍ରୀ କ୍ୟା. ଦିବ୍ୟଶଙ୍କର ମିଶ୍ର, ଏସ୍‌ଟିଏସସି ମନ୍ତ୍ରୀ ଜଗନ୍ନାଥ ସାରକା, ଏମ୍‌ପି ବସନ୍ତ କୁମାର ପଣ୍ଡା, ଅର୍ନ୍ତଜାତୀୟ ପର୍ବତାରୋହୀ ଯୋଗବ୍ୟାସ ଭୋଇ, ଅର୍ନ୍ତଜାତୀୟ ପଞ୍ଚମ୍ୟାନ ଡ. ସତ୍ୟପୀର ପ୍ରଧାନ, ଅବସରପ୍ରାପ୍ତ ଅତିରିକ୍ତ ଆରକ୍ଷୀ ଅଧୀକାରୀ ତଥା ଏସିଆ ଭେଟେରାନ ଆଥେଲେଟିକ ଚାମ୍ପିୟନ ଦୁର୍ଗା ଚରଣ ମିଶ୍ର ଯୋଗଦେଇଥିବା ବେଳେ ଅତିରିକ୍ତ ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦ ଉପାଧ୍ୟକ୍ଷ ଶରତଚନ୍ଦ୍ର ଶ୍ରୀଚନ୍ଦନ ଅଧ୍ୟକ୍ଷତା କରିଥିଲେ। ମନ୍ତ୍ରୀ ମିଶ୍ର ଓ ଅନ୍ୟ ଅତିଥିମାନେ ରେଣ୍ଡୋ ମାଝି ମଞ୍ଚରେ ସ୍ଥାପିତ ମା' ମାଣିକେଶ୍ୱରୀ ଓ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ଉପସ୍ଥିତ ଜନତାଙ୍କୁ ଉଦ୍‌ବୋଧନ ଦେଇଥିଲେ। ମହୋତ୍ସବ ଦ୍ୱାରା ସଂସ୍କୃତି ଭାବ ବିନିମୟ, ବୁଝାମଣା, ଶାନ୍ତି ଓ ଭାଇଚାରା ହୋଇଥାଏ । ଏହି ଉତ୍ସବ ଦ୍ୱାରା ଗ୍ରାମାଞ୍ଚଳରେ ବିଭିନ୍ନ ଐତିହ୍ୟ ସମ୍ପନ୍ନ କଳା ଓ ସଂସ୍କୃତି ସାଙ୍ଗକୁ ବିଲୁପ୍ତ ହେବାକୁ ବସିଥିବା ଲୋକଗୀତ,

### ମହୋତ୍ସବ ଦ୍ୱାରା ସଂସ୍କୃତି ଭାବ ବିନିମୟ, ବୁଝାମଣା, ଶାନ୍ତି ଓ ଭାଇଚାରା ସୃଷ୍ଟି ହୋଇଥାଏ

ଲୋକନୃତ୍ୟ ନିଶ୍ଚୟ ଭାବେ ପୁନଉଦ୍ଧାର ହୋଇପାରୁଛି। ଶହ ଶହ ନୂତନ କଳାକାର ଏହି ମଞ୍ଚ ଓ ଉତ୍ସବରୁ ସୃଷ୍ଟି ହୋଇ ପାରୁଛନ୍ତି ବୋଲି ଅତିଥିମାନେ କହିଛନ୍ତି। ପରେ ପ୍ରତିବର୍ଷ ଭଳି ଜିଲା ଏବଂ ଜିଲା ସଂସ୍କୃତି ପରିଷଦ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ଜିଲାର ବରପୁତ୍ର ଭାବେ ଭିମସେନ ସାହୁଙ୍କୁ କଳା ଓ ସଂସ୍କୃତି, କବିତା ମିଶ୍ରଙ୍କୁ କ୍ରୀଡା, ଡ. ସତ୍ୟନାରାୟଣ ପଟ୍ଟନାୟକଙ୍କ ସାହିତ୍ୟ ପାଇଁ ସମ୍ବର୍ଦ୍ଧନା କରାଯାଇଥିଲା। ପରେ ଉତ୍ସବର ସ୍ମରଣିକା 'କଳାଝରଣ' ଉନ୍ମୋଚିତ ହୋଇଥିଲା। ଉଦ୍‌ଯାପନୀ ଦିବସରେ ରେଣ୍ଡୋ ମାଝି ମଞ୍ଚରେ ମାନିହାର ଓ କାଲବେଲିଆ ରାଜସ୍ଥାନର କଳାକାରମାନେ, ଥୁଆମୂଳ ରାମପୁର ଶୁଭମ, କେସିଙ୍ଗା ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ, ପ୍ରତିଭା, ଆସାମର ବିହୁ, ଜେକେ ୱାର୍ଲ୍ଡ ଭବାନୀପାଟଣା, ଢୋଲଚଲମ ଓ ପଙ୍ଗୁ ଚଲମ ମଣିପୁର, ଲବଣି ମହାରାଷ୍ଟ୍ରର କଳାକାରମାନେ ନୃତ୍ୟ ପ୍ରଦର୍ଶନ କରିଥିଲେ । ମୁକ୍ତାକାଶ ପାରବା ମଞ୍ଚରେ ସୋହାଗପୁର ଆଶ୍ରମ ସ୍କୁଲ, ଇଡିସି ଡ୍ୟାନ୍ସ ଏକାଡେମି କେସିଙ୍ଗା, ଚକାଡୋଳା ଡ୍ୟାନ୍ସ ଗ୍ରୁପ, ସାଗର ଡ୍ୟାନ୍ସ ଗ୍ରୁପ, ଶ୍ରୀ ଅରବିନ୍ଦ କଳାକେନ୍ଦ୍ର, ସରସ୍ୱତୀ ଶିଶୁ ମନ୍ଦିର ବ୍ରଜବିହାର, ହେପି ଚିଲରେନ୍ସ ଡ୍ୟାନ୍ସ ଗ୍ରୁପ୍ସ, ବାଣିପୁଙ୍ଗା ବାଳିକା ଉଚ୍ଚ ବିଦ୍ୟାଳୟ, ଜୁନାଗଡ ବାଳିକା ଉଚ୍ଚ ବିଦ୍ୟାଳୟ, ଜୟନ୍ତପୁର ବାଳିକା ଉଚ୍ଚ ବିଦ୍ୟାଳୟ, ପାଷ୍ଟିକୁଡି ହାଇସ୍କୁଲ ଓ ସରକାରୀ ଏସ୍‌ଏସ୍‌ଡି କେରୋକୁଡାର କଳାକାରମାନେ ଚିତ୍ତାକର୍ଷକ ନୃତ୍ୟ ଓ ସଙ୍ଗୀତ ପରିବେଶଣ କରିଥିଲେ। ପ୍ରବଳ ଶୀତ ସତ୍ତ୍ୱେ ଲାଲବାହାଦୂର ଶାସ୍ତ୍ରୀ ଷ୍ଟାଡିୟମରେ ଭରପୁର ଦର୍ଶକ ଏହାର ମଜା ଉଠାଇଥିଲେ।





କଳାହାଣ୍ଡି ଉତ୍ସବ ଘୁମୁରା ଉଦ୍‌ଯାପନୀ ସନ୍ଧ୍ୟାରେ ପରିବେଷଣ ସାଂସ୍କୃତିକ କାର୍ଯ୍ୟକ୍ରମର ଝଲକ ।

## ସଚେତନତା ବାର୍ତ୍ତା ଦେଲେ ଛାତ୍ରୀଛାତ୍ର

କୋକସରା,୧୭।୧ (ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁ ଜୁନିୟର କଲେଜ ଯୁଥ ରେଡକ୍ରସ ଓ ଏନଏସଏସ ଛାତ୍ରୀଛାତ୍ରମାନେ ଶୁକ୍ରବାର ସଡ଼କ ସୁରକ୍ଷା ସପ୍ତାହ ପାଳନରେ ଶୋଭାଯାତ୍ରାରେ ସଚେତନତା ବାର୍ତ୍ତା ଦେଇଛନ୍ତି । ଟ୍ରାଫିକ ନିୟମ ମାନି ଗାଡି ଚଳାଇବା, ହେଲମେଟ ବ୍ୟବହାର କରିବା, ଦ୍ରୁତଗତିରେ ଗାଡି ନ ଚଳାଇବା, ଗାଡି ଚଳାଇବା ବେଳେ ନିଶାଦ୍ରବ୍ୟ ସେବନ ନ କରିବା, ସିଟବେଲ୍ଟ ବାନ୍ଧିବା, ନାବାଳକମାନଙ୍କୁ ଗାଡି ଚଳାଇବା ପାଇଁ ଅନୁମତି ନ ଦେବା ଭଳି ସଚେତନ ବାର୍ତ୍ତା ଦେଇଥିଲେ। ଲଡୁଗାଁ ଜୁନିୟର କଲେଜ ଅଧକ୍ଷ ଡ. ନିହାର କାନ୍ତ ପଣ୍ଡା ରେଡକ୍ରସ ପତକା ଦେଖାଇ ଶୋଭାଯାତ୍ରା ଉଦ୍‌ଘାଟନ କରିଥିଲେ ଯୁବ ରେଡକ୍ରସ ପରାମର୍ଶ ଦାତା ଅଧାପକ ସୟ ପୁରୋହିତ, ଏନଏସଏସ




ଲଡୁଗାଁ ଜୁନିୟର କଲେଜ ଯୁଥ ରେଡକ୍ରସ ଓ ଏନ୍‌ଏସ୍‌ଏସ୍ ଛାତ୍ରୀଛାତ୍ରମାନଙ୍କ ସଚେତନତା ଶୋଭାଯାତ୍ରା।

### ସଡ଼କ ସୁରକ୍ଷା ସପ୍ତାହ ପାଳନ

ପୋଗ୍ରାମ ଅଫିସର ପ୍ରେମାନନ୍ଦ ସାହୁ, ଖେଳ ଶିକ୍ଷକ ବିରେନ୍ଦ୍ର ନାରାୟଣ ଦାସଙ୍କ ପରିଚାଳନାରେ ସଡକ ସୁରକ୍ଷା ସପ୍ତାହ ପାଳନ କରାଯାଇଥିଲା। ଏହି ଅବସରରେ ଅଧାପିକା କଲ୍ୟାଣି ମହାନ୍ତି, ପ୍ରଶାନ୍ତ ଯୋଷୀ, ହେମନ୍ତ ସେନାପତି, ଶଙ୍କର ସତନାମୀ, ଭାଗବତ କଟା, ଦିବାକର ଦୁର୍ଗା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## ଇନ୍ଦ୍ରାବତୀ ଜଳଭଣ୍ଡାରରେ ମଟର ଲଞ୍ଚ ଅଚଳ

ଭବାନୀପାଟଣା,୧୭।୧ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଇନ୍ଦ୍ରାବତୀ ଜଳଭଣ୍ଡାରରେ ଦେଶୀ ମଟର ଲଞ୍ଚ ଅଚଳ ହୋଇଯିବାରୁ ଜଳଭଣ୍ଡାରର ଉଭୟ ପାର୍ଶ୍ୱରେ ୨ ଶହରୁ ଅଧିକ ଲୋକ ନିଜ ଘରକୁ ଫେରିବା ପାଇଁ ଅପେକ୍ଷା କରିଛନ୍ତି । ଗୁରୁବାର ନବରଙ୍ଗପୁର ଜିଲା ଲମତାପୁରଟର ସାପ୍ତାହିକ ହାଟ ଥିବାରୁ ଥୁଆମୂଳ ରାମପୁର ବ୍ଲକ୍ ଓଡ୍ରି, ମାଲିଗାଁ, ଗୋପୀନାଥପୁର, ପୋଡାପଦର ଗ୍ରାମର ଶତାଧିକ ଲୋକ ବଜାରକୁ ଯିବା ପାଇଁ ଅପେକ୍ଷା କରିଥିଲେ। ମଟର ଲଞ୍ଚ ଅଚଳ ହେବାରୁ ସାପ୍ତାହିକ ବଜାରକୁ ଯାଇଥିବା ଶତାଧିକ ଲୋକେ ନାଗି ଘାଟଠାରେ ଅଟକି ରହିଥିଲେ। ସେହିପରି ବିପରୀତ ଦିଗରେ ଅପେକ୍ଷାରେ ଥିବା ୫୦ରୁ ଅଧିକ ଲୋକ ଘାଟଠାରେ ଅପେକ୍ଷା କରି ରହିଛନ୍ତି। ସୂଚନାଯୋଗ୍ୟ ଯେ, ବାରମ୍ବାର ମଟର ଲଞ୍ଚ ଅଚଳ ହେଉଥିବା ଘଟଣାକୁ ଦୃଷ୍ଟିରେ ରଖି ଆଦିବାସୀ ସମନ୍ୱିତ ବିକାଶ ସଂସ୍ଥା ପକ୍ଷରୁ ୨ଟି ମଟର ଲଞ୍ଚ ପ୍ରଦାନ କରାଯାଇଥିଲା। ଏହି ମଟର ଲଞ୍ଚକୁ ଉଭୟ ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିଶାରୀ ଓ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା ଉଦ୍‌ଘାଟନ କରିଥିଲେ। ଏହାପରେ ବିବାଦ ଯୋଗୁ ଉଭୟ ଲଞ୍ଚକୁ ଜବତ କରାଯାଇଥିଲା। ପୁରୁଣା ଲଞ୍ଚକୁ ଅଞ୍ଚଳବାସୀ ନିଜେ ମରାମତି କରି ଜୀବନକୁ ପାଣି ଛଡାଇ ଯିବାଆସିବା କରୁଛନ୍ତି । ଗତ ବର୍ଷା ଋତୁରେ ମଧ୍ୟ ଏଭଳି ତ୍ରୁଟି ହେତୁ ଏହାର ସାମାଧାନ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ଗୟାଧରଙ୍କୁ ଚିକିତ୍ସା ଲାଗି ପଠାଲା ପର୍‌ଶାସନ

ପର୍ଲା, ୧୭।୧ (ଡି.ଏନ୍.ଏ)

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ଜୟନ୍ତପୁର ଗାଁର ଗୟାଧର ଲୋହାର(୨୫)କୁଁ ପରଶାସନ ଶୁକ୍ରୁବାର ଉଧାର କରି ଚିକିଚ୍ଛା ଲାଗି ଜିଲା ମୁଖିଆ ଡାକ୍ତରଖାନା ଭବାନୀପାଟଣାକେ ପଠେଇଛେ। ଇ ବାବ୍‌ଦେ ଲାଗ୍‌ଲାଗ୍ ଧରିତ୍ରୀରେ ଖବର ବାହାରଲାରୁ ଥାନୀଅ ପରଶାସନ ଗୟାଧାରଙ୍କୁ ସାହାଯ୍‌ର ହାତ୍ ବଢ଼ାଇଥିଲା। ପୂର୍ବର ସୂଚନା ଅନ୍‌ସାରେ ଜୟନ୍ତପୁର ଗାଁର ଧନସିଂ ଲୋହାର(୬୫)କଁର ପରିବାର କହେଲେ ମାଏକିନା ଧନମତି(୫୫), ଦୁଇ ପୁଓ କେଶରୀ(୩୦), ଗୟାଧର(୨୫)କୁଁ ନେଇ ସଁସାର। ପରିବାରଟା ନିହାତି ଗରିବ୍। ଏନ୍‌ତାଥି ଗଲା ୪ ବଛର ତଲେ ସାନ୍ ପୁଓ ଗୟାଧରକଁର ଛାତିରେ ଗୁଟେ ଘା' ହେଇଥିଲା। ପରିବାର ଲୋକ୍ ତାହାକୁ ଆସର ପାସର ଡାକ୍ତରଖାନାରେ ଚିକିଚ୍ଛା କରେଇ ନିରାଶ ହେଇଥିଲେ। ଇ ବାବ୍‌ଦେ ଗଲା ୧୪ ତାରିଖ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ଖବର ବାହାରିଥିଲା। ଖବର ବାହାରଲା ଉତାରୁ ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିଚ୍ଛା ଅଧିକାରୀଙ୍କର ନିରଦେଶରେ ଡା.ଲଳିତ ବେହେରାଙ୍କର ଦେଖିରେଖରେ ଗୁଟେ ଡାକ୍ତରୀ ଦଲ ଗୟାଧରଙ୍କର ଘରେ ପୁହୁଁଚିଥିଲା। ସେଠାନେ ତାକର ପରୀକ୍ଷା ନିରୀକ୍ଷା କରବାର ସଂଗେ ଉଚ ଚିକିଚ୍ଛା ଲାଗି ତାହାକୁ ଜିଲା ମୁଖିଆ ଡାକ୍ତରଖାନାକେ ପଠାବାର କଥା ଦେଇଥିଲେ। ସେ ଅନ୍‌ସାରେ ଶୁକୁରବାର ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିଚ୍ଛା ଅଧିକାରୀ ସଞ୍ଜୀବ କୁମାର ନାଏକଙ୍କର ଦେଖିରେଖରେ ଗୟାଧରଙ୍କୁ ଚିକିଚ୍ଛା ଲାଗି ଭବାନୀପାଟଣା ପଠାଯାଇଛେ। ଦରକାର ପଡ଼ଲେ ଉଚ ଚିକିଚ୍ଛା ଲାଗି ଗୟାଧରଙ୍କୁ କଟକ ବଡ଼ ଡାକ୍ତରଖାନା ପଠାଯିବା ବଲି ଡା.ନାଏକ କହିଛନ୍। ଇ ମହତ୍ କାମ୍ ଲାଗି ଗୟାଧରଙ୍କର ମା'ବାପ୍ ଥାନୀଅ ପରଶାସନ ଆଉ ଧରିତ୍ରୀକେ ଧନ୍ୟବାଦ ଦେଇଛନ୍।

ଧରିତ୍ରୀ ପ୍ରଭାବ



ଗୟାଧରଙ୍କୁ ଚିକିଚ୍ଛା ଲାଗି ଜିଲା ମୁଖିଆ ଡାକ୍ତରଖାନା ନିଆଯାଉଛେ।

## ଶିକ୍ଷକ ଅଭିଭାବକ ସଭା ପ୍ରହସନ

ମ.ରାମପୁର,୧୭।୧(ଡି.ଏନ.ଏ.)

ଏକକାଳୀନ ପ୍ରତ୍ୟେକ ସ୍କୁଲରେ ଶିକ୍ଷକ ଅଭିଭାବକ ସଭା ଆୟୋଜନ କରିବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ଦ୍ଦେଶ ଜାରି କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଗୁରୁବାର କଳାହାଣ୍ଡି ଜିଲା ମ.ରାମପୁର ଅଞ୍ଚଳର ବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ଅଭିଭାବକ ସଭା ଆୟୋଜିତ ହୋଇଥିଲା। ଅଭିଭାବକମାନଙ୍କ ସଚେତନତା ଅଭାବରୁ ଓ ଶିକ୍ଷା ବିଭାଗ କର୍ତ୍ତୃପକ୍ଷଙ୍କ ଦାୟିତ୍ୱ ହିନତା ଯୋଗୁ ଗ୍ରାମାଞ୍ଚଳ ଓ ବନାଞ୍ଚଳରେ ଏହି ସଭା ପ୍ରହସନରେ ପରିଣତ ହୋଇଛି। କେଉଁଠି କାଁ ଭାଁ ଅଭିଭାବକଙ୍କ ଉପସ୍ଥିତି ଥିବାବେଳେ କେଉଁଠି ସରକାରୀ ନୀତିକୁ ଉପର ଠାଉରିଆ ପାଳନ କରି ପ୍ରମାଣ ରଖିବା ପାଇଁ ସଭା ଆୟୋଜନ କରାଯାଇଛି। ବ୍ଲକ ଶିକ୍ଷା ବିଭାଗ କର୍ତ୍ତୃପକ୍ଷ ଗ୍ରାମାଞ୍ଚଳ ତଥା ବନାଞ୍ଚଳରେ ଉକ୍ତ ସଭାକୁ ଗୁରୁତ୍ୱାରୋପ ନ କରି କେବଳ ସହର ଅଞ୍ଚଳରେ ପ୍ରତିଷ୍ଠିତ ବିଦ୍ୟାଳୟକୁ ତତ୍ତ୍ୱାବଧାନ ଓ ତଦାରଖ କରିବାରେ ତତ୍ପରତା ପ୍ରକାଶ କରିଥିବା ଜଣାପଡିଛି।

## କୁସୁମଖୁଣ୍ଟିଠାରେ ପାଣି ପଞ୍ଚାୟତ ପକ୍ଷ ପାଳିତ

କୋକସରା,୧୭।୧ (ଡି.ଏନ.ଏ.)

କଳାହାଣ୍ଡି ଜିଲା ବହୁମୁଖୀ ଇନ୍ଦ୍ରବତୀ ବାମ ମୁଖ୍ୟ କେନାଲ ବିଭାଜନ ୧ କୁସୁମଖୁଣ୍ଟି ଡିଭିଜନ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। ନିର୍ବାହି ଯନ୍ତ୍ରୀ ଅଜିତ କୁମାର ପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପାଣି ପଞ୍ଚାୟତ ସମୂହ ସଭାପତି ଦିପ୍ତି ପ୍ରହରାଜ, ମୁଖ୍ୟବକ୍ତା ଜୟପାଟଣା ବ୍ଲକ ଜଣେ ସଚେତନ ଚାଷୀ ଶେଷଦେବ ବେହେରା, ସମ୍ମାନିତ ଅତିଥି ଧର୍ମଗଡ ତହସିଲଦାର ଚିନ୍ମୟ ନାଏକ, ମୁଖିଗୁଡା ଇନ୍ଦ୍ରବତୀ ଦକ୍ଷିଣ କେନାଲ ନିର୍ବାହୀ ଯନ୍ତ୍ରୀ ଇଂ ରାଜ କିଶୋର ବେହେରା, ଓମ ଗଙ୍ଗା ପାଣି ପଞ୍ଚାୟତ ସଭାପତି ଶରତ ଚନ୍ଦ୍ର ପଟ୍ଟନାୟକ, ଖଲିଆଭଟା ପାଣି ପଞ୍ଚାୟତ ସଭାପତି ଜଗନ୍ନାଥ ମାଝି, କରମେଲି ପାଣି ପଞ୍ଚାୟତ ସଭାପତି ହିମାଦ୍ରି ପଣ୍ଡା, ଏଏଓ ରେଶମା ଲାକ୍ରା ଯୋଗଦେଇଥିଲେ। କୁସୁମଖୁଣ୍ଟି ଡିଭିଜନ ଅଧୀନ ୧୫୭ ପାଣି ପଞ୍ଚାୟତରୁ କର୍ମକର୍ତ୍ତାମାନେ ଯୋଗଦେଇଥିଲେ। କେନାଲ ସୁପରିଚାଳନା ଓ ପ୍ରତି ଚାଷଜମିକୁ କେମିତି ପାଣି ପହଞ୍ଚିବ ସେ ନେଇ ଚାଷୀମାନଙ୍କ ମଧ୍ୟରେ ସହଭାଗିତା ଆବଶ୍ୟକତା ରହିଛି। ଚାଷୀମାନଙ୍କୁ ମିଳିମିଶି କେନାଲ ପାଣି ପରିଚାଳନାରେ ସହଯୋଗ କରିବାକୁ ନିର୍ବାହୀ ଯନ୍ତ୍ରୀ କହିଥିବା ବେଳେ ଚାଷୀମାନଙ୍କ ମଧ୍ୟରେ ଏହାକୁ ନେଇ ଅସନ୍ତୋଷ ଦେଖାଦେଇଥିଲା। ଚାଷୀଙ୍କ ଅଭିଯୋଗ ଅନୁସାରେ ବିଭାଗୀୟ ଅଧିକାରୀମାନେ ଠିକାଦାରମାନଙ୍କ ସହ ମିଶି କେନାଲ ମରାମତି କାମରେ ବ୍ୟାପକ ହେରଫେର କରୁଥିବା ବେଳେ ନିର୍ମିତ ଶାଖା କେନାଲଗୁଡିକୁ ପୁନଉଦ୍ଧାର କରା ନ ଯିବାରୁ ବିଭିନ୍ନ ସ୍ଥାନରେ ଭାଙ୍ଗି ଚାଷ ଜମିକୁ ପାଣି ଯାଇପାରୁ ନ ଥିବା, ପାଣି ଛାଡିବାର ସପ୍ତାହ ବିତିଯାଇଥିଲେ ମଧ ପାଣି ପାଇ ପାରୁ ନ ଥିବାରୁ ଚାଷୀମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଶାଖା କେନାଲଗୁଡିକକୁ ମରାମତି କାରିବା ପାଇଁ ଦାବି କରିଥିଲେ । ପାଣି ପଞ୍ଚାୟତ ପକ୍ଷ ସଭାକୁ ଚିତ୍ତ ରଞ୍ଜନ ଦଳପତି ପରିଚାଳନା କରିଥିଲେ। ଏ ନେଇ ନିର୍ବାହୀ ଯନ୍ତ୍ରୀ ଅଜିତ ପାତ୍ରଙ୍କୁ ପଚାରିବାରୁ ଆବଶ୍ୟକ ମୁତାବକ ଅନୁଦାନ ଆସୁ ନ ଥିବାରୁ ଶାଖା କେନାଲଗୁଡିକ ମରାମାତି କରାଯାଇପାରୁ ନାହିଁ । ଆଗାମୀ ଦିନରେ ପର୍ଯ୍ୟାପ୍ତ ପରିମାଣର ଅନୁଦାନ ମିଳିବା ସକାଶେ ସରକାରଙ୍କୁ ଦୃଷ୍ଟି ଆକର୍ଷଣ କରାଯିବ ବୋଲି କହିଛନ୍ତି।



ପାଣି ପଞ୍ଚାୟତ ପକ୍ଷ ପାଳିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

## ଅସ୍ତ୍ରୋପଚାର ପାଇଁ ଅର୍ଥ ସାଜିଛି ବାଧକ

### ୭ ବର୍ଷ ଶିଶୁ ହୃଦ୍ ରୋଗରେ ଆକ୍ରାନ୍ତ

ଜୁନାଗଡ଼,୧୭।୧ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସହର ତାଳବନ୍ଦପଡାର ଦିବାକର ଝାଙ୍କର ନାମକ ଜଣେ ୭ ବର୍ଷର ଶିଶୁ ହୃଦ୍ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଏଥିଯୋଗୁ ଗତ ୪ ବର୍ଷ ହେଲା ଅତିକଷ୍ଟରେ ଜୀବନ କାଟୁଛନ୍ତି। ଅର୍ଥାଭାବରୁ ତାଙ୍କ ଅସ୍ତ୍ରୋପଚାର ହୋଇପାରୁ ନ ଥିବାରୁ ବାପା ମଦନ ଓ ମା' ଅରୂପା ଦୁଃଖରେ ଭାଙ୍ଗିପଡିଛନ୍ତି। ସୂଚନା ଯୋଗ୍ୟ, ଦିବାକରଙ୍କୁ ୩ ବର୍ଷ ହୋଇଥିବା ବେଳେ ହୃଦ୍‌ରୋଗର ଲକ୍ଷଣ ଦେଖାଯାଇଥିଲା। ରୋଗ ଯୋଗୁ ଚାଲିଲା ବେଳେ ହଠାତ୍ ପଡିଯାଉଥିଲେ। ତାଙ୍କ ବାପା ସ୍ଥାନୀୟ ଡାକ୍ତରଙ୍କୁ ଦେଖାଇଥିଲେ। ଡାକ୍ତର ପରୀକ୍ଷା ପରେ ଦିବାକରଙ୍କୁ ବୁର୍ଲାକୁ ନେଇଯିବା ପାଇଁ ପରାମର୍ଶ ଦେଇଥିଲେ। ଧାରକରଜ କରି ବୁର୍ଲା ଡାକ୍ତରଖାନାରେ ଦିବାକରଙ୍କୁ ୧୫ ଦିନ ଚିକିତ୍ସା ପାଇଁ ରଖାଯାଇଥିଲା। ଏହାପରେ ମଧ ଦିବାକରଙ୍କ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ସୁଧାର ଆସି ନ ଥିଲା। ଅସ୍ତ୍ରୋପଚାର କଲେ ଏହି ରୋଗ ଭଲ ହେବ ଓ ଏଥିପାଇଁ ପ୍ରାୟ ଦେଢ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ଡାକ୍ତରଖାନା କର୍ତ୍ତୃପକ୍ଷ କହିଥିଲେ। ଅର୍ଥାଭାବରୁ ଦିବାକରଙ୍କୁ ଚିକିତ୍ସା କରାଇ ନ ପାରି ବାପା ମଦନ ଘରକୁ ନେଇ ଆସିଥିଲେ। ଏହାର କିଛିଦିନ ପରେ ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଆରବିଏସ୍‌କେ ପକ୍ଷରୁ ଦିବାକରଙ୍କୁ ଚିହ୍ନଟ କରାଯାଇ ଭବାନୀପାଟଣା ଜିଲା ଚିକିତ୍ସାକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ତାଙ୍କ ପରୀକ୍ଷା କରାଯାଇ କିଛି ଔଷଧ ମଧ୍ୟ ଦିଆଯାଇଥିଲା। ଏହାପରେ ମଧ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ସୁଧାର ଆସିନାହିଁ। ବର୍ତ୍ତମାନ ଦିବାକର ଠିକ ଭାବେ ଚାଲିବୁଲି ମଧ ପାରୁନାହାନ୍ତି। ଯଦି ଚାଲିବେ ହଠାତ ସେ ଧଇଁସଇଁ ହୋଇ ପଡିଯାଉଛନ୍ତି। ଫଳରେ ତାଙ୍କ ମା' ବାପା କୋଳରେ ବସାଇ ନେବାଆଣିବା କରୁଛନ୍ତି। ରୋଗ ଯୋଗୁ ଦିବାକର ସ୍କୁଲ ମଧ ଯାଇପାରୁନାହାନ୍ତି। ବାପା ମଦନ ପ୍ରତିଦିନ କୁଲି ମଜୁରି କାମ କରିବାକୁ ଗଲେ ପରିବାର ଚଳିଥାଏ। ଦିନକୁ ୧୦୦ରୁ ୧୫୦ଟଙ୍କା ସେ ପାରିଶ୍ରମିକ ବାବଦରେ ପାଇଥାନ୍ତି। ଏତେ କମ୍ ଟଙ୍କାରେ ପରିବାର ତାଙ୍କୁ ଚଳାଇବା କଷ୍ଟକର ହୋଇପଡୁଥିବା ବେଳେ ପୁଅର ଅସ୍ତ୍ରୋପଚାରକୁ କିଏ ପଚାରେ। ଅର୍ଥାଭାବରୁ ପୁଅର ଅସ୍ତ୍ରୋପଚାର କରିପାରୁ ନ ଥିବା ମା'ବାପା ଚିନ୍ତାରେ ପଡିଛନ୍ତି। ଜିଲା ପ୍ରଶାସନ ତଥା ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ଦିବାକରଙ୍କ ଅସ୍ତ୍ରୋପଚାର ନିମନ୍ତେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ଜିଲା ଆରବିଏସ୍‌କେ ପରିଚାଳକ ସୁଧୀର କୁମାର ପଣ୍ଡାଙ୍କୁ ପଚାରିବାରୁ ଆସନ୍ତା ୨୫ ତାରିଖରେ ଦିବାକରଙ୍କୁ ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରିବା ପାଇଁ ଭୁବନେଶ୍ୱର ନିଆଯିବ। ସେଠାରେ ପରୀକ୍ଷା ପରେ ଫେବୃଆରୀରେ ତାଙ୍କ ଅସ୍ତ୍ରୋପଚାର କରାଯିବ ବୋଲି କହିଥିଲେ।



ମା'ବାପାଙ୍କ ସହ ଦିବାକର ।

ଯେତେବେଳେ ନିଜ ଶକ୍ତିର ବହିର୍ଭୂତ ହୁଏ, ପ୍ରତ୍ୟେକ ବ୍ୟକ୍ତି ସେତେବେଳେ ନିଜକୁ ଭଗବାନଙ୍କ ନିକଟରେ ସମ୍ପୂର୍ଣ୍ଣ ସମର୍ପଣ କରିଦେବା ବ୍ୟତୀତ ଅନ୍ୟ ଉପାୟ ନ ଥାଏ।
- ପଣ୍ଡିତ ନୀଳକଣ୍ଠ ଦାସ



## ସଂକ୍ଷେପରେ

### ବଲାଙ୍ଗୀରରେ ବଳି ପ୍ରସଙ୍ଗ: ପୋଲିସକୁ ରିପୋର୍ଟ ମାଗିଲା ଆୟୋଗ

**ବଲାଙ୍ଗୀର ଅଫିସ,୧୭।୧:** ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ଅଧକ୍ଷା ଓ ଅନ୍ୟ ୩ଜଣ ସଦସ୍ୟା ଶୁକ୍ରବାର ବଲାଙ୍ଗୀରଗସ୍ତରେ ଆସି ପରୀକ୍ଷା ପର୍ବ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଉପଲକ୍ଷେ ସ୍ଥାନୀୟ ସର୍କିଟ ହାଉସଠାରେ ପରୀକ୍ଷା ପର୍ବକୁ ନେଇ ପ୍ରେସ୍‌ମିଟ୍ ଆୟୋଜନ କରିଥିଲେ। ଏଥିରେ ଗଣମାଧମ ପ୍ରତିନିଧିମାନେ ଜିଲାରେ ବୃଦ୍ଧି ପାଇ ଚାଲିଥିବା ବଳି, ଗୁଣିଗାରେଡି ଓ ଅନ୍ଧବିଶ୍ୱାସ କାରଣରୁ ବିଶେଷ କରି ଛୋଟ ଶିଶୁ, ଛାତ୍ରୀଛାତ୍ରମାନେ ନିର୍ଯାତନା ଭୋଗୁଥିବା ଓ ବଳି ଯୋଗୁ ସେମାନଙ୍କ ଜୀବନ ମଧ ଚାଲିଯାଉଥିବା ସୂଚନା ଦେଇଥିଲେ। ଗତ ପ୍ରାୟ ଦୁଇବର୍ଷ ମଧରେ ଜିଲାର ସିନ୍ଧେକେଲା ଥାନା ଅଞ୍ଚଳରେ ଜଣେ ଛାତ୍ର ଓ ଜଣେ ଛାତ୍ରୀ ବଳିର ଶିକାର ହୋଇଥିବା ସତ୍ତ୍ୱେ ଆୟୋଗ କ'ଣ କରିଛି ବୋଲି ଗଣମାଧମ ପ୍ରତିନିଧିମାନେ ପ୍ରଶ୍ନ କରିଥିଲେ। ଜଣେ ଶିଶୁକୁ ବଳି ଦେବା ଅଭିଯୋଗରେ ଜଣେ ଅଭିଯୁକ୍ତ ଜେଲ ଯାଇ ଜାମିନ୍‌ରେ ବାହାରି ଆଉ ଜଣେ ଛାତ୍ରୀଙ୍କୁ ବଳି ଦେବା ଅଭିଯୋଗରେ ଗିରଫ ହେବା ଘଟଣାକୁ ଆୟୋଗ ଅତି ହାଲୁକା ଭାବେ ନେଇଥିବା ସମ୍ପର୍କରେ ପ୍ରଶ୍ନ କରିଥିଲେ। ଏହି ସମ୍ପର୍କରେ ଆୟୋଗ କ'ଣ କରିଛି କହନ୍ତୁ ବୋଲି ପ୍ରଶ୍ନ କରିଥିଲେ। ତେବେ ଆୟୋଗ ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ ଆୟୋଗ ପୋଲିସକୁ ଚିଠି କରିଛି ବୋଲି କହିଥିଲେ। ଆୟୋଗ ଅଧକ୍ଷା ଗଣମାଧମ ପ୍ରତିନିଧିଙ୍କ ପ୍ରଶ୍ନର ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ।

### ରୋଗ୍‌ରେ ପଡ଼ି ଅକରମା ହେଲେ ଗଜିନ୍ଦ୍ର

**ଲୋଇସିଂହା,୧୭।୧(ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଗୁର୍ଜିଭଟା ଗାଁର ଗଜିନ୍ଦ୍ର କୁମ୍ଭାର(୪୭)। ଆଏଜ୍‌କେ ୫ ବଛର ହେଲା ପେଟ୍ ବେମାରୀରେ ପୀଡ଼ିତ ଅଛନ୍। ଅପରେଶନ ଉତାରୁ ବି ସେ ଠିକ୍ ନାଇଁହେବାର। ସେ ଅକରମା ହେଇ ଘରେ ପଡ଼ିରହିଛନ୍। ଇଆଡ଼େ ଘରେ ଅଭାବ ଅନାଟନ ଲାଗି ରହିଛେ। ଏନ୍‌ତାଥି ତାକର ଚିକିଛା ଆର ୨ ଝିଁପୁଓର ପାଠ୍‌ପଢ଼ା ଖେଲଡ଼େପ ହେଉଛେ। ସୂଚନା ଅନ୍‌ସାରେ ଯୋଗୀସର୍ଡ଼ା ପଁଚେତ୍ ଅଧୀନ ଗୁର୍ଜିଭଟା ହରିଜନ ପଡ଼ାର ଗଜିନ୍ଦ୍ରକଁର ପରିବାର କହେଲେ ମାଏକିନା ଚନ୍ଦ୍ରା, ପୁଓ ତରଣୀ ଆର ମାଟ୍ରିକ ପଢୁଥିବାର ଝିଁ କ୍ଷୀରକେ ନେଇ ସଁସାର। ଗଜିନ୍ଦ୍ର କୁଲିମଜୁରି କରି କୁଟୁମ ପୁଷୁଥିଲେ। ହେଲେ ବଛର କେତେଟା ତଲେ ତାକର ପେଟ୍ ବଥା ଆରମ୍ ହେଲା। ପେଟ୍ ବଥା ଦିନୁଦିନ୍‌କେ ବଢ଼ଲାରୁ ସେ ଲାଗ୍‌ବରମସ, ଧାରଉଧାର କରି ବୁର୍ଲା ବଡ଼ ଡାକ୍‌ତରଖାନାରେ ଅପରେଶନ କରାଲେ। ଅପରେଶନ ହେବାର ବି ଆଏଜ୍‌କେ ୩ ବଛର ବିତିଗଲାନ। ହେଲେ ସେ ନିରୋଗ୍ ହେଇ ନାଇଁପାରବାର। ଏନ୍‌ତାଥି ମାଏକିନା ଚନ୍ଦ୍ରା ବି ଆପ୍‌ନେକେ ଛାଡ଼ି କାମ୍‌ବୁତା କରି ଯାଇ ନାଇଁପାରବାର। ପଁଚେତ୍‌ରୁ ମିଲୁଥିବାର ଚାଉଲକେ ଆଶ୍‌ରେ କରି କୁଟୁମ୍‌ଟା ବଡ଼ା ଦୁଖେ ଚଲୁଛନ୍। ଏହେଦେ ରୁଜ୍‌ଗାର ଅଭାବୁ ପରିବାରର ଥିତି ଦୁହୁଲି ଯାଇଛେ। ଦିହିପା ସମସିଆର ଲାଗି ଗଜିନ୍ଦ୍ର ଏହେଦେ ଅକରମା ପାଲଟିଯାଇଛନ୍। ଏନ୍‌ତାଥି ତାକର ମାଏକିନା ଚନ୍ଦ୍ରା ଗଣମାଧମ ଜରିଆରେ ଆପ୍‌ନେ ଲାଗି ଭତା ଆର ପରିବାରକେ ଟଁକା ପଏସା ସାହାଯ୍ ଯୁଗେଇ ଦେବାକେ ପରଶାସନକେ ଗୁହାରି କରିଛନ୍।






କୁମୁଡ଼ା ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ (ବାମ)। ଅନୁଷ୍ଠିତ ସାଂସ୍କୃତିକ ଶୋଭାଯାତ୍ରାରେ ସାମିଲ ହୋଇଥିବା ଘୁମୁରା ନୃତ୍ୟ ।

# ଟିଟିଲାଗଡ଼ରେ କୁମୁଡ଼ା ମହୋତ୍ସବ ଉଦ୍‌ଘାଟିତ

**ଟିଟିଲାଗଡ଼,୧୭।୧ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ରେ କୁମୁଡ଼ା ମହୋତ୍ସବ-୨୦୨୦ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ସନ୍ଧ୍ୟାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ପଦ୍ମନାଭ ବେହେରା, ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ, ଭଦ୍ରକ ଜିଲା ସାଂସ୍କୃତିକ ସମ୍ମିଳନୀ ସଭାପତି ଅଜୟ ନାୟକ, ଚଳଚ୍ଚିତ୍ର ନିର୍ଦ୍ଦେଶକ ଜିତେନ୍ଦ୍ର ମିଶ୍ର, ବଲାଙ୍ଗୀର ଏସ୍‌ପି ସନ୍ଦିପ ସମ୍ପଦ, ମନ୍ତ୍ରୀ ଟୁକୁନୀ ସାହୁ ଉପସ୍ଥିତ ରହି ମହୋତ୍ସବକୁ ଶୁଭାରମ୍ଭ କରିଥିଲେ।

ମହୋତ୍ସବର ପ୍ରଥମ ପର୍ଯ୍ୟାୟ ସକାଳ ୭ଟାରେ ମହୋତ୍ସବ କମିଟି ସଭାପତି ତଥା ମନ୍ତ୍ରୀ ସାହୁ, କୁମୁଡ଼ା ପାହାଡ଼ ସୁରକ୍ଷା ସମିତି ସମ୍ପାଦକ ଉପେନ୍ଦ୍ର ବାଗଙ୍କ ନେତୃତ୍ୱରେ ସହରବାସୀ, ଛାତ୍ରଛାତ୍ରୀ, ଏନ୍‌ସିସି କ୍ୟାଡେଟ କୁମୁଡ଼ା ପାହାଡ଼ ଚଢ଼ି ପୂଜାର୍ଚ୍ଚନା ପରେ ଶୁଭଖମ୍ଭ ସ୍ଥାପନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ ସମ୍ପାଦକ ବାଗ ଟିଟିଲାଗଡ଼ର ବିକାଶ ତଥା ମହୋତ୍ସବ ଆୟୋଜନ ନେଇ ସହରବାସୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ସମିତି ସଭାପତି ବୃନ୍ଦାବନ ପାଢୀ, ମନ୍ତ୍ରୀଙ୍କ ପ୍ରତିନିଧି ଅରୁଣ ମିଶ୍ର, ପୂର୍ବତନ ପୌରାଧ୍ୟକ୍ଷ ଗୋବର୍ଦ୍ଧନ ନାଗ, ପୂର୍ବତନ ଉପାଧ୍ୟକ୍ଷା ଅଞ୍ଜନା ବର୍ମା, ବ୍ଲକ ଅଧ୍ୟକ୍ଷା ରମାକାନ୍ତି ପୁଟେଲ, ବରିଷ୍ଠ ବିଜେଡି ନେତା ପ୍ରେମ ଜୈନ, ଶମ୍ଭୁ ପ୍ରସାଦ ସାହୁ, ପୁଷ୍ପ ଜୈନ, କାଳିଚରଣ ପନୁଆ, ଡିଏଭି କଲେଜ ଏନ୍‌ସିସି ମେଜର ଡ. ମଧୁସୂଦନ ମିଶ୍ର, ଡ. ରମାକାନ୍ତ ବେହେରା, ଡ. ନନ୍ଦକିଶୋର ହୋତା, ଅରୁଣ ବାଗ, ସନ୍ତୋଷିନୀ ସୁନାନୀ, ଶିବା ରାଓ, ଅଶୋକ ପାଢୀ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଅପରାହ୍ନରେ ବିଜୁ ପଟ୍ଟନାୟକ ଛକରୁ ଏକ ସାଂସ୍କୃତିକ ଶୋଭାଯାତ୍ରା ବାହାରି ଘଣ୍ଟାସୁନୀ ମନ୍ଦିରରେ ପହଞ୍ଚିଥିଲା। ଏହି ଅବସରରେ ମନ୍ତ୍ରୀ ସାହୁ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ରାଜ୍ୟ ବିଜେଡି ପରିଷଦ ସଦସ୍ୟ ପ୍ରମୋଦ ପ୍ରଧାନ, ମନ୍ତ୍ରୀଙ୍କ ପ୍ରତିନିଧି ଚନ୍ଦ୍ରବଦନ ପୁରୋହିତ, ବରିଷ୍ଠ ନେତା ଦେବେନ୍ଦ୍ର ସାହୁ, ଅମରଜିତ ବାଗ, ଅଖିଳେଶ୍ୱର ରଣା, ଲାଲା ବର୍ମା, ଯୁଧିଷ୍ଠିର ବାଗ, ଗିଲୁ ଜାଲ ପ୍ରମୁଖ ଉପସ୍ଥିତ ରହିଥିଲେ। କୃଷ୍ଣସିଂ ପାତ୍ର, ଅଲେଖ ଦଳବେହେରା ପ୍ରମୁଖ ମଶାଲ ଆଣି ମଞ୍ଚରେ ସ୍ଥାପନ କରିଥିଲେ। ଶେଷରେ ବିଭିନ୍ନ ଅନୁଷ୍ଠାନର କାଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଲୋକେ ଏହାର ଭରପୁର ମଜା ନେଇଥିଲେ।




କୁମୁଡ଼ା ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ସିଂଘମଗ୍ରୁପ କଟକର କଳାକାରମାନେ ଗଣେଶ ବନ୍ଦନା ପରିବେଷଣ କରୁଛନ୍ତି।

- ଶୁଭଖମ୍ଭ ସ୍ଥାପନ ସହ ସାଂସ୍କୃତିକ ଶୋଭାଯାତ୍ରା
- ମନମୋହିଲା ସାଂସ୍କୃତିକ କାର୍ଯ୍ୟକ୍ରମ

# ଟିକ୍ରାପଡ଼ା ଶିଶୁ ସୈନିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଟିକ୍ରାପଡ଼ା /ସଇଁତଲା, ୧୭।୧(ଡି.ଏନ୍.ଏ.)**

**କୃତୀ ପ୍ରତିଭାଙ୍କୁ ପୁରସ୍କୃତ**

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଅଧୀନ ଟିକ୍ରାପଡ଼ା ଶିଶୁ ସୈନିକ ବିଦ୍ୟାଳୟର ଷଷ୍ଠ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଅପରାହ୍ନ ୪ଟାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲାପରିଷଦ ଉପାଧ୍ୟକ୍ଷ ପାଣ୍ଡବ ସାହୁ, ସମ୍ମାନିତ ଅତିଥି ଭାବେ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ନାରାୟଣ ଭୋଇ, ବାଳକ ଉଚ୍ଚ ବିଦ୍ୟାଳୟ ଟିଟିଲାଗଡ଼ ସହକାରୀ ଶିକ୍ଷକ ଜ୍ୟୋତି ପ୍ରକାଶ ଗଡ଼ତ୍ୟା ଯୋଗ ଦେଇଥିଲେ। ଟିଟିଲାଗଡ଼ର ଶିଶୁ ସାହିତ୍ୟିକ ଡ଼. ଯୁଗଳ କିଶୋର ଷଡ଼ଙ୍ଗୀ ମୁଖ୍ୟ ବକ୍ତା ଭାବେ ଉପସ୍ଥିତ ଥିଲେ। ସଭା ପ୍ରାରମ୍ଭରେ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ସହ ଛାତ୍ରୀଛାତ୍ରମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ବିଦ୍ୟାଳୟର ଛାତ୍ରୀ ଜ୍ୟୋସ୍ନାମୟୀ ବଗର୍ତ୍ତୀ ଓ ମୌସୁମୀ ରାଜପାଲିଆ ସଭା ସଂଯୋଜନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସହସମ୍ପାଦକ ଅନ୍ତର୍ଯାମୀ ରାଜପାଲିଆ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଭାଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅଧ୍ୟକ୍ଷ ଚନ୍ଦ୍ରମଣି ରାଜପାଲିଆ ମଞ୍ଚ ପରିଚାଳନା କରିଥିବାବେଳେ ଶିକ୍ଷୟିତ୍ରୀ ଜୟନ୍ତୀ ସେଠ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଉତ୍ସବରେ ସହଯୋଗ କରିଥିଲେ। ଏଥିରେ ଅଭିଭାବକ ମାନେ ମଧ ଉପସ୍ଥିତ ଥିଲେ।




ଟିକ୍ରାପଡ଼ା ଶିଶୁ ସୈନିକ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

## ପୁସ୍ତକ ଓ ସାରସ୍ୱତ ମେଳା ଇଙ୍କ୍‌ଫେଷ୍ଟ ଉଦ୍‌ଘାଟିତ

**ସୋନପୁର,୧୭।୧(ନି.ପ୍ର.)**

ଚତୁର୍ଥ ସୁବର୍ଣ୍ଣପୁର ଜିଲା ବାର୍ଷିକ ପୁସ୍ତକ ଓ ସାରସ୍ୱତ ମେଳା ଇଙ୍କ୍‌ଫେଷ୍ଟ ୨୦୨୦ ସ୍ଥାନୀୟ ରୟାଲ ପଡ଼ିଆସ୍ଥିତ ଶୂନ୍ୟମଞ୍ଚରେ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି । ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ସାରସ୍ୱତ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲାପାଳ ପଣ୍ଡା ବକ୍ତବ୍ୟରେ ପୁସ୍ତକ ହିଁ ଦୁଃଖ ସୁଖର ସାଥୀ। ମଣିଷର ଶ୍ରେଷ୍ଠ ବନ୍ଧୁ ବୋଲି କହିଥିଲେ । ପୁସ୍ତକ ପଢିଲେ ବୌଦ୍ଧିକ ଶକ୍ତିର ବିକାଶ ହୋଇଥାଏ। ପ୍ରାଚୀନ ସଭ୍ୟତା ସହ ଆଧୁନିକ ସମାଜ ସମ୍ପର୍କରେ ଜାଣି ହୁଏ । ଦେଶ ବିଜ୍ଞାନ ଓ ସୂଚନା ପ୍ରଯୁକ୍ତି କ୍ଷେତ୍ରରେ ଯଥେଷ୍ଟ ଉନ୍ନତି କରିଛି । ମାତ୍ର ଆମେ ପୁସ୍ତକ ପଢିବା ଭୁଲି ଯାଇଛୁ ବୋଲି ମୁଖ୍ୟଅତିଥି କ୍ଷୋଭ ପ୍ରକାଶ କରିଥିଲେ। ଶିକ୍ଷାବିତ୍ ସନାତନ ଠାକୁର ମୁଖ୍ୟବକ୍ତା ଭାବେ ଯୋଗଦେଇ ନିଃସଙ୍ଗର ସାଥି ପୁସ୍ତକ । ପୁସ୍ତକ ପଠନ ଦ୍ୱାରା ଜ୍ଞାନର ପରିସୀମା ବୃଦ୍ଧି ହୋଇଥାଏ । ପୁସ୍ତକ ଓ ସାହିତ୍ୟ ମେଳା ସାଂସ୍କୃତିକ ବାୟୁ ମଣ୍ଡଳ ତିଆରି ପାଇଁ ଉଦ୍ଦିଷ୍ଟ । କାରଣ ସାମାଜିକ ଜୀବନ ଚର୍ଯ୍ୟାରେ ଆଦର୍ଶ ପ୍ରତିଫଳନ ନ ହେଲେ ତାହା ସଂସ୍କୃତି ନୁହେଁ । ସ୍ଥାନୀୟ କଳା, ସାହିତ୍ୟ ଓ ସଂସ୍କୃତି ବେଶ ସମୃଦ୍ଧ ବୋଲି ଠାକୁର ମତପ୍ରକାଶ କରିଥିଲେ। ଇଙ୍କ୍‌ଫେଷ୍ଟ ସାଧାରଣ ସମ୍ପାଦକ ଅମ୍ବୁଜ ବିହାରୀ ଶତପଥୀ ଉତ୍ସବ ସମ୍ପର୍କରେ ସୂଚନା ଦେବାକୁ ଯାଇ ଏହା କେବଳ ପୁସ୍ତକ ମେଳା ନୁହେଁ ଭାଷା, ସାହିତ୍ୟ, ସଂସ୍କୃତି ଆଦାନ ପ୍ରଦାନର ଏକ ମାଧ୍ୟମ ବୋଲି କହିଥିଲେ ।

# ଫଡ଼ି ଘର ଉଚ୍ଛେଦ ଚିନ୍ତାରେ ତୋଳାଳି

### କେନ୍ଦୁପତ୍ର ଫଡି ଘରେ ନଳକୂପ ଖନନରେ ଅନିୟମିତତା ଅଭିଯୋଗ

**ଲୋଇସିଂହା,୧୭।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ଓ ଆଗଲପୁର ବ୍ଲକ କେନ୍ଦୁପତ୍ର ରେଞ୍ଜର କେତେକ ଫଡିରେ ନଳକୂପ ଖନନରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏପରି କି ଆଗଲପୁର ବ୍ଲକର କେତେକ ଫଡି ଘର ଉଠାଇ ନେବାନେଇ ବିଭାଗ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ଆଗକୁ କେନ୍ଦୁପତ୍ର ସଂଗ୍ରହ କରାଯିବ। ଏନେଇ ତୋଳାଳି ଓ କର୍ମଚାରୀଙ୍କୁ ପିଇବା ପାଣି ଯୋଗାଇ ଦେବାନେଇ ପ୍ରତି ଫଡି ଘର ନିକଟରେ ନଳକୂପ ଖନନ ପାଇଁ ସରକାରୀ ଭାବେ ବ୍ୟବସ୍ଥା ହୋଇଛି। ନଳକୂପ ଖନନ ବାବଦକୁ ୧ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଏହିକ୍ରମରେ ବଲାଙ୍ଗୀର ଜିଲା ଲୋଇସିଂହା ରେଞ୍ଜ ଅନ୍ତର୍ଗତ ପଣ୍ଡକିଟାଲ, ଶକୁଆ, ଲରମ୍ବାମୁଣ୍ଡା ଓ ଚୁଙ୍ଗିଦାଦର ଫଡି ଘର ନିକଟରେ ନଳକୂପ ଖନନ ହୋଇଛି। ସେହିପରି ଆଗଲପୁର ରେଞ୍ଜର କେତେକ ଫଡିରେ ମଧ ନଳକୂପ ଖୋଳା ଯାଇଛି। ହେଲେ କମ୍ ଫୁଟ ଗଭୀର ନଳକୂପ ଖନନ କରି ଟଙ୍କା ଆତ୍ମସାତ୍ କରାଯାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଅପରପକ୍ଷେ ଚଳିତ କେନ୍ଦୁପତ୍ର ସଂଗ୍ରହ ପୂର୍ବରୁ ଆଗଲପୁର ସେକ୍ସନକୁ ଝଟକା ଲାଗିଛି। ଆଗଲପୁର ସେକ୍ସନକୁ ବାଦ ଦେଇ ନୂନିଆପାଲିରେ ମିଶ୍ରଣ କରାଯାଉଥିବା ସ୍ଥାନୀୟ ଲୋକେ ଜାଣିବାକୁ ପାଇଛନ୍ତି। ଏପରି କି ସେକ୍ସନ ଅଧୀନ ୨ଟି ଫଡିକୁ ବିଭାଗ ପକ୍ଷରୁ ସମ୍ପୂର୍ଣ୍ଣ ଉଚ୍ଛେଦ ନେଇ ଯୋଜନା ହେଉଥିବା ଜାଣି ସ୍ଥାନୀୟ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେକ୍ସନ ମିଶ୍ରଣ ଓ ଫଡି ଘର ଉଚ୍ଛେଦ ହେଲେ ତୋଳାଳି ଓ କର୍ମଚାରୀ ଅସୁବିଧାର ସମ୍ମୁଖୀନ ହେବା ଆଶଙ୍କା ପ୍ରକାଶ ପାଇଛି। ଏନେଇ ଲୋଇସିଂହା ରେଞ୍ଜର ଦିଲୀପ ସାହୁଙ୍କୁ ପଚାରିବାରୁ ପ୍ରତ୍ୟେକ ଆର୍ଥିକ ବର୍ଷରେ ପ୍ରତି ଫଡିରୁ ୩୫ରୁ ୪୦ ବସ୍ତା କେନ୍ଦୁପତ୍ର ସଂଗ୍ରହ ହେବା କଥା। ହେଲେ ୨ଟି ଫଡିରେ ୯ରୁ ୧୦ ବସ୍ତା କେନ୍ଦୁପତ୍ର ସଂଗ୍ରହ ହେଉଛି। ୩ ବର୍ଷ ହେଲା ବିଭାଗ କ୍ଷତି ସହୁଛି। ଏନେଇ ଫଡିକୁ ଉଚ୍ଛେଦ ପାଇଁ ପ୍ରକ୍ରିୟା ଚାଲିଥିବା କହିଥିଲେ। ନଳକୂପ ଖନନ ସମ୍ପର୍କରେ ପଚାରିବାରୁ ନଳକୂଅ ଗୁଡିକର ବିଲ୍ ହୋଇନାହିଁ। ଯେଉଁଠି ଯେତେ ଫୁଟ ନଳକୂପ ଖନନ ହୋଇଛି ସେହି ଅନୁସାରେ ବିଲ୍ କରାଯିବ ବୋଲି କହିଥିଲେ।

# ଡିଏଭି କଲେଜର ବାର୍ଷିକ ଉତ୍ସବ

**ଟିଟିଲାଗଡ଼,୧୭।୧(ଡି.ଏନ୍.ଏ.)**

ଟିଟିଲାଗଡ଼ ଡିଏଭି ସ୍ୱୟଂ ଶାସିତ କଲେଜର ୫୨ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଟୁକୁନୀ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କଲେଜର ଉନ୍ନତି କାମନା କରିଥିଲେ। ପ୍ରାଧାପକ କେଶବ ରଞ୍ଜନ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଦିଗ୍‌ଦର୍ଶନ ଦେଇଥିଲେ। କଲେଜ ଅଧକ୍ଷ ସୁଶିଲ ପାଢୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାଂସ୍କୃତିକ ସଂସଦ ଉପଦେଷ୍ଟା ସୁଶାନ୍ତ ପଟ୍ଟନାୟକ, ଛାତ୍ର ମଙ୍ଗଳ ପରିଷଦ ଉପଦେଷ୍ଟା ପ୍ରାଧାପକ ବସନ୍ତ ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ତଥା କ୍ରୀଡ଼ା ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ଏପରି କି ୨୦୧୯ ଡିଗ୍ରୀ ପରୀକ୍ଷାରେ ବିଭିନ୍ନ ବିଭାଗରେ ଟପ୍ପର ହୋଇଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ।

# ପାଣି ପଞ୍ଚାୟତ ପକ୍ଷ ପାଳନ

**ବଲାଙ୍ଗୀର ଅଫିସ, ୧୭।୧**

ବଲାଙ୍ଗୀର ଉଠାଜଳ ସେଚନ ବିଭାଜନ ପକ୍ଷରୁ ଶୁକ୍ରବାର ସ୍ଥାନୀୟ ଟାଉନ୍ ହଲଠାରେ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। ନିର୍ବାହୀ ଯନ୍ତ୍ରୀ ସ୍ନେହାଂଶୁ କୁମାର ପାଲଙ୍କ ସଭାପତିତ୍ୱରେ ଜିଲା ମୁଖ୍ୟ କୃଷି ଅଧିକାରୀ ବାଳକୃଷ୍ଣ ଗୌଡ ମୁଖ୍ୟଅତିଥି, ଅତିରିକ୍ତ ଜିଲା ଉଦ୍ୟାନ ଅଧିକାରୀ କେଶବ ଚନ୍ଦ୍ର ମିଶ୍ର ସମ୍ମାନିତ ଅତିଥି, ସିନିୟର ଜିଓଲଜିଷ୍ଟ ଅନନ୍ତ କୁମାର ଆଚାର୍ଯ୍ୟ ମୁଖ୍ୟବକ୍ତା ଓ କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ସାର୍ଥକ ପଟ୍ଟନାୟକ ଅତିଥି ଭାବେ ମଞ୍ଚାସୀନ ଥିଲେ । ସହକାରୀ ଯନ୍ତ୍ରୀ ଉମେଶ ଚନ୍ଦ୍ର ପଣ୍ଡା ସଭା ପରିଚାଳନା କରିଥିଲେ। ସଭାରେ କୃଷି ଓ କୃଷକର ଉନ୍ନତି, ଉନ୍ନତ ଜ୍ଞାନକୌଶଳରେ ଚାଷ, ଜଳର ମିତବ୍ୟୟତା ଏବଂ ସଦୁପଯୋଗ ଉପରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଜିଲାର ୧୪ଟି ବ୍ଲକର ଉଠା ଜଳସେଚନ ବିଭାଗ କର୍ମଚାରୀ, ଚାଷୀ, ପାଣି ପଞ୍ଚାୟତ ସଦସ୍ୟ ଯୋଗ ଦେଇଥିଲେ। ସଭାପତୀୟ ଭାଷଣରେ ନିର୍ବାହୀ ଯନ୍ତ୍ରୀ ପାଲ ଉଠାଜଳସେଚନର ଦୀର୍ଘ ସ୍ଥାୟିତ୍ୱ, ରକ୍ଷଣାବେକ୍ଷଣ ଓ ସୁପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ହିନ୍ଦୀ ହାଇସ୍କୁଲଠାରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।



ବଲାଙ୍ଗୀର ଟାଉନ୍ ହଲ୍ ଠାରେ ପାଣି ପଞ୍ଚାୟତ ପକ୍ଷ ପାଳନ କରାଯାଉଛି।

# ମୁକ୍ତିଲାଭ କଲା କୋଶଲୀ ଚଳଚ୍ଚିତ୍ର ଶଳାବୁଢ଼ାର ବଦ୍‌ଲା

**ବଲାଙ୍ଗୀର ଅଫିସ,୧୭।୧**

ଓଡ଼ିଶାର ପ୍ରଥମ ଟ୍ରାଇଲଜି ତଥା ବହୁପ୍ରତୀକ୍ଷିତ କୋଶଲୀ ଚଳଚ୍ଚିତ୍ର ଶଳାବୁଢ଼ାର ବଦ୍‌ଲା ଶୁକ୍ରବାର ବଲାଙ୍ଗୀର ରୟାଲ ସିନେମା ହଲରେ ମୁକ୍ତିଲାଭ କରିଛି । ବରିଷ୍ଠ ରାଜନେତା ତଥା ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଚଳଚ୍ଚିତ୍ରକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଚଳଚ୍ଚିତ୍ର ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର, ଅନ୍ୟତମ ଅତିଥି ପଦ୍ମଶ୍ରୀ ବିଦ୍ୟାବାଚସ୍ପତି ଡ. ଶ୍ରୀନିବାସ ଉଦ୍‌ଗାତା, ବିଶିଷ୍ଟ ଅଭିନେତା ଅଟଳ ବିହାରୀ ପଣ୍ଡା, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ନାଟ୍ୟଶ୍ରୀ ଗଦାଧର ବାରିକ, ଅଭିନେତ୍ରୀ ଚନ୍ଦନା ସିଂ, ସୁଶୀଳା ନାୟାର, ଅଭିନେତା ପ୍ରଦ୍ୟୁମ୍ନ ସାହୁ, ଜିତେନ୍ଦ୍ରୀୟ ହୋତା, ବିଷ୍ଣୁ ମହାପାତ୍ର, ଗୋରେଖନାଥ ସାହୁ, ମିନା ମହାରଣା, ରବୀନ୍ଦ୍ର କୁମାର ସାହୁ, ମନୋରଞ୍ଜନ ଦାଶ, ବିଜୟ କୁମାର ତ୍ରିପାଠୀ, ପୁରୁଷୋତ୍ତମ ମିଶ୍ର, ପ୍ରଦୀପ ଦେବ୍‌ତା, ସତ୍ୟ ଦାଶ, ହିମାଂଶୁ ଖମାରୀ, ସାମାଜିକ କର୍ମୀ ଲଳିତ କୁମାର ନାୟକ, ପ୍ରଯୋଜକ କୁମାର ସି ଦେବ, ସହପ୍ରଯୋଜକ ସୁଶାନ୍ତ ମହାପାତ୍ର, ସଙ୍ଗୀତ ନିର୍ଦ୍ଦେଶକ ପଙ୍କଜ ଜାଲ, କଣ୍ଠଶିଳ୍ପୀ ପ୍ରତିତୀ ମିଶ୍ର, ସହକାରୀ କ୍ୟାମେରାମ୍ୟାନ୍ ଗୋପାଳ ପ୍ରଧାନ, ଡ. ଘାସିରାମ ମିଶ୍ର, ରତନ ମେହେରଙ୍କ ସହ ବହୁ କଳାକାର ଉପସ୍ଥିତ ଥିଲେ। ନିଛକ ପ୍ରେମ କାହାଣୀ ଭିତରେ ବିବାହକୁ ନେଇ ଉଭୟ ବର ଓ କନ୍ୟାପକ୍ଷ ମଧରେ ଗଣ୍ଡଗୋଳରୁ ଆରମ୍ଭ ହୋଇଥିବା ହିଂସା ଓ ଘୃଣା ଭିତରେ ଶଳାବୁଢ଼ାର ମାନବବାଦୀ ପ୍ରେମପୂର୍ଣ୍ଣ ପ୍ରତିଶୋଧ ଚଳଚ୍ଚିତ୍ରକୁ ରୁଦ୍ଧିମନ୍ତ କରିଛି। ଚଳଚ୍ଚିତ୍ର ଦେଖିବା ପରେ ମୁଖ୍ୟଅତିଥି ବିଧାୟକ ନରସିଂହ ମିଶ୍ର ଚଳଚ୍ଚିତ୍ର ନିର୍ଦ୍ଦେଶକ ସବ୍ୟସାଚୀଙ୍କୁ ପ୍ରଶଂସା କରିଥିଲେ। ଅଞ୍ଚଳର କଳା, ସଂସ୍କୃତି ଓ ପରମ୍ପରା କେତେ ଉଚ୍ଚ ଏହା ସିନେମା ପର୍ଦ୍ଦାରେ ପ୍ରଦର୍ଶିତ କରି ସମଗ୍ର ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ବୋଲି କହିଥିଲେ। ଶଳାବୁଢାର ବଦ୍‌ଲା ସିନେମା ଦେଖିବା ପରେ ଗାନ୍ଧିଜୀ ଓ ଗାନ୍ଧୀବାଦ୍ କଥା ମନେ ପଡିଲା ବୋଲି ବିଧାୟକ ମିଶ୍ର କହିଥିଲେ। ହିଂସା ଓ ଘୃଣାକୁ ଜୟ କରିବାକୁ ହେଲେ ପ୍ରେମ ଓ ଭାଇଚାର ହିଁ ସର୍ବୋତ୍କୃଷ୍ଟ ମାଧମ ଏହା ଏହି ଚଳଚ୍ଚିତ୍ରର ମର୍ମ ଓ ବାର୍ତ୍ତା ବୋଲି ସେ କହିଥିଲେ। ଚଳଚ୍ଚିତ୍ର ପ୍ରାରମ୍ଭରେ ନିର୍ଦ୍ଦେଶକ ମହାପାତ୍ରଙ୍କ ଶଳାବୁଢ଼ା, ଆଦିମ ବିଚାର ଓ ଶଳାବୁଢାର ବଦ୍‌ଲା ହେଉଛି ଓଡିଶାର ପ୍ରଥମ ଟ୍ରାଇଲଜି ଏବଂ ସମ୍ଭବତଃ ଏହା ଭାରତୀୟ ସିନେମା ଇତିହାସରେ ଦ୍ୱିତୀୟ ଟ୍ରାଇଲଜି ବୋଲି ସୂଚନା ଦେଇଥିଲେ। ଏହି ଅବସରରେ ସମସ୍ତ ଅଭିନେତା, କଳାକାର, ସହଯୋଗୀ, ଟେକ୍‌ନିସିଆନ୍‌ଙ୍କୁ ସେ କୃତଜ୍ଞତା ଜଣାଇଥିଲେ। କୋଶଲାଞ୍ଚଳର ସୁମଧୁର ଗୀତ, ସଙ୍ଗୀତ ଓ ନୃତ୍ୟରେ ସଜ୍ଜିତ ଚଳଚ୍ଚିତ୍ର ଦର୍ଶକଙ୍କ ମନ ଜିଣିଛି।



ଶଳାବୁଢ଼ାର ବଦ୍‌ଲା ଚଳଚ୍ଚିତ୍ର ମୁକ୍ତିଲାଭ ଅବସରରେ ମୁଖ୍ୟଅତିଥି ବିଧାୟକ ନରସିଂହ ମିଶ୍ର, ପଦ୍ମଶ୍ରୀ ଶ୍ରୀନିବସ ଉଦ୍‌ଗାତା, ଅଭିନେତା ଅଟଳ ବିହାରୀ ପଣ୍ଡା ଓ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ରଙ୍କ ସହ ଅନ୍ୟ କଳାକାର ଓ ସହଯୋଗୀମାନେ।

- ହିଂସା, ଘୃଣା ବିରୋଧରେ ମାନବବାଦ୍‌ର ବାର୍ତ୍ତା ଦେଲା
- ସିନେମା ଦେଖିଲେ ଗାନ୍ଧିଜୀ ଓ ଗାନ୍ଧୀବାଦ କଥା ମନେପଡିବ: ନରସିଂହ



ନିଜର ଦୁର୍ବଳତା କେଉଁଠି ଅଛି, ତାହା ଜାଣି ନ ପାରିବା ହେଉଛି ସବୁଠାରୁ ବଳି ଦୁର୍ଭାଗ୍ୟ।

- କାର୍ଲାଇଲ



## ସଂକ୍ଷେପରେ

### ମନୋହରପୁର ପୋଲିସ ଉଚ୍ଚ ବିଦ୍ୟାଳୟରେ ତାଳା

**ବଲାଙ୍ଗୀର ଅଫିସ,୧୭।୧:** ବଲାଙ୍ଗୀର ସହର ମନୋହରପୁର ସରକାରୀ ପୋଲିସ ଉଚ୍ଚ ବିଦ୍ୟାଳୟ ଅବ୍ୟବସ୍ଥା ପ୍ରତିବାଦରେ ସ୍କୁଲ ପରିଚାଳାନ କମିଟି ସଦସ୍ୟା, ସଦସ୍ୟମାନେ ଶୁକ୍ରବାର ସ୍କୁଲରେ ତାଳା ମାରି ସ୍କୁଲ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସ୍କୁଲରେ ୪ ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ପଢୁଛନ୍ତି। ତେବେ ସ୍କୁଲରେ ଦୀର୍ଘବର୍ଷ ହେଲା ସ୍ଥାୟୀ ପ୍ରଧାନ ଶିକ୍ଷକ ନାହାନ୍ତି । ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସ୍କୁଲ ଦାୟିତ୍ୱରେ ରହିଛନ୍ତି । ଫଳରେ ସ୍କୁଲଟି ନାନା ସମସ୍ୟା ଦେଇ ଗତି କରୁଛି । ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଥିବା ଶିକ୍ଷକ ଜଣକ କୌଣସି କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ କରିପାରୁ ନ ଥିବା ଅଭିଯୋଗ କରିଛନ୍ତି। ଫଳରେ ପାଠପଢ଼ା ବ୍ୟାହତ ହେଉଛି। ଏହାଛଡା ମଧାହ୍ନ ଭୋଜନ ଓ ଅନ୍ୟାନ୍ୟ ଅସୁବିଧା ମଧ ଲାଗି ରହିଛି । ସ୍କୁଲ ପରିଚାଳାନ କମିଟି ତରଫରୁ ଏନେଇ ଜିଲାପାଳ ଓ ଶିକ୍ଷା ଅଧିକାରୀମାନଙ୍କୁ ବାରମ୍ବାର ଜଣାଯାଇଥିଲା। ତୁରନ୍ତ ପ୍ରଧାନ ଶିକ୍ଷକ ନିଯୁକ୍ତି କରିବାକୁ ଦାବି କରାଯାଇଥିଲା । ଜିଲାପାଳ ଓ ଶିକ୍ଷା ଅଧିକାରୀ ଏଦିଗରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ମାତ୍ର କୌଣସି ଦାବି ପୂରଣ କରାଯାଇ ନ ଥିବାରୁ ସ୍କୁଲ ପରିଚାଳାନ କମିଟି ନେତୃତ୍ୱରେ ପଡାର ମହିଳା ଓ ପୁରୁଷମାନେ ଶୁକ୍ରବାର ସ୍କୁଲରେ ତାଳା ପକାଇ ଦେଇଥିଲେ । ଫଳରେ ଛାତ୍ରୀଛାତ୍ର ଓ ଶିକ୍ଷକ, ଶିକ୍ଷୟିତ୍ରୀମାନେ ଦୀର୍ଘ ସମୟ ଧରି ବାହାରେ ରହିଥିଲେ ।

### ଭାରତ ସ୍କାଉଟ୍, ଗାଇଡର ରାଜ୍ୟସ୍ତରୀୟ ପୁରସ୍କାର ପାଇଁ ପରୀକ୍ଷା ଆରମ୍ଭ

ଭବାନୀପାଟଣା,୧୭।୧(ଡି.ଏନ.ଏ.): କଳାହାଣ୍ଡି ଜିଲା ଭାରତ ସ୍କାଉଟ୍ ଓ ଗାଇଡର ରାଜ୍ୟ ପୁରସ୍କାର ପରୀକ୍ଷା ଆରମ୍ଭ ହୋଇଛି। ଓଡିଶା ରାଜ୍ୟ ସାଙ୍ଗଠନିକ ଆଯୁକ୍ତ ତୁସାରକାନ୍ତି ଆଚାର୍ଯ୍ୟ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ବିଜୟ କୁମାର ସିଂ, ବ୍ରଜମୋହନ ହାଇସ୍କୁଲ ପ୍ରଧାନ ଶିକ୍ଷକ ସଙ୍ଗୀତା ପଟ୍ଟନାୟକ, କଳାହାଣ୍ଡି ଜିଲା ସ୍କାଉଟ୍ ଓ ଗାଇଡ ଜିଲା ସମ୍ପାଦକ ମହେନ୍ଦ୍ର କୁମାର ପଣ୍ଡା, ଜିଲା କମିଶନର ସୁନିଲ କୁମାର ବେହେରା, ଜିଲା ସହ କମିଶନର ବିଭୂତି ଭୂଷଣ ପ୍ରଧାନ, ଜିଲା ସାଙ୍ଗଠନିକ କମିଶନର ମଙ୍ଗୁଲୁ ଚରଣ ମିଶ୍ର, ଟ୍ରେନିଂ କମିଶନର ଧିରେନ୍ଦ୍ର କୁମାର ପଣ୍ଡା ଓ ବିଭିନ୍ନ ବିଦ୍ୟାଳୟ ସ୍କାଉଡ ମାଷ୍ଟର ଗାଇଡର କ୍ୟାପ୍‌ଟେନମାନେ ଯୋଗଦେଇଥିଲେ। ଏହି ପରୀକ୍ଷାରେ ମୋଟ ୬୬ ଜଣ ସ୍କାଉଡ ଓ ୨୬ ଜଣ ଗାଇଡ ଭାଗ ନେଇଥିଲେ। ଏହି ପରୀକ୍ଷା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ।

# ସ୍କୁଲ ଛାତ୍ରୀଛାତ୍ରଙ୍କୁ ବହିହାଟ ସହ ଯୋଡ଼ାଯାଉ

**ବଲାଙ୍ଗୀର ଅଫିସ,୧୭।୧**

**ବଲାଙ୍ଗୀର ବହିହାଟ ଉଦ୍‌ଯାପିତ**

ଜିଲା ଲେଖକ ପରିଷଦ ପକ୍ଷରୁ ଆୟୋଜିତ ୧୫ତମ ବଲାଙ୍ଗୀର ବହିହାଟ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ପରିଷଦ ସଭାପତି ମଳୟ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସନ୍ଧ୍ୟାରେ ଯୁଗ୍ମ ସମ୍ପାଦକ ଅରବିନ୍ଦ ବାଗ ପ୍ରାରମ୍ଭିକ ବକ୍ତବ୍ୟ ଦେଇଥିଲେ। କୋଷାଧ୍ୟକ୍ଷ ଅଜିତ କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ କପିଳେଶ୍ୱର ଖମାରୀ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ନରସିଂହ ମିଶ୍ର, ମୁଖ୍ୟବକ୍ତା ଭାବେ ପ୍ରଫେସର ମଧୁସୂଦନ ପତି, ସମ୍ମାନିତ ଅତିଥି ଭାବେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ମୁଖ୍ୟ ସଂଯୋଜକ ଲଳିତ କୁମାର ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ । ବହିହାଟ ସହ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କୁ ଯୋଡାଯାଇ ପାରିଲେ ବହିହାଟ ସଫଳ ହେବ ବୋଲି ଅତିଥିମାନେ କହିଥିଲେ । ଏହି ଅବସରରେ ଅଧାପକ ଲକ୍ଷ୍ମଣ କୁମାର ମେହେରଙ୍କୁ ବହିହାଟ ସମ୍ମାନ ପ୍ରଦାନ କରାଯାଇଥିଲା। ଏପରି କି ପ୍ରକାଶକ ଅତୁଲ ଭିଣ୍ଡେଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ଅନୁ ଖମାରୀ, ଅର୍ଜ୍ଜୁନ ସାହୁ ମାନପାତ୍ର ପାଠ କରିଥିଲେ। ଉପସଭାପତି ବିଶ୍ୱମୟ ପୂଜାରୀ ଧନ୍ୟବାଦ ଅର୍ପଣ କରିଥିଲେ । ଅପରାହ୍ନରେ ନାଟ୍ୟଗ୍ରାମ ବରକାନୀର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଟ୍ରଷ୍ଟି ରାଜୀବ ଲୋଚନ ଆଚାର୍ଯ୍ୟ, ସୌମେନ୍ଦ୍ର ପଟ୍ଟନାୟକ ଏବଂ ଅଞ୍ଜଳି ବାରିକ ସଂଯୋଜନା କରିଥିଲେ ।



ବଲାଙ୍ଗୀର ବହିହାଟ ଉଦ୍‌ଯାପନୀ ସଭାରେ ଡ ଲକ୍ଷ୍ମଣ କୁମାର ମେହେରଙ୍କୁ ଅତିଥିମାନେ ବହିହାଟ ସମ୍ମାନ ପ୍ରଦାନ କରୁଛନ୍ତି ।

### କଣ୍ଟାବାଞ୍ଜିରୁ ଦାଦନ ଶ୍ରମିକ ଉଦ୍ଧାର

**କଣ୍ଟାବାଞ୍ଜି,୧୭।୧ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ନିକଟ କୁର୍ଲି ମନ୍ଦିର ନିକଟରୁ ରାଜ୍ୟ ବାହାରକୁ ଚାଲାଣ ହେବାକୁ ଥିବା ୩୩ ଜଣ ଦାଦନ ଶ୍ରମିକ ସମେତ ୧୦ ଶିଶୁଙ୍କୁ ପୋଲିସ ଉଦ୍ଧାର କରିଛି । ସଇଁତଲା ଅଞ୍ଚଳର ଜଣେ ଦାଦନ ସର୍ଦ୍ଦାର ଶ୍ରମିକମାନଙ୍କୁ ବେଆଇନ ଭାବେ ଚାଲାଣ କରୁଥିବା ଖବର ପାଇ ପୋଲିସ ଚଢ଼ାଉ କରିଥିଲା। ପୋଲିସ ଘଟଣାସ୍ଥଳରୁ ୧୦ ଶିଶୁ ସମେତ ୨୧ ପୁରୁଷ ଓ ୧୨ ମହିଳା ଶ୍ରମିକଙ୍କୁ ଉଦ୍ଧାର କରିଛି । ଘଟଣାସ୍ଥଳରୁ ଦାଦନ ସର୍ଦ୍ଦାର ଫେରାର ହୋଇଯାଇଥିବା ଜଣାପଡିଛି ।

# ପୂର୍ବତନ ରାଷ୍ଟ୍ରପତିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

**ଭବାନୀପାଟଣା,୧୭।୧(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ପ୍ରାଥମିକ ଶିକ୍ଷକ ସଂଘ (ହରିପୁର ରୋଡ ଶାଖା) ଭବାନୀପାଟଣାସ୍ଥିତ ପ୍ରାଥମିକ ଶିକ୍ଷକ ଭବନର ୧୦ତମ ପ୍ରତିଷ୍ଠା ଦିବସ ଓ ଭାରତର ପୂର୍ବତନ ରାଷ୍ଟ୍ରପତି ଡ. ଏପିଜେ ଅବଦୁଲ କଲାମ୍‌ଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଶୁକ୍ରବାର ହୋଇଯାଇଛି। ଜିଲା ସଭାପତି ମନୋରଞ୍ଜନ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଓଡିଶା ବିରୋଧୀ ଦଳ ନେତା ପ୍ରଦିପ୍ତ କୁମାର ନାଏକ, ମୁଖ୍ୟବକ୍ତା ଶକ୍ତିମନ୍ତ୍ରୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର, ସମ୍ମାନିତ ଅତିଥି ରାଜ୍ୟ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପଦେଷ୍ଟା ସୁଜିତ କୁମାର, ଜିଲା ଶିକ୍ଷାଧିକାରୀ ସଞ୍ଜୀବ କୁମାର ସିଂ, ରାଜ୍ୟ ଉପସଭାପତି ଲବଣୀ ନାଏକ ପ୍ରମୁଖ ଯୋଗଦେଇଥିଲେ। ଜିଲା ସାଧାରଣ ସମ୍ପାଦକ ତଥା ଉକ୍ତ ଉତ୍ସବ ଆବାହକ ଧିରେନ୍ଦ୍ର ପଟ୍ଟନାୟକ ବାର୍ଷିକୀ ବିବରଣୀ ପାଠ ସହ ଉଦ୍ଦେଶ ଜ୍ଞାପନ କରିଥିଲେ। ପୂର୍ବତନ ରାଷ୍ଟ୍ରପତି ଡ. ଏପିଜେ ଅବଦୁଲ କଲାମ୍‌ଙ୍କ ପ୍ରତିମୂର୍ତ୍ତିଙ୍କୁ ଜିଲା ପ୍ରାଥମିକ ଶିକ୍ଷକ ସଂଘ ଓ ପୌରପାଳିକା ମିଳିତ ଆନୁକୂଲ୍ୟରେ ସ୍ଥାପନ କରାଯାଇଥିବାବେଳେ ବିଶିଷ୍ଟ ସାମାଜିକ କର୍ମୀ ରାଜ କୁମାର ଠାକୁର ଉକ୍ତ ପ୍ରତିମୂର୍ତ୍ତିଙ୍କୁ ଦାନ ସ୍ୱରୁପ ପ୍ରଦାନ କରିଥିଲେ। ଏଥିରେ ରାଜ କୁମାର ଠାକୁର ଓ ଅବସରପ୍ରାପ୍ତ ରାଜ୍ୟପାଳ ପୁରସ୍କୃତ ଶିକ୍ଷକ ବିଭୂତି ଭୁଷଣ ପଣ୍ଡାଙ୍କୁ ସମ୍ମାନିତ କରାଯାଇଥିଲା। ବିଭିନ୍ନ ଦିଗରେ ରାଜ୍ୟ, ଜାତୀୟସ୍ତରରେ କୃତୀ ଛାତ୍ରୀ ଲୋଚନୀ ମେହେର, ଶୁଶିଲା ରଣା, ଦିପ୍ତୀମୟୀ ବାଗ, ଛାତ୍ର ଯୋଗେଶ୍ୱର ଭର୍ଏଁସାଲ ତଥା ସେମାନଙ୍କ ମାର୍ଗଦର୍ଶକ ଶିକ୍ଷକଗଣଙ୍କୁ ସମ୍ମାନିତ କରାଯାଇଥିଲା। ପରେ ଶାସ୍ତ୍ରିଜୀ ଶିକ୍ଷାନିକେତନ ଛାତ୍ରୀଛାତ୍ରଙ୍କ ଦ୍ୱାରା ଗୀତା, ସ୍ୱାଗତ ସଙ୍ଗୀତ ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମାଲଗାଁର ଛାତ୍ରମାନେ କଳାହାଣ୍ଡିର ବୀରବାଦ୍ୟ ଘୁମୁରା ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବ୍ଲକର ଶତାଧିକ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ବିରେନ ବାଗ, ଅମରେନ୍ଦ୍ର ପଟ୍ଟନାୟକ,ଜଗଦିଶ ପାଣି, ପ୍ରେମ ମହାପାତ୍ର, ଅକ୍ଷୟ ପଟ୍ଟନାୟକ, କଲ୍ଲେଶ୍ୱର ପୁରୋହିତ, ପୂର୍ଣ୍ଣଶଶୀ ମହାନ୍ତି, ଉପେନ୍ଦ୍ର ପ୍ରଧାନ,ପ୍ରମୋଦ ସାହୁ, ଶ୍ରୀନିବାସ ଆଚାରୀ,ଯୋଗେଶ୍ୱର ମିଶ୍ର, ଦୁର୍ଯ୍ୟୋଧନ ମାଝି, ସମରେନ୍ଦ୍ର ଶେଖର ଦାଶ ପ୍ରମୁଖ ସହଯୋଗ କରିଥିଲେ। ଜିଲା ଉପସଭାପତି ପ୍ରମୋଦ ଚନ୍ଦ୍ର ବିଶି ଧନ୍ୟବାଦ ଦେଇଥିଲେ।



ମଞ୍ଚରେ ଯୋଗଦେଇଥିବା ଅତିଥିଗଣ ।

### କଳାହାଣ୍ଡି ଉତ୍ସବ ଅବସରରେ କବିତା ପାଠୋତ୍ସବ

**ଧର୍ମଗଡ,୧୭।୧(ଡି.ଏନ.ଏ.)**

କଳାହାଣ୍ଡି ଉତ୍ସବ ଘୁମୁରା-୨୦୧୯ରେ ଗୁରୁବାର କବିତା ଆସର ଆୟୋଜିତ ହୋଇଥିଲା। ବିଶିଷ୍ଟ ଶିକ୍ଷାବିତ ସୁରେଶ ଚନ୍ଦ୍ର ନେଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ପ୍ରତାପ କିଶୋର ମୁଣ୍ଡ, ସମ୍ମାନିତ ଅତିଥି ଭାବେ ଧର୍ମଗଡ ଏନଏସି ଅଧକ୍ଷ୍ୟା ସୁଶ୍ରୀ ହିରା ବାଗ, ଜନ୍ମେଜୟ ପାତ୍ର ଯୋଗଦେଇଥିଲେ। ୪୫ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ। କବି ନିର୍ମଳ ନାଏକ, ସୁରେନ୍ଦ୍ର ସାହୁ, ପ୍ରିୟ ରଞ୍ଜନ ମୁଣ୍ଡ, ଶ୍ରୀନିବାସ ବେହେରା, ରମଣ କୁମାର ନାଗ, ରବିନ୍ଦ୍ର ନାଗ, କୁମୁଦ ଚନ୍ଦ୍ର ନାଗ, ଟଙ୍କଧର ଶବର, ପୂଜାଶ୍ରୀ ପାତ୍ର, କେଦାର ନାଥ ପୂଝାରୀ, ଅର୍ଜୁନ ଗୋପାଳ, ଗଣପତି ଗହିର, କୁଶଧ୍ୱଜ ପାଲ, ପ୍ରଶାନ୍ତ କୁମାର ପଣ୍ଡା, ଦିପକ କୁମାର ସୁନାନୀ, ଷଳାକନାଥ ବେହେରା, କୈଳାସ ରାଉତ, ଅଜୟ କୁମାର ଦାସ, ନିକୁଞ୍ଜ ବିହାରୀ ସା, କିଶୋର ଯୋଷୀ, ତରୁ ମେହେର, ଭୁବେନଶ୍ୱର ପୁରୋହିତ, ରବୀନ୍ଦ୍ର ସାହୁ, ବିରୁପାକ୍ଷ ଦିପ, ଶ୍ରବଣ ସାହୁ, ମୋହନ ଚରଣ ବିଶି ପ୍ରମୁଖ କବିତା ପାଠୋତ୍ସବରେ ଭାଗ ନେଇଥିଲେ। ଧର୍ମଗଡ ସାହିତ୍ୟ ସଂସଦର ଲିଙ୍ଗରାଜ ପାତ୍ର, ବଙ୍କିମ ମୁଣ୍ଡ, ରାଜେଶ ମୁଣ୍ଡ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ଆଇନ ସଚେତନତା ଶିବିରରେ ମଞ୍ଚାସୀନ ଅତିଥିବୃନ୍ଦ ।

# ଆଇନ ସଚେତନତା ଶିବିର

**କଣ୍ଟାବାଞ୍ଜି,୧୭।୧(ଡି.ଏନ.ଏ.)**

କଣ୍ଟାବାଞ୍ଜି ଉପକଣ୍ଠ ଚଟୁଅନକା ମାଝିପଡ଼ା ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ତାଲୁକ ଆଇନ ସହାୟତା କମିଟିର ସଦଜଜ୍ ବିନୋଦ ବିହାରୀ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଲିଙ୍କିପ୍ରିୟା ସାହୁ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଦୁଃଖିଶ୍ୟାମ ଗୁରୁ, ଦେବାଶିଷ ମିଶ୍ର, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିରଞ୍ଚି ନାରାୟଣ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ଶିବିରରେ ଆଇନର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ଶିବିରରେ ପୂର୍ବତନ ସରପଞ୍ଚ ହିରାଧର ବଏ, କିଶୋର ବରିହାଙ୍କ ସହ ଗ୍ରାମବାସୀ, ଛାତ୍ରୀଛାତ୍ରମାନେ ଉପସ୍ଥିତ ରହିଥିଲେ । ପ୍ରଧାନ ଶିକ୍ଷକ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।




ବଲାଙ୍ଗୀର ସୁଦପଡ଼ା ନୀଳାଦ୍ରି ବିହାରଠାରେ ପୁଷପୁନି ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ଅତିଥି ବିଧାୟକ ନରସିଂହ ମିଶ୍ରଙ୍କ ସହ ଅନ୍ୟମାନେ।

# ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ପକ୍ଷରୁ ପରୀକ୍ଷା ପର୍ବ କାର୍ଯ୍ୟକ୍ରମ

**ବଲାଙ୍ଗୀର ଅଫିସ,୧୭।୧**

ବଲାଙ୍ଗୀର ଡିଆଇଇଟି ସମ୍ମିଳନୀ କକ୍ଷରେ ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ପକ୍ଷରୁ ଶୁକ୍ରବାର ପରୀକ୍ଷା ପର୍ବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମାଟ୍ରିକ୍ ପରୀକ୍ଷା ପୂର୍ବରୁ ଛାତ୍ରୀଛାତ୍ରଙ୍କୁ ଚାପମୁକ୍ତ କରିବା ଓ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ, ଆୟୋଗ ସଦସ୍ୟା ମନ୍ଦାକିନୀ କର, ଦିବ୍ୟା ଶାଶ୍ୱତୀ, ସୁନନ୍ଦା ପତି, ଭୀମଭୋଇ ମେଡିକାଲ କଲେଜର ଡା ସୁଖୀଶ୍ୟାମ ତ୍ରିପାଠୀ, ଡ ରିଉରଞ୍ଜନ ମିଶ୍ର, ଡିଆଇଇଟି ଅଧକ୍ଷ ରଜନୀକାନ୍ତ ଦାଶ, ଡିସିପିଓ ଲକ୍ଷ୍ମୀ ସିଂ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପରୀକ୍ଷା ପର୍ବ ସମ୍ପର୍କରେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ସ୍କୁଲର ପ୍ରଧାନ ଶିକ୍ଷକ ଓ କଲେଜର ଅଧ୍ୟକ୍ଷ ଯୋଗଦାନ କରିଥିଲେ । ପରୀକ୍ଷାକୁ ନେଇ ଛାତ୍ରୀଛାତ୍ରମାନେ ଅଧିକ ଚାପଗ୍ରସ୍ତ ହୋଇ ମାନସିକ ଅବସାଦର ଶୀକାର ହେଉଥିବା, ବିଭିନ୍ନ ସମୟରେ ଆତ୍ମହତ୍ୟା କରୁଥିବାରୁ ଏନେଇ ସଚେତନତା ସୃଷ୍ଟି କରିବା ହିଁ ଏହି ପରୀକ୍ଷା ପର୍ବର ଉଦ୍ଦେଶ୍ୟ ବୋଲି ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମ ପୂର୍ବରୁ ଆୟୋଗ ଅଧ୍ୟକ୍ଷା ପ୍ରଧାନ ଓ ଅନ୍ୟ ସଦସ୍ୟାମାନେ ସର୍କିଟ ହାଉସଠାରେ ଖବରଦାତା ସମ୍ମିଳନୀରେ ପରୀକ୍ଷା ପର୍ବ ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇଥିଲେ। ଆଗାମୀ ପରୀକ୍ଷା ସମୟରେ ଶିକ୍ଷକ, ଅଭିଭାବକ, ପିତାମାତା ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପରୀକ୍ଷାଜନିତ ଭୟ, ଅବସାଦ ଏବଂ ଆତ୍ମହତ୍ୟା ଭଳି ବିଚାରକୁ ନେଇ ଚିନ୍ତାଗ୍ରସ୍ତ ଛାତ୍ରୀଛାତ୍ରମାନେ କିଭଳି ଭୟମୁକ୍ତ ଓ ଚାପମୁକ୍ତ ପରୀକ୍ଷା ଦେଇପାରିବେ ସେନେଇ ସଚେତନତା ସୃଷ୍ଟି କରାଯିବା ଉପରେ ଆୟୋଗ ଅଧ୍ୟକ୍ଷା ପ୍ରଧାନ କହିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି କ୍ରମରେ ଦେଇଥିବା ବାର୍ତ୍ତା ଛାତ୍ରୀଛାତ୍ର, ଶିକ୍ଷକ, ପିତାମାତା ଓ ଅଭିଭାବକଙ୍କ ପାଖକୁ ପହଞ୍ଚାଇବା ଲକ୍ଷ୍ୟ ବୋଲି ସୂଚନା ଦେଇଥିଲେ। ଏଦିଗରେ ଛାତ୍ରୀଛାତ୍ରଙ୍କୁ ମନସ୍ତତ୍ତ୍ୱବିତ୍, ମନୋବିଜ୍ଞାନୀ ସହାୟତା ଓ ପରାମର୍ଶ ଦେବା ବ୍ୟବସ୍ଥା କରାଯାଇଥିବା ସୂଚନା ଦେଇଥିଲେ ।



ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷ ଓ ସଦସ୍ୟାମାନେ ଗଣମାଧମ ପ୍ରତିନିଧିଙ୍କୁ ବଲାଙ୍ଗୀର ସର୍କିଟ ହାଉସ ଠାରେ ସୂଚନା ଦେଉଛନ୍ତି ।

# ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ ଠିକାଦାରଙ୍କ ଧାରଣା

**କେସିଙ୍ଗା,୧୭।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ଏନଏସି ପକ୍ଷରୁ ଗତ ୪ ତାରିଖରେ ୧୪ଟି ଉନ୍ନତିମୂଳକ କାର୍ଯ୍ୟ ପାଇଁ ଟେଣ୍ଡର ପ୍ରକାଶ ହୋଇଥିଲା । ଉକ୍ତ ଟେଣ୍ଡର କାର୍ଯ୍ୟାଦେଶକୁ ପାଳନ କରିବା ପାଇଁ ସହରର ୧୩ଜଣ ଠିକାଦାର ଟେଣ୍ଡର ଜରିଆରେ ଆବେଦନ କରିଥିଲେ। ଏହି ୧୪ଟି କାର୍ଯ୍ୟର ଇଟେଣ୍ଡର ଗତ ୧୫ ତାରିଖ ଯାଏ ଶେଷ ତାରିଖ ଧାର୍ଯ୍ୟ କରାଯାଇଥିଲା । କିନ୍ତୁ ଏହି ଟେଣ୍ଡରକୁ କେସିଙ୍ଗା ସହରର ରଶ୍ମିରଞ୍ଜନ ଷଡଙ୍ଗୀ ଉଚ୍ଚ ନ୍ୟାୟାଳୟଠାରେ ଗତ ୧୦ ତାରିଖରେ ଟେଣ୍ଡର କାର୍ଯ୍ୟ ବନ୍ଦ କରିବା ପାଇଁ ଅଭିଯୋଗ କରିଥିଲେ । ଉଚ୍ଚ ନ୍ୟାୟାଳୟର ଡବ୍ଲୁପି (ସି) ନଂ. ୧୦୪୪/ ୧୪.୧.୨୦ ପ୍ରକାରରେ ଆସନ୍ତା ୬ ସପ୍ତାହ ମଧ୍ୟରେ ଟେଣ୍ଡର ପ୍ରକାଶିତ କରିବା ପାଇଁ କେସିଙ୍ଗା ଏନଏସି ନିର୍ବାହୀ ଅଧିକାରୀଙ୍କୁ ନୋଟିସ ଦେଇଥିବା ଜଣାପଡିଛି । ପୁନଶ୍ଚ କେସିଙ୍ଗା ସହରର ରଶ୍ମିରଞ୍ଜନ ଷଡଙ୍ଗୀଙ୍କ ସମେତ ଅନ୍ୟାନ୍ୟ ପ୍ରାୟ ୧୩ଜଣ ଠିକାଦାର ଏନଏସି କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ଧାରଣା ଦେଇଥିଲେ । ଏ ସମ୍ପର୍କରେ ନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ରଙ୍କୁ ପଚାରିବାରୁ ହାଇକୋର୍ଟର ଆଦେଶକୁ ସମ୍ମାନ ଦେଇ ୬ ସପ୍ତାହ ଯାଏ ଟେଣ୍ଡର ପ୍ରକ୍ରିୟାକୁ ଘୁଞ୍ଚାଇ ଦିଆଯାଇଛି ବୋଲି ପ୍ରକାଶ କରିଥିଲେ ।

# ସିଏଏ ପ୍ରତିବାଦରେ ରାଲି, ବୈଠକ

**କଣ୍ଟାବାଞ୍ଜି,୧୭।୧(ଡି.ଏନ.ଏ.)**

ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ) ପ୍ରତିବାଦରେ ଜିନ୍ଦାବାଦ ସଂଗଠନ ପକ୍ଷରୁ ଗୁରୁବାର ଏକ ରାଲି କରାଯାଇଥିଲା। ଏହି ଅବସରରେ ତୁରେକେଲା ବ୍ଲକ କମେଇମୁଣ୍ଡା ପଞ୍ଚାୟତ ଗୋଦରାମୁଣ୍ଡା ଗାଁରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସଭାରେ କେନ୍ଦ୍ର ସରକାର ତୁରନ୍ତ ନାଗରୀକତ୍ୱ ସଂଶୋଧନ ଆଇନକୁ ପ୍ରତ୍ୟାହାର କରିନେବାକୁ ଦାବି କରାଯାଇଥିଲା। ଏଥିରେ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ବରିଷ୍ଠ ଆଇନଜୀବୀ ବିଷ୍ଣୁପ୍ରସାଦ ଶର୍ମା ମୁଖ୍ୟବକ୍ତା, ସମ୍ମାନିତ ଅତିଥି ବାଳକୃଷ୍ଣ ଷାଣ୍ଢ, ଗୋଲାପ ନିଆଲ, ଅନିଲ ଶର୍ମା ପ୍ରମୁଖ ମଞ୍ଚାସୀନ ଥିଲେ । ସଭାରେ ତ୍ରିଲୋଚନ ବରିହା ଅଧକ୍ଷତା କରିଥିବା ବେଳେ ମଞ୍ଚକୁ ତ୍ରିଲୋଚନ ପୁଞ୍ଜି ସଞ୍ଚାଳନ କରିଥିଲେ।




ବୈଠକରେ ମଞ୍ଚାସୀନ ଅତିଥି ବୃନ୍ଦ।

# ଧର୍ମଗଡ଼ କଳାହାଣ୍ଡି ଉତ୍ସବ ଘୁମୁରା ଉଦ୍‌ଯାପିତ

**ଧର୍ମଗଡ଼,୧୭।୧(ଡି.ଏନ.ଏ.)**

ଧର୍ମଗଡଠାରେ ଚାଲିଥିବା କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୦ର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉତ୍ସବ କମିଟି ଅଧକ୍ଷ୍ୟ ତଥା ଧର୍ମଗଡ ଉପଜିଲାପାଳ ପଦ୍ମନାଭ ବେହେରାଙ୍କ ଅଧକ୍ଷ୍ୟତାରେ ଅନୁଷ୍ଠିତ ଉଦଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଧର୍ମଗଡ ସିନିୟର ସିଭିଲ ଜଜ୍ ତଥା ସହକାରୀ ସେସନ ଜଜ୍ କିରଣ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଧର୍ମଗଡ ପ୍ରଥମ ଶ୍ରେଣୀ ଜୁଡିସିଆଲ ମାଜିଷ୍ଟ୍ରେଟ ସିନିୟର ଡିଭିଜନ ଅଞ୍ଜୁ ସାହୁ, ସିଭିଲ ଜଜ୍ ତଥା ଏସ୍‌ଡିଜେଏମ ଚରଣଜିତ ଓରାମ ପ୍ରମୁଖ ଯୋଗଦେଇଥିଲେ। ଏକଦା ଭୋକର ଭୂଗୋଳ ଭାବେ ଦୁର୍ନାମ ଅର୍ଜନ କରିଥିବା କଳାହାଣ୍ଡି ଏବେ ଭାତ ହାଣ୍ଡି ରୂପେ ପରିଚୟ ଲାଭ କରିଛି। ଏଠାକାର ଗୁଡହାଣ୍ଡି ଶିଳାଲିପି ପ୍ରାଗ ଐତିହାସିକ ଯୁଗର ମାନବ ସଭ୍ୟତା କଥା କହୁଥିବାବେଳେ ଅସୁରଗଡ ସଭ୍ୟତା ଏକ ସଭ୍ୟ ଶିକ୍ଷିତ ସହରୀ ସଭ୍ୟତାର କଥା କହେ। ଏଠାକାର ସଂସ୍କୃତି, ପରମ୍ପରା ଅନନ୍ୟ । ଏଠାକାର ମଞ୍ଚ ପରିକଳ୍ପନା ଅନନ୍ୟ । ଶିଳ୍ପୀର ନିଖୁଣ କାରିଗରୀ ଦେଖି ମନେହୁଏ ସତେ ଯେମିତି ଅବିକଳ ସେହି ସ୍ଥାନରେ ହିଁ ଛିଡା ହୋଇଛି ବୋଲି ଅତିଥିମାନେ କହିଥିଲେ। ଅଧ୍ୟାପକ ଲିଙ୍ଗରାଜ ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ତହସିଲଦାର ଚିନ୍ମୟ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ । ଘୋଟିଆର ସମର୍ଥ ଦୃଷ୍ଟି ହୀନ ଅନୁଷ୍ଠାନ କଳାକାରମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ଆୟୋଜିତ ବିଭିନ୍ନ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ପରିବେଷଣ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦର୍ଶକ ଉପଭୋଗ କରିଥିଲେ। ସଞ୍ଜିବ ମୁଣ୍ଡ, ଘନଶ୍ୟାମ ମେହେର ଓ ଗୋବର୍ଦ୍ଧନ ବାଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶାନ୍ତିଶୃଙ୍ଖଳାର ସହ ଉତ୍ସବ ସମାପନ ହୋଇଥିବାରୁ ଫାଇନାନ୍ସ କମିଟି ଅଧକ୍ଷ୍ୟ ବିଷ୍ଣୁ ପ୍ରସାଦ ଅଗ୍ରୱାଲ ସମବେତ ଜନତାଙ୍କୁ କୃତଜ୍ଞତା ଜଣାଇଥିଲେ।



ଧର୍ମଗଡ କଳାହାଣ୍ଡି ଉତ୍ସବ ଘୁମୁରା ଉଦ୍‌ଯାପିତ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି ।



ସର୍ବଦା ପ୍ରାର୍ଥନା କର, ଯେପରି ତୁମ ଶରୀରର ମୃତ୍ୟୁ ପୂର୍ବରୁ ତୁମ ଭିତରେ ଥିବା ଦୁର୍ଗୁଣଗୁଡିକର ମୃତ୍ୟୁ ହୋଇଯାଉ।
- ଫ୍ରାଙ୍କଲିନ୍

## ସଂକ୍ଷେପରେ

### ଯୁବକଙ୍କ ଆତ୍ମହତ୍ୟା

**କୋମନା,୧୭।୧(ଡି.ଏନ.ଏ.):** ନୂଆପଡା ଜିଲା କୋମନା ବ୍ଲକ ଘୋଟସର ୩୫୩ ନଂ. ଜାତୀୟ ରାଜପଥ ନିକଟ କେନାଲ ନିକଟରେ ଜଣେ ଯୁବକ ଆତ୍ମହତ୍ୟା କରିଥିବା ଜଣାପଡିଛି । ସୂଚନା ଅନୁସାରେ ଝଗ୍ରାହୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ ବରନ୍ଦାପାଟ ଗ୍ରାମର ସହଦେବ ହଂସ (୪୬) ଶୁକ୍ରବାର ସକାଳ ୪ଟାରେ କୁରେଶ୍ୱର ଗ୍ରାମପଞ୍ଚାୟତ ଘୋଟସର ରାସ୍ତା କେନାଲ ନିକଟରେ ଏକ ଗଛରେ ବୁଟର ଲେସ ସାହାଯ୍ୟରେ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି । କୋମନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଯୁବକ ଘୋଟସର ଗ୍ରାମର ସ୍ଥାୟୀ ବାସିନ୍ଦା ହୋଇଥିବା ବେଳେ ସେ କିଛି ବର୍ଷ ହେବ ବରନ୍ଦାପାଟ ଗାଁରେ ବ୍ୟବସାୟ ଉଦ୍ଦେଶ୍ୟରେ ନିଜ ପରିବାର ସହ ରହୁଥିଲେ। କେଉଁ କାରଣରୁ ଯୁବକ ଜଣକ ଆତ୍ମହତ୍ୟା କରିଛନ୍ତି ତାର ଠିକ ତଥ୍ୟ ମିଳି ନାହିଁ । ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୩/୨୦) ରୁଜୁ କରିଛି। ଆତ୍ମହତ୍ୟା ବିଷୟରେ ଅଧିକ ତଦନ୍ତ କରୁଥିବା କୋମନା ଥାନାଧିକାରୀ ନିର୍ମଳ ଚନ୍ଦ୍ର ପାଣିଗ୍ରାହୀ ସୂଚନା ଦେଇଛନ୍ତି ।

### ନୂତନ ବ୍ୟାଡମିଣ୍ଟନ ଇଣ୍ଡୋର ଷ୍ଟାଡିୟମ୍ କାର୍ଯ୍ୟ ସମୀକ୍ଷା କଲେ ମନ୍ତ୍ରୀ

**ଜୁନାଗଡ,୧୭।୧(ଡି.ଏନ.ଏ.):** କଳାହାଣ୍ଡି ଜିଲା ଜୁନାଗଡ ସହରସ୍ଥିତ ବିଜୁପଟ୍ଟନାୟକ ଷ୍ଟାଡିୟମ ପରିସରରେ ନିର୍ମାଣ ହେଉଥିବା ନୂତନ ବ୍ୟାଡମିଣ୍ଟନ ଇଣ୍ଡୋର ଷ୍ଟାଡିୟମକୁ ଶୁକ୍ରବାର ରାଜ୍ୟ ସରକାରଙ୍କ ଶକ୍ତିମନ୍ତ୍ରୀ କ୍ୟାପ୍ଟେନ ଦିବ୍ୟ ଶଙ୍କର ମିଶ୍ର ପରିଦର୍ଶନ କରିଛନ୍ତି। ଏହି ସମୟରେ ମନ୍ତ୍ରୀ ଇଣ୍ଡୋର ଷ୍ଟାଡିୟମ୍‌ର ଭିତର ଓ ବାହାରପଟୁ ଦେଖି କାର୍ଯ୍ୟ ସମୀକ୍ଷା କରିଥିଲେ। ନିର୍ମାଣାଧୀନ ବ୍ୟାଡମିଣ୍ଟନ ଇଣ୍ଡୋର ଷ୍ଟାଡିୟମ୍ କାର୍ଯ୍ୟଗୁଡିକ ଦେଖି ମନ୍ତ୍ରୀ ମିଶ୍ର ଖୁସି ହୋଇଥିଲେ। ମନ୍ତ୍ରୀ ମିଶ୍ରଙ୍କ ଉଦ୍ୟମରେ ପ୍ରାୟ ଅଢେଇକୋଟି ଟଙ୍କା ବ୍ୟୟ ଅଟକଳରେ ପଶ୍ଚିମ ଓଡିଶା ବିକାଶ ପରିଷଦରୁ ଏହି ବ୍ୟାଡମିଣ୍ଟନ ଇଣ୍ଡୋର ଷ୍ଟାଡିୟମ୍‌କୁ ନିର୍ମାଣ କରାଯାଉଛି। ଯାହାକୁ ନେଇ ଜୁନାଗଡ ବ୍ଲକର ସମସ୍ତ ଖେଳପ୍ରେମୀଙ୍କ ମଧରେ ଉତ୍ସାହ ଦେଖିବାକୁ ମିଳିଛି। ଏ ନେଇ ମନ୍ତ୍ରୀଙ୍କୁ ଜୁନାଗଡ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଯାଉଛି। ଏହି ପରିଦର୍ଶନ ବେଳେ ମନ୍ତ୍ରୀଙ୍କ ସହ ଜୁନାଗଡ ପୂର୍ବତନ ଏନଏସି ଅଧକ୍ଷ ମହେଶ କୁମାର ସାହୁ, ଜୁନାଗଡ ବ୍ୟାଡମିଣ୍ଟନ୍ ଆଶୋସିଏଶନ ସଭାପତି ହିମାଂଶୁ ଶେଖର ବରାଡ, କର୍ତ୍ତବ୍ୟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଶୋକ ପଟ୍ଟନାୟକ, ପିଆଇ କଲେଜର ଅଧକ୍ଷ ବିଭୁତି ଭୂଷଣ ମେହେର, ଖେଳ ଅଧାପକ ସମୀର ସାହୁ, ଦିନେଶ ବଗର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ମାନସିକତାରେ ପରିବର୍ତ୍ତନର ଆବଶ୍ୟକତା ଅଛି

**ନୂଆପଡ଼ା ଅଫିସ,୧୭।୧**



ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।



ମାରାଥନ ଦୌଡ଼ରେ ଭାଗ ନେଇଥିବା ପ୍ରତିଯୋଗୀମାନେ।

ନିଜେ ସୁରକ୍ଷିତ ରହିବା ସହ ଅନ୍ୟକୁ ସୁରକ୍ଷା ଦେବାହିଁ ସଡ଼କ ସୁରକ୍ଷାର ମୂଳ ମନ୍ତ୍ର ହେବା ଦରକାର। ଏଥିପାଇଁ ସରକାରୀସ୍ତରରେ ପ୍ରତିବର୍ଷ ସଚେତନତା କାର୍ଯ୍ୟକ୍ରମ ଚାଲିଥାଏ । ଏହାର ପ୍ରଭାବ ମଧ୍ୟ ଧୀରେ ଧୀରେ ଦେଖିବାକୁ ମିଳୁଛି । ହେଲେ ସମସ୍ତଙ୍କ ମାନସିକତାରେ ପରିବର୍ତ୍ତନ ଘଟିଲେ ସଡ଼କ ସୁରକ୍ଷା ଜୀବନ ରକ୍ଷା ଡାକରା କାର୍ଯ୍ୟକାରୀ ହେବ ଏଥିରେ ସନ୍ଦେହ ନାହିଁ ବୋଲି ସଡକ ସୁରକ୍ଷା ସପ୍ତାହ ପାଳନ ଉଦ୍‌ଯାପନୀ ଉତ୍ସବରେ ମତ ପ୍ରକାଶପାଇଛି। ଶୁକ୍ରବାର ସ୍ଥାନୀୟ ଇଣ୍ଡୋର ଷ୍ଟାଡିୟମରେ ଜିଲା ପରିବହନ କାର୍ଯ୍ୟାଳୟରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲାପାଳ ସୀତାରାମ ପଟେଲ ଅଧ୍ୟକ୍ଷତା କରିଥିବାବେଳେ ଏସ୍‌ପି ବିନୀତ କୁମାର ଅଗ୍ରୱାଲ ମୁଖ୍ୟଅତିଥି, ଡ.ଶିବ ପ୍ରସାଦ ବେହେରା ମୁଖ୍ୟବକ୍ତା, ଉପଜିଲାପାଳ ତରଣୀସେନ ନାଏକ, ଜିଲା କ୍ରିଡାଧିକାରୀ ଅଜୟ କୁମାର ପଟ୍ଟନାୟକ, ମୋଟରଯାନ ବ୍ୟବସାୟୀ ପ୍ରେମ କୁମାର ସାହୁ, ବେସରକାରୀ ବସ ମାଲିକ ସଂଘ ସଭାପତି ପପୁ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ କିପରି ଏବଂ କେତେଦୂର ସଫଳ ହୋଇପାରିଛି ସେ ଉପରେ ପରିବହନ ଅଧିକାରୀ ପରିଡା ସୂଚନା ଦେଇଥିଲେ। ଏହିଭଳି ଆମେ ନିଜେ ସଡକ ସୁରକ୍ଷା ନିୟମ ଉପରେ ସଚେତନ ହୋଇ ଅନ୍ୟମାନଙ୍କୁ ସଚେତନ କଲେ ହିଁ

## ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଉଦ୍‌ଯାପିତ

ଏକ ସୁରକ୍ଷିତ ଜୀବନ ଜିଇଁପାରିବା ବୋଲି ବକ୍ତାମାନେ କହିଥିଲେ। ଉଲ୍ଲେଖ ଯୋଗ୍ୟ ଯେ, କାର୍ଯ୍ୟକ୍ରମ ପ୍ରାରମ୍ଭରେ ଏସପିଙ୍କ କାର୍ଯ୍ୟାଳୟଠାରୁ ଏକ ମାରାଥନ ଦୌଡ ପ୍ରତିଯୋଗିତା ହୋଇଥିଲା। ଏହିଭଳି ଏହିକ୍ରମରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ପୁରସ୍କାର ବିତରଣୀ କାର୍ଯ୍ୟକ୍ରମକୁ କଦମର ନିର୍ଦ୍ଦେଶିକା ଯାଜ୍ଞସେନୀ ମହାପାତ୍ର ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ମାରାଥନରେ ସାରାବଙ୍ଗର ଦିନେଶ ରାଉତ ପ୍ରଥମ, ଝିଲମିଲାର ବସନ୍ତ ଶବର ଦ୍ୱିତୀୟ, ନୂଆପଡାର ଗେନ୍ଦରାମ ସାହୁ ତୃତୀୟ ସ୍ଥାନ ଅକ୍ତିଆର କରି ପୁରସ୍କୃତ ହୋଇଥିଲେ। ଚିତ୍ରାଙ୍କନ ପ୍ରତିଯୋଗୀତାରେ ଅର୍ଣ୍ଣବ ଯୋଷୀ ପ୍ରଥମ, ଅଙ୍କିତା ଦାସ ଦ୍ୱିତୀୟ, ଚୂଡାମଣୀ ପରାଭୁଏ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସ୍ଲୋଗାନ ପ୍ରତିଯୋଗୀତାରେ ପ୍ରତୀକ୍ଷା ନାଏକ ପ୍ରଥମ, ଲିପ୍‌ସା ରାଣୀ ବେହେରା, ଅଭିପ୍ସା ମହାନ୍ତି ତୃତୀୟ ସ୍ଥାନ ଅକ୍ତିଆର କରି ପୁରସ୍କୃତ ହୋଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ସ୍ୱେଚ୍ଛାସେବୀ ସଙ୍ଗଠନ କଦମକୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ କଦମର ପ୍ରତିଭା ହୋତା, ପରିବହନ କାର୍ଯ୍ୟାଳୟ ବରିଷ୍ଠ କର୍ମଚାରୀ ସୁରେଶ କୁମାର ଚଲାନ, ସନତ କୁମାର ସଡଙ୍ଗୀ, କଡା ନାଏକ, ସଞ୍ଜୀବ କୁମାର ପଣ୍ଡା, ପୁରୁଷୋତମ ମଲ୍ଲିକ, ରାଜୁ ଧୋଳ, ପଦ୍ମନ କାଣ୍ଡ, ଲକ୍ଷ୍ମୀକା' ରଣା, ଦିନେଶ ରଣା, ଜିତାମିତ୍ର ଘିଭେଲା ପ୍ରମୁଖ ସହଯୋଗ କରିଥିଲେ।

# ଜୟନାଥନ ସଭାପତି, ରଜନୀସ୍ ସାଧାରଣ ସମ୍ପାଦକ

**ନୂଆପଡା ଅଫିସ,୧୭।୧**

## ହାବିଲଦାର-କନେଷ୍ଟବଲ ସଂଘ କର୍ମକର୍ତ୍ତା

ନୂଆପଡା ହାବିଲଦାର-କନେଷ୍ଟବଲ ସଂଘ କର୍ମକର୍ତ୍ତା ନିର୍ବାଚନ ଶେଷ ହୋଇଯାଇଛି। ସଂଘ ସଭାପତି ଭାବେ ଜୟ କୁମାର ନାଥନ ଏବଂ ରଜନୀସ କୁମାର ହୋତା ସାଧାରଣ ସମ୍ପାଦକ ଭାବେ ନିଜ ପ୍ରତିଦ୍ୱନ୍ଦୀଙ୍କଠାରୁ ବହୁ ଭୋଟର ବ୍ୟବଧାନରେ ବିଜୟୀ ହୋଇଛନ୍ତି । ଗତ ୧୪ତାରିଖରେ ଜିଲାର ସମସ୍ତ ଥାନା ଅଞ୍ଚଳରେ ଭୋଟଗ୍ରହଣ ହୋଇଥିଲା। ଏଥିରେ ଜିଲା ନିର୍ବାଚନ ଅଧିକାରୀ ଭାବେ ଏସ୍‌ପି ବିନୀତ କୁମାର ଅଗ୍ରୱାଲ ରହିଥିବାବେଳେ ଶୁକ୍ରବାର ଭୋଟ ଗଣତି ହୋଇଥିଲା। ଏସଡିପିଓ ପ୍ରଶାନ୍ତ କୁମାର ପଟ୍ଟନାୟକ ଏବଂ ନୂଆପଡା ଥାନାଧିକାରୀ ଆଦିତ୍ୟ କୁମାର ମହାକୁଡଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗଣତି ହୋଇଥିଲା। ଜିଲାରେ ମୋଟ ୪୦୭ଜଣ ଭୋଟର ଥିବାବେଳେ ୩୮୬ଖଣ୍ଡ ଭୋଟ ପଡିଥିଲା । ଅନ୍ୟମାନଙ୍କ ମଧ୍ୟରେ ପୁରୁଷୋତମ କୈବର୍ତ୍ତ ଉପସଭାପତି, ଲକ୍ଷ୍ମୀକାନ୍ତ ମାଝି କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିବାବେଳେ ଜୟକୁମାର ବେଡା, ହୀରାଲାଲ ବାଗ ଯୁଗ୍ମ ସମ୍ପାଦକ ଭାବେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି। ଫଳାଫଳ ଘୋଷଣା ପରେ ଜିଲା ପୋଲିସରେ ଖୁସିର ଲହରୀ ଖେଳିଯାଇଛି। ହୋଲି ଖେଳରେ ସମସ୍ତ ମାତିଯାଇଥିବା ଦେଖାଯାଇଥିଲା।



ହୋଲି ଖେଳରେ ମାତିଥିବା ନିର୍ବାଚିତ ପ୍ରତିନିଧିବୃନ୍ଦ।



ବୈଠକରେ ଉପସ୍ଥିତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅଭିଭାବକମାନେ ।

# ଆଦର୍ଶ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକ ବୈଠକ

**ଖଡିଆଲ,୧୭।୧(ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଲ ବ୍ଲକ ଆଦର୍ଶ ବିଦ୍ୟାଳୟରେ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅଭିଭାବକମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଭିଭାବକ ଯୋଗେଶ୍ୱର ସଗରିଆ ସଭାପତିତ୍ୱ କରିଥିବା ବେଳେ ବିଦ୍ୟାଳୟ ଉନ୍ନତିକରଣ, ଛାତ୍ରୀଛାତ୍ରଙ୍କ ପାଠପଢ଼ା ଓ ବିଦ୍ୟାଳୟ ଅନ୍ୟାନ୍ୟ ବିଷୟରେ ଆଲୋଚନା କରାଯାଇଥିଲା। ବୈଠକରେ ଅଭିଭାବକମାନେ ତାଙ୍କ ନିଜ ମନ୍ତବ୍ୟ ରଖିଥିଲେ । କିପରି ଛାତ୍ରୀଛାତ୍ରମାନେ ନିଜର ଭବିଷ୍ୟତ ଗଢ଼ିପାରିବେ, କିପରି ବଡ ଲୋକ ହୋଇପାରିବେ ଓ ସେମାନଙ୍କୁ କିପରି ବିଦ୍ୟାଳୟ ନାମକୁ ଉଜ୍ଜଳ କରିବେ ତାହା ସବୁ ଆଲୋଚନା କରାଯାଇଥିଲା। ବୈଠକରେ ଶିକ୍ଷକ ମନୋଜ କୁମାର ପ୍ରଧାନ, ବସନ୍ତ ନାୟକ, ନିହାରରଞ୍ଜନ ବିଶ୍ୱାଳ, ଦେବେଶ କୁମାର ମେହେର, ଅଞ୍ଜନା ବାଗ, ଉଦୟ ମାଝିଙ୍କ ସମେତ ସମସ୍ତ ଅଭିଭାବିକା, ଅଭିଭାବକ ଉପସ୍ଥିତ ଥିଲେ ।

### ଶିକ୍ଷକ ଓ ଅଭିଭାବକ ସମ୍ମିଳନୀ

**ବୋଡେନ,୧୭।୧(ଡି.ଏନ.ଏ.)**

ନୂଆପଡ଼ା ଜିଲା ବୋଡେନ ବ୍ଲକ ବୋଇରଗାଁ ପଞ୍ଚାୟତ ବୋଇରଗାଁ ଉପ୍ରା ବିଦ୍ୟାଳୟରେ ଶିକ୍ଷକ ଓ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ଏବିଇଓ ମୁକୁନ୍ଦ ମେହେର, ସିଆରସିସି ବୈଷ୍ଣବ ଦୁରିଆ, ସ୍କୁଲ ପରିଚାଳନା କମିଟି ସଭାପତି ତ୍ରିନାଥ ମାଝି, ପ୍ରଧାନ ଶିକ୍ଷକ ବିଶିକେସନ ମାଝି, ଗାଲ୍ସ କୋଡିନେଟର ପ୍ରତାପ ଚନ୍ଦ୍ର ପାତ୍ର, ପର୍ଯ୍ୟବେକ୍ଷକ ସିନାପାଲିର ଅଜିତ ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ଉଜ୍ଜ୍ୱଳ ଓ ଉତଥାନ ଓ ଗାରିମାଁ ବିଷୟରେ ବୁଝାଯାଇଥିଲା। ସମ୍ମିଳନିକୁ ସହକାରୀ ଶିକ୍ଷକ ପରଦେଶି ଦୁରିଆ ପରିଚାଳନା କରିଥିଲେ। ସେହିପରି ବିନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ମଧ୍ୟ ଶିକ୍ଷକ ଓ ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଲୋକନାଥ ନିଆଲ ସଭା ପରିଚାଳନା କରିବା ସହ ଉଚ୍ଚ ବିଦ୍ୟାଳୟ ପାଠପଢ଼ାର ସମ୍ପର୍କରେ ଆଲୋଚନା କରାଯାଇଥିଲା ।

# ପ୍ରସନ୍ନ ମେମୋରିଆଲ କ୍ରିକେଟ : ବଡ଼ଡୁଙ୍ଗୁରୀଗୁଡ଼ା ଚାମ୍ପିୟନ

**ରିଷିଡା,୧୭।୧ (ଡି.ଏନ.ଏ.)**



ଚାମ୍ପିୟନ ବଡଡୁଙ୍ଗୁରୀଗୁଡା ଦଳର ଖେଳାଳି ।

କଳାହାଣ୍ଡି ଜିଲା ରିଷିଡା ନିକଟସ୍ଥ ବଡଡୁଙ୍ଗୁରୀଗୁଡା ଖେଳ ପଡିଆରେ ଚାଲିଥିବା ପ୍ରସନ୍ନ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ଖେଳରେ ବଡଡୁଙ୍ଗୁରୀଗୁଡା ଦଳ ଗଜବାହାଲ ଦଳକୁ ୧୫ ରନରେ ପରାସ୍ତ କରି ଚଳିତ ବର୍ଷର ଚାମ୍ପିୟନ ହୋଇଛି। ପ୍ରଥମେ ବ୍ୟାଟିଂ କରି ବଡଡୁଙ୍ଗୁରୀଗୁଡା ନିର୍ଦ୍ଧାରିତ ୧୫ ଓଭରରେ ୧୨୫ ରନ ସଂଗ୍ରହ କରିଥିଲେ। ଏଥିରେ ଦଳର ସୌମ୍ୟରଞ୍ଜନ ଦମଦାର ବ୍ୟାଟିଂ କରି ୫୦ ରନ ସଂଗ୍ରହ କରିଥିଲେ। ଜବାବରେ ଗଜବାହାଲ ଦଳ ମାତ୍ର ୧୧୦ ରନ କରିବାରେ ସମର୍ଥ ହୋଇଥିଲା। ମ୍ୟାଚକୁ ଅରବିନ୍ଦ ଗହୀର ଓ ସୁନିଲ କୁମାର ସାହୁ ପରିଚାଳନା କରିଥିଲେ। ଆୟୋଜିତ ପୁରସ୍କାର ବିତରଣୀ ସଭାରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ପ୍ରଫୁଲ୍ଲ ସାହୁ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ । ଖେଳର ଧାରାବିବରଣୀ ସଚ୍ଚିକାନ୍ତ ମିଶ୍ର ପ୍ରଦାନ କରିଥିବା ବେଳେ ଶିବ ପୁଟେଲ, ରାଜେଶ କୁମାର ଦେହୁରୀ ଖେଳ ପରିଚାଳନାରେ ସହାୟତା କରିଥିଲେ । ସ୍କୋରର ଥିଲେ ଦେବାଶିଷ ବେହେରା ଓ ବିବେକ ମିଶ୍ର । ଅନ୍ୟମାନଙ୍କ ମଧରେ ଭକ୍ତ ପୁଟେଲ, କାଳିଆ ସା, ମହାଦେବ ଗହୀର, ସୁନୀଲ ମିଶ୍ର, ତପନ ପୁଟେଲ, ଡିଲେଶ୍ୱର ବାଗ ପ୍ରମୁଖ ସହାୟତା କରିଥିଲେ ।

# ଆବାସ ଯୋଜନାରୁ ବଁଚିତ୍ ଦ୍ରୌପଦୀ

**ପର୍ଲା, ୧୭।୧ (ଡି.ଏନ.ଏ.)**



ନିଜର ଦଦ୍‌ରା କୁରିଆ ଆଗେ ଦ୍ରୌପଦୀ।

ମୁଇଁ ଘର ଖଁଡ଼େ ଲାଗି ବଡ଼ା ଗୁଲ୍‌ଗୁଲା ହେଉଛେଁ। ବରଷା ମାସ୍ ସାରା ନାଇଁ ଶୁଇ, ପାଏନ୍ ଛେଦେଇ ଛେଦେଇ ରାଏତ୍ ସାରା ଉଜାଗର ରହିଛେଁ। କୁଟେ କାଁଥି ମାଡ଼ି ବସିଛେ। ଏନ୍‌ତାଥି ମୁଇଁ ବଡ଼ା ଗୁଲ୍‌ଗୁଲା ହେଇ ରହୁଛେଁ ଆଗିଆଁ। ଇ ମରମ ଭେଦ୍‌ଲା କଥା ପଦ୍‌ଦୁକ କହିଛନ୍ ଝନେ ନିସାହା ବୁଢ଼ୁଧି ବିଧବା ଦ୍ରୌପଦୀ ସମରଥ(୬୦)। ସୂଚନା ଅନ୍‌ସାରେ କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ଜୟନ୍ତପୁର ପଁଚେତ୍ ରଇନଗୁଡ଼ା ଗାଁର ନିସାହା ବିଧବା ମହିଳା ଦ୍ରୌପଦୀ ସମରଥ। ପରିବାର କହେଲେ ୨ ଝି' ଆର ୪ ପୁଓକୁ ନେଇ ସଁସାର। ଆପ୍‌ନେ କାଶୀ ସମରଥ ଅନେକ ବଛର ହେଲା ଆରପାରକେ ଚାଲିଯାଇଛନ୍। ୨ ଝି' ଆର ୩ ପୁଓ ବିହାତୁରା ହେଇ ଅଲଗେ ରହୁଥିଲାବେଲେ ସାନ୍ ପୁଓର ସଂଗେ ଦ୍ରୌପଦୀ ରହୁଛନ୍। ପରିବାରଟା ନିହାତି ଗରିବ୍, ଅଭାବ ଅନାଟନ ତାକର ସାଥି ପାଲଟିଛେ। ଏନ୍‌ତାଥି ସାନପୁଓ ବି ମାସ୍‌କେତେ ହେଲା ବାହାର ରାଏଜ୍‌କେ ଦାଦନ ଯାଇଛନ୍। ଦ୍ରୌପଦୀ ପଁଚେତ୍‌ରୁ ଚାଉଲ ଦୁରା ପାଉଛନ୍ ସତ୍। ହେଲେ ସେଟା ନିଅଁଟ୍ ପଡୁଛେ। ସେଥିରଲାଗି ଇ ବୁଢ଼ି ବଏସେ ସେ ପରହର କାମ୍‌ବୁତା କରି ତେଲନୁନ୍, କପଡ଼ାଲତା କରୁଛନ୍। ସେ ରହୁଥିବାର ଘରର ଅବସ୍ତା ନାଇଁ କହେବାର ଭଲ। ତାକର ଘରନୁ ଲୁକ୍‌କର ଗାଇ ଗୁହାଲ ଭଲ୍‌ଥିବା। ଛାଉଁନିର ଅବସ୍ତା ଏନ୍‌ତା ଯେ, ଦିନ୍‌ବେଲା ସୂର୍ଯ୍ୟ ଆର ରାଏତ୍ ବେଲା ଚନ୍ଦ୍ର ଫଟିକ୍ ଦେଖି ହେଉଛେ। ଗଲା ବଛର ବରଷାରେ ଘରର ଗୁଟେ କାଁଥି ମାଡ଼ିବସିଛେ। ସରକାରୀ ଯୋଜନାରେ ଘରଖଁଡ଼େ ଲାଗି ଦ୍ରୌପଦୀ ୱାର୍ଡ ମେମରନୁ ମୂଳ କରି ସରପଁଚ୍ ଆର ଉନିଆଁ ସରକାରୀ ଅଧିକାରୀମାନକୁ ଗୁହାରି କରିଛନ୍। ହେଲେ ଘରର ତ ଦୂରର କଥା ଆଏଜ୍‌ତକ ତାହାକୁ ପଲିଥିନ୍ ଖଁଡ଼େ ନାଇଁ ମିଳିପାରି। ସାହାଯ୍ ପାଏବାର ଆଶ୍‌ରେ ୪ରୁ ୫ଥର ରାଜସ୍ୱ ନିରୀକ୍ଷକକଁର ଅଫିସ୍‌କେ ଯାଇ ନିରାଶ ହେଇଥିବାର ସେ କହିଛନ୍। ଯେନ୍‌ଥେଇ ସେନ୍‌ଥେଇ ଖାଏବାର ମୁଠାକ ଚଲିଯାଉଛେ। ହେଲେ ଘରଖଁଡ଼େ ନାଇଁ ହେଲେ ଖରା, ବରଷା, ଶୀତ୍ କାକରରେ କେନ୍‌ନେ ମୁଡ୍ ଗୁଁଜ୍‌ମି ବଲି କହିଛନ୍ ଦ୍ରୌପଦୀ। ଇ ବାବ୍‌ଦେ ଥାନୀଅ ସରପଁଚ୍ ରମଣୀ ଦୁରିଆକୁଁ ପଚ୍‌ରାଲାରୁ ଚଲତି ସରର୍ଭେରେ ତାକର ନାଁ ଦିଆଯାଇଛେ। ତାକର ନାଁ ଆଏଲେ ଘର ଦିଆଯିବା ବଲି ସେ କହିଛନ୍। ସେନ୍‌ତା ଇ ବାବ୍‌ଦେ ଧର୍ମଗଡ଼ ବିଡିଓ ଗୋପାଳ କୃଷ୍ଣ ମିଶ୍ରକୁଁ ପଚ୍‌ରାଲାରୁ ନିହାତି ଭାବେ ଏନ୍‌ତା ଗରିବ୍ ଦୁଖିକୁ ଆବାସ ଯୋଜନାରେ ସାମିଲ କରି ଘର ଦିଆଯିବା ବଲି ସେ କହିଛନ୍।

# ଆଇନଶୃଙ୍ଖଳା ପ୍ରତି ଦୃଷ୍ଟି ଆକର୍ଷଣ କଲେ

**ନୂଆପଡା ଅଫିସ,୧୭।୧**

## ଫାଣ୍ଡି ସ୍ଥାପନ ମୁଖ୍ୟ ପ୍ରସଙ୍ଗ

■ ଏସ୍‌ପିଙ୍କୁ ଭେଟିଲା ଉଦ୍ୟାନବନ୍ଧ ବଣିକ ସଂଘ

ନୂଆପଡା ଜିଲାର ଏକ ପ୍ରମୁଖ ବ୍ୟବସାୟ କେନ୍ଦ୍ର ଭାବେ ଉଦ୍ୟାନବନ୍ଧର ନାଁ ରହିଛି। ଏହା ଉପରେ କୋମନା ବ୍ଲକ ସହ ପଡୋଶୀ ବଲାଙ୍ଗୀର ଜିଲାର ୨୦ରୁ ଉର୍ଦ୍ଧ୍ୱ ଗ୍ରାମପଞ୍ଚାୟତ ଲୋକ ନିର୍ଭର କରିଥାନ୍ତି। ଏଠାରେ ଦିନକୁ ଆଇନଶୃଙ୍ଖଳା ବ୍ୟବସ୍ଥା ନିୟନ୍ତ୍ରଣ ବାହାରକୁ ଚାଲିଯାଉଥିବା ଗ୍ରାମବାସୀ ଅନୁଭବ କରି ଏଥିପ୍ରତି ଜିଲା ଆରକ୍ଷୀ ଅଧୀକ୍ଷକ ଦୃଷ୍ଟି ଦେବାକୁ ଉଦ୍ୟାନବନ୍ଧ ବଣିକ ସଂଘ କର୍ମକର୍ତ୍ତା ଭେଟି ଦାବି ଜଣାଇଛନ୍ତି । ଦୀର୍ଘ ସମୟ ଧରି ଆଲୋଚନା କରି ଏଥିପ୍ରତି କାର୍ଯ୍ୟାନୁଷ୍ଠାନ କରିବା ଆଶାବାନ୍ଧିଛନ୍ତି ଗ୍ରାମବାସ।

ଶୁକ୍ରବାର ସନ୍ଧ୍ୟା୭ଟାରେ ବଣିକ ସଂଘ ସଭାପତି ଜହରଲାଲ ସୁନାନୀଙ୍କ ନେତୃତ୍ୱରେ ଏକ ୬ ଜଣିଆ ଟିମ ଏସ୍‌ପିଙ୍କ କାର୍ଯ୍ୟାଳୟରେ ପହଞ୍ଚି ଏସ୍‌ପି ବିନୀତ କୁମାର ଅଗ୍ରୱାଲଙ୍କୁ ଭେଟିଥିଲେ। ଏହି ପ୍ରସଙ୍ଗରେ ଉଦ୍ୟାନବନ୍ଧବାସୀଙ୍କ ଦାବି ମୁତାବକ ଏଠାରେ ଏକ ଆଇନ ସହାୟତା କେନ୍ଦ୍ର ସ୍ଥାପନ କରାଗଲା। ହେଲେ ଏଥିରେ କର୍ମଚାରୀ ଅଭାବ ହେତୁ ଚୋରି, ଡକାୟତି, ରାହାଜାନି ବୃଦ୍ଧି ପାଉଥିବାରୁ ଏହା ସାଧାରଣ, ଖଟିଖିଆଙ୍କ ଜୀବନ ଜିବିକାକୁ ପ୍ରଭାବିତ କରୁଛି । ପ୍ରତିଦିନ ଚୋରି ଡକାୟତି ଲୋକଙ୍କ ନିଦ ହଜାଇଦେଉଛି । ତେଣୁ ଏଠାରେ ଏକ ଫାଣ୍ଡି ସ୍ଥାପନ ସକାଶେ ପଦକ୍ଷେପ ନେବାକୁ ଦାବି ରଖିଥିଲେ । ଏହା ଉପରେ ରାଜ୍ୟ ସରକାରଙ୍କ ଦୃଷ୍ଟିକୁ ଆଣି ଲୋକଙ୍କ ଦାବି ପୂରଣ ଦିଗରେ ପଦକ୍ଷେପ ନେବେ ବୋଲି ଏସପି ଅଗ୍ରୱାଲ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଏଠିକାର ଜାତୀୟ ରାଜପଥ ନିର୍ମାଣ କାମରେ ମଧ୍ୟ ଦୋକାନୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଥିପ୍ରତି ମଧ୍ୟ ଦୃଷ୍ଟି ଦେବାକୁ କମିଟି କର୍ମକର୍ତ୍ତା କହିଥିଲେ। ଏହା ଉପରେ ବିଭାଗୀୟ ଅଧିକାରୀମାନଙ୍କ ସହ କଥା ହେବେ ବୋଲି କହିଥିଲେ। ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣରେ ଦୀର୍ଘ ସମୟ ଧରି ଆଲୋଚନା ହୋଇଥିବାରୁ ଏହା କାର୍ଯ୍ୟକାରୀ ହେବାର ଆଶା ରଖିଥିବା କର୍ମକର୍ତ୍ତା ପ୍ରକାଶ କରିଛନ୍ତି । ଏହି ଟିମରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଓମପ୍ରକାଶ ରଣା, ଗୁଡୁ ଖାନ, ବୁଲା ସାହୁ, ନିରନ ମାଝି, ଟିଙ୍କି ସାହୁ, ରାମଲାଲ ମଜୁମଦାର ପ୍ରମୁଖ ସାମିଲ ଥିଲେ।



ଏସ୍‌ପିଙ୍କୁ ଭେଟିବା ଅବସରରେ ଉଦ୍ୟାନବନ୍ଧ ଗ୍ରାମବାସୀ।



ସବୁଠାରୁ ଅଳ୍ପରେ ଯିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ। କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦ।
-ସକ୍ରେଟିସ୍



## ସଂକ୍ଷେପରେ

### ୩୧ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଯାପିତ

**ସୁନ୍ଦରଗଡ଼,୧୭।୧(ଡି.ଏନ୍.ଏ.) :** ଜିଲା ପରିବହନ ବିଭାଗ ଆନୁକୂଲ୍ୟରେ ଚାଲିଥିବା ୩୧ତମ ଜାତୀୟ ସଡକ ସୁରକ୍ଷା ସପ୍ତାହ ଶୁକ୍ରବାର ଉଦଯାପିତ ହୋଇଛି। ଏହି ଉପଲକ୍ଷେ ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟର ଏନସିସି କ୍ୟାଡେଟଙ୍କ ସହ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଏକ ସଚେତନତା ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ପରେ ଆୟୋଜିତ ଉଦଯାପନୀ ସମାରୋହରେ ସୁନ୍ଦରଗଡ ଅତିରିକ୍ତ ଜିଲାପାଳ ନୃସିଂହ ଚରଣ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ର ଓ ଶ୍ରେଷ୍ଠ ବସ ଓ ଟ୍ରକ ଚାଳକ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ରାମନିବାସ ସିରିକାଙ୍କ ଅଧ୍ୟକ୍ଷତାରେ ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସୁନ୍ଦରଗଡ କେନ୍ଦ୍ର ସଂଚାଳିକା ବ୍ରହ୍ମକୁମାରୀ ଜ୍ୟୋସ୍ନା ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ଅତିରିକ୍ତ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ସୁସ୍ମିତା ବେହେରା, ମୋଟର ଯାନ ନୀରିକ୍ଷକ ରାମଦାସ ଟୁଡୁ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ହୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅବ୍ୟବସ୍ଥା ଘେରରେ ବିରିଙ୍ଗାଟୋଲି ଧାନମଣ୍ଡି

**କୁତ୍ରା, ୧୭।୧ (ଡି.ଏନ.ଏ)**



ମଣ୍ଡିରେ ଧାନ ପଡ଼ିରହିଛି।

- ହାଡଭଙ୍ଗା ଶୀତରେ ଧାନ ଜଗିଲେ ଚାଷୀ
- ହାତଗୁଞ୍ଜା ଦେଲେ କାମ କରୁନି ଟୋକନ ବ୍ୟବସ୍ଥା
- ଚାଷୀଙ୍କଠାରୁ ୩ ପ୍ରତିଶତ ଧାନ କଟନି ଅଭିଯୋଗ

ସୁନ୍ଦରଗଡ ଜିଲା ବିରିଙ୍ଗାଟୋଲି ଲ୍ୟାମ୍ପ ଅଧିନରେ ଥିବା ସରକାରୀ ଧାନ ମଣ୍ଡିଗୁଡିକ ଘୋର ଅବ୍ୟବସ୍ଥାରେ ଚାଲୁଥିବା ବେଳେ ହାଡଭଙ୍ଗା ଶୀତରେ ମଣ୍ଡିରେ ଧାନ ଜଗିବାକୁ ପଡୁଥିବା ଚାଷୀ ଅଭିଯୋଗ କରିଛନ୍ତି। ଏହାଛଡା ହାତଗୁଞ୍ଜା ଦେଲେ ଟୋକନ ବ୍ୟବସ୍ଥା କାମ କରୁନଥିବା ବେଳେ ଚାଷୀଙ୍କଠାରୁ ୩ ପ୍ରତିଶତ ଧାନ କଟନି କରାଯାଉଥିବା ଅଭିଯୋଗ ହେଉଛି। ଏବାବଦରେ ଖବର ପ୍ରସାର କଲେ ଖବରଦାତାଙ୍କୁ ଉଡେଇଦେବା (ହତ୍ୟା) କରିବା ପାଇଁ ଧମକ ଦିଆଯାଉଛି। ବିରିଙ୍ଗାଟୋଲି ଲ୍ୟାମ୍ପ ଅଧିନରେ ବିରିଙ୍ଗାଟୋଲି ଓ ପୁର୍କାପାଲି ଗ୍ରାମରେ ସରକାରଙ୍କ ଅନୁମୋଦିତ ଧାନ ମଣ୍ଡି ରହିଅଛି । ଏହି ମଣ୍ଡି ଗୁଡିକରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି । ଏହି ଖବର ପାଇ ଶୁକ୍ରବାର ବିରିଙ୍ଗାଟୋଲି ଲ୍ୟାମ୍ପ ଅଧିନରେ ଥିବା ପୁର୍କିପାଲି ଧାନ ମଣ୍ଡିକୁ ଯାଇ କିଛି ଚାଷୀଙ୍କୁ ଧରିତ୍ରୀ ଖବରଦାତା ସାକ୍ଷାତ କରିଥିଲେ । ଏହି ସମୟରେ ପୁର୍କାପାଲି ଗ୍ରାମର ଚାଷୀ କୃଷ୍ଣଚନ୍ଦ୍ର ଭଏଁସାଲ ଗୁରୁବାର ସକାଳୁ ଧାନ ମଣ୍ଡିକୁ ନେଇଥିବା କହିଥିଲେ। ଗୁରୁବାର ତାଙ୍କ ଧାନ କ୍ରୟ କରାଯାଇ ନ ଥିବାରୁ ରାତ୍ରିରେ ହାଡଭଙ୍ଗା ଶୀତରେ ଧାନ ଜଗିବାକୁ ପଡିଥିବା ଅଭିଯୋଗ କରିଥିଲେ । ପୁର୍କାପାଲି ଗ୍ରାମର ମନୋଜ ଭଏଁସାଲ ନାମକ ଚାଷୀ ଟୋକ ନ ଥିଲେ ମଧ ତାଙ୍କ ଧାନ ନେବା ପାଇଁ ଲ୍ୟାମ୍ପ ଏମଡି ମନା କରି ଅନ୍ୟ ଦିନ ଧାନ ନେବା ପାଇଁ କହିଥିବା ଅଭିଯୋଗ କରିଥିଲେ। ଏହି ମଣ୍ଡିରେ ଚାଷୀଙ୍କ ଠାରୁ ୨.୫ ପ୍ରତିଶତ ରୁ ୩ ପ୍ରତିଶତ ଧାନ କଟନି କରାଯାଉଥିବା ଅଭିଯୋଗ ହେଉଥିବାରୁ ଏବାବଦରେ ମିଲର୍‌ଙ୍କ କର୍ମଚାରୀଙ୍କୁ ପଚାରିବାରୁ ୨.୫ ପ୍ରତିଶତ ଧାନ କଟନି କରାଯାଉଥିବା ପ୍ରକାଶ କରିଥିଲେ । ବିରିଙ୍ଗଟୋଲି ଏମଡି ସେଠାରେ ଉପସ୍ଥିତ ନ ଥିବାରୁ ତାଙ୍କୁ ଫୋନ ମାଧ୍ୟମରେ ପଚାରିବାରୁ ଏଭଳି ଘଟଣା ତାଙ୍କ ନଜରକୁ ଆସିନଥିବା ପ୍ରକାଶ କରିବା ସାଙ୍ଗକୁ ଏଭଳି ଖବର ପ୍ରକାଶନ ନ କରିବା ପାଇଁ ଧମକ ଦେଇଥିଲେ । କିଛି ସମୟ ପରେ ସେ ପୁର୍କାପାଲି ଧାନ ମଣ୍ଡିକୁ ଆସି ଚାଷୀଙ୍କଠାରୁ ଧାନ କଟନିକୁ ବନ୍ଦ କରିବା ସହିତ ଧରିତ୍ରୀ ପ୍ରତିନିଧିଙ୍କୁ ଫୋନ ମାଧ୍ୟମରେ ତାଙ୍କ ସମର୍ଥକ କିଛି ଚାଷୀଙ୍କ ସହିତ କଥାବାର୍ତ୍ତା କରିବାକୁ କହିବା ସହିତ ଖବରପ୍ରକାଶ କଲେ ଉଡାଇଦେବା (ହତ୍ୟା) ପାଇଁ ଧମକ ଦେଇଥିଲେ । ଏବାବଦରେ ଧରିତ୍ରୀ ପ୍ରତିନିଧି ଏବେ ଆପଣ ଅଭିଯୋଗ ପରେ କଟନି କରୁନଥିବାରୁ ଚାଷୀମାନେ ଆପଣଙ୍କ ସପକ୍ଷରେ କହୁଥାଇ ପାରନ୍ତି । ହେଲେ ମୋ ସମ୍ମୁଖରେ ଦୁଇଜଣ ଚାଷୀ ସତ୍ୟ ପ୍ରକାଶ କରିଛନ୍ତି ବୋଲି କହିବା ସହିତ ଆପଣ ଆଗରୁ ଧାନ କିଣିଥିବା ଚାଷୀଙ୍କ ଲିଷ୍ଟ ଦେଲେ ଆମେ ତାଙ୍କ ପାଖକୁ ଯାଇ ଚାଷୀଙ୍କଠାରୁ ସତ୍ୟ ଘଟଣା ଜାଣିବା ପାଇଁ ପ୍ରୟାସ କରିବୁ ବୋଲି କହିବାରୁ ସେ ଲିଷ୍ଟ ଦେବା ପାଇଁ ମନା କରିଥିଲେ। ଚାଷୀମାନେ କୁଟା ମିଶ୍ରିତ ଧାନ ଆଣୁଥିବାରୁ କଟନି କରାଯାଉଥିବା ବେଳେ ମିଲରଙ୍କ ଗାଡି ଦୁର୍ଘଟଣା ହୋଇଥିବାରୁ ଧାନ ଉଠିବାରେ ଅସୁବିଧା ହେଇଥିବା ପ୍ରକାଶ କରିବା ସହିତ ଖବରଟିକୁ ପ୍ରସାରଣ ନକରିବା ପାଇଁ ଧମକ ଦେଇଥିଲେ । ସୁନ୍ଦରଗଡ ଜିଲା ଏକ ଆଦିବାସୀ ଜିଲା ହୋଇଥିବାରୁ ଆଦିବାସୀଙ୍କ ସରଳତାକୁ ନେଇ ଧାନ କିଣାରେ ହେରଫେର ହେଉଥିବାରୁ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ପଦକ୍ଷେପ ନେବାପାଇଁ ସାଧାରଣରେ ଦାବି ହେଉଛି ।

# ଲେଫ୍ରିପଡ଼ା ଅଞ୍ଚଳରେ ମକର ଯାତ୍ରା

**ଲେଫ୍ରିପଡା,୧୭।୧ (ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକ୍ ଅଞ୍ଚଳରେ ବିଭିନ୍ନ ସ୍ଥାନରେ ମକର ସଂକ୍ରାନ୍ତି ଅବସରରେ ଯାତ୍ରା ସମେତ ପୂଜା ପାଠ ଅନୁଷ୍ଠିତ ହୋଇଯାଇଛି । ପଟୁଆଡିହି ଗ୍ରାମରେ ମହାସମାରୋହରେ ହରି ଏବଂ ହରଙ୍କ ପୂଜାପାଠ କରାଯାଇଥିଲା । ଏଥିରେ ଗ୍ରାମବାସୀଙ୍କ ପକ୍ଷରୁ ସମ୍ପ୍ରଦା ମଣ୍ଡଳୀର ତାଳେ ତାଳେ ଶିବ ମନ୍ଦିରରୁ ମହାଦେବଙ୍କୁ ଜଗନ୍ନାଥ ମନ୍ଦିରକୁ ପାଛୋଟି ଅଣାଯାଇଥିଲା । ଜଗନ୍ନାଥ ମନ୍ଦିରରେ ହରିହରଙ୍କ ପୂଜାର୍ଚ୍ଚନା କରାଯାଇ ଗ୍ରାମର ଶେଷମୁଣ୍ଡରେ ରଥରେ ବସାଇ ପହଣ୍ଡି କରାଯାଇଥିଲା । ମକରମିଳନ ମଣ୍ଡପରେ ପ୍ରଥମେ ଜଗନ୍ନାଥ ମନ୍ଦିର ପୂଜକ ରୋହିତ କୁମାର ଦାଶ ଏବଂ ଶିବମନ୍ଦିର ପୂଜକ ରାଜେନ୍ଦ୍ର ରାଉତ, ପୁରୋହିତ ଟେକଚାନ୍ଦ୍ ଦାଶ ପୂଜାର୍ଚ୍ଚନା କରି ହରିହରଙ୍କ ମଧ୍ୟରେ ମକର ମିଳନ ହୋଇଥିଲା । ପରେ ଏହି ଅବସରରେ ଅଞ୍ଚଳର ବିଭିନ୍ନ ଗ୍ରାମରୁ ମହିଳା ପୁରୁଷ, ଯୁବତୀ ଯୁବକମାନେ ମକର ବସିଥିଲେ । ଯାତ୍ରା ଅବସରରେ ରାତ୍ରିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ବହୁ ସଂଖ୍ୟାରେ ଦର୍ଶକଙ୍କ ଗହଳି ଲାଗିଥିଲା । ଠିକ୍ ସେହିପରି ଭାବେ ଗିରିଙ୍ଗକେଲା, ଲେଫ୍ରିପଡା, କୁଲାବିରା ସମେତ ବିଭିନ୍ନ ଗ୍ରାମରେ ଯାତ୍ରା ଅନୁଷ୍ଠିତ ହୋଇଥିଲା । ଅନ୍ୟପକ୍ଷରେ ମକରସଂକ୍ରାନ୍ତି ଅବସରରେ ସୁରୁଗୁଡା ତାରିଣୀ ମନ୍ଦିରଠାରେ ମନ୍ଦିର କମିଟି ପକ୍ଷରୁ ଚଣ୍ଡୀପାଠ କରାଯାଇ ପୂଜାର୍ଚ୍ଚନା କରାଯାଇ ଥିଲା । ଏଥିରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଭାଗ ନେଇ ତାରିଣୀ ମା'ଙ୍କ ଦର୍ଶନ କରିଥିଲେ ।



ପଟୁଆଡିହି ଗ୍ରାମରେ ମକର ଯାତ୍ରା।

# ଭାଜପା ଜାତୀୟ ପରିଷଦ ସଭ୍ୟଙ୍କ ନାମ ଘୋଷଣା

**ସୁନ୍ଦରଗଡ଼, ୧୭।୧ (ଡି.ଏନ.ଏ)**

ଭାରତୀୟ ଜନତା ପାର୍ଟି ରାଜ୍ୟ କାର୍ଯ୍ୟାଳୟ ଠାରେ ସଙ୍ଗଠନ ପର୍ବର ଅନ୍ତିମ ପର୍ଯ୍ୟାୟରେ ରାଜ୍ୟ ସଭାପତି ନିର୍ବାଚନ ହେବା ସଙ୍ଗେ ସଙ୍ଗେ ଜାତୀୟ ପରିଷଦର ସଭ୍ୟ ପଦ ସକାଶେ ପ୍ରତି ଲୋକସଭା କ୍ଷେତ୍ରରୁ ଜଣେ ଲେଖାଏଁ ସଭ୍ୟ ପଦ ସକାଶେ ମନୋନୟନ କରାଯାଇ ନାମାଙ୍କନପତ୍ର ଦାଖଲ କରାଯାଇଥିଲା । ଏହି କ୍ରମରେ ଜାତୀୟ ପରିଷଦର ସଭ୍ୟ ଭାବେ ସୁନ୍ଦରଗଡ ଲୋକସଭା କ୍ଷେତ୍ରରୁ ପ୍ରେମସାଗର ଓରାମଙ୍କ ନାମ ଘୋଷଣା କରାଯାଇ ନାମାଙ୍କନ ପତ୍ର ଦାଖଲ କରାଯାଇଥିଲା । ଏହି ଅବସରରେ ଭାଜପା ସୁନ୍ଦରଗଡ ସାଙ୍ଗଠନିକ ଜିଲା ସଭାପତି ତଥା ତଳସରା ବିଧାୟକ ଭବାନୀଶଙ୍କର ଭୋଇ, ସୁନ୍ଦରଗଡ ବିଧାୟିକା କୁସୁମ ଟେଟେଙ୍କ ସହ ବିଧାନସଭା କ୍ଷେତ୍ର ୱାରି ଥିବା ରାଜ୍ୟ ପରିଷଦ ସଭ୍ୟ ସୁଖଲାଲ ମୁଣ୍ଡା, ମହାରାଜ ମାଝୀ, ବୈକୁଣ୍ଠ କାଲୋ, ଅଂଜନା ପଟେଲ, ଉପାଧ୍ୟାୟ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ନାମାଙ୍କନରେ ପ୍ରସ୍ତାବକ ଓ ସମର୍ଥକ ଭାବେ ରହିଥିଲେ । ପ୍ରକାଶ ଯୋଗ୍ୟ ଯେ, ଆସନ୍ତା ରାଷ୍ଟ୍ରୀୟ ସଭାପତି ନିର୍ବାଚନରେ ଜାତୀୟ ପରିଷଦ ସଭ୍ୟମାନେ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି।

# ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ

**ଲହୁଣୀପଡ଼ା, ୧୭।୧ (ଡି.ଏନ.ଏ)**

ଲହୁଣୀପଡା ରାଜୀବ ଗାନ୍ଧୀ ସେବା ସଦନଠାରେ ଶୁକ୍ରବାର ଅପରାହ୍ନରେ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ବ୍ଲକ ଅଧ୍ୟକ୍ଷ ପଣ୍ଡିତଚରଣ ମୁଣ୍ଡା ଅଧ୍ୟକ୍ଷତା କରିଥିଲେ। ବିଡିଓ ଧାନାଇଚରଣ ଟୁଡୁ, ସାମାଜିକ ସୁରକ୍ଷା ଅଧିକାରୀ ଜାହ୍ନବୀ ମହାନ୍ତ ମଞ୍ଚାସୀନ ଥିଲେ । ବିଭିନ୍ନ ବିଦ୍ୟାଳୟ ମହାବିଦ୍ୟାଳୟ ଶିକ୍ଷୟିତ୍ରୀ, ଶିକ୍ଷକ, ଅଧ୍ୟାପିକା, ଅଧ୍ୟାପକ ମାନ୍ୟଗଣ୍ୟ ବ୍ୟକ୍ତି ଆଲୋଚନାରେ ଭାଗ ନେଇଥିଲେ । ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ବିଦ୍ୟାଳୟ ମହାବିଦ୍ୟାଳୟ ସ୍ତରରେ ପ୍ରତିଯୋଗିତା କରିବା ଏବଂ ମଞ୍ଚ ସମ୍ମୁଖରେ ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ବିଭିନ୍ନ ବିଭାଗରେ ସହଯୋଗ କରିବା ପାଇଁ ବିଭାଗ ଅନୁଯାୟୀ ଦାୟିତ୍ୱ ପ୍ରଦାନ କରାଯାଇଛି।

# ସରକାରୀ ମହାବିଦ୍ୟାଳୟରେ ଫାଷ୍ଟ୍‌ଏଡ୍ ଉପରେ ପ୍ରତିଯୋଗିତା

**ସୁନ୍ଦରଗଡ, ୧୭।୧ (ଡି.ଏନ୍.ଏ)**

ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟରେ ଯୁବ ରେଡ୍‌କ୍ରସ ଆନୁକୁଲ୍ୟରେ ଫାଷ୍ଟ ଏଡ୍ ଉପରେ ଏକ ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. କିଶୋର କୁମାର ଦାଶଙ୍କ ଉପସ୍ଥିତିରେ ଆରମ୍ଭ ହୋଇଥିଲା। ସୁନ୍ଦରଗଡ ଜିଲାର ବିଭିନ୍ନ ମହାବିଦ୍ୟାଳୟରୁ ପ୍ରାୟ ୪୦ ଜଣ ପ୍ରତିଯୋଗୀ ଭାଗନେଇଥିଲେ। ପ୍ରତିଯୋଗିତାର ମୁଖ୍ୟ ପରୀକ୍ଷକ ରାଜ୍ୟ ରେଡ୍ କ୍ରସ୍ ତରଫରୁ ତ୍ରିନାଥ ପରିଡ଼ା ନିଯୁକ୍ତ ହୋଇଥିଲେ। ପ୍ରକାଶ ଥାଉକି ଜାତୀୟ ରେଡ୍ କ୍ରସ୍‌ର ୧୦୦ତମ ଉତ୍ସବ ପାଳନ ଅବସରରେ ପ୍ରତ୍ୟେକ ଜିଲାରେ ଫାଷ୍ଟ ଏଡ୍ ଉପରେ ପ୍ରତିଯୋଗୀତା ଆୟୋଜନ କରଯାଉଛି। ଉତ୍ତୀର୍ଣ୍ଣ ପ୍ରତିଯୋଗୀମାନେ ରାଜ୍ୟ ରେଡ୍ କ୍ରସ୍‌ରେ ହେବାକୁ ଥିବା ଫାଷ୍ଟ ଏଡ୍ ପ୍ରତିଯୋଗିତା ଭାଗ ନେବେ । ଏହି ପ୍ରତିଯୋଗିତାରେ ଏସ୍. ଜି. ଡିଗ୍ରୀ ମହାବିଦ୍ୟାଳୟ ପ୍ରଥମ, ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟ ଦ୍ୱିତୀୟ, ଡାଲମିଆ ମହାବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ଫାଷ୍ଟ ଏଡ୍ ପ୍ରତିଯୋଗିତାରେ ଜିଲା ରେଡ୍ କ୍ରସ୍ ସମନ୍ୱୟକାରୀ ବିପିନ ଚୈଧୁରୀ, ମହାବିଦ୍ୟାଳୟର ରେଡ୍‌କ୍ରସ୍ କାଉନସେଲର ଡ. ହରପ୍ରସାଦ ମହାପାତ୍ର, ପିତାମ୍ବର ବେହେରା ତଥା ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ।





ଫାଷ୍ଟ ଏଡ୍ ଉପରେ ପ୍ରତିଯୋଗିତାରେ ଭାଗନେଇଥିବା ଛାତ୍ରୀଛାତ୍ର।

# ଉଜ୍ଜ୍ୱଳପୁରଠାରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ଲେଫ୍ରିପଡା,୧୭।୧ (ଡି.ଏନ.ଏ)**





ଛାତ୍ରୀଛାତ୍ର ସଚେତନତା ଶୋଭାଯାତ୍ରାରେ ଯାଉଛନ୍ତି।

ସୁନ୍ଦରଗଡ ଜିଲା ଲେଫ୍ରିପଡା ଥାନା ଅନ୍ତର୍ଗତ ଉଜ୍ଜ୍ୱଳପୁରଠାରେ ପୋଲିସ ପ୍ରଶାସନ ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ସଚେତନତା ଶୋଭାଯାତ୍ରା ଏବଂ ଗ୍ରାମ ପରିକ୍ରମା କରାଯାଇଥିଲା। ଏଥିରେ ଉଜ୍ଜ୍ୱଳପୁର ଉଚ୍ଚ ମାଧ୍ୟମିକ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରି ସଡ଼କ ସୁରକ୍ଷା ସଂକ୍ରାନ୍ତୀୟ ପ୍ଲାକାର୍ଡ଼, ଲିଫ୍‌ଲେଟ୍ ବଣ୍ଟନ ଏବଂ ସ୍ଲୋଗାନ ଦେଇ ବ୍ୟାପକ ସଚେତନତା ସୃଷ୍ଟି କରିଥିଲେ। ରାସ୍ତାରେ ଯାନବାହାନ ସବୁକୁ ଅଟକାଇ ଚାଳକମାନଙ୍କୁ ନୂଆଁ ଟ୍ରାଫିକ୍ ନିୟମ, ହେଲମେଟ୍ ପିନ୍ଧିବା, ସିଟ୍ ବେଲ୍ଟ ବାନ୍ଧିବା, ନିଶା ସେବନ କରି ଗାଡ଼ି ନ ଚଳାଇବା ଆଦି ସମ୍ପର୍କରେ ବୁଝାଇଥିଲେ। ପରେ ମହାବିଦ୍ୟାଳୟ ପରିସରରେ ଅଧକ୍ଷ ମନୋରଞ୍ଜନ ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏକ ଉତ୍ସବରେ ମୁଖ୍ୟଅତିଥି ଭାବେ ଲେଫ୍ରିପଡ଼ା ଥାନା ଅଧିକାରୀ ବୀରକିଶୋର ମଲ୍ଲିକ, ଏସ୍‌ଆଇ କାଶୀନାଥ ବାରିକ,ଏଏସ୍‌ଆଇ ଉପେନ୍ଦ୍ର ନାଏକ ଯୋଗଦେଇ ନୂଆଁ ଟ୍ରାଫିକ୍ ନିୟମ, ରାସ୍ତାରେ ଗାଡ଼ି ଚଳାଇବା ସମୟରେ ନୀତି ନିୟମ, ତଥା ଗାଡ଼ି ଚଳାଚଳ ସମୟରେ କିଭଳି ସୁରକ୍ଷିତ ରହିବା ଦିଗରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ଯୁବ ରେଡ଼କ୍ରସ୍ ସଂଯୋଜକ ତିଲକାନ୍ତ ଭୈଷାଲ ଏବଂ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ୍ ଅଫିସର ଦେବେନ୍ଦ୍ର ନାଥ ପଟେଲ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଅନ୍ୟମାନଙ୍କ ମଧରେ କଲେଜର ଅଧ୍ୟାପକ ଝରଣା ଆଚାର୍ଯ୍ୟ, ଜସ୍ମିନ ପୁରୋହିତ, ଚୁମକି ପଟେଲ, ସଂଯୁକ୍ତା ପଟେଲ ପ୍ରମୁଖ ସଡ଼କ ସୁରକ୍ଷା ଉପରେ ବିଶଦ୍ ଆଲୋକପାତ କରି ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଥିଲେ।

# ସିଏଏ ହିଂସା ୯ଗିରଫ: ସ୍ୱାଭାବିକ ହେଉଛି ସ୍ଥିତି

**ସୁନ୍ଦରଗଡ , ୧୭।୧ (ଡି.ଏନ୍.ଏ)**

**ରିଜେଣ୍ଟ ମାର୍କେଟରେ ପୋଲିସ ଛାଉଣି**

ସୁନ୍ଦରଗଡରେ କଂଗ୍ରେସର ସିଏଏ ବିରୋଧୀ ଶୋଭାଯାତ୍ରା ଓ ସଭା ବେଳେ ସପକ୍ଷବାଦୀ –ବିପକ୍ଷବାଦୀଙ୍କ ମଧ୍ୟରେ ଧସ୍ତାଧସ୍ତି ଘଟଣା ଓ ତା' ପରଦିନ ମଧ୍ୟାହ୍ନରେ ସ୍ଥାନୀୟ ରିଜେଣ୍ଟ ମାର୍କେଟ ଅଞ୍ଚଳରେ ସାମାନ୍ୟ ମୁଢି କିଣାକୁ କେନ୍ଦ୍ର କରି ୨ଗୋଷ୍ଠୀ ମଧ୍ୟରେ ପଥର ମାଡ ଘଟଣାକୁ ନେଇ ହିଂସା ସୃଷ୍ଟି ହୋଇଥିବା ବେଳେ ପୋଲିସ କର୍ମଚାରୀଙ୍କ ସହ ୧୦ଜଣ ଆହତ ହୋଇଥିଲେ । ଏହି ଘଟଣାକୁ ନେଇ ବର୍ତ୍ତମାନ ସଂପୃକ୍ତ ଅଂଚଳରେ ସ୍ଥିତି ସ୍ୱାଭାବିକ ହେଉଥିଲେ ହେଁ ଏବେ ବି ଲୋକଙ୍କ ମନରେ ସେଦିନର ଘଟଣାକୁ ନେଇ ଭୟର ବାତାବରଣ ଲାଗି ରହିଛି। ପଥର ମାଡ ହୋଇଥିବା ରିଜେଣ୍ଟ ମାର୍କେଟ ଓ ଘାସୀପଡା ରେ ଘଟଣା ପରଠାରୁ ପୋଲିସ ଛାଉଣୀ ହୋଇଛି। ପୋଲିସର ୫ଟି କ୍ୟାମ୍ପ କରାଯାଇ ୧୬ପ୍ଲାଟୁନ ସଶସ୍ତ୍ର ପୋଲିସ ମୁତୟନ ରହିଛନ୍ତି। ଏଥିସହ ଏସପି ସୌମ୍ୟା ମିଶ୍ରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ରହିସ୍ଥିତି ଉପରେ ତୀକ୍ଷଣ ନଜର ରଖିଛନ୍ତି। ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରାଯାଇଛି। ଘଟଣା ପରଦିନ ବୁଧବାର ୫ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଶୁକ୍ରବାର ଆଉ ୪ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ରାଉରକେଲା ପଶ୍ଚିମାଞ୍ଚଳ ଡିଆଇଜି କବିତା ଜାଲାନ ମଧ୍ୟ ସୁନ୍ଦରଗଡ ଆସି ପରିସ୍ଥିତିର ଅନୁଧ୍ୟାନ କରିବା ସହ ରାଉରକେଲା ଏସପି କେ ଶିବା ସୁବ୍ରମଣିଙ୍କ ଅଧ୍ୟକ୍ଷତାରେ ଟାଉନ ଥାନାରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଥିବାବେଳେ ଶୁକ୍ରବାର ସନ୍ଧ୍ୟାରେ ମଧ୍ୟ ପୋଲିସ ଶାନ୍ତି କମିଟି ବୈଠକ ଜରିଆରେ ସମ୍ପୃକ୍ତ ଅଞ୍ଚଳରେ ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବା ପାଇଁ ଉଦ୍ୟମ କରିଛି ।

# ମକର ସଂକ୍ରାନ୍ତି ଅବସରରେ ନାଟକ କାର୍ଯ୍ୟକ୍ରମ

**ଲହୁଣୀପଡା, ୧୭।୧ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ କଲେଇପୋଷ ପଞ୍ଚାୟତର ଥେଙ୍ଗେଇପୋଷ ଗ୍ରାମରେ ବାବା ବାଣେଶ୍ୱର କଳାପରିଷଦ ପକ୍ଷରୁ ଗୁରୁବାର ମକର ସଂକ୍ରାନ୍ତି ଉପଲକ୍ଷେ ଏକ ସାମାଜିକ ନାଟକ ମଞ୍ଚସ୍ଥ ହୋଇଯାଇଅଛି। ଏହା ସହିତ ଥେଙ୍ଗେଇପୋଷ ଗ୍ରାମର ମକର ସଂକ୍ରାନ୍ତି ଧୁମଧାମରେ ପାଳନ କରାଯାଇଛି । ନାଟକ ମଞ୍ଚସ୍ଥ ସ୍ଥଳରୁ ଏକ ସଭାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ କୁମାର ଗୌତମ ବାରିକ, ସମ୍ମାନିତ ଅତିଥି ଭାବେ ଧିରନ୍ଦ୍ର କୁମାର ମାହାନ୍ତ, ଦାଶରଥି ପଣ୍ଡା, ମନରଞ୍ଜନ ମାହାନ୍ତ, ଉମେଶ ଚନ୍ଦ୍ର ସାହୁ ଯୋଗଦେଇଥିବା ବେଳେ ଝସକେତନ ମାହାନ୍ତ ଅଧକ୍ଷତା କରିଥିଲେ । କୃଷ୍ଣଚନ୍ଦ୍ର ପାତ୍ର ପରିଚୟ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା । ପରମ୍ପରା ଓ ସଂସ୍କୃତି ମାଧମରେ ପରସ୍ପର ମଧରେ ସମ୍ପର୍କ ଦୃଢ଼ିଭୁତ ହୋଇଥାଏ । ତେଣୁ ଏହି ସଂସ୍କୃତିକୁ ଅକ୍ଷୁର୍ଣ୍ଣ ରଖିବା ସମସ୍ତଙ୍କର କର୍ତ୍ତବ୍ୟ ରହିବା ଆବଶ୍ୟକ ବୋଲି ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ବାବା ବାଣେଶ୍ୱର କଳାପରିଷଦର କଳାକାରମାନେ ସାମାଜିକ ନାଟକ କିଏ ଭାଇ ବନ୍ଧୁ କିଏ କୁଟୁମ୍ବ ପରିବେଷଣ କରିଥିଲେ। ଏହି ନାଟକକୁ ଦୋଳାନନ୍ଦ ମାହାନ୍ତ, କୌଶିକ ମାହାନ୍ତ, ପାଣ୍ଡବ ଚରଣ ମାହାନ୍ତ, ରଘୁନାଥ ମାହାନ୍ତ, ଗୁରୁଚରଣ ମାହାନ୍ତ, ଅଜିତ ମାହାନ୍ତ, ବିନ୍ଧ ପ୍ରସାଦ ମାହାନ୍ତ, ମୋହନ ପ୍ରସାଦ ମାହାନ୍ତ, ନିରଞ୍ଜନ ମାହାନ୍ତ, ନନ୍ଦଲାଲ ମହାକୁଡ, କ୍ଷେତ୍ରମୋହନ ମହାନ୍ତ, ବାଣେଶ୍ୱର ମାହାନ୍ତ, ରମେଶ କିଶାନ, ସୁବନ ପତ୍ର, ଲଳିତ କିସାନ, ଦିଲୀପ ସାମନ୍ତ, ଶୁଭଶ୍ରୀ, ମାଧୁରୀ ପ୍ରମୁଖ କଳାକାରମାନେ ଅଭିନୟ କରିଥିଲେ । ଏଥିରେ ଥେଙ୍ଗେଇପୋଷ ଗ୍ରାମ ସମେତ ଆଖପାଖ ଗ୍ରାମରୁ ବହୁ ସଂଖ୍ୟାରେ ନାଟ୍ୟପ୍ରେମୀ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା ।



ଥେଙ୍ଗେଇପୋଷ ଗ୍ରାମରେ ବାବା ବାଣେଶ୍ୱର କଳାପରିଷଦ ପକ୍ଷରୁ ନାଟକ ପରିବେଷଣ ପୂର୍ବରୁ ସଭା କାର୍ଯ୍ୟକ୍ରମ।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

**ଲହୁଣୀପଡା, ୧୭।୧ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ପରାଗପୋଷ ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ତୃତୀୟ ବାର୍ଷିକ କ୍ରୀଡା ଉତ୍ସବ ଶୁକ୍ରବାର ଉଦଘାଟିତ ହୋଇଯାଇଛି। ଏଥିର ମୁଖ୍ୟଅତିଥି ଭାବେ କଲେଇପୋଷ ପଞ୍ଚାୟତ ସରପଞ୍ଚ ଶାନ୍ତି ଓରାମ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ କୁମାର ଗୌତମ ବାରିକ, ସମ୍ମାନୀତ ଅତିଥି ଭାବେ ସିଆରସିସି କମଳ କୁମାର ମାହାନ୍ତ ଯୋଗଦେଇଥିଲେ । ବିଭୂତିଭୂଷଣ ସାହୁ ଅଧକ୍ଷତା କରିଥିବା ବେଳେ ଅମଳେନ୍ଦୁ ପଣ୍ଡା ଅତିଥି ପରିଚୟ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଛାତ୍ରୀମାନେ ପୁଷ୍ପଗୁଚ୍ଛ ଦେଇ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ପ୍ରଭୁ ଶ୍ରୀ ଗଣେଷଙ୍କ ଫଟୋଚିତ୍ରରେ ପୁଷ୍ପ, ଧୂପ ଦେଇ ଅତିଥିମାନେ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । କେବଳ ଶିକ୍ଷା ନୁହେଁ ଏହା ସହିତ କ୍ରୀଡାପ୍ରତି ରୁଚି ରଖିବା ଉଚିତ । ଫଳରେ ମସ୍ତିଷ୍କ ଓ ଶରୀର ସୁସ୍ଥ ରହିଥାଏ । ତେଣୁ କ୍ରୀଡାପ୍ରତି ରୁଚି ରଖିବା ଉଚିତ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ବିଭିନ୍ନ ବିଭାଗର କ୍ରୀଡା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିବା ବେଳେ ଖେଳ ଶିକ୍ଷକ ନେତ୍ରାନନ୍ଦ ମାହାନ୍ତ ଓ ଆଲବିସ ମୁଣ୍ଡା କ୍ରୀଡା ପରିଚାଳନା କରିଥିଲେ। ଶେଷରେ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ସାଗରିକା ବିଶ୍ୱାଳ, ସୁଶାନ୍ତ ମଲିକ, ଅମ୍ବୁଜ କୁମାର ଭୋଇ, ବିମଳେଶ୍ୱର ଭୁଇ, ରଶ୍ମିତା ପାତ୍ର, ଆଶିଷ କୁମାର ସେଠୀ, ଧନେଶ୍ୱର ଓରାମ, ଶିବରାମ ଓରାମ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶେଷରେ ପ୍ରଦୀପ କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ ।



ଓଡିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟନୀ ମୁହୂର୍ତ୍ତ।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୧୮ ଜାନୁୟାରୀ, ୨୦୨୦



ସୁଖ ସମୟ ଉପସ୍ଥିତ ହେଲେ ଯେପରି ଦୁଃଖ ଆପେ ଆପେ ଦୂର ହୋଇଯାଏ, ସେହିପରି ହୃଦୟରେ କୃଷ୍ଣପ୍ରେମ ଜାଗ୍ରତ ହୋଇଲେ ବିଷୟବସନା ମନୁଷ୍ୟଠାରୁ ଛାଡ଼ି ପଳାଏ।
- ଶ୍ରୀଚୈତନ୍ୟ ଦେବ



## ସଂକ୍ଷେପରେ

### ଭାଜପା ରାଜ୍ୟ ସଭାପତିଙ୍କୁ ସ୍ୱାଗତ

**ରାଉରକେଲା ଅଫିସ,୧୭। ୧-** ଭାରତୀୟ ଜନତା ପାର୍ଟି(ଭାଜପା)ରାଜ୍ୟ ସଭାପତି ଭାବେ ବରିଷ୍ଠ ନେତା ସମୀର ମହାନ୍ତିଙ୍କ ନିଯୁକ୍ତିକୁ ପାନପୋଷ ସାଂଗଠନିକ ଜିଲା ପକ୍ଷରୁ ସ୍ୱାଗତ କରାଯାଇଛି। ଜଣେ ଅଭିଜ୍ଞ ନେତାଙ୍କୁ ଦଳ ଏଭଳି ଗୁରୁ ଦାୟିତ୍ୱ ପ୍ରଦାନ କରିଥିବାରୁ କର୍ମୀଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି। ପ୍ରତ୍ୟେକ ଜିଲାର ତୃଣମୂଳସ୍ତରର କର୍ମୀଙ୍କ ସହ ତାଙ୍କର ସୁସମ୍ପର୍କ ରହିଥିବାରୁ ସେ ଏହାକୁ ପାଥେୟ କରି ଦଳକୁ ଆଗକୁ ନେବାରେ ନିଶ୍ଚିତ ସକ୍ଷମ ହେବେ ବୋଲି ଦଳୀୟ ନେତୃମଣ୍ଡଳୀ ଆଶା ବ୍ୟକ୍ତ କରିଛନ୍ତି। ଏ ନେଇ ଜିଲା ସଭାନେତ୍ରୀ ଲତିକା ପଟ୍ଟନାୟକଙ୍କ ସହ ଅନ୍ୟମାନେ ସମୀରଙ୍କ ନିଯୁକ୍ତିକୁ ସମୟୋପଯୋଗୀ ଓ ବାସ୍ତବ ପଦକ୍ଷେପ ବୋଲି କହିଛନ୍ତି ବୋଲି ଦଳ ପକ୍ଷରୁ ମୁଖପାତ୍ର ଭଗବାନ ରାଉତ ପ୍ରକାଶ କରିଛନ୍ତି।

### ୨୫ରେ ଜାତୀୟ ମତଦାତା ଦିବସ

ଝାରସୁଗୁଡା/ ଲଖନପୁର, ୧୭।୧ (ଡି.ଏନ.ଏ.): ଆସନ୍ତା ଜାତୀୟ ୨୫ ତାରିଖ ୧୦ମ ଜାତୀୟ ମତଦାତା ଦିବସ। ଏଥି ସକାସେ ଶୁକ୍ରବାର ଏଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ଉପଜିଲାପାଳ ଶିବ ଟପ୍ପୋ, ଡେପୁଟି କଲେକ୍ଟର ନିବେଦିତା ପ୍ରଧାନଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, ବିଡିଓ, ପୌରପାଳିକା ନିର୍ବାହୀ ଅଧିକାରୀ, ବ୍ଲକଶିକ୍ଷା ଅଧିକାରୀ, ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ପରିବେଶ ସୁରକ୍ଷା ପାଇଁ ସଚେତନତା

**ରାଉରକେଲା ଅଫିସ,୧୭। ୧**



ପରିବେଶ ସଚେତନତା ନେଇ ଯୁବ ହଷ୍ଟେଲ ପକ୍ଷରୁ ଆୟୋଜିତ ବାଇକ ରାଲି।

ଭାରତୀୟ ଯୁବ ହଷ୍ଟେଲ ରାଉରକେଲା ଶାଖା ପକ୍ଷରୁ ପରିବେଶ ସୁରକ୍ଷା ବାର୍ତ୍ତା ନେଇ ଏକ ବାଇକ ଶୋଭାଯାତ୍ରା ଶୁକ୍ରବାର ଶିମିଳିପାଳ ଅଭିମୁଖେ ବାହାରିଛି। ଏହି ଅବସରରେ ସଭାପତି ନାରାୟଣ ପତିଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନୁଷ୍ଠାନର ପୂର୍ବତନ ସଭାପତି ତଥା ଆରଏସପିର ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ଭାରତଭୂଷଣ ମହାନ୍ତି ଯୋଗ ଦେଇ କହିଥିଲେ ଯୁବ ହଷ୍ଟେଲ ସର୍ବଦା ସାମାଜିକ କାର୍ଯ୍ୟରେ ଅଗ୍ରଣୀ ଭୂମିକା ନିର୍ବାହ କରି ଆସୁଛି। ଏଭଳି ସମୟୋପଯୋଗୀ କାର୍ଯ୍ୟକ୍ରମରେ ଭାଗ ନେଉଥିବା ଯୁବ ଗୋଷ୍ଠି ନିଶ୍ଚିତ ଭାବେ ଧନ୍ୟବାଦର ପାତ୍ର। ସାଂପ୍ରତିକ ଅବସ୍ଥାରେ ପରିବେଶୀୟ ପ୍ରତିକୂଳ ଅବସ୍ଥା ନେଇ ସମଗ୍ର ବିଶ୍ୱରେ ଚିନ୍ତା ବଢିବାରେ ଲାଗିଛି। ନିଜ ହାତରେ ସୁରକ୍ଷା ଚାବି ରହିଥିବା ବେଳେ ଆମେ ଏହାକୁ ହଜାଇ ଦେବା ଉଚିତ ହେବ ନାହିଁ। ବ୍ୟାପକ ବୃକ୍ଷ ରୋପଣ ଦିଗରେ ଆମେ ଅନ୍ୟମାନଙ୍କୁ ପ୍ରେରିତ କରି ପାରିଲେ ସ୍ୱପ୍ନ ସାକାର ହେବ ବୋଲି ମହାନ୍ତି ଏଥିରେ ମତ ପ୍ରକାଶ କରିଥିଲେ। ଏଥିରେ ଯୁବ ହଷ୍ଟେଲ ରାଜ୍ୟ ଅଧ୍ୟକ୍ଷ

**ଯୁବ ହଷ୍ଟେଲ ପକ୍ଷରୁ ବାଇକ ଶୋଭାଯାତ୍ରା**

ପଦ୍ମନାଭ ଦାଭେ, ଆରଏସପି ମୁଖ୍ୟ ମହାପ୍ରବନ୍ଧକ ଅରୁଣ ପ୍ରଧାନ, ରାଜେନ୍ଦ୍ର ମିଶ୍ର, ଜ୍ଞାନରଞ୍ଜନ ଦାସ, ମୁକ୍ତିକାନ୍ତ ବିଶ୍ୱାଳ, ପଦ୍ମଚରଣ ନାୟକ, ବ୍ରିଜମୋହନ ଅଗ୍ରୱାଲ, ବିଜୟ ମହାନ୍ତି, ଭ୍ରମରବର ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ। ଆରଏସ୍‌ପି କାର୍ମିକ ଓ ପ୍ରଶାସନ ବିଭାଗ ମହାପ୍ରବନ୍ଧକ ରାଜେନ୍ଦ୍ର ମିଶ୍ର ପରିବେଶ ସମ୍ପର୍କୀତ ସଚେତନ ବାର୍ତ୍ତାକୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଥିଲେ। ମହାପ୍ରବନ୍ଧକ ଜ୍ଞାନରଞ୍ଜନ ଦାସ ଏକ ଶବ ବାହକ ଗାଡି ମୁକ୍ତିପଥକୁ ଲୋକାର୍ପଣ କରିଥିଲେ। ପରେ ଏକ ସୁସଜ୍ଜିତ ବାର୍ତ୍ତାବହନ କରୁଥିବା ଗାଡି ସହିତ ଶୋଭାଯାତ୍ରାକୁ ମୁଖ୍ୟ ଅତିଥି ଭାରତଭୂଷଣ ମହାନ୍ତି ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଶୋଭାଯାତ୍ରାକୁ ପରିଚାଳନା କରିବାରେ ବୁଦ୍ଧଦେବ ବସୁ, ନିରଞ୍ଜନ ବେହେରା, ସରୋଜ ପଟ୍ଟନାୟକ,ନିରଞ୍ଜନ ସାମଲ, ସଚ୍ଚିଦାନନ୍ଦ ଲେଙ୍କା, ସୁନନ୍ଦା ସାମଲ, ଶାନ୍ତିଲତା ଦାସ, କନକଲତା ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ହେମଗିର ପୋଲିସ ପକ୍ଷରୁ ଟ୍ରାଫିକ ସଚେତନତା ରାଲି

**ହେମଗିର, ୧୭।୧ (ଡି.ଏନ.ଏ)**

ଜାତୀୟ ସଡକ ସୁରକ୍ଷା ପାଳନ ହେଉଥିବା ବେଳେ ଏହାକୁ ଆହୁରି କ୍ରିୟାଶୀଳ କରିବା ଉଦ୍ଦେଶ୍ୟରେ ହେମଗିର ପୋଲିସ ପକ୍ଷରୁ ଏକ ଟ୍ରାଫିକ ସଚେତନତା ରାଲି କରାଯାଇଥିଲା। ଏଥିରେ ସ୍ଲୋଗାନ ସହ ଟ୍ରାଫିକ ନିୟମ ଥିବା ପ୍ଲାକାର୍ଡ ଧରି ଛାତ୍ରୀଛାତ୍ରଙ୍କ ସହ ପୋଲିସ କର୍ମଚାରୀ ହେମଗିର ମଝି ରାସ୍ତାରେ ରାଲିରେ ବାହାରିଥିଲେ। ଲୋକେ ଯାନବାହାନ ବ୍ୟବହାର ସମୟରେ ହେଲମେଟ ପିନ୍ଧିବା, ସିଟବେଲ୍ଟ ବାନ୍ଧିବା, ନିଶାଦ୍ରବ୍ୟ ସେବନ କରି ଗାଡି ଚାଳନା ନ କରିବା, ଗାଡିର ଆନୁସଙ୍ଗୀକ କାଗଜପତ୍ର ସାଙ୍ଗରେ ରଖିବା ଭଳି ଅନେକ ଟ୍ରାଫିକ ନିୟମ ପାଳନ କରିବା ପାଇଁ ଲୋକଙ୍କୁ ବୁଝାଇଥିଲେ। ଯେଉଁମାନେ ହେଲମେଟ ବ୍ୟବହାର କରିଥିଲେ। ସେମାନଙ୍କୁ ପୋଲିସ ପକ୍ଷରୁ ଗୋଲାପ ଫୁଲ ଦେଇ ସ୍ୱାଗତ କରାଯାଇଥିଲା। ରାଲିଟି କଲେଜ ଛକରୁ ବାହାରି ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିଲା। ଏହା ଆଇଆଇସି କେ. ବାଗଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିଲା। ଏଥିରେ ଥାନାର ଏସଆଇ ବୈଦ୍ୟନାଥ ସୋରେନ, ଏସଆଇ ବାଗିଁ, ହରିହର ଦାସ, ସନ୍ତୋଷିନୀ ଧୂଆ, ହାବିଲଦାର ଜିତେନ୍ଦ୍ର କୁମାର ପଟେଲ ପ୍ରମୁଖ ଏଥିରେ ସାମିଲ ଥିଲେ।



ସଚେତନତା ରାଲି ହେମଗିର ବଜାର ପରିକ୍ରମା କରୁଛି।

# ଶିକ୍ଷାଦାନର ମୂଳ ଉଦ୍ଦେଶ୍ୟ ମୂଲ୍ୟବୋଧ ଭିତ୍ତିକ ବ୍ୟକ୍ତି ନିର୍ମାଣ

**ରାଉରକେଲା ଅଫିସ,୧୭। ୧**

ମ୍ୟୁନିସିପାଲ ମହାବିଦ୍ୟାଳୟ ପକ୍ଷରୁ ଆୟୋଜିତ ଏହାର ବାର୍ଷିକୋତ୍ସବରେ ମୁଖ୍ୟଅତିଥି ରୂପେ ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ ସୁବାସ ଚୌହାନ ଯୋଗ ଦେଇ କହିଲେ ଶିକ୍ଷାର ମୂଳ ଉଦ୍ଦେଶ୍ୟ ହେଉଛି ମୂଲ୍ୟବୋଧଭିତ୍ତିକ ସାମାଜିକ ବ୍ୟକ୍ତି ନିର୍ମାଣ କରିବା। ଏହାଦ୍ୱାରା ସମାଜର ସର୍ବାଙ୍ଗୀନ ବିକାଶ ସମ୍ଭବ ହୋଇ ପାରିବ। ଶିକ୍ଷାରେ ନୈତିକ ମୂଲ୍ୟବୋଧ ଏହାକୁ ଅଧିକ ବୁଦ୍ଧିମନ୍ତ କରିଥାଏ। ଆମେ ସର୍ବଦା ପ୍ରକୃତି, ସମାଜ ଓ ସଂସ୍କୃତି ସହ ଯୁକ୍ତ ହୋଇ ରହିବା ଉଚିତ। ରାଷ୍ଟ୍ରହିତ ପାଇଁ ସମର୍ପିତ ହୋଇ ପାରିଲେ ଶିକ୍ଷା ବାସ୍ତବଧର୍ମୀ ହୋଇ ପାରିବ ବୋଲି ଚୌହାନ ମତ ପ୍ରକାଶ କରିଥିଲେ। ବିଧାୟକ ତଥା ମହାବିଦ୍ୟାଳୟ ସଭାପତି ସାରଦା ନାୟକ ଏଥିରେ ଅଧ୍ୟକ୍ଷତା କରି କହିଥିଲେ



ମ୍ୟୁନିସପାଲ ମହାବିଦ୍ୟାଳୟ ଠାରେ ଆୟୋଜିତ ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି।

ଛାତ୍ରୀଛାତ୍ରଙ୍କ ସର୍ବାଙ୍ଗୀନ ବିକାଶ ଦିଗରେ ଅଧ୍ୟାପିକା ଅଧ୍ୟାପକ ଯତ୍ନବାନ ହେବା ଆବଶ୍ୟକ ରହିଛି। ସମ୍ମାନୀତ ଅତିଥି ଅଶୋକ ପାଣିଗ୍ରାହୀ ଶିକ୍ଷା ସହିତ ଛାତ୍ରୀଛାତ୍ର ସମାଜିକ କାର୍ଯ୍ୟରେ ଆଗ୍ରହ ପ୍ରକାଶ କରିବା ଉଚିତ ବୋଲି କହିଥିଲେ। ମୁଖ୍ୟ ବକ୍ତା ଡଃ କଲ୍ୟାଣୀ ମିଶ୍ର କହିଥିଲେ ଛାତ୍ରୀଛାତ୍ର ସର୍ବଦା ସମାନୁବର୍ତ୍ତୀ ହେବା ସହ ଲକ୍ଷ୍ୟପ୍ରାପ୍ତି ଦିଗରେ ଚେଷ୍ଟା ଜାରି ରଖିବା ଉଚିତ। ଏଥିରେ ଅଧ୍ୟାପିକା ମାହେଶ୍ୱତା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଧ୍ୟାପକ ପ୍ରଦୀପ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟକ୍ଷ ଅଜୟ ପାତ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଅସୀମା ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଆରଏମ୍‌ସି ପକ୍ଷରୁ ଅଙ୍ଗୀକାର ଅଭିଯାନ

**ରାଉରକେଲା ଅଫିସ,୧୭।୧**

ରାଉରକେଲା ମହାନଗର ନିଗମ ପକ୍ଷରୁ ଅଙ୍ଗୀକାର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାନଗର ସଭାଗୃହ ପରିସରରେ ଆୟୋଜିତ ଅଭିଯାନରେ ଯୋଗ ଦେଇଥିବା ହିତାଧିକାରୀଙ୍କୁ ଜଳ ଓ ଶକ୍ତି ସଂରକ୍ଷଣ, ଆବର୍ଜନା ପରିଚାଳନା, ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା, ପରିବେଶ ସୁରକ୍ଷା, ବୃକ୍ଷ ରୋପଣ, ଧୂମ୍ର ବିହୀନ ଚୂଲା ତଥା ରୋଷେଇ ଘର ନିର୍ମାଣ ଆଦି ସମ୍ପର୍କରେ ସଚେତନ କରାଯାଇଥିଲା। ଏଥିରେ ରାଉରକେଲା ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସାରଦା ନାୟକ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ମାର୍ଶାଲ ଏକ୍କା ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଉପସ୍ଥିତ ପ୍ରଧାନମନ୍ତ୍ରୀ ଆବାସ





ଆରଏମସି ପକ୍ଷରୁ ଆୟୋଜିତ ଅଙ୍ଗିକାର କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଯୋଜନା ହିତାଧିକାରୀଙ୍କୁ ସମ୍ବୋଧିତ କରି ଅତିଥିମାନେ କହିଲେ, ଦୈନନ୍ଦିନ ଜୀବନରେ ସ୍ୱଚ୍ଛତା, ସୁସ୍ଥ ଜୀବନଯାପନ ପ୍ରଣାଳୀ ଉପରେ ଅଙ୍ଗୀକାର ହେବା ଆବଶ୍ୟକ ରହିଛି। ଅବହେଳା ଓ ଅଣଦେଖା ଯୋଗୁ ଆମେ ବିଭିନ୍ନ ସମୟରେ ନିଜର କ୍ଷତି କରିବାରେ ଲାଗିଛୁ। ଏହାଦ୍ୱାରା ସାମାଜିକ ସୁସ୍ଥତାରେ ମଧ୍ୟ ବାଧା ଉତ୍ପନ୍ନ ହେଉଛି। ଏ ନେଇ ପ୍ରତ୍ୟକ ସଜାଗ ରହିବା ଆବଶ୍ୟକ। ଏଥିରେ ଯୋଗ ଦେଇଥିବା ହିତାଧିକାରୀଙ୍କ ମଧ୍ୟରୁ ଯେଉଁମାନେ ଉପରୋକ୍ତ ନିତି ନିୟମକୁ ପାଳନ କରିଛନ୍ତି ସେମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ହିତାଧିକାରୀଙ୍କ ସନ୍ତାନସନ୍ତତିଙ୍କ ମଧ୍ୟରେ ପୂର୍ବରୁ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ସଫଳ ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆରଏମ୍‌ସି ଉପାୟୁକ୍ତ ସୁଧାଂଶୁ ଭୋଇ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ଅଙ୍ଗୀକାର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅନ୍ୟତମ ଉପାୟୁକ୍ତ ସୀତାଦେବୀ ମାଝି କାର୍ଯ୍ୟକ୍ରମର ସଫଳତା ନେଇ ଆଶା ବ୍ୟକ୍ତ କରିଥିଲେ। ଏହି ଅବସରରେ ଏକ ସଚେତନଧର୍ମୀ ନାଟକ ମଞ୍ଚସ୍ଥ ହୋଇଥିଲା। ଶେଷରେ ଆରଏମସି ଅଧିକାରୀ ଶୈଳବାଳା ଦାସ ଧନ୍ୟବାଦ ପ୍ରଦାନ କରିଥିଲେ। ଉପରୋକ୍ତ କାର୍ଯ୍ୟକ୍ରମକୁ ଚନ୍ଦନ ସ୍ୱରାଜ ମିଶ୍ର, ପ୍ରିୟବ୍ରତ ମହାପାତ୍ର, ସନ୍ତୋଷ ଭୂୟାଁ, ସ୍ୱରୂପ ମହାପାତ୍ର ଓ ଅଜୟ ନନ୍ଦ ପ୍ରମୁଖ ପରିଚାଳନା କରିଥିଲେ।

# ତାଳପଟିଆ ସରକାରୀ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ

**ଝାରସୁଗୁଡା/ଲଖନପୁର, ୧୭।୧ (ଡି.ଏନ.ଏ.)**

ଝାରସୁଗୁଡା ସଦର ବ୍ଲକ ଅନ୍ତର୍ଗତ ତାଳପଟିଆ ସରକାରୀ ଉଚ୍ଚ ବିଦ୍ୟାଳୟର ୫୦ ବର୍ଷ ପୂର୍ତ୍ତି ଅବସରରେ ତିନି ଦିନ ଧରି ପାଳିତ ହେବାକୁ ଥିବା ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ବଲାଙ୍ଗୀର ବିଶ୍ୱାତ୍ମା ଚେତନାର ପ୍ରତିଷ୍ଠାତା ପରମ ହଂସ ସ୍ୱାମୀ ପ୍ରଜ୍ଞାନନ୍ଦ ସରସ୍ୱତୀ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ପୁରାତନ ଛାତ୍ର ହେମନ୍ତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ମୁଖ୍ୟବକ୍ତା, ଓଡିଶା ମୁକ୍ତ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ଶ୍ରୀକାନ୍ତ ମହାପାତ୍ର, ଅବସରପ୍ରାପ୍ତ ଶିକ୍ଷା ମଣ୍ଡଳଧୀଶ ଅରବିନ୍ଦ ମହାପାତ୍ର ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ଉଦବୋଧନ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଅହଲ୍ୟା ନାୟକ ସ୍ୱାଗତ ଭାଷଣ ପ୍ରଦାନ କରି ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ସକାଳେ ଗାଁ ଶିବ ମନ୍ଦିରରୁ ଏକ ଶୋଭଯାତ୍ରା ଲଖନପୁର ବ୍ଲକର ବଡଧରା ଗ୍ରାମର ସଂପ୍ରଦା ଦଳ ସହ





ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

ଗ୍ରାମ ପରିକ୍ରମା କରି ହାଇସ୍କୁଲରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ଗ୍ରାମର ବିଶିଷ୍ଟ ବ୍ୟକ୍ତି, ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଂଗୀତ ଗାଇଥିଲେ। ଏହି ଅବସରରେ ଜିଜ୍ଞାସା ନାମକ ଏକ ସ୍ମରଣିକା ଅତିଥିମାନେ ଉନ୍ମୋଚିତ କରିଥିଲେ। ବିଦ୍ୟାଳୟର ପ୍ରଥମ ପ୍ରଧାନଶିକ୍ଷକ ତଥା ପ୍ରତିଷ୍ଠାତା ଯଜ୍ଞ କୁମାର ନାୟକ ଓ ଅବସରପ୍ରାପ୍ତ ଶିକ୍ଷକ ଯଯାତି ନାୟକଙ୍କୁ ସମ୍ମାନୀତ କରାଯାଇଥିଲା। ବିଦ୍ୟାଳୟର ପ୍ରତିବର୍ଷ ଶ୍ରେଷ୍ଠ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିବା ପାଇଁ ୧ ଲକ୍ଷ ଟଙ୍କା ଅବସରପ୍ରାପ୍ତ ଶିକ୍ଷକ ଯଯାତି ନାୟକ ପ୍ରଦାନ କରିଥିଲେ। ଶେଷରେ ପଦ୍ମିନୀ ଦୋରାଙ୍କ ଲହରୀ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୁବର୍ଣ୍ଣ ଜୟନ୍ତୀ କମିଟିର ସଭାପତି ଅଶ୍ୱିନୀ କୁମାର ମହାପାତ୍ର, ସମ୍ପାଦକ ଅଜୟ ଶର୍ମାଙ୍କ ସହିତ କମିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଲକ୍ଷ୍ମୀନାରାୟଣ କଲେଜ ବାର୍ଷିକକ୍ରୀଡ଼ା

**ଝାରସୁଗୁଡା/ଲଖନପୁର, ୧୭।୧(ଡି.ଏନ.ଏ.)**

ଝାରସୁଗୁଡାର ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ ୪୮ତମ ବାର୍ଷିକ କ୍ରୀଡା ସମାରୋହରେ ଝାରସୁଗୁଡା ବୈଷୟିକ ମହାବିଦ୍ୟାଳୟ ଖେଳ ପଡିଆରେ ସମ୍ପନ୍ନ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଚିତ୍ତବ୍ରତ ଦତ୍ତ ପତାକା ଉତ୍ତୋଳନ କରି ଏହାର ଉଦ୍‌ଘାଟନ କରିଥିଲେ। ଅଞ୍ଚଳ ତଥା ଦେଶର ନାମ ରଖିବାକୁ ସେ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇ ଖେଳୁଆଡ ମନୋଭାବ ପୋଷଣ କରିବାକୁ ପରାମର୍ଶ ଦେଇଥିଲେ। ଅଧ୍ୟାପକ ଝଶ କୁମାର ଖମାରୀ ଓ କ୍ରୀଡା ଶିକ୍ଷକ ମାନସ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ବୈଷୟିକ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଗତି ଦାସ ଯୋଗଦେଇ ସ୍ୱାସ୍ଥ୍ୟ ଏବଂ ଖେଳ ମାଧ୍ୟମରେ ଦେଶର ସେବା କରି ଝାରସୁଗୁଡା ସହ ଦେଶର ନାମ ରଖିବାକୁ ଛାତ୍ରୀଛାତ୍ରଙ୍କୁ କହିଥିଲେ। ଏହି ବାର୍ଷିକ କ୍ରୀଡାରେ ଝାରସୁଗୁଡା ବିଭିନ୍ନ ମହାବିଦ୍ୟାଳୟ କ୍ରୀଡା ଶିକ୍ଷକ ଗର୍ଡେନ ଦୋସେନ, ଜୟନ୍ତ ଲାକ୍ରା, ବିବେକାନନ୍ଦ ପ୍ରଧାନ, ପ୍ରକାଶ ପ୍ରଧାନ ତଥା ସଞ୍ଜୟ ରାୟ ସହଯୋଗ କରିଥିଲେ।

## ଫଟୋରେ ଖବର



ରାଉରକେଲା ରେଳଷ୍ଟେଶନରେ ଜଣେ ମହିଳା ନିଜ ପିଠିରେ ଶିଶୁ ସନ୍ତାନ ଓ ମୁଣ୍ଡରେ ଭାରି ବୋଝ ନେଇ ଘରକୁ ଫେରୁଛନ୍ତି।

# ନୂଆଗାଁ ବ୍ଲକରେ ଅଭିଭାବକ ଓ ଶିକ୍ଷକ ସମ୍ମିଳନୀ

**ନୂଆଗାଁ, ୧୭।୧ (ଡି.ଏନ.ଏ)**

ଶିକ୍ଷାବିଭାଗର ନିର୍ଦ୍ଦେଶ ମୁତାବକ ଗୁରୁବାର ସବୁ ବିଦ୍ୟାଳୟରେ ଆୟୋଜିତ ହୋଇଥିଲା ଅଭିଭାବକ ଓ ଶିକ୍ଷକ ସମ୍ମିଳନୀ। ସୁନ୍ଦରଗଡ ଜିଲା ନୂଆଗାଁ ବ୍ଲକର ୧୩ଟି କ୍ଲଷ୍ଟରରେ ଥିବା ସମସ୍ତ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଶିକ୍ଷକ ତଥା କ୍ଲଷ୍ଟରର ସିଆରସିସି ଅନଦାଶଙ୍କର ପାଢ଼ୀ, ସିଆରସିସି ପ୍ରଶାନ୍ତ କେର୍କେଟା, ରୋଶନ ଲାକ୍ରା, ରଞ୍ଜିତ ଏକ୍କା, କାମିଲ ତିର୍କୀ ପ୍ରମୁଖ ନିଜ କ୍ଲଷ୍ଟରରେ ରହି ବିଭିନ୍ନ ସ୍କୁଲ ଗୁଡିକରେ ଆୟୋଜିତ ଅଭିଭାବକ ଓ ଶିକ୍ଷକ ସମ୍ମିଳନୀରେ ଯୋଗଦେଇ ନିଜ ମତବ୍ୟକ୍ତ କରିବା ସହ ଏହାର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରିଥିଲେ। ନୂଆଗାଁ ବିଇଓ ସସ୍ମିତା ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମ ଗୁଡିକରେ ବ୍ଲକର ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ବନମାଳୀ ମଲ୍ଲିକ, ବାନେ



ଅଭିଭାବକ ଓ ଶିକ୍ଷକ ସମ୍ମିଳନୀରେ ଉପସ୍ଥିତ ଅତିଥିମାନେ।

କେନ୍ଦୁଆ ପ୍ରମୁଖ ବିଭିନ୍ନ ସ୍କୁଲ ପରିଦର୍ଶନ କରି ସରକାରଙ୍କ ଉକ୍ତ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଅଭିଭାବକ ଓ ଶିକ୍ଷକମାନଙ୍କୁ ଅବଗତ କରିଥିଲେ। ଅଭିଭାବକ ଓ ଶିକ୍ଷକ ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ଥିଲା ପ୍ରତ୍ୟେକ ବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ରମାନେ କିଭଳି ବିଦ୍ୟାଳୟକୁ ଆସିବେ, ବିଦ୍ୟାଳୟର ଶିକ୍ଷକମାନଙ୍କ ସହ ଅଭିଭାବକମାନଙ୍କ ଉତ୍ତର ସମ୍ପର୍କ ରକ୍ଷାକରିବା, ସ୍କୁଲର ବାତାବରଣ କିଭଳି ଶୃଙ୍ଖଳିତ ରହିବ, ପିଲାଙ୍କ ଶୈକ୍ଷିକ ବିକାଶ ଦିଗରେ କିପରି ଅଗ୍ରଗତି ହେବ, ଉଜ୍ଜଳ, ଉଥାନ, ଗାରିମା ଭଳି ଯୋଜନା କରି ଛାତ୍ରୀଛାତ୍ର କିଭଳି ଉପକୃତ ହେବେ ଆଦି ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ପ୍ରଥମ ଥର ପାଇଁ ବ୍ଲକର ସମସ୍ତ ବିଦ୍ୟାଳୟରେ ଗୋଟିଏ ଦିନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରାୟ ସମସ୍ତ ବିଦ୍ୟାଳୟରେ ବହୁ ସଂଖ୍ୟକ ଅଭିଭାବକ ବିଦ୍ୟାଳୟକୁ ଆସିଥିବାର ଦେଖାଯାଇଥିଲା। ସାମ୍ପ୍ରତିକ ପରିସ୍ଥିତିରେ ଅନେକ ଗ୍ରାମାଞ୍ଚଳ ସ୍କୁଲଗୁଡିକରେ ଅଭିଭାବକ ସଚେତନ ନ ଥିବାରୁ କେଉଁ ସ୍କୁଲରେ ଛାତ୍ର ସଂଖ୍ୟା କମି ଯାଉଛି ତ କେଉଁ ସ୍କୁଲକୁ ପିଲା ଆସୁନାହାନ୍ତି। ଶିକ୍ଷକ ଓ ଅଭିଭାବକ ମଧ୍ୟରେ ସମନ୍ୱୟ ରହୁନାହିଁ। ଏପରି ସ୍ଥଳେ ସରକାରଙ୍କ ଏହି କାର୍ଯ୍ୟକ୍ରମ ଓ ସଚେତନତା ଆଗାମୀ ଦିନରେ ବିଦ୍ୟାଳୟର ଶୃଙ୍ଖଳା ରକ୍ଷା ହେବା ସହ ଉଭୟ ଅଭିଭାବକ ଓ ଶିକ୍ଷକମାନଙ୍କ ମଧ୍ୟରେ ସମ୍ପର୍କ ବଢ଼ିବ ଏଥିରେ ଦ୍ୱିମତ ନାହିଁ। କାର୍ଯ୍ୟକ୍ରମରେ ବିଭିନ୍ନ ସ୍କୁଲର ବରିଷ୍ଠ ଶିକ୍ଷକ ପ୍ରସନ୍ନ ତ୍ରିପାଠୀ, ବସନ୍ତ କୁମାର ତ୍ରିପାଠୀ, ଫିରୋଜ ଉଦ୍ଦିନ ଖାନ୍, ଖଗେଶ୍ୱର ମଲ୍ଲିକ, ଅଶୋକ ସିଂ, ଅର୍ଗଷ୍ଟିନା ବାର୍ଲା, ପରମେଶ୍ୱର ନାଏକ, ଅରୁଣ ବେହେରାଙ୍କ ଭଳି ଶିକ୍ଷକମାନେ ନିଜ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମକୁ ପରିଚାଳିତ କରିଥିଲେ।